# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଏପ୍ରିଲ ୧୫/୨୦୧୯ (୧୬ ପୃଷ୍ଠା) Sambalpur, Monday, April 15/ 2019 ★★

୧୫୩ ଭାଗ ୧୧୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-







ଜାଲିଆନୱାଲାବାଗ୍ ଗଣହତ୍ୟା ଭଳି ଦୁଃଖଦ ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଳୁଷିତ ରାଜନୀତି କରୁଛନ୍ତି।
-ଅମରିନ୍ଦର ସିଂ,
ପଞ୍ଜାବ ମୁଖ୍ୟମନ୍ତ୍ରୀ





ଜମ୍ମୁ-କଶ୍ମୀରର କଠୁଆଠାରେ ରବିବାର ଏକ ନିର୍ବାଚନୀ ସଭାରେ ସମର୍ଥକମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମୁଖା ଧରିଛନ୍ତି।



ସମ୍ବିଧାନ ପ୍ରଣେତା ଭୀମରାଓ ଆମ୍ବେଡକରଙ୍କ ୧୨୮ତମ ଜୟନ୍ତୀ ଅବସରରେ ନୂଆଦିଲ୍ଲୀରେ ରବିବାର ଦିଲ୍ଲୀ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶିଲା ଦୀକ୍ଷିତ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।



ଗୁଆହାଟୀରେ ରଙ୍ଗୋଲି ବିହୁ ପର୍ବ ପାଳନ ଅବସରରେ ରବିବାର ନୃତ୍ୟାଙ୍ଗନାମାନେ ବିହୁ ନୃତ୍ୟ ପରିବେଷଣ କରୁଛନ୍ତି।

## ସଂକ୍ଷେପରେ

### ଫୁଏଲ୍ ଟ୍ୟାଙ୍କ ବିସ୍ଫୋରଣ: ୧୨ ମୃତ

**କାନୋ(ନାଇଜେରିଆ),୧୪।୪(ଏଏଫ୍‌ପି):** ନାଇଜେରିଆର ଉତ୍ତର ଭାଗସ୍ଥ ଗୋମ୍ବେ ନଗରୀରେ ଏକ ଫୁଏଲ୍ ଟ୍ୟାଙ୍କ ବିସ୍ଫୋରଣ ହେବାଯୋଗୁ ୧୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୬ ଆହତ ହୋଇଛନ୍ତି। ସମ୍ମୁଖ ଭାଗରୁ ଆସୁଥିବା ଆଉ ଏକ ଟ୍ରକ୍‌ରେ ବାଡେଇ ହୋଇଯିବା ଆଶଙ୍କା କରି ଉକ୍ତ ଫୁଏଲ୍ ଟ୍ୟାଙ୍କର ଡ୍ରାଇଭର ନିଜ ଗାଡି ଉପରୁ ନିୟନ୍ତ୍ରଣ ହରାଇଥିଲେ। ଟ୍ୟାଙ୍କରଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଖସିଯିବାରୁ ଟ୍ୟାଙ୍କ୍ ଫାଟି ଏଥିରେ ନିଆଁ ଲାଗି ଯାଇଥିଲା। ନିଆଁ ଚତୁଃପାର୍ଶ୍ୱକୁ ବ୍ୟାପିଯିବାରୁ ୧୨ ଲୋକଙ୍କ ମୃତ୍ୟୁ ଘଟିଛି। ୧୬ଜଣ ଗୁରୁତର ଆହତଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିବା ଗୋମ୍ବେ ଷ୍ଟେଟ୍ ପୋଲିସ ମୁଖପାତ୍ର ମ୍ୟାରି ମାଲ୍ଲୁମ୍ ପ୍ରକାଶ କରିଛନ୍ତି।

### ଦ୍ୱିତୀୟ ବିଶ୍ୱଯୁଦ୍ଧର ବୋମା ନିଷ୍କ୍ରିୟ କରାଗଲା

**ବର୍ଲିନ,୧୪।୪:** ଜର୍ମାନୀରୁ ଦ୍ୱିତୀୟ ବିଶ୍ୱଯୁଦ୍ଧ କାଳର ଏକ ବୋମା ଠାବ କରାଯିବା ପରେ ଏହାକୁ ନିଷ୍କ୍ରିୟ କରିବା ପାଇଁ ଫ୍ରାଙ୍କଫର୍ଟ ସହରରୁ ପାଖାପାଖି ୬୦୦ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା। ଯୋଜନା ମୁତାବକ ଉକ୍ତ ବୋମାକୁ ରବିବାର ନଦୀରେ ନିଷ୍କ୍ରିୟ କରାଯିବାବେଳେ ପ୍ରଚଣ୍ଡ ଶବ୍ଦ ହେବା ସହିତ କିଛି ମୁହୂର୍ତ୍ତ ପାଇଁ ଏକ କୃତ୍ରିମ ଝରଣା ସୃଷ୍ଟି ହୋଇଥିଲା। ଅଗ୍ନିଶମ କର୍ମଚାରୀମାନେ ନଦୀରେ ତାଲିମ ନେଉଥିବାବେଳେ ୨୫୦ କିଲୋଗ୍ରାମ ବିଶିଷ୍ଟ ଉକ୍ତ ଆମେରିକୀୟ ବୋମାକୁ ଠାବ କରାଯାଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମାପ୍ତିର ୭୦ ବର୍ଷ ବିତିଯାଇଥିଲେ ମଧ ଜର୍ମାନୀରୁ ନିୟମିତ ବୋମା ଏବଂ ଅନ୍ୟାନ୍ୟ ମାରଣାସ୍ତ୍ର ଠାବ ଯୁଦ୍ଧର ଭୟାବହତାକୁ ସ୍ପଷ୍ଟ କରୁଛି।

■ ୫୦% ଭିଭିପିଏଟି ଯାଞ୍ଚ ଦାବି

# ପୁଣି ସୁପ୍ରିମକୋର୍ଟ ଯିବେ ବିରୋଧୀ

**ନୂଆଦିଲ୍ଲୀ,୧୪।୪(ପି.ଟି.)**

ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍)ର ବିଶ୍ୱସନୀୟତା ଉପରେ ବିରୋଧୀ ଦଳ ସନ୍ଦେହ ବ୍ୟକ୍ତ କରିବା ସହ ଅନ୍ୟୂନ ୫୦ ପ୍ରତିଶତ ଭିଭିପିଏଟି ଯାଞ୍ଚ ଲାଗି ପୁଣି ଥରେ ସୁପ୍ରିମକୋର୍ଟ ଯିବାକୁ ନିଷ୍ପତ୍ତି ନେଇଛନ୍ତି। ନିର୍ବାଚନୀ ପ୍ରକ୍ରିୟାର ସ୍ୱଚ୍ଛତାକୁ ନେଇ କଂଗ୍ରେସ, ତେଲୁଗୁ ଦେଶମ୍ ପାର୍ଟି (ଟିଡିପି), ସମାଜବାଦୀ ପାର୍ଟି, ସିପିଆଇ, ସିପିଆଇ(ଏମ୍) ସମେତ ବିରୋଧୀ ଦଳଗୁଡିକ ଏକ ମିଳିତ ଖବରଦାତା ସମ୍ମିଳନୀରେ ପ୍ରଶ୍ନ ଉଠାଇଛନ୍ତି। ଗଣତନ୍ତ୍ରର ସୁରକ୍ଷା ପାଇଁ ନାଗରିକଙ୍କ ଭୋଟ ଅଧିକାରର ସୁରକ୍ଷା ନିମନ୍ତେ ସେମାନେ ଆହ୍ୱାନ ଦେଇଛନ୍ତି।

ଲୋକ ସଭା ନିର୍ବାଚନ ଜିତିବା ଲାଗି ଭାଜପା ଇଭିଏମ୍‌ର ପ୍ରୋଗ୍ରାମିଂ କରିଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଏଏପି ଆବାହକ ଅରବିନ୍ଦ୍ କେଜ୍‌ରିୱାଲ ଅଭିଯୋଗ କରିଛନ୍ତି। ପ୍ରତି ବିଧାନସଭା ନିର୍ବାଚନ ମଣ୍ଡଳୀର ଇଭିଏମ୍ ଫଳାଫଳ ସହ ଅନ୍ୟୂନ ୫୦ ପ୍ରତିଶତ ଭିଭିପିଏଟି ସ୍ଲିପ୍ ଯାଞ୍ଚ ପାଇଁ ୨୧ଟି ବିରୋଧୀ ଦଳ ଦାବି କରୁଥିବା ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁ କହିଛନ୍ତି। ଶନିବାର ଚନ୍ଦ୍ରାବାବୁ ମୁଖ୍ୟ ନିର୍ବାଚନ କମିଶନ ସୁନୀଲ ଆରୋରାଙ୍କୁ ଭେଟି ବିଭିନ୍ନ ବୁଥ୍‌ରେ ଇଭିଏମ୍ ଅଚଳ ଥିବା ପ୍ରସଙ୍ଗ ଉଠାଇଥିଲେ। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଶେଷ ହେବା ପରେ ପୁଣି



ନୂଆଦିଲ୍ଲୀରେ ବୈଠକରେ ଯୋଗ ଦେଇଥିବା ବିରୋଧୀ ଦଳ ନେତା ଚନ୍ଦ୍ରାବାବୁ ନାଇଡୁ, କପିଲ ସିବଲ, ଅରବିନ୍ଦ କେଜରିୱାଲ ପ୍ରମୁଖ।

ଥରେ ବିରୋଧୀ ଭିଭିପିଏଟି ଯାଞ୍ଚ ଦାବି କରିଛନ୍ତି। ପୂର୍ବରୁ ଏଥିପାଇଁ ବିରୋଧୀ ଦଳ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବର୍ତ୍ତମାନ ପରିପ୍ରେକ୍ଷୀରେ ଏହା ସମ୍ଭବ ନୁହେଁ ବୋଲି ନିର୍ବାଚନ କମିଶନ (ଇସି) କହିବା ପରେ ପ୍ରତି ବିଧାନସଭା ନିର୍ବାଚନ ମଣ୍ଡଳୀର ୫ଟି ବୁଥ୍‌ରେ ଇଭିଏମ୍ ସହ ଭିଭିପିଏଟି ସ୍ଲିପ୍ ମେଳ କରାଇବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିଲେ।

ରବିବାର ଅନୁଷ୍ଠିତ ବିରୋଧୀ ଦଳ ବୈଠକରେ କଂଗ୍ରେସ ନେତା ତଥା ବରିଷ୍ଠ ଆଇନଜୀବୀ କପିଳ ସିବଲ ଏବଂ ଅଭିଷେକ୍ ସିଙ୍ଘଭି ଯୋଗଦେଇ ୫୦% ଭିଭିପିଏଟି ଯାଞ୍ଚ ଲାଗି ପୁଣି

■ଇଭିଏମ୍‌ର ପ୍ରୋଗ୍ରାମିଂ କରିଛି ଭାଜପା: କେଜରିୱାଲ

■ଗୋଟିଏ ଦଳର ବଟନ ଚିପିଲେ ଅନ୍ୟ ଦଳକୁ ଯାଉଛି ଭୋଟ

■ଇଭିଏମ୍ ବିଶ୍ୱସନୀୟ ନୁହେଁ : ଚନ୍ଦ୍ରାବାବୁ ନାଇଡୁ

ଥରେ ଅଦାଲତ ଯିବା ଲାଗି ପ୍ରସ୍ତାବ ଦେଇଥିଲେ। ଇଭିଏମ୍‌ରେ ପକ୍ଷପାତିତା ନେଇ ବିରୋଧୀ ଦଳଗୁଡ଼ିକ ଦେଶବ୍ୟାପୀ ସଚେତନତା ଅଭିଯାନ ଚଳାଇବା ଲାଗି ସିଙ୍ଘଭି କହିଥିଲେ। ଇଭିଏମ୍‌ରେ ଗୋଟିଏ ଦଳ ପାଇଁ ବଟନ ଦାବିରେ ଅନ୍ୟ ଦଳକୁ ଭୋଟ ଯାଉଛି। ଭିଭିପିଏଟିରେ ୭ ସେକେଣ୍ଡ ବଦଳରେ ମାତ୍ର ୩ ସେକେଣ୍ଡ ପାଇଁ ପେପର ସ୍ଲିପ୍ ଦେଖାଉଥିବା ସିଙ୍ଘଭି ଅଭିଯୋଗ କରିଥିଲେ। ୨୦ରୁ ୨୫ ପ୍ରତିଶତ ଇଭିଏମ୍ ଠିକ୍ ଭାବେ କାମ କରୁ ନ ଥିବାବେଳେ ୫୦% ଭିଭିପିଏଟି ଯାଞ୍ଚ ପାଇଁ ଇସି ରାଜି ନ ହେବା ପଛର ଉଦ୍ଦେଶ୍ୟ ନେଇ ସିବଲ ପ୍ରଶ୍ନ ଉଠାଇଥିଲେ। ଇଭିଏମ୍ ବିଶ୍ୱସନୀୟ ନୁହେଁ। ଭିଭିପିଏଟି ଯାଞ୍ଚ ୫ ବୁଥ୍‌କୁ ବୃଦ୍ଧି କରିବା ଲାଗି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ବିରୋଧୀ ଦଳ ସନ୍ତୁଷ୍ଟ ନୁହନ୍ତି। ଏନେଇ ସାନି ପିଟିଶନ୍ ଦାଏର ହେବ ବୋଲି ଚନ୍ଦ୍ରାବାବୁ କହିଥିଲେ।

# କ୍ୟାବିନେଟ ଓ ରାଜ୍ୟ ସଭାରୁ ବୀରେନ୍ଦ୍ର ସିଂଙ୍କ ଇସ୍ତଫା ପ୍ରସ୍ତାବ

**ନୂଆଦିଲ୍ଲୀ,୧୪।୪(ପି.ଟି.)**



କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଚୌଧୁରୀ ବୀରେନ୍ଦ୍ର ସିଂ ମନ୍ତ୍ରିମଣ୍ଡଳ ଏବଂ ରାଜ୍ୟ ସଭାରୁ ଇସ୍ତଫା ଦେବା ଲାଗି ରବିବାର ପ୍ରସ୍ତାବ ଦେଇଛନ୍ତି। ପୁଅ ବ୍ରିଜେନ୍ଦ୍ର ସିଂଙ୍କୁ ଭାଜପା ହରିୟାଣାର ହିସାରରୁ ପ୍ରାର୍ଥୀ କରିବା ପରେ ବୀରେନ୍ଦ୍ର ନିଜର ସରକାରୀ ବାସଭବନରେ ଖବରଦାତା ସମ୍ମିଳନୀ ଡାକି ଏହା ଘୋଷଣା କରିଛନ୍ତି। ଏ ସମ୍ପର୍କରେ ସେ ଭାଜପା ଅଧ୍ୟକ୍ଷ ଅମିତ ଶାହଙ୍କୁ ଜଣାଇ ଦେଇଛନ୍ତି। ପୁଅକୁ ଲୋକ ସଭା ଟିକେଟ ମିଳିଥିବାରୁ ବଂଶବାଦ ରାଜନୀତି ବିରୋଧରେ ସମାଜକୁ ଏକ ବାର୍ତ୍ତା ଦେବା ଲାଗି ସେ ଇସ୍ତଫା ଦେବାକୁ ଚାହାନ୍ତି ବୋଲି ହରିୟାଣାର ଏହି ବରିଷ୍ଠ ଭାଜପା ନେତା କହିଛନ୍ତି। ନରେନ୍ଦ୍ର ମୋଦିଙ୍କ କ୍ୟାବିନେଟରେ ପ୍ରଥମେ ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ, ପାନୀୟଜଳ ଓ ପରିମଳ ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ବୀରେନ୍ଦ୍ରଙ୍କୁ ୨୦୧୬ରେ ଇସ୍ପାତ ମନ୍ତ୍ରଣାଳୟକୁ ସ୍ଥାନାନ୍ତର କରାଯାଇଥିଲା। କଂଗ୍ରେସ ସହ ୪ ଦଶନ୍ଧିର ସମ୍ପର୍କ ତୁଟାଇ ବୀରେନ୍ଦ୍ର ୨୦୧୪ରେ ଭାଜପାରେ ଯୋଗ ଦେଇଥିଲେ।

# ସମ୍ବିଧାନ ଧ୍ୱଂସ ଉଦ୍ୟମ ହେଉଛି: ପ୍ରିୟଙ୍କା

**ସିଲ୍‌ଚର(ଆସାମ),୧୪।୪(ପି.ଟି.)**

ଦେଶର ସମ୍ବିଧାନକୁ ଧ୍ୱଂସ କରିଦେବାକୁ ଭାଜପା ଉଦ୍ୟମ ଚଳାଇଥିବା କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ରବିବାର ଅଭିଯୋଗ କରିଛନ୍ତି। ପ୍ରଥମ ଥର ପାଇଁ ଉତ୍ତରପ୍ରଦେଶ ବାହାରେ ଏକ ରୋଡ ଶୋ'ରେ ଯୋଗଦେଇ ପ୍ରିୟଙ୍କା ଭାଜପା ଉପରେ ବର୍ଷିଛନ୍ତି। ଆସାମର ସିଲଚରରେ କଂଗ୍ରେସ ପ୍ରାର୍ଥୀ ତଥା ବର୍ତ୍ତମାନର ଏମ୍‌ପି ସୁଷ୍ମିତା ଦେବଙ୍କ ସମର୍ଥନରେ ଏକ ରୋଡ ଶୋରେ ଯୋଗଦେଇ ପ୍ରିୟଙ୍କା କହିଥିଲେ, ପ୍ରଧାନମନ୍ତ୍ରୀ ବିଶ୍ୱ ଭ୍ରମଣ କରୁଥିବାବେଳେ ନିଜ ନିର୍ବାଚନମଣ୍ଡଳୀ ବାରାଣସୀରେ କ୍ୱଚିତ ସମୟ ଦେଇଥାନ୍ତି। ସମ୍ବିଧାନର ପ୍ରଣେତା ବି.ଆର୍. ଆମ୍ବେଡକରଙ୍କ ଜୟନ୍ତୀ ଅବସରରେ କଂଗ୍ରେସ ନେତ୍ରୀ କହିଥିଲେ, ସମ୍ବିଧାନକୁ ସମ୍ମାନ ଦେବା ପ୍ରତ୍ୟେକ ନେତାଙ୍କ କର୍ତ୍ତବ୍ୟ, ଯାହା ଏବେ କରାଯାଉ ନାହିଁ। ଭାଜପାର ନିର୍ବାଚନୀ ଇସ୍ତାହାରକୁ ସମାଲୋଚନା କରି ପୂର୍ବ ଉତ୍ତରପ୍ରଦେଶ ଦାୟିତ୍ୱରେ ଥିବା କଂଗ୍ରେସ ସାଧାରଣ ସମ୍ପାଦକ କହିଥିଲେ, ଏଥିରେ ଭିନ୍ନ ସଂସ୍କୃତି ଓ ଧର୍ମକୁ ସ୍ଥାନ ଦିଆଯାଇ ନଥିବାବେଳେ ସମ୍ବିଧାନକୁ ସମ୍ମାନ ଦିଆଯାଇ ନାହିଁ। ଦଳୀୟ ପ୍ରାର୍ଥୀ ସୁଷ୍ମିତାଙ୍କୁ ଉଚ୍ଚ ପ୍ରଶଂସା କରି ପ୍ରିୟଙ୍କା ତାଙ୍କୁ ନିଜ ଜେଜେମା' ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସହ ତୁଳନା କରିଥିଲେ। ସୁଷ୍ମିତାଙ୍କଠାରେ ସେଭଳି ସାହସ, ସଚ୍ଚୋଟତା ଓ ଲୋକମାନଙ୍କ ପାଇଁ କାମ କରିବାର ଆଗ୍ରହ ରହିଛି ବୋଲି ପ୍ରିୟଙ୍କା କହିଥିଲେ।



ଆସାମର ସିଲଚରରେ ପ୍ରିୟଙ୍କା ଗାନ୍ଧୀଙ୍କ ରୋଡ଼ ଶୋ।

# ଶ୍ରୀନଗର ଭୋଟ ଗଣତନ୍ତ୍ରର ପରୀକ୍ଷା

**ଶ୍ରୀନଗର,୧୪।୪(ପି.ଟି.)**

ଜମ୍ମୁ-କଶ୍ମୀରର ଶ୍ରୀନଗର ଲୋକ ସଭା ନିର୍ବାଚନ ମଣ୍ଡଳୀରେ ଆସନ୍ତା ୧୮ ତାରିଖରେ ମତଦାନ ହେବାକୁ ଯାଉଛି, ଯାହା ଗଣତନ୍ତ୍ର ଆହ୍ୱାନର ଅସଲ ପରୀକ୍ଷା ହେବ ବୋଲି କୁହାଯାଉଛି। ପିଡିପି ନେତା ତାରିକ୍ ହମିଦ କାରାଙ୍କ ଇସ୍ତଫା କାରଣରୁ ଦୁଇ ବର୍ଷ ପୂର୍ବେ ସେଠାରେ ଉପନିର୍ବାଚନ ହୋଇଥିଲା। ତେବେ ହିଂସାକାଣ୍ଡ ଯୋଗୁ ମାତ୍ର ୭.୨ ପ୍ରତିଶତ ମତଦାନ ହୋଇଥିଲା। ବିଭିନ୍ନ ସ୍ଥାନରେ ସୁରକ୍ଷାବଳର କାର୍ଯ୍ୟାନୁଷ୍ଠାନ ଯୋଗୁ ୯ ଜଣ ବିକ୍ଷୋଭକାରୀ ନିହତ ହୋଇଥିଲେ। ନିର୍ବାଚନ ଡ୍ୟୁଟିରେ ଥିବା ଯବାନମାନଙ୍କୁ ପଥର ଫିଙ୍ଗାଳିଙ୍କ ଆକ୍ରମଣରୁ ରକ୍ଷା କରିବା ଲାଗି ସେନା ଅଫିସର ଜଣେ ଶାଲ୍ ବୁଣାକାରଙ୍କୁ ମାନବ ଢାଲ ଭାବେ ବ୍ୟବହାର କରିଥିଲେ, ଯାହାକୁ ନେଇ ବିବାଦ ଦେଖାଦେଇଥିଲା।

ଏଥର କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିର ମୁକାବିଲା ପାଇଁ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହି ନିର୍ବାଚନ ମଣ୍ଡଳୀର ୧୦ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୧୨,୯୦,୩୧୮ ଭୋଟର। ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ଅଛନ୍ତି ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଅଧ୍ୟକ୍ଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବଦୁଲା, ପିଡିପି ପ୍ରାର୍ଥୀ ଆଗା ସୟେଦ୍ ମୋହସିନ।

# ଦେଶକୁ ବିଭାଜନ ହେବାକୁ ଦିଆଯିବନି

**କଠୁଆ,୧୪।୪(ପି.ଟି.)**

**କଠୁଆରେ ପ୍ରଧାନମନ୍ତ୍ରୀଙ୍କ ନିର୍ବାଚନୀ ସଭା**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜମ୍ମୁ-କଶ୍ମୀରର କଠୁଆରେ ରବିବାର ଏକ ନିର୍ବାଚନୀ ସଭାରେ ଯୋଗଦେଇ ଅବଦୁଲ୍ଲା ଏବଂ ମୁଫ୍‌ତି ପରିବାରକୁ କଡ଼ା ସମାଲୋଚନା କରିଛନ୍ତି। ଏହି ଦୁଇ ପରିବାର ରାଜ୍ୟକୁ ତିନି ପିଢ଼ି ଧରି କବ୍‌ଜା କରି ରଖିଛି। ଭାରତକୁ ବିଭାଜନ ହେବାକୁ ଦିଆଯିବନି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। କିଛି ମୁଷ୍ଟିମେୟ ଲୋକଙ୍କ ହାତରେ ଜମ୍ମୁ-କଶ୍ମୀରବାସୀଙ୍କୁ ବନ୍ଧକ କିମ୍ବା ଗୋଟି ଶ୍ରମିକ କରି ରଖାଯାଇପାରିବ ନାହିଁ ସତର୍କ କରିଦେଇଛନ୍ତି। ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ନେତା ଓମାର ଅବଦୁଲ୍ଲା ଜମ୍ମୁ-କଶ୍ମୀର ପାଇଁ ଅଲଗା ପ୍ରଧାନମନ୍ତ୍ରୀ ଦାବି କରୁଥିବାବେଳେ ଧାରା ୩୭୦ ଉଚ୍ଛେଦ ହେଲେ ଭାରତରୁ ଉକ୍ତ ରାଜ୍ୟ ଅଲଗା ହୋଇଯାଇପାରେ ବୋଲି ପିଡିପି ନେତ୍ରୀ ମେହବୁବା ମୁଫ୍‌ତି କହିଥିବାରୁ ସେମାନଙ୍କୁ ଲକ୍ଷ୍ୟ କରି ପ୍ରଧାନମନ୍ତ୍ରୀ ଏଭଳି ମନ୍ତବ୍ୟ ଦେଇଛନ୍ତି। ରାଜ୍ୟର ଉନ୍ନତ ଭବିଷ୍ୟତ ପାଇଁ ଭୋଟ ମାଧ୍ୟମରେ ଅବଦୁଲ୍ଲା ଓ ମୁଫ୍‌ତି ପରିବାରକୁ କ୍ଷମତାଠାରୁ ଦୂରେଇ ରଖିବାପୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଉଧାମପୁର ଲୋକ ସଭା ଆସନରୁ ପ୍ରାର୍ଥୀ ହୋଇଥିବା କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂଙ୍କ ପାଇଁ ପ୍ରଚାରରେ ଯାଇଥିବା ପ୍ରଧାନମନ୍ତ୍ରୀ କହିଥିଲେ, ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ଜମ୍ମୁ-କଶ୍ମୀର ଜନସାଧାରଣ ବହୁସଂଖ୍ୟାରେ ମତଦାନ କରି ଆତଙ୍କବାଦୀ ନେତା, ସୁବିଧାବାଦୀଙ୍କୁ ଅଡୁଆରେ ପକାଇଥିବାବେଳେ ମହାଅପମିଶ୍ରିତ ମେଣ୍ଟକୁ ନିରୁତ୍ସାହିତ କରିବା ସହ ଗଣତନ୍ତ୍ରର ଶକ୍ତିକୁ ପ୍ରମାଣିତ କରିଛନ୍ତି।



[ଇତିହାସର ଆଇନାରେ]

### ଏପ୍ରିଲ ୧୫ର ପ୍ରମୁଖ ଘଟଣା

### ଇନ୍‌ସୁଲିନ୍ ଉପଲବ୍ଧ ହେଲା

୧୯୨୩ ଏପ୍ରିଲ ୧୫ରେ ଡାଇବେଟିସ ରୋଗୀଙ୍କ ନିମନ୍ତେ ଇନ୍‌ସୁଲିନ୍ ଉପଲବ୍‌ଧତା ସହଜ ହେଲା। ଲାଟିନ୍ ନାମ ଇନ୍‌ସୁଲା ଅନୁସାରେ ଇନ୍‌ସୁଲିନ୍ ନାମକରଣ ହୋଇଛି। ଉକ୍ତ ପେପଟାଇଡ୍ ହରମୋନ୍ ପାନକ୍ରିୟାଟିକ୍ କୋଷିକାରୁ ଝରିଥାଏ। ଏହାକୁ ଶରୀରର ମୁଖ୍ୟ ଆନାବୋଲିକ ହରମୋନ୍ ଭାବେ ବିବେଚନା କରାଯାଏ। ଏହା ଶରୀରର ଶ୍ୱେତସାର, ସ୍ନେହସାର ଏବଂ ପୁଷ୍ଟିସାର ମାତ୍ରାକୁ ନିୟନ୍ତ୍ରଣ କରିଥାଏ।

### ବାଗଦାଦ୍‌ରେ ବିସ୍ଫୋରଣ

୨୦୧୩ ଏପ୍ରିଲ ୧୫ରେ ବାଗଦାଦ୍‌ରେ ବୋମା ବିସ୍ଫୋରଣ ଯୋଗୁ ଅନ୍ୟୂନ ୭୫ ଲୋକଙ୍କ ମୃତ୍ୟୁ ଘଟିବା ସହିତ ୩୫୬ ଜଣ ଆହତ ହୋଇଥିଲେ। ଏପ୍ରିଲ ୨୦ରେ ପ୍ରାଦେଶିକ ନିର୍ବାଚନ ହେବାକୁ ଥିବାବେଳେ ଏହାର ୫ ଦିନ ପୂର୍ବରୁ ବିସ୍ଫୋରଣ ହୋଇଥିଲା।

# ସର୍ବବୃହତ୍ ବିମାନର ପରୀକ୍ଷାମୂଳକ ଉଡାଣ



**ୱାଶିଟନ୍,୧୪।୪(ଏଏଫ୍‌ପି)**

କାଲିଫର୍ନିଆରେ ବିଶ୍ୱର ସର୍ବବୃହତ୍ ବିମାନର ପ୍ରଥମ ପରୀକ୍ଷାମୂଳକ ଉଡାଣ ସଫଳତାର ସହ ସମ୍ପନ୍ନ ହୋଇଛି। ଦୁଇ ଫ୍ୟୁଜଲେଗ୍‌ସ ବିଶିଷ୍ଟ ଏହି ବିମାନରେ ୬ଟି ବୋଇଂ ୭୪୭ ଇଞ୍ଜିନ ସଂଲଗ୍ନ ହୋଇଛି। ଏହି ବିମାନ ଶନିବାର ମୋଜାଭେ ମରୁଭୂମି ଉପରେ ଉଡାଣ କରିଥିଲା। ଉକ୍ତ ବିମାନର ଡିଜାଇନ୍ ଏପରି ପ୍ରସ୍ତୁତ କରାଯାଇଛି ଯେ, ଏହା ମହାକାଶରେ ରକେଟ ବହନ କରିବା ସହିତ ଉତ୍‌କ୍ଷେପଣ କରିପାରିବ। ଯଦ୍ୱାରା ଆକାଶରୁ ଆକାଶକୁ ଉପଗ୍ରହ ଲଞ୍ଚ୍ କରିବା ସମ୍ଭବ ହୋଇପାରିବ। ଉକ୍ତ ବିମାନର ଡେଣା ଏକ ଫୁଟବଲ୍ ପଡିଆର ଲମ୍ବଠାରୁ ଅଧିକ ଅଥବା ଏୟାରବସ୍ ଏ୩୮୦ର ୧.୫ଗୁଣ ସହିତ ସମାନ। ସାଧାରଣତଃ ଏୟାରବସ୍ ଏ୩୮୦ ଡେଣାର ଲମ୍ବ ପାଖାପାଖି ୮୦ମିଟର ହୋଇଥିବା ବେଳେ ଉକ୍ତ ବିମାନର ଡେଣାର ଦୈର୍ଘ୍ୟ ୧୧୭ ମିଟର। ବିମାନଟି ପାଖାପାଖି ଅଢ଼େଇ ଘଣ୍ଟା ଉଡାଣ କରିଥିଲା । ଏହାର ଗତି ପ୍ରତି ଘଣ୍ଟାରେ ୩୦୪ କିଲୋମିଟର। ଏହା ୧୭,୦୦୦ ଫୁଟ ଉଚ୍ଚତାରେ ଉଡିପାରିଥିଲା। ବିମାନ ନିର୍ମାଣ ପାଇଁ ମାଇକ୍ରୋସଫ୍ଟର ସହ-ପ୍ରତିଷ୍ଠାତା ପଲ୍ ଆଲେନ୍ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

# ନେପାଳରେ ବିମାନ ଦୁର୍ଘଟଣା: ୩ ମୃତ

**କାଠମାଣ୍ଡୁ,୧୪।୪(ପି.ଟି.)**

ନେପାଳ ଇଭରେଷ୍ଟ ଅଞ୍ଚଳରେ ରବିବାର ଏକ କ୍ଷୁଦ୍ର ଯାତ୍ରୀବାହୀ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ପାଇଲଟ ଏବଂ ଦୁଇଜଣ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଲୁକ୍‌ଲା ବିମାନ ବନ୍ଦରରେ ବିମାନଟି ରନୱେରୁ ବାହାରିଯାଇ ସେଠାରେ ଛିଡାହୋଇଥିବା ଦୁଇଟି ହେଲିକପ୍ଟରକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବିମାନର କୋ-ପାଇଲଟ ଏସ. ଧଙ୍ଗାନା ଏବଂ ହେଲିପ୍ୟାଡରେ ଥିବା ପୋଲିସ ଏଏସ୍‌ଆଇ ରାମବାହାଦୁର ଖଡକାଙ୍କର ମୃତ୍ୟୁ ଘଟିଥିଲା। ଗୁରୁତର ଆହତ ଏଏସ୍‌ଆଇ ରୁଦ୍ରବାହାଦୁର ଶ୍ରେଷ୍ଠଙ୍କୁ କାଠମାଣ୍ଡୁସ୍ଥିତ ଗ୍ରାଣ୍ଡ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି।

# ହେମାଙ୍କ ପାଇଁ ପ୍ରଚାର କରୁଛନ୍ତି ଧର୍ମେନ୍ଦ୍ର

**ମଥୁରା:** ବଲିଉଡ୍ ଅଭିନେତ୍ରୀ ତଥା ଭାଜପାରୁ ମଥୁରା ଲୋକ ସଭା ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ହେମାମାଳିନୀଙ୍କ ଲାଗି ନିର୍ବାଚନୀ ପ୍ରଚାର କରୁଛନ୍ତି ତାଙ୍କ ସ୍ୱାମୀ ତଥା ବିଶିଷ୍ଟ ଅଭିନେତା ଧର୍ମେନ୍ଦ୍ର। ରବିବାର ହେମାମାଳିନୀଙ୍କ ନିର୍ବାଚନମଣ୍ଡଳୀରେ ଧର୍ମେନ୍ଦ୍ରଙ୍କ ଭୋଟ ପ୍ରଚାର ଜନସାଧାରଣଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା। ଏ ସମ୍ପର୍କରେ ହେମାମାଳିନୀ ଖୁବ୍ ଖୁସି ଥିବା ପ୍ରକାଶ କରିଛନ୍ତି। ତାଙ୍କ ପାଇଁ ଧର୍ମେନ୍ଦ୍ର ଦିନତମାମ ପ୍ରଚାର କରିଥିଲେ। ସେ ଯେଉଁଠାକୁ ଯାଉଥିଲେ, ଲୋକମାନେ ତାଙ୍କୁ ଆଗ୍ରହର ସହିତ ଅପେକ୍ଷା କରି ରହୁଥିଲେ। ଉକ୍ତ ଦମ୍ପତିଙ୍କ ସହାସ୍ୟ ବଦନର ଫଟୋକୁ ହେମା ଟୁଇଟ୍ କରିଛନ୍ତି। ତେବେ ଏହି ଫଟୋ ପ୍ରଚାରକୁ ଆସିବାର ଠିକ୍ ପୂର୍ବରୁ ଘରେ ଉଠାଯାଇଥିବା ହେମା କହିଛନ୍ତି।

ଉକ୍ତ ଅଭିନେତ୍ରୀଙ୍କ ନିର୍ବାଚନୀ ପ୍ରଚାର ଫଟୋ ଜନସାଧାରଣରେ କୌତୂହଳ ସୃଷ୍ଟି କରିବା ସହିତ ପ୍ରଚୁର ଜନସମର୍ଥନ ହାସଲ କରୁଥିବା ସୋସିଆଲ ମିଡିଆରୁ ସୂଚନା ମିଳିଛି।

କିଛିଦିନ ତଳେ ଉତ୍ତରପ୍ରଦେଶର ଏକ ଗହମ କ୍ଷେତରେ ତାଙ୍କର ନୂଆ ଅବତାର ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ସେ ତାଙ୍କ ନିର୍ବାଚନମଣ୍ଡଳୀରେ ଚାଷୀଙ୍କ ସାଥିରେ ଗହମ ଗଛ କାଟି ବିଡା ଧରିଥିବାର ଦୃଶ୍ୟ ଦେଖି ବିରୋଧୀ ଦଳ ସମାଲୋଚନା କରିଥିଲେ। ଏଥିପାଇଁ 'ଡ୍ରିମ୍ ଗର୍ଲ' ଭାବେ ପୂର୍ବରୁ ପରିଚିତ ଥିବା ହେମାଙ୍କ ନାମ ସହିତ ପୁନଶ୍ଚ 'ଡ୍ରାମା ଗର୍ଲ' ଯୋଡି ହୋଇଯାଇଛି।



# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଏପ୍ରିଲ ୧୫/୨୦୧୯ | Sambalpur, Monday, April 15/ 2019 | ପୃଷ୍ଠା-୧




**ଅନୁଭୂତି ବଖାଣିଲେ ସୋନାଲି**

ବଲିଉଡ୍ ଅଭିନେତ୍ରୀ ସୋନାଲି ବେନ୍ଦ୍ରେ ମୁମ୍ବାଇଠାରେ ଅନୁଷ୍ଠିତ ୫ମ 'କାହୋକନ୍-୨୦୧୯' ଅନ୍ତର୍ଜାତୀୟ ସମ୍ମିଳନୀରେ ନିଜ ଅନୁଭୂତି ବଖାଣିଛନ୍ତି।

୦୨

୧୩

**ହାମିଲଟନଙ୍କୁ ଟାଇଟଲ**

ମର୍ସିଡିଜର ଲୁଇସ୍ ହାମିଲଟନ ଚାଇନିଜ ଫର୍ମୁଲା ୱାନ ଗ୍ରାଁପ୍ରି ଟାଇଟଲ ହାସଲ କରିଛନ୍ତି।








■ ସବୁ ଦଳର ଇସ୍ତାହାରରେ 'ଚାଷୀ'

# ସ୍ୱାର୍ଥ ଲାଗି ଭୋଟ ଅମଳ ଯୋଜନା

ଭୁବନେଶ୍ୱର,୧୪।୪(ବ୍ୟୁରୋ)







କୃଷିପ୍ରଧାନ ରାଜ୍ୟ ଓଡ଼ିଶା। ଏଠାରେ ଚାଷୀ ପରିବାର ସଂଖ୍ୟା ୭୦ଲକ୍ଷରୁ ଊର୍ଦ୍ଧ୍ୱ। ସେମାନଙ୍କ ଭୋଟ ସଂଖ୍ୟା ପାଖାପାଖି ୨କୋଟି। ତେଣୁ ଏହି ବର୍ଗର ଭୋଟ ଉପରେ ଏବେ ସବୁ ଦଳର ଆଖି। ଦୀର୍ଘକାଳ ଅବହେଳିତ ଅବସ୍ଥାରେ ରହି ଆସିଥିବା ଚାଷୀଙ୍କ ଉନ୍ନତି ପାଇଁ ଏବେ ପ୍ରତ୍ୟେକ ଦଳ ସେମାନଙ୍କ ଇସ୍ତାହାରରେ ବିଭିନ୍ନ ପ୍ରକାର ଲୋଭନୀୟ ପ୍ରତିଶ୍ରୁତି ଦେବାରେ ବ୍ୟସ୍ତ ଅଛନ୍ତି। ତେବେ ଏସବୁ ପ୍ରତିଶ୍ରୁତିରୁ କେଉଁ ଦଳକୁ କେତେ ଫାଇଦା ମିଳିବ ତାହା ଭୋଟ ଗଣନା ପରେ ଜଣାପଡ଼ିବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରୁଛନ୍ତି।

ରାଜ୍ୟରେ ଦୁଇଦଶନ୍ଧି ଧରି କ୍ଷମତାରେ ଥିବା ବିଜେଡି ପୁଣିଥରେ ନିର୍ବାଚନ ବୈତରଣୀ ପାରହେବାକୁ ଦଳର ଇସ୍ତାହାରରେ ରାଜ୍ୟର ଚାଷୀଙ୍କୁ ଅନେକ ପୁରୁଣା ପ୍ରତିଶ୍ରୁତି ଦେଇଛି। ଅସନ୍ତୁଷ୍ଟ କୃଷକଙ୍କୁ ସନ୍ତୁଷ୍ଟ କରିବା ପାଇଁ ରାଜ୍ୟ ସରକାର ଆରମ୍ଭ କରିଥିବା କାଳିଆ ଯୋଜନାର ଲକ୍ଷ୍ୟ ସାଧିତ ହେଉ ନ ଥିବା ଅନୁମାନ କରି ବିଜେଡି ଏହାର ଇସ୍ତାହାରରେ କାଳିଆ ସହାୟତା ଅର୍ଥରାଶି ସଂଶୋଧନ କରିବାକୁ ପ୍ରତିଶ୍ରୁତି ଦେଇଛି। କାଳିଆ ସହାୟତା କେବଳ ୫ଟି ଚାଷ ଋତୁ ପାଇଁ ୫ହଜାର ଟଙ୍କା ଲେଖାଏ ମିଳିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମେ ଘୋଷଣା କରିଥିଲେ। ସରକାରଙ୍କ ଉକ୍ତ ସହାୟତା ସମସ୍ତଙ୍କ ପାଇଁ ସମାନ ରହିଛି। ଅର୍ଥାତ୍ ଯାହାର ୨୦ଏକର ଚାଷ ସେ ଯେତିକି ସହାୟତା ପାଇବ ଯାହାର ୨ଏକର ଚାଷ ସେ ବି ସେତିକି ସହାୟତା ପାଇବ। କିନ୍ତୁ ତେଲେଙ୍ଗାନା ସରକାରଙ୍କ ରଇତ ବନ୍ଧୁ ଯୋଜନାରେ ପ୍ରତ୍ୟେକ ଚାଷୀଙ୍କୁ ହେକ୍ଟର ପିଛା ୧୦ହଜାର ଟଙ୍କାର ସହାୟତା ଦିଆଯାଉଛି। ତେଣୁ କାଳିଆ ଯୋଜନା ନେଇ ବହୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ସେଥିପାଇଁ ବିଜେଡି ଏବେ ଇସ୍ତାହାରରେ ତିନି ବର୍ଷ ପରେ ମଧ୍ୟ କାଳିଆ ଯୋଜନା ଅବ୍ୟାହତ ରହିବ ଓ ସହାୟତା ରାଶି ସଂଶୋଧନ କରିବାକୁ କମିଟି ବସିବ ବୋଲି ଉଲ୍ଲେଖ କରିଛି। ଏବେ କାଳିଆ କାର୍ଯ୍ୟକାରିତା ପାଇଁ ଏକ କମିଶନ ଗଠନ କରାଯିବ ବୋଲି ଘୋଷଣା କରାଯାଇଛି। ଏହି ଯୋଜନାରେ ୫୦ହଜାର ଟଙ୍କାର ଋଣ ପର୍ଯ୍ୟନ୍ତ ସୁଧଛାଡ଼ କଥା ମାସକ ତଳେ ଘୋଷଣା କରାଯାଇଥିଲେ ସୁଦ୍ଧା ଏବେ ଏହାକୁ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ପ୍ରତିଶ୍ରୁତି ଦିଆଯାଇଛି। ସେହିପରି ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଘୋଷଣା ଅନୁସାରେ ଯଦି ତାଙ୍କ ଦଳ ପୁଣି ସରକାର ଗଠନ କରେ ତେବେ ସରକାର ଗଠନର ପ୍ରଥମ ଦିନ କାଳିଆର ସମସ୍ତ ହିତାଧିକାରୀଙ୍କୁ ସବୁ ବକେୟା ଟଙ୍କା ପ୍ରଦାନ କରାଯିବ। ସରକାରଙ୍କ ତରବରିଆ ନିଷ୍ପତ୍ତି ଯୋଗୁ କାଳିଆ ସହାୟତା ଏଯାଏ ଅଧିକାଂଶ ଚାଷୀ ପାଇନାହାନ୍ତି। ପ୍ରତ୍ୟେକ ଗାଁର ମାତ୍ର ୫ ରୁ ୧୦ ପ୍ରତିଶତ ହିତାଧିକାରୀ ଚାଷୀଙ୍କ ଆକାଉଣ୍ଟକୁ କାଳିଆ ସହାୟତା ଯାଇଥିବାବେଳେ ବାକି ହିତାଧିକାରୀମାନେ ଟଙ୍କା ନ ପାଇ କ୍ଷୁବ୍ଧ ଅବସ୍ଥାରେ ଅଛନ୍ତି। ଏହା ବୁଝିବାପରେ ନବୀନ ପଟ୍ଟନାୟକ ପଞ୍ଚମ ପାଳି ସରକାରର ପ୍ରଥମ ଦିନ ଟଙ୍କା ପଠେଇବା କଥା କହିଛନ୍ତି। ବିଜେଡି ସରକାର ଜଳସେଚନ କ୍ଷେତ୍ରରେ ଦେଇଥିବା ପ୍ରତିଶ୍ରୁତି ପୂରଣ କରିପାରି ନ ଥିବାରୁ ଏଥର ସରକାରକୁ ଆସିଲେ ୫୦ହଜାର କୋଟି ଟଙ୍କା ବ୍ୟୟରେ ଜଳସେଚନ ସୁବିଧା

☞ପୃଷ୍ଠା-୨

■ ପ୍ରଧାନମନ୍ତ୍ରୀଙ୍କ ହେଲିକପ୍ଟରରେ କଳା ଟ୍ରଙ୍କ୍

# ତଦନ୍ତ ଦାବି କଲା କଂଗ୍ରେସ



ନୂଆଦିଲ୍ଲୀ,୧୪।୪(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କର୍ଣ୍ଣାଟକର ଚିତ୍ରଦୁର୍ଗ ଗସ୍ତ ସମୟରେ ତାଙ୍କ ହେଲିକପ୍ଟରରୁ ରହସ୍ୟମୟ କଳା ଟ୍ରଙ୍କ ବାହାରିବା ଘଟଣା ଏବେ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ପ୍ରଧାନମନ୍ତ୍ରୀ ଗତ ଶୁକ୍ରବାର ଚିତ୍ରଦୁର୍ଗକୁ ନିର୍ବାଚନ ପ୍ରଚାରରେ ଯାଇଥିଲେ। ତାଙ୍କ ହେଲିକପ୍ଟରରେ ଏକ କଳା ଟ୍ରଙ୍କ୍ ଥିବାରୁ ଏହାକୁ ନେଇ କଂଗ୍ରେସ ସନ୍ଦେହ ପ୍ରକଟ କରିବା ସହ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ଦାବି କରିଛି। ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନିଜକୁ ସ୍ୱଚ୍ଛ ପ୍ରମାଣିତ କରିବାକୁ କଂଗ୍ରେସ ମୁଖପାତ୍ର ଆନନ୍ଦ ଶର୍ମା ରବିବାର ଆହ୍ୱାନ ଦେଇଛନ୍ତି। ନିର୍ବାଚନ କମିଶନ ଏହାର ଅନୁଧ୍ୟାନ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ଏନେଇ କର୍ଣ୍ଣାଟକ ରାଜ୍ୟ କଂଗ୍ରେସ ପକ୍ଷରୁ ଇସିଙ୍କ ନିକଟରେ ଅଭିଯୋଗ ଦାଏର ହୋଇଛି।

ମୋଦିଙ୍କ ହେଲିକପ୍ଟର ଚିତ୍ରଦୁର୍ଗଠାରେ ଅବତରଣ କରିବା ପରେ ଦୁଇ ଜଣ ଲୋକ ଟ୍ରଙ୍କକୁ ହେଲିକପ୍ଟରରୁ ବାହାର କରି ଏକ ଧଳାରଙ୍ଗର କାର ପାଖକୁ ନେଇଯାଉଥିବା ଭିଡିଓରେ ଦେଖିବାକୁ ମିଳିଛି। କର୍ଣ୍ଣାଟକ ପ୍ରଦେଶ କଂଗ୍ରେସ ସଭାପତି ଦିନେଶ ଗୁଣ୍ଡୁ ରାଓ ଉକ୍ତ ଭିଡିଓକୁ ଟୁଇଟ୍ କରିଛନ୍ତି। ତେବେ ଏହି ଟ୍ରଙ୍କ ପ୍ରଧାନମନ୍ତ୍ରୀଙ୍କ ହେଲିକପ୍ଟରରୁ କିମ୍ବା ଅନ୍ୟ ହେଲିକପ୍ଟରରୁ ନିଆଯାଇଛି ତାହା ଭିଡିଓରୁ ସ୍ପଷ୍ଟ ହୋଇନାହିଁ।

☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ତାତିଲା ତାଣ୍ଡ୍ରା

**ଆଜିର ମନ୍ତବ୍ୟ**

"ବାବାସାହେବଙ୍କ ସମ୍ବିଧାନର ଶକ୍ତି ଅବହେଳିତ ଶ୍ରେଣୀରୁ ଆସିଥିବା ବ୍ୟକ୍ତିଙ୍କୁ ରାଷ୍ଟ୍ରପତି ଓ ଜଣେ ଚା'ବାଲାଙ୍କୁ ପ୍ରଧାନମନ୍ତ୍ରୀ କରାଇଛି।

–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ








NECC NATIONAL EGG CO-ORDINATION COMMITTEE 14.04.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 89 | 144 | 154 |
| CTC | 89 | 144 | 154 |
| DKL | 89 | 144 | 154 |
| BDK | 92 | 148 | 158 |
| BLS | 94 | 150 | 160 |
| ANG | 89 | 144 | 154 |

*Conditions Apply

Eggs Retail Price- 42/-Dozen
Issued in the Interest of Consumers


# ୫ ବର୍ଷର ଶିଶୁକନ୍ୟାକୁ ବଳାତ୍କାର ଅଭିଯୋଗ

ବୁଗୁଡ଼ା,୧୪।୪(ଡି.ଏନ.ଏ.)

ଗଞ୍ଜାମ ଜିଲା ବୁଗୁଡ଼ା ଥାନା ଅଞ୍ଚଳରେ ଜଣେ ୫ ବର୍ଷର ଶିଶୁକନ୍ୟାକୁ ବଳାତ୍କାର ହୋଇଥିବା ନେଇ ଶନିବାର ରାତିରେ ବୁଗୁଡ଼ା ଥାନାରେ ଅଭିଯୋଗ ହୋଇଛି। ଶିଶୁକନ୍ୟାଙ୍କ ମା'ଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୬୯/୧୯ରେ ଏକ ମାମଲା ରୁଜୁ କରିଛି।

ପ୍ରକାଶ ଯେ, ବୁଗୁଡ଼ା ଥାନାଞ୍ଚଳରେ ଗୁରୁବାର ସନ୍ଧ୍ୟାରେ ଜନୈକ ବିବାହିତ ଯୁବକ ଜଗଦୀଶ ସାହୁ ତାଙ୍କ ସାହିରେ ଥିବା ଜଣେ ଶିଶୁ କନ୍ୟାକୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ନିଜ ଘରକୁ ଡାକି ନେଇଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ ଜଗଦିଶ ଶିଶୁକନ୍ୟାକୁ ବଳାତ୍କାର କରି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛନ୍ତି। ପରେ ଶିଶୁକନ୍ୟା ଜଣକ ଘରକୁ ଆସି ଘଟଣା ସମ୍ପର୍କରେ ବାପା, ମା'ଙ୍କୁ କହିଥିଲା। ତେବେ ଏହି ଘଟଣାକୁ ଗାଁରେ ରଫାଦଫା କରିବା ପାଇଁ ବିଭିନ୍ନ ଉଦ୍ୟମ ଚାଲିଥିଲା। କିନ୍ତୁ ଏ ନେଇ ଶନିବାର ରାତିରେ ଶିଶୁକନ୍ୟାଙ୍କ ମା' ବୁଗୁଡ଼ା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୋଲିସ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରିଥିବା ବେଳେ ଘଟଣାର ତଦନ୍ତ ଚଳାଇଛି। ଅନ୍ୟପଟେ ଫେରାର୍ ଥିବା ଅଭିଯୁକ୍ତ ଜଗଦିଶଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି।

**ଅସମ୍ଭାଳ ହେଲାଣି ତାତି**

# ୪୩.୫ ଡିଗ୍ରୀରେ ଟିଟିଲାଗଡ଼

ଭୁବନେଶ୍ୱର,୧୪।୪(ବ୍ୟୁରୋ)

ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ସକାଳ ୮ଟାରୁ ଖରାର ପ୍ରକୋପ ଧୀରେ ଧୀରେ ବୃଦ୍ଧି ପାଇ ପୂର୍ବାହ୍ନ ୧୧ଟା ପରେ ତାତି ଅସମ୍ଭାଳ ହୋଇପଡୁଛି। ଏହି ସମୟରେ ରାସ୍ତାଘାଟ ମଧ୍ୟ ଶୂନ୍‌ଶାନ୍ ହୋଇଯାଉଛି। ପ୍ରବଳ ତାତି ଯୋଗୁ କାଳବୈଶାଖୀ ହେବା ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ରବିବାର ଟିଟିଲାଗଡ଼ରେ ସର୍ବାଧିକ ତାପମାତ୍ରା ୪୩.୫ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ୧୧ ସହରରେ ପାରଦ ୪୦ ଡିଗ୍ରୀ ଉପରେ ରହିଛି। ଅନୁଗୋଳରେ ତାପମାତ୍ରା ୪୨.୭ ଡିଗ୍ରୀ ରହିଥିବା ବେଳେ ବଲାଙ୍ଗୀର ୪୨.୫, ତାଳଚେର ୪୨.୩, ଝାରସୁଗୁଡ଼ା ୪୧.୮, ସୋନପୁର ୪୧.୪, ସମ୍ବଲପୁର ୪୧.୧, ଭବାନୀପାଟଣା ୪୧.୦, ହୀରାକୁଦ ୪୦.୯, ମାଲକାନଗିରି ୪୦.୬ ଓ ଭୁବନେଶ୍ୱରରେ ୪୦.୨ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଆସନ୍ତା ଦୁଇଦିନ ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବ ନାହିଁ। ତା'ପରେ ୨ରୁ ୩ଦିନ ତାପମାତ୍ରା ସାମାନ୍ୟ ହ୍ରାସ ପାଇବ। ସୋମବାର ରାଜ୍ୟର ୯ ଜିଲାରେ ସାମାନ୍ୟ ବର୍ଷା ସହ ଘଡ଼ଘଡ଼ି ହେବା ସମ୍ଭାବନା ରହିଛି। କୋରାପୁଟ, ନବରଙ୍ଗପୁର, କନ୍ଧମାଳ, ରାୟଗଡ଼ା, ବଲାଙ୍ଗୀର, ଅନୁଗୋଳ, କେନ୍ଦୁଝର, ବାଲେଶ୍ୱର ଓ ମୟୂରଭଞ୍ଜ ଆଦି ଜିଲାରେ କାଳବୈଶାଖୀ ହେବା ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପ୍ରତିଦିନ କାଳବୈଶାଖୀର ସମ୍ଭାବନା ରହୁଥିବାରୁ ପାଣିପାଗ କେନ୍ଦ୍ର ପକ୍ଷରୁ ରାଜ୍ୟର ବିଭିନ୍ନ ଜିଲାକୁ ସତର୍କ ସୂଚନା ଜାରି କରାଯାଉଛି।

■ ୧୧ ସହର ତାପମାତ୍ରା ୪୦ ଡିଗ୍ରୀ ଟପିଲା



# ସଙ୍ଗୀତ ନିର୍ଦ୍ଦେଶକ ରାଖାଲ ଚନ୍ଦ୍ର ମହାନ୍ତିଙ୍କ ପରଲୋକ



କଟକ ଅଫିସ,୧୪।୪

ବରିଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ରାଖାଲ ଚନ୍ଦ୍ର ମହାନ୍ତିଙ୍କ ରବିବାର ଅପରାହ୍ନ ୪.୧୫ରେ ପରଲୋକ ଘଟିଛି। ସେ କିଛିଦିନ ତଳେ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା କରାଇବା ପରେ ମଧ୍ୟ ସେ ଠିକ୍‌ଭାବେ ଚଲାବୁଲା କରିପାରୁ ନ ଥିଲେ। ରାଖାଲଙ୍କ ବିୟୋଗରେ ଓଡ଼ିଶା ସଙ୍ଗୀତ ଜଗତରେ ଶୋକର ଛାୟା ଖେଳିଯାଇଛି। ଅନେକ ବରିଷ୍ଠ ସଙ୍ଗୀତ ନିର୍ଦ୍ଦେଶକ, ସଙ୍ଗୀତ ପ୍ରେମୀ ଓ ସଙ୍ଗୀତ ଦୁନିଆରେ କାର୍ଯ୍ୟ କରୁଥିବା ବ୍ୟକ୍ତି ବାଦାମବାଡ଼ି ସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଜଣାଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ କ୍ଷଣପ୍ରଭା ମହାନ୍ତି, ପୁଅ ସୁହାସ, ସୁବ୍ରତ, ବୋହୂ ଅନିତା, ରଶ୍ମିତା, ଝିଅ ସୁରଭି, ସୁସ୍ମିତାଙ୍କ ସମେତ ପରିବାରବର୍ଗ, ସମ୍ପର୍କୀୟ ଉପସ୍ଥିତ ଥିଲେ। ସୋମବାର ଖାନ୍‌ନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ

☞ପୃଷ୍ଠା-୨

■ ବିଜେଡି ପ୍ରାର୍ଥୀ ବିଧାୟିକା ଟୁକୁନି ସାହୁଙ୍କୁ ଗାଳିଗୁଲଜ ନେଇ ଉତ୍ତେଜନା

# ଟିଟିଲାଗଡ଼ରେ ପୋଲିସର ଫ୍ଲାଗମାର୍ଚ୍ଚ

ଟିଟିଲାଗଡ, ୧୪।୪ (ଡି.ଏନ.ଏ)

ବଲାଙ୍ଗୀର ଜିଲା ଟିଟିଲାଗଡରେ ପୋଲିସ ଶାନ୍ତିଶୃଙ୍ଖଳାରେ ଭୋଟଗ୍ରହଣ କରିବା ନେଇ ଫ୍ଲାଗମାର୍ଚ୍ଚ କରିଛି। ଘଟଣାରୁ ପ୍ରକାଶ ଯେ, ଟିଟିଲାଗଡ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପୌର ପରିଷଦର ୧୪ ଓ ୧୫ ନମ୍ବର ୱାର୍ଡରେ ବିଜେଡ଼ି ପ୍ରାର୍ଥୀ ବିଧାୟିକା ଟୁକୁନି ସାହୁ ପ୍ରଚାର କରିଥିଲେ । ୧୫ ନଂ. ୱାର୍ଡର ପ୍ରଚାର ଶେଷ ହେବା ପରେ ୧୪ ନମ୍ବର ୱାର୍ଡରେ ପ୍ରଚାର ପାଇଁ ଯାଇଥିଲେ। ସେଠାରେ କେତେକ ଯୁବକ ତାଙ୍କୁ ବିରୋଧ କରିବା ସହିତ ଗାଳିଗୁଲଜ କରିଥିଲେ। ସେଠାରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବା ଯୋଗୁ ବିଧାୟିକା ଜଣେ ବ୍ୟକ୍ତିଙ୍କ ଘରେ ରହିଯାଇଥିଲେ। ପରେ ପୋଲିସ ଆସି ତାଙ୍କୁ ସେଠାରୁ ନେଇ ଆସିଥିଲେ। ଏ ସମ୍ପର୍କରେ ବିଧାୟିକାଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଏଠାରେ ଯେଉଁମାନେ ବିରୋଧ କରିଛନ୍ତି ଏହା କୌଣସି ଉନ୍ନୟନମୂଳକ କାର୍ଯ୍ୟ ପାଇଁ ନୁହେଁ ବରଂ ରାଜନୈତିକ ଉଦ୍ଦେଶ୍ୟରଖି ଏହା କରାଯାଇଛି। ଏହିପରି କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ପୋଲିସ ତରଫରୁ ଫ୍ଲାଗ ମାର୍ଚ୍ଚ କରାଯାଇଛି।



ପୋଲିସ ୧୪ ନମ୍ବର ୱାର୍ଡରେ ଫ୍ଲାଗମାର୍ଚ୍ଚ କରୁଛି ।

# ବିଧାୟକଙ୍କୁ ଘେରିଲେ ଚାଷୀ

ସୋନପୁର,୧୪।୪(ନି.ପ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ତଥା ବର୍ତ୍ତମାନର ବିଧାୟକ ପଦ୍ମନାଭ ବେହେରାଙ୍କୁ ଚାଷୀ ଅସନ୍ତୋଷର ସାମ୍ନା କରିବାକୁ ପଡିଛି। ବେହେରା ରବିବାର ନିର୍ବାଚନ ପ୍ରଚାର ପାଇଁ ବିନିକା ବ୍ଲକର ବିଭିନ୍ନ ପଞ୍ଚାୟତ ଗସ୍ତ କରିଥିଲେ। ଫୁଲମୁଠି ଗ୍ରାମରେ ପ୍ରଚାର କରୁଥିବା ବେଳେ ତାଙ୍କୁ ଚାଷୀମାନେ ଘେରିଥିଲେ। ଚୌକିଯୋର ଓ କେନାଲରେ ପାଣି ନ ଥିବାରୁ ହଜାର ହଜାର ଏକର ଧାନ ଫସଲ ନଷ୍ଟ ହେବାକୁ ବସିଲାଣି । କେନାଲ ପାଣି ଛଡା ନ ଯିବାରୁ ଜମି ଫାଟି ଆଁ କଲାଣି ବୋଲି ଚାଷୀ ଅଭିଯୋଗ କରିବା ସହ ବିଧାୟକଙ୍କ ସହ ଯୁକ୍ତିତର୍କ କରିଥିଲେ। ଘଟଣା ବୁଝିବା ପରେ ସୋମବାର ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିବେ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ବିଧାୟକ ବେହେରାଙ୍କ ସହିତ ସ୍ଥାନୀୟ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ନନ୍ଦ ଉପସ୍ଥିତ ଥିଲେ। ପ୍ରକାଶ ଯେ, ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ତଥା ମନ୍ତ୍ରୀ ନିରଞ୍ଜନ ପୂଜାରୀ ମଧ୍ୟ ନିର୍ବାଚନୀ ସଭା କରୁଥିବା ବେଳେ କେତେକ ସ୍ଥାନରେ ଜନସାଧାରଣଙ୍କ ପ୍ରଶ୍ନର

☞ପୃଷ୍ଠା-୨

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ଏପ୍ରିଲ ୧୫/୨୦୧୯



ସେବା ହିଁ ଧର୍ମର ପଥ। ଦୁଃସ୍ଥ, ପୀଡିତ, ଦୁଃଖୀ ଏବଂ ଅସହାୟ ମଣିଷଙ୍କ ସେବା କରିବାଠାରୁ ଆଉ ବଡ଼ ଧର୍ମ ନାହିଁ।
ଏହି ସେବା ଦ୍ୱାରା ଯେଉଁ ଆନନ୍ଦ ମିଳେ ତାହା ଅପାର୍ଥିବ, ତାହା ସ୍ୱର୍ଗୀୟ, ମାତ୍ର ତୁମେ ତାହା ସବୁ ଭୁଲି ଗଲଣି।
- ସତ୍ୟ ସାଇବାବା




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଅଂଶ ବାବୁ
ପରିବାରବର୍ଗ



ଅଂଶ ସାହୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କଷ୍ଟକୁ ସହିବାର ଧୈର୍ଯ୍ୟ ଦରକାର: ସୋନାଲି



ମୁମ୍ବାଇ

ବଲିଉଡ୍ ନାୟିକା ସୋନାଲି ବେନ୍ଦ୍ରେ ମୁମ୍ବାଇଠାରେ ଅନୁଷ୍ଠିତ ହୋଇଥିବା ୫ମ 'କାହୋକନ୍-୨୦୧୯' ଅନ୍ତର୍ଜାତୀୟ ସମ୍ମିଳନୀରେ ଯୋଗଦେଇ ସେ ତାଙ୍କ ଅନୁଭୂତି ବଖାଣିଛନ୍ତି। ଗତବର୍ଷ ସେ କ୍ୟାନ୍ସର ଭଳି ଏକ ମାରାତ୍ମକ ରୋଗର ଶିକାର ହୋଇଥିଲେ। ଚିକିତ୍ସା ପରେ ଏବେ ସୁସ୍ଥ ଥିବା କହିଛନ୍ତି। ସେ ହାଇଗ୍ରେଡ୍ କ୍ୟାନ୍ସରରେ ପୀଡିତ ଥିବା ଜଣାପଡିବା ପରେ କିଛି ଦିନ ଧରି ନ୍ୟୁୟର୍କରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାର ପ୍ରାୟ ୭ ମାସ ପରେ ସେ ଡିସେମ୍ବରରେ ଭାରତ ଫେରିଥିଲେ। କଷ୍ଟକୁ ସହିବାର ଧୈର୍ଯ୍ୟ ରଖିବା ଦରକାର। ଯେମିତି ଗୋଟେ ଶିଶୁର ଦାୟିତ୍ୱ ବହନ କରିବାପାଇଁ ମା' ପ୍ରସ୍ତୁତ ଥାଏ, ଠିକ୍ ସେମିତି ଶାରୀରିକ କଷ୍ଟ ବହନ କରିବାକୁ ପ୍ରସ୍ତୁତ ହେବା ଦରକାର। ଆତ୍ମବିଶ୍ୱାସ ଓ ମନୋବଳ ଦୃଢ଼ କରି ନିଜକୁ ସେମିତି ପ୍ରସ୍ତୁତ କରିଥିବାରୁ ଆଜି ସୁସ୍ଥ ଅଛି ବୋଲି କହିଛନ୍ତି ସୋନାଲି। ସୋନାଲିଙ୍କ ଏହି ଅନୁଭୂତି ଅନେକଙ୍କ ପାଇଁ ପ୍ରେରଣାଦାୟକ ହେବ ବୋଲି ପ୍ରଶଂସକ ମହଲରେ ଆଲୋଚନା ହେଉଛି।

# ଟିଡିପି ପାଇଁ ଆଇଟି କମ୍ପାନୀ ଚୋରି କରିଛି ୭.୮ କୋଟି ଆଧାର ତଥ୍ୟ

## ମାମଲା ଦାଏର କଲା ୟୁଆଇଡିଏଆଇ

ନୂଆଦିଲ୍ଲୀ,୧୪।୪

ତେଲୁଗୁ ଦେଶମ ପାର୍ଟି(ଟିଡିପି) ପାଇଁ 'ସେବା ମିତ୍ର ଆପ୍' ତିଆରି କରୁଥିବା ଇନ୍‌ଫର୍ମେଶନ ଟେକ୍ନୋଲୋଜି କମ୍ପାନୀ ଆଇଟି ଗ୍ରିଡ୍(ଇଣ୍ଡିଆ) ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶର ୭.୮ କୋଟି ଆଧାର ତଥ୍ୟ ଚୋରି କରିଥିବା ଅଭିଯୋଗ ହୋଇଛି। ଏହି ଘଟଣା ଜଣାପଡିବା ପରେ ଆଧାର କାର୍ଡ ଜାରି କରୁଥିବା ସଂସ୍ଥା ୟୁଆଇଡିଏଆଇ ପକ୍ଷରୁ ସାଇବରାବାଦ୍ ପୋଲିସ ନିକଟରେ ମାମଲା ରୁଜୁ କରାଯାଇଛି। ଏହି ଦୁଇ ରାଜ୍ୟ ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶର ନାଗରିକଙ୍କ ସଂଖ୍ୟା ୮.୪ କୋଟି ରହିଛି। ପ୍ରାଥମିକ ଯାଞ୍ଚରୁ ଜଣାପଡିଛି ଯେ, ଉକ୍ତ କମ୍ପାନୀ ଅବୈଧ ଭାବେ ଲୋକଙ୍କ ସମ୍ବେଦନଶୀଳ ଡାଟା ଯଥା-ଆଧାର ତଥ୍ୟ, ଇଲେକ୍ଟୋରାଲ ରୋଲ, ସରକାରୀ ସ୍କିମ୍ ଏବଂ ବିଭିନ୍ନ ରାଜନୈତିକ ଦଳ ସହିତ ଜଡ଼ିତ ଭୋଟର ସୂଚନାକୁ ଚୋରି କରିଥିଲା। ଏହି ତଥ୍ୟକୁ ବେଆଇନ ଭାବେ ବ୍ୟବହାର କରାଯାଇପାରିବ। ଯାଞ୍ଚରୁ ଏହା ମଧ ଜଣାପଡିଛି ଯେ, ଚୋରି କରାଯାଇଥିବା ଭୋଟର ସୂଚନାରୁ ଭୋଟର ପ୍ରୋଫାଇଲିଂ, କ୍ୟାମ୍ପେନ ଟାର୍ଗେଟିଂ ଏବଂ ଭୋଟରଙ୍କ ନାମକୁ ତାଲିକାରୁ ବାଦ୍ ଦିଆଯାଇପାରିବ। ପୋଲିସ ପକ୍ଷରୁ କୁହାଯାଇଛି ଯେ, ଜବତ ହୋଇଥିବା ଡିଜିଟାଲ ପ୍ରମାଣର ଫରେନସିକ୍ ଯାଞ୍ଚ ଲାଗି ତେଲେଙ୍ଗାନା ଷ୍ଟେଟ୍ ଫରେନସିକ ସାଇନ୍ସ ଲାବରେଟୋରିଜକୁ ପଠାଇ ଦିଆଯାଇଛି। ଅଭିଯୋଗ ଆଣିଥିବା ୟୁଆଇଡିଏଆଇ ଅଧିକାରୀଙ୍କ କହିବାନୁଯାୟୀ, ଜବତ ହୋଇଥିବା ହାର୍ଡ ଡିସ୍କରୁ ଜଣାପଡିଛି ଯେ, ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶର ୭,୮୨,୨୧,୩୯୭ ଅଧିବାସୀଙ୍କ ଆଧାର ଡାଟା ଚୋରି କରାଯାଇ ଆଇଟି ଗ୍ରିଡ୍(ଇଣ୍ଡିଆ) ଟିଡିପି ପାଇଁ ସେବା ମିତ୍ର ଆପ୍ ତିଆରି କରୁଛି ବୋଲି ୟୁଆଇଡିଏଆଇ ଡେପୁଟି ଡାଇରେକ୍ଟର ତଥା ଅଭିଯୋଗକାରୀ ଟି.ଭବାନୀ ପ୍ରସାଦ କହିଛନ୍ତି। ୟୁଆଇଡିଏଆଇ ନିକଟରେ ରହୁଥିବା ଡାଟାବେସ ସାଇଜ ଓ ସଂରଚନା ଭଳି ଆଇଟି ଗ୍ରିଡ୍ ନିକଟରେ ରହିଥିବା ଆଧାର ଡାଟା ମିଶିଯାଉଛି। ପୋଲିସ ପକ୍ଷରୁ କୁହାଯାଇଛି ଯେ, ଉକ୍ତ କମ୍ପାନୀ ଏହି ଡାଟାକୁ ସେଣ୍ଟ୍ରାଲ ଡାଟା ରିପୋଜିଟୋରି ଅଥବା ଷ୍ଟେଟ୍ ଡାଟା ହବ୍‌ରୁ ଅବୈଧ ଭାବେ ହାସଲ କରିଛି। ଅନ୍ୟପକ୍ଷରେ ଟିଡିପି ଏହି ଆଧାର ଡାଟା ଚୋରି ଅଭିଯୋଗକୁ ଖଣ୍ଡନ କରି ଏହି ମାମଲାକୁ ତେଲେଙ୍ଗାନାରୁ ଆନ୍ଧ୍ରପ୍ରଦେଶ ସ୍ଥାନାନ୍ତର ପାଇଁ ଦାବି କରିଛି।

### କିଛି ତଥ୍ୟ

ଚଳିତ ମାସ ୧୪ ତାରିଖ ପର୍ଯ୍ୟନ୍ତ ବିଦେଶୀ ନିବେଶକମାନେ ଦେଶର ପୁଞ୍ଜି ବଜାରରେ ୧୧,୦୯୬ କୋଟି ଟଙ୍କା ନିବେଶ କରିଛନ୍ତି।

– ଶେୟାର ବଜାର ଡିପୋଜିଟୋରୀ ଡାଟା

## ପ୍ରଥମ ପୃଷ୍ଠାରୁ...

### ସ୍ୱାର୍ଥ ଲାଗି...

କରିବାକୁ ମଧ ପ୍ରତିଶ୍ରୁତି ଦେଇଛି। ଅନ୍ୟପକ୍ଷରେ ଓଡ଼ିଶାରେ କେବେବି ଏକକ ଦଳଭାବେ ସରକାର ଗଠନ କରିବାର ସୁଯୋଗ ପାଇ ନ ଥିବା ଭାରତୀୟ ଜନତା ପାର୍ଟି(ଭାଜପା) ମଧ ରାଜ୍ୟର ଚାଷୀମାନଙ୍କ ପାଇଁ ଅନେକ ଲୋଭନୀୟ ଯୋଜନା ଘୋଷଣା କରିଛି। ପ୍ରାଇସ, ପ୍ରେଷ୍ଟିଜ ଓ ପେନ୍‌ସନ୍ ଦାବିରେ ଆନ୍ଦୋଳନ ଚଳାଇଥିବା ନବନିର୍ମାଣ କୃଷକ ସଂଗଠନ ଓ ଧାନର ସହାୟକ ଦର ନେଇ ଆନ୍ଦୋଳନରତ ପଶ୍ଚିମ ଓଡ଼ିଶାର ଚାଷୀ ସଂଗଠନଗୁଡ଼ିକ ରାଜ୍ୟ ସରକାରଙ୍କ ଉପରେ ଅସନ୍ତୁଷ୍ଟ ଥିବା ହୃଦ୍‌ବୋଧ କରି ଭାଜପା କ୍ଷମତାକୁ ଆସିଲେ ୨୦୨୨ସୁଦ୍ଧା ସମସ୍ତ ଚାଷୀଙ୍କ ଆୟ ଦୁଇଗୁଣ କରିବାକୁ ପ୍ରତିଶ୍ରୁତି ଦେଇଛି। ୬୦ ବର୍ଷରୁ ଊର୍ଦ୍ଧ୍ୱ କୃଷକଙ୍କୁ ମାସିକ ୩ହଜାର ଟଙ୍କାର ପେନ୍‌ସନ ବ୍ୟବସ୍ଥା କରିବାକୁ ଭାଜପା ଇସ୍ତାହାରରେ ପ୍ରତିଶ୍ରୁତି ଦେବା ସହ ଚାଷ ଋଣ ଉପରୁ ସମ୍ପୂର୍ଣ୍ଣ ସୁଧ ଛାଡ଼ କରିବାକୁ ଘୋଷଣା କରାଯାଇଛି। ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ସମସ୍ତ ଚାଷୀଙ୍କୁ ବାର୍ଷିକ ୬ହଜାର ଟଙ୍କା ଲେଖାଏ ସହାୟତାର ପ୍ରତିଶ୍ରୁତି ସହିତ କୃଷକଙ୍କ ଚାଷଖର୍ଚ୍ଚ କିପରି କମିବ ସେ ବ୍ୟବସ୍ଥା ନିଶ୍ଚିତ କରିବାକୁ ମଧ ଭାଜପା ଇସ୍ତାହାରରେ ପ୍ରତିଶ୍ରୁତି ଦେଇଛି। ସେହିପରି ରାଜ୍ୟରେ ସବୁ ଚାଷଜମିକୁ ସବୁଦିନିଆ ଜଳସେଚନ ସୁବିଧା ଯୋଗାଇ ଦେବାକୁ ୧ଲକ୍ଷ କୋଟି ଟଙ୍କାର ଏକ ଯୋଜନା ହାତକୁ ନିଆଯିବ ବୋଲି ମଧ ଭାଜପା ପ୍ରତିଶ୍ରୁତି ଦେଇଛି।

ସେହିପରି କଂଗ୍ରେସ ମଧ ତା'ର ଇସ୍ତାହାରରେ ଚାଷୀଙ୍କ ପାଇଁ ଅନେକ ପ୍ରତିଶ୍ରୁତି ଅଜାଡ଼ି ଦେଇଛି। କଂଗ୍ରେସ କ୍ଷମତାକୁ ଆସିଲେ କଂଗ୍ରେସ ଶାସିତ ଅନ୍ୟ ରାଜ୍ୟ ଭଳି ସମସ୍ତ କୃଷିଋଣ ଛାଡ଼ କରାଯିବ। କୃଷି ବିକାଶ ଓ ଯୋଜନା ପାଇଁ ଜାତୀୟସ୍ତରରେ ଏକ କମିଶନ ଗଠନ କରାଯିବ ବୋଲି କଂଗ୍ରେସ ଇସ୍ତାହାରରେ ପ୍ରତିଶ୍ରୁତି ଦିଆଯାଇଛି। ଫସଲ ବୀମା ଯୋଜନାର ଦୋଷତ୍ରୁଟି ସୁଧାରିବା ସହିତ କୃଷି ଉତ୍ପାଦର ବିପଣନ ଓ ରପ୍ତାନି ବୃଦ୍ଧି ପାଇଁ ସୁବ୍ୟବସ୍ଥା କରିବାକୁ କଂଗ୍ରେସ ପ୍ରତିଶ୍ରୁତି ଦେଇଛି।

ଏନେଇ ନବନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାରଙ୍କ କହିବା ହେଲା ନିର୍ବାଚନ ସମୟରେ ସମସ୍ତ ରାଜନୈତିକ ଦଳ ବିଭିନ୍ନ ପ୍ରତିଶ୍ରୁତି ଦେଇଥାନ୍ତି । ନିର୍ବାଚନ ପରେ ସେହି ପ୍ରତିଶ୍ରୁତିକୁ ଯଦି ପାଳନ କରନ୍ତେ ତେବେ ତା'ର ମହତ୍ତ୍ୱ ରୁହନ୍ତା। କିନ୍ତୁ କୃଷକଙ୍କ କ୍ଷେତ୍ରରେ ପ୍ରତିଶ୍ରୁତି ପାଳନ କରୁନାହାନ୍ତି । ତେଣୁ ରାଜନୈତିକ ଦଳଗୁଡିକ ଉପରେ ଚାଷୀଙ୍କ ଭରସା ଉଠିଯାଇଛି । ଚାଷୀ ନିଜର ଦାବି ହାସଲ କରିବାକୁ ଶାନ୍ତିପୂର୍ଣ୍ଣ ଭାବେ ଭୁବନେଶ୍ୱରରେ ଧାରଣା ଦେବାକୁ ଅନେକ ଥର ଯୋଜନା କରିଛନ୍ତି । କିନ୍ତୁ ରାଜ୍ୟ ସରକାର ଯେଉଁଭଳି ଭାବରେ ଚାଷୀଙ୍କୁ ଭୁବନେଶ୍ୱରକୁ ଯିବାକୁ ଦେଇ ନାହାନ୍ତି, ବାରମ୍ବାର ଗିରଫ କରିଛନ୍ତି ତାହା ଚଳିତ ନିର୍ବାଚନରେ ପ୍ରଭାବ ପକାଇବ। ଚାଷୀଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ରାଜ୍ୟ ସରକାର କାଳିଆ ଯୋଜନା ପ୍ରଣୟନ କରିଛନ୍ତି। ଏଥିରେ ୪୦ ଲକ୍ଷ ଚାଷୀଙ୍କୁ ସାମିଲ କରାଯାଇଛି ବୋଲି ସରକାର ଦାବି କରୁଛନ୍ତି। କିନ୍ତୁ ତା'ର ତାଲିକା ଯଦି ସରକାର ଦେଇପାରନ୍ତେ ତେବେ ସତ୍ୟାସତ୍ୟ ଜଣାପଡନ୍ତା। ପୂର୍ବରୁ ଚାଷୀମାନଙ୍କୁ ଚିହ୍ନଟ କରିବା ସମ୍ଭବ ହେଉନାହିଁ ବୋଲି ସରକାର କହୁଥିଲେ। କିନ୍ତୁ ଏବେ ପ୍ରାୟ ୬୫ ଲକ୍ଷ ଚାଷୀ ଚିହ୍ନଟ ହୋଇସାରିଛନ୍ତି ବୋଲି ସରକାର କହୁଛନ୍ତି। ତାହା କିପରି ସମ୍ଭବ ହୋଇପାରିଲା ବୋଲି ଅକ୍ଷୟ କୁମାର ପ୍ରଶ୍ନ କରିଛନ୍ତି।

କୃଷକ ନେତା ସୁକେଶ ପଟ୍ଟନାୟକ କହିଛନ୍ତି ଯେ, ଏହା ହେଉଛି ଏକ ନିର୍ବାଚନୀ ଚାଲ। ଉଭୟ କେନ୍ଦ୍ର ଓ ରାଜ୍ୟରେ ଶାସନ କରୁଥିବା ଦଳ ନିର୍ବାଚନ ସମୟରେ ଚାଷୀମାନଙ୍କୁ ଲୋକଦେଖାଣିଆ ପ୍ରତିଶ୍ରୁତି ଦେଉଛନ୍ତି। ସ୍ୱାମୀନାଥନ କମିଟି ରିପୋର୍ଟର ସୁପାରିସକୁ କାର୍ଯ୍ୟକାରୀ କରିବାକୁ ୨୦୧୪ରୁ ରାଜନୀତି ହେଉଛି। ରାଜନୈତିକ ଇଚ୍ଛାଶକ୍ତି ଓ ପ୍ରଶାସନିକ ଉଦାସୀନତାର ଅଭାବ ଯୋଗୁ ଏହା କାର୍ଯ୍ୟକାରୀ ହୋଇପାରୁ ନାହିଁ। ତେଣୁ ନିର୍ବାଚନବେଳେ ଚାଷୀଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଥିବା ରାଜନୈତିକ ଦଳଗୁଡ଼ିକର ପ୍ରତିଶ୍ରୁତିରେ ଚାଷୀମାନେ ଭାସି ନ ଯିବା ଉଚିତ ବୋଲି ପଟ୍ଟନାୟକ କହିଛନ୍ତି।

ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ଆବାହକ ଲିଙ୍ଗରାଜଙ୍କ କହିବା ହେଲା ଭାଜପା, ବିଜେଡି ଓ କଂଗ୍ରେସ ଚାଷୀ ଭୋଟ ହାତେଇବା ଉଦ୍ଦେଶ୍ୟରେ ସେମାନଙ୍କ ଇସ୍ତାହାର ପ୍ରକାଶ କରିଛନ୍ତି। ଏଥିରେ କିଛି ନୂତନତ୍ୱ ନାହିଁ। ଚାଷୀଙ୍କ ମୂଳ ଦାବିକୁ ରାଜନୈତିକ ଦଳଗୁଡ଼ିକ ଭୁଲିଯାଇଛନ୍ତି। ଗତ କିଛି ମାସତଳେ ୫ଟି ରାଜ୍ୟର ନିର୍ବାଚନରେ ଚାଷୀମାନେ ନିର୍ଣ୍ଣାୟକ ଭୂମିକା ନେଇଥିବା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅନୁଭବ କରିଥିବାରୁ ଇସ୍ତାହାରରେ ଚାଷୀଙ୍କୁ କିଛି ଲୋଭନୀୟ ପ୍ରତିଶ୍ରୁତି ଦିଆଯାଇଛି। ଚାଷୀଙ୍କ ମୁଖ୍ୟ ୨ଟି ଦାବି ଋଣ ମୁକ୍ତି ଓ କୃଷିଜାତ ଦ୍ରବ୍ୟର ଉତ୍ପାଦନ ଖର୍ଚ୍ଚର ପ୍ରକୃତ ମୂଲ୍ୟ ପ୍ରଦାନ ଦାବିକୁ ଅଣଦେଖା କରାଯାଉଛି। କେନ୍ଦ୍ର ଓ ରାଜ୍ୟ ସରକାର କିଛି ଅର୍ଥ ଦେଇ ନିର୍ବାଚନୀ ବୈତରଣୀ ପାର ହେବାକୁ ଚେଷ୍ଟା କରୁଛନ୍ତି। ଚାଷୀଙ୍କ ମୂଳ ସମସ୍ୟା ଅସମାହିତ ହୋଇ ରହିଯାଉଛି ବୋଲି ଲିଙ୍ଗରାଜ କହିଛନ୍ତି।

### ତଦନ୍ତ ଦାବି...

ଅଭିଯୋଗ ଅନୁଯାୟୀ ପ୍ରଧାନମନ୍ତ୍ରୀ ଚିତ୍ରଦୁର୍ଗକୁ ନିର୍ବାଚନ ପ୍ରଚାରରେ ଯାଇଥିବାବେଳେ ତାଙ୍କ ହେଲିକପ୍ଟରକୁ ଅନ୍ୟ ତିନୋଟି ହେଲିକପ୍ଟର ସୁରକ୍ଷା ଦେଉଥିଲେ। ଅବତରଣ ପରେ ଉକ୍ତ କଳା ଟ୍ରଙ୍କ୍‌କୁ ହେଲିକପ୍ଟରରୁ ନିଆଯାଇ ଏସ୍‌ପିଜି କାରକେଡ୍ ବାହାରେ ଥିବା ଏକ ଘରୋଇ କାରରେ ରଖାଯାଇଥିଲା। ଟ୍ରଙ୍କ ରଖାଯିବା ପରେ ଉକ୍ତ ଇନୋଭା କାର୍‌ଟି ସଙ୍ଗେ ସଙ୍ଗେ ସେଠାରୁ ପଳାଇଥିଲା, ଯାହାକୁ ନେଇ ସନ୍ଦେହ ପ୍ରକାଶ କରିଛି କଂଗ୍ରେସ। ପ୍ରଶ୍ନ ଉଠୁଛି ଉକ୍ତ ଟ୍ରଙ୍କ ସୁରକ୍ଷା ପ୍ରୋଟୋକଲ ଭିତରେ ନ ଥିଲା କାହିଁକି। ଇନୋଭା କାର ପ୍ରଧାନମନ୍ତ୍ରୀଙ୍କ କାରକେଡ୍‌ରେ କ'ଣ ପାଇଁ ସାମିଲ ହୋଇ ନ ଥିଲା ଏବଂ ଉକ୍ତ କାର୍‌ଟି କାହାର। ନିର୍ବାଚନ କମିଶନଙ୍କ ପକ୍ଷପାତ ନୀତିକୁ ଜେଡିଏସ୍ ପକ୍ଷରୁ ସମାଲୋଚନା କରାଯାଇଛି। ମୁଖ୍ୟମନ୍ତ୍ରୀ କୁମାରସ୍ୱାମୀଙ୍କୁ କାର୍‌କୁ ସେଦିନ ଏକାଧିକ ଥର ଯାଞ୍ଚ କରାଯାଇଥିବାବେଳେ ପ୍ରଧାନମନ୍ତ୍ରୀଙ୍କ ହେଲିକପ୍ଟରରୁ ସନ୍ଦେହଜନକ ବାକ୍ସ ଘରୋଇ କାରକୁ ନିଆଯିବା ଘଟଣାରେ ଇସି ଚିନ୍ତିତ ନହେବା ଆଶ୍ଚର୍ଯ୍ୟଜନକ ବୋଲି ଜେଡିଏସ୍ ଟୁଇଟର୍ ହ୍ୟାଣ୍ଡଲ୍‌ରେ ଅଭିଯୋଗ କରାଯାଇଛି।

### ବିଧାୟକଙ୍କୁ...

ସାମ୍ନା କରିବାକୁ ପଡିଥିଲା। କିଛି ଦିନ ପୂର୍ବରୁ ଡୁଙ୍ଗୁରିପାଲି ବ୍ଲକର କର୍ଲାଙ୍କୁରୀ ଓ ବେହେରାମାଲ ଗାଁ ଏବଂ ସୋନପୁର ବ୍ଲକର କୁଟଶିରାରେ ମନ୍ତ୍ରୀ ନିର୍ବାଚନୀ ସଭା କରୁଥିବା ବେଳେ ଗ୍ରାମବାସୀ ସେମାନଙ୍କ ସମସ୍ୟା ସମ୍ପର୍କରେ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ପ୍ରଚାର ସମୟରେ ସାଧାରଣ ଜନତାଙ୍କ ପ୍ରଶ୍ନ ଏବେ ଜିଲାର ବିଧାୟକଦ୍ୱୟଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରୁଥିବା ଆଲୋଚନା ହେଉଛି।

### ସଙ୍ଗୀତ ନିର୍ଦ୍ଦେଶକ...

ହେବ ବୋଲି ପରିବାର ପକ୍ଷରୁ ସୂଚନା ଦିଆଯାଇଛି।

୧୯୩୨ ଜୁନ୍ ୨୬ ତାରିଖରେ କେନ୍ଦ୍ରାପଡ଼ାର ପଟ୍ଟାମୁଣ୍ଡାଇ ସ୍ଥିତ ଟଟଣା ଗ୍ରାମରେ ରାଖାଲ ଜନ୍ମଗ୍ରହଣ କରିଥିଲେ। ସେ ବମ୍ବେର ଅଖିଳ ଭାରତୀୟ ଗାନ୍ଧର୍ବ ମହାବିଦ୍ୟାଳୟ ମଣ୍ଡଳରେ ୧୯୭୩ ମସିହାରେ ସଙ୍ଗୀତ କ୍ଷେତ୍ରରେ ମାଷ୍ଟର ଡିଗ୍ରୀ ହାସଲ କରିଥିଲେ। ୧୯୫୫ରୁ ୧୯୭୩ ମସିହା ପର୍ଯ୍ୟନ୍ତ କଟକ କଳାବିକାଶ କେନ୍ଦ୍ରସ୍ଥିତ ଇଣ୍ଡିଆନ କଲେଜ ଅଫ ମ୍ୟୁଜିକ ଆଣ୍ଡ ଡ୍ୟାନ୍ସରେ ସଙ୍ଗୀତ ଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ। ପରେ ୧୯୭୪ରୁ ୧୯୯୪ ମସିହା ପର୍ଯ୍ୟନ୍ତ ରାଖାଲଙ୍କର ଯାଦୁଗରି ସଙ୍ଗୀତ ଅଲ ଇଣ୍ଡିଆ ରେଡିଓରେ ଶୁଣିବାକୁ ମିଳିଥିଲା। ଉକ୍ତ ଦୁଇ ଦଶନ୍ଧି ଧରି ସେ ଅଲ ଇଣ୍ଡିଆ ରେଡ଼ିଓରେ ମ୍ୟୁଜିକ କମ୍ପୋଜର ଭାବେ କାର୍ଯ୍ୟ କରିଥିଲେ। ଟପ୍‌ଗ୍ରେଡ ମ୍ୟୁଜିକ କମ୍ପୋଜର ଭାବେ ଅଲ ଇଣ୍ଡିଆ ରେଡିଓ ଓ ଦୂରଦର୍ଶନ କେନ୍ଦ୍ରରେ ରାଖାଲଙ୍କର ବେଶ୍ ପରିଚୟ ରହିଛି। କ୍ୟାସେଟ ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ରାଖାଲ ଅନେକ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଘର ସଂସାର, ଅମର ପ୍ରେମ, ଶ୍ରୀକୃଷ୍ଣ ରାସଲୀଳା, ଅକ୍ଷିତୃତୀୟା, ତ୍ରିନାଥ ମେଳା ଚଳଚ୍ଚିତ୍ରରେ ସେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଏହାଛଡ଼ା ତପସ୍ୱିନୀ, ଗୀତ ଗୋବିନ୍ଦ, କାଞ୍ଚି ଅଭିଯାନ, ଶକୁନ୍ତଳା, କୋଣାର୍କ, ଲାବଣ୍ୟବତୀ ଭଳି ନୃତ୍ୟନାଟିକା ପାଇଁ ସଙ୍ଗୀତ ନିର୍ଦ୍ଦେଶନା ଦେଇ ସେ ଚିରସ୍ମରଣୀୟ ହୋଇ ରହିଛନ୍ତି। ଦେଶ ବିଦେଶ ସ୍ତରରେ ରାଖାଲଙ୍କୁ ଅନେକ ସମ୍ବର୍ଦ୍ଧନା ମିଳିଛି। ଅନ୍ୟପକ୍ଷରେ ସେ ନିଖିଳ ଉତ୍କଳ ସଙ୍ଗୀତ ଶିଳ୍ପୀ ପରିଷଦର ସ୍ଥାୟୀ ସଭାପତି ରହିବା ସହ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ପୂର୍ଣ୍ଣବଳି କୋଣାଧିପତି ରାଶିରେ ରହି ଆପଣଙ୍କୁ ଅଭୂତପୂର୍ବ ସଫଳତାର ଗୌରବ ପ୍ରଦାନ କରିବେ। ଚତୁର୍ଥାଧିପତି ସାମାଜିକ ସ୍ତରରେ ସମ୍ମାନ ସାଙ୍ଗକୁ ବନ୍ଧୁମିଳନ, ପାରିବାରିକ ସୁଖ, ସୌହାର୍ଦ୍ଦ୍ୟ ଦେଇପାରନ୍ତି। କୃତ୍ତିକା ନକ୍ଷତ୍ର ବିଶେଷଭାବରେ ଶୁକ୍ରଙ୍କ ପ୍ରଭାବରେ ମଧୁର ମନୋହର କଥାରେ ଅନ୍ୟମାନଙ୍କୁ ଆପ୍ୟାୟିତ କରିବ।

**ବୃଷ**
ଆଜି ଚନ୍ଦ୍ରଙ୍କ ସହ ଚାରୋଟି ଗ୍ରହଙ୍କ ଷଡ଼ାଷ୍ଟକ ସ୍ଥିତି କାରଣରୁ କାର୍ଯ୍ୟ ସାଧିତ ହେଲେ ମଧ ଏଥିପାଇଁ ବହୁତ ସଂଘର୍ଷ କରିବାକୁ ପଡ଼ିପାରେ। ଦ୍ୱିଜା ନକ୍ଷତ୍ରର ଶିଳ୍ପ, ବାଣିଜ୍ୟ,ବ୍ୟବସାୟ, ପରିବହନ, ରାଜନୈତିକ ସଂଗଠନର ପ୍ରଚେଷ୍ଟା ଭଲରେ ଚାଲିବ। ସପ୍ତମାଧିପତି ନିଜ ରାଶିରେ ରହିଥିବାରୁ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତାର ସାମ୍ନା କରିବାକୁ ପଡ଼ିପାରେ।

**ମିଥୁନ**
ଏକାଦଶରେ ରାଜନୈତିକ ଗ୍ରହ ରବି ଓ ରାଶିରେ ରାହୁ ଆପଣଙ୍କୁ ଉଚ୍ଚାସନରେ ପ୍ରତିଷ୍ଠିତ କରାଇପାରେ। ବିଭିନ୍ନ ଯୋଜନା କ୍ଷେତ୍ରରେ ସମସ୍ୟା ସମାଧାନ ପୂର୍ବକ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଚତୁର୍ଥ ଭାବକୁ ବୁଧଙ୍କ ପୂର୍ଣ୍ଣଦୃଷ୍ଟି ସାମାଜିକ ସ୍ଥିତି,ସଭା ସମିତି ପାଇଁ ଅନୁକୂଳ ସ୍ଥିତି ସୃଷ୍ଟି ହେବ । ପୁନର୍ବସୁ ନକ୍ଷତ୍ରର ସହକର୍ମୀ,ପଡ଼ୋଶୀଙ୍କଠାରୁ ସାହାଯ୍ୟର ପ୍ରତିଶ୍ରୁତି ପାଇବେ।

**କର୍କଟ**
ଆଜି ଦ୍ୱାଦଶସ୍ଥ ରାହୁ ସାଙ୍ଗକୁ ଚନ୍ଦ୍ର ଓ ବୃହସ୍ପତିଙ୍କ ଷଡ଼ାଷ୍ଟକ ସ୍ଥିତି ପ୍ରଭାବରେ ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିବ। ଯାତ୍ରାରେ ଦ୍ୱନ୍ଦ୍ୱ, ବ୍ୟବସାୟରେ ଝଗଡ଼ା, ବନ୍ଧୁପତ୍ନୀ ସହ ବିବାଦ ଓ କିଛି ନୂତନ କାମ ସମ୍ପର୍କରେ ଦୁଃଶ୍ଚିନ୍ତା ଦେଖା ଦେଇପାରେ । ପୁଷ୍ୟା ନକ୍ଷତ୍ର ଶିଳ୍ପ, କଳା, ସାହିତ୍ୟ, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ରାଦିରେ ଉନ୍ନତମାନର ଫଳ ପାଇବେ।

**ସିଂହ**
ରାଶ୍ୟାଧିପତି ଭାଗ୍ୟସ୍ଥାନରେ ରହି ଉଚ୍ଚ ପଦବୀ, ସୁପରିକଳ୍ପିତ ଯୋଜନା, ବିଶିଷ୍ଟବ୍ୟକ୍ତିଙ୍କ ସଙ୍ଗଲାଭର ସୁଯୋଗ ପାଇବେ। ଆପଣଙ୍କ ସକାଶେ ଆଜି ପ୍ରତ୍ୟେକ କ୍ଷେତ୍ର ଅନୁକୂଳ ବାତାବରଣ ମଧ୍ୟରେ ସମ୍ପନ୍ନ ହୋଇପାରିବ। ପୂର୍ବାଫାଲଗୁନୀ ସକାଶେ ଜମିଜମା କ୍ରୟବିକ୍ରୟ, ନିର୍ମାଣାଧୀନ କାମ, ଆମଦାନି କାରବାର ଭଲରେ ଚାଲିବ। ପ୍ରଶାସନିକ କ୍ଷେତ୍ର ପାଇଁ ଦିନଟି ବହୁତ ଭଲ।

**କନ୍ୟା**
ଚନ୍ଦ୍ରଙ୍କ ଏକାଦଶରେ ମଙ୍ଗଳ ତୃତୀୟ, ଅଷ୍ଟମାଧିପତି ଯୋଗୁ ଭ୍ରାତୃ ସମ୍ପର୍କରେ ଫାଟ ସୃଷ୍ଟି ହୋଇପାରେ। ଅଫିସରେ ସହକର୍ମୀମାନେ କାର୍ଯ୍ୟକୁ ଶୀଘ୍ର ପୂର୍ଣ୍ଣାଙ୍ଗ କରିବା ଦିଗରେ ଜାଣିଶୁଣି ବିଳମ୍ବ କରିପାରନ୍ତି। ଚିତ୍ରା ନକ୍ଷତ୍ର ସକାଶେ ବିରୋଧୀମାନଙ୍କ ଦ୍ୱାରା ହଠାତ୍ କୌଣସି ମିଥ୍ୟା ଗୁଜବ ମନକୁ ଚହଲାଇ ଦେଇପାରେ।

**ତୁଳା**
ଚନ୍ଦ୍ରଙ୍କ କେନ୍ଦ୍ରରେ ପ୍ରଭାବଶାଳୀ ରବି ଆପଣଙ୍କୁ ଉଚ୍ଚ କ୍ଷମତା ସମ୍ପନ୍ନ ପଦପଦବୀ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା ପ୍ରଦାନ କରିବ । ରାଜନୈତିକ ସ୍ତରରେ ବିଜୟ ଗୌରବ ବିମଣ୍ଡିତ ହେବାର ପୂର୍ଣ୍ଣ ଆଶା,ଭରସା କରାଯାଇପାରେ। ପ୍ରଶାସନିକ, ସାମାଜିକ ଓ ବ୍ୟବସାୟିକ ସ୍ଥିତି ମଧ ମନ୍ଦ ହେବନି। କିନ୍ତୁ ସମ୍ପର୍କୀୟମାନଙ୍କ ପୂର୍ଣ୍ଣ ସହଯୋଗର ଅଭାବ ପରିଲକ୍ଷିତ କରାଯାଇପାରେ।

**ବିଛା**
ଚନ୍ଦ୍ର ଓ ଶୁକ୍ର ଷଡ଼ାଷ୍ଟକ ସ୍ଥିତିରେ ରହିଥିବାରୁ ମନ ଅନୁଯାୟୀ ବନ୍ଧୁମିଳନ ଉପଭୋଗ୍ୟ ନ ହୋଇପାରେ। ଆପଣଙ୍କ ସକାଶେ କୌଣସି ଜଣାଶୁଣା ମହିଳା ସମସ୍ୟା ସୃଷ୍ଟିର କାରଣ ହେବାର ଆଶଙ୍କା ରହିଛି। ଆର୍ଥିକ ସ୍ଥିତି ଭଲ ରହିବା ସାଙ୍ଗକୁ ପାରିବାରିକ ସ୍ଥିତି ମଧ ମଜ୍‌ବୁତ୍ ରହିବ। ପାରିବାରିକକ୍ଷେତ୍ର ଯାତ୍ରା, ବାଣିଜ୍ୟ, ସମ୍ପର୍କସ୍ଥାପନ କ୍ଷେତ୍ରରେ ବ୍ୟତିକ୍ରମ ଦେଖାଦେବ।

**ଧନୁ**
ଉପଚୟାଧିପତି ଶନି ସହ ବୃହସ୍ପତିଙ୍କ ରାଶ୍ୟାବସ୍ଥାନ ଶାରୀରିକ ଓ ମାନସିକ ସ୍ଥିତି ପାଇଁ ପ୍ରତିକୂଳ ପ୍ରଭାବ ପକାଇପାରେ। ଅନ୍ୟକୁ ପରାମର୍ଶ ଦେବାରେ ଯେତିକି ପ୍ରଶଂସିତ ହେବେ ତାହାଠାରୁ ଅଧିକ ଆତ୍ମୀୟସ୍ୱଜନ କ୍ଷେତ୍ରରେ ସମାଲୋଚିତ ହେବାକୁ ପଡ଼ିପାରେ। ବ୍ୟବସାୟିକ ତର୍କ ଓ ବିବାଦ ମଧ୍ୟରେ ମୂଳା ନକ୍ଷତ୍ର ହଇରାଣ ହରକତ ହୋଇପାରନ୍ତି।

**ମକର**
ଏକାଦିକ୍ରମେ ରବି,ଚନ୍ଦ୍ର,ମଙ୍ଗଳ ଓ ଶୁକ୍ରଙ୍କ ସ୍ଥାନସ୍ଥିତି ଆପଣଙ୍କ ପାଇଁ ଅନୁକୂଳ ହେତୁ ଯାହା ଯେମିତି ଆଶା କରୁଛନ୍ତି ସେପରିହିଁ ହୋଇପାରିବ। ଧନାଧିପତିଙ୍କ ଦୃଷ୍ଟି ପ୍ରଭାବରେ ମୁହଁରେ ହସ ଲାଖି ରହିବ ଏବଂ ପକେଟ ମଧ ଖାଲି ରହିବ ନାହିଁ। ପାରିବାରିକ, ପରିବହନ, ପ୍ରଶାସନ, ପ୍ରକାଶନ,ସାହିତ୍ୟ,ସାମ୍ବାଦିକତା ପାଇଁ ପ୍ରକୃଷ୍ଟ ଦିବସଟିଏ।

**କୁମ୍ଭ**
ସାହାଯ୍ୟ, ସହଯୋଗ ପାଇଲେ ମଧ ଯଥାସାଧ ପ୍ରତ୍ୟେକ କାମକୁ ସମ୍ପନ୍ନ କରିବେ ସତ କିନ୍ତୁ ଟେନ୍ସନ ଜମା ଛାଡିବ ନାହିଁ। ଅର୍ଥ ସମ୍ପର୍କ, ବନ୍ଧୁଙ୍କ ସହ ଯୋଗାଯୋଗ, ସନ୍ତାନଙ୍କ ଶିକ୍ଷା,ସାମ୍ବାଦିକତା ପ୍ରଭୃତିରୁ ସନ୍ତୋଷ ଲାଭ କରିବେ। କିନ୍ତୁ ଯାତ୍ରା, ବାଣିଜ୍ୟ, ପରିବହନରେ ସମସ୍ୟା ସାଙ୍ଗକୁ ପରିବାର ମଧ୍ୟରେ ଛୋଟ କଥାକୁ ଧରି ବସିଲେ ଅନର୍ଥ ସୃଷ୍ଟି ହୋଇପାରେ।

**ମୀନ**
ଆଜିର ଗ୍ରହସ୍ଥିତି ବହୁଳାଂଶରେ ଭଲ ରହିଥିବାରୁ ପ୍ରତ୍ୟେକ କାମ ସହଜରେ ସମ୍ପନ୍ନ ହୋଇପାରିବ । କିନ୍ତୁ ପରୋକ୍ଷ ଶତ୍ରୁତା,ସାମୟିକ ସମସ୍ୟା,ନୀଚଜନଙ୍କ ସହ ଝଗଡ଼ା ମାନସିକ ସ୍ଥିତିକୁ ବିଡମ୍ବିତ କରିଦେଇପାରେ । କେତେକ କ୍ଷେତ୍ରରେ ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବାର ଆଶଙ୍କା ରହିଛି।

ଆଜି ଚୈତ୍ର ଶୁକ୍ଳପକ୍ଷର ସ୍ମାର୍ତ୍ତସମ୍ମତ କାମଦା ଏକାଦଶୀ ସୋମବାର,ଶ୍ରୀମନ୍ଦିରରେ ଯଜ୍ଞରକ୍ଷା ଓ ସୀତା ବିବାହ ଲୀଳା, ଏପ୍ରିଲ ୧୫ ତାରିଖ,ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ଏକାଦଶୀ ଉପବାସ, ଦିବା ଘ୭।୦୨ମି. ମଧ୍ୟେ ଘ୧।୨୧ମି. ଗତେ, ଘ୨।୫୫ମି. ମଧ୍ୟେ ଘ୪।୩୦ମି. ଗତେ, ଘ୬।୩୦ମି. ମଧ୍ୟେ ଅମୃତ ବେଳା ଏବଂ ଦିବା ଘ୮।୩୬ମି. ଗତେ ଘ୧୦।୧୦ମି. ମଧ୍ୟେ, ଘ୨।୫୫ମି. ଗତେ ଘ୪।୩୦ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ୭।୦୬ମି. ଗତେ ଘ୮।୩୯ମି. ମଧ୍ୟେ ରାହୁକାଳ।


# classifieds

## real estate

### SALE

Bhubaneswar AIIMS front Govt. road କୁଲାଗି gharabari yellow zone plot ବିକ୍ରିହେବ: 8480745797. D-66308

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8338932027. D- 66333

Bhubaneswar GITA College ଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-66306

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ plot 1200କୁ 1,32,000/-, BEC College ଠାରେ 1200କୁ 3,00,000/- (outright). 9776934361, 8144706560. D-66317

30 ଫୁଟ ରାସ୍ତା ଥାଇ ଭୁବନେଶ୍ୱର ଯାଆଁଳାଠାରେ ହରିଜନ ଘରବାରି ପ୍ଲଟ ବିକ୍ରିହେବ। Contact: 9668243484, 9437504683. D-66075

Bhubaneswar Infocity-II boundary କୁ ଲାଗି sqft.-600/-ରେ ପାଚେରି ସହ plot ବିକ୍ରିହେବ। 8658962508, 8480864171. D-66336

ଭୁବନେଶ୍ୱର KEC, ଗୁଡ଼ିଆ ପୋଖରୀଠାରେ 30'road Boundary wall, electry, gharabari, temple, sqft. 650/-ରେ ଦିଆଯାଉ ଅଛି। 7008045582, 9692003948. D-12088

Bhubaneswar Patrapada Market HDFC bankରୁ 500 mtr କଲୋନୀ ଭିତରେ BDA yellow zone plot କିଣି ତୁରନ୍ତ ଘର କରନ୍ତୁ। 6370292040. D-66339

1600 sqft. Gharabari plot with Boundary 30'road Electricity- 11,52,000/- near infovalley Batabhuasuni Temple. 9438400633. D-66338

Gharabari plot behind Hitech Plaza, beside 30' road with boundary wall- 490/-, Pradhan sahi mouza (SC plot) - 650/-, 9090008333, 9437357287. D-12089

ଘରବାରି plot sale ନଖରା ବ୍ରାହ୍ମଣ ଝରିଲୋ ପିଚୁରୋଡ଼ sideରେ 3000 sqft. 16,50,000/- 9437306208. D-66337

30' road, electricity, boundary ଥାଇ BDA plot Bhubaneswar Patapalli chhakରେ ମିଳୁଅଛି। 9090963952. D-66343

Gharabari plot with boundary wall, sand filling for sale at Pahala. Contact: 9437321343. D-12131

## to-let

5000 sqft. godown near Dhenkanal Rly station/ sliding previously cement godown. 9437023399. D-62093



## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ



ସ୍ୱର୍ଗତ ନରେନ୍ଦ୍ରନାଥ ଦାଶ
(ଧୂଷା ଭାଇନା)
ସୁମଣାଶାସନ, ବାଲିପାଟଣା, ଖୋର୍ଦ୍ଧା
ଆବିର୍ଭାବ: ୨୩।୦୧।୧୯୪୪
ତିରୋଧାନ: ୦୬।୦୪।୨୦୧୭
ଆଜି ତୁମର ଦ୍ୱିତୀୟ ଶ୍ରାଦ୍ଧବାର୍ଷିକରେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ଆମ୍ଭର ପ୍ରାର୍ଥନା।
ଶୋକସନ୍ତପ୍ତ
ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତିନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୬୫୮୭୮

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ସତ୍ୟଭାମା ମହାନ୍ତି
ପ୍ଲଟ୍ ନଂ.୧୦୧, ବୁଦ୍ଧେଶ୍ୱରୀ କଲୋନୀ, ଭୁବନେଶ୍ୱର
ଆବିର୍ଭାବ: ୨୦।୦୧।୧୯୩୭
ତିରୋଧାନ: ୧୫।୦୪।୨୦୧୭
'ମା' ଆପଣଙ୍କୁ କୋଟି କୋଟି ପ୍ରଣାମ। ଆପଣଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ, ଅନାବିଳ ସ୍ନେହ, ନିଷ୍ଠାପର କାର୍ଯ୍ୟ ନିପୁଣତା ଆମ ସମସ୍ତଙ୍କର ଜୀବନର ଧେୟ ହେଉ। ଆପଣଙ୍କ ପ୍ରଦତ୍ତ ଆଲୋକ ରୂପକ ଆଶୀର୍ବାଦରେ ଆଲୋକିତ ହେଉଥାଉ ଆମ ପରିବାର। ଆପଣଙ୍କ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପୁତ୍ର-ଲୁଲୁ, ବୋହୂ-ମଧୁମିତା।
ଧ-୫୬୧୭୦

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ମନୋରମା ସେଠୀ
ଆବିର୍ଭାବ : ୦୬/୧୧/୧୯୬୦
ତିରୋଧାନ : ୨୭/୦୩/୨୦୧୮
କ୍ରୀଷ୍ଣା ଗାର୍ଡେନ୍, ଏ/୩
ଫେଜ୍-୨,ଜାଗମରା,ଭୁବନେଶ୍ୱର
ହେ ମହାନ୍ ଆତ୍ମା ତୁମ ଅଗାଢ଼ ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟପରାୟଣତା ଓ ସରଳ ଜୀବନ ଶୈଳୀ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହୋଇ ରହିଥିବ ଓ ତୁମେ ସବୁବେଳେ ମନେପଡୁଥିବ। ମହାପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥ ତୁମର ଆତ୍ମାକୁ ଶାନ୍ତି ଓ ସଦ୍‌ଗତି ପ୍ରଦାନ କରନ୍ତୁ। ଏହା ହିଁ ଭକ୍ତିଭରା ପ୍ରାର୍ଥନା।
ଶୋକସନ୍ତପ୍ତ ; ସ୍ୱାମୀ - ହରେକୃଷ୍ଣ ସେଠୀ
ପୁତ୍ର - ହିମାଂଶୁ, କାଳିନ୍ଦୀ ଓ ସୁଧାଂଶୁ
ପୁତ୍ରବଧୂ, ଦିଅର ଯାଆ, ଝିଅ ଜ୍ୱାଇଁ, ପୁତୁରା ଝିଆରୀ, ନାତି ପରିବାରବର୍ଗ ଓ ପ୍ରିୟଜନ।
ଧ-୫୯୯୨୯

### ଏକାଦଶାହ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଧ୍ରୁବରାଜ ବସନ୍ତରାୟ
ଖଣ୍ଡପଡ଼ା, ଦାଣ୍ଡସାହି
ଆବିର୍ଭାବ: ୨୮ ଏପ୍ରିଲ ୧୯୪୨
ତିରୋଧାନ: ୦୫ ଏପ୍ରିଲ ୨୦୧୯
ଚାହୁଁ ଚାହୁଁ ଦଶଦିନ ବିତିଗଲା। କାହିଁକି କେଜାଣି ଗ୍ରହଣ କରିପାରୁନୁ ସୃଷ୍ଟିର ଏହି ନିଷ୍ଠୁର ସତ୍ୟକୁ। ସ୍ୱଶରୀରରେ ତୁମକୁ ଦେଖିବାତ ଏ ଜନ୍ମରେ ଅସମ୍ଭବ। ତେବେ, ଯେଉଁଠି ଥାଆନ୍ତୁ ଖୁସିରେ ରୁହନ୍ତୁ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଆଶିଷ ଉତ୍ସାହୀ, ଶୋକସନ୍ତପ୍ତ ପରିବାର ଓ ଆତ୍ମୀୟସ୍ୱଜନ। ଧ-୧୨୧୫୪


ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



କୃପଣ ହେଉଛି ପ୍ରକୃତରେ ଦରିଦ୍ର, କାରଣ ପ୍ରାଚୁର୍ଯ୍ୟ ଭିତରେ ବି ସେ ଅନାହାରରେ ଥାଏ।
-ଜନ୍ ଡ୍ରାଇଡେନ୍




## ସଂକ୍ଷେପରେ

### କେପି ସିଂଦେଓ ଅସୁସ୍ଥ

**ଢେଙ୍କାନାଳ ଅଫିସ, ୧୪।୪:** ଢେଙ୍କାନାଳ ଲୋକ ସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବରିଷ୍ଠ କଂଗ୍ରେସ ନେତା କାମାକ୍ଷା ପ୍ରସାଦ ସିଂଦେଓ (କେପି) ଅସୁସ୍ଥ ହୋଇପଡ଼ିଛନ୍ତି। ୨ଦିନ ତଳେ ନିର୍ବାଚନ ପ୍ରଚାର କରୁଥିବାବେଳେ ଅସହ୍ୟ ତାତି ସହି ନ ପାରି ସେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଶରୀରରେ ସୋଡିୟମ୍ ମାତ୍ରା କମିଯିବାରୁ ଏପରି ସମସ୍ୟା ସୃଷ୍ଟି ହୋଇଛି। ହସ୍ପିଟାଲରେ ୩ ଦିନ ରହିବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। ପରୀକ୍ଷା ରିପୋର୍ଟରୁ ତାଙ୍କର ସେଭଳି କୌଣସି ସମସ୍ୟା ନ ଥିବା ଜଣାପଡ଼ିଛି। ରବିବାର କେପିଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିବା ତାଙ୍କ ବଡ଼ପୁଅ ଅମରଜ୍ୟୋତି ସିଂଦେଓ ସୂଚନା ଦେଇଛନ୍ତି।

### ବିଜେଡିରେ ସାଙ୍ଗଠନିକ ଦାୟିତ୍ୱ ବଣ୍ଟନ

**ଭୁବନେଶ୍ୱର, ୧୪।୪(ବ୍ୟୁରୋ):** ସଞ୍ଜୟ ବାବୁ ଓ ସନ୍ତୋଷ ଜେନାଙ୍କୁ ବିଜେଡି ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ସନ୍ତୋଷ ଲେଙ୍କା ବିଜେଡି ମିଡିଆ ପ୍ୟାନେଲିଷ୍ଟ ଭାବେ ମନୋନୀତ ହୋଇଛନ୍ତି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଏହି ନିଯୁକ୍ତି କରାଯାଇଛି।

## ■ ପ୍ରଚଳନ ହେଲା ନୂଆ ପାଞ୍ଜି

# ଚଳିତ ବର୍ଷ ଓଡ଼ିଶାରେ କୃଷି ଉତ୍ପାଦନ ମଧ୍ୟମ

**ପୁରୀ ଅଫିସ, ୧୪।୪**

ସୌରମାନ ମାସ ଅନୁସାରେ ରବିବାର ଓଡ଼ିଆ ବର୍ଷର ପ୍ରଥମ ଦିନ ଏବଂ ମେଷ ମାସର ସଂକ୍ରାନ୍ତି ତଥା ମହାବିଷୁବ ସଂକ୍ରାନ୍ତି ବା ପଣାସଂକ୍ରାନ୍ତି। ଏହିଦିନଠାରୁ ଏକମାସ ପର୍ଯ୍ୟନ୍ତ ସୂର୍ଯ୍ୟଦେବ ମେଷ ରାଶିରେ ଅବସ୍ଥାନ କରିଥାନ୍ତି। ଦୋଳପୂର୍ଣ୍ଣିମାରେ ଦୋଳଗୋବିନ୍ଦଙ୍କ ନିକଟରେ ସମର୍ପଣ ହୋଇଥିବା ପାଞ୍ଜି ଏହି ଦିନଠାରୁ ପ୍ରଚଳନ ଆରମ୍ଭ ହୋଇଛି। ପାଞ୍ଜି ସଂକ୍ରାନ୍ତରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି, ପାଞ୍ଜିରେ ଚଳିତବର୍ଷ ଗ୍ରହମାନଙ୍କ ସ୍ଥିତିକୁ ଲକ୍ଷ୍ୟକଲେ ଜଣାଯାଏ, ୪।୧୧।୨୦୧୯ ସୋମବାର ରାତ୍ରି ୯ଟା ୧୨ ମିନିଟ୍ ସମୟେ ବୃହସ୍ପତି ମୂଳା ନକ୍ଷତ୍ର ଧନୁରାଶିକୁ ଗମନ କରିବେ। ଏ ବର୍ଷ ରାହୁ କେତୁ ଚଳନ ହେବନାହିଁ। ୧୬।୭।୨୦୧୯ ମଙ୍ଗଳବାର ଆଷାଢ଼ ପୂର୍ଣ୍ଣିମା ତିଥିରେ ଖଣ୍ଡଗ୍ରାସ କେତୁଗ୍ରସ୍ତ ଚନ୍ଦ୍ରଗ୍ରହଣ ଅନୁଷ୍ଠିତ ହେବ। ସେହିପରି ୨୬।୧୨।୨୦୧୯ ଗୁରୁବାର ପୌଷ ଅମାବାସ୍ୟା ଦିନ ଖଣ୍ଡଗ୍ରାସ କେତୁଗ୍ରସ୍ତ ସୂର୍ଯ୍ୟୋପରାଗ ଅନୁଷ୍ଠିତ ହେବ। ଏ ବର୍ଷ ରାଜା ହେଉଛନ୍ତି ରବି, ମନ୍ତ୍ରୀ ବୁଧ, ପୁରୋହିତ ଶନି, ଜ୍ୟୋତିଷୀ ମଙ୍ଗଳ, ପରୀକ୍ଷକ ଶୁକ୍ର, ଡଗର ବୃହସ୍ପତି ଓ ଅର୍ଥରକ୍ଷକ ହେଉଛନ୍ତି ବୁଧ। ଧନୁ ରାଶିରେ ବାରମ୍ବାର ପଞ୍ଚ ଏବଂ ଷଡ଼ଗ୍ରହକୂଟ ରହିଛି। ଫଳରେ ଏହା ପୃଥିବୀର ଜନସମାଜ ପ୍ରତି ଶୁଭସୂଚକ ନୁହେଁ। ଶନି, ରାହୁ ପରସ୍ପର ସପ୍ତମ ଭାବରେ ରହୁଥିବାରୁ ପୃଥିବୀର ଉନ୍ନତ ରାଷ୍ଟ୍ରମାନଙ୍କ ମଧ୍ୟରେ ଧ୍ୱଂସର ତାଣ୍ଡବଲୀଳା, ବିସ୍ଫୋରଣ, ରକ୍ତପାତ ଓ ଜନଅସନ୍ତୋଷ ବୃଦ୍ଧି ପାଇବ। ଶନିଦୃଷ୍ଟି ଫଳରେ ଆଫ୍ରିକା ମହାଦେଶର ପୂର୍ବ ଭାଗ ଓ ସଉଦି ଆରବ ଅଞ୍ଚଳରେ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ, ବିସ୍ଫୋରଣ, ଆକାଶଯାନ ଦୁର୍ଘଟଣା ଦେଖାଯିବ। ଭାରତର ସ୍ଥିତିକୁ ଦେଖିଲେ ଚଳିତବର୍ଷ ଖାଦ୍ୟ ସଙ୍କଟ ତଥା ମୂଲ୍ୟବୃଦ୍ଧି ଉତ୍କଟ ହେବ। ବହିର୍ବାଣିଜ୍ୟ ଓ ବୈଦେଶିକ ବ୍ୟାପାର କ୍ଷେତ୍ରରେ ଉନ୍ନତି ଘଟିବ। ଶ୍ରମ, ଶିଳ୍ପ, ଯୋଜନା, ସମନ୍ୱୟ, ଜନକଲ୍ୟାଣ, ପ୍ରତିରକ୍ଷା ଓ ପରିବାର ନିୟୋଜନ ଆଦି କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ। ଅକ୍ଟୋବର ଏବଂ ନଭେମ୍ବରରେ ଦକ୍ଷିଣ ପୂର୍ବ ଉପକୂଳରେ ବାତ୍ୟା, ବନ୍ୟାର ଆଶଙ୍କା ରହିଛି। ସେହିପରି ଓଡ଼ିଶାରେ ଏ ବର୍ଷ କୃଷି ଉତ୍ପାଦନ ମଧ୍ୟମ ହେବ। ନିତ୍ୟବ୍ୟବହାର୍ଯ୍ୟ ପଦାର୍ଥର ମୂଲ୍ୟ ବୃଦ୍ଧି ନେଇ ଜନ ଅସନ୍ତୋଷ ଦେଖାଦେବ। ରାଜ୍ୟର ଅନେକ ସ୍ଥାନରେ ଦୁର୍ନୀତି ଓ ଭ୍ରଷ୍ଟାଚାର ମୁଣ୍ଡ ଟେକିବ। ବହୁକ୍ଷେତ୍ରରେ ଶାସକୀୟ ଦୁର୍ବଳତାର ସୂଚନା ରହିଛି। ରାଜନୈତିକ ଝଡ଼ ବର୍ଷସାରା ଲାଗି ରହିବ। ବାରମ୍ବାର ବିଭାଗ ଅଦଳବଦଳର ସମ୍ଭାବନା ରହିଛି। ବିଭିନ୍ନ ସ୍ଥାନରେ ଅଗ୍ନିଉତ୍ପାତ ଏବଂ ଉତ୍ତର ପୂର୍ବ ଓଡ଼ିଶାରେ ପ୍ରବଳ ବନ୍ୟା, ବାତ୍ୟାର ଆଶଙ୍କା ରହିଛି। ତଥାପି ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ପ୍ରଭୃତି କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ ବୋଲି ଡ. ଦାଶ କହିଛନ୍ତି।

# ଆରପାରିରେ ଶଳାବୁଢାର ସ୍ରଷ୍ଟା କପିଳେଶ୍ୱର

**ସୋନପୁର,୧୪।୪(ନି.ପ୍ର)**



କପିଳେଶ୍ୱର ମହାପାତ୍ର।

ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ଲେଖକ, ସମାଜସେବୀ, ଶଳାବୁଢା ସିନେମାର ସ୍ରଷ୍ଟା କପିଳେଶ୍ୱର ମହାପାତ୍ର ଆଉ ନାହାନ୍ତି। ୮୮ବର୍ଷ ବୟସରେ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକର ଲେହେଡିସ୍ଥିତ ବାସଭବନରେ ଶନିବାର ବିଳମ୍ବିତ ରାତିରେ ତାଙ୍କର ପରଲୋକ ହୋଇଯାଇଛି। ସେ ବହୁ ପ୍ରତିଭାର ଅଧିକାରୀ ଥିଲେ। ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଜଣେ ଭଲ କାହାଣୀ ଲେଖକ ଭାବରେ ତାଙ୍କର ବେଶ ସୁନାମ ରହିଛି। ଆନ୍ତର୍ଜାତୀୟ ପୁରସ୍କାରପ୍ରାପ୍ତ ସିନେମା ଶଳାବୁଢାର ସେ ସ୍ରଷ୍ଟା। ୧୯୩୧ ମସିହାରେ ଜନ୍ମିତ କପିଳେଶ୍ୱର ଜଣେ ଅବସରପ୍ରାପ୍ତ ଶିକ୍ଷକ। ସେ ହୋମିଓପ୍ୟାଥିକ ଡାକ୍ତର ଭାବେ ମଧ୍ୟ ସ୍ଥାନୀୟ ଅଞ୍ଚଳରେ ବେଶ ପରିଚିତ। ଅବସରଗ୍ରହଣ ପରେ ଲେଖାଲେଖି ଓ ସମାଜସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ତାଙ୍କ ଦ୍ୱାରା ଲିଖିତ ଶଳାବୁଢା, ଶଳାବୁଢାର କଥନୀ, ଶଳାବୁଢାର ନାଟ୍ୟ ଦର୍ଶନ ଓ ଶଳାବୁଢାର ଗୀତା ଦର୍ଶନ ପୁସ୍ତକ ପ୍ରକାଶିତ ହୋଇ ଉଚ୍ଚପ୍ରଶଂସିତ ହୋଇଛି। ଓଡିଆ ସିନେମା ଶଳାବୁଢା, ଆଦିମ ବିଚାର, ଶଳାବୁଢାର ବଦଲା ଓ ପାହାଡର ଲୁହର ସେ କାହାଣୀକାର। ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ ପ୍ରଯୋଜକ ସବ୍ୟସାଚୀ ମହାପାତ୍ରଙ୍କର ସେ ବାପା । କପିଳେଶ୍ୱର ନିଜର ଜୀବନବ୍ୟାପୀ ସାଧନା ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ହୋଇଛନ୍ତି । ତାଙ୍କର ୬ ପୁଅ ଓ ୨ ଝିଅ ଅଛନ୍ତି। ମରଶରୀରକୁ ସଂରକ୍ଷିତ କରି ରଖାଯାଇଛି। ପରିବାର ବର୍ଗ ଓ ସମସ୍ତ ପୁଅ ଘରକୁ ଫେରିବା ପରେ ସୋମବାର ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ପରିବାର ପକ୍ଷରୁ ସୂଚନା ଦିଆଯାଇଛି।

# ୧୬ରେ ରୋଡ୍ ଶୋ' କରିବେ ମୋଦି

## କାଉଣ୍ଟର ପାଇଁ ବିଜେଡିର ଯୋଜନା

**ଭୁବନେଶ୍ୱର, ୧୪।୪(ବ୍ୟୁରୋ)**

ଗତ ୪ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଲଗାତର ଭାବେ ଓଡିଶା ଗସ୍ତରେ ଆସିଛନ୍ତି। ଚଳିତ ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ହେବାପରେ ମଧ୍ୟ ମୋଦି ଏବଂ ଶାହ ବାରମ୍ବାର ଓଡିଶା ଆସି ବିଭିନ୍ନ ସଭାରେ ଯୋଗଦେଉଛନ୍ତି। ଗତ ଦେଢ ମାସ ମଧ୍ୟରେ ଉଭୟ ପ୍ରାୟ ୧୦ଥର ରାଜ୍ୟ ଗସ୍ତରେ ଆସିଥିବା ଦେଖିବାକୁ ମିଳିଛି। ଉଭୟଙ୍କ କାର୍ଯ୍ୟକ୍ରମ ମଧ୍ୟ ଲଗାତର ଭାବେ ଚାଲିଛି। ଆସନ୍ତା ୧୬ତାରିଖରେ ପ୍ରଧାନମନ୍ତ୍ରୀ ପୁଣିଥରେ ଓଡିଶା ଆସୁଛନ୍ତି। ଏହି ଅବସରରେ ସେ ସମ୍ବଲପୁର ଗସ୍ତ କରି ସେଠାରେ ଏକ ନିର୍ବାଚନୀ ସଭାରେ ଯୋଗଦେବେ। ସେହିଦିନ ୪ଟାରେ ଭୁବନେଶ୍ୱରଠାରେ ପହଞ୍ଚିବେ। ଏହାପରେ ବିମାନବନ୍ଦର ଠାରୁ ଏକ ବିଶାଳ ରୋଡ ଶୋ'ରେ ବାହାରି ଏୟାରପୋର୍ଟ, ଗଙ୍ଗନଗର, ଓୟୁଏଟି ଏବଂ ଶିରିପୁର ଛକ ଦେଇ ସିଟି ଓମେନ୍ସ କଲେଜ ପାଖରେ ଥିବା ବାମ ପାର୍ଶ୍ୱ ବୁଲି ଶିବ ମନ୍ଦିର ଦେଇ ବରମୁଣ୍ଡା ପଡିଆରେ ପହଞ୍ଚିବେ। ଦଳର ରାଜ୍ୟ ଉପସଭାପତି ସମୀର ମହାନ୍ତି ରବିବାର ଏହି ସୂଚନା ଦେଇଛନ୍ତି । ରୋଡ ଶୋ ପରେ ବରମୁଣ୍ଡା ପଡିଆରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ପ୍ରଧାନମନ୍ତ୍ରୀ ଯୋଗଦେଇ ଉଦ୍‌ବୋଧନ ଦେବେ । ଏହି ଅବସରରେ ଭୁବନେଶ୍ୱର, ପୁରୀ, କଟକ, କେନ୍ଦ୍ରାପଡା, ଜଗତ୍‌ସିଂହପୁର ଲୋକ ସଭା ମଣ୍ଡଳୀ ଅନ୍ତର୍ଗତ ବିଧାନସଭା କ୍ଷେତ୍ରର ସମସ୍ତ କାର୍ଯ୍ୟକର୍ତ୍ତାମାନେ ଯୋଗଦେବେ । ଏହି ରୋଡ ଶୋ ସମୟରେ ପାରମ୍ପରିକ ବାଦ୍ୟ, ପାଇକ ଆଖଡା, ଦଣ୍ଡନାଚ, ସମର କଳା ଆଦି ପ୍ରଦର୍ଶନ କରାଯିବ । ସବୁବର୍ଗର ବ୍ୟକ୍ତିବିଶେଷମାନେ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ଏହି ରୋଡ ଶୋ ଓ ସମାବେଶକୁ ସଫଳ କରିବା ପାଇଁ ସମୀର ଅନୁରୋଧ କରିଛନ୍ତି । ଅନ୍ୟପଟେ ମୋଦିଙ୍କ ଏହି କାର୍ଯ୍ୟକ୍ରମ ଉପକୂଳ ଓଡିଶା ଉପରେ ପ୍ରଭାବ ପକାଇପାରେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ମୋଦିଙ୍କ ଗସ୍ତର ଦିନକ ପରେ ଶାହ ପୁଣି ଓଡିଶା ଗସ୍ତରେ ଆସୁଛନ୍ତି। ଏହାପରେ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନର ପ୍ରଚାର ପାଇଁ ପୁଣିଥରେ ମୋଦି ଓ ଶାହ ରାଜ୍ୟ ଗସ୍ତରେ ଆସିବେ ବୋଲି ଦଳର ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି। ସେହିପରି ମୋଦିଙ୍କ ୧୬ତାରିଖ କାର୍ଯ୍ୟକ୍ରମକୁ କାଉଣ୍ଟର ଦେବା ପାଇଁ ବିଜେଡି ମଧ୍ୟ ସଜବାଜ ହେଉଥିବା ଶୁଣିବାକୁ ମିଳୁଛି।




# ବିଜେଡି ସହ ରହିବି: ଆଶୀର୍ବାଦ

**କଟକ ଅଫିସ,୧୪।୪:** ଚଳିତ ନିର୍ବାଚନରେ ବିଜେଡିକୁ ସମର୍ଥନ ଜଣାଇବେ ଯାଦବ ନେତା ତଥା କ୍ରୀଡ଼ା ସଂଗଠକ ଆଶୀର୍ବାଦ ବେହେରା । ରବିବାର ମଧ୍ୟାହ୍ନରେ ଓସିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ ଏହା ଘୋଷଣା କରିଛନ୍ତି। ଏଥର ସେ ବିଜେଡି ଟିକେଟ ପାଇବା ଆଶାରେ ଥିଲେ ବୋଲି ଚର୍ଚ୍ଚା ହେଉଥିଲା । କିନ୍ତୁ ତାହାକୁ ଆଶୀର୍ବାଦ ଖଣ୍ଡନ କରିଛନ୍ତି । ହେଲେ ତାଙ୍କ ସମର୍ଥନ ଯୋଗୁ ବିଜେଡି ଯାଦବ ଓ କ୍ରୀଡ଼ା ସଂଗଠନ ସହ ସମ୍ପୃକ୍ତ ଭୋଟ ହାତେଇବାରେ ସକ୍ଷମ ହେବ ବୋଲି ଚର୍ଚ୍ଚା ହେଉଛି। ଏନେଇ କଟକ-ବାରବାଟୀ ଆସନର କଂଗ୍ରେସ ପ୍ରାର୍ଥୀ ଇଂ. ମହମ୍ମଦ ମୋକିମ୍ କହିଛନ୍ତି ଯେ, କଟକବାସୀ କଂଗ୍ରେସ ପ୍ରତି ଆସ୍ଥା ରଖିଛନ୍ତି । ଆଶୀର୍ବାଦଙ୍କ ସମର୍ଥନ କୌଣସି ବଡ଼ ଫରକ ପକାଇବ ନାହିଁ। ଭାଜପା ପ୍ରାର୍ଥୀ ସମୀର ଦେ ମଧ୍ୟ ଆଶୀର୍ବାଦଙ୍କ ଘୋଷଣାକୁ ହାଲକା ଭାବେ ଗ୍ରହଣ କରି କୌଣସି ପ୍ରଭାବ ପକାଇବ ନାହିଁ ବୋଲି କହିଛନ୍ତି।

ସୂଚନାଥାଉ କି, ଭାଜପା ପ୍ରାର୍ଥୀ ସମୀର ହେଉଛନ୍ତି ଓଡ଼ିଶା ଅଲିମ୍ପିକ ଆସୋସିଏଶନର ସଭାପତି। ଅଲିମ୍ପିକ ଆସୋସିଏଶନ ଅଧୀନରେ ସମସ୍ତ କ୍ରୀଡ଼ା ସଙ୍ଗଠନ ଅନୁବନ୍ଧିତ । ପୂର୍ବରୁ ଅଲିମ୍ପିକ ଆସୋସିଏଶନର ସମ୍ପାଦକ ପଦବୀରେ ଆଶୀର୍ବାଦ ଥିଲେ । ଏଣୁ କ୍ରୀଡ଼ା ସଙ୍ଗଠନକୁ ବ୍ୟବହାର କରି ଭୋଟ ହାତେଇବା ପାଇଁ ଆଶୀର୍ବାଦ-ସମୀରଙ୍କ ଭିତରେ ଏବେ ଅଙ୍କକଷା ହେବା ନିଶ୍ଚିତ ବୋଲି ଆଲୋଚନା ହେଉଛି।

# ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ ପଚାରିଲା ଭାଜପା, ମୋଦି କେଉଁଥିରେ ଫେଲ୍ କୁହନ୍ତୁ

**ଭୁବନେଶ୍ୱର, ୧୪।୪(ବ୍ୟୁରୋ):** ଜାତୀୟ ଗଣମାଧ୍ୟମ ଆଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅଯୋଗ୍ୟ ବୋଲି କହିଛନ୍ତି । ମୋଦି ଆଉଥରେ ପ୍ରଧାନମନ୍ତ୍ରୀ ନ ହୁଅନ୍ତୁ ବୋଲି ନବୀନ ମତ ରଖିଛନ୍ତି। ଶାସନ କରିବାରେ ମୋଦି ଫେଲ୍ ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କୁ ଭାଜପା ପକ୍ଷରୁ କେତୋଟି ପ୍ରଶ୍ନ ପଚରାଯାଇଛି। ମୋଦି କେଉଁଥିରେ ଫେଲ୍ ହୋଇଛନ୍ତି ସେ ଉତ୍ତର ରଖନ୍ତୁ। ମୋଦି ଓଡିଆରେ ଜୟ ଜଗନ୍ନାଥ କହିଲେ ବୋଲି ନବୀନବାବୁଙ୍କ ଆଖିରେ ଫେଲ୍ ହୋଇଗଲେ କି ବୋଲି ଭାଜପା ପ୍ରଶ୍ନ କରିଛି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ କେବେ ଭାଷଣରେ ଜୟ ଜଗନ୍ନାଥ ବୋଲି କୁହନ୍ତି ନାହିଁ। କମଳା ପୂଜାରୀ, ପ୍ରକାଶ ରାଓ, ହଳଧର ନାଗ, ଦୈତାରି ନାୟକ, ଜିତେନ୍ଦ୍ର ହରିପାଲ, ଗୋବର୍ଦ୍ଧନ ପାଣିକାଙ୍କ ଭଳି ମାଟିର ସନ୍ତାନମାନଙ୍କୁ ପଦ୍ମ ପୁରସ୍କାରରେ ପୁରସ୍କୃତ କରିବା କ'ଣ ମୋଦିଙ୍କ ଭୁଲ୍ ବୋଲି ନବୀନବାବୁ ଭାବୁଛନ୍ତି କି। ମୁଖ୍ୟମନ୍ତ୍ରୀ ଦିନେ ହେଲେ ସେମାନଙ୍କୁ ପଚାରନ୍ତି ନାହିଁ, ମାତ୍ର ମୋଦି ସେମାନଙ୍କୁ ରାଷ୍ଟ୍ରର ସବୁଠାରୁ ବଡ ପୁରସ୍କାରରେ ସମ୍ମାନିତ କଲେ। ସମୀର ଆହୁରି କହିଛନ୍ତି, ମୋଦି ସରକାର ଓଡିଶାରେ ୫୬ ଲକ୍ଷ ପରିବାର ପାଖରେ ପାଇଖାନା ପହଞ୍ଚାଇଲେ, ଦେଶର ୭ କୋଟି ତଥା ଓଡିଶାର ୩୮ ଲକ୍ଷ ଘରେ ଉଜ୍ଜ୍ୱଳା ଗ୍ୟାସ ପହଞ୍ଚାଇ ମା' ଭଉଣୀମାନଙ୍କୁ ଧୂଆଁରୁ ମୁକ୍ତି ଦେଲେ । ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣର ଜବାବ ପ୍ରଧାନମନ୍ତ୍ରୀ ଦେଲେ । ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପରେ ମୁଖ୍ୟମନ୍ତ୍ରୀଙ୍କ ଭାଜପା ପ୍ରତି ଥିବା ଭୟ ଏବେ ୧୦ ଗୁଣ ବଢିଛି । ମୋଦିଙ୍କୁ ଆଉ ଥରେ ପ୍ରଧାନମନ୍ତ୍ରୀ ଭାବେ ବସାଇବା ସହ ରାଜ୍ୟରେ ଡବଲ ଇଞ୍ଜିନ ସରକାର ବସିବ ଏକଥା ସ୍ପଷ୍ଟ ହୋଇଗଲାଣି ବୋଲି ସମୀର କହିଛନ୍ତି।



ତୁମେ ଯାହା ଜାଣିଛ- ତାହା ହିଁ ଯେ ଏକମାତ୍ର ସତ୍ୟ- ଏବଂ ତୁମର ବିଶ୍ୱାସ ଯେ ଏକମାତ୍ର ସତ୍ୟ ଏବଂ ଅନ୍ୟମାନଙ୍କ ଜ୍ଞାନ ଓ ବିଶ୍ୱାସ ସତ୍ୟ ନୁହେଁ- ତୁମେ ଯଦି ଏହିପରି ଭାବୁଥାଅ- ତା'ହେଲେ ତୁମେ ଜାଣ ଯେ, ଅତୀତରେ ବିଭିନ୍ନ ଧର୍ମ ଓ ସଂପ୍ରଦାୟର ଲୋକମାନେ ଯାହା କରୁଥିଲେ- ତୁମେ ତାହା ହିଁ କରୁଛ।

-ଶ୍ରୀମା

# ତତଲା ତାୱା

ରାଫାଲ୍ ଭୂତ କେନ୍ଦ୍ରର ଭାଜପା ସରକାରକୁ ଛାଡ଼ିଯିବାର ଦେଖାଯାଉ ନାହିଁ। ୧୩ ଏପ୍ରିଲ ୨୦୧୯ରେ ଫ୍ରାନ୍ସର ଅନ୍ୟତମ ଜଣାଶୁଣା ଖବରକାଗଜ 'ଲ ମନ୍ଦ' ରିପୋର୍ଟ ପ୍ରକାଶ କରିଛି ଯେ, ଭାରତ ଓ ଫ୍ରାନ୍ସ ମଧ୍ୟରେ ରାଫାଲ୍ ଚୁକ୍ତି ଘୋଷଣା ପରେ ଶିଳ୍ପପତି ଅନିଲ ଅମ୍ବାନୀଙ୍କ ରିଲାଏନ୍ସ କମ୍ୟୁନିକେଶନ୍‌ର ଫ୍ରାନ୍ସରେ ପଞ୍ଜୀକୃତ ସହଯୋଗୀ କମ୍ପାନୀ 'ରିଲାଏନ୍ସ ଆଟ୍‌ଲାଣ୍ଟିକ୍ ଫ୍ଲାଗ୍ ଫ୍ରାନ୍ସ'କୁ ସେଠାକାର ସରକାର ୧୪୩.୭ ନିୟୁତ ୟୁରୋ ଟିକସ ଛାଡ଼ କରିଥିଲା। ଉକ୍ତ ଖବରରୁ ଆହୁରି ଜଣାପଡ଼ିଛି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ୟାରିସ୍‌ରେ ରାଫାଲ୍ ଯୁଦ୍ଧବିମାନ କିଣିବା ସକାଶେ ଘୋଷଣା କରିବାର ୫ ମାସ ପରେ ଅର୍ଥାତ୍ ୨୦୧୫ ଅକ୍ଟୋବରରେ ଫ୍ରାନ୍ସ କର୍ତ୍ତୃପକ୍ଷ ରିଲାଏନ୍ସଠାରୁ ୭.୩ ନିୟୁତ ୟୁରୋ ଗ୍ରହଣ କରି ଟିକସ ମାମଲାର ସମାଧାନ କରିଦେଇଥିଲେ। 'ଲ ମନ୍ଦ'ର ଚାଞ୍ଚଲ୍ୟକର ରିପୋର୍ଟ ମୋଦି ସରକାରଙ୍କ ସହ ଅନିଲଙ୍କ ଘନିଷ୍ଠ ସମ୍ପର୍କର ବିଭିନ୍ନ ଦିଗକୁ ପଦାକୁ ଆଣିଛି।

ରାଫାଲ୍ ଯୁଦ୍ଧବିମାନ କ୍ରୟ ବିବାଦ ଉପରେ ଦୃଷ୍ଟି ପକାଇଲେ ଅନେକ ଜଟିଳ ତଥ୍ୟ ସାମ୍ନାକୁ ଆସୁଛି। ୟୁପିଏ ସରକାର ଅମଳରେ ପ୍ରତିଟି ରାଫାଲ୍ ଯୁଦ୍ଧବିମାନ ୫୨୬ କୋଟି ଟଙ୍କାରେ କିଣାଯିବା ଲାଗି କଥାବାର୍ତ୍ତା ହୋଇଥିବା ଖବର ପ୍ରକାଶ ପାଇଥିଲା। ପରବର୍ତ୍ତୀ ସମୟରେ ଭାଜପା କ୍ଷମତାସୀନ ହେବା ପରେ ଗୋଟିଏ ଯୁଦ୍ଧବିମାନର କିଣା ଦାମ୍ ହଠାତ୍ ବୃଦ୍ଧି ପାଇ ୧୬୭୦ କୋଟି ଟଙ୍କାରେ ପହଞ୍ଚିଥିଲା। କଂଗ୍ରେସ ଅଭିଯୋଗ କରିଛି ଯେ, ଉକ୍ତ ବିମାନର ମୂଲ୍ୟ ବଢ଼ା ଯାଇଥିବାରୁ ଏଥିରେ ବଡ଼ ଧରଣର ଦୁର୍ନୀତି ଘଟିଛି। ଉଲ୍ଲେଖଯୋଗ୍ୟ, ଏହି ଚୁକ୍ତି ବେଳେ ଭାରତର ରାଷ୍ଟ୍ରାୟତ୍ତ ଯୁଦ୍ଧବିମାନ ନିର୍ମାଣକାରୀ ସଂସ୍ଥା ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍) ସହିତ ଫ୍ରାନ୍ସର ଡାସଲ୍ଟ ଆଭିଏଶନ୍ସର ବହୁ ପର୍ଯ୍ୟାୟରେ ଆଲୋଚନା ହୋଇଥିଲା। ହାଲ୍‌ର ଯୁଦ୍ଧବିମାନ ତିଆରିର ଦୀର୍ଘବର୍ଷର ଅଭିଜ୍ଞତା ଥାଇ ମଧ୍ୟ ତରବରିଆ ଏହାକୁ ହଟାଇ ଅଧିକ ଖର୍ଚ୍ଚରେ ଅନିଲଙ୍କ 'ରିଲାଏନ୍ସ ଡିଫେନ୍ସ'କୁ କାମ ମିଳିବା ସ୍ୱାଭାବିକ ଭାବେ ଅନେକ ପ୍ରଶ୍ନ ଉଠାଇଛି। ରିଲାଏନ୍ସ ଡିଫେନ୍ସ କମ୍ପାନୀକୁ ରାଫାଲ୍ ନିର୍ମାତା ଡାସଲ୍ଟ ଆଭିଏଶନ୍ସ କମ୍ପାନୀର ଅଫସେଟ୍ ପାର୍ଟନର ଚୟନ କରାଯାଇଥିବାରୁ ଚୁକ୍ତି ବେଳେ ଆର୍ଥିକ ଅନିୟମିତତା ଘଟିଥିବା କୁହାଯାଉଛି। ସବୁଠାରୁ କୌତୂହଳର ବିଷୟ ଯେ, ରାଫାଲ୍ ଚୁକ୍ତିର ମାତ୍ର ୧୫ ଦିନ ପୂର୍ବରୁ ରିଲାଏନ୍ସ ଡିଫେନ୍ସ ଗଢ଼ି ଉଠିଥିଲା। ଏଭଳିସ୍ଥଳେ ଯୁଦ୍ଧବିମାନ ତିଆରିର ଅଭିଜ୍ଞତା ଅର୍ଜନ କରି ନ ଥିବା କମ୍ପାନୀକୁ ଡାସଲ୍ଟ ଆଭିଏଶନ ଚୟନ କରିବା ବେଳେ ରାଜନୈତିକ ହସ୍ତକ୍ଷେପ ନିଶ୍ଚିତ ଭାବେ ରହିଥିବା ବୁଝିହେଉଛି।

ପ୍ରତିରକ୍ଷା ଦେଶର ଏକ ସମ୍ବେଦନଶୀଳ କ୍ଷେତ୍ର। ମୋଦି ସରକାର ବାରମ୍ବାର ପ୍ରତିରକ୍ଷା କ୍ଷେତ୍ରକୁ ସୁଦୃଢ଼ କରିବାକୁ ଚାହୁଁଥିବା କହିଆସୁଛି। ସେନା ଓ ସୈନ୍ୟଙ୍କୁ ଉପଯୁକ୍ତ ଯୁଦ୍ଧ ସରଞ୍ଜାମ ଯୋଗାଇ ସଶକ୍ତ କରିବାର ସ୍ଲୋଗାନ୍ ଦିଆଯାଉଛି। ଏପରିସ୍ଥଳେ ଅନଭିଜ୍ଞ କମ୍ପାନୀକୁ ମଝିରେ ପୂରାଇ ପ୍ରତିରକ୍ଷା ଖର୍ଚ୍ଚ ବଢ଼ାଇବା ପଛରେ କ'ଣ କାରଣ ଅଛି ତାହା ସମସ୍ତେ ଜାଣିବାକୁ ଇଚ୍ଛୁକ। କେବଳ ସେତିକି ନୁହେଁ, ଗତ କିଛିବର୍ଷ ହେବ ଅନିଲଙ୍କ ବ୍ୟବସାୟିକ ସାମ୍ରାଜ୍ୟ କ୍ଷତିରେ ଚାଲୁଥିବାରୁ ଯେଭଳି ହେଉ ପଛେ ତାଙ୍କୁ ବଞ୍ଚାଇ ରଖିବାକୁ ଯାଇ ତାଙ୍କ 'ରିଲାଏନ୍ସ ଆଟ୍‌ଲାଣ୍ଟିକ୍ ଫ୍ଲାଗ୍ ଫ୍ରାନ୍ସ' କମ୍ପାନୀକୁ ଫ୍ରାନ୍ସ ସରକାର ୧୪୩.୭ ନିୟୁତ ୟୁରୋ ଟିକସ ଛାଡ଼ କରିବାରେ ଭାଜପା ସରକାର ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି ବୋଲି କୁହାଯାଉଛି। ଏଥିରୁ ବୁଝିବାକୁ ହେବ ଯେ, ରିଲାଏନ୍ସ ଡିଫେନ୍ସକୁ ସିଧାସଳଖ ଓ ପରୋକ୍ଷରେ ରିଲାଏନ୍ସ ଆଟ୍‌ଲାଣ୍ଟିକ୍ ଫ୍ଲାଗ୍ ଫ୍ରାନ୍ସକୁ ଆର୍ଥିକ ସୁବିଧା ଦେଇ ଭାଜପା ପକ୍ଷପାତିତାର ନୂଆ ଏକ ଦୃଷ୍ଟାନ୍ତ ସୃଷ୍ଟି କରିଛି। ଯେଉଁ ଦେଶରେ କ୍ରୋନି କ୍ୟାପିଟାଲିଜିମ୍ ବା ସରକାର ଓ ବ୍ୟବସାୟିକ ଗୋଷ୍ଠୀ ମଧ୍ୟରେ ଉତ୍ତମ ସମ୍ପର୍କ ସ୍ଥାପନ ହୋଇଥାଏ, ସେଠାରେ ଦୁର୍ନୀତି ହେବା ଅବଶ୍ୟମ୍ଭାବୀ। ପୂର୍ବରୁ ୟୁପିଏ ସରକାର ବିଭିନ୍ନ ପ୍ରକାର ଦୁର୍ନୀତିରେ ବୁଡ଼ି ରହିଥିବା ଲୋକେ ଅନୁଭବ କରିବା ପରେ ତାକୁ ପ୍ରତ୍ୟାଖ୍ୟାନ କରିଥିଲେ। ମୋଦି ସରକାର ଉପାର ଦୁର୍ନୀତି ବିରୋଧୀ ନାରା ଦେଇ କ୍ଷମତାକୁ ଆସିଥିଲା। ଏବେ ଭାଜପା ସରକାରର ୫ ବର୍ଷର କାରନାମା ଗୋଟିଏ ପରେ ଗୋଟିଏ ଲୋକଲୋଚନକୁ ଆସିଲାଣି। ଏସବୁକୁ ଦେଖିଲେ ଲାଗୁଛି ଯେ, ଭୋଟର ଏବେ ଫୁଟିଲା ପାଣି ଓ ତତଲା ତାୱା ମଝିରେ ଅଟକି ଯାଇଛନ୍ତି।

## ଏଇ ଭାରତରେ

ଗୋଟିଏ ଗାଁରେ ଦୁଇଟି ରାଜ୍ୟର ଲୋକ ବାସ କରୁଛନ୍ତି। ଏ କଥା ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ୍ୟ। ଏପରି ଏକ ଚିତ୍ର ଦେଖିବାକୁ ମିଳିଛି ହରିୟାଣାରେ। କାରଣ ଏହି ଗାଁ ସହିତ ଦୁଇଟି ରାଜ୍ୟର ସୀମା ସଂଲଗ୍ନ ହୋଇରହିଛି। ଗାଁର ଗୋଟିଏ ମୁଣ୍ଡରେ ହରିୟାଣା ରାଜ୍ୟର ଭୋଟର ଥିବାବେଳେ ଅନ୍ୟ ପଟେ ଉତ୍ତରପ୍ରଦେଶ ଭୋଟର ରହିଛନ୍ତି। ଏହା ହେଉଛି ଯମୁନା ନଗର ଅନ୍ତର୍ଗତ ଘୋଡୋ ପିପଲି ଗ୍ରାମ। ଉକ୍ତ ଗାଁରେ ହରିୟାଣାର ୨୫୦ ପରିବାର ବାସ କରୁଥିବାବେଳେ ଉତ୍ତରପ୍ରଦେଶର ୩୫ ପରିବାର ରହୁଛନ୍ତି। ଏଠାରେ ହରିୟାଣା ଭୋଟରଙ୍କ ସଂଖ୍ୟା ୧୪ଶହ ଥିବାବେଳେ ଉତ୍ତରପ୍ରଦେଶର ଭୋଟର ଅଛନ୍ତି ୧୫୦। ଗାଁରେ ୮୦ ପ୍ରତିଶତ ଲୋକ ଗୁଜ୍ଜର ସମ୍ପ୍ରଦାୟର ହୋଇଥିବାବେଳେ ୧୮ ପ୍ରତିଶତ ମଲ୍ଲ ଏବଂ ୨ ପ୍ରତିଶତ ଅନ୍ୟ ସମ୍ପ୍ରଦାୟର ଲୋକ ବାସ କରନ୍ତି। ଗାଁ ଲୋକଙ୍କର ମୁଖ୍ୟ ଜୀବିକା ହେଉଛି ଚାଷ। ସେମାନଙ୍କର ବିଭିନ୍ନ ଅଭାବ ଅସୁବିଧା ଦୂର କରିଥାଆନ୍ତି ଏହି ଦୁଇ ରାଜ୍ୟ। ଏହି ଗାଁର ଲୋକେ ମିଳିମିଶି ସରପଞ୍ଚ ଚୟନ କରନ୍ତି। ଏଠାରେ ଦୁଇ ରାଜ୍ୟ ସରକାରଙ୍କ ପକ୍ଷରୁ ବିକାଶ ମୂଳକ କାର୍ଯ୍ୟ କରାଯାଏ ବୋଲି ସରପଞ୍ଚ ସୁମିତ୍ ସିଂ ସୂଚନା ଦେଇଛନ୍ତି।

## su | do | ku  ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | D | | | | | | | | | B | 1 | C | | 2 |
| 4 | | | 6 | B | | | | | 7 | | | | 0 | |
| | | | | | | E | A | 0 | | | 8 | | | D |
| | 5 | 2 | | 3 | | 9 | | 8 | C | | | | A | |
| | 7 | | | | | | | 4 | | 6 | 3 | | 5 | E |
| | 9 | 4 | 5 | | | | 8 | 2 | | | | | 1 | |
| 3 | C | | | | | | | | | | | | | |
| 7 | | 5 | | 8 | | | | | | | | 9 | | 0 |
| | 8 | | | | | A | 0 | | 9 | | 6 | | | |
| 2 | | | | | | 4 | 6 | | D | | 0 | | | A |
| 5 | | C | | A | | | 7 | | | 0 | | | | 4 |
| | 2 | | | | | | | | 1 | 3 | B | | | |
| | | B | | D | | | | 6 | A | | | | E | |
| | | 7 | 1 | | | | 2 | | | | 4 | D | | C |
| 6 | A | | E | 7 | | | | | | 5 | C | 1 | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 4 | 5 | B | 7 | 1 | 2 | 6 | 3 | A | 0 | E | 8 | 9 | C |
| 3 | B | 1 | 5 | 0 | 9 | E | 7 | D | 8 | 4 | C | 6 | 2 | A |
| 2 | A | 8 | 4 | C | 6 | 0 | 1 | B | 7 | 3 | 9 | E | D | 5 |
| 0 | 6 | 7 | 2 | E | 8 | C | A | 9 | 5 | 1 | D | B | 3 | 4 |
| C | E | 9 | 3 | A | D | 8 | 4 | 5 | 2 | B | 6 | 1 | 0 | 7 |
| E | 3 | 4 | 9 | 6 | 7 | A | 0 | 2 | D | 8 | B | 5 | C | 1 |
| 9 | 2 | 6 | C | 4 | 0 | D | E | 8 | 1 | A | 5 | 7 | B | 3 |
| 1 | 5 | B | 8 | 2 | A | 7 | 9 | 4 | C | E | 3 | D | 6 | 0 |
| 8 | C | D | 1 | 5 | E | 3 | B | 6 | 4 | 7 | 0 | 2 | A | 9 |
| A | 7 | 0 | D | 3 | B | 1 | 5 | C | 6 | 9 | 2 | 4 | E | 8 |
| 7 | 0 | 2 | E | D | 4 | 9 | C | A | B | 5 | 1 | 3 | 8 | 6 |
| 4 | 1 | C | 7 | 8 | 2 | 6 | 3 | E | 9 | D | A | 0 | 5 | B |
| 6 | 8 | A | 0 | B | 3 | 5 | 2 | 7 | E | C | 4 | 9 | 1 | D |
| B | 9 | E | A | 1 | 5 | 4 | D | 0 | 3 | 6 | 8 | C | 7 | 2 |
| 5 | D | 3 | 6 | 9 | C | B | 8 | 1 | 0 | 2 | 7 | A | 4 | E |

ଗତକାଲିର ଉତ୍ତର



ମନ-ମାନଚିତ୍ର

ଡ. ନରହରି ବେହେରା

# ମଣିଷର ମାଙ୍କଡ଼ଡିଆଁ

ମାଙ୍କଡ଼ଡିଆଁ ଶବ୍ଦଟାକୁ ଆଜିକାଲିକା ଥୋକେ ପାଠୁଆ ପିଲା ବୁଝିପାରିବେନି, ଏ କଥା ଆମ୍ଭେ ହଲପ୍ ଦେଇ କହିପାରିବୁ। ତେଣୁ ଆମ୍ଭେ ବେଫିକର କହିରଖୁଛୁ, ମମିମାନେ ଯେମନ୍ତ କୋଡ଼ିଏକୁ ଟ୍ୱେଣ୍ଟି ବୋଲି ବୁଝାଇ ଆତ୍ମତୃପ୍ତିରେ ମୁରୁକୁହିଆ ହସ ହସିଥାନ୍ତି, ତେମନ୍ତ ମାଙ୍କଡ଼ଡିଆଁ ଶବ୍ଦଟାକୁ ଜମ୍ପ୍ ଅଫ୍ ମଙ୍କି ବୋଲି କହି ବୁଝାଇପାରିଲେ ଆମ୍ଭ ଆଇଡିଆଟାକୁ ସେମାନେ ଠିକ୍‌ଭାବେ ହଜମ କରିପାରିବେ। ଏଥର ଆମ୍ଭେ ଅସଲ କଥାଟାକୁ ଓକାଳିବାକୁ ଯାଉଛୁ। ସେଦିନ ମିଲୁ ଆମ୍ଭକୁ ମଗଜ ଗରମ କଲାପରିକା ପ୍ରଶ୍ନଟିଏ ପଚାରିଲା- ସତରେ କ'ଣ ଆମ ପୂର୍ବପୁରୁଷ ମାଙ୍କଡ଼ ଥିଲେ? ପ୍ରଶ୍ନଟାର କି ଉତ୍ତର ଦେବୁ ଭାବିହେଲୁ। ଆମ୍ଭେ ସିନା ବହିରେ ପଢ଼ିଥିଲୁ, କିନ୍ତୁ ମାଙ୍କଡ଼ରୁ ମଣିଷ ହେବାର ଠୋସ୍ ପ୍ରମାଣ ତ ଆମ୍ଭ ପାଖରେ ନାହିଁ। ଆମ ପୂର୍ବପୁରୁଷମାନେ ଯଦି ମାଙ୍କଡ଼ ଥିଲେ, କିଛି ଅନାଡ଼ି ମାଙ୍କଡ଼ କାହିଁକି ମଣିଷ ନ ହୋଇ ସେମିତି ରହିଗଲେ? ସେ ମାଙ୍କଡ଼ ରହିଲେ ବୋଲି ସିନା ଆଜି ଏ ପ୍ରଶ୍ନକୁ ହାବୁଡ଼ିବାକୁ ପଡୁଛି। ଏ ହାଲତରେ ଉତ୍ତର ଖୋଜୁ ଖୋଜୁ ମିଲୁ ପୁଣି ପଚାରିଲା- ଯଦି ମାଙ୍କଡ଼ ଆମର ପୂର୍ବପୁରୁଷ ଥିଲେ, ତେବେ ଆମେ ତାଙ୍କପରି ଡିଆଁ ମାରିପାରୁନୁ କାହିଁକି? ଆମ୍ଭକୁ ଉତ୍ତରଟା ମିଳିଗଲା। ଆମ୍ଭେ ହସିଦେଇ କହିଲୁ- କିଏ କହିଲା, ମଣିଷ ମାଙ୍କଡ଼ଡିଆଁ ମାରିପାରେ ନାହିଁ ବୋଲି? ସେ ଜଳଜଳ ହୋଇ ଆମ୍ଭକୁ ଚାହିଁଲା। ଆମ୍ଭେ ବୁଝିଗଲୁ, ମାଙ୍କଡ଼ ପରି ମଣିଷ ଡେଇଁବାର ସେ ଦେଖିନି, ତେଣୁ କଥାଟାକୁ ଗ୍ରହଣ କରିପାରୁନାହିଁ। ଆମ୍ଭେ ସରଳ ଭାଷାରେ ବୁଝାଇବା ପାଇଁ ଚେଷ୍ଟା କଲୁ- ଡିଆଁଡେଇଁର ମାନସିକତା ଏ ମଣିଷର ରକ୍ତମାଂସରେ ମିଶିଯାଇଛି। ମାଙ୍କଡ଼ ଫଳ ଲୋଭରେ ଏ ଗଛରୁ ସେ ଗଛକୁ ଡେଇଁଥାଏ। ମାତ୍ର ହଜାର ହଜାର ବର୍ଷ ପୂର୍ବରୁ ମାଙ୍କଡ଼ରୁ ମଣିଷ ହୋଇଥିବା ଏ ମଣିଷର ଲୋଭ ଏତେ ବଢ଼ିଯାଇଛି ଯେ, ଦିନରାତି ଚାରିଆଡ଼େ ଖାଲି ମାଙ୍କଡ଼ ପରି ଡିଆଁ ମାରିବାରେ ବ୍ୟସ୍ତ ରହୁଛି। ମଣିଷ ମାଙ୍କଡ଼ ଭଳି ସିନା ଡାଳରୁ ଡାଳକୁ ଡେଇଁପାରିବନି, ମାତ୍ର ସେ ଡେଇଁବାର ଯୋଉ କଳା ହାସଲ କରିଛି ମାଙ୍କଡ଼ଙ୍କ ସାତପୁରୁଷ ବି ତା'ର ଟେର୍ ପାଇପାରିବେନି। ଶାରୀରିକ ଅପେକ୍ଷା ମାନସିକସ୍ତରରେ ମଣିଷ ସବୁବେଳେ ଅନ୍ୟକୁ ପଛରେ ପକାଇ ଡିଆଁ ମାରିବା ପାଇଁ ଯୁଗ ଯୁଗରୁ ଚେଷ୍ଟା କରିଆସିଛି। ଏହାର ଅନେକ ଉଦାହରଣ ଆମ ସମାଜରେ ଦେଖିବାକୁ ମିଳେ।

ପୁଞ୍ଜିଲାଲ ମେହେର ଗୋଟିଏ ମହାବିଦ୍ୟାଳୟର ଅଧ୍ୟକ୍ଷ ହେବା ପାଇଁ ଚେଷ୍ଟା କରିଆସୁଥିଲେ, ମାତ୍ର ତାହା ପୂରଣ ହେଲାନାହିଁ। ଅଧ୍ୟକ୍ଷା ହେଲେ ଅନ୍ୟ ଜଣେ ଅଧ୍ୟାପିକା। ବାବୁ ମେହେରଙ୍କର ପିତ୍ତ ଉଠିଗଲା। ଧରିନେଲେ, ଚୌକି ଡେଇଁବାକୁ ହେଲେ ଏ ଅଧ୍ୟାପିକାଙ୍କୁ ହଟାଇବାକୁ ପଡ଼ିବ। ଅଧ୍ୟାପିକାଙ୍କ ପୁଅ ବାହାଘରକୁ ବୋମା ପାର୍ସଲ ପଠାଇ ତାଙ୍କ ବଂଶ ନିପାତ କରିବାକୁ ଚେଷ୍ଟା କଲେ। ଭଗବାନ ରକ୍ଷା କଲେ ବୋଲି ଅଧ୍ୟାପିକା ବଞ୍ଚିଗଲେ। ଚୌକିରୁ ଚୌକିକୁ ଡେଇଁବାର ପୁଞ୍ଜୀଭୂତ ଆଶା ମଉଳିଗଲା ପୁଞ୍ଜିଲାଲଙ୍କର। ଚୌକି ତ ମିଳିଲା ନାହିଁ, ଏବେ ମୁଠେ ମୁଠେ ହଳଦିଆ ଭାତ ମିଳୁଛି। ମଣିଷ ଉପରକୁ ଡିଆଁ ମାରିବାର ଲାଳସା କେତେ ମାରାତ୍ମକ, ତାହା ଏହି ଘଟଣା ସୂଚାଇଦିଏ।

ନିର୍ବାଚନ ପାଖେଇ ଆସିଲେ ନେତାମାନଙ୍କର ଏହି ମାଙ୍କଡ଼ଡିଆଁର ଅନେକ ଦୃଶ୍ୟ ଦେଖିବାକୁ ମିଳେ। ଚୌକି ଲୋଭରେ ସେମାନେ ଯେମିତି ଉଦଣ୍ଡିଆ ହୋଇ ଏ ଦଳରୁ ସେ ଦଳକୁ ଡିଆଁ ମାରନ୍ତି ତାହା ଦେଖିଲେ ମନେହୁଏ, ସତେଯେମିତି ଡିଆଁ ମାରିବାର ଷୋଳକଳା ଏମାନେ ମାଙ୍କଡ଼ଙ୍କଠାରୁ ନେଇ ଆସିଛନ୍ତି। ଯୋଉ ତୁଣ୍ଡରେ ବିରୋଧୀ ଦଳକୁ ସଉତୁଣୀ ପରିକା ବର୍ଷ ବର୍ଷ ଧରି ଗାଳି ଦେଉଥାନ୍ତି, ରାତିକ ଭିତରେ ସେହି ଦଳକୁ କୁଦାମାରି ପ୍ରଶଂସାରେ ସେମାନଙ୍କୁ ପୋତିପକାନ୍ତି। ଆମପରି ଭକୁଆ ମଣିଷ ସେ ତୁଣ୍ଡ ଆଉ ମୁଣ୍ଡକୁ ଖାଲି ଦେଖୁଥାନ୍ତି। ଏହି ଡିଆଁ ମୂଳରେ ଅଛି କେବଳ କ୍ଷମତାର ଲୋଭ। ଏ କଥା ସତ ଯେ, ଉପରକୁ ଡେଇଁବାର ଲାଳସା ମଣିଷର ଅନ୍ତର୍ନିହିତ ଗୁଣ। ଏହି ଗୁଣ ମଣିଷକୁ ଆଗକୁ ନେବା ପାଇଁ ପ୍ରେରଣା ଦିଏ। କିନ୍ତୁ ଏ ଲାଳସା ଯେତେବେଳେ ଲୋଭ, କ୍ରୋଧ ଓ ପ୍ରତିହିଂସାରେ ପରିଣତ ହୁଏ, ସେତେବେଳେ ପରିସ୍ଥିତି ଭୟଙ୍କର ହୋଇପଡ଼େ। ଦୁଇ ବୁଢ଼ା ହନୁ ଲଢ଼େଇ କଲେ ସେଠାକାର ଗଛଲଟା ସବୁକିଛି ଯେମିତି ନଷ୍ଟ ହୋଇଯାଏ, ସେମିତି ଥରେ ଏ ଲଢ଼େଇ ଆରମ୍ଭ ହେଲେ ଧନଜୀବନ ସବୁ ବିପନ୍ନ ହୋଇଯାଏ। ଏବେ ଘସିପୁରାର ପୂର୍ବତନ ବିଧାୟକଙ୍କୁ ଯେପରି ନୃଶଂସ ଭାବେ ହତ୍ୟା କରାଯାଇଛି, ତାହା ଏହି ଡିଆଁଡେଇଁ ପ୍ରବୃତ୍ତିର ହିଂସ୍ରରୂପର କରୁଣ ପରିଣତିକୁ ସୂଚାଇ ଦେଉଛି।

କ୍ଷମତା, ଭୂମି, ନାରୀ ପ୍ରଭୃତି ଲାଭ ପାଇଁ ଅନ୍ୟକୁ ଅତିକ୍ରମ କରିବା ଲାଗି ଅନେକ ଘଟଣା ପୁରାଣ ଇତିହାସରେ ଭରି ରହିଛି। ଅନେକ ସମୟରେ ଡିଆଁ ମାରୁ ମାରୁ ଏହି ପୁରୁଷମାନେ ଶେଷରେ ମାଟି କାମୁଡ଼ି ପଡ଼ିଥିବାର ନଜିର ମଧ୍ୟ ଅଛି। ରାଜ୍ୟରୁ ପାଞ୍ଚଖଣ୍ଡ ଗାଁ ଦେଇଥିଲେ କଥା ସରିଥାନ୍ତା। ମାତ୍ର ଏକଛତ୍ରବାଦୀ ହେବା ନିଶାରେ ଦୁର୍ଯ୍ୟୋଧନ କେବଳ ଡେଇଁବାରେ ଲାଗିଲେ। ଏହାର ଶେଷ ପରିଣତି ହେଲା ସବଂଶ ନାଶ। ଜାର୍ ଦ୍ୱିତୀୟ ନିକୋଲାସ ଥିଲେ ବିଶାଳ ଭୂଖଣ୍ଡର ଶାସକ। ସେ ସବୁବେଳେ ଅଧିକ କ୍ଷମତା ଏବଂ ସାମ୍ରାଜ୍ୟର ବିସ୍ତାର ପାଇଁ ଅହରହ ଯୁଦ୍ଧ ଏବଂ କ୍ରୂରତାକୁ ଆୟୁଧ କରି ଡିଆଁ ମାରିଲେ। ତେଣୁ ବିଦ୍ରୋହର ନିଆଁ ଜଳିଲା। ବିଦ୍ରୋହୀମାନେ ତାଙ୍କୁ ହତ୍ୟାକରି ଦେହଟାକୁ ଖଣ୍ଡ ଖଣ୍ଡ କରିଦେଲେ। ସେହିପରି ନିଜର ପ୍ରଭୁତ୍ୱ ଜାହିର କରିବା ଉଦ୍ଦେଶ୍ୟରେ ଖାଲି ଡେଇଁବାକୁ ଲାଗିଥିଲେ ହିଟ୍‌ଲର। ନିଜ ଅହଂକାରକୁ ପ୍ରତିଷ୍ଠା କରିବା ପାଇଁ ଦ୍ୱିତୀୟ ବିଶ୍ୱଯୁଦ୍ଧର ସେ ମହାନାୟକ ସାଜିଥିଲେ। ଉଚ୍ଚକୁ ଡେଇଁବାକୁ ଚେଷ୍ଟା କରୁଥିବା ଏ ହିଟ୍‌ଲର ଶେଷରେ ପଟାସିୟମ୍ ସାୟାନାଇଡ୍ ଖାଇ ଆତ୍ମହତ୍ୟା କଲେ। ତାଙ୍କର ଏତେ ଡିଆଁଡେଇଁରୁ କେବଳ ରକ୍ତପାତ ଓ ହତାଶାବୋଧ ହିଁ ସାର ହେଲା।

ବିଶ୍ୱରେ ନିଜ ସାମ୍ରାଜ୍ୟର ପରିସର ବୃଦ୍ଧି କରିବା ପାଇଁ ଆଲେକ୍‌ଜାଣ୍ଡାର ରାଜ୍ୟରୁ ରାଜ୍ୟକୁ ଡେଇଁ ବୁଲିଲେ। ଏ କ୍ଷମତାର ଲୋଭ ତାଙ୍କୁ ଏମିତି ଅନ୍ଧ କରିଦେଲା ଯେ ଅହର୍ନିଶ ସେ ଯୁଦ୍ଧରେ ମାତି ରହିଲେ। ସେ ଯେତେବେଳେ ଜ୍ୱରାକ୍ରାନ୍ତ ହୋଇ ନିଜର ଅନ୍ତିମ ମୁହୂର୍ତ୍ତକୁ ଅନୁଭବ କରିପାରିଲେ, ସେତେବେଳେ ସମଗ୍ର ବିଶ୍ୱ ତାଙ୍କୁ ଅନ୍ତଃସାରଶୂନ୍ୟ ମନେହେଲା। ଅତ୍ୟନ୍ତ ହତାଶାବୋଧରେ ସେ ସମସ୍ତଙ୍କୁ କହିଲେ- 'ଆସିଥିଲି ଖାଲି ଗଲି ଖାଲି ହାତେ।' ଯେତେ ଡେଉଁଛ ଡେଉଁଥାଅ, ମୁକୁଟ ପିନ୍ଧିବା ପାଇଁ ନରହତ୍ୟା, ଗଣହତ୍ୟା ଯେତେ ବହପ ଦେଖାଉଥାଅ, ଶେଷରେ ଏହି ଖାଲିହାତରେ ଯିବାକୁ ପଡ଼ିବ- ଏହି ମହାସତ୍ୟକୁ ସେ ଉଖାରିଦେଲେ ସମସ୍ତଙ୍କ ଆଗରେ।

ଶ୍ରୀରାମଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ଅବସରରେ ରାଜ୍ୟରେ ଭୋଜିଭାତର ଆୟୋଜନ ହେଉଥାଏ। ପଙ୍‌କ୍ତି ଭୋଜନର ଗୋଟିଏ ପାର୍ଶ୍ୱରେ ବସିଥାନ୍ତି ମାଙ୍କଡ଼ ଦଳ। ଗୋଟିଏ ଛୁଆ ମାଙ୍କଡ଼ ହାତରୁ ଶିମ୍ବ ମଞ୍ଜିଟିଏ ଛିଟିକି ପଡ଼ିଲା। ସାଧାରଣ ଶିମ୍ବ ମଞ୍ଜିର ଏତେ ବହପ ଯେ ସେ ଡେଇଁପଡ଼ିବ! ଛୁଆ ମାଙ୍କଡ଼କୁ ଏ କଥା ବହୁତ ବାଧିଲା। ସେ କୁଦା ମାରିଲା। ପାଖରେ ବସିଥିବା ଟୋକା ମାଙ୍କଡ଼କୁ ଛୁଆ ମାଙ୍କଡ଼ର ବଡ଼ପଣିଆ ଭଲ ଲାଗିଲା ନାହିଁ। ସେ ଛୁଆ ମାଙ୍କଡ଼ଠୁ ଅଧିକ ଆଗକୁ ଡେଇଁଲା। ଏହାପରେ ଚାଲିଲା ଡିଆଁଡେଇଁ କସରତ। କେହି ନିଜ ଅହଂକାରକୁ ଛାଡ଼ିଲେ ନାହିଁ। ମାଙ୍କଡ଼ମାନେ ଡିଆଁଡେଇଁ କରିବାରୁ ସବୁ ଖାଦ୍ୟ ନଷ୍ଟ ହୋଇଗଲା। ସମସ୍ତେ ଉପାସ ରହିଲେ ସିନା ମାତ୍ର ଡିଆଁଡେଇଁ ବନ୍ଦ ହେଲାନାହିଁ। ଏବେ ଆଧୁନିକ ମଣିଷର ଏ ମାଙ୍କଡ଼ଡିଆଁକୁ ଲକ୍ଷ୍ୟ କଲେ ମନେହେଉଛି, ସତେଯେମିତି ତ୍ରେତୟା ଯୁଗର ସେହି ମାଙ୍କଡ଼ମାନଙ୍କ ଡିଆଁ ମାରିବାର ପ୍ରବୃତ୍ତିଟାକୁ ଏ ମଣିଷ ନିଜ ଜିନ୍‌ରେ ଧରି ଜନ୍ମ ନେଇଛି। ସେହି ମାଙ୍କଡ଼ମାନଙ୍କର ତୁଚ୍ଛା ଅହମିକାକୁ ପୁଞ୍ଜିକରି ଆଜିପର୍ଯ୍ୟନ୍ତ ମଣିଷ ଡେଉଁଛି, ଖାଲି ଡେଉଁଛି। ଏ ଡିଆଁର ଶେଷ ନାହିଁ କି ଦୁଃଖଯନ୍ତ୍ରଣାର ଅନ୍ତ ନାହିଁ। ମଣିଷଠାରେ ମାଙ୍କଡ଼ ପ୍ରବୃତ୍ତିର ଏହାଠାରୁ ବଡ଼ ପ୍ରମାଣ ଆଉ କ'ଣ ଅଛି? ହେ ସୁଧୀଜନେ, ଅନ୍ୟକୁ ଧରାଶାୟୀ କରିବା ପାଇଁ ଆଉ କେତେଦିନ ତୁଚ୍ଛା ଅହମିକାକୁ ଧରି ଏମିତି ଡେଉଁଥିବେ? କାଳ ପରା ଆମକୁ ଚାହିଁଛି!

ବାସୁଦେବବାସ୍ୟମ୍, ଜଗନ୍ନାଥବିହାର, ବାଇପାସ୍, ଭଦ୍ରକ, ମୋ-୭୯୭୮୯୦୩୫୦୯



ଉପେନ୍ଦ୍ର ବିଶ୍ୱାଳ

# ମିଠାଫଳ ଓ ବିଷମଞ୍ଜି

ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ରରେ ବହୁ ପ୍ରତୀକ୍ଷିତ ଉଣେଇଶର ଏ ପରୀକ୍ଷା। ନିର୍ଣ୍ଣାୟକ ଏ ନିର୍ବାଚନରେ ନିହିତ ଭାରତର ଭାଗ୍ୟ ଓ ଭବିଷ୍ୟତ। ପାକିସ୍ତାନ, ଚାଇନା ସମେତ ଦେଶବିରୋଧୀ ଶକ୍ତିଗୁଡ଼ିକ ଅତି ଉତ୍କଣ୍ଠାର ସହିତ ପ୍ରତୀକ୍ଷା କରିଛନ୍ତି ପରିଣାମକୁ। ସ୍ୱାଭାବିକ ଭାବେ ସେମାନେ କେବେ ଚାହିଁବେ ନାହିଁ ଭାରତରେ ଏକ ସ୍ଥିର, ସ୍ୱଚ୍ଛ ଓ ବଳିଷ୍ଠ ସରକାର ଶାସନ କରୁ। କାରଣ ଦୁର୍ବଳ, ଅସ୍ଥିର ଓ ଦୁର୍ନୀତିଖୋର ସରକାରଟିଏ ରହିଲେ ତାଙ୍କ ପାଇଁ ସୁବିଧା ହେବ। ଏଣୁ ସାମ୍ପ୍ରତିକ ସ୍ଥିତିରେ ଦେଶ ପାଇଁ ଲୋଡ଼ା ଏକ ଦୃଢ଼ମନା, ଦୂରଦୃଷ୍ଟିସମ୍ପନ୍ନ ଶାସକ। ଲୋଡ଼ା, ଅତ୍ୟନ୍ତ ପରିଶ୍ରମୀ ଓ ପରୀକ୍ଷିତ ବ୍ୟକ୍ତିତ୍ୱ, ଯାହାଙ୍କର ଥିବ ରାଷ୍ଟ୍ର ପ୍ରତି ଅଙ୍ଗୀକାରବଦ୍ଧତା, ପ୍ରଚଣ୍ଡ ଦେଶଭକ୍ତି ଓ କୌଣସି ସମାଲୋଚନାକୁ ଖାତିର ନ କରି କିଛି କରି ଦେଖାଇବାର ଦୃଢ଼ ମାନସିକତା। ଏଣୁ ଆମର ଗୋଟିଏ ଗୋଟିଏ ଭୋଟ, ସମାଜ ଓ ରାଷ୍ଟ୍ର ପାଇଁ ଅତୀବ ମୂଲ୍ୟବାନ। ଆମର ମୂଲ୍ୟବାନ ଭୋଟଖଣ୍ଡିକ ଉପରେ ନିର୍ଭର କରୁଛି ରାଷ୍ଟ୍ରର ସୁରକ୍ଷା ଓ ସମୃଦ୍ଧି, ଗୌରବ ଓ ଗରିମା। ଲେଶମାତ୍ର ଲୋଭ ଓ ଲାଭର ଶିକାର ନ ହୋଇ ବିବେକକୁ ଜାଗ୍ରତ କରାଇବାକୁ ହେବ। ଠିକ୍ ନିଷ୍ପତ୍ତି ନେବାକୁ ହେବ। ଭୋଟ ଦେବା ପୂର୍ବରୁ ସ୍ୱଚ୍ଛ ହୃଦୟରେ ନିଜ ଅନ୍ତରାତ୍ମାକୁ ପଚାରିବା ଉଚିତ, ମୁଁ ଦେଶକୁ ଧୋକା ଦେଉନି ତ? ମିଥ୍ୟା ଆଶ୍ୱାସନାରେ ଭଳି ଭୁଲ୍ ନିଷ୍ପତ୍ତି ନେବା ଆତ୍ମଘାତୀ ସଦୃଶ। ଆମର ଭୁଲ୍ ନିଷ୍ପତ୍ତି ମାନେ ଭାରତବିରୋଧୀ ଶକ୍ତିକୁ ସମର୍ଥନ। ଜାତି, ଧର୍ମ, ଦେଶର ସ୍ୱାର୍ଥ ପାଇଁ ଧାଇ ପାନ୍ନା ନିଜର ବାଳୁତ ପୁତ୍ରକୁ ସମର୍ପି ଦେବାକୁ ପଛାଇ ନ ଥିଲେ। ବିଧର୍ମୀ, ଦେଶବିରୋଧୀ ଶକ୍ତିକୁ ସହାୟତା କରିଥିବା ଯୋଗୁ ଦେବଗଡ଼ର ସେନାପତିଙ୍କୁ ନବବିବାହିତା ସ୍ତ୍ରୀଜଣକ ମଧ୍ୟ ହତ୍ୟା କରିଥିଲେ। ପ୍ରଥମେ ଦେଶର ସ୍ୱାର୍ଥ, ତା' ପରେ ବ୍ୟକ୍ତିସ୍ୱାର୍ଥ। ବ୍ୟକ୍ତିଗତ ଶତ୍ରୁତା ଥିଲେ ବି ରାଷ୍ଟ୍ରୀୟ ସ୍ୱାର୍ଥ ଦୃଷ୍ଟିରୁ ଶତ୍ରୁକୁ ମଧ୍ୟ ଭୋଟ ଦେବା ଉଚିତ। ମିତ୍ର ହେଲେ ବି ରାଷ୍ଟ୍ରର ସ୍ୱାର୍ଥବିରୋଧୀ ହୋଇଥିଲେ ତାଙ୍କୁ ବର୍ଜନ କରାଯିବା ଉଚିତ। ପ୍ରଚଣ୍ଡ ଅଧ୍ୟାତ୍ମବାଦୀ ଓ ଶିବଭକ୍ତ ଥିଲେ ମଧ୍ୟ ରାଷ୍ଟ୍ରଦ୍ରୋହୀ ଜୟଚନ୍ଦ୍ର କ'ଣ ସମର୍ଥନଯୋଗ୍ୟ?

ଏପରି ବ୍ୟକ୍ତିଙ୍କୁ ଚୟନ କରିବା, ଯିଏ କି ଲୋଭୀ ନ ଥିବ କି ଭୋଗୀ ନ ଥିବ। ସ୍ୱାଭିମାନକୁ ସାଥୀ କରି ସରଳ ଜୀବନ ଜିଉଁଥିବ। ଉଚ୍ଚ ବିଚାର ଓ ସେବା ମନୋଭାବ ରହିଥିବ। ନିର୍ଦ୍ଧନ ହେଲେ ମଧ୍ୟ ପବିତ୍ର ହୃଦୟ ଥିବା ସଚ୍ଚୋଟ ବ୍ୟକ୍ତିମାନଙ୍କୁ ଆମେ ପ୍ରାଧାନ୍ୟ ଦେବା ଉଚିତ। କାରଣ ଏମାନେ ମଣିଷ ସମାଜର ଗୋଟିଏ ଗୋଟିଏ ଅମୂଲ୍ୟ ରତ୍ନ। ମନେପଡ଼େ ବିଶ୍ୱର ବିଶିଷ୍ଟ ବିଦ୍ୱାନ୍ ପ୍ଲାଟୋଙ୍କ ସୁଚିନ୍ତିତ ପରାମର୍ଶ- ''ଶାସକ ହେବାକୁ ଖୁବ୍ ଚାହୁଁଥିବା ଲୋକଙ୍କୁ ଶାସନର ଡୋରି ଦିଆ ନ ଯାଇ, ଆଦୌ ଚାହୁଁ ନ ଥିବା ଲେଖକ ଅବା ଦାର୍ଶନିକ ଅବା ଯୋଗୀମାନଙ୍କୁ ଦିଆଗଲେ ସମାଜର ମଙ୍ଗଳ ସାଧିତ ହେବ।'' ମିଠାଫଳ ଖାଇବାକୁ ହେଲେ ମିଠାଗଛର ଚାରା ହିଁ ରୋପଣ କରିବାକୁ ହୁଏ। ବିଷମଞ୍ଜି ବୁଣି ଅମୃତଫଳ ଆଶା କରିବା ନିରର୍ଥକ। ସୁସ୍ଥ ସମାଜଟିଏ ପାଇବାକୁ ହେଲେ ସଜ୍ଜନମାନଙ୍କୁ ଚୟନ କରିବା ଉଚିତ। ଦୁଷ୍ଟାତ୍ମାମାନେ କ୍ଷମତା ପାଇଲେ, ସମାଜ ବିଷାକ୍ତ ହୋଇଉଠିବ। ଭ୍ରଷ୍ଟ ବ୍ୟକ୍ତିଙ୍କ ମନୋଲୋଭା କଥାରେ ଭାସିଯାଇ ଆମେ ଭୁଲ୍ ନିଷ୍ପତ୍ତି ନେଉଥିବା ଯୋଗୁ ସମାଜରେ ଦୁର୍ଗତି ବଢ଼ି ବଢ଼ି ଚାଲିଛି। ଛବିରାଣୀଙ୍କଠାରୁ ଅଞ୍ଜନା, ଇତିଶ୍ରୀଠାରୁ ବେବିନାଙ୍କ ଭଳି ନାରୀରତ୍ନମାନେ ନାନାଦି ନିର୍ଯ୍ୟାତନାର ଶିକାର ହେଉଛନ୍ତି। କୁହାଯାଏ ପୃଥିବୀ ଏକ ଭୟଙ୍କର ସ୍ଥାନ, ଯେଉଁମାନେ ଖରାପ କାମ କରନ୍ତି ସେମାନଙ୍କ ପାଇଁ ଯେତିକି ନୁହେଁ, ସେମାନଙ୍କୁ ପ୍ରତିରୋଧ ନ କରି ପରୋକ୍ଷରେ ପ୍ରୋତ୍ସାହିତ କରୁଥିବା ବ୍ୟକ୍ତିମାନଙ୍କ ପାଇଁ। ବେଶ୍ ଭଲ ସଂଖ୍ୟାରେ ଥିବା ଭଲ ଲୋକଙ୍କ ଉଦାସୀନତାର ସୁଯୋଗରେ ଅଳ୍ପ ସଂଖ୍ୟାରେ ଥିବା ଦୁଷ୍ଟ ଲୋକମାନେ ସମାଜକୁ ଉତ୍ପୀଡ଼ନ କରିଥାନ୍ତି। ଶିକ୍ଷିତ, ସଚେତନ ବ୍ୟକ୍ତିମାନେ ଭୋଟଦାନରୁ ବିରତ ରହି ପରୋକ୍ଷରେ ଅଯୋଗ୍ୟ ବ୍ୟକ୍ତିମାନଙ୍କୁ ଜିତାଇବାରେ ସହଯୋଗ କରିଥାଆନ୍ତି। ଆମଠି ଉପଲବ୍ଧ ଥିବା ଶ୍ରେଷ୍ଠ ବିକଳ୍ପକୁ ଚୟନ ନ କରି 'ନୋଟା'ର ଉପଯୋଗ କରିବା ଅଦୂରଦର୍ଶିତାର ପରିଚୟ ବୋଲି ମନେ ହୁଏ। ନିର୍ବାଚନ ମାନେ ହିଁ ତ ଶ୍ରେଷ୍ଠ ଚୟନ। ନିର୍ବାଚନ ମାନେ ନୁହେଁ ନୀରବତା ଅବା ନିଷ୍ପତ୍ତିର ନିର୍ବାସନ।

ଭୋଟର ଥରେ ହୁଡ଼ିଲେ ପୁଣି ୫ବର୍ଷକୁ ଅପେକ୍ଷା। ଏଣୁ ବୁଝି ବିଚାରି ସମୁଚିତ ନିଷ୍ପତ୍ତି ନେବା ନିହାତି ଆବଶ୍ୟକ। ସ୍ୱାର୍ଥାନ୍ଧ, ଦୁରାଚାରୀମାନଙ୍କୁ ଭୋଟ ମାଧ୍ୟମରେ କ୍ଷମତାସୀନ କଲେ ସମାଜକୁ ସେମାନେ କଣ୍ଟକିତ କରି ଚାଲିବେ। ଭଗବାନରୂପୀ ଭୋଟରମାନଙ୍କୁ ତ କ୍ଷମତା ଆଶାୟୀମାନେ ଗୁହାରି କରିବେ। କାକୁସ୍ଥ ହୋଇ ଭୋଟ ଭିକ୍ଷା କରିବେ। ମାତ୍ର ବୁଝି ବିଚାରି ଭୋଟ ନ ଦେଲେ ସମାଜ ସତ୍ୟାନାଶକୁ ସାମ୍ନା କରିବ।

ଏବେ ଆମ ସାମ୍ନାରେ ଦୁଇଟି ରାସ୍ତା। ଠିକ୍ ନିଷ୍ପତ୍ତି ନେଇ ଗୋଟିଏକୁ ବାଛିବା। ସମାଜକୁ ସଜାଡ଼ିବା ନା ବିଗାଡ଼ିବା? ସୁନ୍ଦର ସମାଜଟିଏ ଲୋଡ଼ା ନା ଅସୁନ୍ଦର, ଅନାଚାରଭରା ସମାଜ? ଦେଶର ସୁରକ୍ଷା, ସମୃଦ୍ଧି ନା ବିପତ୍ତି? ସ୍ଥିର ବଳିଷ୍ଠ ସରକାର ନା ଦୁର୍ବଳ ଅସ୍ଥାୟୀ ସରକାର? ସଚ୍ଚୋଟ, ଦେଶପ୍ରେମୀ ବ୍ୟକ୍ତିମାନଙ୍କୁ ସମର୍ଥନ କରିବା ନା ଦୁର୍ଗତିର କାରଣ ସାଜିଥିବା ଦେଶ ବିରୋଧୀ ଶକ୍ତିମାନଙ୍କୁ? ମିଠାଫଳ ପାଇଁ ବିଷମଞ୍ଜି ବୁଣିବା ଉଚିତ କି? ସତ୍ୟ, ଧର୍ମ ଓ ନ୍ୟାୟର ଜୟ ହେଉ। ମଙ୍ଗଳମୟ, ମଞ୍ଜୁଳ ହେଉ ଆମ ଭବିଷ୍ୟତ ଭାରତ।

ମୋ- ୯୪୩୭୪୩୬୦୭୩,
upendrabiswal05@gmail.com

# ଖୁବ୍ ଭଲ ହୋଇଛି

ଗନ୍ଧର୍ବସେନ ରଣା

ଈଶ୍ୱର ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ। ଏହାକୁ ନେଇ ରହିଛି ଏକ ରୋଚକ କାହାଣୀ। ଅରବିନ୍ଦନଗରର ରାଜା ଶୁକଦେବ ଖୁବ୍ ସଚ୍ଚୋଟ, ଦୟାଳୁ ଓ ପରୋପକାରୀ। ତାଙ୍କର ମନ୍ତ୍ରୀ ସୁମତି ଖୁବ୍ ବୁଦ୍ଧିମାନ ଓ ଚରିତ୍ରବାନ। ହେଲେ ତାଙ୍କର ଗୋଟାଏ ଅଭ୍ୟାସ ହେଉଛି- ଯାହା ବି ଘଟୁ 'ଭଲ ହୋଇଛି' ବୋଲି କୁହନ୍ତି।

ଥରେ ରାଜା ଶିକାରକୁ ଯିବାବେଳେ ଘୋଡ଼ାରୁ ଖସି ଗୋଡ଼ ଖଣ୍ଡିଆ ହୋଇଗଲା। ମନ୍ତ୍ରୀ ଦେଖି ଭଲ ହୋଇଛି ବୋଲି କହିଲେ। ରାଜା ଏହାଦ୍ୱାରା ନିଜକୁ ଅପମାନିତ ମନେକଲେ ଏବଂ ମନ୍ତ୍ରୀଙ୍କୁ ବନ୍ଦୀଶାଳାରେ ରଖି ଜଙ୍ଗଲକୁ ଶିକାର କରିବାକୁ ଚାଲିଗଲେ। ମନ୍ତ୍ରୀ ସେଇଠି ବି କହିଲେ ଭଲ ହୋଇଛି।

ଜଙ୍ଗଲରେ ରାଜା ଦସ୍ୟୁମାନଙ୍କ ହାବୁଡ଼ରେ ପଡିଗଲେ। ସେମାନେ ରାଜାଙ୍କୁ ବଳି ଦେବାକୁ ସ୍ଥିର କରି ଜଙ୍ଗଲର ଠାକୁରାଣୀଙ୍କ ପାଖକୁ ନେଇଗଲେ। ରାଜାଙ୍କୁ ପୂଜାର୍ଚ୍ଚନା କରି ଦୁଇଟି ପଥର ମଝିରେ ମୁଣ୍ଡକୁ ରଖିଲେ। ଜଣେ ଖଣ୍ଡା ଉଠାଇ ହାଣିବା ପାଇଁ ଗଲାବେଳେ ଦେଖିଲା ରାଜାଙ୍କ ପାଦ ଖଣ୍ଡିଆ ହୋଇଛି। ଠାକୁରାଣୀ ଘାଉଡ଼ ହୋଇଥିବା ଲୋକର ବଳି ଖାଆନ୍ତି ନାହିଁ ଭାବି ଛାଡିଦେଲେ। ରାଜା କିଛିଦିନ ପରେ ଜଙ୍ଗଲରୁ ବୁଲି ବୁଲି ଆସି ପହଞ୍ଚିଲେ ଅରବିନ୍ଦନଗରରେ। ସେଠି ଜାଣିବାକୁ ପାଇଲେ ତାଙ୍କ ସହ ଯାଇଥିବା ସିପାହିମାନେ ଦସ୍ୟୁମାନଙ୍କ ଦ୍ୱାରା ନିହତ ହୋଇଛନ୍ତି। ଏହାପରେ ସେ ମନ୍ତ୍ରୀଙ୍କୁ ବନ୍ଦୀଶାଳାରୁ ବାହାର କରିଆଣି କ୍ଷମା ମାଗିଲେ। ଆଉ କହିଲେ- ଗଲାବେଳେ ମୁଁ ଘୋଡ଼ାରୁ ପଡିବାରୁ ଗୋଡ଼ ଖଣ୍ଡିଆ ହୋଇଯାଇଥିଲା। ସେଇଥିପାଇଁ ମୁଁ ଆଜି ବଞ୍ଚିକରି ଆସିଲି। ଆଉ ଆଜି ହିଁ ଜାଣୁଛି ପ୍ରକୃତରେ ଭଗବାନ ଯାହା କରନ୍ତି ମଙ୍ଗଳ ପାଇଁ। ଆଜିଠାରୁ ମୁଁ ମଧ୍ୟ କହିବି, ହଁ! ଯାହା ହୋଇଛି ଭଲ ହୋଇଛି। ମନ୍ତ୍ରୀ କହିଲେ, ଆପଣ ମୋତେ ବି ଯଦି ବନ୍ଦୀ କରି ନ ଥାନ୍ତେ ଓ ମୁଁ ଆପଣଙ୍କ ସହ ଯାଇଥାନ୍ତି, ତେବେ ଆପଣଙ୍କ ବଦଳରେ ସେମାନେ ମୋତେ ବଳି ପକାଇ ଦେଇଥାନ୍ତେ।

ଏମ.ଏ.୫୩, ଜିଜିପି କଲୋନୀ, ରସୁଲଗଡ଼, ଭୁବନେଶ୍ୱର

## ଚିରନ୍ତନୀ

''ଜଳି ଉଠୁ ଦୀପ୍ତି ତାର ଢାଳି ଦେଇ
ଦୂରେ ବହୁ ଦୂରେ
''ପ୍ରତି ପ୍ରତିବିମ୍ବ ତାର ଫୁଟୁ ବିଶ୍ୱ-
ମାନସ -ମୁକୁରେ। (ମହାଦୀପ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଆମ ସମସ୍ୟା

### ସଂସ୍କୃତ ଓ ହିନ୍ଦୀ ଶିକ୍ଷକ ଯୋଗାଇ ଦିଆଯାଉ

ମହାଶୟ,

ସ୍କୁଲ ଓ ଗଣଶିକ୍ଷା ବିଭାଗ ଗୁଣାତ୍ମକ ଶିକ୍ଷା ନିମନ୍ତେ ଅନେକ ଯୋଜନା କରୁଛି। ସେଥିଲାଗି ପ୍ରଭୂତ ପରୀକ୍ଷା ନିରୀକ୍ଷା ଚାଲିଛି। ଅଜସ୍ର ଟଙ୍କା ଖର୍ଚ୍ଚ ହେଉଛି। ହେଲେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡିକରେ ସଂସ୍କୃତ, ହିନ୍ଦୀ ଶିକ୍ଷକ ନିଯୁକ୍ତି ଦେଉନାହାନ୍ତି। ଛାତ୍ରୀଛାତ୍ର ଅଷ୍ଟମରୁ ଉତ୍ତୀର୍ଣ୍ଣ ହେବା ପରେ ନବମ ଶ୍ରେଣୀରେ ଗୋଟିଏ ବିଷୟ ବାଧ୍ୟତାମୂଳକ ହେଉଥିବାରୁ ଏହି ବିଷୟ ସେମାନଙ୍କ ଲାଗି ଗୁରୁତ୍ୱପୂର୍ଣ୍ଣ। ଅନ୍ୟ ଶିକ୍ଷକ ମଧ୍ୟ ଏହି ବିଷୟ ପଢ଼ାଇବା ସମ୍ଭବ ନୁହେଁ। ତେଣୁ ସରକାର ବିଚାର କରନ୍ତୁ।

ସୁଧାଂଶୁ କୁମାର ଗୌଡ଼, ଭଞ୍ଜନଗର

### ଏମିତି ଆମ ସ୍ୱଚ୍ଛ ଭାରତ

ଧରିତ୍ରୀ (୧୨।୩)ର ୧୪ ପୃଷ୍ଠାରେ ପଢ଼ିଲି ଗଣ୍ଡପାଣି ପିଉଛନ୍ତି 'ରେପୁର ପାଟଣାବାସୀ'। ଏହି ଗ୍ରାମଟି ପୋତାନଈ ପଞ୍ଚାୟତ ଅଧୀନରେ ଆସୁଛି। ମୋ ଜାଣିବାରେ ପୋତାନଈ ଗ୍ରାମଟି ଓଡ଼ିଶା ତଥା ଦେଶକୁ ଦେଇଛି ଅନେକ ସ୍ୱନାମଧନ୍ୟ ଡାକ୍ତର ଓ ଅନେକ ବୁଦ୍ଧିଜୀବୀ। କିନ୍ତୁ ସେମାନେ ବୋଧହୁଏ ଆଉ ଗ୍ରାମକୁ ଆସୁନାହାନ୍ତି, ଯେଉଁଥିପାଇଁ ଏ ସମସ୍ୟାର ସମାଧାନ ହୋଇପାରୁନାହିଁ। କେବଳ ସରକାରଙ୍କ ଉପରେ ନିର୍ଭର କଲେ ହେବନାହିଁ। ଏହାର ସମାଧାନ ନିଜେ କରନ୍ତୁ ଏବଂ ସରକାର ତଥା ସ୍ଥାନୀୟ ନେତାମାନଙ୍କୁ ଦେଖେଇଦିଅନ୍ତୁ କିମ୍ବା ଆନ୍ଦୋଳନ କରି ଏ ଅଞ୍ଚଳରେ ନେତାଙ୍କୁ ପ୍ରବେଶ କରିବାକୁ ଦିଅନ୍ତୁ ନାହିଁ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସାପ୍ତାହିକ ପଞ୍ଜିକା

୭- ମାଳଦ୍ୱୀପ ସାଧାରଣ ନିର୍ବାଚନରେ ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ନଶିଦଙ୍କ ଦଳକୁ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ମିଳିଛି।

୮- ଓଡ଼ିଶା ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ଛୁଟିରେ ଥିବାରୁ ସେ ଫେରିବା ପର୍ଯ୍ୟନ୍ତ ବରିଷ୍ଠ ଆଇପିଏସ୍ ଅଫିସର ବିଜୟ କୁମାର ଶର୍ମା ରାଜ୍ୟର ଡିଜିପି ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି।

୯- ମହିଳାମାନେ ଯେକୌଣସି ସ୍ଥାନରୁ ନିର୍ଯ୍ୟାତନା ମାମଲା ଦାଏର କରିପାରିବେ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି।

୧୦- କେରଳର ୱାୟନାଡ୍ ପରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଉତ୍ତରପ୍ରଦେଶର ଅମେଠିରୁ ପ୍ରାର୍ଥୀପତ୍ର ଦାଖଲ କଲେ।

୧୨- ଇଲେକ୍ଟୋରାଲ ବଣ୍ଡରେ ସଂଗୃହୀତ ଚାନ୍ଦାର ବିବରଣୀ ଦେବାକୁ ସୁପ୍ରିମ୍‌କୋର୍ଟ ଦଳଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି।

### ଦୋହେଲପଡା ଗାଁରେ ଗୋଷ୍ଠୀ ସଂଘର୍ଷ

# ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ସମେତ ୧୧ ଗୁରୁତର

ଖଡିଆଳ,୧୪।୪(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ଥାନା ଦୋହେଲପଡା ଗାଁରେ ରବିବାର ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି । ଏଥିରେ ପୂର୍ବତନ ବ୍ଲକ ଅଧକ୍ଷ କେଶବ ବେହେରାଙ୍କ ସମେତ ୧୧ଜଣ ଗୁରୁତର ଥିବା ଜଣାପଡିଛି । ପୂର୍ବତନ ବ୍ଲକ ଅଧକ୍ଷଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରାୟପୁର ସ୍ଥାନାନ୍ତର କରାଯାଇ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ଜଣାପଡିଛି । ପ୍ରାଥମିକ ତଦନ୍ତ ଅନୁସାରେ କମେଣ୍ଟମରା ଏବଂ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଗୋଷ୍ଠୀ ସଂଘର୍ଷ ହୋଇଥିବା ପୋଲିସ କହିଛି । ଏ ନେଇ ଖଡିଆଳ ପୋଲିସ ୨ଟି ପୃଥକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି । ମିଳିଥିବା ଖବର ଅନୁସାରେ କୌଣସି ଏକ କାରଣକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ କଥା କଟାକଟି ପରେ ଗୋଷ୍ଠୀ ସଂଘର୍ଷ ରୂପ ନେଇଥିଲା । ଗୋଟିଏ ପଟେ ପୂର୍ବତନ ବ୍ଲକ ଅଧକ୍ଷ କେଶବ, ତାଙ୍କ ଭାଇ ପୂର୍ଣ୍ଣ ବେହେରା ଓ ଭାସ୍କର ବେହେରା, ସଦାନନ୍ଦ ବେହେରା ଏବଂ ସାନପୁଅ ସୁରେନ୍ଦ୍ର ବେହେରା ରହିଥିଲେ । ଅନ୍ୟ ଏକ ଗେଷ୍ଠୀରେ ରୁଦ୍ର ବେହେରା, ଲିଙ୍ଗରାଜ ବେହେରା, ବୀରବଳ ବେହେରା, ମମତାଞ୍ଜଳି ବେହେରା ଏବଂ ସଜନା ବେହେରା ପ୍ରମୁଖଙ୍କ ମଧ୍ୟରେ ମୁହାଁ ମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା । ପ୍ରଥମେ ପୂର୍ବତନ ବ୍ଲକ ଅଧକ୍ଷଙ୍କ ଗୋଷ୍ଠୀଙ୍କୁ ଅତର୍କିତ ଭାବେ ଟେକାପଥର ମାଡରେ ଆକ୍ରମଣ କରାଯାଇଥିଲା। ପରବର୍ତ୍ତି ସମୟରେ ଗୋଷ୍ଠୀ ସଂଘର୍ଷର ରୂପ ନେଇଥିଲା । ଟେକାପଥର ମାଡରେ ଉଭୟ ଗେଷ୍ଠୀ ଲହୁଲୁହାଣ ହୋଇଥିବା ଜଣାପଡିଛି ।

# ରାଇସ୍ ମିଲ୍‌ରେ ଶ୍ରମିକଙ୍କ ମୃତ୍ୟୁ ନେଇ ଉତ୍ତେଜନା

ବାହାନଗା, ୧୪।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡ଼ାସ୍ଥିତ ଦୁର୍ଗା ରାଇସ୍ ମିଲ୍‌ରେ ଶନିବାର ଜଣେ ଶ୍ରମିକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ଦେଖାଦେଇଛି । କ୍ଷତିପୂରଣ ଦାବିରେ ପରିବାର ଲୋକ ଓ ମିଲ୍‌ର ଅନ୍ୟ ଶ୍ରମିକମାନେ ରବିବାର ୧୬ ନମ୍ବର ଜାତୀୟ ରାଜପଥରେ ମୃତଦେହ ରଖି ଘଣ୍ଟାଏ କାଳ ଅବରୋଧ କରିଥିଲେ। ପୋଲିସ ରାଇସ୍ ମିଲ୍‌ର ମାଲିକଙ୍କ ନିଜ ହେପାଜତରେ ଥାନାକୁ ଆଣି ଲୋକଙ୍କ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। କିଛିଟା ଦାବି ପୂରଣ ହେବାରୁ ରାସ୍ତା ଅବରୋଧ ହଟିଥିଲା। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି। ବିଦ୍ୟୁତ ଆଘାତରେ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଶୁଣାଯାଉଛି । ମୃତ ଶ୍ରମିକ ହେଲେ ମନ୍ମଥ ବାରିକ। ତାଙ୍କ ଘର ବସ୍ତା ଥାନା ହଳଦୀପଦା ନିକଟସ୍ଥ ମଲ୍ଲିସାହି ଗ୍ରାମରେ ଖନ୍ତାପଡ଼ାଠାରେ ଥିବା ଦୁର୍ଗା ରାଇସ୍‌ମିଲ୍‌ରେ ଶନିବାର ରାତିରେ ଶ୍ରମିକମାନଙ୍କ ସହିତ ମନ୍ମଥ ମଧ କାମ କରୁଥିଲେ। ସେ ହଠାତ୍ ମେଶିନ୍‌ରେ ବିଦ୍ୟୁତ୍ ଆଘାତ କାରଣରୁ ତଳେ ପଡ଼ିଯାଇ ଚେତାଶୂନ୍ୟ ହରାଇଥିଲେ ବୋଲି ଅନ୍ୟ ଶ୍ରମିକମାନେ କହିଛନ୍ତି। ଘଟଣା ସମ୍ପର୍କରେ ଶ୍ରମିକମାନେ ସଙ୍ଗେ ସଙ୍ଗେ ମିଲ୍ ମାଲିକ ମଧୁ ପୃଷ୍ଟିଙ୍କୁ ଖବର ଦେଇଥିଲେ। ତେବେ ମାଲିକ ପହଞ୍ଚି ମନ୍ମଥଙ୍କୁ ପ୍ରଥମେ ଖନ୍ତାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ଡାକ୍ତର ମନ୍ମଥଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ମନ୍ମଥଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକେ ୧୬ ନମ୍ବର ଜାତୀୟ ରାଜପଥ ଉପରେ ଶବ ରଖି ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରିଥିଲେ। ହେଲେ ମାଲିକ ୫ଲକ୍ଷ ଟଙ୍କା ଦେବା ପାଇଁ ରାଜି ହୋଇଥିଲେ। ଖନ୍ତାପଡ଼ା ଥାନା ପୋଲିସ ମାଧ୍ୟମରେ ମାଲିକ ସଙ୍ଗେ ସଙ୍ଗେ ପରିବାର ଲୋକଙ୍କୁ ୨୦ ହଜାର ଟଙ୍କା ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ବିଦ୍ୟୁତ୍ ଆଘାତରେ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା କୁହାଯାଉଥିବା ବେଳେ ମାଲିକ ଏହାକୁ ଖଣ୍ଡନ କରିଛନ୍ତି।



ଉତ୍ୟକ୍ତ ଲୋକମାନେ ଜାତୀୟ ରାଜପଥ ଅବରୋଧ କରିଛନ୍ତି।

### କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ଅବରୋଧ

## ବାଇକ ଦୁର୍ଘଟଣା, ଜଣେ ମୃତ

ଉଲୁଣ୍ଡା, ୧୪।୪(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ତେଲେଣ୍ଡାରୁ ଉଲୁଣ୍ଡାକୁ ସଂଯୋଗ କରିଥିବା ରାସ୍ତାର ଧୁଲଧୁଲା ଗ୍ରାମ ନିକଟରେ ରବିବାର ଏକ ବାଇକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ତେଲଣ୍ଡା ଗ୍ରାମର ପୂର୍ବତନ ସରପଞ୍ଚ ଲକ୍ଷ୍ମଣ ମିଶ୍ରଙ୍କ ପୁଅ ପଞ୍ଚାନନ ମିଶ୍ର (୨୯) । ସୂଚନା ଅନୁସାରେ ପଞ୍ଚାନନ ତାଙ୍କର ଜଣେ ବନ୍ଧୁଙ୍କ ସହିତ ବାଇକ ନଂ ଓଡି-୩୧ଡି-୮୭୬୪ ଯୋଗେ ଉଲୁଣ୍ଡା ପଟରୁ ନିଜ ଘରକୁ ଦିନ ପ୍ରାୟ ୧ଟା ସମୟରେ ଫେରୁଥିବା ବେଳେ ଧୁଲଧୁଲା ନିକଟରେ ଭାରସାମ୍ୟ ହରାଇ ଏକ ତାଳ ଗଛରେ ପିଟି ହୋଇ ଯାଇଥିଲେ । ପରେ ଘଟଣାସ୍ଥଳରୁ ପଞ୍ଚାନନଙ୍କୁ ଗୁରୁତର ଅବସ୍ଥାରେ ଦମକଳ ବାହିନୀ ଉଦ୍ଧାର କରି ଉଲୁଣ୍ଡା ଡାକ୍ତରଖାନାକୁ ଆଣିଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଆହତ ଜଣକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଉଲୁଣ୍ଡା ପୋଲିସ ଜବତ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଏଏସଆଇ ଅଭିମନ୍ୟୁ ରଥ ସୂଚନା ଦେଇଛନ୍ତି।

## ସନ୍ତୋଷ ଟ୍ରଫି ଫାଇନାଲ ରାଉଣ୍ଡ: ଓଡ଼ିଶା ବିଦା

କଟକ ଅଫିସ,୧୪।୪: ପଞ୍ଜାବର ଲୁଧିଆନାସ୍ଥିତ ଗୁରୁନାନକ ଷ୍ଟାଡିୟମରେ ଚାଲିଥିବା ୭୩ତମ ଜାତୀୟ ସିନିୟର ପୁରୁଷ ଫୁଟବଲ ଚାମ୍ପିୟନଶିପ ସନ୍ତୋଷ ଟ୍ରଫିର ଫାଇନାଲ ରାଉଣ୍ଡରୁ ଓଡ଼ିଶା ବିଦା ହୋଇଛି । ପ୍ରତିଯୋଗିତାର ପ୍ରଥମ ୩ଟି ଯାକ ମ୍ୟାଚ୍‌ରେ ଓଡ଼ିଶା ପରାଜିତ ହୋଇଛି । ରବିବାର ମ୍ୟାଚ୍‌ରେ ଦଳ ୧-୨ ଗୋଲରେ ଗୋଆଠାରୁ ହାରିଛି। ପୂର୍ବରୁ ୨-୩ ଗୋଲରେ ମେଘାଳୟଠାରୁ ଓ ୦-୨ ଗୋଲରେ ସର୍ଭିସେସ ଠାରୁ ପରାସ୍ତ ହୋଇଥିଲା । ୧୬ ତାରିଖରେ ଦିଲ୍ଲୀ ବିପକ୍ଷରେ ସୌଜନ୍ୟମୂଳକ ଭାବେ ଅନ୍ତିମ ଫାଇନାଲ ରାଉଣ୍ଡ ମ୍ୟାଚ୍ ଖେଳିବ। ପ୍ରଥମାର୍ଦ୍ଧରେ ଗୋଆ ପକ୍ଷରୁ ୨ଟି ଗୋଲ ସ୍କୋର ହୋଇଥିଲା । ୧୪ତମ ମିନିଟରେ ଜସେଲ କାର୍ନିରିଓ ଓ ୧୭ତମ ମିନିଟରେ ସାର୍ନିଓ ଫର୍ନାଡେସ ଗୋଟିଏ ଲେଖାଏ ଗୋଲ ଦେଇଥିଲେ । ଦ୍ୱିତୀୟାର୍ଦ୍ଧରେ ୮୭ତମ ମିନିଟରେ ଓଡ଼ିଶା ଗୋଟିଏ ଗୋଲ ସୁଝିବାକୁ ସକ୍ଷମ ହୋଇଥିଲା । ଅରବିନ ଲାକ୍ରା ଉକ୍ତ ଗୋଲ ସ୍କୋର କରିଥିଲେ । ପରବର୍ତ୍ତୀ ସମୟରେ କୌଣସି ଗୋଲ ନ ହେବା ଯୋଗୁ ଓଡ଼ିଶା ପରାଜୟ ବରଣ କରିଛି ।

## କ୍ରିକେଟ ଦଳ ଚୟନ ପ୍ରକ୍ରିୟାକୁ କୋର୍ଟରେ ଚ୍ୟାଲେଞ୍ଜ

ନୂଆଦିଲ୍ଲୀ, ୧୪।୪ (ପି.ଟି.): ଜୋନାଲ ଓ ଜାତୀୟସ୍ତର ଟୁର୍ନାମେଣ୍ଟ ପାଇଁ ଦିଲ୍ଲୀ ଓ ଜିଲା କ୍ରିକେଟ ଆସୋସିଏଶନ (ଡିଡିସିଏ) ପକ୍ଷରୁ ୧୫ ଜଣିଆ ଦଳ ଘୋଷଣା କରାଯାଇଛି। ମାତ୍ର ଚୟନ ପକ୍ରିୟାକୁ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ଖେଳାଳି ଚୟନ ବେଳେ ବେନିୟମ କାର୍ଯ୍ୟ ହୋଇଛି ବୋଲି ଆବେଦନକାରୀ ଅରୁଣ ହାମରୋଲ ଦର୍ଶାଇଛନ୍ତି ଦଳ ମନୋନୟନ ପାଇଁ ଡିଡିସିଏର କ୍ରିକେଟ କମିଟି ୩ ଜଣିଆ ସିଲେକ୍ସନ କମିଟି ଗଠନ କରିଥିଲା। ଟ୍ରାଏଲରେ ଭାଗ ନେବା ଲାଗି ୨୦୧୮ ଅକ୍ଟୋବର ୧ ଏବଂ ୨୦୧୮ ଅକ୍ଟୋବର ୫ ମଧ୍ୟରେ ୩ଟି ପୃଥକ୍ ପୃଥକ୍ ଦିବସରେ ବହୁସଂଖ୍ୟାରେ ଯୁବ ଖେଳାଳିଙ୍କୁ ଡକାଯାଇଥିଲା। ପ୍ରତ୍ୟେକଙ୍କୁ ସେମାନଙ୍କ ଦକ୍ଷତା ଓ ସାମର୍ଥ୍ୟ ପ୍ରତିପାଦନ କରିବା ଲାଗି ମାତ୍ର ଏକ ମିନିଟ ସମୟ ଦିଆଯାଇଥିଲା। ସିଲେକ୍ସନ କମିଟି ଅକ୍ଟୋବର ୧୬ରେ ୧୫ଜଣିଆ ଚୂଡ଼ାନ୍ତ ତାଲିକା ପ୍ରକାଶ କରିଥିଲା।

# ସ୍ୱଚ୍ଛ, ଅବାଧ ନିର୍ବାଚନ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୧୪।୪(ବ୍ୟୁରୋ)

ସାରା ରାଜ୍ୟରେ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ପକ୍ଷରୁ ସବୁପ୍ରକାର ପଦକ୍ଷେପ ନିଆଯାଉଛି। ରାଜ୍ୟର ବିଭିନ୍ନ ଜିଲାରେ ଏବେ ସୁଦ୍ଧା ୧୩,୩୪୩ ଜାମିନବିହୀନ ଗିରଫ ପରୱାନା ଜାରି କରାଯାଇଛି। ସିଆର୍‌ପିସି ୧୦୭/୧୧୦ ଧାରା ଅନୁଯାୟୀ ୫୪,୯୨୧ ଜଣଙ୍କୁ ଅଟକ ରଖାଯାଇଛି। ୫,୧୭୭ ଲାଇସେନ୍ସପ୍ରାପ୍ତ ବନ୍ଧୁକ ସଂପୃକ୍ତ ଜିଲା ପ୍ରଶାସନରେ ଜିମା ଦିଆଯାଇଛି। ଲାଇସେନ୍ସ ନ ଥିବା ୨୩୨ ଅସ୍ତ୍ରଶସ୍ତ୍ର ଏବଂ ୧୪୩୩.୦୩୨ କିଲୋଗ୍ରାମ୍ ବିସ୍ଫୋରକ ଦ୍ରବ୍ୟ ଜବତ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୧୨୭୯୭୮.୩୧୫ ବଲ୍କ ଲିଟର ମଦ ଜବତ କରାଯାଇଥିବା ଜଣାପଡିଛି। ଏହି ମଦର ଆନୁମାନିକ ମୂଲ୍ୟ ପ୍ରାୟ ୩,୫୧,୮୯,୧୭୭ ଟଙ୍କା ହେବ ବୋଲି ଆକଳନ କରାଯାଇଛି।

ଓଡ଼ିଶା ପୋଲିସ ଏବଂ ଫ୍ଲାଇଂ ସ୍କ୍ୱାଡ୍ ଦ୍ୱାରା ୨,୯୭, ୨୫୦ ଟଙ୍କା ଜବତ କରାଯାଇଛି। ଆଦର୍ଶ ଆଚରଣବିଧି ଉଲ୍ଲଂଘନ କରୁଥିବା ୩୨,୭୪,୮୪୧ ପୋଷ୍ଟରକୁ ହଟାଯାଇଛି। ବ୍ୟକ୍ତିଗତ ମାଲିକାନାରେ ଲାଗିଥିବା ୨,୮୨, ୧୯୮ ହୋର୍ଡିଂ ଓ ପୋଷ୍ଟର ଆଦିକୁ ମଧ ବାହାର କରିଦିଆଯାଇଛି। ରାଜ୍ୟସ୍ତରରେ ଖୋଲାଯାଇଥିବା ନିୟନ୍ତ୍ରଣ କକ୍ଷ ଟେଲିଫୋନ୍ ନଂ. ୦୬୭୪-୨୩୯୫୦୧୫କୁ ବର୍ତ୍ତମାନ ସୁଦ୍ଧା ୮୩୫ଟି କଲ୍ କରାଯାଇ ବିଭିନ୍ନ ସୂଚନା ମିଳିଛି। ସି-ଭିଜିଲ୍ ଆପ୍ ଦ୍ୱାରା ୧୨୯୩ ଅଭିଯୋଗ ଗ୍ରହଣ କରାଯାଇ ୧୨୨୬ଟିର ସମାଧାନ କରାଯାଇଛି।

**ପୂର୍ବ ତଟ ରେଳପଥ**

**ରେଲ୍‌ଓ୍ୱେ ରିକ୍ରୁଟମେଣ୍ଟ୍ ସେଲ୍**

ଅଧକ୍ଷଙ୍କ କାର୍ଯ୍ୟାଳୟ, ଦ୍ୱିତୀୟ ମହଲା, ସାଉଥ୍ ବ୍ଲକ୍, ରେଳ ସଦନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା-751017

**ସାଙ୍କେତିକ ସୂଚନା**

ଗୁଡ୍‌ସ ଗାର୍ଡ୍, କମର୍ସିଆଲ୍ କମ୍ ଟିକଟ କ୍ଲର୍କ, ଜୁନିଅର କ୍ଲର୍କ କମ୍ ଟାଇପିଷ୍ଟ, ଟେକ୍ନିସିଆନ୍-III, କନିଷ୍ଠ ଯନ୍ତ୍ରୀ/ଟ୍ରାକ୍ ମେସିନ୍, କନିଷ୍ଠ ଯନ୍ତ୍ରୀ (ସିଭିଲ୍ ଇଞ୍ଜିନିୟରିଂ, ମେକାନିକାଲ, ଇଲେକ୍ଟ୍ରିକାଲ୍, ସଙ୍କେତ ଓ ଦୂରସଞ୍ଚାର ନିମନ୍ତେ) ରେ 310 ସଂଖ୍ୟକ ପଦବୀ ପୂରଣ କରିବା ନିମନ୍ତେ ସାଧାରଣ ବିଭାଗୀୟ ପ୍ରତିଯୋଗିତାମୂଳକ ପରୀକ୍ଷା **(GDCE)** ବିଜ୍ଞପ୍ତି ତା **15.04.2019** ରିଖରେ ଜାରି କରାଯାଇଛି । ଏହି ବିଜ୍ଞପ୍ତି ରେଲ୍‌ଓ୍ୱେ ରିକ୍ରୁଟମେଣ୍ଟ ସେଲ୍ (RRC) ୱେବ୍‌ସାଇଟ : **rrcbbs.org.in** ରେ ପ୍ରସାର ଏବଂ ଅପଲୋଡ କରିଦିଆଯାଇଛି। ପୂର୍ବ ତଟ ରେଳପଥ ପ୍ରଶାସନ ଅଧିନରେ ନିୟମିତ ଭିତ୍ତିରେ ସେବାରତ ରେଳ କର୍ମଚାରୀମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ବିସ୍ତୃତ ବିବରଣୀ ତଥା ଅନ୍‌ଲାଇନ ମାଧ୍ୟମରେ ସେମାନଙ୍କର ଆବେଦନ ପତ୍ର ଦାଖଲ କରିବା ନିମନ୍ତେ ରେଲ୍‌ଓ୍ୱେ ରିକ୍ରୁଟମେଣ୍ଟ ସେଲ୍ (RRC) ୱେବ୍‌ସାଇଟ : **rrcbbs.org.in** କୁ ଅବଲୋକନ କରନ୍ତୁ।

ଆବେଦନର ଅନ୍‌ଲାଇନ୍ ପଞ୍ଜିକରଣ ତା **15.04.2019**ରିଖ ଠାରୁ ଆରମ୍ଭ ହେବ

ଅନ୍‌ଲାଇନ୍ ଆବେଦନ ଦାଖଲ କରିବାର ଅନ୍ତିମ ତାରିଖ : ତା **14.05.2019** ରିଖ

**PR-27/K/19-20** ଅଧକ୍ଷ, ରେଲ୍‌ଓ୍ୱେ ରିକ୍ରୁଟ୍‌ମେଣ୍ଟ୍ ସେଲ୍, ଭୁବନେଶ୍ୱର

**GOVT. OF INDIA**
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
Plot No. C/71, Sector-7, CDA, Cuttack-753014
FORM NO.ITCP- 1
**NOTICE OF DEMAND TO THE CERTIFICATE DEBTORS**
(See Rule 2 of the Second Schedule as referred to in section 29 of the Recovery of Debts due to Banks & Financial Institutions Act,1993 )
**R. P. No.066/2018/CTC**
(Arising out of OA No. 236 of 2015) **Next Date: 02.05.2019**

**Bank of India, Jeypore Branch,** Main Road, At/PO: Jeypore, Dist- Koraput, PIN- 764001 . **Certificate Holder Bank**
Vs.
**M/s Sai Prasad Enterprises & another** **Certificate Debtors**
To
1. **M/s Sai Prasad Enterprises,** Main Road, At/PO: Jeypore, Dist-Koraput, PIN- 764001 . **(Represented through its proprietor, Shri Pradeep Kumar Biswal)**
2. **Sri Pradeep Kumar Biswal,** S/o-Sri Parshuram Biswal, Prasad Rao Peta, Jeypore, Dist- Koraput, PIN- 764001 .

Take notice that Certificate arising out of **OA No.236 of 2015** issued by the Hon'ble Presiding Officer, Debts Recovery Tribunal, Cuttack under Section 19(22) of the Recovery of Debts due to Banks and Financial Institutions Act, 1993 and forwarded to the undersigned for recovery of **Rs.15,32,213.00 (Rupees Fifteen Lac Thirty Two Thousand Two Hundred Thirteen Only)** together with interest till realisation of the dues, cost, charges as per the certificate, the details of which are given below:

1. Decretal Dues : Rs.15,32,213.00
2. Cost allowed (+) : Rs. 18,000.00
3. Interest @ 12.95% p.a with quarterly rests from 05.05.2015 to 31.08.2018 : Rs. 6,44,870.00

**Total : Rs.21,95,083.00**

**(Rupees Twenty One Lac Ninety Five Thousand Eighty Three only )** with of interest @ 12.95% p.a with quarterly rests on the amount due from 01.09.2018 till realization of the entire Dues.

2. You are hereby directed to pay the above stated sum within 15 (Fifteen) days of the publication of this notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act, 1993.
3. In addition to the aforesaid amount you will also be liable for all future interest, costs, charges and expenses incurred in respect of the service of this notice and of warrants and other processes etc. and of all the other proceedings taken for realising of arrears.
4. You are hereby directed to appear in person or through legal representative before the undersigned on **02.05.2019** and report the details of payment made by you.

Given under my hand & seal at Cuttack on this 4th day of April,2019 .

Sd/-
(R P Patnaik)
Recovery Officer

## DECLARATION ABOUT CRIMINAL CASES

**Format C-1**

As per the judgement dated 25th September, 2018 of Hon'ble Supreme Court in WP (Civil) No.536 of 2011 (Public Interest Foundation & Ors. Vs. Union of India & Anr).

Name and address of Candidate : PRADEEP KUMAR BEHERA, At- LOISINGHA
Name of Political Party : BIJU JANATA DAL
Name of Election : GENERAL ELECTION 2019
Name of Constituency : LOISINGHA-66 (SC) ASSEMBLY CONSTITUENCY

I, **PRADEEP KUMAR BEHERA** a candidate for the above mentioned election, declare for public information the following details about my criminal antecedents:

| Sl. No. | Pending Criminal Cases | | | Details about cases on conviction for criminal offences | |
|---|---|---|---|---|---|
| | Name of Court | Case No. and status of cases | Section(s) of acts concerned and brief description of offence(s) | Name of Court & date(s) of order(s) | Description of offence(s) & punishment imposed |
| | NIL | NIL | NIL | NIL | NIL |

*Sd./- Pradeep Kumar Behera*

**Format C-2**

**Declaration about criminal actecedents of candidates set up by the party**

*(As per the judgement dated 25th September, 2018, of Hon'ble Supreme Court in WP (Civil) No. 536 of 2011 (Public Interest Foundation & Ors. Vs. Union of India & Anr.).*

Name of Political Party : **BAHUJAN SAMAJ PARTY**
Name of Election : **Legislative Assembly Election 2019 PHASE-II**
Name of State/UT : **Odisha**

| Sl. No. | Name of Candidate | Name of Constituency | Pending criminal cases | | Details about cases of conviction for criminal offences | |
|---|---|---|---|---|---|---|
| | | | Name of Court, cases No. & status of the case(s) | Sections of the Acts concerned & brief description of offence(s) | Name of Court & date(s) of order(s) | Description of offence(s) & punishment imposed |
| 1 | 2 | 3 | 4 | 5 | 6 | 7 |
| 1 | TANKADHAR KANTA | Padampur | SDJM court Padampur CT GR-415/11 (Pending) | U/S 448 294 506 of IPC (On 25.10.2011 at 3PM at Gathuguda UGME School while a meeting was running the accused Tanadhar kanta entered into school campus and scolded filthy languages and threatned to kill the complainant) | N.A | N.A |
| | TANKADHAR KANTA | Padampur | SDJM court Padampur CT GR-68/13 (Pending) | U/S 452 341 323 294 506 of IPC (On 02.03.2013 at 7.30 PM at Asha Training Centre of Shanti nagar Padampur the accused Tanadhar kanta entered and abuse and threatned to kill and assaulted) | N.A | N.A |
| 2 | ASHOK KALET | Bijepur | SDJM Padampur Dist Bargarh GR-210/2000 charges framed on 19.09.2007 (Pending) | U/S 384 500 34 OF IPC (Extortion Defamation & Common intention | N.A | N.A |
| 3 | BISHNU CHARAN MAHANTA | Rourkela | In the court of SDJM Panposh at Rourkela G R case No 628/2016 (Pending) | U/S 143 147 323 294 506 &149 of IPC (Protested In scarcity of water in RSP Township locality for the benefit of public at large | N.A | N.A |
| 4 | LABA SUNA | Patnagarh | GR NO 30/2012 (Pending) | U/S 376 511/109 of IPC (Rape allegation) | N.A | N.A |
| | LABA SUNA | Patnagarh | GR NO 261/2012 (Pending) | U/S 34 329 of IPC (Grivious hunt) | N.A | N.A |



ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।
- ସାମୁଏଲ୍ ଜନ୍‌ସନ

## ସଂକ୍ଷେପରେ

### ଶିକ୍ଷାବିତ୍‌ଙ୍କ ପରଲୋକ

ଦେବଗଡ଼,୧୪।୪ (ସ୍ୱ.ପ୍ର.)- କବି ଗୁରୁ ଭାବେ ପରିଚିତ ଦେବଗଡ ସହରର ବରିଷ୍ଠ ଶିକ୍ଷାବିତ ତଥା ସର୍ବପୁରାତନ ରାଜାବାସୁଦେବ ହାଇସ୍କୁଲର ଅବସରପ୍ରାପ୍ତ ପିଇଟି (ଶିକ୍ଷା ନୀରିକ୍ଷକ) ପ୍ରଫୁଲ୍ଲ କୁମାର ପାଣିଙ୍କ ୮୪ ବର୍ଷ ବୟସରେ ବରପାଲିସ୍ଥିତ ବାସଭବନରେ ଶନିବାର ରାତିରେ ପରଲୋକ ଘଟିଛି। ସେ ଦୀର୍ଘ ଦିନ ଧରି ଅସୁସ୍ଥ ହେତୁ ଶଯ୍ୟାଶାୟୀ ଥିଲେ। ମାର୍କଣ୍ଡେଶ୍ୱର ଶତପଥୀ, ବିପିନ ବିହାରୀ ନନ୍ଦ, ସୁଧୀର କପରଦାର, ସୁବାସଚନ୍ଦ୍ର ପାଣିଗ୍ରାହୀ, ଉମାଶଙ୍କର ସାହୁ, ଦିଲୀପ ଗୁରୁ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ରବିବାର ପ୍ରଧାନପାଟସ୍ଥିତ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଛି। ବଡପୁଅ ଅଶ୍ୱିନୀ ପାଣି ମୁଖାଗ୍ନି ଦେଇଥିଲେ।

### ଆମ୍ବେଡକରଙ୍କ ଜୟନ୍ତୀ

ଦେବଗଡ଼,୧୪।୪(ସ୍ୱ.ପ୍ର.)- ଜିଲା ଆଦିବାସୀ ମହାସଂଘ ତରଫରୁ ଗୋହିରାସାହିରେ ସଂଘର ସଭାପତି ସେମ୍ ହେମରମ୍‌ଙ୍କ ସଭାପତିତ୍ୱରେ ଡକ୍ଟର ଭୀମରାଓ ଆମ୍ବେଡକରଙ୍କ ଜୟନ୍ତୀ ପାଳନ କରାଯାଇଛି। ମିନତି ନାଏକ, ଦେବାଶୀଷ ପ୍ରସାଦ ନାଏକ, ଅଜୟ ଖଡିଆ, ସୂର୍ଯ୍ୟକାନ୍ତ ସହାଣ, ଶଙ୍କର ସୋନା, ସୌଭାଗ୍ୟ କୁମୁରା, ମକରଧ୍ୱଜ ହସ୍ତୀ, ଅମିତ ରଂଜିତ, ମୋହନ କୁମାର ନାଏକ, ଡମ୍ବରୁଧର ବାଘଙ୍କ ସମେତ ଅନ୍ୟ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ▪ ବରଗଡ଼ରେ ଗଣବିବାହ

# ଫୁଲମାଳରେ ବାଛିଲେ ଜୀବନସାଥୀ

ବରଗଡ଼ ଅଫିସ୍,୧୪।୪

ବିବାହରେ ନ ଥିଲା ଯାନି ଯୌତୁକ। ଫୁଲମାଳ ବିନିମୟରେ ବରକନ୍ୟା ବିବାହ ବନ୍ଧନରେ ଆବଦ୍ଧ ହୋଇ ପରସ୍ପରକୁ ଜୀବନସାଥୀ ଭାବେ ବାଛି ନେଇଥିଲେ। ବରଗଡ଼ ଗାନ୍ଧୀଛକ କଲ୍ୟାଣ ମଣ୍ଡପରେ ରବିବାର ଏଭଳି ଏକ ଗଣବିବାହ ଅନୁଷ୍ଠିତ ହୋଇଯାଇଛି। ଆମ୍ବେଦକର ଜୟନ୍ତୀ ଅବସରରେ ସ୍ଥାନୀୟ ବାବା ସାହେବ ଡକ୍ଟର ବି. ଆର ଆମ୍ବେଦକର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୩ଯୋଡ଼ି ବରକନ୍ୟାଙ୍କ ବିବାହ ସମ୍ପନ୍ନ ହୋଇଥିଲା।

କାର୍ଯ୍ୟକ୍ରମ ଆରମ୍ଭରୁ ଡଃ ଆମ୍ବେଦକରଙ୍କ ପ୍ରତିଛବିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ଏହାପରେ ବରକନ୍ୟା ପୃଥକ୍ ରିକ୍ସାରେ ବସି ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଶୋଭାଯାତ୍ରାରେ ବାଜୁଥିବା ଦୁଲଦୁଲି ବାଜାରେ ସହର କମ୍ପି ଉଠିଥିଲା। ସହର ପରିକ୍ରମା ପରେ ବରକନ୍ୟା ପୁଣି କଲ୍ୟାଣ ମଣ୍ଡକୁ ଫେରିଥିଲେ ଏବଂ ସେଠାରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଖୁଣ୍ଟପାଲିର ଦିଲୀପ ସୁନା ଏବଂ କଳାହାଣ୍ଡିର ଲିଙ୍ଗରାଜ ଆଜାଦ ସସ୍ତ୍ରୀକ ବର ଓ କନ୍ୟା ପିତାମାତା କାର୍ଯ୍ୟ ସମ୍ପାଦନ କରିଥିଲେ। ଏଥିରେ ବାଳକୃଷ୍ଣ ନାଗ ମୁଖ୍ୟଅତିଥି, ଜୟଶ୍ରୀ ସାହୁ ମୁଖ୍ୟବକ୍ତା ଏବଂ ମନୋରଞ୍ଜନ ସାହୁ, ଚାଷୀନେତା ଲିଙ୍ଗରାଜ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦାନ କରିଥିଲେ। ଉର୍କୁଲୁ ତାଣ୍ଡି ସଭାପତିତ୍ୱ କରିଥିଲେ। ଗଣବିବାହର ସଂସ୍ଥାପକ ପବିତ୍ର ଦେହେରୀଙ୍କ ସମେତ ଟ୍ରଷ୍ଟର ଚେୟାରମ୍ୟାନ ଗୁଣମଣି ସୁନାନୀଙ୍କ ସ୍ତ୍ରୀ ସନ୍ତୋଷିନୀ, ପରମେଶ୍ୱର ଲୁହା, ବିନୋଦ ବାବା, ଜେଠୁ ଭୋଇ, ଗଙ୍ଗାଧର ବିଭାର ପ୍ରମୁଖ ଉପସ୍ଥିତ ଥିଲେ। ମାରିୟମ ବାର୍ଲା, ଭବାନୀ ସାହୁ, ରମେଶ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଗଣବିବାହରେ ବରକନ୍ୟାଙ୍କ ଶୋଭାଯାତ୍ରା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନଈ ଶୁଖିଲେ କି କରଇ ନାଆ,**
**ଥନ ଶୁଖିଲେ କି କରଇ ମା'।**

ନଈ ଶୁଖିଗଲେ ଡଙ୍ଗା ବା ନାହା ଯାଇପାରି ନ ଥାଏ। ନଈରେ ପାଣି ଆସିବା ଯାଏ ଗୋଟିଏ ଜାଗାରେ ପଡ଼ିରହିଥାଏ। ସେହିପରି ଥନରୁ କ୍ଷୀର ଶୁଖିଗଲେ ମାଆ ତା'ର ସନ୍ତାନକୁ କ୍ଷୀର ଦେଇପାରି ନ ଥାଏ। ପରୋକ୍ଷରେ ପ୍ରତିକୂଳ ପରିସ୍ଥିତି ଆଗରେ ମଣିଷ ହାର ମାନିଥାଏ। କଳକୌଶଳ ଖଞ୍ଜିବାର ସବୁବାଟ ବନ୍ଦ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନାହିଁ କୁ ଉପାୟ ନାହିଁ,**
**ମଲାକୁ ଔଷଧ ନାହିଁ।**

ଯିଏ ସବୁବେଳେ ସବୁ କଥାରେ ନାହିଁ ନାହିଁ କରେ ସେଭଳି ବ୍ୟକ୍ତିକୁ ମନେଇ ତା'ଦ୍ୱାରା କାର୍ଯ୍ୟ କରାଇବା କାଠିକର ପାଠ ହୋଇଯାଇଥାଏ। କାରଣ ବିନା ଇଚ୍ଛାଶକ୍ତିରେ କୌଣସି କାର୍ଯ୍ୟ ସଫଳ ହୋଇପାରି ନ ଥାଏ। ଏପରି ବ୍ୟକ୍ତିଙ୍କ ଉପରେ କରାଯାଉଥିବା ସକଳ ପ୍ରଚେଷ୍ଟା ବ୍ୟର୍ଥ ପ୍ରମାଣିତ ହୋଇଥାଏ। ସେହିପରି ଯେତେ ଚେଷ୍ଟା କଲେ ମଧ୍ୟ ମଲା ଲୋକକୁ ବଞ୍ଚାଇ ପାରିବା ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ନବ କାକଳିର ବିଷୁବ ଉତ୍ସବ



ପୁସ୍ତକ ଲୋକାର୍ପଣ ଉତ୍ସବରେ ଉପସ୍ଥିତ ଅତିଥି ବୃନ୍ଦ।

ଦେବଗଡ,୧୪।୪ (ସ୍ୱ.ପ୍ର)

ସୁନାମୁଣ୍ଡାସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ସ୍କୁଲରେ ରବିବାର ତ୍ରୈମାସିକ ସାହିତ୍ୟ, ସଂସ୍କୃତି, ଆଧାତ୍ମିକ ପତ୍ରିକା ନବକାକଳିର ୨୪ତମ ବିଷୁବ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିସହ ରାଜ୍ୟସ୍ତରୀୟ କବି ସମ୍ମିଳନୀ, ସମ୍ବିଧାନ ପ୍ରଣେତା ବାବା ସାହେବ ଡ. ଆମ୍ବେଡକରଙ୍କ ଜୟନ୍ତୀ ଓ ହନୁମାନ ଜୟନ୍ତୀ ପାଳିତ ହୋଇଛି। ଅଧ୍ୟାପକ ଡ. ସୁରେନ୍ଦ୍ରନାଥ ତ୍ରିପାଠୀ ସ୍ୱାଗତ ଭାଷଣ, ଅତିଥି ପରିଚୟ ଓ ସଂପାଦକୀୟ ବିବରଣୀ ଦେଇଥିଲେ। ସଙ୍ଗୀତ ଅଧ୍ୟାପିକା ରିତାରାଣୀ ସେଠୀଙ୍କ ତତ୍ତ୍ୱାବଧାନରେ ସ୍କୁଲର ଛାତୀଛାତ୍ର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଜଗଦୀଶ ପାତ୍ରଙ୍କ ପୌରୋହିତ୍ୟରେ ପୂର୍ବତନ ଡେପୁଟି କଲେକ୍ଟର ନାରାୟଣ ନାୟକ, ବାମଣ୍ଡା ସାହିତ୍ୟ ସଂସଦର ସଂପାଦକ ପ୍ରଫୁଲ୍ଲ କୁମାର ମହାପାତ୍ର, ରାଧାକୃଷ୍ଣ ସାହିତ୍ୟ ସଂସଦର ସଭାପତି ଲୋକନାଥ ବେହେରା, ଟଙ୍କଧର ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଦୀପାଞ୍ଜଳି ଜେନା, ରିଆମାଳ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସଂଧ୍ୟାରାଣୀ ପାତ୍ର, କବି ବିପିନ ବିହାରୀ ପୃଷ୍ଟିଙ୍କ ସଂଯୋଜନାରେ ୭୫ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। ଭକ୍ତ ଧ୍ରୁବ ଗୀତିନାଟ୍ୟ ପୁସ୍ତକ, ନବକାକଳିର ଓଡିଆ ନବବର୍ଷ ବିଶେଷାଙ୍କକୁ ଲୋକାର୍ପଣ କରାଯାଇଥିଲା। ସଂଧ୍ୟାରାଣୀ ପାତ୍ର, ସରୋଜ କୁମାର ଶତପଥୀ, ଅଶୋକ ନନ୍ଦ, ମାନସ ରଂଜନ ଦ୍ୱିବେଦୀ, ଆଲୋକ ପ୍ରସାଦ, ଦିଲୀପ ଗୁରୁ, ସୁଶୀଲ କର, ସୁକାନ୍ତ ନନ୍ଦ, ଈଶ୍ୱରଚନ୍ଦ୍ର ସାହୁ, ଟିକେଶ୍ୱର ସାହୁ, ରମାକାନ୍ତ ପ୍ରଧାନ, ମିତ୍ରଭାନୁ ମହାପାତ୍ର ପ୍ରମୁଖଙ୍କୁ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ପରକ୍ଷିତ ପାତ୍ର, ତେଜ ସିଂହ, ନମ୍ରତା ଅଗ୍ରୱାଲ, ସୂର୍ଯ୍ୟକାନ୍ତ ନନ୍ଦନୱାର, ଏସ.ବି ଦାସ ପ୍ରମୁଖ ସହଯୋଗ କରିଥିଲେ।







ହସ୍ପିଟାଲ ଛକ ପୂଜା ମଣ୍ଡପରେ ହନୁମାନ ବେଶରେ ଦୁଇ ଶିଶୁ (ବାମ)। ଆଖଡା ପ୍ରଦର୍ଶନ ଏବଂ ଲାଠି ଖେଳ ପ୍ରଦର୍ଶନ କରାଯାଉଛି(ମଝି)। ଝଣ୍ଡା ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଉଛି।

## ଦେବଗଡ଼ରେ ହନୁମାନ ଜୟନ୍ତୀ

# ସହର ପରିକ୍ରମା କଲା ବଜରଙ୍ଗ ଝଣ୍ଡା

ଦେବଗଡ,୧୪।୪ (ସ୍ୱ.ପ୍ର.)

ଦେବଗଡ ସହର ତଥା ଆଖପାଖ ଅଞ୍ଚଳରେ ହନୁମାନ ଜୟନ୍ତୀ ତଥା ପଣା ସଂକ୍ରାନ୍ତି ମହା ଆଡମ୍ବରରେ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଗୋପାଳଜୀ ମନ୍ଦିରରେ ବଜରଙ୍ଗ ମଣ୍ଡପ ତରଫରୁ ସକାଳୁ ୧୦୮ ସମୂହ ହନୁମାନ ଚାଳିଶା ପାଠ କରାଯାଇଥିଲା। ଅପରାହ୍ନରେ ଏକ ପଟୁଆରରେ ବଜରଙ୍ଗବଲୀଙ୍କ ପ୍ରତିମା ଓ ସୁଉଚ୍ଚ ଝଣ୍ଡାକୁ ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଇଥିଲା। ପ୍ରତ୍ୟେକ ସାହି ଛକ ମାନଙ୍କରେ ପୂଜାର୍ଚ୍ଚନା ସହ ଭକ୍ତ ମାନଙ୍କଦ୍ୱାରା ଆଖଡା ପ୍ରଦର୍ଶନ ସାଙ୍ଗକୁ ନିଆଁ ଏବଂ ଲାଠି ଖେଳ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଶତାଧିକ ବଜରଙ୍ଗୀ ଭକ୍ତ ମୁଣ୍ଡରେ ଗୈରିକ ଫିତା ବାନ୍ଧି ଝଣ୍ଡା, ତୀର, ଖଣ୍ଡା ଏବଂ ଲାଠି ଧରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

ସେହିପରି ହସପିଟାଲ ଛକସ୍ଥିତ ଆମେ'କ୍ଲବ ତରଫରୁ ଜୟନ୍ତୀ ପାଳନ ଅବସରରେ ଦହିପଣା ବଣ୍ଟନ କରାଯାଇଥିଲା। ସେହିପରି କଚେରୀ ଛକ ହନୁମାନ ମନ୍ଦିର, ଜେଲ ଛକ ହନୁମାନ ମନ୍ଦିର, ଭୁୟାଁସାହି, ବାବୁସାହି, ଚମ୍ପକେଶ୍ୱର ମନ୍ଦିର, ଝାଡେଶ୍ୱରସ୍ଥିତ ହନୁମାନ ମନ୍ଦିର ସମେତ ଆଖପାଖ ଅଞ୍ଚଳର ହନୁମାନ ମନ୍ଦିରକୁ ସଜ୍ଜିତ କରାଯାଇଥିଲା। ସେହିପରି ପୁରୁଣାଗଡସ୍ଥିତ ଓଲଟବର ପଞ୍ଚମୁଖୀ ମନ୍ଦିରରେ ୫ ଦିନ ଧରି ଜୟନ୍ତୀ ପାଳନର ବ୍ୟବସ୍ଥା ରଖାଯାଇଛି। ଉକ୍ତ କାର୍ଯ୍ୟକ୍ରମ ମାନଙ୍କରେ ଗୋପାଳଜୀ ମନ୍ଦିର ବଜରଙ୍ଗ ମଣ୍ଡପ ତରଫରୁ ପ୍ରଫୁଲ୍ଲ କୁମାର ନାୟକ, ପ୍ରଭାସ ଚନ୍ଦ୍ର ମିଶ୍ର, ଜନ୍ମେଜୟ ନାୟକ, ବିକାଶ କୁମାର ପ୍ରଧାନ, ପ୍ରତାପ ନାୟକ, କିଶୋର ବେହେରା, ମନୋଜ ନାୟକ, ବିକାଶ ନାଏକ ପ୍ରମୁଖ ସହଯୋଗ କରିଥିଲେ।

### ଟାମ୍ପରସରା କୁଆଁରପାଟ ମହୋତ୍ସବ ଉଦ୍‌ଯାପିତ

ଅତାବିରା, ୧୪।୪ (ଡି.ଏନ.ଏ)

ଅତାବିରା ବ୍ଲକ ଅନ୍ତର୍ଗତ ଟାମ୍ପରସରା କୁଆଁରପାଟ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଚୈତ୍ର ତିଥିଠାରୁ ଏହି କୁଆଁର ପାଟଯାତ୍ରା ଆରମ୍ଭ ହୋଇ ୯ଦିନ ଶୁକ୍ଳ ପ୍ରତିପଦା ପର୍ଯ୍ୟନ୍ତ ଚାଲିଥିଲା। ଓଁକାର ପ୍ରସାଦ କର, ସୁନୀଲ ସେଟି, ୱେଲେରି ଏଙ୍କଟ ରାଓ, ରାଜୀବ ବିଶ୍ୱାଳ, ଅଶ୍ୱିନୀ ବିଶ୍ୱାଳ, ନିରଞ୍ଜନ ସେଟ କର୍ତ୍ତା ଥିଲେ।

### ମଦ ଜବତ, ୨ ଗିରଫ

ବରଗଡ଼ ଅଫିସ୍,୧୪।୪

ବରଗଡ଼ ଟାଉନ ଥାନା ପୋଲିସ କଟାପାଲି ଗ୍ରାମର ଏକ କିରାନା ଦୋକାନରେ ଚଢ଼ାଉ କରି ୭୨ ବୋତଲ ବିଦେଶୀ ଜବତ କରିଛି। ଏହା ସହିତ ଏଥିରେ ସମ୍ପୃକ୍ତ ୨ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଦୁଇ ଭାଇ ମନୋଜ ସାହୁ ଓ ସୁଶୀଲ ସାହୁ। ସେମାନଙ୍କ ବିରୋଧରେ ଏକ ମାମଲା (ନଂ.୧୯୬/୨୦୧୯) ରୁଜୁ ହୋଇଛି। ଗିରଫ ଦୁଇ ଭାଇଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବରଗଡ଼ ସବଜେଲ ହାଜତକୁ ପଠାଇ ଦିଆଯାଇଛି। ଏସଆଇ ଅନିତା କୁଜୁରଙ୍କ ନେତୃତ୍ୱରେ ଏକ ଟିମ୍ ଏହି ଚଢ଼ାଉ କରିଥିଲା।

### କେନ୍ଦୁକାଠ ବୋଝେଇ ଟ୍ରକ୍ ଜବତ

ପଦ୍ମପୁର, ୧୪।୪ (ଡି.ଏନ.ଏ)

ପଦ୍ମପୁର ଉପଖଣ୍ଡର ଲଖମରା କଲେଜ ଛକ ସ୍ଥିତ ବନ ତନଖି ଫାଟକରେ କେନ୍ଦୁଗଣ୍ଡି ବୋଝେଇ ଟ୍ରକ୍ ଜବତ କରାଯାଇଛି। ଉକ୍ତ ଟ୍ରକ (ନଂ.ସିଜି୧୭ଏଚ/୦୪୬୩)ରେ ବଲାଙ୍ଗୀର ଜିଲାର କଣ୍ଟାବାଞ୍ଜି ଅଞ୍ଚଳରୁ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଶୁଖିଲା କେନ୍ଦୁଗଣ୍ଡି ବୋଝେଇ କରି ଛତିଶଗଡର ରାୟପୁର ଯାଉଥିଲା। ପଦ୍ମପୁର ରେଞ୍ଜର ପ୍ରମୋଦ ସାହୁ, ଫରେଷ୍ଟର ସୁଶାନ୍ତ ଦାସ ଓ ଷ୍ଟାଫ ଜବତ ଟ୍ରକ୍ ସତୀଭଟା ସିଜର ୟାର୍ଡକୁ ନେଇଥିବା ଜଣାପଡିଛି।

# କମ୍ପାନୀ କର୍ମଚାରୀ ଛଟେଇକୁ ନେଇ ବିବାଦ

## ଚିପିଲିମା ସିଏଚଇପିର କାର୍ଯ୍ୟରତ ଅଧିକାରୀଙ୍କୁ ଅପହରଣ ଚର୍ଚ୍ଚା

ଚିପିଲିମା, ୧୪।୪ (ଡି.ଏନ.ଏ.)

ଓଡିଶା ଜଳ ବିଦ୍ୟୁତ ନିଗମ ଅଧୀନ ଚିପିଲିମା ଜଳବିଦ୍ୟୁତ ପ୍ରକଳ୍ପ (ସିଏଚଇପି)ରେ ଦୀର୍ଘ ଦିନ ହେଲା ୩ ନଂ ୟୁନିଟ ମରାମତି କାମ ଚାଲିଛି। ପ୍ରଥମେ ଏହି କାମ ଗୋଟିଏ କମ୍ପାନୀକୁ ଟେଣ୍ଡର ଦିଆଯାଇଥିଲା। ଏଥିରେ କମ୍ପାନୀ ପକ୍ଷରୁ ୨୬ଜଣ ସ୍ଥାନୀୟ ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯାଇଥିଲା। କମ୍ପାନୀକୁ କ୍ଷତି ସହିବାକୁ ପଡିବାରୁ କାମ ଛାଡି ପଳାଇଛି। ଦୀର୍ଘ ଦିନ କାମ ଅସଂପୂର୍ଣ୍ଣ ପଡି ରହିଥିବାରୁ ପରବର୍ତ୍ତୀ ସମୟରେ ଆଉ ଏକ କମ୍ପାନୀକୁ ଦାୟିତ୍ୱ ଦିଆଯାଇଛି। ସେହି କମ୍ପାନୀ ୪ମାସ ମଧ୍ୟରେ କାମ ସଂପୂର୍ଣ୍ଣ କରିବାକୁ ଚୁକ୍ତି କରି ୨୬ ଜଣ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ଦେଇଛି। ହେଲେ ଏତେ ସଂଖ୍ୟକ ଶ୍ରମିକ ଆବଶ୍ୟକ ନ ପଡିବାରୁ କିଛି ଶ୍ରମିକ ଛଟେଇ କରିବାକୁ ସୂଚନା ଦିଆଯାଇଥିଲା। ଏଣୁ ନିଯୁକ୍ତ ଶ୍ରମିକ ସମୂହ ଅସନ୍ତୋଷ ପ୍ରକାଶ କରିଥିଲେ। ସମସ୍ତଙ୍କୁ ରଖିବାକୁ ଜିଦ ଧରିବାରୁ କମ୍ପାନୀ ଅଧିକାରୀ ଓ ଶ୍ରମିକଙ୍କ ମଧ୍ୟରେ ବିବାଦ ଉପୁଜିଥିଲା। ଏହାକୁ ନେଇ ଶନିବାର ସମ୍ପୃକ୍ତ ଠିକା କମ୍ପାନୀ ଅଧିକାରୀଙ୍କୁ କୁଆଡେ କିଛି ଅସନ୍ତୋଷ ଶ୍ରମିକ ଅପହରଣ କରି ନେଇ ମୁଣ୍ଡ ଜାମିନ ରଖିଥିବା ଚର୍ଚ୍ଚା ହେଉଛି। ଏପରି ଏକ ଖବର ପାଇ ପୋଲିସ ଖୋଳତାଡ ଆରମ୍ଭ କରିଥିଲେ ବି କୌଣସି ଟେର ପାଇ ନାହିଁ। ପରେ ଅପହରଣ ହୋଇଥିବା ଅଧିକାରୀଙ୍କୁ ଛାଡି ଦିଆ ଯାଇଛି। ସିଏଚଇପି କାର୍ଯ୍ୟାଳୟରେ ସିଏଚଇପି ମୁଖ୍ୟ କମ୍ପାନୀ ଅଧିକାରୀ, ଶ୍ରମିକଙ୍କ ମଧ୍ୟରେ ତ୍ରିପାକ୍ଷିକ ଆଲୋଚନା ପରେ ସମସ୍ତ ଶ୍ରମିକଙ୍କୁ ରଖିବାକୁ କମ୍ପାନୀ ରାଜି ହୋଇଛି। ତେବେ ସିଏଚଇପି ମୁଖ୍ୟ ଇଂ. ଦେବାଶିଷ ମିଶ୍ରଙ୍କୁ ପଚରାଯିବାରୁ କମ୍ପାନୀ ଓ ଶ୍ରମିକମାନଙ୍କ ମଧ୍ୟରେ ଚୁକ୍ତି ଶେଷ ହୋଇଯାଇଥିବା ବେଳେ ଭୁଲ ବୁଝାମଣାକୁ ନେଇ ଏପରି ହୋଇଥିଲା। ମାତ୍ର ଅପହରଣ ନେଇ ତାଙ୍କ ପାଖରେ ଖବର ନାହିଁ। ଭୁଲ ବୁଝାମଣାର ଆଲୋଚନା ମାଧ୍ୟମରେ ସମାଧାନ ହୋଇଯାଇଥିବା ଇଂ. ମିଶ୍ର କହିଛନ୍ତି। ସେହିପରି ଚିପିଲିମା ଫାଣ୍ଡି ଅଧିକାରୀ ଗଞ୍ଜୁ ଓରାମଙ୍କୁ ପଚରାଯିବାରୁ ପୋଲିସ ପାଖରେ କୌଣସି ଅଭିଯୋଗ ନାହିଁ ବୋଲି କହିଥିଲେ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍‌ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

FINANCE
ACB ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେ ବସି ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Saharaganj Mall, Shahnajaf Rd, Lucknow, Uttar Pradesh 226001
9058692160
7467886694

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Dhanlaxmi Finance
(Registration- BG8855CH8814)
ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ପର୍ସନାଲ, ସବୁ ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। 2% ସୁଧ, 40% ରିହାତି ସହିତ। ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି।
Helpline:
9499135756
Sadheisasan, Anakhia, Jagatsinghpur, Odisha. PIN-754102

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଇ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

FINANCE
ସ୍ୱୀକୃତୀପ୍ରାପ୍ତ ମୁଦ୍ରା ଯୋଜନା ଦ୍ୱାରା ମାର୍କସିଟ, କୃଷି, ଆଧାରକାର୍ଡ, ସମ୍ପତି, ଗୃହ ଓ ବ୍ୟକ୍ତିଗତ, BPL ଋଣ ମାତ୍ର ୪୫୦/- ଟଙ୍କାରେ ଘରେ ବସି ପାଆନ୍ତୁ।
ବାର୍ଷିକ 1% ସୁଧ 50% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
8698663544
8956667461

ଲକ୍ଷ୍ମୀ ଫାଇନାନ୍ସ (ରେଜି.)
କମ୍ପାନୀ ସବୁ ସରକାରୀ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗାଡ଼ି ଏବଂ ସମସ୍ତ ଋଣ ମାତ୍ର ୧୮ ଘଣ୍ଟାରେ, ୨% ସୁଧ, ୫୦% ରିହାତି।
(ମହିଳାଙ୍କୁ ବିଶେଷ ରିହାତି)
9511074590
9511074774
H.No. 249, Vill- SISWALA, Teh.- DADRI, Dist.- BHIWANI

ଭାରତର ନଂ.୧
INDUS NETWORK COMPANY
(Govt. Regd.) ଦ୍ୱାରା ନିଜର ଖାଲି ପଡ଼ିଥିବା ଜମିରେ ଡିଜିଟାଲ୍ ନେଟ୍‌ୱର୍କ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ୭୦ ଲକ୍ଷ ଆଡ୍‌ଭାନ୍ସ + ୭୦,୦୦୦ ଭଡ଼ା + ଏଗ୍ରିମେଣ୍ଟ + ୧ ବାଇକ୍।
Helpline Numbers
9430834074
8709556494
House No.267, Friends Colony, New Delhi-6

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଏବଂ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେହେଲେ ଅନିଷ୍ଟ ହୁଏ ନାହିଁ।

- ମହର୍ଷି ପରାଶର



## ସଂକ୍ଷେପରେ

### ଅନ୍ଧବିଶ୍ୱାସ: ଝଡ଼ାଫୁଙ୍କା ଯୋଗୁ ଯୁବକ ମୃତ

ବାମରା, ୧୪।୪ (ସ୍ୱ.ପ୍ର.): ସମ୍ବଲପୁର ଜିଲା ବାମରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଖୋଖୋପଡାରେ ଅପସ୍ମାର (ମିର୍ଗି)ରେ ଆକ୍ରାନ୍ତ ଜଣେ ଯୁବକ ଝଡାଫୁଙ୍କ ଯୋଗୁ ଆଖି ବୁଜିଛନ୍ତି। ମୃତକ ହେଲେ ଗ୍ରାମର ଫକୀର ମାଝିଙ୍କ ପୁଅ ରାଜେଶ ମାଝି (୨୭)। ବର୍ଷେ ହେଲା ସେ ଅପସ୍ମାର ରୋଗରେ ଆକ୍ରାନ୍ତ ଥିବା ବେଳେ ଗତ ଏକ ମାସ ତଳେ ନିଆଁରେ ମଧ ପୋଡି ହୋଇଥିଲେ । ହେଲେ ଘର ଲୋକ ତାଙ୍କୁ ଡାକ୍ତରୀ ଚିକିତ୍ସା ପରିବର୍ତ୍ତେ ଖୋଖୋପଡାଠାରେ ଥିବା ଭାଗୀରଥି ଛତ୍ରିଆ (ଦେହେରୀ ବାବା)ଙ୍କଠାରେ ଝଡାଫୁଙ୍କା ପାଇଁ ନେଇଥିଲେ । ବାବା ତାଙ୍କୁ ନିଜ ଘରେ ରଖି ଝଡାଫୁଙ୍କା କରିଆସୁଥିଲେ। ଶନିବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଛି।

### ବିଷୁବ ସଂକ୍ରାନ୍ତି ପାଳିତ

ପଡିଆବାହାଲ,୧୪।୪ (ଡି.ଏନ.ଏ.) ହିନ୍ଦୁ ନବବର୍ଷକୁ ସ୍ୱାଗତ କରି ଅଞ୍ଚଳର ଖଲିଆପାଲି ଜଗନ୍ନାଥ ମନ୍ଦିର, ଖଲିଆପାଲି ହନୁମାନ ମନ୍ଦିର ଛକ, ପଟୁଆବାହାଲ ମନ୍ଦିର, ପଧାନପାଲି, ଖସୁପାଲି, ଡଙ୍ଗରପଡା, ହାତୀପଡା ପ୍ରଭୃତି ବହୁ ସ୍ଥାନରେ ପଣା ସଂକ୍ରାନ୍ତି ତଥା ବିଷୁବ ସଂକ୍ରାନ୍ତି ପାଳିତ ହୋଇଛି । ଏହି ଅବସରରେ ହନୁମାନ ମନ୍ଦିରଗୁଡିକରେ ପୂଜା କରି ପଣା ବଣ୍ଟନ କରାଯାଇଛି। । ଖଲିଆପାଲି, ଲିଟିମୁଣ୍ଡା, ଡଙ୍ଗରପଡା, ହାତୀପଡାଠାରେ ସମୂହ ପ୍ରସାଦ ବଣ୍ଟନ କରାଯାଇଥିଲା । ଖଲିଆପାଲି, ଖସୁପାଲି, ଲିଟିମୁଣ୍ଡା ପ୍ରଭୃତି ସ୍ଥାନରେ ରାତିରେ ଭଜନ, ବାଦୀପାଲା, କୀର୍ତ୍ତନ୍ୟ ଆଦି ଅନୁଷ୍ଠିତ ହୋଇଥିଲା।

# ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁକୁ ନେଇ ତୁମୁଳକାଣ୍ଡ

ସମ୍ବଲପୁର/ରେଙ୍ଗାଲି,୧୪।୪ (ବ୍ୟୁରୋ/ଡି.ଏନ.ଏ.)

ସମ୍ବଲପୁର ଜିଲା କତରବଗା ଗ୍ରାମର ପ୍ରଶାନ୍ତ ଧୁରୁଆ (୩୫)ଙ୍କ ଶନିବାର ବୋଲେରୋ ଧକ୍କାରେ ମୃତ୍ୟୁ ଘଟିଛି। ସ୍ତ୍ରୀ ସବିତା,୨ ବର୍ଷର ଝିଅ ଆହତ ହୋଇଛନ୍ତି। ରବିବାର ବ୍ୟବଚ୍ଛେଦ ପରେ ମୃତଦେହ ଗାଁରେ ପହଞ୍ଚିବା ପରେ ଉତ୍ତେଜନା ଦେଖାଦେଇଥିଲା। ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୧୦ଲକ୍ଷ ଟଙ୍କାର କ୍ଷତିପୂରଣ ଓ ପରିବାରର ଜଣଙ୍କୁ ସରକାରୀ ଚାକିରି ସହ ଦୁର୍ଘଟଣା ଘଟାଇଥିବା ଗାଡି ମାଲିକଙ୍କୁ ଗିରଫ ଦାବି କରି ସମ୍ପର୍କୀୟ ଓ କେତେକ ଗ୍ରାମବାସୀ ମୃତଦେହ ନେଇ କତରବଗା ଥାନାରେ ଧସେଇ ପସିଥିଲେ । ସେଠାରେ ବ୍ୟାପକ ଭଙ୍ଗାରୁଜା କରିବା ସହ ହୋହାଲ୍ଲା କରିଥିଲେ। ଥାନା ପରିସରରେ ପ୍ରାୟ ୨ ଘଣ୍ଟା ଧରି ଉତ୍ତେଜନା ଲାଗି ରହିଥିଲା। ଦାବିଗୁଡିକ ପୂରଣ କରିବାକୁ ପ୍ରତିଶ୍ରୁତି

- ମୃତଦେହ ଧରି ଥାନାରେ ଧସେଇ ପଶିଲେ ବ୍ୟାପକ ଭଙ୍ଗାରୁଜା
- ଏସପିଙ୍କ ପରିଦର୍ଶନ, ୩ ପ୍ଲାଟୁନ ଫୋର୍ସ ମୁତୟନ
- କ୍ଷତିପୂରଣ, ମାଲିକଙ୍କୁ ଗିରଫ, ସରକାରୀ ଚାକିରି ଦାବି



ସମ୍ବଲପୁର ଜିଲା କରବଗା ରାସ୍ତା ଅବରୋଧ କରାଯାଇଛି ।

ନ ଦେବା ଯାଏ ଥାନା ପରିସରରୁ ହଟିବେ ନାହିଁ ବୋଲି ସେମାନେ ଅଡି ବସିଥିଲେ। ଏସପି ସଞ୍ଜୀବ ଆରୋରା, ଅତିରିକ୍ତ ଏସ୍‌ପି ପି.କେ .ମହାପାତ୍ର, ସଦର ଏସଡିପିଓ ଭବାନୀ ଶଙ୍କର ଉଦଗାତା, ଠେଲକୋଲି ଥାନା ଅଧିକାରୀ ସୁରେଶ ସାହୁ, ରେଙ୍ଗାଲି ଥାନା ଅଧିକାରୀ ସୁରୁବାରୁ ଛତ୍ରିଆ ଓ ସଦର ଉପଜିଲାପାଳ ପ୍ରଦୀପ କୁମାର ସାହୁ ଥାନାରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ସୁରକ୍ଷା ଦୃଷ୍ଟିରୁ ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ପ୍ରଶାସନିକ ଅଧିକାରୀ, ପୋଲିସ ଓ ଗ୍ରାମବାସୀଙ୍କ ମଧରେ ଆଲୋଚନା ହୋଇ ଦାବି ପୂରଣର ପ୍ରତିଶ୍ରୁତି ମିଳିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ତେବେ ଥାନାରେ ଭଙ୍ଗାରୁଜାକୁ ନେଇ ପୋଲିସ ଏକ ମାମଲା ରୁଜୁ କରିଛି। ମୋଟ ୯ ଜଣଙ୍କୁ ଅଟକ ରଖାଯାଇଥିବା କତରବଗା ଥାନା ଅଧିକାରୀ ଅଜୟ କୁମାର ଜେନା କହିଛନ୍ତି।

ଶନିବାର ବିଳମ୍ବିତ ରାତିରେ ସର୍କସ ଦେଖି ପ୍ରଶାନ୍ତ ପରିବାର ସହ ଚାଲି ଚାଲି ଘରକୁ ଫେରୁଥିଲେ। ଏକ ବୋଲେରୋ (ନଂ ଓଆର ୧୫-ଆର-୯୦୦୬) ଗାଁ ବସଷ୍ଟାଣ୍ଡ ଛକରେ ଏମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ପ୍ରଶାନ୍ତଙ୍କ ମୃତ୍ୟୁ ଘଟିଥିଲା । ସ୍ତ୍ରୀ ସବିତା ଓ ଝିଅ ଗୁରୁତର ଆହତ ହୋଇ ଏବେ ବୁର୍ଲା ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ପ୍ରଶାନ୍ତଙ୍କ ମୃତ୍ୟୁକୁ ନେଇ ରାତି ସାରା ଗ୍ରାମରେ ଉତ୍ତେଜନା ଲାଗି ରହିଥିଲା। ରବିବାର ସକାଳେ ଗ୍ରାମବାସୀ ଥାନା ସମ୍ମୁଖରେ ଥିବା ଗ୍ରାମ୍ୟ ରାସ୍ତାକୁ ଅବରୋଧ କରିଥିଲେ । ବ୍ୟବଚ୍ଛେଦ ହୋଇ ଅପରାହ୍ନ ଗୋଟାଏରେ ମୃତଦେହ ଗାଁରେ ପହଞ୍ଚିବା ପରେ ମୃତଦେହକୁ ନେଇ ଗାଁ ଲୋକେ ଥାନା ଭିତରକୁ ଧସେଇ ପସିଥିଲେ।

## ହନୁମାନ ଜୟନ୍ତୀ ଅବସରରେ ବାଇକ୍ ଶୋଭାଯାତ୍ରା



ନାକଟିଦେଉଳ ବ୍ଲକ ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ ରବିବାର ହନୁମାନ ଜୟନ୍ତୀ ପାଳନ ଅବସରରେ ବାଇକ ଶୋଭାଯାତ୍ରା ବାହାରିଛି ।

ନାକଟିଦେଉଳ,୧୪।୪(ଡି.ଏନ.ଏ.) ନାକଟିଦେଉଳ ବ୍ଲକ ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ ରବିବାର ହନୁମାନ ଜୟନ୍ତୀ ପାଳନ ସହ ଏହି ଅବସରରେ ଏକ ବାଇକ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି । ଏହି ଅବସରରେ ସକାଳୁ ଚନ୍ଦ୍ରପୁର ନିକଟସ୍ଥ ଶଙ୍କରବାବା ମଠରେ ଥିବା ହନୁମାନ ମନ୍ଦିରରୁ ପୂଜାପାଠ ପରେ ଏହି ବାଇକ ଶୋଭାଯାତ୍ରାର ଶୁଭାରମ୍ଭ ହୋଇଥିଲା । ଏହି ଶୋଭାଯାତ୍ରା ଗୋଧିଡିପ, ନାକଟିଦେଉଳ, ଜଗନ୍ନାଥ ପ୍ରସାଦ, ସରାପାଲି, ଉପରମୁଣ୍ଡା, ମହୁଲୁଦ, ବଲାସିଂଘା, ବଳମ, କେଲୋ, କଞ୍ଚନପୁର, ଗିରିଶ୍ଚନ୍ଦ୍ରପୁର, ପାଣିଗ୍ରାହୀପାଲି, ଖଣ୍ଡିଆମୁଣ୍ଡା, କିସିଣ୍ଡା ଆଦି ଗ୍ରାମ ପରିକ୍ରମା କରିଥିଲା । ଶେଷରେ ଏହି ଶୋଭାଯାତ୍ରା ଲୋଇସିଂହ ଗ୍ରାମର ହନୁମାନ ମନ୍ଦିରରେ ଉଦ୍‌ଯାପିତ ହୋଇଥିଲା । ସେଠାରେ ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ ପ୍ରସାଦ ବଣ୍ଟନ କରାଯାଇଥିଲା । ଭାଗୀରଥି ଗଡ଼ତ୍ୟା, ସଞ୍ଜୟ କୁମାର ପ୍ରଧାନ, ବିଭୂତି ଭୂଷଣ ପ୍ରଧାନ, ବିଜୟ କୁମାର ସାହୁ, ସତ୍ୟାନନ୍ଦ ସାହ ପ୍ରମୁଖ ଏହି ବାଇକ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ସେହିପରି ବ୍ଲକର ଚହଟାପଦାସ୍ଥିତ ହନୁମାନ ମନ୍ଦିର ସମେତ ନାକଟିଦେଉଳ ରଘୁନାଥ ଜୀଉ ମନ୍ଦିର, ବାଘବର, କୁଞ୍ଜାମୁରା, ମହୁଲୁଦ ଆଦି ଗ୍ରାମରେ ହନୁମାନ ଜୟନ୍ତୀ ପାଳନ କରାଯିବା ସହ ପଣା ସଂକ୍ରାନ୍ତି ମଧ ପାଳିତ ହୋଇଯାଇଛି । ଏହି ଅବସରରେ ମନ୍ଦିର ପରିସରରେ ହୋମଯଜ୍ଞ ସହ ନାମସଂକୀର୍ତ୍ତନ ଆୟୋଜିତ ହୋଇଥିଲା ।

## ରବି ଧାନରେ ରୋଗପୋକ କାମକୁ ଆସୁନି କୀଟନାଶକ

ଅତାବିରା, ୧୩।୪ (ଡି.ଏନ.ଏ) ଅତାବିରା ବ୍ଲକ ଅଞ୍ଚଳରେ ରବିଧାନ ପାକଳ ଅବସ୍ଥାକୁ ଆସିଗଲାଣି। ଆଉ ଅଳ୍ପଦିନ ଭିତରେ ଧାନ ଅମଳ ହେବ । ଏବେ ଧାନ ଫସଲରେ ରୋଗପୋକଙ୍କ ପ୍ରାଦୁର୍ଭାବ ଆରମ୍ଭ ହୋଇଛି । ପୂର୍ବବର୍ଷ ପରି ଚଳିତ ରବି ଫସଲରେ ଚକଡା ପୋକ ଆରମ୍ଭରୁ ଦେଖାଗଲେଣି । ଏହାକୁ ଦମନ କରିବା ପାଇଁ ଚାଷୀମାନେ ଶ୍ରମିକ ନିୟୋଜିତ କରି କୀଟନାଶକ ଔଷଧ ପ୍ରୟୋଗ କରୁଥିଲେ ମଧ କାମକୁ ଆସୁ ନ ଥିବା ଚାଷୀ ଶ୍ରୀନିବାସ ନାରାୟଣ କୁହନ୍ତି । ଏପରିକି ବିଭିନ୍ନ ତୃଣ ନାଶକ (ଲଟାମରା) ଔଷଧ ମଧ ଚାଷଜମିରେ ପ୍ରୟୋଗ କରିଥିଲେ ମଧ ଘାସ ମରିବା ଅପେକ୍ଷା ଅଧିକ ଦେଖାଯାଉଛି। ସେମାନେ ବଜାରରୁ ଯେଉଁ କୀଟନାଶକ କିଣି ଧାନଜମିରେ ପ୍ରୟୋଗ କରୁଛନ୍ତି, ତାହା କାମ କରୁ ନ ଥିବାରୁ ରୋଗପୋକ ବଢୁଛନ୍ତି। ଫଳରେ ଧାନ ଅମଳ କମ୍ ହେବ ବୋଲି ଚାଷୀ ଆଶଙ୍କା ପ୍ରକାଶ କରିଛନ୍ତି ।

## କଦଳୀଗଡ ଅରବିନ୍ଦ ସ୍କୁଲର ବାର୍ଷିକୋତ୍ସବ



କଦଳୀଗଡ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି।

ରେଢାଖୋଲ,୧୪।୪(ଡି.ଏନ.ଏ.) ରେଢାଖୋଲ ବ୍ଲକ କଦଳୀଗଡ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ ପାଳିତ ହୋଇଛି। ଅନୁଷ୍ଠାନର ସଭାପତି ପ୍ରତାପ ମେସ୍ୱାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମିତିସଭ୍ୟ ଧର୍ମେନ୍ଦ୍ର କଅଁର ମୁଖ୍ୟ ଅତିଥି, କିଶୋରନଗର ହାଇସ୍କୁଲର ଶିକ୍ଷକ ତଥା ବିଶିଷ୍ଟ ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟି, ଯୁବ କବି କୁଳମଣି ମେହେର, ସାଧକ ଦୁଃଖୀଶ୍ୟାମ ଓ କଳ୍ପନା ରାଉଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଲକ୍ଷ୍ମଣ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଶଙ୍କର୍ଷଣ ମହାକୁଡ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ଅଧକ୍ଷ ଗଙ୍ଗାଧର ମେହେର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ତୃପ୍ତିରେଖା ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ବାର୍ଷିକୋତ୍ସବ ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ସମ୍ବିଧାନ ପ୍ରଣେତା ଆମ୍ବେଡକରଙ୍କ ଜୟନ୍ତୀ

ସମ୍ବଲପୁର,୧୪।୪(ବ୍ୟୁରୋ) ସମ୍ବଲପୁର ଜିଲା ପ୍ରଶାସନ ପକ୍ଷରୁ ବାବା ସାହେବ ଆମ୍ବେଡ଼କରଙ୍କ ଜୟନ୍ତୀ ଶ୍ରୀ ଅରବିନ୍ଦ ସ୍କୁଲରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଆମ୍ବେଡ଼କର ଫାଉଣ୍ଡେଶନ ସଦସ୍ୟ ଦିଲୀପ କୁମାର ବେହେରା ଯୋଗ ଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦିଲିପ ଚନ୍ଦ୍ର ସାମନ୍ତରାୟ ଯୋଗ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧରେ ବ୍ରଜ କିଶୋର ହୋତା, ଶ୍ରୀକାନ୍ତ ଷଡଙ୍ଗୀ ବ୍ୟକ୍ତବ୍ୟ ଦେଇଥିଲେ।

**ପଡିଆବାହାଲ,** (ଡି.ଏନ.ଏ.)ସ୍ଥାନୀୟ ଆମ୍ବେଡ଼କର ସେବା ସମିତି ତରଫରୁ ୧୨୦ତମ ଜନ୍ମ ଜୟନ୍ତୀ ପାଳିତ ହୋଇଛି। ସମିତି ତରଫରୁ ଏକ ଶୋଭାଯାତ୍ରା ପଡିଆବାହାଲ ଡାକ୍ତରଖାନା ଛକରୁ ବାହାରି ସହର ପରିକ୍ରମା କରିଥିଲା। ସେବା ସମିତିର ଅଫିସ ଗୃହଠାରେ ସାଧାରଣ ସଭା ହୋଇଥିଲା।

ଚିପିଲିମା, (ଡି.ଏନ.ଏ.)ଭାରତୀୟ ଜନତା ପାର୍ଟି ବୁର୍ଲା ମଣ୍ଡଳ ତରଫରୁ ମହତାବ ନଗର ପାହାଡ ଉପରେ ଥିବା ପାହାଡି ବାବାଙ୍କଠାରେ ସ୍ଥାପିତ ହୋଇଥିବା ହନୁମାନ ବାବାଙ୍କଠାରେ ପୂଜାର୍ଚ୍ଚନା କରି ଏକ ମୋଟର ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଶୋଭାଯାତ୍ରା ହନୁମାନ ବାଟିକାଠାରୁ ଆରମ୍ଭ ହୋଇ ଜଗନ୍ନାଥ ମନ୍ଦିର ଛକ, ଗୋପବନ୍ଧୁ ଛକ, ଲକ୍ଷ୍ମୀପୂଜା ଛକ, କଚ୍ଚାମାର୍କେଟ, ପେଟ୍ରୋଲପମ୍ପ ଛକ ଦେଇ ବୁର୍ଲା ହାଇସ୍କୁଲ ସମ୍ମୁଖରେ ପହଞ୍ଚି ଥିଲା। ସେଠାରେ ଥିବା ବାବା ସାହେବ ଡ. ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ବୁର୍ଲା ଭାଜପା ମଣ୍ଡଳର ସଭାପତି ଆଇନଜୀବୀ ନମ୍ରସକାନ୍ତ ପଟ୍ଟନାୟକ ତାଙ୍କର ବକ୍ତବ୍ୟରେ ଭାରତୀୟ ଶାସନତନ୍ତ୍ରରେ ବାବାସାହେବଙ୍କର ଭୂମିକା ଉପରେ ଆଲୋକପାତ କରିଥିଲେ । ସଭାଶେଷରେ ଉପସଭାପତି ବୈଶାଖୁ କଲେତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଶୋଭାଯାତ୍ରାରେ ବୁର୍ଲା ମଣ୍ଡଳର ନେତ୍ରରଞ୍ଜନ ଦାଶ, ଚଣ୍ଡିପ୍ରକାଶ ଦାଶ, ଏମଡି ଅନସାର, ନରେନ୍ଦ୍ର ପ୍ରଧାନ, ସୁଧୀର କୁମାର ପୂଜାରୀ, ଅଶୋକ ନାଏକ, ଜୟାନନ୍ଦ ନାଏକ, ଅର୍ଜୁନ ପୋଢ଼, ନରେନ୍ଦ୍ର ଷଣ୍ଢ, କୌଳାସ ଦାସ, ପିଙ୍କୁ ନାଗ, ଧର୍ମେନ୍ଦ୍ର ଗିରି, ପ୍ରଦୀପ ତ୍ରିପାଠୀ, ଓକିଲ ଭୋସାଗର, କୁବେର ଗୁପ୍ତା, ରାଜୁ ସେଠ, ହୃଷିକେଶ ସରଭଙ୍ଗ, ମନ୍ମଥ ପାତ୍ର, କ୍ରିଷ୍ଣା ଶର୍ମା, ସନ୍ତୋଷ ସାହୁ, ସୁଜର ବାନାର୍ଜୀ, ରଞ୍ଜିତ ସିଂ, ପୀତାମ୍ବର ଭୋଇ ଓ ମାନସ ଦାଶ ପ୍ରମୁଖ ସାମିଲ ହୋଇଥିଲେ।



ସମ୍ବଲପୁର ଜିଲା ପ୍ରଶାସନ ପକ୍ଷରୁ ଆମ୍ବେଡ଼କର ଜୟନ୍ତୀରେ ଅତିଥିମାନେ।

ଜିଲାସ୍ତରୀୟ ନକ୍‌ଆଉଟ କ୍ରିକେଟ ଟୁର୍ନାମେଣ୍ଟ

## ଉତ୍କଳ ସଂଘ, ଆ.କଟାପାଲି ବିଜୟୀ

ସମ୍ବଲପୁର, ୧୪।୪ (ବ୍ୟୁରୋ)

ଜିଲାସ୍ତରୀୟ ନକ ଆଉଟ କ୍ରିକେଟ ଟୁର୍ନାମେଣ୍ଟ ରବିବାର ମ୍ୟାଚରେ ଉତ୍କଳ ସଂଘ ଓ ଆ.କଟାପାଲି କ୍ରୀଡା ସଂଘ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ପ୍ରଥମ ମ୍ୟାଚ ଆ.କଟାପାଲି ବନାମ ଗୋଲ୍ଡେନ ଇଗଲ କ୍ରିକେଟ କ୍ଲବ ମଧରେ ହୋଇଥିଲା । ଆ. କଟାପାଲି ୩୦ ରନ ବ୍ୟବଧାନରେ ବିଜୟୀ ହୋଇଥିଲା । ସେହିପରି ଦ୍ୱିତୀୟ ମ୍ୟାଚ ଉତ୍କଳ ସଂଘ ବନାମ ଶିବାଜୀ କ୍ଲବ ମଧରେ ହୋଇଥିଲା । ଉତ୍କଳ ସଂଘ ୧୧୬ ରନ ବ୍ୟବଧାନରେ ବିଜୟୀ ହୋଇ ରେକର୍ଡ ସୃଷ୍ଟି କରିଥିଲା । ମହେଶ ମୁନସୀ, ଅଭିନବ ସାମଦ, ପ୍ରଶାନ୍ତ ପତି, ମହମ୍ମଦ ଇସାକ ମ୍ୟାଚ ପରିଚାଳନା କରିଥିଲେ । ସୟଦ ଜ୍ୟାତି ଓ ନିଜାମ୍ ସ୍କୋରର ଥିଲେ ।

## ହନୁମାନ ଚାଳିଶା ପାଠ

ସମ୍ବଲପୁର, ୧୪।୪ (ବ୍ୟୁରୋ)

ମହିଳା ସୁନ୍ଦରାକାଣ୍ଡ ପ୍ରଚାର ସମିତିର ବାର୍ଷିକ ଉତ୍ସବ ଏନ. ଗୁହାଲେନରେ ଅନୁଷ୍ଠିତ ହୋଇଯାଇଛି। ହନୁମାନ ଚାଳିଶା ପାଠ କରାଯାଇଥିଲା । ଅର୍ଚ୍ଚନା ମଜୁର୍ଦ୍ଦାର, ଜ୍ୟୋତି ପଣ୍ଡା, ପ୍ରଭାତି ପୂଜାରୀ, ଜାନକୀ ଗୁରୁ, କୈଳାସିନୀ ପାଢ଼ୀ, ଶ୍ରୀକାନ୍ତୀ ପାଢ଼ୀ, ବିଜୟଲକ୍ଷ୍ମୀ ପାଢ଼ୀ, ମିନତି ପଣ୍ଡା, ରାଜଲକ୍ଷ୍ମୀ ପଣ୍ଡା, କନକ ନନ୍ଦ, ଜୁବଲି ନନ୍ଦ, ମଞ୍ଜୁରୀ ମଜୁର୍ଦ୍ଦାର, ପୁଷ୍ପା ପ୍ରଧାନ, କେ.ସି. ମହାକୁଡ, ସୁଶୀଳା ପଣ୍ଡା, ମନୋରମା ମେହେର, ବାସନ୍ତୀ ମିଶ୍ର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

## ୧୬ରେ ମୋଦି, ୧୫ରେ ଧର୍ମେନ୍ଦ୍ରଙ୍କ ରୋଡ୍ ଶୋ

ସମ୍ବଲପୁର,୧୪।୪(ବ୍ୟୁରୋ) ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏପ୍ରିଲ ୧୬ ତାରିଖ ସମ୍ବଲପୁର ଗସ୍ତରେ ଆସୁଛନ୍ତି। ସମ୍ବଲପୁର ଲୋକ ସଭା ସିଟ୍ ଓ ଏହି କ୍ଷେତ୍ର ଅଧୀନ ୫ଟି ବିଧାନ ସଭା ସିଟ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଦଳୀୟ ପ୍ରାର୍ଥୀଙ୍କ ପାଇଁ ସେ ନିର୍ବାଚନ ପ୍ରଚାର କରିବେ। ମୋଦି ପ୍ରଥମେ ଝାରସୁଗୁଡା ବିମାନବନ୍ଦରରେ ଓହ୍ଲାଇ ସମ୍ବଲପୁର ରେମେଡସ୍ଥିତ ପଡିଆକୁ ଆସିବେ । ଏଣୁ ସେଠାରେ ସୁରକ୍ଷା ବ୍ୟବସ୍ଥା ସହ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ସେହିପରି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୧୫ ତାରିଖ ସନ୍ଧ୍ୟାରେ ଏକ ବିରାଟ ରୋଡ ସୋରେ ଯୋଗ ଦେବେ। ଏହା କୁଞ୍ଜେଲପଡା ଛକରୁ ବାହାରି, ଗେଇଟି ରୋଡ, ଗୋଳବଜାର, ରଗ୍ଡେଲିଆ ଛକ ଦେଇ ମୁଦିପଡାରେ ଶେଷ ହେବ। ଏକ ଖବରଦାତା ସମ୍ମିଳନୀରେ ଭାଜପା ନେତାମାନେ ଏହି ସୂଚନା ଦେଇଛନ୍ତି। ମାନସ ବକ୍ସି, ଜୟନାରାୟଣ ମିଶ୍ର, ଗୋବିନ୍ଦ୍ର ଅଗ୍ରୱାଲ, ରାମଚନ୍ଦ୍ର ମେହେର, ସୂର୍ଯ୍ୟ ପାଣିଗ୍ରାହୀ ପ୍ରମୁଖ ଏହି ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## ସଞ୍ଜୟ ବାବୁ ବିଜେଡି ରାଜ୍ୟ ସମ୍ପାଦକ

**ସମ୍ବଲପୁର, ୧୪।୪ (ବ୍ୟୁରୋ)** ବିଜେଡି ରାଜ୍ୟ ସମ୍ପାଦକ ଭାବେ ସମ୍ବଲପୁରର ସଞ୍ଜୟ ବାବୁଙ୍କୁ ନିଯୁକ୍ତି ଦିଆଯାଇଛି । ସମ୍ବଲପୁର ବିଜେଡି କର୍ମୀ ଓ ନେତାମାନେ ରବିବାର ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସୂଚନାଯୋଗ୍ୟ ଯେ, ସଞ୍ଜୟ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ ସଭାପତି ହୋଇଥିଲେ । ଛାତ୍ର ଜୀବନରୁ ରାଜନୀତିରେ ଯୋଗ ଦେଇଥିଲେ । ପୂର୍ବରୁ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ଉପସଭାପତି, ବିଜୁ ଯୁବ ଜନତା ଦଳ ସମ୍ବଲପୁର ଜୋନ ସଭାପତି, ରାଜ୍ୟ ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରିଛନ୍ତି ।

# ନିର୍ବାଚନୀ ପ୍ରଚାରରେ ବ୍ୟସ୍ତ ନେତା

ସମ୍ବଲପୁର,୧୪।୪(ବ୍ୟୁରୋ)

ସମ୍ବଲପୁର ମୁଦିପଡାଠାରେ ବିଜେଡିର ନିର୍ବାଚନୀ ପ୍ରଚାର ରବିବାର ଅନୁଷ୍ଠିତ ହୋଇଛି । ତ୍ରିଶୁଳ କ୍ଲବର କର୍ମକର୍ତ୍ତା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ । ଏଥିରେ ବିଜେଡି ସମ୍ବଲପୁର ଲୋକସଭା ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନ, ବିଧାନସଭା ପ୍ରାର୍ଥିନୀ ରାସେଶ୍ୱରୀ ପାଣିଗ୍ରାହୀ ଯୋଗଦେଇଥିଲେ । ବିଜେଡି ଜିଲା କୃଷକ ସେଲ ସଭାପତି ଆନନ୍ଦ ଜେନା, ଜଗଦୀଶ ପଣ୍ଡା, ବିଜେଡି ମହିଳା ସଭାନେତ୍ରୀ ରାଜଲକ୍ଷ୍ମୀ ପ୍ରଧାନ ସାମିଲ ହୋଇଥିଲେ।

ବାମରା, (ସ୍ୱ.ପ୍ର.) କୁଚିଣ୍ଡା ନିର୍ବାଚନ ମଣ୍ଡଳୀର ୩ଟି ଯାକ ବ୍ଲକ କୁଚିଣ୍ଡା, ଜମନକିରା ଓ ବାମରା ବ୍ଲକର ବିଭିନ୍ନ ଅଞ୍ଚଳରେ କଂଗ୍ରେସ ନିର୍ବାଚନୀ ପ୍ରଚାର ଆରମ୍ଭ କରିଛି। ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକ, ବିଧାୟକ ପ୍ରାର୍ଥୀ ଶୋଭାରାମ ପ୍ରଧାନ, ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଛତ୍ରିଆ ପ୍ରମୁଖ ସାମିଲ ଥିଲେ । କେଶାଇବାହାଲରେ ଖଡୁନାଥ ପିଙ୍ଗ, ସିଦ୍ଧେଶ୍ୱର ପଣ୍ଡା, ପଦ୍ମଲୋଚନ ଭଇଁଷା, ରଞ୍ଜନ ପଟେଲ, ପ୍ରଶାନ୍ତ ରାଉତ, ରାଏଧର ବାଘ, ବିଜୟ ନାଗ ଓ ରୋହିତ ପଟେଲଙ୍କ ସହଯୋଗରେ ଏକ ରୋଡ ଶୋର ଆୟୋଜନ କରାଯାଇଥିଲା । ସେହିଭଳି ବାମରାସ୍ଥିତ ବିଜୁ ପଟ୍ଟନାୟକ ଛକରୁ ଶ୍ରବଣ ଚୌଧୁରୀ ଓ ଇନ୍ଦ୍ରଦେବ ଚୌଧୁରୀଙ୍କ ନେତୃତ୍ୱରେ ଏକ ବାଇକ ରାଲି ବାହାରିଥିଲା। ବ୍ଲକ ସଭାପତି କ୍ଷୀରୋଦ କୁମାର ସାଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ଶାନ୍ତି କଂସଲ, ନିର୍ମଳା କଶ୍ୟପ, ତେଜିରାଣୀ ଏକ୍କା, ସଚ୍ଚିଦା ସାହୁ, ଜଗଦୀଶ ପାଲ, ମହମ୍ମଦ ଅସଗର, ବିଷ୍ଣୁଦେବ ଶର୍ମା ପ୍ରମୁଖ ଯୋଗ ଦେଇଥିଲେ।





ସଭାରେ ବିଜେଡି ଲୋକସଭା ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନ ବକ୍ତବ୍ୟ ଦେଉଛନ୍ତି (ବାମ) । ନିର୍ବାଚନୀ ପ୍ରଚାର ସଭାରେ କଂଗ୍ରେସ ପ୍ରାର୍ଥୀ।

# ନୃତ୍ୟ, ବାଦ୍ୟରେ କମ୍ପିଲା ରାସ୍ତା

- ହନୁମାନ ଜୟନ୍ତୀ ଶୋଭାଯାତ୍ରା
- ଛତିଶଗଡର ଝାଞ୍ଜ ସାମିଲ
- ଜିଲା ସ୍କୁଲ ଛକରେ ମହା ଆଳତି

## ନିଆରା ପରମ୍ପରା ...

ଏସଆରଆଇଟି କଲୋନୀ ୱେଲଫେୟାର କମିଟି ଓ ଅଇଁଠାପାଲି ନୂଆପଡା କମିଟି ଶୋଭାଯାତ୍ରାରେ ଶତାଧିକରୁ ଊର୍ଦ୍ଧ୍ୱ ମହିଳା ସାମିଲ ହୋଇଥିଲେ । ସେମାନେ ମୁଣ୍ଡରେ ଜୟଶ୍ରୀରାମ ଲେଖାଥିବା ଚୁନରି ବାନ୍ଧି ହନୁମାନଙ୍କ ଗୁଣଗାନ କରିବାକୁ ଦେଖିବାକୁ ମିଳିଥିଲା । ଅଇଁଠାପାଲି, ସହଯୋଗ ନଗର, ଜଗନ୍ନାଥ କଲୋନୀ, ଫାଟକ, ବୁଢ଼ାରଜା ମୁଖ୍ୟ ରାସ୍ତା ଦେଇ ଶୋଭାଯାତ୍ରା ପରିକ୍ରମା କରିଥିଲା । ଲୋକବାଦ୍ୟ ସହ ବିଭିନ୍ନ ଦେବୀଦେବ ବେଶରେ ଶିଶୁମାନେ ସାମିଲ ହୋଇଥିଲେ । ଏଥିସହ ଭକ୍ତମାନେ ହନୁମାନ ବେଶରେ ସଜ୍ଜିତ ହୋଇ ଭକ୍ତମାନଙ୍କୁ ଆଶୀର୍ବାଦ କରିଥିଲେ ।

**ସମ୍ବଲପୁର, ୧୪।୪ (ବ୍ୟୁରୋ)**

ସମ୍ବଲପୁରରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ଏକ ପରମ୍ପରା ଭାବେ ବହନ କରି ଆସୁଛି । ରବିବାର ହନୁମାନ ମନ୍ଦିର ଗୁଡିକରେ ପୂଜାର୍ଚ୍ଚନା କରାଯାଇଛି । ସନ୍ଧ୍ୟାରେ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଶକ୍ତିଛକଠାରେ ସଂପନ୍ନ ହୋଇଛି । ଭକ୍ତଙ୍କ ଜୟ ହନୁମାନ, ଜୟ ଶ୍ରୀରମ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଶୋଭାଯାତ୍ରା । ଭକ୍ତମାନେ ପାରମ୍ପରିକ ଗଦା ଓ ବାଡି ଖେଳ ପ୍ରଦର୍ଶନ କରିଥିଲେ । ବୁଦ୍ଧବିହାର ହନୁମାନ ମନ୍ଦିରରୁ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା । ଏହାପରେ ଜିଲା ସ୍କୁଲ ଛକରେ ବୀର ହନୁମାନଙ୍କ ପ୍ରତିମୂର୍ତ୍ତିରେ ମହାଆଳତି ହୋଇଥିଲା । ହରିଶ୍ଚନ୍ଦ୍ର ମିଶ୍ର ପୂଜାର୍ଚ୍ଚନା କରିଥିଲେ । ଏଥିରେ ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ର ମଧ୍ୟ ଆଳତି କରିଥିଲେ । ଭାଜପା ସମ୍ବଲପୁର ଲୋକସଭା ପ୍ରାର୍ଥୀ ନିତେଶ ଗଙ୍ଗଦେବ ସାମିଲ ହୋଇଥିଲେ । ଶ୍ରୀଶ୍ରୀ ହନୁମାନ ଜୟନ୍ତୀ ସମନ୍ୱୟ ସମିତି ସଭାପତି ସତ୍ୟନାରାୟଣ ପଣ୍ଡା ଓ କାର୍ଯ୍ୟକାରୀ ସଭାପତି ଗିରିଶ ପଟେଲଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା । ମୁଖ୍ୟ ଶୋଭାଯାତ୍ରାରେ ଦଲେଇପଡ଼ା, ନନ୍ଦପଡ଼ା, ଗୋଲବଜାର, ମାୟା ବଗିଚା, କୁମ୍ଭାରପଡ଼ା, ସାଲିଆବଗିଚା, ରେମେଡ଼, ତିୱାରିଗଳି, ତାଳଭଟାପଡ଼ା, ପରଦେଶୀପଡ଼ା, ମଖନାପଡ଼ା, କ୍ଷେତରାଜପୁର, ବନ୍ଧପଡ଼ା, ମୁଦିପଡ଼ାର ମାଣିକ ମୁଣ୍ଡା, ଭୁତାପଡ଼ା, ଉପରପଡ଼ା ଓ ସୁନାପାଲି, ସାକ୍ଷୀପଡ଼ା ଓ ପଣ୍ଡିତ ଲକ୍ଷ୍ମୀନାରାୟଣ ଗଳି, ଗେଙ୍ଗଟିପାଲି, ମୋତିଝରଣ, ଧନକଉଡ଼ା, ଭତରା, ପିଲାକନ୍ଦେଇ ପଡ଼ା ଓ ଧନୁପାଲି ଅଞ୍ଚଳ ଯାତ୍ରା ଏବଂ ମେଢ଼ ସାମିଲ ହୋଇଥିଲା । ବୀର ସୁରେନ୍ଦ୍ର ସାଏ ମାର୍ଗ, ଲକ୍ଷ୍ମୀଟକିଜ ଛକ, ଗୋଲବଜାର ଛକ, ଗେଟି ରୋଡ, କୁଞ୍ଜେଲପଡା, ନନ୍ଦପଡା, ଝାଡୁଆପଡା, ମ୍ୟୁନିସିପାଲଟି ଛକ ପରିକ୍ରମା କରି ଶକ୍ତିଛକରେ ପହଞ୍ଚିଥିଲା । ସେଠାରେ ସମନ୍ୱୟ ସମିତି କର୍ମକର୍ତ୍ତାମାନେ ଆଖଡା ଉସ୍ତାଦମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଯାତ୍ରାରେ ଛତିଶଗଡର ଝାଞ୍ଜ, ସଂପ୍ରଦା, କୀର୍ତ୍ତନ, ଘଣ୍ଟ, ଶଙ୍ଖ, ଦୁଲଦୁଲି ସାମିଲ ହୋଇଥିଲା । ସେହିପରି ଡିଜେ ମାଧ୍ୟମରେ ହନୁମାନ ଚାଳିଶା ଉଚ୍ଚାରଣ କରାଯାଇଥିଲା । ଏଥିରେ ଭକ୍ତମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ । ବିଭିନ୍ନ ଅଞ୍ଚଳର ବାଳିକା, ବାଳକମାନେ ରାମ, ଲକ୍ଷ୍ମଣ, ସୀତା, ହନୁମାନ, ଭରତ, ଲକ୍ଷ୍ମଣ, ଦେବାଦେବୀ, ରାକ୍ଷାସ, ବନ୍ୟଜନ୍ତୁଙ୍କ ବେଶରେ ସଜ୍ଜିତ ହୋଇଥିଲେ । ସାଧାରଣ ସମ୍ପାଦକ ସୁଧୀର ରଞ୍ଜନ ବହିଦାର, ଉପଦେଷ୍ଟା ପ୍ରଦୀପ କୁମାର ବହିଦାର, ଗୋଲକ ବିହାରୀ ମିଶ୍ର, ଶିବ କୁମାର ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଉପସଭାପତି ରାଜୀବ ଶତପଥୀ, ପ୍ରଦୀପ ସୁପକାର, ସୋମିତ୍ର ଯତି, ଶୋଭନ ପଟ୍ଟନାୟକ, ଅଶ୍ୱିନୀ ମାଝି, ଶିଶିର ବହିଦାର, ଦେବନ୍ତ ବେହେରା, ପ୍ରକାଶ ପ୍ରଧାନ, ସରୋଜ ଘଡେଇ, ଅନ୍ନପୂର୍ଣ୍ଣା ବାରିକ, ପ୍ରତିଭା ଦାଶ, ରୁନୁ ପ୍ରଧାନ, ସୁବର୍ଣ୍ଣ କୁଅଁର, ପ୍ରଭାସିନୀ ଦାଶ, ଅଭିନାଶ ତିୱାରୀ, ଡା. ଶ୍ୟାମକାନ୍ତ ବିଶି, କାଞ୍ଚନ ଲୁହା କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।


ଜିଲା ସ୍କୁଲ ଛକଠାରେ ସମନ୍ୱୟ ସମିତିର ମୁଖ୍ୟ ମେଢ଼ରେ ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ର ମହାଆଳତି କରୁଛନ୍ତି ।


ଦେବଦେବୀ ବେଶରେ ଶିଶୁମାନେ ।


ମାଆ ସହ ହନୁମାନ ।


ଦୁଇ ଜଣ ଭକ୍ତ ହନୁମାନ ବେଶରେ ।


ଏସଆରଆଇଟି ୱେଲଫେୟାର କମିଟିର ମେଢ଼ ।


ଏସଆରଆଇଟି ୱେଲଫେୟାର କମିଟି ଶୋଭାଯାତ୍ରା ।


ସମୂହ ହନୁମାନ ଚାଳିଶା ପଠନ ।


ସାମାନୁଜ ସମିତି ଆଳତି ।


ଜିଲା ସ୍କୁଲ ଛକରେ ମହିଳାମାନେ ଦୀପ ଜାଳି ଶୋଭାଯାତ୍ରାକୁ ସ୍ୱାଗତ କରୁଛନ୍ତି ।


ଶୋଭାଯାତ୍ରାରେ କାଠ ଖଣ୍ଡା ପ୍ରଦର୍ଶନ କରୁଛନ୍ତି ।


ଶୋଭାଯାତ୍ରାରେ ଆଖଡା ପ୍ରଦର୍ଶନ ।


ବଜରଙ୍ଗ ଦଳ ସଭ୍ୟଙ୍କ ଜୟଗାନ ।


ଛତିଶଗଡର ଝାଞ୍ଜ ନୃତ୍ୟ ।


ଅନୁଗୁଳର ଢ଼ୋଲ ବାଦ୍ୟ ।


ଛତିଶଗଡର କୀର୍ତ୍ତନ ଦଳ ।


ବାଡି ଖେଳ ନୃତ୍ୟ ।


ଶୋଭାଯାତ୍ରାରେ ମହିଳା ଭକ୍ତ ।


ମହିଳା ଶୋଭାଯାତ୍ରାରେ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ।


କଂଗ୍ରେସ ପ୍ରାର୍ଥୀ ଡ. ଅଶ୍ୱିନୀ ପୂଜାହାରୀ ସାମିଲ ହୋଇଛନ୍ତି ।

## କନ୍ଧମାଳ ବିଧାନସଭା ନିର୍ବାଚନମଣ୍ଡଳୀ

# ବିଜେଡି, ଭାଜପାକୁ ଅଡୁଆ ସ୍ୱାଧୀନ ପ୍ରାର୍ଥୀ

**ଆଦିତେଶ୍ୱର ମିଶ୍ର**
**କନ୍ଧମାଳ,୧୪।୪**

ନିର୍ବାଚନ ମଣ୍ଡଳୀ ପୁନର୍ଗଠନ ହେବା ପରେ ବାଲିଗୁଡା ଓ ବୌଦ୍ଧ ନିର୍ବାଚନ ମଣ୍ଡଳୀର ଅଂଶକୁ ନେଇ କନ୍ଧମାଳ ବିଧାନସଭା କ୍ଷେତ୍ର ଗଠିତ ହୋଇଛି। କନ୍ଧମାଳ ନିର୍ବାଚନ ମଣ୍ଡଳୀରୁ ୨୦୧୪ ନିର୍ବାଚନରେ ବିଜେଡିର ମହୀଧର ରଣା ବିଜୟୀ ହୋଇଥିଲେ। ଚଳିତ ନିର୍ବାଚନରେ ମହୀଧର ବିଜେଡି ପ୍ରାର୍ଥୀ ହୋଇଛନ୍ତି। ସେହିପରି କଂଗ୍ରେସରୁ ଆଇନଜୀବୀ ପ୍ରଶାନ୍ତ ସାହୁ, ଭାଜପାର କହ୍ନେଇ ଚରଣ ଡାଙ୍ଗ ନିର୍ବାଚନ ଲଢୁଛନ୍ତି। ସେପଟେ ଶେଷ କୁମାର ମେହେର ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଥିବାରୁ ଏହା ବିଜେଡି ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି।

ଚଳିତ ନିର୍ବାଚନରେ ଏଠାରେ କଂଗ୍ରେସ ଚାଷ ଓ ଚାଷୀ ସମସ୍ୟାକୁ ମୁଖ୍ୟ ପ୍ରସଙ୍ଗ କରି ଭୋଟ୍ ହାତେଇବାକୁ ଲକ୍ଷ୍ୟ ରଖିଛି। ୨୦୧୪ ନିର୍ବାଚନରେ ଅନ୍ୟ ଦଳକୁ ଚାଲିଯାଇଥିବା ପାରମ୍ପରିକ ଭୋଟ ଫେରାଇ ଆଣିବାକୁ କଂଗ୍ରେସ ଉଦ୍ୟମ ଚଳାଇଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟବୃଦ୍ଧି, କୃଷିଋଣ ଛାଡ ସହ ଜଳସେଚନ ପାଇଁ କଂଗ୍ରେସ ପ୍ରତିଶ୍ରୁତି ଦେଉଛି। ସେହିପରି ଭାଜପା ବିଜେଡିର ୧୯ ବର୍ଷର କଳଙ୍କିତ ଶାସନକୁ ସମାଲୋଚନା କରିବା ସହ ମୋଦିଙ୍କ ଲୋକପ୍ରିୟତାକୁ ପାଥେୟ କରି ଭୋଟ୍ ପାଇବାକୁ ଯୋଜନା ଚଳାଇଛି। ଭାଜପା ପ୍ରାର୍ଥୀ କହ୍ନେଇ ଚରଣ ଡାଙ୍ଗଙ୍କ ବୌଦ୍ଧ ବ୍ଲକ ଅଞ୍ଚଳରେ ସଙ୍ଗଠନ ରହିଛି। ସ୍ୱାଧୀନ ପ୍ରାର୍ଥୀ ଶେଷ କୁମାରଙ୍କ ଘର ମଧ୍ୟ ବୌଦ୍ଧ ବ୍ଲକ ଅଞ୍ଚଳରେ ହୋଇଥିବାରୁ ଏହି ବ୍ଲକର ୧୨ଟି ପଞ୍ଚାୟତରେ କହ୍ନେଇ ଓ ଶେଷକୁମାରଙ୍କ ମଧ୍ୟରେ କଡା ଟକ୍କର ହେବ। ଭାଜପା ପ୍ରାର୍ଥୀ କହ୍ନେଇ ଚରଣ କହିଛନ୍ତି ଯେ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ଦୃଷ୍ଟିରୁ କନ୍ଧମାଳ ବହୁ ପଛରେ ରହିଛି। ଜଳସେଚନ ଓ ଚାଷୀ ସମସ୍ୟା ମଧ୍ୟ ଏଠି ଉତ୍କଟ। ସେସବୁ ଦିଗରେ କାର୍ଯ୍ୟ କରିବାକୁ ସେ ପ୍ରତିଶ୍ରୁତିବଦ୍ଧ ଅଟନ୍ତି।


ମହୀଧର ରଣା


କହ୍ନେଇ ଚରଣ ଡାଙ୍ଗ


ପ୍ରଶାନ୍ତ ସାହୁ


ଶେଷ କୁମାର ମେହେର

ଅନ୍ୟପକ୍ଷେ ବିଧାୟକ ମହୀଧର ରଣା ତୃଣମୂଳସ୍ତରରେ ବିଜେଡିର ସଙ୍ଗଠନକୁ ଧରି ନିର୍ବାଚନ ବୈତରଣୀ ପାର ହେବକୁ ଆଶା ବାନ୍ଧିଛନ୍ତି। ୧ ନମ୍ବର ଜୋନରେ ତାଙ୍କ ଘର ହୋଇଥିବାରୁ ସେହି ଜୋନ୍‌ର ଭୋଟ୍ ଉପରେ ତାଙ୍କ ବିଜୟ ନିର୍ଭର କରୁଛି। କାରଣ ସେ ଗତ ନିର୍ବାଚନରେ ସେଠାରୁ ବିପୁଳ ଭୋଟ ପାଇ ବିଜୟୀ ହୋଇଥିଲେ। ମହୀଧର କୁହନ୍ତି, ମୋ କାର୍ଯ୍ୟକାଳ ଭିତରେ ଜାମୁଟ ଘାଟରେ ପୋଲ, କନ୍ଧମାଳ, ଘଣ୍ଟାପଡା ଓ ଗବଜୋରଠାରେ ତେଲ ନଦୀରେ ପୋଲ ସହିତ ଜଳସେଚନ କ୍ଷେତ୍ରରେ ଯାହା ପାରିଛି, କାମ କରିଛି। ଆହୁରି ଅଧୁରା ସ୍ୱପ୍ନ ରହିଛି। ନିର୍ବାଚନରେ ବିଜୟୀ ହେଲେ ସେସବୁ ପୂରଣ କରିବି। ହେଲେ ତାଙ୍କ ପାଇଁ ମଧ କଣ୍ଟା ହୋଇ ଠିଆ ହୋଇଛନ୍ତି ସ୍ୱାଧୀନ ପ୍ରାର୍ଥୀ ଶେଷ କୁମାର ମେହେର। କାରଣ ଶେଷ କୁମାର ମେହେର ବିଜେଡିର ବିଦ୍ରୋହୀ ପ୍ରାର୍ଥୀ ଭାବେ ଛିଡା ହୋଇଛନ୍ତି। ବିଜେଡି ସଙ୍ଗଠନର ସବୁ ସ୍ତରରେ ତାଙ୍କର ସମ୍ପର୍କ ଓ ପ୍ରଭାବ ରହିଛି। ତାଙ୍କୁ ବିଧାୟକଙ୍କ ବିପକ୍ଷ ବିଜେଡି ନେତା ଓ କର୍ମୀଙ୍କ ସମର୍ଥନ ମିଳୁଛି। ତାଙ୍କ ସପକ୍ଷରେ ପୂର୍ବତନ ଅଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ସାମନ୍ତ ମାଝୀ ଓ ପୂର୍ବତନ ବିଧାୟକ ଭଗବାନ କହଁରଙ୍କ ସମର୍ଥନ ରହିଛି। ଶଙ୍କର୍ଷଣ ପ୍ରଧାନ ୨ ଓ ୩ ନମ୍ବର ଜୋନରେ ପାରମ୍ପରିକ ବିଜେଡି ଭୋଟକୁ ପ୍ରଭାବିତ କରୁଥିବା ବେଳେ ଭଗବାନ କହଁର ଓ ସାମନ୍ତ ମାଝୀ ୧ ନମ୍ବର ଜୋନରେ ବିଜେଡି ଭୋଟ୍‌କୁ ପ୍ରଭାବିତ କରିବା ଆଶଙ୍କା ରହିଛି। କର୍ମୀମାନଙ୍କ ସହ ପୁରୁଣା ସମ୍ପର୍କ ଓ ଦଳୀୟ ଅସନ୍ତୁଷ୍ଟଙ୍କ ଉପରେ ଶେଷକୁମାରଙ୍କ ବିଜୟ ନିର୍ଭର କରୁଛି। କାରଣ ବର୍ତ୍ତମାନ ପର୍ଯ୍ୟନ୍ତ ଶେଷ କୁମାରଙ୍କୁ ସମର୍ଥନ କରୁଥିବା ବିଜେଡିର ନେତୃସ୍ଥାନୀୟ ବ୍ୟକ୍ତିଙ୍କୁ ବିଧାୟକ ରଣା ତାଙ୍କ ସପକ୍ଷରେ ନେଇ ପାରିନାହାନ୍ତି। ଏଠାକାର ଜଣେ ଭୋଟର ଫଟୁ ରାଜହଂସ କୁହନ୍ତି, ସବୁ ପ୍ରାର୍ଥୀ ସମାନ ସମାନରେ ଯାଉଛନ୍ତି। ଆସନ୍ତା ଦୁଇଦିନ ଭିତରେ ସମୀକରଣ ନ ବଦଳିଲେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇପାରେ। ଚଳିତ ନିର୍ବାଚନରେ ୧୧ ହଜାର ୨୫୬ ଯୁବ ଭୋଟର ଭୋଟ ଦେବେ। ଏହି ଯୁବ ଭୋଟରଙ୍କ ସମର୍ଥନ ଉପରେ ସବୁ ଦଳର ପ୍ରାର୍ଥୀଙ୍କ ନଜର ରହିଛି।

**ବୀରେନ୍ଦ୍ର ଝାଙ୍କର**
**ବଲାଙ୍ଗୀର ଅଫିସ, ୧୪।୪**

ସଂସଦୀୟ କ୍ଷେତ୍ର ବଲାଙ୍ଗୀରରେ ସବୁବେଳେ ହାଇଭୋଲଟେଜ ଲଢେଇ ହୋଇଥାଏ। ଏଠାକାର ନିର୍ବାଚନ ରାଜନୀତି ଏଥର ଏକ ରୋଚକ ମୋଡରେ ପହଞ୍ଚିଛି। ଭୋଟ ଗ୍ରହଣ ଦିବସ ଆଉ ମାତ୍ର ଚାରିଦିନ ବାକି ଥିବାବେଳେ ତିନି ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀ ବିଜୟ ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଛନ୍ତି। ଏଥିପାଇଁ ସଭା, ଶୋଭାଯାତ୍ରା ଓ ରୋଡ ଶୋ କରାଯାଇ ଭୋଟରଙ୍କୁ ଆକୃଷ୍ଟ କରିବାକୁ ପ୍ରୟାସ କରାଯାଉଛି। ପ୍ରାର୍ଥୀଙ୍କ ପରିବାରର ମହିଳା ସଦସ୍ୟମାନେ ବାହାରି ନିର୍ବାଚନୀ ବାତାବରଣକୁ ସରଗରମ କରି ଦେଇଛନ୍ତି। ବଲାଙ୍ଗୀର ସଦର, ଲୋଇସିଂହା, ଟିଟିଲାଗଡ, କଣ୍ଟାବାଞ୍ଜି, ପାଟଣାଗଡ ଏବଂ ସୁବର୍ଣ୍ଣପୁର ଜିଲାର ସୋନପୁର ଓ ବୀରମହାରାଜପୁର ବିଧାନସଭା କ୍ଷେତ୍ରକୁ ନେଇ ଏହି ଲୋକ ସଭା ନିର୍ବାଚନ ମଣ୍ଡଳୀ ଗଠିତ। ମୋଟ ୧୭ ଲକ୍ଷ ୧୩ ହଜାର ୯୯୬ ଭୋଟର ରହିଛନ୍ତି। ସେମାନଙ୍କ ମଧ୍ୟରୁ ୮ ଲକ୍ଷ ୮୬ ହଜାର ୮୯୯ ଜଣ ପୁରୁଷ ଓ ୮ ଲକ୍ଷ ୨୬ ହଜାର ୯୬୬ ମହିଳା ଭୋଟର ରହିଛନ୍ତି। ୧୩୧ଜଣ ଅନ୍ୟ ଭୋଟର ରହିଛନ୍ତି। ଏଠାରେ ଆଗାମୀ ୧୮ତାରିଖରେ ମତଦାନ ହେବ।

ବିଜେଡି ଏମ୍‌ପି କଳିକେଶ ନାରାୟଣ ସିଂଦେଓଙ୍କୁ ପୁଣି ଥରେ ମଇଦାନରେ ଅବତୀର୍ଣ୍ଣ କରାଇଥିବା ବେଳେ ତାଙ୍କୁ ସାମ୍ନା କରୁଛନ୍ତି ତାଙ୍କ ଭାଉଜ ତଥା ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ସଙ୍ଗୀତା କୁମାରୀ ସିଂଦେଓ। କଂଗ୍ରେସ ବରିଷ୍ଠ ନେତା ନରସିଂହ ମିଶ୍ରଙ୍କ ପୁଅ ସମରେନ୍ଦ୍ର ମିଶ୍ରଙ୍କୁ ପ୍ରାର୍ଥୀ କରିବା ପରେ ପ୍ରତିଦ୍ୱନ୍ଦ୍ୱିତା ତ୍ରିମୁଖୀ ହୋଇଯାଇଥିବା ରାଜନୀତିରେ ରୁଚି ରଖୁଥିବା ଲୋକେ କହିଛନ୍ତି। ମଇଦାନରେ ଅବତୀର୍ଣ୍ଣ ଅନ୍ୟ ପ୍ରାର୍ଥୀମାନଙ୍କର ଉପସ୍ଥିତି ସେତେଟା ଅନୁଭୂତ ହେଲା ଭଳି ମନେ ହେଉନାହିଁ। ତେବେ ଏହି ନିର୍ବାଚନର ଫଳାଫଳ ତିନି ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀମାନଙ୍କର ରାଜନୈତିକ ଭବିଷ୍ୟତ ଓ ବ୍ୟକ୍ତିଗତ ପ୍ରତିଷ୍ଠା ଉପରେ ବାଜି ଲାଗିଥିବା କୁହାଯାଉଛି। ବିଜେଡି-ଭାଜପା ମେଣ୍ଟ ଥିବାବେଳେ ଲଗାତର ତିନିଥର ଭାଜପାରୁ ପ୍ରାର୍ଥୀ ହୋଇ ବିଜୟ ଲାଭ କରିଥିଲେ ସଙ୍ଗୀତା କୁମାରୀ ସିଂଦେଓ। ମେଣ୍ଟ ଭାଙ୍ଗିବା ପରେ ୨୦୦୯ ଓ ୨୦୧୪ରେ ସେ ବିଜେଡି ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓଙ୍କଠାରୁ ପରାଜିତ ହୋଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ଓ ୧୯ବର୍ଷର ବିଜେଡି ଶାସନର ବିଫଳତା ତାଙ୍କୁ ନିର୍ବାଚନୀ ବୈତରଣୀ ପାର କରାଇବ ବୋଲି ଆଶା ରଖିଛନ୍ତି ସଙ୍ଗୀତା। ତାଙ୍କ ପାଇଁ ଷ୍ଟାର ପ୍ରଚାରକଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋନପୁରଠାରେ ଆସି ପ୍ରଚାର କରିଯାଇଛନ୍ତି। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଭୟ ଜିଲାରେ ମାରାଥନ ପ୍ରଚାର କରିବା ପରେ ଦଳୀୟ ମହଲରେ ଉତ୍ସାହ ପରିଲକ୍ଷିତ ହୋଇଛି। ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ଶୀଘ୍ର କାର୍ଯ୍ୟକାରୀ କରିବା, ସବୁ ଗାଁରେ ପାନୀୟ ଜଳପ୍ରକଳ୍ପ, ବଲାଙ୍ଗୀର-ଖୋର୍ଦ୍ଧା ରେଳପ୍ରକଳ୍ପର ଅଗ୍ରଗତି, ବଲାଙ୍ଗୀର ଓ ସୋନପୁର ଅଞ୍ଚଳରେ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା, ବେକାର ଯୁବତୀ, ଯୁବକଙ୍କୁ ନିଯୁକ୍ତି ତାଙ୍କର ପ୍ରାଥମିକତା ବୋଲି ସଙ୍ଗୀତା କହିଛନ୍ତି। ତେବେ ନିର୍ବାଚନ ପୂର୍ବରୁ ଡା.ବାସୁଦେବ ପତିଙ୍କ ଭଳି କେତେକ ବରିଷ୍ଠ ନେତା ଦଳ ଛାଡି ବିଜେଡିରେ ମିଶିବା ତାଙ୍କୁ ଅଙ୍କଳରେ ପକାଇବା ଆକଳନ କରାଯାଉଛି।

ବିଜେଡି ପ୍ରାର୍ଥୀ କଳିକେଶ ନାରାୟଣ ସଂଦେଓ ତୃତୀୟ ଥର ପାଇଁ ଏହି କ୍ଷେତ୍ରରୁ ପ୍ରାର୍ଥୀ ହୋଇଛନ୍ତି। ଦଳୀୟ କର୍ମୀ ଓ ନେତାଙ୍କୁ ଧରି ସେ ନିର୍ବାଚନ ମଣ୍ଡଳୀ ଅଧୀନ ସମସ୍ତ ବିଧାନ ସଭା କ୍ଷେତ୍ରରେ ଜୋରଦାର ପ୍ରଚାର ଚଳାଇଛନ୍ତି। ଦଳ ତରଫରୁ ସୋମବାର ଷ୍ଟାର ପ୍ରଚାରକଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମାରାଥନ ପ୍ରଚାର କରିବା କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କ ବିଫଳତା ଓ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାରର ବିଭିନ୍ନ ଲୋକାଭିମୁଖୀ ଯୋଜନାର ସୁଫଳ ତାଙ୍କ ପାଇଁ ପୁଣି ଥରେ ବିଜୟ ଆଣି ଦେବ ବୋଲି କଳିକେଶ କହିଛନ୍ତି। ଲୋୟର ସୁକ୍‌ତେଲ ପ୍ରକଳ୍ପ କାମକୁ ଅବିଳମ୍ବେ ସମାପ୍ତ, ତୁଷରାଠାରେ ପାଇଲଟ୍ ଟ୍ରେନିଂ ସେଣ୍ଟର, ବଲାଙ୍ଗୀର-ଖୋର୍ଦ୍ଧା ରେଳପ୍ରକଳ୍ପକୁ ସୋନପୁର ପର୍ଯ୍ୟନ୍ତ ଶୀଘ୍ର ନିର୍ମାଣ, ସୋନପୁରଠାରେ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ଏକ ଉନ୍ନତମାନର ବିଶ୍ୱବିଦ୍ୟାଳୟ ଭାବେ ଗଢ଼ିବା ତାଙ୍କ ପ୍ରାଥମିକତା ବୋଲି ସେ କହିଛନ୍ତି। ତେବେ ଗତ ଦୁଇ ନିର୍ବାଚନ ପରି ଚଳିତ ଥର କଳିକେଶ କେବଳ ବିରୋଧୀ ନୁହଁନ୍ତି ନିଜ ଦଳ ଭିତରୁ ବି କଡା ଆହ୍ୱାନର ସମ୍ମୁଖୀନ ହେଉଥିବା କୁହାଯାଉଛି। ଲୋଇସିଂହା ବିଧାୟକ ଯୋଗେନ୍ଦ୍ର ବେହେରା ଓ କଣ୍ଟାବାଞ୍ଜି ବିଧାୟକ ଆୟୁବ ଖାଁଙ୍କ ଟିକେଟ କଟିବା ପରେ ଉଭୟ ନେତା ବସ୍ତୁତଃ ନିର୍ବାଚନ ପ୍ରଚାରରୁ ନିଜକୁ ଦୂରେଇ ରଖିଛନ୍ତି। ସେହିପରି ଶ୍ରମିକ ନେତା ଲଳିତ ନାୟକଙ୍କୁ ମଧ୍ୟ ଏଠାରେ ପ୍ରଚାରରେ ଦେଖାଯାଉନାହିଁ। ଏହାର ପ୍ରଭାବ ବିଜେଡି ଭୋଟ ରାଜନୀତି ଉପରେ କେତେ ପ୍ରଭାବ ପକାଇବ ତାହା ଫଳାଫଳ ଘୋଷଣା ପରେ ଜଣା ପଡିବ।

କଂଗ୍ରେସ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ପ୍ରଥମ ଥର ପାଇଁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ତାଙ୍କ ପିତା ନରସିଂହ ମିଶ୍ରଙ୍କ ଲୋକପ୍ରିୟତା ସାଙ୍ଗକୁ ନିଜସ୍ୱ ସାଙ୍ଗଠନିକ ଦକ୍ଷତା ଓ ଲୋକସମ୍ପର୍କ ତାଙ୍କୁ ଅଧିକ ଗ୍ରହଣଶୀଳ କରିବ ବୋଲି ସମରେନ୍ଦ୍ର କହିଛନ୍ତି। ଭାଜପା ଓ ବିଜେଡି ଏମ୍‌ପି ଦୀର୍ଘବର୍ଷ ଧରି ରହିବା ସତ୍ତ୍ୱେ ବଲାଙ୍ଗୀରବାସୀ କିଛି ପାଇ ନ ଥିବାରୁ ଏହା ସିଧାସଳଖ ତାଙ୍କୁ ଫାଇଦା ଦେବ ବୋଲି କହିଛନ୍ତି। ଇତିମଧ୍ୟରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଷ୍ଟାର ପ୍ରଚାରକଭାବେ ସମରେନ୍ଦ୍ରଙ୍କ ପାଇଁ ବୀରମହାରାଜପୁର ବ୍ଲକ ଅଞ୍ଚଳରେ ପ୍ରଚାର କରି ସାରିଛନ୍ତି। ଦାଦନ ସମସ୍ୟାର ସ୍ଥାୟୀ ସମାଧାନ, ସ୍ଥାନୀୟ ଅଞ୍ଚଳରେ ଯୁବକଯୁବତୀଙ୍କୁ ନିଯୁକ୍ତି, ଲୋୟର ସୁକ୍‌ତେଲ ସହ ଦୁଇ ଜିଲାରେ ଜଳସେଚନ ପ୍ରକଳ୍ପ, କୃଷିଭିତ୍ତିକ ଶିଳ୍ପପ୍ରତିଷ୍ଠା, ଚାଷୀଙ୍କୁ ୨୬୦୦ ଟଙ୍କାର ଏମ୍‌ଏସ୍‌ପି ସହାୟତା, କୃଷିଋଣ ଛାଡ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଋଣ ଛାଡ ଭଳି ପ୍ରତିଶ୍ରୁତି ଦେଇ ସେ ଭୋଟର ଆଶୀର୍ବାଦ ଲାଭ କରିବାକୁ ଚେଷ୍ଟା କରୁଛନ୍ତି। ତେବେ କଂଗ୍ରେସରେ ଗୋଷ୍ଠୀ କନ୍ଦଳ ତାଙ୍କୁ ଅଡୁଆରେ ପକାଉଥିବା ପ୍ରତୀୟମାନ ହେଉଛି। ଦେଓଗାଁ ବ୍ଲକ ଅଧ୍ୟକ୍ଷା ରୀନା ମେହେର, ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ ମେହେର, ପୂର୍ବତନ ଜିଲା କଂଗ୍ରେସ ସଭାପତି ଭଗବାନ ବଗର୍ତ୍ତୀ ପ୍ରମୁଖ ତାଙ୍କ ପ୍ରାର୍ଥିତ୍ୱକୁ ଚ୍ୟାଲେଞ୍ଜ କରି ଦଳ ଛାଡିବା ସମରେନ୍ଦ୍ରଙ୍କୁ କେତେକାଂଶରେ ପ୍ରଭାବିତ କରିବ ବୋଲି କୁହାଯାଉଛି।

ବଲାଙ୍ଗୀର ଲୋକ ସଭା ନିର୍ବାଚନ ମଣ୍ଡଳୀରେ ଲୋକଙ୍କ ଅନେକ ସମସ୍ୟା ରହିଛି। ଲୋୟର ସୁକ୍‌ତେଲ, ବଲାଙ୍ଗୀର ବାଇପାସ୍ ରାସ୍ତା, ବଲାଙ୍ଗୀର ଟିନିକଲ, ସୋନପୁର ସୂତାକଳ ବନ୍ଦ ପଡିଛି। ଲୋକେ ଧୀରେ ଧୀରେ ସଚେତନ ହେଉଛନ୍ତି ଓ ଏଥର ଉଚିତ୍ ପ୍ରାର୍ଥୀଙ୍କୁ ଭୋଟ୍ ଦେବେ ବୋଲି ସଚେତନ ନାଗରିକ ବାଳକୃଷ୍ଣ ଷଡଙ୍ଗୀ କହିଛନ୍ତି। ସେହିପରି ପୁଇଁନ୍ତଳା ବ୍ଲକ ଅନ୍ତର୍ଗତ କୁରୁଲ ଗ୍ରାମର ରାଜକିଶୋର ନାଏକ କହନ୍ତି, ୧୮ ତାରିଖ ଭୋଟ୍‌ରେ ବିକାଶ କାମ କରିବା ସାମର୍ଥ୍ୟ ଥିବା ପ୍ରାର୍ଥୀଙ୍କୁ ହିଁ ଲୋକେ ଭୋଟ୍ ଦେବେ।

## ବଲାଙ୍ଗୀର ଲୋକ ସଭା ନିର୍ବାଚନମଣ୍ଡଳୀ


ସଙ୍ଗୀତା କୁମାରୀ ସିଂଦେଓ


କଳିକେଶ ନାରାୟଣ ସିଂଦେଓ


ସମରେନ୍ଦ୍ର ମିଶ୍ର

### ବଲାଙ୍ଗୀର ଲୋକ ସଭା ୨୦୧୪ ନିର୍ବାଚନ ଫଳାଫଳ

| | | |
|---|---|---|
| କଳିକେଶ ନାରାୟଣ ସିଂଦେଓ | ବିଜେଡି | ୪,୫୩,୫୧୯ |
| ସଙ୍ଗୀତା କୁମାରୀ ସିଂଦେଓ | ଭାଜପା | ୩,୩୯,୨୨୦ |
| ଶରତ ପଟ୍ଟନାୟକ | କଂଗ୍ରେସ | ୨,୭୭,୬୧୬ |

# ପ୍ରାର୍ଥୀଙ୍କ ପ୍ରତିଷ୍ଠା ଉପରେ ବାଜି ଲାଗିଛି

# ବିଜେଡି ଛାଡ଼ିଲେ ସୁଷମାରାଣୀ

**ବାଲେଶ୍ୱର ଅଫିସ, ୧୪।୪**

ବାଲେଶ୍ୱର ଜିଲା ନୀଳଗିରି ବିଧାନସଭା କ୍ଷେତ୍ରରେ ୨୦୧୯ ନିର୍ବାଚନରେ ଭାଜପାରୁ ଟିକେଟ ନ ପାଇବାର ଆଶଙ୍କା କରି ସୁଷମାରାଣୀ ବିଶ୍ୱାଳ ମାର୍ଚ୍ଚ ୧୧ ତାରିଖରେ ବିଜେଡିରେ ଯୋଗ ଦେଇଥିଲେ। ବିଜେଡିର ୩୩ ପ୍ରତିଶତ ମହିଳା ସଂରକ୍ଷଣ ନୀତି ଏବଂ ଦଳୀୟ ନେତୃବର୍ଗଙ୍କ ପ୍ରତିଶ୍ରୁତିରେ ଦଳ ଛାଡ଼ି ବିଜେଡିରେ ଯୋଗଦେଇଥିବା ସୁଷମାରାଣୀ କୌଣସି କାରଣରୁ ବିଧାୟକ ପ୍ରାର୍ଥୀ ଟିକେଟ ପାଇବାରୁ ବଞ୍ଚିତ ହେଲେ। ଏଥିରେ ସେ ଅସନ୍ତୋଷ ପ୍ରକାଶ କରି ରବିବାର ଅପରାହ୍ଣରେ ବିଜେଡିର ପ୍ରାଥମିକ ସଦସ୍ୟରୁ ଇସ୍ତଫା ଦେଇଛନ୍ତି। ଏନେଇ ସେ ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଚଳିତ ନିର୍ବାଚନରେ ତାଙ୍କର ଭୂମିକା ସମ୍ପର୍କରେ ଖବରଦାତାମାନେ ପ୍ରଶ୍ନ କରିବାରୁ ସେ କହିଛନ୍ତି ଯେ, ବିଜେଡିର ନେତୃତ୍ୱାଧୀନ ବ୍ୟକ୍ତିମାନେ ବାରମ୍ବାର ନିଷ୍ପତ୍ତି ବଦଳାଉଛନ୍ତି। ଚଳିତ ନିର୍ବାଚନରେ ବିଜେଡି ପ୍ରାର୍ଥୀମାନଙ୍କୁ ପରାଜିତ କରିବା ପାଇଁ ସେ ବାଲେଶ୍ୱର ତଥା ନୀଳଗିରିବାସୀଙ୍କୁ ଆହ୍ୱାନ କରିବେ। ଅନ୍ୟପକ୍ଷରେ ସେ ପୁନର୍ବାର ଭାଜପାରେ ସାମିଲ ହେବା ନେଇ ସୂଚନା ମିଳୁଥିଲେ ମଧ ସେ ସ୍ପଷ୍ଟ କରି ନ ଥିଲେ। ଖବରଦାତା ସମ୍ମିଳନୀରେ ଯୁବନେତା କମ୍ବୁନାଥ ମଲ୍ଲିକ ଓ ବେଗୁନିଆ ପଞ୍ଚାୟତର ପୂର୍ବତନ ନାଏବ ସରପଞ୍ଚ ଲକ୍ଷ୍ମୀକାନ୍ତ ଜେନା ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ଗତ ୨୦୧୪ ସାଧାରଣ ନିର୍ବାଚନରେ ଭାଜପାର ବିଧାୟିକା ପ୍ରାର୍ଥିନୀ ସୁଷମାରାଣୀ ପ୍ରତିଦ୍ୱନ୍ଦ୍ୱିତା କରି ୩୭ହଜାରରୁ ଊର୍ଦ୍ଧ୍ୱ ଭୋଟରେ ବିଜେଡି ପ୍ରାର୍ଥୀ ଇଂ. ସୁକାନ୍ତ ନାୟକଙ୍କଠାରୁ ପରାଜିତ ହୋଇଥିଲେ।



ସୁଷମାରାଣୀ ବିଶ୍ୱାଳଙ୍କ ଖବରଦାତା ସମ୍ମିଳନୀ।

## ବାରବାଟୀ-କଟକ ବିଧାନସଭା ଆସନ

# ଯାଦବ, ସଂଖ୍ୟାଲଘୁ ଭୋଟକୁ ନେଇ ତର୍ଜମା

**ନିର୍ମଳ ପଣ୍ଡା**
**କଟକ ଅଫିସ, ୧୪।୪**

ଏପ୍ରିଲ ୨୩ ତାରିଖରେ ବାରବାଟୀ-କଟକ ନିର୍ବାଚନମଣ୍ଡଳୀରେ ମତଦାନ ଅନୁଷ୍ଠିତ ହେବ। ଆଉ ଅଳ୍ପଦିନ ଥିବାରୁ ପ୍ରାର୍ଥୀମାନେ ଦିନରାତି ଏକାକାର କରିଦେଇଛନ୍ତି। ଚଳିତ ନିର୍ବାଚନରେ ଏହି ଆସନରେ ୧୦ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ହେଲେ ଲଢେଇ ମୁଖ୍ୟତଃ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ବାରବାଟୀ-କଟକ ଆସନରେ ମୋଟ ଭୋଟର ସଂଖ୍ୟା ୨ ଲକ୍ଷ ୨୭ହଜାର ୭୭୭। ସେଥିରୁ ଯାଦବ ଭୋଟରଙ୍କ ସଂଖ୍ୟା ପାଖାପାଖି ୨୨ହଜାର ଥିବାବେଳେ ମୁସ୍‌ଲିମ୍ ଭୋଟରଙ୍କ ସଂଖ୍ୟା ପ୍ରାୟ ୩୭ହଜାର ରହିଛି। ଏଣୁ ଯାଦବ ଓ ସଂଖ୍ୟାଲଘୁ ଭୋଟକୁ ନେଇ ଏବେ ତର୍ଜମା ଚାଲିଛି।

୨୦୧୪ରେ ଯାଦବ ନେତା ଆଶୀର୍ବାଦ ବେହେରା ବିଜେଡି ସପକ୍ଷରେ ପ୍ରଚାର କରିଥିବାବେଳେ ଚଳିତଥର ମଧ୍ୟ ବିଜେଡିକୁ ସମର୍ଥନ ଦେବେ ବୋଲି ଖୋଲାଖୋଲି ଭାବେ କହିଛନ୍ତି। ସୂଚନାଥାଉକି, ଆଶୀର୍ବାଦଙ୍କୁ ନେଇ ବାରବାଟୀ-କଟକରେ ନୂଆ ସମୀକରଣ ସୃଷ୍ଟିହେବ ବୋଲି ଆକଳନ କରାଯାଉଥିଲା। କାରଣ ଆଶୀର୍ବାଦ ଏଠାରୁ ବିଜେଡିରୁ ପ୍ରାର୍ଥୀ ହେବା ପାଇଁ ଟିକେଟ ଦୌଡ଼ରେ ଥିଲେ। ହେଲେ ଶେଷ ମୁହୂର୍ତ୍ତରେ ବିଜେଡି ଦେବାଶିଷଙ୍କୁ ପ୍ରାର୍ଥୀ ଘୋଷଣା କରିବା ପରେ ଆଶୀର୍ବାଦଙ୍କ ପରବର୍ତ୍ତୀ ଆଭିମୁଖ୍ୟକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ମାତ୍ର ଆଶୀର୍ବାଦଙ୍କୁ ମନାଇବାରେ ବିଜେଡି ନେତୃତ୍ୱ ସଫଳ ହୋଇଛନ୍ତି। ମାତ୍ର ଯାଦବ ସମ୍ପ୍ରଦାୟରୁ ହେମନ୍ତ ବେହେରା ସ୍ୱାଧୀନ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇଛନ୍ତି। ତେଣୁ ହେମନ୍ତ କେତେ ମାତ୍ରାରେ ଯାଦବ ଭୋଟକୁ ନିଜ ସପକ୍ଷରେ ନେବାରେ ସକ୍ଷମ ହେବେ ତାହା ସବୁଠୁ ଗୁରୁତ୍ୱପୂର୍ଣ୍ଣ ହୋଇଛି। ଜଣେ ଯାଦବ ଭୋଟର କାର୍ତ୍ତିକେଶ୍ୱର ବେହେରା କୁହନ୍ତି, କଟକକୁ ଭଲ ପାଉଥିବା ନେତାଟିଏ ଦରକାର। ଜାତି କଥା ପଛରେ। ଜାତିକୁ ନେଇ ରାଜନୀତି କଟକରେ ହୋଇନାହିଁ କି ହେବନାହିଁ। ମୌଳିକ ସମସ୍ୟାକୁ ଦୂର କରିପାରିବା ଭଳି ସାହସ ଥିବା ନେତାକୁ କଟକବାସୀ ବାଛିବେ। ଆଉ ବାହୁସ୍ଫୋଟ କଥା ଓ ଟଙ୍କାର ବଳ କାମ ଦେବ ନାହିଁ ବୋଲି କାର୍ତ୍ତିକେଶ୍ୱର କହିଛନ୍ତି।

ସେହିପରି ସଂଖ୍ୟାଲଘୁ ସମ୍ପ୍ରଦାୟରୁ ଏବେ ମହମ୍ମଦ ମୋକିମ ଓ ସେକ୍ ମୁନ୍ତାକିମ ବକ୍ସ ପ୍ରାର୍ଥୀ ହୋଇଛନ୍ତି। ୨୦୧୪ ଫଳାଫଳ ଅନୁଯାୟୀ ମୁସ୍‌ଲିମ୍‌ବହୁଳ ବୁଥ୍‌ଗୁଡ଼ିକରୁ ବିଜେଡି ୧୨ହଜାର ଭୋଟ ପାଇଥିବା ବେଳେ କଂଗ୍ରେସ ୧୬ହଜାର ଭୋଟ ପାଇଥିଲା। ଏବେ ନିର୍ବାଚନୀ ମଇଦାନରେ ୨ ଜଣ ମୁସ୍‌ଲିମ ପ୍ରାର୍ଥୀ ଅଛନ୍ତି ତେଣୁ ଏହି ଭୋଟ ଭାଗ ହେବାର ଆଶଙ୍କା ରହିଛି। ମାତ୍ର ମୁସ୍‌ଲିମ୍ ସମ୍ପ୍ରଦାୟର ଅଧିକାଂଶ ନେତା ବିଜେଡି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି। ସେମାନଙ୍କ ମଧ୍ୟରେ ମହମ୍ମଦ ଶକିଲ, ସେକ୍ କମରୁଦ୍ଦିନ, ଏକ୍ରାମ ହୁସେନ, ଡ. ମହମ୍ମଦ ଆୟୁବ, ରମଜାନ ଖାଁ ଓ ଆଡଭୋକେଟ ସେକ୍ ଶରିଫ ପ୍ରମୁଖ ରହିଛନ୍ତି। ମୁସ୍‌ଲିମ୍ ଭୋଟ ଯଦି ଧ୍ରୁବୀକରଣ ହୁଏ ତେବେ ତାହା ବିଜେଡି କିମ୍ବା କଂଗ୍ରେସ ମଧ୍ୟରୁ କାହାକୁ ଫାଇଦା ଦେବ ସେ ନେଇ ରାଜନୈତିକ ସମୀକ୍ଷକମାନେ କୌଣସି ସିଦ୍ଧାନ୍ତରେ ଉପନୀତ ହୋଇପାରୁନାହାନ୍ତି। ଏନେଇ କଂଗ୍ରେସ ପ୍ରାର୍ଥୀ ମହମ୍ମଦ ମୋକିମଙ୍କ କହିବାନୁଯାୟୀ, ଜାତିକୁ ନେଇ କଟକରେ ଭୋଟ ହୁଏ ନାହିଁ। ଏଠାରେ ଅନେକ ସମସ୍ୟା ରହିଛି, ଯାହାକୁ ଲୋକେ ରାତିପାହିଲେ ସାମ୍ନା କରୁଛନ୍ତି। ଅସରାଏ ବର୍ଷାରେ ଲୋକଙ୍କ ଚୁଲିରେ ପାଣି ପଶୁଛି। ସହରକୁ ଜଳବନ୍ଦୀରୁ ମୁକ୍ତ କରିବା, ମଶାଙ୍କ କବଳରୁ ସହରକୁ ମୁକ୍ତକରିବା, ଟ୍ରାଫିକ ସମସ୍ୟା ଦୂର କରିବା ଆଦି ପ୍ରସଙ୍ଗକୁ ନେଇ ସେ ଲୋକଙ୍କ ପାଖକୁ ଯାଉଛନ୍ତି। ଲୋକେ ଏହିସବୁ ପ୍ରସଙ୍ଗକୁ ଗ୍ରହଣ କରୁଥିବା ସେ ହୃଦୟଙ୍ଗମ କରୁଛନ୍ତି। କଟକବାସୀ ଅତୀତରେ ବିଜେଡି ଓ ଭାଜପାକୁ ବହୁବାର ଭୋଟ ଦେଇ ପ୍ରତାରଣାର ଶିକାର ହୋଇଛନ୍ତି। ତେଣୁ କଂଗ୍ରେସକୁ ଭୋଟ ଦେବାକୁ ଲୋକଙ୍କ ମଧ୍ୟରେ ଆଗ୍ରହ ଥିବା ଦେଖିବାକୁ ପାଉଛନ୍ତି ବୋଲି ମୋକିମ କହିଛନ୍ତି। ଆମ୍ ଆଦ୍‌ମୀ ପାର୍ଟି ପ୍ରାର୍ଥୀ ମୁନ୍ତାକିମ୍ ବକ୍ସ କୁହନ୍ତି, ସହରବାସୀଙ୍କୁ ନାଳନର୍ଦ୍ଦମାରେ ବୁଡ଼ାଇ ରଖିଥିବା ଲୋକେ ପ୍ରାର୍ଥୀ ହୋଇ ଭୋଟ ମାଗୁଛନ୍ତି। ସବୁ ସମ୍ପ୍ରଦାୟର ଲୋକେ ତାଙ୍କୁ ଭୋଟ ଦେବେ ବୋଲି ମୁନ୍ତାକିମ୍ ଆଶାବାଦୀ ଥିବା କହିଛନ୍ତି। ସେହିପରି ଜଣେ ମହମ୍ମଦ ସାହିଦ କୁହନ୍ତି ଯେ, ଜାତିକୁ ଦେଖି ଲୋକ ଭୋଟ ଦେବେନି। ଯିଏ ସତରେ ଲୋକଙ୍କ ପାଇଁ କାମ କରିଛି ସାଧାରଣ ଲୋକ ତାକୁ ହିଁ ଭୋଟ ଦେବେ। ମଣିଷପଣିଆ ରହୁଥିବା ନେତାଙ୍କୁ ଏଥର କଟକବାସୀ ବାଛିବେ ବୋଲି ତାଙ୍କର ଆଶା। ନାଳନର୍ଦ୍ଦମା, ମଶା ସମସ୍ୟାରେ ଘାଣ୍ଟି ହେଉଥିବା କଟକିଆ ଭୁଲ ବିଚାର କଲେ ଏଥିରେ ଆହୁରି ୫ ବର୍ଷ ଘାଣ୍ଟି ହେବେ ବୋଲି ସାହିଦ୍ କହିଛନ୍ତି।

ବିଜେଡି ପ୍ରାର୍ଥୀ ଦେବାଶିଷ ସାମନ୍ତରାୟଙ୍କ କହିବାନୁଯାୟୀ, ସବୁ ସମ୍ପ୍ରଦାୟ ବିଜେଡି ସହିତ ଅଛନ୍ତି। ନବୀନ ସରକାରଙ୍କ ସମୟରେ କଟକର ଅନେକ ବିକାଶ ହୋଇଛି। ଜାଇକା ପ୍ରକଳ୍ପଠାରୁ ଆରମ୍ଭ କରି ସହର ଆଲୋକୀକରଣ, ସୌନ୍ଦର୍ଯ୍ୟକରଣ ଅନେକ କାର୍ଯ୍ୟ ସାଧିତ ହୋଇଛି। ନବୀନ ସରକାରର ବିକାଶକୁ ଓ ଜନକଲ୍ୟାଣକାରୀ ଯୋଜନାକୁ ନେଇ ସେ ଲୋକଙ୍କ ପାଖକୁ ଯାଉଛନ୍ତି। ଲୋକେ ତାହାକୁ ଗ୍ରହଣ କରୁଛନ୍ତି ବୋଲି ସାମନ୍ତରାୟ କହିଛନ୍ତି।

ଭାଜପା ପ୍ରାର୍ଥୀ ସମୀର ଦେ ମଧ ଅନୁରୂପ ଢଙ୍ଗରେ କହିଛନ୍ତି। କଟକ ଭାଇଚାରାର ସହର। ଏଠାରେ ଜାତିଭିତ୍ତିକ ଭୋଟ ହୁଏନାହିଁ। ସହରକୁ ଆବର୍ଜନାମୁକ୍ତ କରିବା ସହିତ ଲୋକଙ୍କ ମୌଳିକ ସମସ୍ୟା ସମାଧାନ କରିବା ପାଇଁ ଭାଜପା ପ୍ରତିଶ୍ରୁତିବଦ୍ଧ। ଲୋକଙ୍କ ପାଖକୁ ଯିବା ସମୟରେ ଲୋକେ ଭୋଗୁଥିବା ମୌଳିକ ସମସ୍ୟା ଆମ ଆଗରେ ବଖାଣୁଛନ୍ତି। ଭାଜପା କ୍ଷମତାକୁ ଆସିବା ମାତ୍ରେ ପ୍ରଥମେ ଲୋକଙ୍କୁ ସାଥିରେ ଧରି ସେମାନଙ୍କ ସମସ୍ୟାକୁ ସମାଧାନ କରାଯିବ ବୋଲି ସମୀର କହିଛନ୍ତି।


ଦେବାଶିଷ ସାମନ୍ତରାୟ


ମହମ୍ମଦ ମୋକିମ


ସମୀର ଦେ

### ୨୦୧୪ର ଫଳାଫଳ

| | | |
|---|---|---|
| ବିଜେଡି | ଦେବାଶିଷ ସାମନ୍ତରାୟ | ୫୭,୬୬୩ |
| କଂଗ୍ରେସ | ଇଂ. ମହମ୍ମଦ ମୋକିମ୍ | ୪୩,୩୩୫ |
| ଭାଜପା | ପ୍ରଦୀପ ସ୍ୱାଇଁ | ୨୦,୫୫୨ |
| ବିଏସ୍‌ପି | ସୟଦ ସଫିକ୍ ଅଲି | ୨୭୪ |
| ଏସ୍‌ୟୁସିଆଇ | ପ୍ରତାପ ଚନ୍ଦ୍ର ମିଶ୍ର | ୨୦୭ |
| ଏଏପି | ସେକ୍ ମୁନ୍ତାକିମ୍ ବକ୍ସ | ୧୦୧୨ |
| ଏଓପି | ମହମ୍ମଦ ଓ୍ୱହିଦ ଶକିଲ | ୭୬୧ |
| ସ୍ୱାଧୀନ | ବିପିନ ବିହାରୀ ସାହୁ | ୧୨୫ |
| ସ୍ୱାଧୀନ | ଡା. ରମାରମଣ ଷଡ଼ଙ୍ଗୀ | ୬୭୭ |
| ନୋଟା | | ୧୨୩୮ |

### ୨୦୧୯ର ପ୍ରାର୍ଥୀ

| | |
|---|---|
| ଦେବାଶିଷ ସାମନ୍ତରାୟ | ବିଜେଡି |
| ମହମ୍ମଦ ମୋକିମ | କଂଗ୍ରେସ |
| ସମୀର ଦେ | ଭାଜପା |
| ପ୍ରିୟଦର୍ଶନ ପାଭେଲ | ଏସ୍‌ୟୁସିଆଇ |
| ଶୀତଲ କିନ୍ନର | ହିନ୍ଦୁ ମହାସଭା |
| ସେକ୍ ମୁନ୍ତାକିମ୍ ବକ୍ସ | ଏଏପି |
| ଜୟଶଙ୍କର ଆଚାର୍ଯ୍ୟ | କଳିଙ୍ଗସେନା |
| ଦୀପକ କୁମାର ମହାନ୍ତ | ହିନ୍ଦୁସ୍ଥାନ ନିର୍ମାଣ ଦଳ |
| ବିଶ୍ୱନାଥ ରାଉତ | କୃପା ପାର୍ଟି |
| ହେମନ୍ତ ବେହେରା | ସ୍ୱାଧୀନ |

## ଅତ୍ୟଧିକ ମିଠା ଖାଇଲେ..



ସାଧାରଣତଃ ମିଠାଜାତୀୟ ଖାଦ୍ୟ ଦେଖିଲେ ଅଧିକାଂଶଙ୍କ ପାଟିରୁ ଲାଳ ଗଡ଼େ। ଯଦି ଆପଣ ଅଧିକ ପରିମାଣର ମିଠା ଖାଉଛନ୍ତି ତେବେ ସେଥିରେ ବ୍ରେକ୍ ଲଗାନ୍ତୁ। ନ ହେଲେ ଏହାଦ୍ୱାରା ଆପଣଙ୍କର ସ୍ମରଣଶକ୍ତି ପ୍ରଭାବିତ ହୋଇପାରେ। ଏଭଳି ସତର୍କ ସୂଚନା ଦେଇଛନ୍ତି ୟୁନିଭର୍ସିଟି ଅଫ୍ ଲଣ୍ଡନର ପୁଷ୍ଟିବିଜ୍ଞାନୀମାନେ। ସାଧାରଣ ଭାବରେ ମିଠା ଖାଉଥିବା ଏବଂ ଆବଶ୍ୟକତାଠାରୁ ଅଧିକ ମିଠା ଖାଉଥିବା କେତେଜଣ ବ୍ୟକ୍ତିଙ୍କର ସ୍ମରଣଶକ୍ତିକୁ ସେମାନେ ପରୀକ୍ଷା କରିଥିଲେ। ହେଲେ ଆଶ୍ଚର୍ଯ୍ୟଜନକ ଭାବରେ ଅଧିକ ମିଠା ଖାଉଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ପାଖାପାଖି ୪୫ ପ୍ରତିଶତ ବ୍ୟକ୍ତିଙ୍କର ସ୍ମରଣ ଶକ୍ତିରେ ତାରତମ୍ୟ ଦେଖିବାକୁ ମିଳିଥିଲା। ଅପରପକ୍ଷରେ ଯଦି ଆପଣ ଡାଇବେଟିସ୍ ଦ୍ୱାରା ଆକ୍ରାନ୍ତ ତେବେ ଏପରି ଅଭ୍ୟାସରେ ପରିବର୍ତ୍ତନ ଆଣିବା ଦରକାର ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

## ମ୍ୟୁଜିକ ଲଭର ରୋବୋ

କେବଳ ମଣିଷ ନୁହନ୍ତି, ରୋବୋ ମଧ୍ୟ ସଙ୍ଗୀତ ପ୍ରେମରେ ପଡ଼ିପାରେ। ଏପରି ଏକ ମ୍ୟୁଜିକ ଲଭର ରୋବୋ ନିକଟରେ ପ୍ରସ୍ତୁତ କରିଛନ୍ତି ଚାଇନାର ବିଶେଷଜ୍ଞମାନେ। ନିଜକୁ ଖୁସ୍ ରଖିବା



ପାଇଁ ସେ ନିଜେ ମନ ପସନ୍ଦର ଗୀତ ଶୁଣିପାରିବ। କେବଳ ସେତିକି ନୁହେଁ, ଅନ୍ୟମାନଙ୍କୁ ଆକର୍ଷିତ କରିବା ଭଳି ଟ୍ୟୁନିଂ ମଧ୍ୟ ବଜାଇପାରିବ। ବିଶେଷଭାବରେ ପିଆନୋ ବଜାଇବାରେ ଏପରି ରୋବୋ ବେଶ୍ ଏକ୍ସପର୍ଟ। ଯଦି ଜଣେ ବ୍ୟକ୍ତି ଟେନ୍ସନରେ ଅଛନ୍ତି ତେବେ କିଛି ସମୟ ଏହି ରୋବୋ ପାଖରେ ବିତାଇଲେ ସେ ଅନେକାଂଶରେ ଆରାମ ଅନୁଭବ କରିପାରିବେ। ସେହି ସମୟରେ ରୋବେ ଉକ୍ତ ବ୍ୟକ୍ତିଙ୍କ ମାନସିକତାକୁ ଅନୁଧ୍ୟାନକରି ତାଙ୍କ ମନ ପସନ୍ଦ ଅନୁସାରେ ଗୀତ ଏବଂ ପିଆନୋ ଟ୍ୟୁନିଂ ଶୁଣାଇପାରିବ।

# ନିୟନ୍ତ୍ରିତ ଆହାର



ଡା. ଆଶିଷ ବାନାର୍ଜୀ

**ସୁସ୍ଥ, ନୀରୋଗ ଓ ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ଦୈନିକ ମାତ୍ରା ଅନୁଯାୟୀ ପୌଷ୍ଟିକ ଆହାର ସେବନ ଆବଶ୍ୟକ। ଯେପରି ରୋଗୀ ପାଇଁ ବୟସ କାଳ, ପରିସ୍ଥିତି ଦେଖି ଔଷଧ ମାତ୍ରା ନିର୍ଦ୍ଧାରଣ କରାଯାଏ, ସେହିପରି ଶରୀରକୁ ଦେଖି ଖାଦ୍ୟକୁ ଔଷଧ ପରି ମାତ୍ରାନୁଯାୟୀ ଠିକ୍ ସମୟରେ ଗ୍ରହଣ କରିବା ଉଚିତ, ନଚେତ୍ ଭବିଷ୍ୟତରେ ଔଷଧକୁ ଆହାର ରୂପେ ଖାଇବେ। ଜଣେ ସୁସ୍ଥ ବ୍ୟକ୍ତି ପ୍ରତିଦିନ ୧୫୦୦ ରୁ ୨୫୦୦ କ୍ୟାଲୋରି ପର୍ଯ୍ୟନ୍ତ ଖାଦ୍ୟ ଖାଇବା ଉଚିତ। ଏହା ତାଙ୍କ ବୟସ, ଶାରୀରିକ ପରିଶ୍ରମ, ଉଚ୍ଚତା, ଦେଶ ଓ କାଳ ଅନୁଯାୟୀ ନିର୍ଦ୍ଧାରଣକରି ତାଲିକା ପ୍ରସ୍ତୁତ ହୁଏ...**



ରୋଗ ପାଇଁ ଅନିୟମିତ ଆହାର ଦାୟୀ। ତେଣୁ ସୁସ୍ଥ, ନୀରୋଗ ଓ ସୁନ୍ଦର ସ୍ୱାସ୍ଥ୍ୟ ନିମନ୍ତେ ଦୈନିକ ମାତ୍ରା ଅନୁଯାୟୀ ପୌଷ୍ଟିକ ଆହାର ସେବନ ଆବଶ୍ୟକ। ଯେପରି ରୋଗୀ ପାଇଁ ବୟସ କାଳ, ପରିସ୍ଥିତି ଦେଖି ଔଷଧ ମାତ୍ରା ନିର୍ଦ୍ଧାରଣ କରାଯାଏ, ସେହିପରି ଶରୀରକୁ ଦେଖି ଖାଦ୍ୟକୁ ଔଷଧ ପରି ମାତ୍ରାନୁଯାୟୀ ଠିକ୍ ସମୟରେ ଗ୍ରହଣ କରିବା ଉଚିତ, ନଚେତ୍ ଭବିଷ୍ୟତରେ ଔଷଧକୁ ଆହାର ରୂପେ ଖାଇବେ। ଜଣେ ସୁସ୍ଥ ବ୍ୟକ୍ତି ପ୍ରତିଦିନ ୧୫୦୦ ରୁ ୨୫୦୦ କ୍ୟାଲୋରି ପର୍ଯ୍ୟନ୍ତ ଖାଦ୍ୟ ଖାଇବା ଉଚିତ। ଏହା ତାଙ୍କ ବୟସ, ଶାରୀରିକ ପରିଶ୍ରମ, ଉଚ୍ଚତା, ଦେଶ ଓ କାଳ ଅନୁଯାୟୀ ନିର୍ଦ୍ଧାରଣକରି ତାଲିକା ପ୍ରସ୍ତୁତ ହୁଏ। ନୀରୋଗ ରହିବା ପାଇଁ ସନ୍ତୁଳିତ ଖାଦ୍ୟ, ହାଲ୍କା ବ୍ୟାୟାମ(୪୫ ମି. ରୁ ୧ ଘ. ପର୍ଯ୍ୟନ୍ତ) କରିବା ଆବଶ୍ୟକ। ପତଳା ବା କୃଶକାୟ ବ୍ୟକ୍ତି ପ୍ରୋଟିନ୍‌ଯୁକ୍ତ ଆହାର ଯଥା: କ୍ଷୀର, ଛେନା, ଖୁଆ, ପନିର , ମାଛ, ମାଂସ, ଅଣ୍ଡାର ଧଳା ଅଂଶ, କାଜୁ, ପେସ୍ତା, ଛୋଟ ମାଛ, ଫଳ ଇତ୍ୟାଦି ମାତ୍ରାନୁଯାୟୀ ଖାଇବା ଆବଶ୍ୟକ। ମାତ୍ର ମୋଟା ବା ସ୍ଥୂଳକାୟ ବ୍ୟକ୍ତିମାନେ ଦୈନିକ ଶାରୀରିକ ପରିଶ୍ରମ ସହ ତେଲ, ଚର୍ବି, ପ୍ରୋଟିନ୍ ରହିତ ଖାଦ୍ୟ ଖାଇବା ଉଚିତ। ଶାଗ, ପନିପରିବା, ତରକାରି ଓ ସାଲାଡ୍ ଖାଇବା ସହ ଚିନ୍ତା, କ୍ରୋଧ, ଅହଂକାରକୁ ମନରୁ ଅପସରି ଦେବା ଉଚିତ। ୧ ପାଉଣ୍ଡ ଚର୍ବି ପାଇଁ ୩୫୦୦ କ୍ୟାଲୋରି ଶକ୍ତି ଖର୍ଚ୍ଚ କରିବା ଆବଶ୍ୟକ। ପତଳା ହେବା ପାଇଁ ଖାଦ୍ୟ ନିୟନ୍ତ୍ରଣ ଅତ୍ୟନ୍ତ ଜରୁରୀ। ତେଣୁ ଏହି ବ୍ୟକ୍ତି ଭୋକରେ ନ ରହି କମ୍ କ୍ୟାଲୋରିଯୁକ୍ତ ଖାଦ୍ୟ ତାଲିକା ଅନୁଯାୟୀ ଗ୍ରହଣ କରିବେ।

**ପ୍ରାତଃ(ସକାଳ ୬ଘ.ରେ):** ଚା', କଫି ବା କ୍ଷୀର ୧ କପ୍ ସହ ୨/୩ ଖଣ୍ଡ ବିସ୍କୁଟ୍, ମଧୁମେହ ଥିଲେ ବିନା ଚିନି ଖାଇବେ।

**ସକାଳ ଜଳଖିଆ(ଘ.୮.୩୦ ମି.ରେ):** ରୁଟି ୨/୩ ଖଣ୍ଡ ସହ ପରିବା ତରକାରି ୧ ଗିନା, ଇଡ୍‌ଲି ୪ଟି/ଉପମା ୧ କପ୍ ସହ ସମ୍ବର ୧ ଗିନା, କର୍ନଫ୍ଲେକ୍ସ ୫୦ ଗ୍ରାମ୍ ବା ସାଦା ପିଆଜରେ ଦୋଷା ୨ଟା ସହ ସନ୍ତୁଳା ୧ ଗିନା।

**ଦିବା(ଘ.୧୧ ରୁ ୧୧.୩୦ମି. ମଧ୍ୟରେ) :** ପରିବା ସୁପ୍ ୧ ଗିନା, ଛେନା ୩୦ ଗ୍ରାମ୍, ଫଳ ମଧ୍ୟରେ ସେଓ/କମଳା ୧୦୦ ଗ୍ରାମ୍, ପିଜୁଳି ୧ଟା, ଘୋଳଦହି ବା ପଇଡ଼ପାଣି।

**ମଧ୍ୟାହ୍ନ ଭୋଜନ (ଦ୍ୱିପ୍ରହର ଘ.୧.୩୦ମି.):** ଉଷୁନା ଭାତ(୨ଗିନା- ୧୦୦ଗ୍ରାମ୍), ରୁଟି ୨ଟା, ପତଳା ଡାଲି ୧ ଗିନା, ପରିବା ତରକାରି ୧ ଗିନା, ଶାଗ ୧ ପ୍ଲେଟ୍, ସାଲାଡ୍ ୧ ପ୍ଲେଟ୍, ଦହି ୧ଗିନା(ମାଛ ୨ଟା/ଅଣ୍ଡା ବିନା କେଶର ୨/ଚିକେନ୍ ୨ /ପନିର ୩୦ଗ୍ରାମ୍ ସପ୍ତାହକୁ ୨ ଥର)।

**ଅପରାହ୍ନ (ଘ.୫.୩୦ ମି. ରୁ ୬.୦୦ ଘ. ମଧ୍ୟରେ):** ଚା' ୧ କପ୍ ସହ ବିସ୍କୁଟ (୨-୩),ଚୁଡ଼ା ସନ୍ତୁଳା(୧ ଗିନା)/ଚୁଡ଼ା ଭଜା/ଗଜାମୁଗ(୧ ଗିନା), ହୁଡୁମ ୧ ଗିନା, ଖଇ ୧ ଗିନା, ସିଝା ବୁଟ(୧ ଗିନା)।

**ରାତ୍ରିଭୋଜନ(ଘ.୯.୩୦ମି.):** ରୁଟି ୩ଟା ସହ ପତଳା ଡାଲି ୧ ଗିନା/ ଡାଲମା ୧ ଗିନା, ପରିବା ତରକାରି(୧ ଗିନା), ସାଲାଡ୍ (୧ ପ୍ଲେଟ୍)।

**ରାତ୍ରିଭୋଜନ ଖାଇବା ପରେ:** ୧କପ୍(୧୫୦ମି.ଲି.) ବିନା ସର କ୍ଷୀର ପିଇ ଶୋଇବାକୁ ଯିବେ।

ପ୍ରତି ମିଲ୍ ଓ ଜଳଖିଆ ଅଢ଼େଇରୁ ତିନିଘଣ୍ଟା ବ୍ୟବଧାନରେ ଗ୍ରହଣ କରିବେ।

**ଖାଇବେ ନାହିଁ:** ମଧୁମେହ ରୋଗୀ ମିଠା, ଚିନି, ଗୁଡ଼, ଜାମ୍, ଜେଲି, ଚକୋଲେଟ୍, ମୃଦୁପାନୀୟ, ଥଣ୍ଡାପାନୀୟ, ଆମ୍ବ, ପଣସ, ଆତ, ଲିଚୁ, ସପେଟା, କଦଳୀ, ଅଙ୍ଗୁର, ଫଳରସ, ଆଇସ୍‌କ୍ରିମ୍, ଖଜୁରି, ବାଦାମ, ନଡ଼ିଆ, ଆଳୁ, ମାଟିଆଳୁ, ଖମ୍ବଆଳୁ, ସାରୁ ଏବଂ କନ୍ଦମୂଳ ଖାଇବେ ନାହିଁ।

**ଉଚ୍ଚ ରକ୍ତଚାପ ରୋଗୀ:** ଅଧିକ ଲୁଣ, ତୈଳ, ଚର୍ବି ଜାତୀୟ ଖାଦ୍ୟ ସେବନରୁ ବିରତ ହେବେ।

**ବୃକ୍କ ରୋଗୀ:** ଅତ୍ୟଧିକ ଲୁଣ, ଚଟଣି, ପାମ୍ପଡ଼, ଆଚାର, ସାମୁଦ୍ରିକ ମାଛ, କଙ୍କଡ଼ା, ରେଡ୍ ମିଟ୍, ଚିଙ୍ଗୁଡ଼ି, ଅଣ୍ଡା କେଶର, ଫାଷ୍ଟଫୁଡ୍, ଲୁଣ, ବଟର, ଘିଅ, ଡାଲ୍‌ଡା, ମିକ୍ସଚର, ଚିପ୍‌ସ, ମୁଢ଼ି, ଲୁଣ ମିଶା ବାଦାମ, ମଟର, ପଇଡ଼ପାଣି, ଲେମ୍ବୁ କମଳା, ପେନ୍ କିଲର ବଟିକା, ନଡ଼ିଆ ତିଆରି ଜିନିଷ, ବୁଟ, ରାଜ୍‌ମା ଇତ୍ୟାଦି ଶସ୍ୟଜାତୀୟ ଖାଦ୍ୟ ବର୍ଜନୀୟ।

**ହୃଦ୍‌ରୋଗୀ:** ତେଲ, ଚର୍ବି ଜାତୀୟ ଖାଦ୍ୟ, ରେଡ୍‌ମିଟ୍, ଫାଷ୍ଟଫୁଡ୍, ଆମିଷ, କ୍ଷୀର ଜାତୀୟ ଖାଦ୍ୟ, ମିଠା ଇତ୍ୟାଦି ଖାଇବେ ନାହିଁ।



**ବି.ଦ୍ର. :** ଏହି ତିନି ପ୍ରକାର ରୋଗୀ ପ୍ରତିଦିନ ୨୦ ମି.ଲି.ରୁ କମ୍ ତେଲରେ ପ୍ରସ୍ତୁତ ହୋଇଥିବା ଖାଦ୍ୟ ଖାଇବା ଉଚିତ୍। ପ୍ରାତଃ (ଘ.୬.୩୦ମି. ଭିତରେ)ସୂର୍ଯ୍ୟସ୍ନାନ ଓ ଖୋଲା ବାୟୁରେ ଭ୍ରମଣ ସ୍ୱାସ୍ଥ୍ୟ ପକ୍ଷେ ହିତକର।

*-ଆନନ୍ଦ ବଜାର, ବେତନଟୀ, ମୟୂରଭଞ୍ଜ*

*ମୋ: ୯୮୬୧୩୭୪୩୮୫*

## ମହୁ

ଡା. ରୀତା ସାହୁ

"ଆମ୍ଭମାନଙ୍କୁ ମନେ ରଖିବାକୁ ପଡ଼ିବ ଯେ, ଦୈନିକ ୨୦ ଗ୍ରାମରୁ ଅଧିକ ମହୁ ଖାଇବା ଉଚିତ ନୁହେଁ। ପ୍ରତ୍ୟେକ ଦିନ ମହୁ ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକର। ଗ୍ରୀଷ୍ମ ଋତୁରେ ମହୁ ସେବନ ବର୍ଜନ ଅଟେ। କିନ୍ତୁ ଶୀତ ଦିନରେ ଏହା ଅତ୍ୟନ୍ତ ହିତକାରୀ। ମହୁ ଗରମ କରି ଖାଇଲେ ଏହା ବିଷ ତୁଲ୍ୟ ଶରୀରରେ କାମ କରେ।"



ବହୁ ପୂର୍ବରୁ ବଗିଚା କରିବା, ମହୁମାଛି ପାଳନ ଏବଂ ଶତକଡ଼ା ଶହେ ଭାଗ ଲୋକ ଦୈନିକ ମହୁ ଖାଇବା କଥା ମଧ୍ୟ ବର୍ଣ୍ଣନା ରହିଛି। ମୁନି ଋଷିମାନେ ମହୁ ସର୍ବଶ୍ରେଷ୍ଠ ସଞ୍ଜୀବନୀ, ଶ୍ରମନାଶକ, ବଳ ବର୍ଦ୍ଧକ, ବୀର୍ଯ୍ୟବର୍ଦ୍ଧକ ଓ କାନ୍ତିଜନକ ବୋଲି କହି ଯାଇଛନ୍ତି। ଏହି ସମ୍ବନ୍ଧୀୟ ଗବେଷଣା ଜାରି ରହିଛି। ନ୍ୟୁଜିଲାଣ୍ଡରେ ଗବେଷଣା କରାଯାଇ ବୈଜ୍ଞାନିକମାନେ ମତ ଦେଇଛନ୍ତି କି ମହୁରେ ଏପରି ଶକ୍ତି ଅଛି ଯାହା ଜୀବାଣୁ, ଭୂତାଣୁ ଓ ବାହ୍ୟ ସଂକ୍ରମଣକୁ ଅକାମୀ କରି ପାରିଥାଏ। ଏକଥା ମଧ୍ୟ ଜଣାପଡିଥିଲା କି ଆଣ୍ଟିବାୟୋଟିକ୍ ଔଷଧ ଯାହାକୁ ନଷ୍ଟ କରି ପାରୁନାହିଁ ତାହାକୁ ମହୁ ନଷ୍ଟ କରିବାରେ ସକ୍ଷମ ଅଟେ। ଏହାର ସଂରଚନା ମଣିଷ ଶରୀରରେ ସୁରକ୍ଷା କବଚ ସଦୃଶ କାମ କରିଥାଏ। ଆମେରିକାର ଅନୁସନ୍ଧାନ କର୍ତ୍ତାମାନେ ଅଧ୍ୟୟନ ପରେ ଜଣାଇଛନ୍ତି ଯେ ମହୁରେ ଆଣ୍ଟିବାୟୋଟିକ୍ ତତ୍ତ୍ୱ ଭରପୂର ମାତ୍ରାରେ ରହିଥିବାରୁ ଏହା ପୁରାତନ ଘା' ଶୁଖାଇବା ସହ ସଂକ୍ରମଣକୁ ରୋକିବାରେ ପୂର୍ଣ୍ଣ ସକ୍ଷମ ଅଟେ। ଇସ୍ରାଏଲରେ ପେଟରେ ହେଉଥିବା ଅଲସର ରୋଗର ଚିକିତ୍ସା ପାଇଁ ମହୁ ପ୍ରୟୋଗ କରାଯାଉଛି। ଏହି ରୋଗାଣୁମାନଙ୍କୁ ନିର୍ଜୀବ କରିବା ଓ ତା' ସହିତ ଲଢ଼ିବାର କାରିଗର ଅଟେ ମହୁ। ଆମେରିକାର ଇଲିନାଇସ୍ ବିଶ୍ୱବିଦ୍ୟାଳୟରେ କରାଯାଇଥିବା ଅଧ୍ୟୟନରୁ ଜଣାପଡିଛି ଯେ ମହୁ କ୍ୟାନସର, ହୃଦ୍‌ରୋଗ ପରି ଅସାଧ୍ୟ ରୋଗକୁ ନିୟନ୍ତ୍ରଣ କରିବାରେ ସକ୍ଷମ ହୁଏ। ଆମେରିକାର ୟୁନିଭରସିଟି ଅଫ୍ ମେଫିଫସ୍‌ର ଅଧ୍ୟୟନ କର୍ତ୍ତାମାନେ ଗବେଷଣା କରି ଏହି ସିଦ୍ଧାନ୍ତରେ ଉପନୀତ ଯେ ଦୈନିକ ୩ ଚାମଚ ମହୁ ୩ ଥରରେ ସେବନ କଲେ ଏଥିରୁ ଏତେ ଉର୍ଜା ମିଳେ ଯାହା ଏ ପର୍ଯ୍ୟନ୍ତ ଅନ୍ୟ କୌଣସି ପଦାର୍ଥରୁ ମିଳିଥାଏ ବୋଲି ଜଣାପଡିନାହିଁ। ଏକ ଅଧ୍ୟୟନରୁ ଜଣାପଡିଛି ଯେ, ଦୁଇ ଚାମଚ ମହୁ ଖାଇବାର ଦଶ ମିନିଟ୍ ପରେ ଯେଉଁ ଉର୍ଜା ମିଳେ ତାହା କୌଣସି carbohydrate drinks, pre exercise drinks/ energized drinks/sports drinks ରୁ ମିଳିନଥାଏ। ଅନ୍ୟପକ୍ଷରେ ୧ ଲିଟର ଉପରୋକ୍ତ ପାନୀୟରୁ ଯାହା ମିଳିଥାଏ ତାହା ମାତ୍ର ଦୁଇ ଚାମଚ ମହୁ ଯୋଗାଇବାକୁ ସମର୍ଥ ହୋଇଥାଏ।

ଆମ୍ଭମାନଙ୍କୁ ମାନି ନେବାକୁ ପଡ଼ିବ ଯେ ମହୁ ବାସ୍ତବରେ ମହୁମାଛିମାନଙ୍କର ଅତ୍ୟଧିକ ପରିଶ୍ରମର ସଂଗ୍ରହ ଅଟେ। ଏହି ପ୍ରାକୃତିକ ପ୍ରକ୍ରିୟା ତାହାକୁ ବଳଶାଳୀ କରିଥାଏ। ମହୁମାଛି ବହୁ ହୁସିଆରରେ ପରାଗ ସଂଗ୍ରହ କରିଥାଏ। ସକାଳ ସମୟରେ ବାସ୍ନାରୁ ସେ ଚୟନ କରିଥାଏ କେଉଁ ଫୁଲରୁ ପରାଗ ସୃଷ୍ଟି କରିବ ଅଧିକ ରସ। ସକାଳ ସମୟରେ ଅଧିକ ରସ ସଂଗ୍ରହ କରାଯାଇପାରେ। ଜର୍ମାନୀର ବୈଜ୍ଞାନିକମାନେ କହନ୍ତି ଭାରତୀୟ ମହୁ ସବୁଠାରୁ ଉତ୍କୃଷ୍ଟ, କାରଣ ପ୍ରାକୃତିକ ଜଳବାୟୁ ଓ ବାତାବରଣରୁ ଏହାକୁ ସଂଗ୍ରହ କରାଯାଇଥାଏ।

ଆମ୍ଭମାନଙ୍କୁ ମନେ ରଖିବାକୁ ପଡିବ ଯେ, ୨୦ ଗ୍ରାମରୁ ଅଧିକ ମହୁ ଖାଇବା ଉଚିତ ନୁହେଁ। ପ୍ରତ୍ୟେକ ଦିନ ମହୁ ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକର। ଗ୍ରୀଷ୍ମ ଋତୁରେ ମହୁ ସେବନ ବର୍ଜନ ଅଟେ। କିନ୍ତୁ ଶୀତ ଦିନରେ ଏହା ଅତ୍ୟନ୍ତ ହିତକାରୀ। ମହୁ ଗରମ କରି ଖାଇଲେ ଏହା ବିଷ ତୁଲ୍ୟ ଶରୀରରେ କାମ କରେ।

**ମହୁର ଔଷଧୀୟ ଗୁଣ**

- କାଶ ହେଉଥିଲେ, କାଶରେ କଫ ପଡୁଥିଲେ, କାଶରେ ରକ୍ତ ପଡୁଥିଲେ ୧ ଚାମଚ ଲେଖାଏ ମହୁ ଦିନକୁ ୩ ଥର ଖାଇଲେ ଅଧିକ ଲାଭପ୍ରଦ ଅଟେ।

-୧୦ ଗ୍ରାମ ମହୁ, ୧୦ ଗ୍ରାମ ଲେମ୍ବୁପତ୍ର ସ୍ୱରସ ସକାଳେ ସନ୍ଧ୍ୟାରେ ଦିନକୁ ଦୁଇଥର ୨୧ ଦିନ ପର୍ଯ୍ୟନ୍ତ ଖାଇଲେ ବାହ୍ୟ ସଂକ୍ରମଣ ଶରୀର ମଧ୍ୟରେ ଥିଲେ ସେମାନଙ୍କୁ ଏହା ନଷ୍ଟ କରି ପାରିଥାଏ।

- ଝାଡ଼ା ଲାଗି ରହିଥାଏ ଏବଂ ଯେତେ ଔଷଧ ନେଲେ କମୁ ନ ଥାଏ ତେବେ ସେପରି ସମୟରେ ଏକ କପ୍ ଡାଳିମ୍ବରସ, ଏକ ଚାମଚ ମହୁ, ଲବଙ୍ଗ, ଶୁଣ୍ଠି, ଜାଇଫଳ ଚୂର୍ଣ୍ଣ ଏକ ଚାମଚ ମିଶାଇ ଖାଇଲେ ଆରାମ ମିଳିଥାଏ।

-ଜିରାକୁ ଭାଜି ଗୁଣ୍ଡ କରି ସେଥିରେ ଚାରି ଭାଗରୁ ଏକ ଭାଗ ମହୁ ମିଶାଇ ଚାଟି ଚାଟି ଖାଇଲେ ପତଳା ଝାଡ଼ାରୁ ଉପଶମ ମିଳିଥାଏ।

-ଅଦାରସ ୬ ଗ୍ରାମ, ମହୁ ୬ ଗ୍ରାମ ମିଶାଇ ଖାଇଲେ ଅରୁଚି ନଷ୍ଟ ହୁଏ। ଏତଦ୍ ଜନିତ ରୋଗ ପ୍ରତିରୋଧ ଶକ୍ତି ନଷ୍ଟ ହେଲେ ସେଥିରୁ ମୁକ୍ତି ମିଳିଥାଏ।

-କାଶ ଦୀର୍ଘ ଦିନ ଧରି ଲାଗି ରହୁଥିଲେ ଲବଙ୍ଗ ଭାଜି ଗୁଣ୍ଡ କରି ସେଥିରେ ମହୁ ମିଶାଇ ଚାଟି ଚାଟି ଖାଇଲେ ଆରାମ ମିଳେ।

-ଶ୍ୱେତପ୍ରଦର ରୋଗରେ ଗୁଡୁଚି ସ୍ୱରସ ଓ ମହୁ ସମାନ ପରିମାଣରେ ମିଶାଇ ଦିନକୁ ୨ ଥର ଖାଇଲେ ଏହି ରୋଗ ଛାଡ଼ିଯାଇଥାଏ।

-ଅଁଳା ଚୂର୍ଣ୍ଣ ଗୋଟେ ଚାମଚରେ ଏକ ଭାଗରୁ ଭାଗେ ମହୁ ମିଶାଇ ୩ଥର ଖାଇଲେ ଶ୍ୱେତପ୍ରଦର ରୋଗରୁ ମୁକ୍ତି ମିଳିଥାଏ।

- ଯୌନ ସମସ୍ୟା ଥିଲେ ୧ ଚାମଚ ଆମଳକୀ ରସାୟନ, ୧ ଚାମଚ ମିଶ୍ରି, ୧ ଚାମଚ ମହୁ ମିଶାଇ ଖାଇଲେ ଲାଭପ୍ରଦ ହୁଏ।

- ମହୁ ଓ ଅଁଳା ଚୂର୍ଣ୍ଣ/ଅଁଳା ସ୍ୱରସ ମିଶାଇ ଖାଇଲେ ଶରୀରରେ ସମସ୍ତ ପ୍ରକାର ବିଷ ପ୍ରକ୍ରିୟାରୁ ଶରୀରକୁ ମୁକ୍ତି ମିଳିଥାଏ।

-ଓଜନ ହ୍ରାସ ହେଲେ ରାତ୍ରିରେ ଶୋଇବା ସମୟରେ ଥଣ୍ଡା କ୍ଷୀରରେ ମହୁ ମିଶାଇ ୩ ମାସ ପିଇଲେ ଓଜନ ବଢିଯାଏ ଏବଂ ମାଂସପେଶୀମାନେ ସବଳ ହୋଇଥାନ୍ତି।

-ପ୍ରତ୍ୟେକ ଅସୁସ୍ଥ ବ୍ୟକ୍ତି ରାତିରେ ଶୋଇବା ସମୟରେ ୧ ଚାମଚ ଅଁଳା ଚୂର୍ଣ୍ଣ ଓ ମହୁ ମିଶାଇ ଖାଇଲେ ନୀରୋଗ ହୋଇଥାନ୍ତି।

-ତାଜା ଅଁଳା ରସ ୨ ଚାମଚ ଓ ମହୁ ୨ ଚାମଚ ପ୍ରତିଦିନ ସକାଳେ ଖାଇଲେ ସୁସ୍ଥ ଓ ଯୁବା ଦେଖାଯାଆନ୍ତି। ଦୈନନ୍ଦିନ ଏହାକୁ ଖାଇଲେ ରୋଗ ପ୍ରତିରୋଧ ଶକ୍ତି ବଢି



ଶରୀରକୁ ନୀରୋଗ ରଖିଥାଏ।

- ଅଁଳା ରସ ଓ ମହୁ ଖାଇଲେ ରକ୍ତ ଧମନୀ ପରିଷ୍କାର ରହେ ଓ ଉଚ୍ଚ ରକ୍ତ ଚାପରୁ ମୁକ୍ତି ମିଳେ।

- ଏକ ଚାମଚ ପିଆଜ ରସ ଓ ୧ ଚାମଚ ମହୁ ସହିତ ମିଶାଇ ଖାଇଲେ ପୌରୁଷତ୍ୱ ବଢିଥାଏ ଓ ନପୁଂସକତା ଦୂର ହୋଇଥାଏ।

- ଏକ ଚାମଚ ରସୁଣ ରସ ଓ ୧ ଚାମଚ ମହୁ ସହିତ ମିଶାଇ ଖାଇଲେ ମୋଟା ହୋଇଥିଲେ ମୋଟାପା କମ୍ କରିଥାଏ।

ଏତେ ସବୁ ଆଲୋଚନା କରିବାର ଉଦ୍ଦେଶ୍ୟ ମହୁ ରୋଗ ପ୍ରତିରୋଧ ଶକ୍ତି ବଢ଼ାଇଥାଏ। ରୋଗ ପ୍ରତିରୋଧ ଶକ୍ତି କ୍ଷୟ ହୋଇଯାଉଥିବା ବ୍ୟକ୍ତିମାନେ ଦୈନିକ ମହୁ ସେବନ କଲେ ରୋଗର ସ୍ଥାୟୀ ପ୍ରତିକାର କରିପାରନ୍ତେ। ଏହାବ୍ୟତୀତ ଆଧୁନିକ ଔଷଧ ସେବନର ପାର୍ଶ୍ୱପ୍ରତିକ୍ରିୟାରୁ ମହୁ ଶରୀରକୁ ସୁରକ୍ଷା ଦେଇଥାଏ।

*-ଫ୍ଲାଟ୍ ନମ୍ବର-୧୧୭*

*ମହାନଦୀ ବିହାର, କଟକ-୪*

*ମୋ: ୯୪୩୭୨୭୨୬୭୩*

## ଅବସାଦ ହୋଇପାରେ କ୍ୟାନ୍‌ସରର କାରଣ



ଆଜିକାଲି ଅବସାଦଗ୍ରସ୍ତ ହେବା କିଛି ନୂଆ କଥା ନୁହେଁ। ଏହାଦ୍ୱାରା ମାନସିକତା ପ୍ରଭାବିତ ହୋଇଥାଏ। ହେଲେ ଦୀର୍ଘଦିନ ଧରି ଏପରି ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିଲେ ତାହା ଆଉ ଏକ ଗୁରୁତର ରୋଗକୁ ଡାକିଆଣିବାର ଯଥେଷ୍ଟ ଆଶଙ୍କା ରହିଛି। ତାହା ହେଲା କ୍ୟାନ୍‌ସର। 'ଅବସାଦ ଓ କ୍ୟାନ୍‌ସର' ଶୀର୍ଷକ ବିଷୟବସ୍ତୁକୁ ନେଇ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର କ୍ୟାନ୍‌ସର ବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଅଧିକାଂଶ ସମୟ ଅବସାଦଗ୍ରସ୍ତ ରହୁଥିବା କେତେଜଣ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ କିପରି ରହୁଛି ତାହାକୁ ତନ୍ନ ତନ୍ନ କରି ସେମାନେ ପରୀକ୍ଷା କରିଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ ୧୫ପ୍ରତିଶତ ବ୍ୟକ୍ତିଙ୍କଠାରେ କ୍ୟାନ୍‌ସରର ଲକ୍ଷଣ ଦେଖିବାକୁ ମିଳିଥିଲା ବୋଲି ସେମାନେ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଜଣେ ବ୍ୟକ୍ତି ଯଦି ଦୀର୍ଘଦିନ ଧରି ଅବସାଦଗ୍ରସ୍ତ ହୋଇ ରହନ୍ତି ତେବେ ଏହାଦ୍ୱାରା ତାଙ୍କର କୋଷ (ସେଲ୍) ପ୍ରଭାବିତ ହୋଇଥାଏ। ଏପରି କି ଏହାଦ୍ୱାରା କ୍ୟାନ୍‌ସର ପରି ଗୁରୁତର ରୋଗର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି।

## ସ୍ୱାସ୍ଥ୍ୟ ସୂଚନା

❖କେତେକେ ଏକାଥରେ ପୁଳାଏ ଖାଦ୍ୟ ଖାଆନ୍ତି। ପୁଣି ମନଲୋଭା ଖାଦ୍ୟ ଦେଖିଲେ ଆବଶ୍ୟକତାଠାରୁ ଅଧିକ ଖାଇଦିଅନ୍ତି। ଫଳରେ ଅଜୀର୍ଣ୍ଣ ସମସ୍ୟା ସୃଷ୍ଟି ହୋଇଥାଏ। ତେଣୁ ସବୁବେଳେ ଖାଉଥିବା ଖାଦ୍ୟର ପରିମାଣ ପ୍ରତି ଧ୍ୟାନ ଦିଅନ୍ତୁ। ରାତିରେ ହାଲ୍‌କା ତଥା ସୁପାଚ୍ୟ ଖାଦ୍ୟ ଖାଆନ୍ତୁ।

❖ପ୍ରତିଦିନ କିଛି ସମୟ ଯୋଗ କରନ୍ତୁ। ଏହା ଆପଣଙ୍କୁ ଅନେକାଂଶରେ ମାନସିକ ଶାନ୍ତି ଦେଇଥାଏ।



❖ସକାଳୁ ଉଠି ଦାନ୍ତ ନ ଘଷି ଦୁଇ ଗ୍ଲାସ୍ ପାଣି ପିଅନ୍ତୁ। ଏହାଦ୍ୱାରା ପାଚନଶକ୍ତି ଆହୁରି ଦୃଢ଼ ହୋଇଥାଏ।

❖କେତେକ ରୋଗର ଘରୋଇ ଉପଚାର ରହିଛି। ଏହାକୁ ଆପଣେଇପାରନ୍ତି। ହେଲେ ତା'ପୂର୍ବରୁ ସେ ବିଷୟରେ ଭଲ ଭାବରେ ଅବଗତହେବା ଦରକାର।

❖ଡାକ୍ତରଙ୍କ ସହ କୌଣସି ରୋଗ ବିଷୟରେ ପରାମର୍ଶ କରିବା ବେଳେ ସେ କେତେକ ପ୍ୟାଥୋଲୋଜି ଟେଷ୍ଟ କରିବାକୁ ଲେଖିଥାଆନ୍ତି। କେତେକେ ସେଗୁଡ଼ିକ ମଧ୍ୟରୁ କିଛି ପରୀକ୍ଷାକୁ ଏଡ଼ାଇଯାଇଥାଆନ୍ତି। ହେଲେ ସେହିସବୁ ଟେଷ୍ଟର ଗୁରୁତ୍ୱକୁ ଉପଲବ୍ଧିକରି ପରୀକ୍ଷା କରାଇନେବା ଭଲ।

## ଟାଇପ-୨ ଡାଇବେଟିସ ରୋଗୀଙ୍କ ସଂଖ୍ୟା ବଢୁଛି

ବର୍ତ୍ତମାନ ଟାଇପ-୨ ଡାଇବେଟିସ ରୋଗୀଙ୍କ ସଂଖ୍ୟା ବଢୁଛି ବୋଲି ଏକ ସର୍ଭେରୁ ଜଣାପଡ଼ିଛି। ଜଣାପଡ଼ିଛି ଯେ, ଏବେ ସମଗ୍ର ବିଶ୍ୱରେ ଡାଇବେଟିସ ରୋଗୀଙ୍କ ସଂଖ୍ୟା ପ୍ରାୟ ୪୨୫ ମିଲିୟନ। ଏହି ରୋଗ ନିଜର କାୟା ଏପରି ବିସ୍ତାର କରିସାରିଲାଣି ଯେ ପ୍ରତି ଦୁଇଜଣରେ ଜଣେ ଡାଇବେଟିସ ରୋଗୀ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେଣୁ ଏହି ରୋଗୀଙ୍କ ବର୍ଦ୍ଧିତ ସଂଖ୍ୟା କମାଇବାକୁ ସମସ୍ତେ ସଚେତନ ରହିବା ଦରକାର। ରୋଗର କାରଣ ସମ୍ପର୍କରେ ଭଲ ଭାବରେ ଅବଗତ ହେବା, ଏହାଦ୍ୱାରା ଆକ୍ରାନ୍ତ ହେବା ପରେ ଡାକ୍ତରଙ୍କ ସହ ପରାମର୍ଶ କରି ଔଷଧ ଖାଇବା ଆବଶ୍ୟକ। ସାଧାରଣତଃ ରକ୍ତରେ ସୁଗାର ପରିମାଣ ବଢ଼ିଗଲେ ତାହା ଡାଇବେଟିସ୍‌ର କାରଣ ସାଜିଥାଏ। ତେଣୁ ନିୟମିତ ସମୟ ଅନ୍ତରାଳରେ ରକ୍ତ ପରୀକ୍ଷା କରାଇ ସେଥିରେ ସୁଗାର ପରିମାଣ କେତେ ଅଛି ତାହା ଜାଣିନିଅନ୍ତୁ। ଯଦି ଆପଣ ଡାଇବେଟିସ୍ ଦ୍ୱାରା ଆକ୍ରାନ୍ତ ତେବେ ନିଜର ଖାଦ୍ୟପେୟ ପ୍ରତି ଧ୍ୟାନ ଦିଅନ୍ତୁ। କେଉଁ ଖାଦ୍ୟ ଖାଇବା ଅନୁଚିତ ଏବଂ କ'ଣ ଖାଇବା ଦରକାର ତାହା ଡାକ୍ତରଙ୍କ ନିକଟରୁ ଭଲ ଭାବରେ ବୁଝି ନିଅନ୍ତୁ। ଡାଇବେଟିସ ରୋଗୀ ରକ୍ତରେ ସୁଗାର ପରୀକ୍ଷା କରିବା ସହ ବ୍ଲଡ୍‌ପ୍ରେସର ଚେକ୍ କରିନେବା ଆବଶ୍ୟକ। ଏହାଦ୍ୱାରା ଆକ୍ରାନ୍ତ ହୋଇଥିଲେ ନିଜକୁ ଯେତେ ସମ୍ଭବ ଟେନ୍‌ସନଠାରୁ ଦୂରେଇ ରଖନ୍ତୁ। ଡାଇବେଟିସ୍‌କୁ ନେଇ ଅନେକ ଲୋକ ଅନେକ କଥା କହିଥାଆନ୍ତି। ହେଲେ ଆପଣ ଡାକ୍ତରଙ୍କ ପରାମର୍ଶକୁ ହିଁ ଅନୁସରଣ କରନ୍ତୁ। କେତେକେ ଡାଇବେଟିସ୍‌କୁ ନେଇ ବ୍ୟସ୍ତ ହୋଇପଡ଼ନ୍ତି। ହେଲେ ଯଦି ଆପଣ ନିଜର ଜୀବନଶୈଳୀ, ଖାଦ୍ୟପେୟ ପ୍ରତି ଧ୍ୟାନଦେବା ସହ ନିୟମିତ ସମୟ ବ୍ୟବଧାନରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତି ତେବେ ଆପଣ ସୁସ୍ଥ ରହିପାରିବେ। ଡାଇବେଟିସ୍ ରୋଗୀ କେବଳ ଖାଦ୍ୟ ନିୟନ୍ତ୍ରଣ ନୁହେଁ, ଦୈନନ୍ଦିନ ଜୀବନତାଲିକାରେ ବ୍ୟାୟାମକୁ ସାମିଲ କରନ୍ତୁ। ପ୍ରତିଦିନ ସକାଳୁ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ।



## ସଂକ୍ଷେପରେ

### ସରକାରଙ୍କ ସାମାଜିକ କାର୍ଯ୍ୟକ୍ରମକୁ ପାନଗାରିୟାଙ୍କ ପ୍ରଶଂସା



**ନୂଆଦିଲ୍ଲୀ,୧୪-୪:** ମୋଦି ସରକାରଙ୍କ ଆୟୁଷ୍ମାନ ଭାରତ, ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ଯୋଜନା ତଥା ଗ୍ରାମୀଣ ବିଦ୍ୟୁତୀକରଣ ଭଳି ସାମାଜିକ କ୍ଷେତ୍ରର କାର୍ଯ୍ୟକ୍ରମଗୁଡ଼ିକ ବଡ଼ ସଫଳତା ହାସଲ କରିଛି ବୋଲି ନୀତି ଆୟୋଗ ପୂର୍ବତନ ଉପାଧକ୍ଷ ଅରବିନ୍ଦ ପାନଗାରିୟା କହିଛନ୍ତି। ଦୁର୍ନୀତି ବିରୋଧରେ ଲଢ଼େଇ ଦିଗରେ କେନ୍ଦ୍ର ସରକାର ଉଲ୍ଲେଖନୀୟ ପ୍ରଗତି ହାସଲ କରିଛନ୍ତି ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ନିଆଯାଇଥିବା ସଂସ୍କାରମୂଳକ କାର୍ଯ୍ୟକ୍ରମଗୁଡ଼ିକ ସମ୍ପର୍କରେ ସେ କହିଛନ୍ତି ଯେ, ବସ୍ତୁ ଏବଂ ସେବା ଟିକସ (ଜିଏସ୍‌ଟି), ଦେବାଳିଆ ଆଇ ତଥା ପ୍ରତ୍ୟକ୍ଷ ଲାଭ ପ୍ରଦାନ(ଡିବିଟି) ଆଦି ୩ଟି ବଡ଼ ପଦକ୍ଷେପ। ଗଣମାଧମ ସହ ସାକ୍ଷାତ୍‌କାରରେ ସେ କହିଛନ୍ତି ଯେ, ସରକାର ସଡ଼କ, ରେଲୱେ, ଜଳମାର୍ଗ, ବେସାମରିକ ବିମାନ ଚଳାଚଳ ତଥା ଡିଜିଟାଲୀକରଣ କ୍ଷେତ୍ରରେ ଦ୍ରୁତଗତିରେ କାମ କରିଛି, ଯାହାର ଫଳାଫଳ ନଜରକୁ ଆସୁଛି। ଶହେରୁ ଅଧିକ ଅର୍ଥନୀତିଜ୍ଞ ଜିଡିପି ଡାଟାକୁ ନେଇ ଉଠାଇଥିବା ପ୍ରଶ୍ନ ଉପରେ ସେ କହିଛନ୍ତି ଯେ, ସମାଲୋଚକମାନେ ଯେପର୍ଯ୍ୟନ୍ତ କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ସିଏସ୍‌ଓ)/ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କ୍ରିୟାନ୍ୱୟନ ମନ୍ତ୍ରଣାଳୟର କାର୍ଯ୍ୟଧାରାର ଯେଉଁ ଅଂଶ ନେଇ ସ୍ପଷ୍ଟ କରିନାହାନ୍ତି, ସେ ପର୍ଯ୍ୟନ୍ତ ସେମାନଙ୍କ ବୟାନ କେବଳ ଦାବି ଭାବେ ମନେକରାଯିବ। ସେ କହିଛନ୍ତି ଯେ, ଜିଡିପି ଡାଟା ଗଣନା ବେଳେ ସରକାର ଯେଉଁ ପନ୍ଥାପଦ୍ଧତି ବ୍ୟବହାର କରିଛନ୍ତି, ସେସମ୍ପର୍କରେ ୪୦ ପୃଷ୍ଠାର ଏକ ଦସ୍ତାବିଜ ପ୍ରକାଶ କରିଛନ୍ତି। ବିଶ୍ୱ ବ୍ୟାଙ୍କ, ଅନ୍ତଃରାଷ୍ଟ୍ରୀୟ ମୁଦ୍ରା ପାଣ୍ଠି ଏବଂ ଜାତିସଂଘ ସମେତ କୌଣସି ଅନ୍ତଃରାଷ୍ଟ୍ରୀୟ ଏଜେନ୍ସି ଭାରତର ପରିସଂଖ୍ୟାନ ସଂସ୍ଥାର ବିଶ୍ୱଯୋଗ୍ୟତା ନେଇ ସନ୍ଦେହ କରିନାହାନ୍ତି ବୋଲି ପାନଗାରିୟା କହିଛନ୍ତି। ସେ ମଧ ଜିଡିପି ଡାଟା ପ୍ରସ୍ତୁତିରେ ସରକାରଙ୍କ ହସ୍ତକ୍ଷେପ ହୋଇଥିବା ଲକ୍ଷ୍ୟ କରିନାହାନ୍ତି ବୋଲି କଲମ୍ବିଆ ବିଶ୍ୱବିଦ୍ୟାଳୟ ପ୍ରଫେସର କହିଛନ୍ତି। ତାଙ୍କ ମତରେ ଜିଡିପି ଅନୁମାନ ନୂଆ ନୁହେଁ। ଏହା ଏକ ସ୍ଥାପିତ ପ୍ରକ୍ରିୟା। ସୂଚନାଥାଉ କି, ଜିଡିପି ଡାଟାକୁ ନେଇ ନିକଟରେ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ରଘୁରାମ ରାଜନ, ଆଇଏମ୍‌ଏଫର ମୁଖ୍ୟ ଅର୍ଥନୀତିଜ୍ଞ ଗୀତା ଗୋପୀନାଥ ଓ ୧୦୮ ଅର୍ଥନୀତିଜ୍ଞ ତଥା ସମାଜ ବିଜ୍ଞାନୀ ପ୍ରଶ୍ନ ଉଠାଇଥିଲେ।

### ରିଲାଏନ୍ସ ଜିଓ ଗ୍ରାହକ ସଂଖ୍ୟା ୩୦ କୋଟି ଟପିଲା

**ନୂଆଦିଲ୍ଲୀ,୧୪-୪:** ବିଶିଷ୍ଟ ବ୍ୟବସାୟୀ ମୁକେଶ ଅମ୍ବାନୀଙ୍କ ମାଲିକାନାରେ ଥିବା ଟେଲିକମ କମ୍ପାନୀ ରିଲାଏନ୍ସ ଜିଓ ଆରମ୍ଭ ହେବା ଦିନ ଠାରୁ ମାତ୍ର ଅଢ଼େଇ ବର୍ଷ ମଧରେ ୩୦ କୋଟି ଗ୍ରାହକ ସଂଖ୍ୟା ଅତିକ୍ରମ କରିବାରେ ସଫଳ ହୋଇଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, କମ୍ପାନୀ ମାର୍ଚ୍ଚ ୨ରେ ଏହି ଉପଲବ୍ଧି ହାସଲ କରିଛି। ତେବେ ଜିଓ ପକ୍ଷରୁ ଏ ସମ୍ପର୍କରେ ଆନୁଷ୍ଠାନିକ ଭାବେ କିଛି ପ୍ରକାଶ କରାଯାଇ ନାହିଁ। ବର୍ତ୍ତମାନ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍) ଟୁର୍ଣ୍ଣାମେଣ୍ଟ ଚାଲିଥିବା ବେଳେ କମ୍ପାନୀ ନିଜର ଉପଲବ୍ଧି ହାସଲ ନେଇ ଉତ୍ସବ ପାଳନ କରୁଥିବା ଏହାର ବିଜ୍ଞାପନରୁ ପ୍ରତୀୟମାନ ହେଉଛି। ଜିଓ ଆରମ୍ଭ ହେବା ଦିନଠାରୁ ସବୁଠାରୁ କମ୍ ସମୟ ମଧରେ ୧୦କୋଟି ଗ୍ରାହକ ହାସଲ କରିବାରେ ପ୍ରଥମ ଟେଲିକମ କମ୍ପାନୀ ହୋଇଛି। କମ୍ପାନୀ ମାତ୍ର ୧୭୦ ଦିନରେ ଏହି ସଫଳତା ହାସଲ କରିଥିଲା।

> ଜୁଲାଇ ସୁଦ୍ଧା ପର୍ସ ନୂଆ ଜେନେରେଶନର ଏସ୍‌ୟୁଭି ମାକାନ ଭାରତରେ ଲଞ୍ଚ କରିବ । ଏହା ଦୁଇ ଭାରିଆଣ୍ଟରେ ଦେଶରେ ପ୍ରବେଶ କରିବ ।
> **– ପୱନ ସେଟ୍ଠୀ, ଡାଇରେକ୍ଟର, ପର୍ସ ଇଣ୍ଡିଆ**



> ଅଧିକ ଅଧିଗ୍ରହଣ ପାଇଁ ଟାଟା କନସଲଟାନ୍ସି ସର୍ଭିସେସ୍ ବ୍ୟଗ୍ର । ଅଭିବୃଦ୍ଧିକୁ ଦ୍ରୁତତର କରିବା ଲାଗି କମ୍ପାନୀ ପ୍ରୟାସ କରୁଛି ।
> **– ଏନ.ଗଣପତି ସୁବ୍ରମଣ୍ୟମ, ସିଓଓ, ଟିସିଏସ୍**



# ଜେଟ୍‌ର ଭାଗ୍ୟ ନିର୍ଦ୍ଧାରଣ ଆଜି

**ନୂଆଦିଲ୍ଲୀ,୧୪-୪**



ଜେଟ୍ ଏୟାରୱେଜ ପାଇଁ ସୋମବାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦିନ। କାରଣ ସଙ୍କଟଗ୍ରସ୍ତ ଏହି ଏୟାରଲାଇନ୍ସରେ ତାଲା ଝୁଲିବ ନା ଉଡ଼ାଣ ଜାରି ରହିବ ସେ ନେଇ ସୋମବାର ନିଷ୍ପତ୍ତି ନିଆଯିବ। କମ୍ପାନୀ ମ୍ୟାନେଜମେଣ୍ଟ ୧୫୦୦ କୋଟି ଟଙ୍କାର ନିବେଶ ଅପିଲ ଏବଂ ନୂଆ ଯୋଜନା ନେଇ ସୋମବାର ଋଣପ୍ରଦାନକାରୀଙ୍କ ସହ ବୈଠକରେ ବସିବେ। ଋଣପ୍ରଦାନକାରୀ ଜରୁରୀ ପାଣ୍ଠି ଦେବାକୁ ମନା କରିଦିଅନ୍ତି ଅଥବା ଏଥିରେ ବିଳମ୍ବ କରନ୍ତି, ଏହାର ଅର୍ଥ ହେବ ଜେଟ୍‌ରେ ତାଲା ଝୁଲିବ। ଏହାର ସମସ୍ତ ବିମାନ ଛିଡ଼ା ହୋଇଯିବ। ଏହାବ୍ୟତୀତ ଏହି ଦିନ ଜେଟ୍‌ର ପାଇଲଟ ଓ କର୍ମଚାରୀ କମ୍ପାନୀର ମୁମ୍ବାଇସ୍ଥିତ ମୁଖ୍ୟାଳୟରେ ଏକାଠି ହେବେ ଏବଂ ଭବିଷ୍ୟତକୁ ନେଇ ନିଷ୍ପତ୍ତି ନେବେ। ନ୍ୟାଶନାଲ ଏଭିଏଟର୍ସ ଗିଲ୍‌ଡ ଏହାର ସମସ୍ତ ପାଇଲଟଙ୍କୁ ସମ୍ପୂର୍ଣ୍ଣ ୟୁନିଫର୍ମରେ ସୋମବାର ସକାଳ ୧୦ଟାରେ ମୁଖ୍ୟାଳୟରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଛି। ଜେଟ ଏୟାରୱେଜର ଅଂଶଧନ କିଣିବା ଲାଗି କେତେଜଣ ଆଗ୍ରହ ଦେଖାଇଛନ୍ତି। ସେ ସମ୍ପର୍କରେ ସୋମବାର ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ସୂଚନା ଦେବ। ଏହାପରେ ଏପ୍ରିଲ ୩୦ ଯାଏ ବିଡ୍ ଦାଖଲ କରାଯାଇପାରିବ। ତେବେ ସମ୍ପୂର୍ଣ୍ଣ ପ୍ରକ୍ରିୟା ଶେଷ ହେବାକୁ କିଛି ମାସ ଲାଗିଯିବ। ପ୍ରତିଶ୍ରୁତି ମୁତାବକ ୧୫୦୦ କୋଟି ଟଙ୍କାର ଜରୁରୀ ପାଣ୍ଠି ନ ଦେଲେ ଜେଟ୍‌ର ଅବସ୍ଥା ସାଂଘାତିକ ହେବ। ୨୬ ବର୍ଷ ପୁରୁଣା ଏହି ଏୟାରଲାଇନ୍ସ କମ୍ପାନୀ ବଞ୍ଚିବ ଅଥବା ବୁଡ଼ିଯିବ ସୋମବାର ନିର୍ଦ୍ଧାରିତ ହେବ।

## ବିମାନ ଉଡ଼ାଣ ନେଇ ହେବ ନିଷ୍ପତ୍ତି

ସଙ୍କଟ ଦେଇ ଗତି କରୁଥିବା ଜେଟ୍ ଏୟାରୱେଜର ପାଇଲଟମାନେ ସୋମବାରଠାରୁ ବିମାନ ନ ଉଡ଼ାଇବାକୁ ଚାହୁଁଛନ୍ତି। ପାଇଲଟଙ୍କୁ ପ୍ରତିନିଧିତ୍ୱ କରୁଥିବା ସଂଗଠନ ନ୍ୟାଶନାଲ ଏଭିଏଶନ ଗିଲ୍‌ଡ (ଏନ୍‌ଏଜି)ର ୧୧୦୦ ପାଇଲଟ ବେତନ ନ ମିଳିବା ଅଭିଯୋଗରେ ସୋମବାର ସକାଳ ୧୦ଟାରୁ ବିମାନ ଉଡ଼ାଇବା ବନ୍ଦ କରିବାକୁ ଚାହୁଁଛନ୍ତି। ତେବେ ଏନେଇ ସୋମବାର ନିଷ୍ପତ୍ତି ନିଆଯିବ। ଏଥିପାଇଁ ପାଇଲଟମାନେ ନିଜର ୟୁନିଫର୍ମରେ ବୈଠକରେ ଉପସ୍ଥିତ ରହିବାକୁ ଗିଲ୍‌ଡ ପକ୍ଷରୁ କୁହାଯାଇଛି। ସୂଚନାଥାଉ କି, ପାଇଲଟଙ୍କ ସହିତ ଇଞ୍ଜିନିୟର ଏବଂ ବରିଷ୍ଠ ମ୍ୟାନେଜମେଣ୍ଟ ଅଧିକାରୀମାନଙ୍କୁ ଜାନୁୟାରୀରୁ ବେତନ ମିଳି ନାହିଁ। ଋଣରେ ବୁଡ଼ି ରହିଥିବା ଉକ୍ତ କମ୍ପାନୀ ଅନ୍ୟ ବର୍ଗର କର୍ମଚାରୀଙ୍କୁ ମଧ ମାର୍ଚ୍ଚ ଦରମା ଦେଇନାହିଁ। ଗିଲ୍‌ଡ ପକ୍ଷରୁ କୁହାଯାଇଛି ଯେ, ପ୍ରାୟ ସାଢ଼େ ୩ ମାସ ହେଲା ସେମାନେ ଦରମା ପାଇନାହାନ୍ତି। ଏହା କେବେ ମିଳିବ ତାହା ଜଣାନାହିଁ। ଏହି କାରଣରୁ ସେମାନେ ୧୫ ତାରିଖ ସକାଳୁ ଆଉ ବିମାନ ନ ଉଡ଼ାଇବାକୁ ଚାହୁଁନାହାନ୍ତି। ସୂଚନାଥାଉ କି, ଏନ୍‌ଏଜି ଏପ୍ରିଲ ପହିଲାରୁ ବିମାନ ନ ଉଡ଼ାଇବାକୁ ଚେତାବନୀ ଶୁଣାଇଥିଲା। କିନ୍ତୁ ମ୍ୟାନେଜମେଣ୍ଟ ସହ ଆଲୋଚନା ପରେ ସେମାନେ ଏପ୍ରିଲ ୧୪ ଯାଏ ଦରମା ପ୍ରଦାନ ପାଇଁ ସମୟ ଦେଇଥିଲେ।

## ଅଧା ଦରମାରେ ସ୍ପାଇସଜେଟ ଯାଉଛନ୍ତି ଜେଟ୍ ପାଇଲଟ

ଜେଟ୍ ଏୟାରୱେଜରେ ଦେଖାଦେଇଥିବା ସଙ୍କଟରୁ ଫାଇଦା ନେବା ଆରମ୍ଭ କରିଛି ଏହାର ପ୍ରତିଦ୍ୱନ୍ଦ୍ୱୀ କମ୍ପାନୀ ସ୍ପାଇସଜେଟ୍। ଜେଟ୍‌ର ପାଇଲଟ ଓ ଇଞ୍ଜିନିୟରଙ୍କୁ ଏହା ଅଧା ଦରମାରେ ଚାକିରିରେ ନିଯୁକ୍ତ କରୁଛି। ଉଦ୍ୟୋଗ ଜଗତ ସୂତ୍ରରୁ ପ୍ରାପ୍ତ ସୂଚନାନୁସାରେ, ଜେଟ୍ ଏୟାରୱେଜ ପାଇଲଟ ଓ ଇଞ୍ଜିନିୟରମାନେ ବର୍ତ୍ତମାନର ଦରମାଠାରୁ ପ୍ରାୟ ୨୫ରୁ ୩୦ ପ୍ରତିଶତ ଏପରି କି ୫୦ ପ୍ରତିଶତ କମ୍ ଦରମାରେ ସ୍ପାଇସଜେଟ୍‌ରେ ଯୋଗ ଦେଉଛନ୍ତି। ପୂର୍ବରୁ ଏହି କମ୍ପାନୀ ଜେଟ୍‌ର ପାଇଲଟମାନଙ୍କୁ ଭଲ ଦରମା ପ୍ୟାକେଜରେ ଚାକିରି ଦେଉଥିଲା। ବେସାମରିକ ବିମାନ ଚଳାଚଳ ଉଦ୍ୟୋଗ ସହ ଜଡ଼ିତ ଜଣେ ଅଧିକାରୀ କହିଛନ୍ତି ଯେ, ଜେଟ୍ ଏୟାରୱେଜ ବନ୍ଦ ହେବା ସମ୍ଭାବନା ଅଧିକ ରହିଛି। ଏହି କାରଣରୁ କର୍ମଚାରୀମାନେ କମ୍ ଦରମାରେ ଅନ୍ୟ କମ୍ପାନୀରେ ଯୋଗ ଦେବାକୁ ବାଧ ହେଉଛନ୍ତି।

# ୪,୧୫୨ କୋଟିର ପ୍ରିମିୟମ ସଂଗ୍ରହ କଲା ଏଲ୍‌ଆଇସି

**ଭୁବନେଶ୍ୱର, ୧୪-୪**



ସି.ବିକାଶ ରାଓ

ଭାରତୀୟ ଜୀବନ ବୀମା ନିଗମ (ଏଲଆଇସି)ର ପୂର୍ବ କେନ୍ଦ୍ରୀୟ ଜୋନ ବୀମା ପ୍ରିମିୟମ ସଂଗ୍ରହ କ୍ଷେତ୍ରରେ ରେକର୍ଡ ହାସଲ କରିଛି। ଜୋନ ପ୍ରଥମ ପ୍ରିମିୟମ ଆୟ ଭାବେ ୪,୧୫୨ କୋଟି ଟଙ୍କା ସଂଗ୍ରହ କରିବାକୁ ସକ୍ଷମ ହୋଇଥିବା ପ୍ରବନ୍ଧକ ସି.ବିକାଶ ରାଓ ସୂଚନା ଦେଇଛନ୍ତି। ଏଲଆଇସିର ଏକମାତ୍ର ଜୋନ ଭାବେ ଏହା ପଲିସି, ଏକକ ପ୍ରିମିୟମ, ନିୟମିତ ପ୍ରିମିୟମ, ମୋଟ ପ୍ରଥମ ପ୍ରିମିୟମ ଆୟ କ୍ଷେତ୍ରରେ ଅଭିବୃଦ୍ଧି ହାସଲ କରିଛି। ପ୍ରଥମ ପ୍ରିମିୟମ ଆୟ ଅଭିବୃଦ୍ଧି ଏବଂ ବଜେଟ ଲକ୍ଷ୍ୟ ହାସଲ ଦିଗରେ ଏହା ସାରା ଦେଶରେ ପ୍ରଥମ ସ୍ଥାନରେ ରହିଛି। ପଲିସିରେ କଟକ ଡିଭିଜନ ପ୍ରଥମ ସ୍ଥାନରେ ରହିଛି। ବ୍ରହ୍ମପୁର ଏବଂ ଭୁବନେଶ୍ୱର ଭଳି ଡିଭିଜନଗୁଡ଼ିକ ପଲିସି ଲକ୍ଷ୍ୟ ହାସଲ କରିବାକୁ ସକ୍ଷମ ହୋଇଛନ୍ତି। ପ୍ରଥମ ପ୍ରିମିୟମ ଆୟ କ୍ଷେତ୍ରରେ କଟକ ଡିଭିଜନ ପ୍ରଥମ ରହିଥିବା ବେଳେ ଏଫ୍‌ପିଆଇ କ୍ଷେତ୍ରରେ ହଜାରିବାଗ ଡିଭିଜନ ଅଗ୍ରଣୀ ରହିଛି।

## ହିରୋର ମତଦାନ ସଚେତନତା

**ଭୁବନେଶ୍ୱର, ୧୪-୪**

ହିରୋ ମୋଟୋକର୍ପ ପକ୍ଷରୁ ୨୦୧୯ ସାଧାରଣ ନିର୍ବାଚନକୁ ନେଇ ମତଦାନ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। କମ୍ପାନୀ ଏହାର ୮୫ ନିୟୁତ ଗ୍ରାହକଙ୍କୁ ଏହା ଦ୍ୱାରା ସଚେତନ କରାଉଥିବା ସୂଚନା ଦେଇଛି। ଏହା ସହ କମ୍ପାନୀ ଏକ ଆକର୍ଷକ ଭେଇକିଲ ମେଣ୍ଟେନାନ୍ସ ସ୍କିମ ହାତକୁ ନେଇଛି। ଭୋଟ ଦେଇ ସାରିବା ପରେ ଗ୍ରାହକମାନେ ହିରୋର ଡିଲରଶିପକୁ କାଳି ଲାଗିଥିବା ମାର୍କ ସହ ଆସିଲେ ମାଗଣା ଗାଡ଼ି ୱାଶ ସୁବିଧା ଏବଂ ମାତ୍ର ୧୯୯ ଟଙ୍କାରେ ଯାନର ସର୍ଭିସ କରାଇ ପାରିବେ। ଭୋଟଦାନ ପରର ଦୁଇ ଦିନ ପର୍ଯ୍ୟନ୍ତ ଏହି ସୁବିଧା ମିଳିବ। ଏପ୍ରିଲ ଏବଂ ମେ ମାସରେ ଏହାର ଲାଭ ନେବାକୁ କମ୍ପାନୀ ଗ୍ରାହକଙ୍କୁ ନିବେଦନ କରିଛି। ସେହିଭଳି ଗ୍ରାହକ ଭେଇକିଲ ସର୍ଭିସ ପ୍ୟାକେଜକୁ ପ୍ରିବୁକିଂ କରାଇ ପାରିବେ। ଏହି ସୁବିଧା ସମ୍ପର୍କରେ ଜାଣିବା ଲାଗି ଗ୍ରାହକ ନିକଟସ୍ଥ ଡିଲରଶିପ ସହ ସମ୍ପର୍କ କରିବାକୁ କୁହାଯାଇଛି।

## ଜଏଣ୍ଟ ୱାର୍କିଂ ଗ୍ରୁପ ମିଟିଂରେ ଯୋଗଦେବେ ଜେକେ ମହାନ୍ତି

**ଭୁବନେଶ୍ୱର,୧୪-୪**



ଜେକେ ମହାନ୍ତି

ଅଷ୍ଟ୍ରେଲିଆର ସିଡ୍‌ନୀଠାରେ ଅନୁଷ୍ଠିତ ହେଉଥିବା ତୃତୀୟ ଇଣ୍ଡିଆ-ଅଷ୍ଟ୍ରେଲିଆ ଜଏଣ୍ଟ ୱାର୍କିଂ ଗ୍ରୁପ ମିଟିଂରେ ଭାରତୀୟ ଶିଳ୍ପ ପକ୍ଷରୁ ପ୍ରତିନିଧି ଭାବେ ପ୍ରତିଷ୍ଠିତ ହୋଟେଲିୟର ଜେକେ ମହାନ୍ତି ଯୋଗ ଦେବେ। ପର୍ଯ୍ୟଟନ ଶିଳ୍ପର ବିକାଶ ଲାଗି ଦୁଇ ଦେଶ ମଧରେ ସ୍ୱାକ୍ଷରିତ ହୋଇଥିବା ଏମ୍‌ଓୟୁ ମୁତାବକ ଏହି ବୈଠକ ଆୟୋଜନ ହେଉଛି। ଭାରତୀୟ ପ୍ରତିନିଧି ଦଳରେ ପର୍ଯ୍ୟଟନ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁମନ ବିଲା ସାମିଲ ଅଛନ୍ତି। ଅଷ୍ଟ୍ରେଲିଆ ପର୍ଯ୍ୟଟକଙ୍କ ନିକଟରେ ଭାରତୀୟ ହୋଟେଲ ଶିଳ୍ପର ମାର୍କେଟିଂ ଏବଂ ପ୍ରୋତ୍ସାହନର ବିଭିନ୍ନ ଦିଗରେ ମହାନ୍ତି ଗୁରୁତ୍ୱାରୋପ କରିବେ। ଭାରତର ବିଭିନ୍ନ ପର୍ଯ୍ୟଟନସ୍ଥଳ, ପ୍ରଡକ୍ଟ, ପର୍ଯ୍ୟଟକ ଟ୍ରାଫିକ ବୃଦ୍ଧି ଲାଗି କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ରୋଡ ଶୋ' ଏହି ଅବସରରେ ଆୟୋଜନ କରାଯାଉଛି।

## ସାମ୍‌ସଙ୍ଗ୍ ଗାଲାକ୍ସି ଏ-୮୦ ବଜାରରେ

**ଭୁବନେଶ୍ୱର, ୧୪-୪**

ସାମ୍‌ସଙ୍ଗ୍ ପକ୍ଷରୁ ପରବର୍ତ୍ତୀ ପିଢିର ନୂତନ ଗାଲାକ୍ସି ଏ-୮୦ ମୋବାଇଲ୍ ହ୍ୟାଣ୍ଡସେଟ ବଜାରକୁ ଆସିଛି। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି ମଡେଲ ଗ୍ରାହକଙ୍କୁ ଅନନ୍ୟ ଅଭିଜ୍ଞତା ଦେବ। ଦୈନନ୍ଦିନ ଜୀବନଶୈଳୀରେ ବିଭିନ୍ନ ଆବଶ୍ୟକତାକୁ ପୂରଣ କରିବା ଦିଗରେ ଏହା ସହାୟକ ହେବ। ଏହି ଅବସରରେ ସାମସଙ୍ଗ୍ ଇଲେକ୍ଟ୍ରୋନିକ୍ସ ଆଇଟି ଏବଂ ମୋବାଇଲ୍ ସିଇଓ ତଥା ସଭାପତି ଡି.ଜେ. କୋହ କହିଛନ୍ତି ଗ୍ରାହକଙ୍କ ଜୀବନ ଶୈଳୀରେ ପରିବର୍ତ୍ତନ ଆଣିବା ପାଇଁ ସାମ୍‌ସଙ୍ଗ ସର୍ବଦା ପ୍ରୟାସ ଜାରି ରଖିଛି। ଏଥିରେ ୬.୭ ଇଞ୍ଚ ଏଫ୍‌ଏଚ୍‌ଡି ପ୍ଲସ୍ ସ୍କ୍ରିନ୍, ଇନଫିନିଟି-ସୁପର ଆମଲୋଏଡ୍ ଡିସପ୍ଲେ, ୪୮ ଏମ୍‌ପି ସମ୍ମୁଖ କ୍ୟାମେରା, ୮ ଏମ୍‌ପି ୱାଇଡ୍ ବିଏମ୍‌ପି ପଛ କ୍ୟାମେରା, ୩,୭୦୦ ଏମ୍‌ଏଏଚ୍ ବ୍ୟାଟେରି ଭଳି ଅନ୍ୟାନ୍ୟ ପ୍ରମୁଖ ବୈଶିଷ୍ଟ୍ୟ ରହିଛି।

# ୮୮ ମାମଲାରେ ଅର୍ଦ୍ଧେକ ଋଣ ଅସୁଲ

**ନୂଆଦିଲ୍ଲୀ,୧୪-୪**

**ଆଇବିସିରେ ସଫଳତା**




ଦେବାଳିଆ ଏବଂ ଋଣ ସମାଧାନ ସଂହିତା (ଆଇବିସି) ଅଧୀନରେ ବକେୟା ଋଣ ଆଦାୟରେ ସଫଳତା ମିଳୁଛି। ଫେବୃୟାରୀ ୨୮ ସୁଦ୍ଧା ୮୮ ମାମଲାରେ ଋଣପ୍ରଦାନକାରୀଙ୍କ ବକେୟା ବାବଦରେ ଥିବା ୧.୪୨ ଲକ୍ଷ କୋଟି ଟଙ୍କାର ଦାବିରୁ ପ୍ରାୟ ଅଧା ଅସୁଲ ହୋଇସାରିଲାଣି ବୋଲି ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି ବୋର୍ଡ ଅଫ୍ ଇଣ୍ଡିଆ(ଆଇବିବିଆଇ) ତଥ୍ୟରୁ ସ୍ପଷ୍ଟ ହୋଇଛି। ମୋଟ ବକେୟା ମଧ୍ୟରୁ ବିତ୍ତୀୟ ଋଣପ୍ରଦାନକାରୀଙ୍କର ଦାବି ୧.୩୬ ଲକ୍ଷ କୋଟି ଟଙ୍କା ଥିବା ବେଳେ ପରିଚାଳନା ଋଣପ୍ରଦାନକାରୀ ୬,୪୬୯ କୋଟି ଟଙ୍କା ଦାବି କରିଥିଲେ। ପ୍ରାପ୍ତ ତଥ୍ୟ ଅନୁଯାୟୀ, ବିତ୍ତୀୟ ଋଣପ୍ରଦାନକାରୀମାନେ ମୋଟ ଦାବିର ୪୮.୨୪ ପ୍ରତିଶତ ଏବଂ ପରିଚାଳନ ଋଣପ୍ରଦାନକାରୀ ୪୮.୪୧ ପ୍ରତିଶତ ଦାବି ଅର୍ଥ ଫେରିପାଇଛନ୍ତି। ଋଣପ୍ରଦାନକାରୀ ଏହି ୮୮ ମାମଲାରେ ୬୮,୭୬୬ କୋଟି ଟଙ୍କା ଅସୁଲ କରିଛନ୍ତି। ତନ୍ମଧ୍ୟରୁ ବିତ୍ତୀୟ ଋଣପ୍ରଦାନକାରୀ ୬୫,୬୩୫ କୋଟି ଏବଂ ପରିଚାଳନା ଋଣପ୍ରଦାନକାରୀ ୩,୧୩୧ କୋଟି ଟଙ୍କା ପାଇଛନ୍ତି। ବୋର୍ଡ ପକ୍ଷରୁ ଗତ ସପ୍ତାହରେ ସତ୍ୟପାଠ ଦାଖଲ କରି ଏନ୍‌ସିଏଲ୍‌ଏଟିକୁ ଉକ୍ତ ସୂଚନା ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, କେତେକ ମାମଲାରେ ଦାବିଠାରୁ ଅଧିକ ରାଶି ଅସୁଲ କରାଯାଇଛି। ବୋର୍ଡର ସତ୍ୟପାଠରେ କୁହାଯାଇଛି ଯେ, ୮୮ ମଧ୍ୟରୁ ୧୧ ମାମଲାରେ ଶତପ୍ରତିଶତ ଅସୁଲ ହୋଇପାରିଛି। ଅନ୍ୟପକ୍ଷରେ ପରିଚାଳନା ଋଣପ୍ରଦାନକାରୀ ୬ ମାମଲାରେ ସମ୍ପୂର୍ଣ୍ଣ ବକେୟା ପାଇଛନ୍ତି। ୩ ମାମଲାରେ ବିତ୍ତୀୟ ଋଣପ୍ରଦାନକାରୀ ୧୦୦ ପ୍ରତିଶତରୁ ଅଧିକ ଆଦାୟ କରିଛନ୍ତି। ଭୂଷଣ ଷ୍ଟିଲ୍ ମାମଲାରେ ୫୭,୫୦୫.୦୫ କୋଟି, ଇଲେକ୍ଟ୍ରୋଷ୍ଟିଲ ମାମଲାରେ ୧୩,୯୫୮ କୋଟି ଏବଂ ମୋନେଟ ଇସ୍ପାତ ମାମଲାରେ ୧୧,୪୭୮.୦୮ କୋଟି ଟଙ୍କା ଆଦାୟ ହୋଇଛି।

## ଫେବୃୟାରୀରେ ଡଲାର କିଣିଛି ଆର୍‌ବିଆଇ

**ମୁମ୍ବାଇ,୧୪-୪**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଫେବୃୟାରୀରେ କ୍ରମାଗତ ତୃତୀୟ ମାସ ଡଲାର କିଣିଛି। ଆଲୋଚ୍ୟ ମାସରେ କେନ୍ଦ୍ରୀୟ ବ୍ୟାଙ୍କ ମୁଦ୍ରା ବଜାରରୁ ୮୨.୫୦ କୋଟି ଡଲାର କିଣିଛି। ରିଜର୍ଭ ବ୍ୟାଙ୍କ ତଥ୍ୟରୁ ଜଣାପଡିଛି ଯେ, ଆଲୋଚ୍ୟ ମାସରେ ଆର୍‌ବିଆଇ ୨.୦୮୬ ବିଲିୟନ ଡଲାର କିଣିଥିବା ବେଳେ ୧.୨୬୧ ବିଲିୟନ ଡଲାର ବିକିଥିଲା। ଏଭଳି ଭାବେ ଏହା ୮୨.୫୦ କୋଟି ଡଲାର କିଣିଛି। ଏଥିପୂର୍ବରୁ କେନ୍ଦ୍ରୀୟ ବ୍ୟାଙ୍କ ଆର୍ଥିକ ବର୍ଷ ୨୦୧୮-୧୯ର ଡିସେମ୍ବର ୨୦୧୮ରେ ୬୦.୭୦ କୋଟି ଡଲାର ଏବଂ ଜାନୁୟାରୀ ୨୦୧୯ରେ ୨୯.୩୦ ଡଲାର କିଣିଛି। ଆର୍ଥିକ ବର୍ଷ ୨୦୧୭-୧୮ରେ ରିଜର୍ଭ ବ୍ୟାଙ୍କ ମୁଦ୍ରା ବଜାରରୁ ୩୩.୬୮୯ ବିଲିୟନ ନେଟ୍ ଡଲାର କିଣିଥିଲା।

# ଫୋର୍ବସ୍ ୟଙ୍ଗ ଆଚିଭର୍ସ ତାଲିକାରେ ଅଭିନବ

**ନୂଆଦିଲ୍ଲୀ, ୧୪-୪**



ଅଭିନବ ଅଗ୍ରୱାଲ

ଫୋର୍ବସ୍ ପତ୍ରିକା ପକ୍ଷରୁ ପ୍ରକାଶ ପାଉଥିବା ଅଣ୍ଡର-୩୦ ଏସିଆ ୟଙ୍ଗ ଆଚିଭର୍ସ ୨୦୧୯ ତାଲିକାରେ ଗ୍ରେଟର ନଏଡା ନିବାସୀ ଅଭିନବ ଅଗ୍ରୱାଲ ସ୍ଥାନିତ ହୋଇଛନ୍ତି। କଳା କ୍ଷେତ୍ରରେ ଅବଦାନ ଲାଗି ତାଙ୍କୁ ଏହି ସଫଳତା ମିଳିଛି। ଚଳିତ ବର୍ଷ ତାଲିକାରେ ବିଭିନ୍ନ ବର୍ଗ ଲାଗି ୫୯ ଯୁବ ଭାରତୀୟଙ୍କୁ ସାମିଲ କରାଯାଇଛି। ଦେଶ ମଧରେ ଥିବା ବିଭିନ୍ନ ଆଦିବାସୀ ଅଞ୍ଚଳର ଲୁପ୍ତ ଲୋକ ସଙ୍ଗୀତର ସଂରକ୍ଷଣ ତଥା ଲୋକପ୍ରିୟତା ବଢାଇବା ଦିଗରେ ତାଙ୍କର ଯୋଗଦାନକୁ ବିଚାର କରି ଫୋର୍ବସ୍ ତାଙ୍କୁ ତାଲିକାରେ ସାମିଲ କରିଛି। ୨୬ ବର୍ଷୀୟ ଅଗ୍ରୱାଲ ଟେକ୍ନୋଲୋଜି ବ୍ୟବହାର ଦ୍ୱାରା ଲୋକ ସଙ୍ଗୀତର ସଂରକ୍ଷଣ ଦିଗରେ କାର୍ଯ୍ୟ କରୁଛନ୍ତି। ବର୍କଲେ କଲେଜ ଅଫ ମ୍ୟୁଜିକରୁ ଶିକ୍ଷା ଗ୍ରହଣ କରିଥିବା ଅଭିନବ ଅନହଦ ଫାଉଣ୍ଡେଶନ ନାମକ ଏନ୍‌ଜିଓର ପ୍ରତିଷ୍ଠା ମଧ କରିଛନ୍ତି। ଅନହଦ ଜରିଆରେ ସେ ୟୁଟ୍ୟୁବ୍‌ରେ ଏହି ସଂଗୀତ ପ୍ରକଳ୍ପକୁ ଲଞ୍ଚ କରିବା ସହ ଆଇରିୟଲିଟିକୁ କଳାକାରଙ୍କ ନିକଟରେ ପହଞ୍ଚାଇବା କାମ କରୁଛନ୍ତି। କଳାକାରମାନେ କିଭଳି ଜୀବିକା ପାଇପାରିବେ ସେ ଦିଗରେ ମଧ ତାଙ୍କର ଯୋଗଦାନ ରହିଛି। ୨୦୧୬ ଅକ୍ଟୋବରରେ ଗ୍ରାଜୁଏଶନ ସାରିବା ପରେ ସେ ବର୍ତ୍ତମାନ ପର୍ଯ୍ୟନ୍ତ ରାଜସ୍ଥାନ, ପଞ୍ଜାବ, ହିମାଚଳ ପ୍ରଦେଶ, ଝାଡଖଣ୍ଡ ଏବଂ କର୍ଣ୍ଣାଟକର ପ୍ରାୟ ୮୦୦ରୁ ଊର୍ଦ୍ଧ୍ୱ କଳାକାରଙ୍କ ସହ କାମ କରି ସାରିଛନ୍ତି। କଳାକାରଙ୍କୁ ଖୋଜିବା ଲାଗି ଅଭିନବ ଜୟସାଲମେର, ବଡମେର, ଯୋଧପୁର, ପଟିଆଲା, ସଙ୍ଗପୁର, ଚଣ୍ଡୀଗଡ, ଚମ୍ବା, ଧର୍ମଶାଳା, କୁଲୁ ଭଳି ବିଭିନ୍ନ ସ୍ଥାନ ଯାଇ ମ୍ୟୁଜିକ ରେକର୍ଡ କରିଛନ୍ତି। ଲୋକ ସଙ୍ଗୀତର ସଂରକ୍ଷଣ ଦିଗରେ ଏତେଟା କାର୍ଯ୍ୟ ହୋଇ ନ ଥିବାରୁ ଏ ଦିଗରେ ନିଜର ଯୋଗଦାନ ରଖିଥିବା ଅଭିନବ କହିଛନ୍ତି।

# କେନ୍ଦ୍ରୀୟ ବ୍ୟାଙ୍କ ସ୍ୱାଧୀନତାରୁ ମିଳିଛି ସଫଳତା: ଲାଗାର୍ଡ

**ୱାଶିଂଟନ ଡିସି,୧୪-୪:** କେନ୍ଦ୍ରୀୟ ବ୍ୟାଙ୍କକୁ ସରକାର ଦେଇଥିବା ସ୍ୱାଧୀନତାରୁ ଭଲ ସଫଳତା ମିଳିଛି ବୋଲି ଅନ୍ତର୍ରାଷ୍ଟ୍ରୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍) ପ୍ରମୁଖ କ୍ରିଷ୍ଟିନ ଲାଗାର୍ଡ ପ୍ରକାଶ କରିଛନ୍ତି। ବିଶ୍ୱର ଅନେକ ଦେଶରେ ରିଜର୍ଭ ବ୍ୟାଙ୍କ ଉପରେ ସରକାରଙ୍କ ହସ୍ତକ୍ଷେପ ବଢୁଥିବା ବେଳେ ଲାଗାର୍ଡଙ୍କ ମନ୍ତବ୍ୟ ବେଶ ପ୍ରଣିଧାନଯୋଗ୍ୟ। ସୂଚନାଥାଉ କି, ଫେଡେରାଲ ରିଜର୍ଭ ଦ୍ୱାରା ନୀତିଗତ ସୁଧ ହାର ବୃଦ୍ଧି କରାଯିବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହାକୁ ନେଇ ସମାଲୋଚନା କରିଥିଲେ। ସେ ଫେଡେରାଲ ରିଜର୍ଭର କେନ୍ଦ୍ରୀୟ ନିର୍ଦ୍ଦେଶକମଣ୍ଡଳରେ ଖାଲିପଡିଥିବା ସ୍ଥାନକୁ ପୂରଣ କରିବା ଲାଗି ନିଜ ପାର୍ଟି ରିପବ୍ଲିକାନର ବିଶ୍ୱସ୍ତ ବ୍ୟକ୍ତିଙ୍କୁ ମନୋନୀତ କରିଥିଲେ। ଭାରତରେ ମଧ କେତେକ ମୁଖ୍ୟ ପ୍ରସଙ୍ଗରେ ରିଜର୍ଭ ବ୍ୟାଙ୍କ ଉପରେ ଏନ୍‌ଡିଏ ସରକାରଙ୍କ କ୍ରମାଗତ ଚାପ ରହିବା ଯୋଗୁ ଦୁଇ ଜଣ ଗଭର୍ନର ରଘୁରାମ ରାଜନ ଏବଂ ଡଃ. ଉର୍ଜିତ ପଟେଲଙ୍କ ସହ ମତାନ୍ତର ଦେଖାଦେଇଥିଲା। ଉର୍ଜିତ ସମୟ ପୂର୍ବରୁ ନିଜ ପଦରୁ ଇସ୍ତଫା ଦେଇଥିବା ବେଳେ ସରକାର ରାଜନଙ୍କ କାର୍ଯ୍ୟକାଳକୁ ଆଉ ବୃଦ୍ଧି କରି ନ ଥିଲେ। ଏଠାରେ ଆୟୋଜିତ ବିଶ୍ୱ ବ୍ୟାଙ୍କ ଏବଂ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠିର ଗ୍ରୀଷ୍ମକାଳୀନ ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇ ଲାଗାର୍ଡ ପରାମର୍ଶ ଦେଇ କହିଛନ୍ତି ଯେ, କେନ୍ଦ୍ରୀୟ ବ୍ୟାଙ୍କର ଅଧିକାରୀମାନେ ଜନତାଙ୍କ ପ୍ରତି ଉତ୍ତରଦାୟୀ ହେବା ସହିତ ନିଷ୍ପତ୍ତି ନେବାରେ ସ୍ୱଚ୍ଛତା ଅବଲମ୍ବନ କରିବା ଉଚିତ୍।

**MCL** Mahanadi Coalfields Limited
(A Subsidiary of Coal India Limited)
Jagruti Vihar, Burla-768020, Dist-Sambalpur, Odisha
Ph.(EPABX):0663-2542461 to 469, Website: www.mahanadicoal.in

**GENERAL TENDER NOTICE FOR e-PROCUREMENT**

Mahanadi Coalfields Limited(MCL) is inviting its Tenders having estimated value of ₹2.00 Lakhs and above related to WORKS (Civil works, Electrical & Mechanical works etc.), SERVICES (Coal transportation, Coal loading, Extraction of Coal by Surface Miner, Overburden removal etc.) and GOODS (Procurement of Equipments, Spares, Consumables, Medicines etc. and Hiring of Vehicles) through e-Procurement mode. However all the Limited Tenders pertaining to procurement of Goods irrespective of value will be published in the e-Procurement portal. Tender Notices can be viewed on the e-Procurement portal of CIL **(https://coalindiatenders.nic.in)** as well as on the Central Public Procurement portal of Govt. of India **(http://eprocure.gov.in)**. Bids are to be submitted ONLINE on the above e-Procurement portal of CIL by enrolled Bidders. EMD can also be submitted online. Enrollment of Bidders on the e-Procurement portal of CIL is free of cost and can be done online by the bidders themselves, having valid Digital Signature Certificate (DSC). Bidders are requested to regularly visit above e-Procurement portal of CIL for enrollment and participation in Tenders. Contact details : Tel. No. 0663-2542264 / 2542695 (available during office hours only), e-Mail : **hlp-eproc.mcl@nic.in** R-4900

*Give a missed call on toll free number 1800 200 3004 to get our apps.*

No. 3-D:-

**ବିଜ୍ଞାପନ**
ତା୦୭।୦୪।୨୦୧୯

ରାଜ୍ୟର ସମସ୍ତ ରାଜନୈତିକ ଦଳ, ପ୍ରାର୍ଥୀ/ପ୍ରାର୍ଥିନୀ ତଥା ମୁଦ୍ରଣ ଗଣମାଧ୍ୟମର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସମ୍ବାଦପତ୍ରମାନଙ୍କରେ ଅପମାନଜନକ ଓ ବିଭ୍ରାନ୍ତିକର ବିଜ୍ଞାପନମାନ ପ୍ରକାଶିତ ହେଉଥିବାର ଅନେକ ଦୃଷ୍ଟାନ୍ତ ଅତୀତରେ ନିର୍ବାଚନ କମିଶନଙ୍କ ଦୃଷ୍ଟିକୁ ଅଣାଯାଇଅଛି। ନିର୍ବାଚନର ଶେଷ ସୋପାନରେ ଏହିପରି ବିଜ୍ଞାପନ ସମଗ୍ର ନିର୍ବାଚନ ପଦ୍ଧତିକୁ କ୍ଷତି ପହଞ୍ଚାଇଥାଏ। ଏହାଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ପ୍ରାର୍ଥୀ/ପ୍ରାର୍ଥିନୀ ଓ ରାଜନୈତିକ ଦଳଗୁଡ଼ିକ ଏ ସମ୍ବନ୍ଧରେ ସ୍ପଷ୍ଟୀକରଣ ଦେବା କିମ୍ବା ଖଣ୍ଡନ କରିବାକୁ ସୁଯୋଗ ପାଇପାରନ୍ତି ନାହିଁ। ଏହିପରି ଘଟଣାର ପୁନରାବୃତ୍ତି ନ ହେବା ତଥା ଏହିପରି ବିଭ୍ରାନ୍ତିକର, ଉତ୍ତେଜକ ଓ ଘୃଣ୍ୟ ବିଜ୍ଞାପନ ଯୋଗୁଁ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହେବା ପାଇଁ ସମ୍ବିଧାନର ଧାରା ୩୨୪ ଦ୍ୱାରା ପ୍ରଦତ୍ତ କ୍ଷମତା ବଳରେ କମିଶନ ଏହି ନିର୍ଦ୍ଦେଶ ଦେଉଛନ୍ତି ଯେ କୌଣସି ରାଜନୈତିକ ଦଳ, ପ୍ରାର୍ଥୀ/ପ୍ରାର୍ଥିନୀ କିମ୍ବା ଅନ୍ୟ ସଂଗଠନ ପ୍ରତ୍ୟେକ ପର୍ଯ୍ୟାୟର ମତଦାନ ଦିବସ ଓ ତା'ର ପୂର୍ବଦିନରେ ପ୍ରକାଶିତ ହେଉଥିବା କୌଣସି ସମ୍ବାଦପତ୍ରରେ ରାଜ୍ୟ/ଜିଲ୍ଲାସ୍ତରୀୟ ଗଣମାଧ୍ୟମ ପ୍ରମାଣୀକରଣ ଓ ପର୍ଯ୍ୟାଲୋଚନା କମିଟି ଦ୍ୱାରା ପ୍ରାକ୍ ପ୍ରମାଣିତ ହୋଇନଥିବା କୌଣସି ବିଜ୍ଞାପନ ପ୍ରକାଶନ କରିପାରିବେ ନାହିଁ।

ରାଜ୍ୟରେ ପ୍ରସାରଣ ହେଉଥିବା ସମସ୍ତ ମୁଦ୍ରଣ ଗଣମାଧ୍ୟମମାନଙ୍କରେ ପ୍ରକାଶିତ ହେବାକୁ ଥିବା ରାଜନୈତିକ ବିଜ୍ଞାପନ କ୍ଷେତ୍ରରେ ଏହା ପ୍ରଯୁଜ୍ୟ।

12030/11/0001/1920

" ଆମ ଦଳର ନେଟ୍ସ ବେଳେ ଟିମ୍‌ମେଟ ଜୋସ୍ ବଟଲରଙ୍କୁ ବୋଲିଂ କରିବା ଦ୍ୱାରା ମୋର ଯଥେଷ୍ଟ ଉନ୍ନତି ଘଟିଛି।
–ଧାୱଲ କୁଲକର୍ନୀ, ରାଜସ୍ଥାନ ରୟାଲ୍ସ ସିମ୍ ବୋଲର



" ଅମ୍ପାୟର ଉଲ୍ଲାସ ଗାନ୍ଧେଙ୍କ ଉପରେ କ୍ରୋଧ ପ୍ରକାଶ କରିବା ଘଟଣାରେ ମହେନ୍ଦ୍ର ସିଂ ଧୋନୀଙ୍କୁ ୨ରୁ ୩ ମ୍ୟାଚ ବାସନ୍ଦ କରାଯିବା ଉଚିତ୍ ।
–ବୀରେନ୍ଦ୍ର ସେହ୍ୱାଗ, ପୂର୍ବତନ ଭାରତୀୟ ଓପନର



## ଆଜିର ମ୍ୟାଚ

ମୁମ୍ବାଇ ଇଣ୍ଡିଆନ୍ସ
ବନାମ
ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର



ପ୍ରସାରଣ
ସ୍ଥାନ : ମୁମ୍ବାଇ
ସମୟ : ରାତି ୮ଟା
ଷ୍ଟାର ସ୍ପୋର୍ଟ୍ସ

## ସଂକ୍ଷେପରେ

### ଟି୨୦ ମ୍ୟାଚ୍ ଖେଳିବାରେ ମୁମ୍ବାଇର ରେକର୍ଡ

**ମୁମ୍ବାଇ, ୧୪।୪:** କ୍ରିକେଟ ଇତିହାସରେ ମୁମ୍ବାଇ ଇଣ୍ଡିଆନ୍ସ ପ୍ରଥମ ଦଳ ଭାବେ ୨୦୦ ଟି୨୦ ମ୍ୟାଚ୍ ଖେଳିବାର ରେକର୍ଡ କରିଛି। ଶନିବାର ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଆଇପିଏଲ୍‌ର ୨୭ତମ ମ୍ୟାଚ୍‌ରେ ମୁମ୍ବାଇ ଅଜିଙ୍କ୍ୟ ରାହାନେଙ୍କ ନେତୃତ୍ୱାଧୀନ ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ୍ ଖେଳିବା ସହ ଏହି କିର୍ତ୍ତିମାନ ସ୍ଥାପନ କରିଥିଲା। ରୋହିତ୍ ଶର୍ମାଙ୍କ ମୁମ୍ବାଇ ଦଳ ଏହି ଅବସରରେ ଇଂଲଣ୍ଡ କାଉଣ୍ଟି କ୍ରିକେଟ କ୍ଲବ ସମରସେଟ୍‌କୁ ପଛରେ ପକାଇ ଦେଇଛି। ସମରସେଟ୍ ବର୍ତ୍ତମାନ ସୁଦ୍ଧା ୧୯୯ ଟି୨୦ ମ୍ୟାଚ୍ ଖେଳିଛି। ଆଇପିଏଲ୍‌ରେ ମୁମ୍ବାଇ ୨୦୧୩, ୨୦୧୫ ଓ ୨୦୧୭ରେ ଚାମ୍ପିୟନ ହେବାର ସୌଭାଗ୍ୟ ଲାଭ କରିଥିଲା। ମୁମ୍ବାଇ ବ୍ୟତୀତ ଆଇପିଏଲ୍‌ର ଅନ୍ୟ ୨ ଫ୍ରାଞ୍ଚାଇଜ ଭାବେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଓ କୋଲକାତା ନାଇଟ୍ ରାଇଡର୍ସ ସର୍ବାଧିକ ଟି୨୦ ମ୍ୟାଚ୍ ଖେଳିଥିବା ଟିମ୍ ତାଲିକାର ଟପ୍-୫ରେ ରହିଛନ୍ତି।

### ଟି୨୦ରେ ବିରଳ କ୍ଲବ୍‌ରେ ଗେଲ୍



**ମୋହାଲି, ୧୪।୪:** ୱେଷ୍ଟଇଣ୍ଡିଜର ବିସ୍ଫୋରକ ଓପନର କ୍ରିସ ଗେଲ୍ ଟି୨୦ କ୍ରିକେଟରେ ଏକ ବିରଳ ରେକର୍ଡ କରିଛନ୍ତି। ଟି୨୦ କ୍ରିକେଟରେ ବିଶ୍ୱର ପ୍ରଥମ ଖେଳାଳିଭାବେ ଗେଲ୍ ୧୦୦ଥର ୫୦ କିମ୍ବା ଏହାଠାରୁ ଉର୍ଦ୍ଧ୍ୱ ରନ ସଂଗ୍ରହ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ଶନିବାର ଆଇପିଏଲ୍‌ରେ ଏଠାରେ ଖେଳାଯାଇଥିବା କିଙ୍ଗ୍ସ ଇଲେଭେନ ପଞ୍ଜାବ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମ୍ୟାଚ୍‌ରେ ଗେଲ୍ ଏହି ରେକର୍ଡ ଲାଭ କରିଛନ୍ତି। ଏହି ମ୍ୟାଚ୍‌ରେ ଗେଲ୍ ଅପରାଜିତ ୯୯ ରନ ଇନିଂସ ଖେଳିଥିଲେ ମଧ୍ୟ ପଞ୍ଜାବ ପରାସ୍ତ ହୋଇଥିଲା। ପଞ୍ଜାବ ପ୍ରଥମେ ବ୍ୟାଟିଂ କରି ୪ ଉଇକେଟ୍ ବିନିମୟରେ ୧୭୩ ରନ କରିଥିଲାବେଳେ ବାଙ୍ଗାଲୋର ଅଧିନାୟକ ବିରାଟ କୋହଲି ଓ ଏବି ଡି ଭିଲର୍ସଙ୍କ ଅର୍ଦ୍ଧଶତକ ସହାୟତାରେ ୨ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପରାସ୍ତ ହୋଇଥିଲେ ମଧ୍ୟ ଟି୨୦ ଇତିହାସରେ ଗେଲ୍ ପ୍ରଥମ ଖେଳାଳିଭାବେ ୧୦୦ଥର ୫୦ କିମ୍ବା ଏହାଠାରୁ ଉର୍ଦ୍ଧ୍ୱ ରନ କରିବାର କୀର୍ତ୍ତିମାନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ଓଭରଅଲ୍ ଏହି ଫର୍ମାଟ୍‌ରେ ୩୭୦ ଇନିଂସରୁ ୨୧ ଶତକ ଓ ୭୯ ଅର୍ଦ୍ଧଶତକ ସହ ୧୨,୬୪୦ ରନ ସଂଗ୍ରହ କରିଛନ୍ତି। ସେହିଭଳି ଆଇପିଏଲ୍ ଇତିହାସରେ ୯୯ ରନରେ ଅପରାଜିତ ରହିବାରେ ଗେଲ୍ ୨ୟ ଖେଳାଳି ହୋଇଛନ୍ତି। ତାଙ୍କ ପୂର୍ବରୁ ଚେନ୍ନାଇ ସୁପର୍‌କିଙ୍ଗ୍ସର ସୁରେଶ ରାଇନା ୯୯ ରନରେ ଅପରାଜିତ ରହିଥିଲେ।

# ଚେନ୍ନାଇ ପ୍ଲେ-ଅଫ୍‌ର ନିକଟତର

**କୋଲକାତା, ୧୪।୪**

ଆଇପିଏଲ-୧୨

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ-୧୨)ରେ ପ୍ରଥମ ଦଳଭାବେ ଚେନ୍ନାଇ ସୁପର କିଙ୍ଗ୍ସ ଚମତ୍କାର ପ୍ରଦର୍ଶନ ଜାରି ରଖି ପ୍ଲେ-ଅଫ୍‌ର ନିକଟତର ହୋଇଛି। ୮ ମ୍ୟାଚରୁ ୭ ବିଜୟ ସହ ଦଳ ୧୪ ପଏଣ୍ଟରେ ପହଞ୍ଚି ଟେବୁଲରେ ନିଜର ଶୀର୍ଷସ୍ଥାନକୁ ଦୃଢ଼ କରିଛି ମହେନ୍ଦ୍ର ସିଂ ଧୋନୀଙ୍କ ଦଳ। ରବିବାର ଅନୁଷ୍ଠିତ ମ୍ୟାଚରେ କୋଲକାତା ନାଇଟ ରାଇଡର୍ସଙ୍କୁ ୫ ଉଇକେଟରେ ପରାସ୍ତ କରିଛି ସୁପର କିଙ୍ଗ୍ସ। ଅନ୍ୟପକ୍ଷରେ କ୍ରମାଗତ ୩ୟ ପରାଜୟ ବରଣ କରି ୮ ପଏଣ୍ଟରେ ସ୍ଥିର ରହିଛି ନାଇଟ ରାଇଡର୍ସ।

କୋଲକାତା ପକ୍ଷରୁ ଧାର୍ଯ୍ୟ ୧୬୨ ରନ ବିଜୟ ଲକ୍ଷ୍ୟକୁ ସୁପର କିଙ୍ଗ୍ସ ୧୯.୪ ଓଭରରେ ୫ ଉଇକେଟ ହରାଇ ହାସଲ କରିଛି। ଦୁଇ ଭେଟେରାନ ଖେଳାଳି ସୁରେଶ ରାଇନା ଓ ରବୀନ୍ଦ୍ର ଜାଡେଜା ଚେନ୍ନାଇ ପାଇଁ ମ୍ୟାଚ ବିଜେତା ସାବ୍ୟସ୍ତ ହୋଇଛନ୍ତି। ୧୫.୪ ଓଭରରେ ୧୨୧ ରନ କରି ୫ମ ଉଇକେଟ ହରାଇଥିବା ଚେନ୍ନାଇକୁ ରାଇନା ଓ ଜାଡେଜା ଅସମାପ୍ତ ୬ଷ୍ଠ ଉଇକେଟରେ ୨୬ ବଲ୍‌ରୁ ୪୧ ରନ ସଂଗ୍ରହ କରି ବିଜୟ ମୁକୁଟ ପିନ୍ଧାଇଛନ୍ତି। ରାଇନା ୪୨ ବଲ୍‌ରୁ ୭ ଚୌକା ଓ ୧ ଛକା ସହାୟତାରେ ୫୮ ଏବଂ ଜାଡେଜା ୧୭ ବଲ୍‌ରୁ ୫ ଚୌକା ସହ ୩୧ ରନରେ ଅପରାଜିତ ରହିଛନ୍ତି। ଓପନର ଶେନ ୱାଟସନ ପୁଣି ବିଫଳ ହୋଇ ମାତ୍ର ୬ ରନରେ ପ୍ୟାଭିଲିୟନ ଫେରିଥିବାବେଳେ ଫାଫ୍ ଡୁପ୍ଲେସି ୨୪, ଅମ୍ବାତି ରାୟୁଡୁ ୫, କେଦାର ଯାଦବ ୨୦ ଓ ମହେନ୍ଦ୍ର ସିଂ ଧୋନୀ ୧୬ ରନରେ ଆଉଟ ହେବାରୁ ଚେନ୍ନାଇର ବିଜୟକୁ ନେଇ ଆଶଙ୍କା ଦେଖା ଦେଇଥିଲା। ମାତ୍ର ରାଇନା ଡୁ ପ୍ଲେସିଙ୍କ ସହ ୧୫, ରାୟୁଡୁଙ୍କ ସହ ୧୭, କେଦାରଙ୍କ ସହ ୨୦, ଧୋନୀଙ୍କ ସହ ୪୦ ଓ ଜାଡେଜାଙ୍କ ସହ ୪୧ ରନର ଭାଗୀଦାରି ଗଢ଼ି ସୁପରକିଙ୍ଗ୍ସ ବିଜୟର କର୍ଣ୍ଣଧାର ସାଜିଥିଲେ। କୋଲକାତା ବୋଲରଙ୍କ ମଧ୍ୟରେ ପୀୟୁଷ ଚାୱଲା ଓ ସୁନୀଲ ନାରିନ ୨ଟି ଲେଖାଏ ଏବଂ ହାରି ଗର୍ନେ ଗୋଟିଏ ଉଇକେଟ ନେଇଛନ୍ତି।

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ନାଇଟ ରାଇଡର୍ସ କ୍ରିସ୍ ଲିନ୍‌ଙ୍କ ୮୨ ରନ ସତ୍ତ୍ୱେ ୨୦ ଓଭରରେ ୮ ଉଇକେଟ ହରାଇ ୧୬୧ ରନ କରି ପାରିଥିଲା। ଟପ୍ ଅର୍ଡରରେ ବିସ୍ଫୋରକ ବ୍ୟାଟିଂ କରୁଥିବା ସୁନୀଲ ନାରିନ, ମିଡିଲ ଅର୍ଡରରେ ରବିନ ଉଥପ୍ପା ଓ ଲୋୟର ଅର୍ଡରରେ ଆନ୍ଦ୍ରେ ରସେଲ ବିଫଳ ହେବାରୁ ଦଳ ବଡ଼ ସ୍କୋର କରିବାରୁ ବଞ୍ଚିତ ହୋଇଥିଲା। ୫୧ ବଲ୍ ଖେଳିଥିବା ଲିନ୍ ନିଜ ଇନିଂସ ମଧ୍ୟରେ ୭ ଚୌକା ଓ ୬ ଛକା ମାରିଥିଲେ। ନୀତୀଶ ରାଣା ଦ୍ୱିତୀୟ ସର୍ବାଧିକ ୨୧ ରନ କରିଥିବାବେଳେ ଅଧିନାୟକ ଦୀନେଶ କାର୍ତ୍ତିକ ୧୮, ଶୁବମନ ଗିଲ ୧୫, ରସେଲ ୧୦, ନାରିନ ୨ ରନ କରିଥିଲେ। ଉଥପ୍ପା ଖାତା ଖୋଲିବା ପୂର୍ବରୁ ଆଉଟ ହୋଇ ଯାଇଥିଲେ। ଚେନ୍ନାଇର ଇମ୍ରାନ ତାହିର ୨୭ ରନରେ ୪ଟି ଉଇକେଟ ନେଇ କୋଲକାତାର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ପୁରସ୍କାର ସ୍ୱରୂପ ତାଙ୍କୁ ଶେଷରେ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଶାର୍ଦ୍ଦୁଳ ଠାକୁର ୨ଟି ଏବଂ ମିଚେଲ ସାଣ୍ଟନର ଗୋଟିଏ ଉଇକେଟ ନେଇଥିଲେ।



ମ୍ୟାନ ଅଫ ଦି ମ୍ୟାଚ ଇମ୍ରାନ ତାହିର ।

**ସଂକ୍ଷିପ୍ତ ସ୍କୋର**

- କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୧୬୧/୮(ଲିନ-୮୨, ରାଣା-୨୧, ତାହିର-୪/୨୭, ଠାକୁର-୨/୧୮, ସାଣ୍ଟନର-୧/୩୦)।
- ଚେନ୍ନାଇ ସୁପର କିଙ୍ଗ୍ସ ୧୯.୪ ଓଭରରେ ୧୬୨/୫(ରାଇନା-୫୮*, ଜାଡେଜା-୩୧*, ଡୁପ୍ଲେସି-୨୪, ଚାୱଲା-୨/୩୨, ନାରିନ-୨/୧୯, ଗର୍ନେ-୧/୩୭)।
- ମ୍ୟାନ ଅଫ ଦି ମ୍ୟାଚ: ଇମ୍ରାନ ତାହିର



ଝିଅ ଜିଭା ସହ ଚେନ୍ନାଇ ସୁପରକିଙ୍ଗ୍‌ସ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ।

## କୋହଲିଙ୍କୁ ୧୨ ଲକ୍ଷ ଟଙ୍କା ଅର୍ଥଦଣ୍ଡ

**ମୋହାଲି, ୧୪।୪(ପି.ଟି.)**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଅଧିନାୟକ ବିରାଟ କୋହଲିଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ଶନିବାର ଏଠାରେ ଖେଳାଯାଇଥିବା କିଙ୍ଗ୍ସ ଇଲେଭେନ ପଞ୍ଜାବ ବିପକ୍ଷ ମ୍ୟାଚ୍‌ରେ ବାଙ୍ଗାଲୋର ସ୍ଲୋ-ଓଭର ବୋଲିଂ କରିଥିବାରୁ ଅଧିନାୟକ ଭାବେ କୋହଲିଙ୍କୁ ଏହି ଦଣ୍ଡ ହୋଇଛି। 'ଚଳିତ ଟୁର୍ନାମେଣ୍ଟରେ ବାଙ୍ଗାଲୋର ପ୍ରଥମଥର ଲାଗି ନିର୍ଦ୍ଧାରିତ ସମୟ ସୀମାଠାରୁ କମ୍ ଓଭର ବୋଲିଂ କରିଥିବାରୁ ଆଇପିଏଲ୍ ନିୟମ ଅନୁଯାୟୀ କୋହଲିଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା କରାଯାଇଛି' ବୋଲି ରବିବାର ଆଇପିଏଲ୍ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଏହି ମ୍ୟାଚ୍‌ରେ ବାଙ୍ଗାଲୋର ୮ ଉଇକେଟ୍‌ରେ ପଞ୍ଜାବକୁ ପରାସ୍ତ କରିଥିଲା। ଚଳିତ ସିଜନରେ ଲଗାତର ୬ ମ୍ୟାଚ୍ ହାରିବା ପରେ ପ୍ରଥମଥର ଲାଗି ବିରାଟ ବାହିନୀ ବିଜୟ ସ୍ୱାଦ ଚାଖିଥିଲା। ପ୍ରକାଶଯୋଗ୍ୟ, ବିରାଟଙ୍କ ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ରୋହିତ୍ ଶର୍ମା ଓ ରାଜସ୍ଥାନ ରୟାଲ୍ସର ଅଜିଙ୍କ୍ୟ ରାହାନେଙ୍କୁ ସମାନ କାରଣ ଲାଗି ୧୨ଲକ୍ଷ ଲେଖାଏ ଜରିମାନା କରାଯାଇଥିଲା।

**ଆଇପିଏଲ୍ ପଏଣ୍ଟ ଟେବୁଲ**

| ଟିମ୍ | ଖେଳିଛି | ଜିତିଛି | ହାରିଛି | ପଏଣ୍ଟ | ରନହାର |
|---|---|---|---|---|---|
| ସୁପର କିଙ୍ଗ୍ସ | ୮ | ୭ | ୧ | ୧୪ | +୦.୨୮୮ |
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୫ | ୩ | ୧୦ | ୦.୪୧୮ |
| ନାଇଟ ରାଇଡର୍ସ | ୮ | ୪ | ୪ | ୮ | +୦.୩୫୦ |
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୪ | ୩ | ୮ | +୦.୨୦୯ |
| କିଙ୍ଗ୍ସ ଇଲେଭେନ | ୮ | ୪ | ୪ | ୮ | -୦.୦୯୩ |
| ସନ୍‌ରାଇଜର୍ସ | ୭ | ୩ | ୪ | ୬ | ୦.୪୦୯ |
| ରାଜସ୍ଥାନ ରୟାଲ୍ସ | ୭ | ୨ | ୫ | ୪ | -୦.୫୮୭ |
| ରୟାଲ ଚ୍ୟାଲେଞ୍ଜର୍ସ | ୭ | ୧ | ୬ | ୨ | -୧.୨୦୨ |

■ ୨୩ ବର୍ଷରୁ କମ୍ ମହିଳା କ୍ରିକେଟ

## ବେଙ୍ଗଲ ଚାମ୍ପିୟନ

କୋଲକାତା, ୧୪।୪ (ପି.ଟି.)

ବେଙ୍ଗଲ ୨୩ ବର୍ଷରୁ କମ୍ ଜାତୀୟ ମହିଳା ଦିନିକିଆ କ୍ରିକେଟ ଲିଗ୍ ଚାମ୍ପିୟନଶିପ୍ ଟାଇଟଲ ହାସଲ କରିଛି। ରବିବାର ଅନୁଷ୍ଠିତ ଫାଇନାଲରେ ଦଳ ୨ଉଇକେଟରେ ମୁମ୍ବାଇକୁ ପରାସ୍ତ କରିଛି। ଦଳକୁ ଜିତାଇବାରେ ଭାରତର ଅନ୍ତର୍ଜାତୀୟ ଖେଳାଳି ଦୀପ୍ତି ଶର୍ମା ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ସେ ପ୍ରଥମେ ତାଙ୍କ ଅଫ୍-ବ୍ରେକ୍ ବୋଲିଂରେ ୩୫ରନ ବିନିମୟରେ ୩ ଉଇକେଟ ନେଇଥିଲେ। ପରେ ୧୩୩ ବଲ୍‌ରେ ସେ ୧୦୫ ରନ କରିଥିଲେ। ଫଳରେ ବେଙ୍ଗଲ ମହିଳା ଦଳ ୬ ଓଭର ବାକିଥାଇ ମ୍ୟାଚ ଜିତି ନେଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବେଙ୍ଗଲ ୧୭୯ ରନରେ ଅଲଆଉଟ ହୋଇଯାଇଥିଲା। ପୂର୍ବରୁ ବେଙ୍ଗଲର ୧୯ ବର୍ଷରୁ କମ୍ ଏବଂ ସିନିୟର ମହିଳା ଟିମ୍ ଜାତୀୟ ଚାମ୍ପିୟନଶିପ୍ ଜିତି ସାରିଛନ୍ତି। ରବିବାର ବେଙ୍ଗଲ କ୍ରିକେଟ ଆସୋସିଏଶନ ବିଜୟୀ ୨୩ବର୍ଷରୁ କମ୍ ମହିଳା ଦଳର ଖେଳାଳିଙ୍କ ପିଛା ୫୦,୦୦୦ ଟଙ୍କା ଲେଖାଁଏ ପୁରସ୍କାର ଘୋଷଣା କରିଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ଠାରୁ ବକେୟା ପ୍ରାପ୍ୟ ମିଳିବା ପରେ ଖେଳାଳିମାନେ ସେମାନଙ୍କ ପୁରସ୍କାର ରାଶି ପାଇବେ ବୋଲି ସିଏବି ଯୁଗ୍ମ ସଂପାଦକ ଅଭିଷେକ ଡାଲମିଆ ପ୍ରକାଶ କରିଛନ୍ତି।

# ହାଇଦ୍ରାବାଦକୁ ହରାଇ ଦ୍ୱିତୀୟରେ ଦିଲ୍ଲୀ

**ହାଇଦ୍ରାବାଦ, ୧୪।୪**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ରବିବାର ଏଠାରେ ଅନୁଷ୍ଠିତ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ୩୯ ରନରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ୨୦ ଓଭରରେ ୭ ଉଇକେଟ ହରାଇ ୧୫୫ ରନ କରିଥିବାବେଳେ ଆଶ୍ଚର୍ଯ୍ୟଜନକଭାବେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ହାଇଦ୍ରାବାଦ ୧୮.୫ ଓଭରରେ ୧୧୬ ରନ କରି ଅଲଆଉଟ ହୋଇ ଯାଇଥିଲା। ୮ ମ୍ୟାଚରୁ ୫ମ ବିଜୟ ସହ ଦିଲ୍ଲୀ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଲମ୍ଫ ମାରିଛି। ଦଳର ପଏଣ୍ଟ ସଂଖ୍ୟା ୧୦ରେ ପହଞ୍ଚି ଯାଇଛି। ଅନ୍ୟପକ୍ଷରେ ସନ୍‌ରାଇଜର୍ସ ୬ ପଏଣ୍ଟ ସହ ୬ଷ୍ଠ ସ୍ଥାନରେ ସ୍ଥିର ରହିଛି।

ଡେଭିଡ ୱାର୍ନର ଓ ଜନି ବେୟାରେଷ୍ଟୋଙ୍କ ଓପନିଂ ଯୋଡ଼ିରେ ୭୨ ରନ ସଂଗ୍ରହ କରି ବିଜୟ ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲା ସନ୍‌ରାଇଜର୍ସ। ମାତ୍ର ଏହି ଯୋଡ଼ି ଭାଙ୍ଗିବାପରେ ଦଳର ବ୍ୟାଟିଂ ଦିଗହରା ହୋଇ ଯାଇଥିଲା। ୩୧ ବଲ୍‌ରୁ ୫ ଚୌକା ଓ ୧ ଛକା ସହାୟତାରେ ୪୧ରନ ସଂଗ୍ରହ କରି ପ୍ରଥମ ଖେଳାଳିଭାବେ ଆଉଟ ହୋଇଥିଲେ ବେୟାରଷ୍ଟୋ। ସ୍ୱାଭାବିକ ଆକ୍ରମଣାତ୍ମକ ବ୍ୟାଟିଂ ପରିବର୍ତ୍ତେ ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳିଥିବା ୱାର୍ନର ୪୭ ବଲ୍‌ରୁ ୫୧(୩ ଚୌକା, ୧ ଛକା) ରନ ସ୍କୋର କରିଥିଲେ। ମାତ୍ର ମିଡଲ ଏବଂ ଲୋୟର ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ସନ୍‌ରାଇଜର୍ସ ପାଇଁ ବିପଦକୁ ଡାକି ଆଣିଥିଲା। କେନ୍ ୱିଲିୟମସନ ୩, ରିକି ଭୁଇ ୭, ବିଜୟ ଶଙ୍କର ୧, ଦୀପକ ହୁଡା ୩, ଅଭିଷେକ ଶର୍ମା ୨, ଭୁବନେଶ୍ୱର କୁମାର ୨ ଏବଂ ରଶିଦ ଖାଁ ଓ ଖଲିଲ ଅହମଦ ଖାତା ଖୋଲିବା ପୂର୍ବରୁ ଆଉଟ ହେବାରୁ ୧୮.୫ ଓଭରରେ ୧୧୬ ରନ କରି ସନ୍‌ରାଇଜର୍ସ ଅଲଆଉଟ ହୋଇ ଯାଇଥିଲା। ଅର୍ଥାତ୍ ଏକଦା ୨ ଉଇକେଟ ହରାଇ ୧୦୧ ରନ ପୂରଣ କରିଥିବା ସନ୍‌ରାଇଜର୍ସ ୧୫ ରନ ବ୍ୟବଧାନରେ ୮ଟି ଉଇକେଟ ହରାଇଥିଲା। ଦିଲ୍ଲୀ ପକ୍ଷରୁ କାଗିଶୋ ରାବାଡ଼ା ୪ଟି, କେମୋ ପଲ୍ ଓ କ୍ରିସ ମୋରିସ ୩ଟି ଲେଖାଏ ଉଇକେଟ ନେଇଥିଲେ। ୪ ଓଭର ବିଶିଷ୍ଟ ସ୍ପେଲ୍‌ରେ ମାତ୍ର ୧୭ ରନ ଦେଇ ୩ଟି ଉଇକେଟ ନେଇଥିବା କେମୋ ପଲ୍ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ।

ଟସ୍ ଜିତି ସନ୍‌ରାଇଜର୍ସ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଅଧିନାୟକଙ୍କ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରିଥିଲେ ଦ୍ରୁତ ବୋଲର ଖଲିଲ ଅହମଦ। ସେ ନିଜ ପ୍ରଥମ ଓଭରର ୫ମ ବଲ୍‌ରେ ପୃଥ୍ୱୀ ଶ'ଙ୍କୁ ଏବଂ ଦ୍ୱିତୀୟ ଓଭରର ୨ୟ ବଲ୍‌ରେ ଶିଖର ଧାୱନଙ୍କୁ ଆଉଟ କରି ଦିଲ୍ଲୀର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ପୃଥ୍ୱୀ ୪ ଓ ଧାୱନ ୭ ରନକରି ଆଉଟ ହେବାରୁ ଦିଲ୍ଲୀ ସ୍କୋର ୩.୨ ଓଭର ବେଳକୁ ୨୦/୨ ହୋଇ ଯାଇଥିଲା। ମିଡିଲ ଅର୍ଡରରେ କଲିନ୍ ମୁନ୍‌ରୋ ଓ ଅଧିନାୟକ ଶ୍ରେୟସ ଆୟାର ସତର୍କତାର ସହ ବ୍ୟାଟିଂ କରି ଇନିଂସ ସମ୍ଭାଳି ନେଇଥିଲେ। ମୁନ୍‌ରୋ ୨୪ ବଲ୍‌ରୁ ୪ ଚୌକା ଓ ୩ ଛକା ସହାୟତାରେ ଦ୍ରୁତ ୪୦ ରନ କରି ଆଉଟ ହୋଇଥିଲେ। ଆୟାର ୪୦ ବଲ୍‌ରୁ ୫ ଚୌକା ସହାୟତାରେ ଧୈର୍ଯ୍ୟପୂର୍ଣ୍ଣ ୪୫ ରନ କରିଥିବାବେଳେ ରିଷଭ ପନ୍ତ ୧୯ ବଲ୍‌ରୁ ୨୩(୩ ଚୌକା) ରନ କରି ପ୍ୟାଭିଲିୟନ ଫେରିଥିଲେ। ଶେଷଭାଗ ବ୍ୟାଟିଂ ବିପର୍ଯ୍ୟୟ ଯୋଗୁ ଦିଲ୍ଲୀ ଇନିଂସ ୨୦ ଓଭରରେ ୧୫୫/୭ରେ ସୀମିତ ହୋଇ ଯାଇଥିଲା। ଅକ୍ଷର ପଟେଲ ୧୪ ରନରେ ଅପରାଜିତ ରହିଥିବାବେଳେ କ୍ରିସ୍ ମୋରିସ ୪, କେମୋ ପଲ୍ ୭ ରନ କରି ଆଉଟ ହୋଇଥିଲେ। ହାଇଦ୍ରାବାଦ ପକ୍ଷରୁ ଖଲିଲ ସର୍ବାଧିକ ୩ଟି, ଭୁବନେଶ୍ୱର କୁମାର ୨ଟି ଏବଂ ଅଭିଷେକ ଶର୍ମା ଓ ରଶିଦ ଖାଁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



**ସଂକ୍ଷିପ୍ତ ସ୍କୋର**

- ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୫୫/୭(ଆୟାର-୪୫, ମୁନ୍‌ରୋ-୪୦, ପନ୍ତ-୨୩, ଖଲିଲ-୩/୩୦, ଭୁବନେଶ୍ୱର-୨/୩୩, ଅଭିଷେକ-୧/୧୦, ରଶିଦ-୧/୨୨)। ସନ୍‌ରାଇଜର୍ସ ହାଇଦ୍ରାବାଦ ୧୮.୫ ଓଭରରେ ୧୧୬/ଅଲଆଉଟ(ୱାର୍ନର-୫୧, ବେୟାରଷ୍ଟୋ-୪୧, ରାବାଡ଼ା-୪/୨୨, ପଲ୍-୩/୧୭, ମୋରିସ-୩/୨୨)।

# ବିଜୟ ବଜାୟ ଲକ୍ଷ୍ୟରେ ରୟାଲ ଚ୍ୟାଲେଞ୍ଜର୍ସ

**ମୁମ୍ବାଇ, ୧୪।୪(ପି.ଟି.)**

ଆଇପିଏଲ୍ ଦ୍ୱାଦଶ ସଂସ୍କରଣ ୩୧ତମ ମ୍ୟାଚ୍‌ରେ ସୋମବାର ଘରୋଇ ମୁମ୍ବାଇ ଇଣ୍ଡିଆନ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ପରସ୍ପରକୁ ଭେଟିବେ। ଏହି ହାଇଭୋଲଟେଜ୍ ମ୍ୟାଚ୍ ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଖେଳାଯିବ। ଭାରତୀୟ ଦଳର ଅଧିନାୟକ ବିରାଟ କୋହଲି ଓ ଉପଅଧିନାୟକ ରୋହିତ୍ ଶର୍ମା ଯଥାକ୍ରମେ ବାଙ୍ଗାଲୋର ଓ ମୁମ୍ବାଇର ନେତୃତ୍ୱ ନେଉଥିବାରୁ ଏଠାରେ ଦର୍ଶକେ ଏକ ରୋମାଞ୍ଚକ ଲଢ଼େଇ ଆଶା ରଖିଛନ୍ତି।

ଚଳିତ ଟୁର୍ନାମେଣ୍ଟରେ ନୈରାଶ୍ୟଜନକ ଆରମ୍ଭ କରି ବାଙ୍ଗାଲୋର ଏହାର ପ୍ରଥମ ୬ ମ୍ୟାଚ୍‌ରେ ପରାଜୟ ସାମ୍ନା କରିଥିଲା। କିନ୍ତୁ ଶନିବାର ରାତିରେ କିଙ୍ଗ୍ସ ଇଲେଭନ ପଞ୍ଜାବକୁ ୮ ଉଇକେଟ୍‌ର ବୃହତ ବ୍ୟବଧାନରେ ପରାସ୍ତ କରି ରୟାଲ ଚ୍ୟାଲେଞ୍ଜର୍ସ ସିଜନରେ ଏହାର ପ୍ରଥମ ବିଜୟ ସ୍ୱାଦ ଚାଖିଥିଲା। ଅଧିନାୟକ ବିରାଟ କୋହଲି ଓ ବିସ୍ଫୋରକ ବ୍ୟାଟ୍ସମ୍ୟାନ ଏବି ଡି ଭିଲର୍ସ ଏହି ମ୍ୟାଚ୍‌ରେ ଅର୍ଦ୍ଧଶତକୀୟ ଇନିଂସ ଖେଳି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପଞ୍ଜାବ ବିପକ୍ଷ ବିଜୟ ସତ୍ତ୍ୱେ ବାଙ୍ଗାଲୋର ୮ ଦଳୀୟ ପଏଣ୍ଟ ତାଲିକାର ସର୍ବନିମ୍ନ ସ୍ଥାନରେ ରହିଛି। ପ୍ଲେ-ଅଫ୍ ଆଶା ଉଜ୍ଜିବୀତ ରଖିବାକୁ ହେଲେ ଦଳ ବଳକା ଲିଗ୍ ମ୍ୟାଚ୍‌ରେ ନିଶ୍ଚିତ ବିଜୟ ଆବଶ୍ୟକ କରୁଛି। ତେଣୁ ଏହି ମ୍ୟାଚ୍‌ରେ ମୁମ୍ବାଇକୁ ପରାସ୍ତ କରି ବିଜୟ ବଜାୟ ରଖିବା ଲକ୍ଷ୍ୟରେ ବାଙ୍ଗାଲୋର ରହିଛି। ଅଧିନାୟକ କୋହଲି ବର୍ତ୍ତମାନ ସୁଦ୍ଧା ୭ ମ୍ୟାଚ୍‌ରୁ ୨୭୦ ଓ ଡି ଭିଲର୍ସ ୨୩୨ ରନ ସଂଗ୍ରହ କରିସାରିଛନ୍ତି।

### ଡେଲ୍ ଷ୍ଟେଇନ୍‌ଙ୍କ ଉପରେ ନଜର

ଏହି ମ୍ୟାଚ୍‌ରେ ମଧ୍ୟ ଦଳ ଉଭୟଙ୍କ ବ୍ୟାଟିଂ ଉପରେ ନିର୍ଭର କରିବ। ସେହିଭଳି ୱାଙ୍ଖେଡେ ପିଚ୍ ସାଧାରଣତଃ ସ୍ପିନରଙ୍କୁ ସୁହାଉଥିବାରୁ ଏହି ମ୍ୟାଚ୍‌ରେ ମୁମ୍ବାଇର ଦୃଢ଼ ବ୍ୟାଟିଂଲାଇନ୍ ବିପକ୍ଷରେ ଯେଜୁବେନ୍ଦ୍ର ଚହଲ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବେ। ଦକ୍ଷିଣ ଆଫ୍ରିକାର ଅଭିଜ୍ଞ ଦ୍ରୁତ ବୋଲର ଡେଲ୍ ଷ୍ଟେଇନ୍ ଚଳିତ ଆଇପିଏଲ୍ ଖେଳିବାକୁ ପହଞ୍ଚି ସାରିଥିବରୁ ବାଙ୍ଗାଲୋରର ବୋଲିଂ ଲାଇନ୍‌ଅପ୍ ଆହୁରି ଶକ୍ତିଶାଳୀ ହେବ ବୋଲି ଆଶା କରାଯାଉଛି।

ଅପରପକ୍ଷରେ ମୁମ୍ବାଇ ଏହାର ଅନ୍ତିମ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସଠାରୁ ୪ ଉଇକେଟ୍‌ରେ ପରାସ୍ତ ହୋଇଥିଲା। ତେଣୁ ଘରୋଇ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସକୁ ପରାସ୍ତ କରି ମୁମ୍ବାଇ ବିଜୟ ଧାରାକୁ ଫେରିବାକୁ ଲକ୍ଷ୍ୟ ରଖିଛି। ଆହତ ଲାଗି ରାଜସ୍ଥାନ ବିପକ୍ଷରେ ଖେଳିପାରି ନ ଥିବା ଅଧିନାୟକ ରୋହିତ୍ ଶର୍ମା ଏହି ମ୍ୟାଚ୍ ଲାଗି ଫିଟ୍ ଘୋଷିତ ହୋଇଛନ୍ତି। ରୋହିତ୍ ଚଳିତ ସିଜନରେ ୧୬୫ ରନ କରିଥିବାବେଳେ କ୍ୱିଣ୍ଟନ ଡି କକ୍ (୨୩୮), ଇଶାନ କିଷାନ, ସୂର୍ଯ୍ୟକୁମାର ଯାଦବ (୧୫୪), କିରନ ପୋଲାର୍ଡ (୧୮୫) ପ୍ରମୁଖ ମଧ୍ୟ ଉଲ୍ଲେଖନୀୟ ବ୍ୟାଟିଂ କରିଛନ୍ତି। ତେଣୁ ଏଠାରେ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।

■ ଭାରତୀୟ ଦଳ ଚୟନ ଆଜି

# ଟିମ୍ କମ୍ବିନେଶନକୁ ଗୁରୁତ୍ୱ

ନୂଆଦିଲ୍ଲୀ, ୧୪।୪(ପି.ଟି.)

ଆଇସିସି କ୍ରିକେଟ ବିଶ୍ୱକପ ଦ୍ୱାଦଶ ସଂସ୍କରଣ ଇଂଲଣ୍ଡରେ ମେ ୩୦ରୁ ଜୁଲାଇ ୧୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି କ୍ରିକେଟ ମହାକୁମ୍ଭ ପାଇଁ ଭାରତୀୟ ଦଳ ଚୟନ ସୋମବାର ମୁମ୍ବାଇରେ ଅନୁଷ୍ଠିତ ହେବ। ବିଭିନ୍ନ ସ୍ଥାନ ପାଇଁ ପ୍ରାୟତଃ ଖେଳାଳି ଚୂଡ଼ାନ୍ତ ହୋଇ ସାରିଛି। ତେବେ ଦ୍ୱିତୀୟ ଉଇକେଟ କିପର, ୪ ନମ୍ବର ବ୍ୟାଟ୍ସମ୍ୟାନ ଏବଂ ଜଣେ ଅତିରିକ୍ତ ପେସର ସମ୍ପର୍କରେ ବିଶେଷ କରି ଚୟନ କମିଟି ବୈଠକରେ ଆଲୋଚନା ହେବ। ଅନ୍ୟପକ୍ଷରେ କେବଳ ଗୋଟିଏ ସ୍ଥାନ ପୂରଣ ହେବାକୁ ବାକି ରହିଛି ବୋଲି ଗତ ଅଷ୍ଟ୍ରେଲିଆ ବିପକ୍ଷ ସିରିଜପରେ ଅଧିନାୟକ ବିରାଟ କୋହଲି ସୂଚନା ଦେଇଥିଲେ। କୋର୍ ଖେଳାଳି ଏକବର୍ଷ ପୂର୍ବରୁ ସେଟ୍ ହୋଇ ସାରିଛନ୍ତି ବୋଲି ସେ କହିଥିଲେ। ଚୟନ କମିଟି ବୈଠକରେ ଟିମ୍ କମ୍ବିନେଶନକୁ ଅଗ୍ରାଧିକାର ଦିଆଯିବ।

ମହେନ୍ଦ୍ର ସିଂ ଧୋନୀଙ୍କ ପରେ ଦ୍ୱିତୀୟ ଉଇକେଟ କିପର ସ୍ଥାନ ପାଇଁ ଯୁବ ଖେଳାଳି ରିଷଭ ପନ୍ତ ଏବଂ ଅଭିଜ୍ଞ ଦୀନେଶ କାର୍ତ୍ତିକ ଦୃଢ଼ ଦାବିଦାର। ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ପନ୍ତଙ୍କ ୨୨୨ ରନ ତୁଳନାରେ କାର୍ତ୍ତିକ ୯୩ ରନ ସ୍କୋର କରିଛନ୍ତି। ତେଣୁ ଏହି ଦୃଷ୍ଟିରୁ ଦେଖିବାକୁ ଗଲେ ପନ୍ତ ଦୌଡ଼ରେ ଆଗରେ ରହିଛନ୍ତି। ପନ୍ତ ଜଣେ ବାମହାତୀ ବ୍ୟାଟ୍ସମ୍ୟାନ, ଉଇକେଟ କିପର ଏବଂ ନମ୍ବର ୧ରୁ ଆରମ୍ଭକରି ୭ମ ସ୍ଥାନ ପର୍ଯ୍ୟନ୍ତ ବ୍ୟାଟିଂ କରିବାର ଦକ୍ଷତା ରଖିଛନ୍ତି। ସ୍ପିନରଙ୍କ ବିପକ୍ଷରେ ପନ୍ତଙ୍କ ଉଇକେଟ କିପିଂ ଦକ୍ଷତାରେ ଉନ୍ନତି ଆବଶ୍ୟକ, ମାତ୍ର କାର୍ତ୍ତିକ ମଧ୍ୟ ଗତ ୧୨ ମାସ ମଧ୍ୟରେ ଏପରି କିଛି କରିନାହାନ୍ତି ଯାହାକି ପନ୍ତଙ୍କ ତୁଳନାରେ ତାଙ୍କୁ ଆଗରେ ରଖି ପାରିବ। ତେବେ ଆଇପିଏଲ ଫ୍ରାଞ୍ଚାଇଜ୍ କୋଚ୍ ଦିଲ୍ଲୀ କ୍ୟାପିଟାଲ୍ସର ରିକି ପଣ୍ଟିଂ ପନ୍ତଙ୍କ ସପକ୍ଷରେ ଯୁକ୍ତି ବାଢ଼ିଥିବାବେଳେ ଦୀନେଶ କାର୍ତ୍ତିକ ହିଁ ଉପଯୁକ୍ତ ଖେଳାଳି ବୋଲି କୋଲକାତା ନାଇଟ ରାଇଡର୍ସର ଜ୍ୟାକ୍ସ କାଲିସ କହିଛନ୍ତି। ଦୌଡ଼ରେ ଏହିଦୁଇ ଖେଳାଳି ରହିଥିବାବେଳେ ତୃତୀୟ ଖେଳାଳି ଭାବେ ଏଥିରେ ସାମିଲ ହୋଇଛନ୍ତି ଲୋକେଶ ରାହୁଲ। ରାହୁଲ କିଙ୍ଗ୍ସ ଇଲେଭେନ ପଞ୍ଜାବ ପକ୍ଷରୁ ଉଇକେଟ କିପିଂ ଜାରି ରଖିଥିବାବେଳେ ବ୍ୟାଟିଂରେ ୩୩୫ ରନ ସ୍କୋର କରି ସାରିଛନ୍ତି। ଏହା ମଧ୍ୟରେ ଏକ ଶତକ ସାମିଲ। ତେଣୁ ଭାରତୀୟ ଦଳ ପାଇଁ ତୃତୀୟ ଓପନର ଏବଂ ଦ୍ୱିତୀୟ ଉଇକେଟ କିପର ସମ୍ପର୍କରେ ଆଲୋଚନା ବେଳେ ଚୟନକର୍ତ୍ତାମାନେ ରାହୁଲଙ୍କ ନାମକୁ ମଧ୍ୟ ବିଚାରକୁ ନେଇପାରନ୍ତି।

"ଧୋନୀ ଆହତ ହେଲେ ଯାଇ ଦ୍ୱିତୀୟ ଉଇକେଟ କିପରଙ୍କ ଖେଳିବା ସମ୍ଭାବନା ରହିବ। ରିଷଭ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ, ମାତ୍ର ଏକଦିବସୀୟ କ୍ରିକେଟରେ ସେ ସେପରି କିଛି କରିସ୍ମା ଦେଖାଇ ପାରି ନାହାନ୍ତି। ସେ ୫୦ ଓଭର ପର୍ଯ୍ୟନ୍ତ ନିଜ ଦାୟିତ୍ୱକୁ ଠିକ୍‌ଭାବେ ତୁଲାଇ ପାରିବେ କି ନାହିଁ ତାହାକୁ ନେଇ ପ୍ରଶ୍ନ ରହିଛି" ବୋଲି ପୂର୍ବରୁ ଚୟନ କମିଟି ସଦସ୍ୟଥିବା ଜଣେ ପୂର୍ବତନ ଭାରତୀୟ ଖେଳାଳି ପ୍ରକାଶ କରିଛନ୍ତି। ଯଦି ରାହୁଲଙ୍କ ନାମ ଦ୍ୱିତୀୟ ଉଇକେଟ କିପର ଭାବେ ନିଆଯାଏ ତେବେ ୪ ନମ୍ବର ସ୍ଥାନରେ ସ୍ପେଶାଲିଷ୍ଟ ବ୍ୟାଟ୍ସମ୍ୟାନ ଭାବେ ଅମ୍ବାତି ରାୟୁଡୁଙ୍କ ନାମ ଆସିବ। ଗତ ନଭେମ୍ବର ପର୍ଯ୍ୟନ୍ତ ରାୟୁଡୁ ୪ ନମ୍ବର ସ୍ଥାନ ପାଇଁ ହଟ୍ ଫେଭରାଇଟ ଥିଲେ। କୋହଲି ଓ କୋଚ୍ ରବି ଶାସ୍ତ୍ରୀ ମଧ୍ୟ ଏହା ଏକପ୍ରକାର ସ୍ଥିର କରି ସାରିଥିଲେ। ମାତ୍ର ଏହି ହାଇଦ୍ରାବାଦ ବ୍ୟାଟ୍ସମ୍ୟାନ ଲମ୍ବା ସମୟ ପାଇଁ ଘରୋଇ କ୍ରିକେଟ ନ ଖେଳିବାକୁ ନିଷ୍ପତ୍ତି ନେବା ଏବଂ ପେସ୍ ବୋଲରଙ୍କ ବିପକ୍ଷରେ ଦୁର୍ବଳ ଟେକ୍ନିକ୍ ତାଙ୍କୁ ଖୁଲାଇ ରହିଛି। ତେବେ ଯଦି ଚୟନକର୍ତ୍ତାମାନେ ଅଲରାଉଣ୍ଡର ବିଜୟ ଶଙ୍କରଙ୍କୁ ୪ ନମ୍ବର ସ୍ଲଟ୍ ପାଇଁ ମନୋନୟନ କରନ୍ତି ତେବେ ରାୟୁଡୁଙ୍କ ସମ୍ପର୍କରେ ଆଲୋଚନାର ଯବନୀକା ପଡ଼ିବ।

ଇଂଲଣ୍ଡର ଜଳବାୟୁ ଅସ୍ଥିର ରହୁଥିବାରୁ ବିଶେଷ କରି ବର୍କିଂଘାମ, ଲିଡ୍ସ ଓ ମାଞ୍ଚେଷ୍ଟର ଭେନ୍ୟୁକୁ ଦୃଷ୍ଟିରେ ରଖି ଭାରତକୁ ୪ର୍ଥ ସ୍ପେଶାଲିଷ୍ଟ ପେସ୍ ବୋଲର କଥା ଚିନ୍ତା କରିବାକୁ ପଡ଼ିପାରେ। "ବିଜୟ ଶଙ୍କର ଏବଂ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ବର୍ତ୍ତମାନ ୪ର୍ଥ ପେସର ଭାବେ ବିବେଚନା କରାଯାଉଛି। ଅନ୍ୟପକ୍ଷରେ ରବୀନ୍ଦ୍ର ଜାଡେଜାଙ୍କ ଅଲରାଉଣ୍ଡ ଦକ୍ଷତା ଏବଂ ବିଗ୍ ହିଟିଂ ପାୱାର ଦଳ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି। ଏହା ବ୍ୟତୀତ ଡ୍ରାଏ କଣ୍ଡିଶନରେ ସେ ବିକଳ୍ପ ବୋଲରର ଭୂମିକା ମଧ୍ୟ ନେବାର ଦକ୍ଷତା ରଖିଛନ୍ତି" ବୋଲି ଏହି ସୂତ୍ରରୁ ପ୍ରକାଶ କରାଯାଇଛି। ତେବେ ଉମେଶ ଯାଦବଙ୍କ ପ୍ରଦର୍ଶନରେ ସ୍ଥିରତା ରହୁ ନ ଥିବାରୁ ୪ର୍ଥ ପେସର ସମ୍ଭାବନା ଅଧିକ ରହିବ। ଖଲିଲ ଅହମଦଙ୍କୁ ବାମହାତୀ ପେସର ବିକଳ୍ପ ବିବେଚନା କରାଯାଉଥିଲା। ମାତ୍ର ଟେଷ୍ଟିଂ ଟାଇମ୍‌ରେ ସେ ସେପରି ଭରସାଯୋଗ୍ୟ ହୋଇପାରି ନ ଥିଲେ। ଇଂଲଣ୍ଡରେ ଅତୀତ ରେକର୍ଡକୁ ଦେଖିଲେ ଈଶାନ୍ତ ଶର୍ମା, ନଭଦୀପ ସଇନି କିମ୍ବା ଭଲ ପାୱାର ପ୍ଲେ ବୋଲର ଦୀପକ ଚହରଙ୍କ ନାମ ବିଚାରକୁ ଆସିପାରେ। ଚୟନ କମିଟି ଏହାର ନୀତିରେ ଅଟଳ ରହିବ। ଏଥିରୁ ବିଚ୍ୟୁତ ହେବାର କୌଣସି କାରଣ ଦେଖିବାକୁ ମିଳୁନାହିଁ ବୋଲି ସେ କହିଛନ୍ତି।


ରିଷଭ ପନ୍ତ


ଦୀନେଶ କାର୍ତ୍ତିକ

### ସମ୍ଭାବ୍ୟ ଦଳ

■ ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା (ଉପ-ଅଧିନାୟକ), ଶିଖର ଧାୱନ, ଲୋକେଶ ରାହୁଲ, ମହେନ୍ଦ୍ର ସିଂ ଧୋନୀ (ଉଇକେଟ କିପର), କେଦାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା, ବିଜୟ ଶଙ୍କର, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ଯଶପ୍ରୀତ ବୁମ୍‌ରା, ଭୁବନେଶ୍ୱର କୁମାର, ମହମ୍ମଦ ସାମି, ରବୀନ୍ଦ୍ର ଜାଡେଜା।

■ ୧୫ତମ ସଦସ୍ୟ(ବିକଳ୍ପ)
ଦ୍ୱିତୀୟ ଉଇକେଟ କିପର କ୍ଷେତ୍ରରେ: ଦୀନେଶ କାର୍ତ୍ତିକ/ ରିଷଭ ପନ୍ତ।
ଚାରି ନମ୍ବର ସ୍ପେଶାଲିଷ୍ଟ ବ୍ୟାଟ୍ସମ୍ୟାନ : ଅମ୍ବାତି ରାୟୁଡୁ।
ଯଦି ୪ର୍ଥ ପେସର ନିଆଯାଏ: ଉମେଶ ଯାଦବ/ଖଲିଲ ଅହମଦ/ଈଶାନ୍ତ ଶର୍ମା/ନଭଦୀପ ସଇନି।

ତୃତୀୟ ଜନ୍ମଦିନ ଶୁଭେଚ୍ଛା
ସାଇ ସୌଭିକ (ତୁଗୁ)
ତୋର ୩ୟ ଜନ୍ମଦିନରେ ସାଇବାବାଙ୍କ ପାଖରେ ଏତିକି ପ୍ରାର୍ଥନା କରୁଛୁ ପ୍ରଭୁ ତୋତେ ସୁସ୍ଥ ଓ ଦୀର୍ଘାୟୁ ରଖନ୍ତୁ। ତୋ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ, ଚଲାପଥ କୁସୁମିତ ହେଉ ଏତିକି କାମନା ଜଣାଉଛୁ।
ଶୁଭେଚ୍ଛା ସହ
ବାପା– ବିଶିକେଶନ, ମାମା– ସୁଶ୍ରୀ ସଙ୍ଗିତା, ଜେଜେମା, ଅଜା, ଆଈ, ମାମୁ, ମଉସା, ମାଉସୀ, ଏବଂ ପରିବାରବର୍ଗ।
ଧ–୧୨୧୫୨

ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା
ଶୁଭଲକ୍ଷ୍ମୀ ଦାସ(ମୁନ୍)
ଶୁଭ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଗଣେଶ ଠାକୁରେ ତୋତେ ଭଲ ମଣିଷଟିଏ କରନ୍ତୁ।
ଶୁଭେଚ୍ଛା ସହ
ଜେଜେ ବାପା, ଜେଜେ ମା, ଆଈ, ବଡ଼ ବାପା, ବଡ଼ ବୋଉ, ବାପା, ମାମା, ମାମୁ, ମାଇଁ, ଦାଦା, ଦିଦି, ମଉସା, ମାଉସୀ, ପିଇସା, ପିଉସୀ।
ଧ–୧୨୧୫୧

ଦ୍ୱିତୀୟ ଜନ୍ମବାର୍ଷିକୀ ଶୁଭେଚ୍ଛା
(ଗୁଡ୍ଡୁ)
ବିନୟ କ୍ରିଷ୍ଣ ତ୍ରିପାଠୀ
ଭୁବନେଶ୍ୱର
ଶୁଭ ଜନ୍ମଦିନରେ ପ୍ରଭୁ ତୁମକୁ ଦୀର୍ଘାୟୁ କରନ୍ତୁ ଏବଂ ତୁମ ଚଲାପଥ ପୁଷ୍ପିତ ହେଉ।
ଶୁଭାଶୀର୍ବାଦ ସହ
ଜେଜେବାପା–ଜେଜେମାମାନେ, ନନା, ବୋଉ, ପିଇସା, ପିଇସିମାନେ, କାକାମାନେ, ଅଜା, ଆଈ, ମାମୁମାନେ, ମାଇଁ, ବନ୍ଧୁ ଓ ପରିବାରବର୍ଗ।
ଧ–୬୫୮୭୯

■ ପ୍ୟାରିସ ମାରାଥନ

## ବୁର୍କା, ମିଲ ଜିତିଲେ ଟାଇଟଲ

ପ୍ୟାରିସ, ୧୪।୪ (ଏଏଫ୍‌ପି)

ରବିବାର ଅନୁଷ୍ଠିତ ପ୍ୟାରିସ ମାରାଥନରେ ଇଥିଓପିଆ ଆଥଲେଟ ଉଭୟ ମହିଳା ଓ ପୁରୁଷ ଟାଇଟଲ ଜିତିଛନ୍ତି। ଆଭ୍ରା ମିଲ ଦୁଇ ଥର ଚାମ୍ପିୟନ ପଲ୍ ଲନୟାନଗାଟାଙ୍କୁ ପଛରେ ପକାଇ ପୁରୁଷ ବିଭାଗ ରେସ୍ ଜିତିଛନ୍ତି। ମିଲ ୨ ଘଣ୍ଟା ୭ ମିନିଟ ଓ ୫ସେକେଣ୍ଡ ଟାଇମିଂରେ ରେସ୍ ଶେଷ କରିଥିଲେ। କେନିୟାର ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଲନୟାନଗାଟା ତୃତୀୟ ସ୍ଥାନରେ ରହିଥିଲେ। ନିର୍ମଳ ଆକାଶ ଓ ଥଣ୍ଡା ପରିବେଶରେ ଅନୁଷ୍ଠିତ ମାରାଥନରେ ମୋଟ ୪୯,୧୫୫ ଧାବକ ଭାଗ ନେଇଥିଲେ। ଇଥିଓପିଆର ଜିଲେଟ ବୁର୍କା ୨:୨୨:୪୮ ଟାଇମିଂରେ ମହିଳାମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। କ୍ଲେମାନ୍ସ କାଲଭିନ୍ ଫ୍ରାନ୍ସର ଏକମାତ୍ର ମହିଳା ଭାବେ ରେସ୍ ଶେଷ କରିବାରେ ସମର୍ଥ ହୋଇଥିଲେ। ଗତ ମାସରେ ମରକ୍କୋରେ ଡୋପ୍ ଟେଷ୍ଟକୁ ଏଡାଇଦେଇଥିବା ଅଭିଯୋଗରେ ସାମୟିକ ବାସନ୍ଦ ହୋଇଥିବା ଏହି ଧାବିକା ଫ୍ରେଞ୍ଚ ମହିଳା ରେକର୍ଡ ଭଙ୍ଗ କରିବାରେ ସମର୍ଥ ହୋଇଛନ୍ତି। କାଲଭିନ୍ ୨:୨୩:୪୧ ଟାଇମିଂରେ ଚତୁର୍ଥ ହୋଇଥିଲେ। ସେ ୪୧ ସେକେଣ୍ଡ ବ୍ୟବଧାନରେ ୨୦୧୦ରେ କ୍ରିଷ୍ଟିଲ ଡାଉନେଙ୍କ ଦ୍ୱାରା ପ୍ରତିଷ୍ଠିତ ଜାତୀୟ ରେକର୍ଡକୁ ଭଙ୍ଗ କରି ଦେଇଥିଲେ। ଏହା ଆହୁରି ମଧ୍ୟ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ। ଗତବର୍ଷ ବର୍ଲିନଠାରେ ଅନୁଷ୍ଠିତ ୟୁରୋପିଆନ ଚାମ୍ପିୟନଶିପ୍‌ରେ ୨:୨୬:୨୮ ଟାଇମିଂ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ଏଥିରେ ସେ ଦ୍ୱିତୀୟ ହୋଇଥିଲେ।

## ହାମିଲଟନ ଜିତିଲେ ଚାଇନିଜ ଗ୍ରାଁ ପ୍ରି

ସାଂଘାଇ, ୧୪।୪(ଏଏଫ୍‌ପି)

ମର୍ସିଡିଜର ଲୁଇସ୍ ହାମିଲଟନ ଓ ତାଙ୍କ ଟିମ୍‌ମେଟ୍ ଭାଲେଟେରୀ ବୋଟାସ ଚାଇନିଜ ଫର୍ମୁଲାୱାନ ଗ୍ରାଁ ପ୍ରିରେ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଫର୍ମୁଲା ୱାନର ଏହି ୧,୦୦୦ ତମ ରେସ୍‌ରେ ହାମିଲଟନ ଗ୍ରୀଡ୍‌ର ଦ୍ୱିତୀୟ ସ୍ଥାନରୁ ରେସ୍ ଆରମ୍ଭ କରିଥିଲେ। ଶନିବାର ପୋଲ ପୋଜିଶନ ହାସଲ କରିଥିବା ବୋଟାସଙ୍କଠାରୁ ସେ ୬.୫ ସେକେଣ୍ଡ ଆଗରେ ରହିଥିଲେ। ଫେରାରିର ସେବାଷ୍ଟିଆନ ଭେଟେଲ ତୃତୀୟ ହୋଇଥିବାବେଳେ ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ୨୧ ବର୍ଷୀୟ ପ୍ରତିଭାସମ୍ପନ୍ନ ଫେରାରିର ଅନ୍ୟତମ ଡ୍ରାଇଭର ଚାର୍ଲସ ଲେକରେକ୍‌ଙ୍କୁ ୫ମ ସ୍ଥାନ ମିଳିଥିଲା। ଚାଇନିଜ ଗ୍ରାଁ ପ୍ରିରେ ବିଶ୍ୱ ଚାମ୍ପିୟନ ହାମିଲଟନଙ୍କ ଏହା ଥିଲା ୬ଷ୍ଠ ଚଳିତ ସିଜନରେ ଏହା ତାଙ୍କର କ୍ରମାଗତ ଦ୍ୱିତୀୟ ବିଜୟ। ଫର୍ମୁଲା ୱାନର ୧,୦୦୦ତମ ରେସ୍‌ରେ ମର୍ସିଡିଜ ଟିମ୍ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିବା ବାସ୍ତବିକ ସ୍ମରଣୀୟ ବୋଲି ରେସ୍ ପରେ ହାମିଲଟନ ପ୍ରକାଶ କରିଛନ୍ତି। ରବିବାର ରେସ୍‌ରେ ଯଥାକ୍ରମେ ୬ଷ୍ଠରୁ ୧୦ମ ସ୍ଥାନ ରହିଥିବା ଡ୍ରାଇଭରମାନେ ହେଲେ ପିଏରେ ଗାସ୍‌ଲି (ରେଡ୍‌ବୁଲ୍), ଡାନିଏଲ ରିକାର୍ଡୋ (ରେନଲ୍ଟ), ସର୍ଗିଓ ପେରେଜ (ରେସିଂ ପଏଣ୍ଟ), କିମି ରାଇକୋନେନ (ଆଲ୍‌ଫା ରୋମିଓ) ଓ ଆଲେକ୍‌ଜାଣ୍ଡର ଅଲବନ୍ (ଟୋରୋ ରୋସୋ)। ୧୫ ଦିନ ପରେ ସିଜନର ଚତୁର୍ଥ ରେସ୍ ଆଜରବୈଜାନର ବାକୁଠାରେ ହେବ।



ଚାଇନିଜ ଫର୍ମୁଲା ୱାନ୍ ଗ୍ରାଁ ପ୍ରି ପୁରସ୍କାର ବିତରଣ ଉତ୍ସବରେ ମର୍ସିଡିଜ ଡ୍ରାଇଭର ଲୁଇସ୍ ହାମିଲଟନ ଓ ଟିମ୍‌ମେଟ୍ ଭାଲଟେରି ବୋଟାସ ଟିମ୍ ଇଞ୍ଜିନିୟର ମାର୍କସ ଡଡ୍‌ଲିଙ୍କ ଉପରେ ସାମ୍ପେନ ଢାଳୁଛନ୍ତି। ଡାହାଣ ପାର୍ଶ୍ୱରେ ଫେରାରି ଡ୍ରାଇଭର ସେବାଷ୍ଟିଆନ ଭେଟେଲ ଏଥିରେ ସାମିଲ ହୋଇଛନ୍ତି।

## ସମ୍ବିତ ଚାମ୍ପିୟନ, ବୈଭବ ରନର୍ସଅପ୍

ଭୁବନେଶ୍ୱର, ୧୪।୪(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ (ଓଏସସିଏ) ଆନୁକୂଲ୍ୟରେ ଓପନ ଚେସ୍ ଚାମ୍ପିୟନଶିପ୍ ୟୁନିଟ–୨ସ୍ଥିତ ସେକ୍ରେଟାରିଏଟ ରିକ୍ରିଏଶନ କ୍ଲବ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଦୁଇ ଦିନଧରି ଅନୁଷ୍ଠିତ ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ୮ ପଏଣ୍ଟ ଲେଖାଏ ହାସଲ କରି ଭୁବନେଶ୍ୱରର ସମ୍ବିତ ପଣ୍ଡା ଚାମ୍ପିୟନ ଓ ପୁରୀର ବୈଭବ ମିଶ୍ର ରନର୍ସଅପ୍ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାଜେନ୍ଦ୍ର କୁମାର ସାହୁ, ଫିଡେ ମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ର, ଜଗଦୀଶ ବାରିକ, ତନ୍ମୟ କୁମାର, ଅମିତ ମହାନ୍ତି, ପ୍ରିୟବ୍ରତ ସାମନ୍ତ, ହର୍ଷିତ ରଞ୍ଜନ ସାହୁ, ଶାଶ୍ୱତ ମଲିକ(ସମସ୍ତେ ୭ ପଏଣ୍ଟ ଲେଖାଏ) ଟପ୍–୧୦ ଫିନିଶ୍ କରିଛନ୍ତି। ପ୍ରଦର୍ଶନ ଆଧାରରେ ୨୫ ଜଣଙ୍କୁ ମୁଖ୍ୟ ପୁରସ୍କାର ବ୍ୟତୀତ ୭, ୯, ୧୧, ୧୩, ୧୫ ବର୍ଷରୁ କମ୍ ଏବଂ ବାଳିକା ବର୍ଗର ଶ୍ରେଷ୍ଠ ୫ ଜଣ ଲେଖାଏ ପ୍ରତିଯୋଗୀଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଥିଲା। ସ୍ନେହାଞ୍ଜଳି ପ୍ରଧାନ ଶ୍ରେଷ୍ଠ ମହିଳା, ବଂଶୀଧର ଭୋଇ ଶ୍ରେଷ୍ଠ ଭେଟେରାନ ଖେଳାଳି ବିବେଚିତ ହୋଇଥିଲେ। ୫ ଖେଳାଳିଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ ଦିଆ ଯାଇଥିଲା। ଓଏସସିଏ ସମ୍ପାଦକ ସ୍ମୃତି ରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ରାଜକିଶୋର ଘଡ଼େଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଓଏସସିଏ ଗେମ୍ସ ଡାଇରେକ୍ଟର ଦେବାଶିଷ ପାଣିଗ୍ରାହୀ, କୋଷାଧ୍ୟକ୍ଷ ବଂଶୀଧର ଭୋଇ ଓ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଭାତ କୁମାର ନାଥ ପ୍ରମୁଖ ଉପସ୍ଥିତ ଥିଲେ।




## ସିରିଜ କବ୍‌ଜା କଲା ଜିମ୍ବାୱେ

ହରାରେ, ୧୪।୪

ଭ୍ରମଣକାରୀ ୟୁଏଇ ବିପକ୍ଷରେ ରବିବାର ଏଠାରେ ଖେଳାଯାଇଥିବା ୩ୟ ଦିନିକିଆ ମ୍ୟାଚ୍‌କୁ ଜିମ୍ବାୱେ ୧୩୧ ରନର ବୃହତ ବ୍ୟବଧାନରେ ଜିତିନେଇଛି। ଜିମ୍ବାୱେ ପକ୍ଷରୁ ଧାର୍ଯ୍ୟ ୩୦୮ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ୟୁଏଇ ୧୭୬ ରନରେ ଅଲ୍‌ଆଉଟ୍ ହୋଇ ପରାଜୟବରଣ କରିଥିଲା। ଏହି ବିଜୟ ସହ ୪ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜକୁ ଜିମ୍ବାୱେ ୩–୦ରେ ଆଗୁଆ ଜିତିନେଇଛି। ପୂର୍ବରୁ ପ୍ରଥମ ଓ ୨ୟ ମ୍ୟାଚ୍‌କୁ ଘରୋଇ ଦଳ ଯଥାକ୍ରମେ ୭ ଉଇକେଟ୍ ଓ ୪ ରନ (ଡିଏଲ୍ ପଦ୍ଧତି)ରେ ଜିତିଥିଲା। ସିରିଜର ଅନ୍ତିମ ତଥା ୪ର୍ଥ ମ୍ୟାଚ୍ ଆସନ୍ତା ମଙ୍ଗଳବାର ଏଠାରେ ଖେଳାଯିବ।

ସ୍ଥାନୀୟ ହରାରେ ସ୍ପୋର୍ଟ୍ସ କ୍ଲବରେ ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଜିମ୍ବାୱେ ବ୍ୟାଟ୍ସମ୍ୟାନଙ୍କ ମିଳିତ ସଫଳତା ବଳରେ ନିର୍ଦ୍ଧାରିତ ୫୦ ଓଭରରେ ୪ ଉଇକେଟ୍ ବିନିମୟରେ ୩୦୭ ରନ କରିଥିଲା। ଦଳ ପକ୍ଷରୁ ଅଭିଜ୍ଞ ସିନ୍ ୱିଲିୟମ୍ସ ୮୪ ବଲରୁ ୧୦୯ ରନର ଇନିଂସ ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରେଗ୍ ଇର୍ଭିନ (୬୪), ଅଧିନାୟକ ପିଟର ମୁର୍ (୫୮*) ଓ ଓପନର ସୋଲୋମୋନ ମିର (୪୦) ଉପଯୋଗୀ ବ୍ୟାଟିଂ କରିଥିଲେ। ଜବାବରେ ୟୁଏଇ ସିପି ରିଜୱାନଙ୍କ ୪୭ ଓ ମହମ୍ମଦ ଉସମାନଙ୍କ ୪୯ ରନ ସତ୍ତ୍ୱେ ୪୬.୨ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୭୬ ରନ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ଲେଗ୍–ସ୍ପିନର ର୍ୟାନ ବର୍ଲ ସର୍ବାଧିକ ୪ଟି ଉଇକେଟ୍ ନେଇଥିବାବେଳେ କେଲ୍ ଜାର୍ଭିସ ଓ ସିକନ୍ଦର ରାଜାଙ୍କୁ ୨ଟି ଲେଖାଏ ସଫଳତା ମିଳିଥିଲା।


ଶତକ ହାସଲକାରୀ ସିନ୍ ୱିଲିୟମ୍ସ।

### ସଂକ୍ଷିପ୍ତ ସ୍କୋର

**ଜିମ୍ବାୱେ ଇନିଂସ–** ୩୦୭/୪, ୫୦ ଓଭର (ୱିଲିୟମ୍ସ ୧୦୯, ଏର୍ଭିନ ୬୪, ସିକନ୍ଦର ୧୮, ମୁର୍ ୫୮*, ମହମ୍ମଦ ନବଦୀପ ୧/୪୨)।

**ୟୁଏଇ ଇନିଂସ–** ୧୭୬/୧୦, ୪୬.୨ ଓଭର (ରିଜୱାନ ୪୭, ଉସମାନ ୪୯, ସାଇମନ ଅନୱର ୨୭, ର୍ୟାନ ୪/୩୨, ସିକନ୍ଦର ୨/୪୪, ଜାର୍ଭିସ ୨/୨୦)।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ


Hero
କମ୍ ଡାଉନ୍ ପେମେଣ୍ଟ ₹2000/-**
ପଞ୍ଜୀକରଣ ଏବଂ ବୀମା ଶୁଳ୍କ ସହିତ
No. 1* GLAMOUR
CUSTOMERS NO. 1 CHOICE IN ODISHA FOR 125CC CATEGORY
Fi ଇଞ୍ଜିନ୍
ସବୁଠାରୁ ପାୱାରଫୁଲ# 125cc ବାଇକ୍
ବେଷ୍ଟ-ଇନ୍-କ୍ଲାସ୍ iBS
ଟ୍ୟୁବଲେସ୍ ଟାୟାର୍ସ
INDIA'S FIRST 5 YEAR WARRANTY *Conditions apply
Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057,India. CIN: L35911DL1984PLC017354. Phone No.: 011 - 46044100. For further information, contact nearest Hero MotoCorp authorised outlet or call our toll free no.: 1800 - 266 - 0018 or visit us on www.HeroMotoCorp.com. Accessories and features shown may not be part of standard fitment. Always wear a helmet while riding a two wheeler. *Terms & conditions apply. #Finance at the sole discretion of financiers. Customers have to provide all relevant documents desired by financiers to avail the loan. *In 125cc. **also available in FI.
HeroFinCorp.
HeroMotoCorpIndia
HeroMotoCorpLimited
heromotocorp.com
@HeroMotoCorp
TheHeroMotoCorp
For Institutional and Bulk Sales please write to Kolkata@heromotocorp.com


MARUTI SUZUKI ARENA
WELCOME THIS SUMMER WITH
COOL OFFERS.
Get your new Maruti Suzuki car, this April.
DZIRE
SWIFT
DZIRE SAVE UP TO ₹50,000*
SWIFT SAVE UP TO ₹45,000*
DZIRE SWIFT
E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.
For Institutional Sales/ Bulk Deal / DGS&D/GeM Enquiries, please email at adinath.ray@maruti.co.in
LEGEND CARS
• JEYPORE: 7894442915
• BHAWANIPATNA: 7894442907
SKY AUTOMOBILES
• BERHAMPUR: 7381261000
ODYSSEY MOTORS
• SAMBALPUR: 9439018805 • BOLANGIR: 9438068327
• BARGARH: 8895094616 • NUAPADA: 8895094633
• SONEPUR: 9437421356 • JHARSUGUDA: 9439892153 • BOUDH: 8594908009
ORBIT MOTORS
• ROURKELA: 9040404444, 9040404333
• SUNDARGARH: 9437049161
• DEOGARH: 9437492369
*Terms and conditions applicable. The Terms and Conditions are subject to change without any prior notice. All offers are brought to you by Maruti Suzuki Dealers only. Offers are applicable on selected car models. Car models and accessories shown may vary from the actual product. Images used are for illustration purpose only. Savings mentioned above includes applicable consumer offer and exchange bonus and is valid till 30th April'19. Offers mentioned above is of Dzire(AGS) & Swift(AGS). Offers as shown above may change without any prior notice.

ଧରିତ୍ରୀ DHARITRI
ସମ୍ବଲପୁର, ସୋମବାର, ୧୫ ଏପ୍ରିଲ, ୨୦୧୯



ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।
- ସାମୁଏଲ୍ ଜନ୍‌ସନ



## ସଂକ୍ଷେପରେ

### ପିଲା ଚୋର ସନ୍ଦେହ
## ମାନସିକ ବିକାରଗ୍ରସ୍ତଙ୍କୁ ନିସ୍ତୁକ ମାଡ଼

**ସୋନପୁର/ବୀରମହାରାଜପୁର,୧୪।୪ (ନି.ପ୍ର./ଡି.ଏନ.ଏ.)**- ବୀରମହାରାଜପୁର ଥାନା ବଡ ଅଙ୍କରିଆ ଗ୍ରାମରେ ଜଣେ ୨୪ବର୍ଷୀୟ ମାନସିକ ବିକାରଗ୍ରସ୍ତ ଯୁବକଙ୍କୁ ଶନିବାର ରାତିରେ ନିସ୍ତୁକ ମାଡ ହୋଇଛି। ମାଡ ଯୋଗୁଁ ବରଗଡ ଜିଲା ଭେଡେନ ଥାନା ଖଇରିଘିଟିଙ୍ଗ ଗ୍ରାମର ଉକ୍ତ ଯୁବକଙ୍କ ମୁଣ୍ଡ ଫାଟିଛି। ପିଲା ଚୋର ସନ୍ଦେହରେ ତାଙ୍କୁ ମାଡ ହୋଇଛି । ତାଙ୍କ ମାନସିକ ଅବସ୍ଥା ଠିକ୍ ନାହିଁ । ସ୍ଥାନୀୟ ସାନ ଅଙ୍କରିଆ ଗ୍ରାମର ଜଣେ ବୈଦ୍ୟଙ୍କ ନିକଟରେ ଚିକିତ୍ସା ପାଇଁ ସେ ତାଙ୍କ ମା'ଙ୍କ ସହିତ ଆସି ଶନିବାର ସକାଳେ ପହଞ୍ଚି ଥିଲେ। ରାତିରେ ସାନ ଅଙ୍କରିଆରେ ମା' ପୁଅ ଶୋଇଥିବା ବେଳେ ଯୁବକ ଜଣକ ହଠାତ୍ ନିଦରୁ ଉଠି କେଉଁଆଡେ ଚାଲି ଯାଇଥିଲେ। ଅନ୍ଧାରରେ ସେ ନିକଟସ୍ଥ ବଡ ଅଙ୍କରିଆ ଗ୍ରାମର ଦେବରାଜ ପାତ୍ରଙ୍କ ଘରକୁ ପଶି ଯାଇଥିଲେ। ପିଲା ଚୋର ଭାବି ସ୍ଥାନୀୟ ଲୋକେ ତାଙ୍କୁ ମାଡ ମାରିବା ସହ ବାନ୍ଧି ଦେଇଥିଲେ। ସ୍ଥାନୀୟ ପୋଲିସ ତାଙ୍କୁ ଉଦ୍ଧାର କରି ରବିବାର ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି । ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି।

### ୬ ବର୍ଷର ହେଲା ଘର ନାଁଇଁନ
# କର୍ମୀଙ୍କର ଘରେ ଚାଲିଛେ ଅଙ୍ଗନୱାଡି କେନ୍ଦ୍ର

**ବିନିକା, ୧୪।୪ (ଡି.ଏନ୍.ଏ)**

କେନ୍ଦ୍ର ଆର ରାଏଜ୍ ସରକାର ସମନ୍ୱିତ ଶିଶୁ ବିକାଶ ସେବା ଯୋଜନାରେ ଫିବଛର କୋଟି କୋଟି ଟଁକା ସାରୁଛନ୍। ଯୋଜନାରେ ୩ରୁ ୬ ବଛର ଛୁଆକର ମାନସିକ ଆର ବୌଦ୍ଧିକ ବିକାଶ ଲାଗି ପ୍ରିସ୍କୁଲ, ସୁଆସ୍ତିଅ ସେବା, ଟୀକାକରନ, ପୁଷ୍ଟିକର ଖାଏଦ୍, ବହିପତର, ଖେଲନା ଆଦି ସରକାର ଅଙ୍ଗନୱାଡି କେନ୍ଦ୍ରମାନକର ଜରିଆରେ ଯୁଗେଇ ଦେଉଛନ୍। ହେଲେ ପରଶାସନର ଆଁତରିକତା ଅଭାବୁ ଅନେକ ଜାଗାରେ କେନ୍ଦ୍ରର ନିଜର ଘର ନାଁଇଁନ। ସେନ୍ତା ଆରକେତେ କେନ୍ଦ୍ରରେ ବାଡ଼ା, ପିଇଲା ପାଏନ୍ ସୁବିଧା ନାଁଇଁନ। ଏନ୍ତା ଗୁଟେ ଉଦାହରନ୍ ଦେଖିବାକେ ମିଲିଛେ ସୁବର୍ଣ୍ଣପୁର ଜିଲା ବାବୁପାଲି ପଁଚେତ୍ ବାବୁପାଲି ହାଇସ୍କୁଲପଡ଼ା ଅଙ୍ଗନୱାଡି କେନ୍ଦ୍ରରେ।

ସୂଚନା ଅନ୍‌ସାରେ ଆଏଜ୍‌କେ ୬ ବଛର ହେଲା କେନ୍ଦ୍ରର ନିଜର ଘର ନାଁଇଁନ। ଯେନ୍‌ଥିରଲାଗି ଅଙ୍ଗନୱାଡି କର୍ମୀକଁର ଗୁଟେ ଆଜ୍‌ବେଷ୍ଟସ ଘରେ କେନ୍ଦ୍ରଟା ଚାଲିଛେ। କେନ୍ଦ୍ରରେ ବଡ଼ଭାଗୀ




ନିଜର ଘରେ ଚଲେଇଥିବାର ଅଙ୍ଗଡ଼ୱାଡି କେନ୍ଦ୍ର ଆଘେ କର୍ମୀ ଠିଆ ହେଇଛନ୍।

ଆଦିବାସୀ, ହରିଜନ ସମାଜର ୧୦ରୁ ଅଦ୍‌କା ଛୁଆ ପାଠ୍ ପଢୁଛନ୍। ଇଆଡ଼େ ଖରା ଦିନ୍ ଆରମ୍ ହେଇଗଲାନ, ରାଏଜ୍ ସରକାର ଏପ୍ରିଲ ୨ ତାରିଖ୍‌ରୁ ସ୍କୁଲମାନ ସଖାଲୁଆ କରବାକେ ନିରଦେଶ ଦେଇଛନ୍। ଦିନାକେତେ ଗଲେ ସ୍କୁଲମାନକେ ଖରାଛୁଟି ହେବା। ହେଲେ ସମନ୍ୱିତ ଶିଶୁ ବିକାଶ ସେବା ଯୋଜନାରେ ଚାଲୁଥିବାର ଅଙ୍ଗନୱାଡିମାନକର ଖରାଛୁଟି ନାଁଇଁନ। ଇଆଡ଼େ ଅଙ୍ଗନୱାଡି କେନ୍ଦ୍ରର ନିଜର ଘର ନାଇଁଥିବାର ଲାଗି ଅସ୍ତାଇ ହିସାବେ କର୍ମୀକଁର ଗୁଟେ ଆଜବେଷ୍ଟସ ଘରେ ଛୋଟ ଛୋଟ ଛୁଆମାନେ ବଡ଼ା ଗୁଲଗୁଲା ହେଇ ପାଠ୍ ପଢୁଛନ୍। ଖରା ତାତିର ଲାଗି ସଖାଲର ୮ ବାଜ୍‌ଲେ ଘରୁ ବାହାରି ନାଇଁ ହେବାର। ଏନ୍ତାଥି ଛୋଟ ଛୋଟ ଛୁଆମାନେ ଆଜବେଷ୍ଟସ୍ ଘରେ ବସି ପାଠ୍ ପଢ଼ଲାବେଲେ ଲେଲୋଗେଲୋ ହେଇଯାଉଥିବାର ଅଭିଯୋଗ ହେଉଛେ। ଇ ବାବ୍‌ଦେ ଅଙ୍ଗନୱାଡି କେନ୍ଦ୍ରର କର୍ମୀ ତୁଲସୀ ସେଠୀଙ୍କୁ ପଚରାଲାରୁ ଅନେକ ସମିଆରେ ସମସିଆ ବାବ୍‌ଦେ ବିଭାଗୀୟ ଅଧିକାରୀମାନକୁ କହିଛେଁ। ହେଲେ ଆଏଜତକ୍ ସମସିଆର ସମାଧାନ ନାଇଁ ହେଇ। କେନ୍ଦ୍ରର ସବୁଯାକ ଜିନିଷପାତି ମୋର ଘରେ ରହିବାର ଲାଗି ବହୁତ୍ ଅସ୍ୱିଧା ହେଉଛେ। କେନ୍ଦ୍ରର ନିଜର ଘର ହେଲେ ସୁବିଧା ହେତା ବଲି ସେ କହିଥିଲେ। ସେନ୍ତା ଇ ବାବ୍‌ଦେ ବିନିକା ସିଡିପିଓ ଶୋଭାଗିନୀ ହରିପାଲଙ୍କୁ ପଚରାଲାରୁ ବିନିକା ବ୍ଲକ ଅଂଚଲରେ ମିନି ଅଙ୍ଗନୱାଡି କେନ୍ଦ୍ର ତିଆରି ଲାଗି ପ୍ରପୋଜାଲ ତିଆର ନାଇଁ ହେଇ। ସେଥିରଲାଗି ମିନି ଅଙ୍ଗନୱାଡି କର୍ମୀମାନେ ପାସେ ଯଦି କେନ୍ ସରକାରୀ ପ୍ରାଥମିକ ବିଦ୍ୟାଳୟ ଥିବା ସେଠାନେ ଛୁଆମାନକର ପାଠ୍‌ପଢ଼ା ବେବସ୍ତା କରିପାରବେ ବଲି ସେ କହିଥିଲେ।



ବୀରମହାରାଜପୁର ନିକଟବର୍ତ୍ତୀ ରଥପୁରସ୍ଥିତ ଉପକାରାଗାର ପରିସରରେ ଅନୁଷ୍ଠିତ ଆଇନ ସଚେତନତା ଶିବିରରେ ମଞ୍ଚାସୀନ ଅତିଥି।

# ଆଇନ ସଚେତନତା ଶିବିର

**ବୀରମହାରାଜପୁର, ୧୪।୪(ଡି.ଏନ୍.ଏ.)**

ବୀରମହାରାଜପୁର ଆଇନ ସେବା ସମିତି ପକ୍ଷରୁ ରଥପୁରସ୍ଥିତ ଉପକାରାଗାରରେ ଏକ ଆଇନ ସଚେତନତା ଶିବିର ଆନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମିତି ଅଧ୍ୟକ୍ଷ ତଥା ସ୍ଥାନୀୟ ବରିଷ୍ଠ ଦେୱାନୀ ଜଜ୍ ଅବକାଶ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ସଚେତନତା ସଭାର ଆୟୋଜନ କରାଯାଇଥିଲା। ଏଥିରେ ଏସ୍‌ଡିଜେଏମ୍ ବବିତା ଦାଶ, ଓକିଲ ସଂଘ ସମ୍ପାଦକ ଆଡ୍‌ଭୋକେଟ ସନ୍ତୋଷ କୁମାର ଚାନ୍ଦ ଏବଂ ଉପକାରାଗାର ଅଧୀକ୍ଷିକା ଅଳି ପଟେଲ ଅତିଥି ଭାବେ ଯୋଗଦେଇ କଏଦୀମାନଙ୍କ ପାଇଁ ରହିଥିବା ଆଇନଗତ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। କାରାଗାରର ଅନ୍ତେବାସୀମାନଙ୍କ ପାଇଁ ଉଦ୍ଦିଷ୍ଟ ଉକ୍ତ ଶିବିରରେ ମୁଖ୍ୟତଃ ମାମଲା ରୁଜୁ ସକାଶେ ଏତଲା, ଜାମିନ ଓ ଅଭିଯୋଗ ଫର୍ଦ ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏଥି ସହ ଅଭିଯୁକ୍ତ ମାନଙ୍କ ପାଇଁ ରହିଥିବା ଆଇନଗତ ପ୍ରାବଧାନ ନେଇ ସେମାନଙ୍କୁ ସଚେତନ କରାଯାଇଥିଲା। ଉକ୍ତ ଶିବିର ପରିଚାଳନାରେ ଆଇନସେବା ସମିତି ତରଫରୁ ତ୍ରିଦେବ ମିଶ୍ର, ସୁଜିତ ପଧାନ ଓ ସୁବ୍ରତ ନାଏକ ସହଯୋଗ କରିଥିଲେ।

### ଭାଜପା ଏମ୍‌ପି ପ୍ରାର୍ଥିନୀ, ବିଧାୟକଙ୍କ ପାଇଁ ଭୋଟ ଭିକ୍ଷା
# ଅଭିନେତ୍ରୀ ଅନୁ ଚୌଧୁରୀଙ୍କ ରୋଡ୍ ଶୋ

**ବିନିକା,୧୪।୪ (ଡି.ଏନ୍.ଏ.)**

ବୀରମହାରାଜପୁର ନିର୍ବାଚନମଣ୍ଡଳୀରେ ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଏବଂ କଂଗ୍ରେସ ପକ୍ଷରୁ ଯୋରଦାର ପ୍ରଚାର କରାଯାଇଛି। ରବିବାର ଭାଜପାର ବଲାଙ୍ଗୀର ଲୋକ ସଭା ପ୍ରାର୍ଥିନୀ ସଙ୍ଗୀତା କୁମାରୀ ସିଂଦେଓ ଓ ବୀରମହାରଜପୁର ଭାଜପା ବିଧାୟକ ପ୍ରାର୍ଥୀ ରଘୁନାଥ ଜଗଦଲଙ୍କ ସମର୍ଥନରେ ଓଡିଆ ସିନେ ଅଭିନେତ୍ରୀ ଅନୁ ଚୌଧୁରୀ ବିନିକାରେ ପ୍ରଚାର କରିଛନ୍ତି ।

ଏହି ଅବସରରେ ସେ ସହରର ନୂଆଁ ବସ୍‌ଷ୍ଟାଣ୍ଡ, ନୂଆବଜାର, ଦୁର୍ଗା ମଣ୍ଡପ, ନୂଆଁପଡା, ଜୁହ୍ନାପଡା, ଉର୍ଲେ ଏବଂ ଭ୍ରମରପାଲିରେ ରୋଡ୍ ଶୋ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ବିଜୟ ମହାକୁର, ଜିଲା ମିଡିଆ ସେଲ ସଭାପତି କିଶୋର ହୋତା, କଂଗ୍ରେସ ଛାଡି ଭାଜପାରେ ଯୋଗଦେଇଥିବା ଯୁବନେତା ଆଲୋକ ହୋତା, ଭାଜପା ଜିଲା ସାଧାରଣ ସମ୍ପାଦକ ମହେନ୍ଦ୍ର ମହାନନ୍ଦ, ଓମ୍‌ପ୍ରକାଶ ଅଗ୍ରୱାଲ,ବିନିକା ନଗର ଭାଜପା ସଭାପତି ଭରତ ହୋତା, ବିଶ୍ୱଦେବ ବଡପଣ୍ଡା, ସମ୍ପିତ୍ ନେପାକ, ଭାଜପା ଚରଦେଇ ମଣ୍ଡଳ ସଭାପତି ତ୍ରିଲୋଚନ ବିଶି, ଦୁର୍ଗା ଭୋଇ, କ୍ଷେତ୍ର ମୋହନ ମହାକୁର, ବିଜୟ ରଞ୍ଜନ ଦାଶ, ବାବୁଲୁ ବିଶି ଓ ସୁଶାନ୍ତ ମହାଲିଙ୍ଗ ପ୍ରମୁଖଙ୍କ ସହ ସହସ୍ରାଧିକ ଭାଜପା କର୍ମୀ ରୋଡ୍ ଶୋରେ ସାମିଲ ଥିଲେ ।



ଭାଜପା ବିଧାୟକ, ଏମ୍‌ପି ପ୍ରାର୍ଥୀଙ୍କ ପାଇଁ ସିନେ ଅଭିନେତ୍ରୀ ଅନୁ ଚୌଧୁରୀଙ୍କ ରୋଡ୍ ଶୋ ।

# ସାମାଜିକ ବିପ୍ଳବର ମହାନାୟକ ଥିଲେ ବି.ଆର. ଆମ୍ବେଡକର

**ସୋନପୁର,୧୪।୪ (ନି.ପ୍ର.)**

ଭାରତୀୟ ସମ୍ବିଧାନର ପ୍ରଣେତା, ବିଶିଷ୍ଟ ସମାଜସେବୀ, ଶିକ୍ଷାବିତ୍ ଓ ଆଇନଜ୍ଞ ଭାରତରତ୍ନ ଡକ୍ଟର ଭୀମରାଓ ଆମ୍ବେଡକରଙ୍କ ୧୨୮ତମ ଜୟନ୍ତୀ ସୁବର୍ଣ୍ଣପୁର ଜିଲା ପ୍ରଶାସନ ପକ୍ଷରୁ ରବିବାର ପାଳିତ ହୋଇଯାଇଛି। ସକାଳେ ସହରର ଆମ୍ବେଦକର ଛକଠାରେ ଥିବା ଡଃ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀରେ ଅତିଥି ଓ ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ସାମୂହିକ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଜିଲାପାଳ ମଧୁସୂଦନ ମିଶ୍ର ଯୋଗଦେଇ ବାବାସାହେବ ଦେଶର ସାମାଜିକ ବିପ୍ଳବର ମହାନାୟକ ଥିଲେ। ନିଜର ସାରାଜୀବନ ଦଳିତ, ଅବହେଳିତ, ଗରିବ, ଅନୁସୂଚିତ ଓ ସବୁ ଶ୍ରେଣୀର ନିଷ୍ପେଷିତ ଜନସାଧାରଣଙ୍କ ଅଧିକାର ପାଇଁ ସେ ସଂଗ୍ରାମ କରିଥିଲେ। ତାଙ୍କ କାର୍ଯ୍ୟାବଳୀ ଥିଲା ଶୋଷଣହୀନ ସମାଜ ପ୍ରତିଷ୍ଠା ବୋଲି କହିଥିଲେ। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଏସ୍‌ପି ଦେବୀପ୍ରସାଦ ଦାଶ, ସୋନପୁର ଉପଜିଲାପାଳ ବଳରାମ ମଲ୍ଲିକ, ଜିଲା କ୍ରୀଡା ଅଧିକାରୀ ଶରତ ଚନ୍ଦ୍ର ନନ୍ଦ ଓ ଡିଆଇପିଆରଓ ହରି ଚରଣ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।



ଜିଲାପାଳ, ଏସ୍‌ପି, ଅତିରିକ୍ତ ଜିଲାପାଳ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି।



ହନୁମାନ ଜୟନ୍ତୀ ଅବସରରେ ସହରରେ ଅନୁଷ୍ଠିତ ଝଣ୍ଡା ଶୋଭାଯାତ୍ରା ।

# ଅଷ୍ଟ ହନୁମାନ ପୀଠରେ ସ୍ୱତନ୍ତ୍ର ପୂଜା

**ସୋନପୁର,୧୪।୪ (ନି.ପ୍ର.)**

**ସୁବର୍ଣ୍ଣପୁରରେ ଓଡ଼ିଆ ନବବର୍ଷ**

ଓଡିଆ ନବବର୍ଷ ତଥା ପବିତ୍ର ମହାବିଷୁବ ସଂକ୍ରାନ୍ତି ସୁବର୍ଣ୍ଣପୁର ଜିଲାର ପୁରପଲ୍ଲୀରେ ପାଳିତ ହୋଇଯାଇଛି। ଲୋକେ ପରିବାରର ମଙ୍ଗଳ କାମନା କରି ବିଭିନ୍ନ ଦେବା ଦେବୀଙ୍କ ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରିଛନ୍ତି। ରବିବାର ସକାଳଠାରୁ ସୋନପୁରର ଅଷ୍ଟଚଣ୍ଡୀ-ସୁରେଶ୍ୱରୀ, ରାମଚଣ୍ଡୀ, ଭଗବତୀ, ଖମ୍ବେଶ୍ୱରୀ, ବିମଳାକ୍ଷୀ, ନାରାୟଣୀ, ସମଲେଶ୍ୱରୀ ଓ ଦଶମତୀ ପୀଠ, ଅଷ୍ଟଶମ୍ଭୁ-ସୁବର୍ଣ୍ଣମେରୁ, ରାମେଶ୍ୱର, ପଶ୍ଚିମ ସୋମନାଥ, ଗୋକର୍ଣ୍ଣେଶ୍ୱର, ସିଦ୍ଧେଶ୍ୱର, ଲୋକନାଥ, ରୁଦ୍ରନାଥ ଓ ବାଲୁଙ୍କେଶ୍ୱର ପୀଠ ଏବଂ ଅଷ୍ଟବିଷ୍ଣୁ ଗୋପାଳଜୀଉ, ଦେବାର୍ଚ୍ଚନ ଗୋପାଳଜୀଉ, ଜଗନ୍ନାଥ, ନୃସିଂହନାଥ, ଦଧିବାମନ, ରାମଜୀ, ଗୋପିନାଥ ଓ ବୃନ୍ଦାବନ ବିହାରୀଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ସେହିପରି ହିନ୍ଦୁମାନଙ୍କର ଏକ ପ୍ରମୁଖ ପର୍ବ ହନୁମାନ ଜୟନ୍ତୀ ଜିଲାର ବିଭିନ୍ନ ସ୍ଥାନରେ ଭକ୍ତିର ସହ ପାଳିତ ହୋଇଯାଇଛି । ସୋନପୁର ସହରର ଅଷ୍ଟ ହନୁମାନଙ୍କ ପୀଠରେ ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହୋଇଥିଲା।

ବଡ ହନୁମାନ, ଧାର ହନୁମାନ, ଝାର ହନୁମାନ, ଘର ହନୁମାନ, ପର ହନୁମାନ, ବାଟ ହନୁମାନ, ଗଡ ହନୁମାନ ଓ ଘାଟ ହନୁମାନ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ସହର ସାରା ଗୈରିକ ଝଣ୍ଡା ଲାଗିଥିଲା ବେଳେ ସକାଳେ ଏକ ଝଣ୍ଡା ଶୋଭାଯାତ୍ରା ସ୍ପିନିଂ ମିଲ୍‌ସ୍ଥିତ ବାଲାଜି ମନ୍ଦିରରୁ ବାହାରି ସହର ପରିକ୍ରମା କରିଥିଲା। ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ବଜରଙ୍ଗ ଦଳର କର୍ମକର୍ତ୍ତା ବାଇକ୍ ଶୋଭାଯାତ୍ରାରେ ଝଣ୍ଡା ଧାରଣ କରି ଶ୍ରୀରାମ ଓ ହନୁମାନଙ୍କ ଜୟଧ୍ୱନି ଦେଇଥିଲେ। ମନ୍ଦିରମାନଙ୍କରେ ହନୁମାନ ଚାଳିଶା ପାଠ କରାଯାଇଥିଲା। ସନ୍ଧ୍ୟାରେ ମଝିପଡାସ୍ଥିତ ଫକୀର ପଟ୍ଟନାୟକ ଛକରେ ଆଖଡା ଖେଳ ପ୍ରଦର୍ଶନ ହୋଇଥିଲା। ବିଭିନ୍ନ ଧର୍ମାନୁଷ୍ଠାନ ମାନଙ୍କରେ ଲୋକମାନଙ୍କୁ ପଣା ପ୍ରଦାନ କରା ଯାଇଥିଲା। ବଜରଙ୍ଗ ଦଳ ପକ୍ଷରୁ ଆୟୋଜିତ ଝଣ୍ଡା ଶୋଭାଯାତ୍ରାରେ ସଭାପତି ଜିତୁ ବଡମାଲି, ଅରବିନ୍ଦ ବାରିକ, ବଳଦେବ ପ୍ରସାଦ ବେଦ୍‌ବାକ, ହିମାଂଶୁ ଗଡତିଆ, ଦୀପକ ମହାପାତ୍ର, ରଜତ ଅଗ୍ରୱାଲା, ରାମଶଙ୍କର ଭୋଇ, ରାମଭଗତ ଷଡଙ୍ଗୀ, ସୁବାଷ ପଣ୍ଡା, ତ୍ରିଲୋଚନ ତରିଆ, ପିଣ୍ଟୁ ପଣ୍ଡା, ସଞ୍ଜୟ ମହାପାତ୍ର ପ୍ରମୁଖ ନେତୃତ୍ୱ ନେଇଥିଲେ ।

# ଜନ୍ମତିଥିରେ ଆମ୍ବେଡକରଙ୍କ ସ୍ମୃତିଚାରଣ

**ଡୁଙ୍ଗୁରିପାଲି, ୧୪।୪ (ଡି.ଏନ.ଏ.)**

ଡୁଙ୍ଗୁରିପାଲି ସହରରସ୍ଥିତ ଏସଏସଟି ମାର୍କେଟ କମ୍ପ୍ଲେକ୍ସରେ ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଆମ୍ବେଡକରଙ୍କ ୧୨୮ତମ ଜୟନ୍ତୀ ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି । ଲକ୍ଷ୍ମଣ ଭରାସାଗରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବାବା ସାହେବଙ୍କ ଜୀବନୀ ଉପରେ ଆଲୋଚନା କରାଯାଇଥିଲା। ଏଥିରେ ଟଙ୍କଧର ମେହେର, ପୁରନ୍ଦର କୁମ୍ଭାର, କୁଶ ଦୀପ, ଦୈତୁରା ଦୀପ, କୈଳାସ ତାଣ୍ଡି, ରାକେଶ ସେଠ, ଅଜିତ କୁମାର ବଗର୍ତ୍ତି, ରାମକୁମାର ନାଗ, ବିଦ୍ୟାଧର କୁମ୍ଭାର ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ । ଶେଷରେ ଦୀନବନ୍ଧୁ ସୁନା ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ନିର୍ବାଚନ ପାଇଁ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

**ଉଲୁଣ୍ଡା, ୧୪।୪ (ଡି.ଏନ.ଏ.)**

ଆଉ ଚାରିଦିନ ପରେ ସାଧାରଣ ନିର୍ବାଚନ। ନିର୍ବାଚନକୁ ଶାନ୍ତିଶୃଙ୍ଖଳା ଏବଂ ଅପରାଧମୁକ୍ତ କରିବା ପାଇଁ ରବିବାର ଉଲୁଣ୍ଡା ପୋଲିସ ତରଫରୁ ଫ୍ଲାଗମାର୍ଚ୍ଚ କରାଯାଇଛି। ସ୍ଥାନୀୟ ଆଇଆଇସି ବଧୂଭୂଷଣ ପୁଟାଙ୍କ ନେତୃତ୍ୱରେ ଝାରବାହାଲିଠାରୁ ବାହାରି ମାଟିଖାଇ ଛକ, ଗଣ୍ଡାବାହାଲ, ବ୍ଲକଛକ ଦେଇ ଉଲୁଣ୍ଡା ଟାଉନ ପର୍ଯ୍ୟନ୍ତ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ଏଥିରେ ଏସଏସବି ଏବଂ ଉଲୁଣ୍ଡା ପୋଲିସ ସାମିଲ ହୋଇଥିଲେ।

# ଗ୍ରାମବାସୀଙ୍କୁ ଭେଟିଲେ ବିଡିଓ, ତହସିଲଦାର

**ବିନିକା,୧୪।୪ (ଡି.ଏନ୍.ଏ.)**

ସୁବର୍ଣପୁର ଜିଲା ପ୍ରଶାସନଙ୍କ ନିର୍ଦ୍ଦେଶକ୍ରମେ ରବିବାର ସର୍ଗୁଣା ଗ୍ରାମବାସୀଙ୍କ ଦ୍ୱାରସ୍ଥ ହେଲେ ବିନିକା ବିଡିଓ ବିଶ୍ୱ ରଞ୍ଜନ ମଲ୍ଲିକ ଏବଂ ବିନିକା ତହସିଲଦାର ଅଲେଖ ଘୁଟା। ବିନିକା ତହସିଲଦାରଙ୍କ ସୂଚନା ଅନୁସାରେ କିଛିଦିନ ପୂର୍ବେ ସର୍ଗୁଣା ଗ୍ରାମବାସୀ ଗାଁରେ ରହିଥିବା ପୋଖରୀ ଏବଂ ଗ୍ରାମୀଣ ରାସ୍ତା ସମସ୍ୟା ନେଇ ଚଳିତ ନିର୍ବାଚନରେ ଭୋଟବର୍ଜନ କରିବୁ ବୋଲି ଚେତାବନୀ ଥିଲେ । ଗାଁରେ ଥିବା ସମସ୍ୟାର ସମାଧାନ ହେଲେ ମତଦାନ କରିବୁ ଦେବୁ ବୋଲି ଉଲ୍ଲେଖ କରିଥିଲେ । ଏ ନେଇ ରବିବାର ବିନିକା ବିଡିଓ ଗାଁରେ ଥିବା ପୋଖରୀର ପନରୁଦ୍ଧାର ଓ ପଙ୍କୋଦ୍ଧାର ପାଇଁ ଆସିଷ୍ଟାଣ୍ଡ ଇଞ୍ଜିନିୟରଙ୍କୁ ଏଷ୍ଟିମେଟ୍ ପ୍ରସ୍ତୁତି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବର୍ଷାରତୁ ପୂର୍ବରୁ ଗାଁର ସମସ୍ତ ସମସ୍ୟାର ସମାଧାନ କରିବା ପାଇଁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଏଥିସହ ଚଳିତ ସାଧାରଣ ନିର୍ବାଚନରେ ସମସ୍ତେ ସାମିଲ ହେବାକୁ ଗ୍ରାମବାସୀଙ୍କୁ ଅନୁରୋଧ କରିଥିଲେ ।

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

FINANCE
ACB ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେ ବସି ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Saharaganj Mall, Shahnajaf Rd, Lucknow, Uttar Pradesh 226001
9058692160
7467886694

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Dhanlaxmi Finance
(Registration- BG8855CH8814)
ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ପର୍ସନାଲ, ସବୁ ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। 2% ସୁଧ, 40% ରିହାତି ସହିତ। ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି।
Helpline:
9499135756
Sadheisasan, Anakhia, Jagatsinghpur, Odisha. PIN-754102

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଇ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

FINANCE
ସ୍ୱୀକୃତୀପ୍ରାପ୍ତ ମୁଦ୍ରା ଯୋଜନା ଦ୍ୱାରା ମାର୍କସିଟ, କୃଷି, ଆଧାରକାର୍ଡ, ସମ୍ପତି, ଗୃହ ଓ ବ୍ୟକ୍ତିଗତ, BPL ଋଣ ମାତ୍ର ୪୫୦/- ଟଙ୍କାରେ ଘରେ ବସି ପାଆନ୍ତୁ।
ବାର୍ଷିକ 1% ସୁଧ 50% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
8698663544
8956667461

ଲକ୍ଷ୍ମୀ ଫାଇନାନ୍ସ (ରେଜି.)
କମ୍ପାନୀ ସବୁ ସରକାରୀ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗାଡ଼ି ଏବଂ ସମସ୍ତ ଋଣ ମାତ୍ର ୧୮ ଘଣ୍ଟାରେ, ୨% ସୁଧ, ୫୦% ରିହାତି।
(ମହିଳାଙ୍କୁ ବିଶେଷ ରିହାତି)
9511074590
9511074774
H.No. 249, Vill- SISWALA, Teh.- DADRI, Dist.- BHIWANI

ଭାରତର ନଂ.୧
INDUS NETWORK COMPANY
(Govt. Regd.) ଦ୍ୱାରା ନିଜର ଖାଲି ପଡ଼ିଥିବା ଜମିରେ ଡିଜିଟାଲ୍ ନେଟ୍‌ୱର୍କ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ୭୦ ଲକ୍ଷ ଆଡ୍‌ଭାନ୍ସ + ୭୦,୦୦୦ ଭଡ଼ା + ଏଗ୍ରିମେଣ୍ଟ + ୧ ବାଇକ୍ ।
Helpline Numbers
9430834074
8709556494
House No.267, Friends Colony, New Delhi-6



ତ୍ୟାଗ ଜୀବନର ମୂଳ ଲକ୍ଷ୍ୟ ହେଉ। ତ୍ୟାଗ ନ କଲେ ଏହି ଗଭୀର ଜୀବନ ସମସ୍ୟାର ରହସ୍ୟ ଭେଦ କରିପାରିବ ନାହିଁ।
-ସ୍ୱାମୀ ବିବେକାନନ୍ଦ

**ସଂକ୍ଷେପରେ**



## ମଦ ଜବତ, ୨ ଗିରଫ

ବରଗଡ଼ ଅଫିସ୍,୧୪।୪: ବରଗଡ଼ ଟାଉନ ଥାନା ପୋଲିସ କଟାପାଲି ଗ୍ରାମର ଏକ କିରାନା ଦୋକାନରେ ଚଢ଼ାଉ କରି ୭୨ ବୋତଲ ବିଦେଶୀ ଜବତ କରିଛି । ଏହା ସହିତ ଏଥିରେ ସମ୍ପୃକ୍ତ ୨ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଦୁଇ ଭାଇ ମନୋଜ ସାହୁ ଓ ସୁଶୀଲ ସାହୁ । ସେମାନଙ୍କ ବିରୋଧରେ ଏକ ମାମଲା (ନଂ.୧୯୬/୨୦୧୯) ରୁଜୁ ହୋଇଛି । ଗିରଫ ଦୁଇ ଭାଇଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବରଗଡ଼ ସବଜେଲ ହାଜତକୁ ପଠାଇ ଦିଆଯାଇଛି । ଏସଆଇ ଅନିତା କୁଜୁରଙ୍କ ନେତୃତ୍ୱରେ ଏକ ଟିମ୍ ଏହି ଚଢ଼ାଉ କରିଥିଲା ।

## ବାସନ୍ତିକ ଦୁର୍ଗାପୂଜା ଉଦ୍ଯାପିତ

ଭେଡ଼େନ, ୧୪।୪ (ଡ଼ି.ଏନ.ଏ) : ଭେଡ଼େନ ବ୍ଲକ କୁବେଡ଼େଗାଠାରେ ୯ ଦିନ ଧରି ଚାଲିଥିବା ବାସନ୍ତିକ ଦୁର୍ଗାପୂଜା ମହୋତ୍ସବ ରବିବାର ଅପରାହ୍ନ ୩ଟାରେ ପୂର୍ଣ୍ଣାହୁତି ସହ ଉଦ୍ଯାପିତ ହୋଇଛି। ଏଥିରେ ସୁବୋଧ ଶତପଥି କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ପଣ୍ଡିତ ଦେବବ୍ରତ କର ପୁରୋହିତ ଦାୟିତ୍ୱ ତୁଲାଇଥିଲେ । ସନ୍ଧ୍ୟାରେ ଚାଲିଥିବା ମୁକ୍ତମଞ୍ଚ କାର୍ଯ୍ୟକ୍ରମରେ ଅଙ୍ଗଦ ଶକ୍ତି ପରୀକ୍ଷା, କୁମ୍ଭକର୍ଣ୍ଣ ବଧ, ଲକ୍ଷ୍ମଣ ଶକ୍ତିଭେଦ ଆଦି ମଞ୍ଚସ୍ଥ ହୋଇଥିଲା। ଏଥିରେ ରାବଣ ଭୂମିକାରେ ହୃଷିକେଶ ଭୋଇ ଅଭିନୟ କରୁଛନ୍ତି।

## ଜାମଟିକ୍ରାରେ ହନୁମାନ ଜୟନ୍ତୀ

ଜାମଟିକ୍ରା, ୧୪।୪ (ଡି.ଏନ.ଏ): ଅତାବିରା ବ୍ଲକ ଜାମଟିକ୍ରା ଗଉଡପଡାରେ ରବିବାର ପାରମ୍ପରିକ ରୀତିନୀତି ଅନୁସାରେ ମହାବୀର ହନୁମାନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅପରାହ୍ନରେ ହନୁମାନ ଚାଳିଶା ପାଠ କରାଯାଇଥିଲା । ଏଥିରେ ସ୍ୱାଧୀନ ନାଗ ଓ ରାଜୀନ୍ଦ୍ର କଠାର ପୂଜାକର୍ତ୍ତା ଥିଲେ । ସନ୍ଧ୍ୟାରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ସୁଦୀକ୍ଷା ନାଗ, ସୌମ୍ୟାଶ୍ରୀ କଠାର, ଆରବ ନାଗ, ଅନ୍ନପ ନାଗ, ଟିଂଟୁ ନାଗ, ନୀକିତା କଠାର ସହଯୋଗ କରିଥିଲେ।

## କେନ୍ଦୁକାଠ ବୋଝେଇ ଟ୍ରକ୍ ଜବତ

ପଦ୍ମପୁର, ୧୪।୪ (ଡି.ଏନ.ଏ): ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡର ଲଖମରା କଲେଜ ଛକ ସ୍ଥିତ ବନ ତନଖି ଫାଟକରେ କେନ୍ଦୁଗଣ୍ଡି ବୋଝେଇ ଟ୍ରକ୍‌କୁ ଜବତ କରାଯାଇଛି । ଉକ୍ତ ଟ୍ରକ (ନଂ.ସିଜି୧୭ଏଚ/୦୪୬୩)ରେ ବଲାଙ୍ଗୀର ଜିଲାର କଣ୍ଟାବାଞ୍ଜି ଅଞ୍ଚଳରୁ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଶୁଖିଲା କେନ୍ଦୁଗଣ୍ଡି ବୋଝେଇ କରି ଛତିଶଗଡର ରାୟପୁରକୁ ଯାଉଥିଲା। ପଦ୍ମପୁର ରେଞ୍ଜର ପ୍ରମୋଦ ସାହୁ, ଫରେଷ୍ଟର ସୁଶାନ୍ତ ଦାସ ଓ ଷ୍ଟାଫ ଜବତ ଟ୍ରକ୍‌କୁ ସତୀଭଟା ସିଜର ୟାର୍ଡକୁ ନେଇଥିବା ଜଣାପଡିଛି ।

## ଆମର ଭୋଟ ଚେତନା ଚୋଟ

ଜାମଟିକ୍ରା, ୧୪।୪ (ଡି.ଏନ.ଏ): ଅତାବିରା ବ୍ଲକ କୁଲୁଣ୍ଡା ଗାଁରେ ବସନ୍ତ ଉତ୍ସବ କମିଟି ତରଫରୁ ଆମର ଭୋଟ ଚେତନା ଚୋଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ନିର୍ମଳ ପଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସଭାପତିତ୍ୱ କରିଥିଲେ ଶିକ୍ଷକ ଭରତ ପଧାନ । ଲକ୍ଷ୍ମଣ ସୁନା କବିମାନଙ୍କ ପରିଚୟ ପ୍ରଦାନ କରିଥିଲେ। କବିତା ସଂଯୋଜନା କରିଥିଲେ ସୁଶୀଲ ସାହୁ । କବି ସୁବାଷ ଭୁଏ, ରାକେଶ କୁମାର ମେହେର, ସରୋଜ ରଥ, ଲକ୍ଷ୍ମଣ ସୁନା, ପ୍ରଫୁଲ୍ଲ ସାହୁ, ଲକ୍ଷ୍ମଣ ମଲ୍ଲିକ, ସୁଶୀଲ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ନିଜର କବିତା ମାଧମରେ ବର୍ତ୍ତମାନ ସମାଜରେ ଭୋଟ ଏକ ପଣ୍ୟଦ୍ରବ୍ୟ ହେଲାଣି । କୌଣସି ସାମଗ୍ରୀରେ ପ୍ରଲୋଭିତ ନ ହୋଇ ଯିଏ ସବୁବେଳେ ଦୁଃଖସୁଖ ବୁଝିବ ସେଭଳି ନେତାଙ୍କୁ ଭୋଟ ଦେବା ପାଇଁ ସେମାନେ ଲୋକଙ୍କୁ ସଚେତନା କରିଥିଲେ । ଅତାବିରା ବହି ହାଟର ସଭାପତି ହିରପ୍ରସାଦ ପ୍ରଧାନ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଶେଷରେ ଭରତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

■ ବରଗଡ଼ରେ ଗଣବିବାହ

# ଫୁଲମାଳାରେ ବାଛିଲେ ଜୀବନସାଥୀ

ବରଗଡ଼ ଅଫିସ୍,୧୪।୪

ବିବାହରେ ନ ଥିଲା ଯାନି ଯୌତୁକ। ଫୁଲମାଳ ବିନିମୟରେ ବରକନ୍ୟା ବିବାହ ବନ୍ଧନରେ ଆବଦ୍ଧ ହୋଇ ପରସ୍ପରକୁ ଜୀବନସାଥୀ ଭାବେ ବାଛି ନେଇଥିଲେ। ବରଗଡ଼ ଗାନ୍ଧୀଛକ କଲ୍ୟାଣ ମଣ୍ଡପରେ ରବିବାର ଏଭଳି ଏକ ଗଣବିବାହ ଅନୁଷ୍ଠିତ ହୋଇଯାଇଛି। ଆମ୍ବେଦକର ଜୟନ୍ତୀ ଅବସରରେ ସ୍ଥାନୀୟ ବାବା ସାହେବ ଡକ୍ଟର ବି. ଆର ଆମ୍ବେଦକର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୩ଯୋଡ଼ି ବରକନ୍ୟାଙ୍କ ବିବାହ ସମ୍ପନ୍ନ ହୋଇଥିଲା ।

କାର୍ଯ୍ୟକ୍ରମ ଆରମ୍ଭରୁ ଡଃ ଆମ୍ବେଦକରଙ୍କ ପ୍ରତିଛବିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା । ଏହାପରେ ବରକନ୍ୟା ପୃଥକ୍ ରିକ୍ସାରେ ବସି ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଶୋଭାଯାତ୍ରାରେ ବାଜୁଥିବା ଦୁଲଦୁଲି ବାଜାରେ ସହର କମ୍ପି ଉଠିଥିଲା। ସହର ପରିକ୍ରମା ପରେ ବରକନ୍ୟା ପୁଣି କଲ୍ୟାଣ ମଣ୍ଡକୁ ଫେରିଥିଲେ



ଗଣବିବାହରେ ବରକନ୍ୟାଙ୍କ ଶୋଭାଯାତ୍ରା ।

ଏବଂ ସେଠାରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଖୁଣ୍ଟପାଲିର ଦିଲୀପ ସୁନା ଏବଂ କଲାହାଣ୍ଡିର ଲିଙ୍ଗରାଜ ଆଜାଦ ସସ୍ତ୍ରୀକ ବର ଓ କନ୍ୟା ପିତାମାତା କାର୍ଯ୍ୟ ସମ୍ପାଦନ କରିଥିଲେ। ଏଥିରେ ବାଳକୃଷ୍ଣ ନାଗ ମୁଖ୍ୟଅତିଥି, ଜୟଶ୍ରୀ ସାହୁ ମୁଖ୍ୟବକ୍ତା ଏବଂ ମନୋରଞ୍ଜନ ସାହୁ, ଚାଷୀନେତା ଲିଙ୍ଗରାଜ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦାନ କରିଥିଲେ। ଉର୍କୁଲୁ ତାଣ୍ଡି ସଭାପତିତ୍ୱ କରିଥିଲେ। ଗଣବିବାହର ସଂସ୍ଥାପକ ପବିତ୍ର ଦେହେରୀଙ୍କ ସମେତ ଟ୍ରଷ୍ଟର ଚେୟାରମ୍ୟାନ ଗୁଣମଣି ସୁନାନୀଙ୍କ ସ୍ତ୍ରୀ ସନ୍ତୋଷିନୀ, ପରମେଶ୍ୱର ଲୁହା, ବିନୋଦ ବାବା, ଜେଠୁ ଭୋଇ, ଗଙ୍ଗାଧର ବିଭାର ପ୍ରମୁଖ ଉପସ୍ଥିତ ଥିଲେ । ମାରିୟମ ବାର୍ଲା, ଭବାନୀ ସାହୁ, ରମେଶ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅମ୍ବାଭୋନାରେ ବିଜେଡିର ରୋଡ ଶୋ

ଅମ୍ବାଭୋନା, ୧୪।୪ (ଡି.ଏନ.ଏ)

ଭଟଲି ବିଧାନସଭା କ୍ଷେତ୍ର ଅଧୀନ ଅମ୍ବାଭୋନାରେ ବିଜେଡି ପ୍ରାର୍ଥୀ ସୁଶାନ୍ତ ସିଂ ମାରାଥନ ପ୍ରଚାର କରିଛନ୍ତି । ସେ ବାଇକ ଶୋଭାଯାତ୍ରା ଓ ରୋଡ ଶୋ ସାଙ୍ଗକୁ ବିଭିନ୍ନ ସ୍ଥାନରେ ସଭା ସମିତି କରି ଭୋଟ୍‌ଭିକ୍ଷା କରୁଛନ୍ତି । ବ୍ୟାନର ପୋଷ୍ଟର ସାଙ୍ଗକୁ ମାଲମାଲ ନେତା ଭୋଟରଙ୍କୁ ମନେଇବା ପାଇଁ ଉଦ୍ୟମ ଚଳାଇଛନ୍ତି । ତୃତୀୟ ଥର ଭଟଲି ବିଧାନସଭା କ୍ଷେତ୍ରକୁ ହାତେଇବା ପାଇଁ ସୁଶାନ୍ତ ସିଂ ଜୋରଦାର ଉଦ୍ୟମ ଚଳାଇଛନ୍ତି । ଅମ୍ବାଭୋନା, ଭୁକ୍ତା, ଡୁଙ୍ଗୁରୀ, ଭଟଲି, ଉଦେପାଲି, ସୋହେଲା, ଘେଁସ, ଲୁହୁରାଚଟି ଆଦି ସ୍ଥାନରେ କାର୍ଯ୍ୟାଳୟ ଖୋଲି ବିଜେଡି ପ୍ରାର୍ଥୀ ଭୋଟରଙ୍କ ନିକଟତର ହେବାକୁ ଉଦ୍ୟମ ଜାରି ରଖିଛନ୍ତି । ସୂଚନାଯୋଗ୍ୟ, ଭଟଲି ବିଧାନସଭା ଅଧୀନ ଅମ୍ବାଭୋନା, ଭଟଲି ଏବଂ ସୋହେଲା ଆଦି ତିନୋଟି ବ୍ଲକର ୨୯୧ ବୁଥରେ ୨ ଲକ୍ଷ ୨୩ ହଜାର ୧୨୬ ଜଣ ମତଦାତା ପ୍ରାର୍ଥୀମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ । ଅମ୍ବାଭୋନା ବ୍ଲକରୁ ୭୨ ବୁଥରୁ ୫୧ ହଜାର ୬ ଶହ, ଭଟଲି ବ୍ଲକର ୮୮ ବୁଥରୁ ୬୮ ହଜାର ୯ଶହ ଏବଂ ସୋହେଲା ବ୍ଲକର ୧୩୧ ବୁଥରୁ ୧ଲକ୍ଷ ୨ ହଜାର ୬ଶହ ୨୬ ଭୋଟର ମତଦାନ ସାବ୍ୟସ୍ତ କରିବେ ।

# ଟାମ୍ପରସରା କୁଆଁରପାଟ ମହୋତ୍ସବ ଉଦ୍ଯାପିତ

ଅତାବିରା, ୧୪।୪ (ଡି.ଏନ.ଏ)

ଅତାବିରା ବ୍ଲକ ଅନ୍ତର୍ଗତ ଟାମ୍ପରସରା କୁଆଁରପାଟ ମହୋତ୍ସବ ରବିବାର ଉଦ୍ଯାପିତ ହୋଇଯାଇଛି । ଚୈତ୍ର ତିଥିଠାରୁ ଏହି କୁଆଁର ପାଟଯାତ୍ରା ଆରମ୍ଭ ହୋଇ ୯ଦିନ ଶୁକ୍ଳ ପ୍ରତିପଦା ପର୍ଯ୍ୟନ୍ତ ଚାଲିଥିଲା । ଓଁକାର ପ୍ରସାଦ କର, ସୁନୀଲ ସେଟି, ୱେଲେରି ଏଙ୍କଟ ରାଓ, ରାଜୀବ ବିଶ୍ୱାଳ, ଅଶ୍ୱିନୀ ବିଶ୍ୱାଳ, ନିରଞ୍ଜନ ସେଟ କର୍ତ୍ତା ଥିଲେ । ପୂଜକ ଭାବେ ପଣ୍ଡିତ ପ୍ରବୀଣ କୁମାର ମିଶ୍ର, ଦୀପକ ହୋତା ହୋମଯଜ୍ଞ କରିଥିଲେ। ସୁନା ବାବୁ, ସୁଶାନ୍ତ ବିଶ୍ୱାଳ, ରମେଶ ଛନ୍ଦ, ମଞ୍ଜନ ବିଶ୍ୱାଳ, ଅଶୋକ ଦାଶ, ଆଦିତ୍ୟ ବିଶ୍ୱାଳ, କୃଷ୍ଣଚନ୍ଦ୍ର ନାଥ, ଅଶୋକ ଦାଶ ପ୍ରମୁଖ ଗ୍ରାମବାସୀ ସହଯୋଗ କରିଥିଲେ ।

# ଆମ୍ବେଡକର ଜୟନ୍ତୀରେ ବାଇକ୍ ରାଲି

ବରଗଡ଼ ଅଫିସ୍,୧୪।୪

ବରଗଡ଼ ସହର ଉପକଣ୍ଠ ଘୁଲିପାଲି ଛକଠାରେ ରବିବାର ଡକ୍ଟର ବି. ଆର୍ ଆମ୍ବେଦକରଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଡଃ ଆମ୍ବେଦକର ଯୁବାସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସମାରୋହ ଅବସରରେ ଏକ ବାଇକ୍ ରାଲି ହୋଇଥିଲା। ସଂଘ ସଭାପତି ସୁରେନ୍ଦ୍ର ତାଣ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ସମାରୋହରେ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି, ଆନ୍ଧ୍ରବ୍ୟାଙ୍କ ମ୍ୟାନେଜର ରଶ୍ମିରଞ୍ଜନ ସୁନା, ସିନିୟର ଆଡ଼ଭୋକେଟ୍ ଦେବଦତ୍ତ ମିଶ୍ର, ସାମାଜିକ କର୍ମୀ ଚନ୍ଦ୍ରଶେଖର ବାଗ, ବିକ୍ରମ ଛତର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସଂଘର ଉପସଭାପତି ରାଜା ସୁନା, କୋଷାଧ୍ୟକ୍ଷ ବାଳମୁକୁନ୍ଦ ଜଗଦଲା, ସହ ସମ୍ପାଦକ ଅଚ୍ୟୁତ ସର, ସଂଯୋଜକ ବିଜୟ ମହାନନ୍ଦ,



ବରଗଡ଼ରେ ଅନୁଷ୍ଠିତ ଆମ୍ବେଡ଼କର ଜୟନ୍ତୀ ସମାରୋହରେ ଅତିଥି ଓ ଆୟୋଜକବୃନ୍ଦ ।

କମଳ ତାଣ୍ଡି, ଯୁଧିଷ୍ଠିର ବିଭାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସଂଘର ସମ୍ପାଦକ ଅଭିମନ୍ୟୁ ଭୋସାଗର ଧନ୍ୟବାଦ ଅର୍ପଣ କରିଥିଲେ।

**ପଦ୍ମପୁର, (ଡି.ଏନ.ଏ):** ପଦ୍ମପୁରରେ ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ. ଭୀମରାଓ ଆମ୍ବେଡ଼କରଙ୍କ ପୁଣ୍ୟ ଜନ୍ମତିଥି ମହାସମାରୋହରେ ପାଳିତ ହୋଇଛି । ମୂଳନିବାସୀ ଛାତ୍ର ଓ ଯୁବ ସାମ୍ମୁଖ୍ୟ ଏବଂ ଡ. ବିଆର ଆମ୍ବେଡ଼କର ଯୁବକ ସଂଘ ନେତୃତ୍ୱରେ ଏହି ପବିତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶତାଧିକ ଆମ୍ବେଡ଼କର ପ୍ରେମୀ ସ୍ଥାନୀୟ ରିକ୍ରେସନ ସେଣ୍ଟରରୁ ସ୍ଲୋଗାନ ଦେଇ ଏକ ବାଇକ ରାଲିରେ ସହର ପରିକ୍ରମା କରିଥିଲେ । ବାବା ସାହେବ ଆମ୍ବେଦକରଙ୍କ ସ୍ୱପ୍ନର ଭାରତକୁ ସଫଳ ରୂପାୟନ କରିବା ପାଇଁ ସଭାରେ ଆହ୍ୱାନ ଦିଆଯାଇଥିଲା ।

## ରବି ଧାନରେ ରୋଗପୋକ କାମକୁ ଆସୁନି କୀଟନାଶକ

ଅତାବିରା, ୧୩।୪ (ଡି.ଏନ.ଏ)

ଅତାବିରା ବ୍ଲକ ଅଞ୍ଚଳରେ ରବିଧାନ ପାକଳ ଅବସ୍ଥାକୁ ଆସିଗଲାଣି। ଆଉ ଅଳ୍ପଦିନ ଭିତରେ ଧାନ ଅମଳ ହେବ । ଏବେ ଧାନ ଫସଲରେ ରୋଗପୋକଙ୍କ ପ୍ରାଦୁର୍ଭାବ ଆରମ୍ଭ ହୋଇଛି । ପୂର୍ବବର୍ଷ ପରି ଚଳିତ ରବି ଫସଲରେ ଚକଡା ପୋକ ଆରମ୍ଭରୁ ଦେଖାଗଲେଣି । ଏହାକୁ ଦମନ କରିବା ପାଇଁ ଚାଷୀମାନେ ଶ୍ରମିକ ନିୟୋଜିତ କରି କୀଟନାଶକ ଔଷଧ ପ୍ରୟୋଗ କରୁଥିଲେ ମଧ୍ୟ କାମକୁ ଆସୁ ନ ଥିବା ଚାଷୀ ଶ୍ରୀନିବାସ ନାରାୟଣ କୁହନ୍ତି । ଏପରିକି ବିଭିନ୍ନ ତୃଣ ନାଶକ (ଲଟାମରା) ଔଷଧ ମଧ୍ୟ ଚାଷଜମିରେ ପ୍ରୟୋଗ କରିଥିଲେ ମଧ୍ୟ ଘାସ ମରିବା ଅପେକ୍ଷା ଅଧିକ ଦେଖାଯାଉଛି । ସେମାନେ ବଜାରରୁ ଯେଉଁ କୀଟନାଶକ କିଣି ଧାନଜମିରେ ପ୍ରୟୋଗ କରୁଛନ୍ତି, ତାହା କାମ କରୁ ନ ଥିବାରୁ ରୋଗପୋକ ବଢୁଛନ୍ତି । ଫଳରେ ଧାନ ଅମଳ କମ୍ ହେବ ବୋଲି ଚାଷୀ ଆଶଙ୍କା ପ୍ରକାଶ କରିଛନ୍ତି ।

# ଦୁଇମୁହାନିରେ କଂଗ୍ରେସ କର୍ମୀ ସମ୍ମିଳନୀ

ଭେଡ଼େନ, ୧୪।୪ (ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଦୁଇମୁହାନି ଠାରେ ରବିବାର କଂଗ୍ରେସର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଧାୟକ ପ୍ରାର୍ଥୀ ନିହାର ରଞ୍ଜନ ମହାନନ୍ଦ ଯୋଗଦେଇ ଦଳକୁ ବିଜୟୀ କରିବାକୁ କର୍ମୀମାନଙ୍କୁ ଆହ୍ୱାନ କରିଥିଲେ । ବରିଷ୍ଠ କଂଗ୍ରେସ ନେତା ରମେଶ ଚନ୍ଦ୍ର ପଣ୍ଡା, ଯୁବ କଂଗ୍ରେସ ସଭାପତି ସ୍ୱାଧୀନ କୁମାର ରଥଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ। ଏହି ଅବସରରେ ଅରେଇଗୁଡ଼ି ଗ୍ରାମପଞ୍ଚାୟତର ଲୋକନାଥ ପାଣିଗ୍ରାହୀ, ମାମରାଜ ବାରିକ , ତାଲମେଣ୍ଡା ଗ୍ରାମପଞ୍ଚାୟତର ହରିହର ପାତ୍ରଙ୍କ ସମେତ ବହୁ ଯୁବକ କଂଗ୍ରେସ ଦଳରେ ଯୋଗ ଦେଇଥିଲେ ।



କଂଗ୍ରେସ ଦଳରେ ଯୋଗ ଦେଇଥିବା ଜଣେ ଯୁବକଙ୍କୁ ସ୍ୱାଗତ କରାଯାଉଛି ।

# ପାଲା ମାଧ୍ୟମରେ ଭୋଟର ସଚେତନତା

ଅତାବିରା, ୧୩।୪ (ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ଗ୍ରାମାଞ୍ଚଳ ଗୁଡିକରେ ଜିଲା କଳା ଓ ସଂସ୍କୃତି ବିଭାଗ ତରଫରୁ ଭୋଟରମାନଙ୍କୁ ପାଲା ମାଧ୍ୟମରେ ସଚେତନତା କରାଯାଉଛି। ଖୁଣ୍ଟୁଲିପାଲି ବଜାର ପ୍ରାଙ୍ଗଣରେ ପାଲା ଗାୟକ ଶେଷଦେବ ଦନ୍ତା ଓ ସାଥୀ ମନୋଜ ପ୍ରଧାନ, ଗୋବର୍ଦ୍ଧନ ଝାଙ୍କର, ଶ୍ୟାମସୁନ୍ଦର ଦଣ୍ଡା, ବାୟକ ବିଜୟ କୁମାର ପାତ୍ର ପ୍ରମୁଖ ଶୁକ୍ରବାର ପାଲା ପରିବେଷଣ କରି ନିଜର ବହୁମୂଲ୍ୟ ଭୋଟ ଦେବାକୁ ଲୋକମାନଙ୍କୁ ସଚେତନ କରିଥିଲେ । ଭୋଟରମାନେନେ କିଭଳି ନିଜ ଭୋଟ୍ ଦେବେ ସେ ନେଇ ପାଲା ଗାୟକ ଓ ବାୟକମାନେ ସଚେତନ କରିଥିଲେ ।



ମଦ ବିରୋଧରେ ବାହାରିଥିବା ଡାଙ୍ଗ ଗ୍ରାମବାସୀ ।

# ମଦ ବିରୋଧରେ ତାତିଲେ ଗାଁ ଲୋକେ

ବରଗଡ଼ ଅଫିସ୍,୧୪।୪

ବରଗଡ଼ ବ୍ଲକ ଅନ୍ତର୍ଗତ ବରଡ଼ୋଲ ପଞ୍ଚାୟତ ଅନ୍ତର୍ଗତ ଡାଙ୍ଗ ଗ୍ରାମରେ ମଦ ବିରୋଧରେ ଗାଁ ଲୋକେ ପୁଣି ତେଜି ଉଠିଛନ୍ତି । ଏହି କ୍ରମରେ ଗ୍ରାମବାସୀ ଏକଜୁଟ୍ ହୋଇ ଗ୍ରାମରେ ମଦ କାରବାର ବନ୍ଦ କରିବାକୁ ସଚେତନତା ସୃଷ୍ଟି କରିଥିଲେ। ଏହା ସହିତ ମଦ ବିକୁଥିବା ଲୋକଙ୍କ ପାଖକୁ ଯାଇ ସେଭଳି ମଦ କାରବାର ବନ୍ଦ କରିବାକୁ ସେମାନେ ତାଗିଦ କରିଥିଲେ । ଏହି ମଦ ବିରୋଧୀ ଅଭିଯାନରେ ଗ୍ରାମର ପିଲାଛୁଆଠାରୁ ଆରମ୍ଭ କରି ଶତାଧିକ ମହିଳା ପୁରୁଷ ସାମିଲ ଥିଲେ ।

ଚିଚିଣ୍ଡା ଗ୍ରାମପଞ୍ଚାୟତ ପ୍ରିମିୟର ଲିଗ କ୍ରିକେଟ

# ଜିଟିସି ମେହେର, ବାଞ୍ଜିପାଲି ଏଚ୍‌ସି ବିଜୟୀ

ଭେଡ଼େନ, ୧୪।୪ (ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଚିଚିଣ୍ଡା ଖେଳ ପଡ଼ିଆରେ ଚାଲିଥିବା କ୍ରିକେଟ ପ୍ରତିଯୋଗିତାର ରବିବାର ଦ୍ୱିତୀୟ ଦିବସ ମ୍ୟାଚରେ ଜିଟିସି ମେହେର ଏବଂ ବାଞ୍ଜିପାଲି ଏଚସି ଦଳ ବିଜୟୀ ହୋଇଛନ୍ତି । ପ୍ରଥମ ମ୍ୟାଚରେ ଜିଟିସି ମେହେର ଦଳ ଷ୍ଟାରଛକ ଦଳକୁ ୬ ଉଇକେଟରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଷ୍ଟାର ଛକ ଦଳ ନିର୍ଦ୍ଧାରିତ ୧୦ ଓଭରରେ ୯ ଉଇକେଟ ହରାଇ ୬୭ ରନ କରିଥିଲେ । ଏହାର ଜବାବରେ ଜିଟିସି ମେହେର ଦଳ ୬.୩ ଓଭର ରେ ୬ ଉଇକେଟ ହରାଇ ବିଜୟ ପାଇଁ ଆବଶ୍ୟକ ୬୮ ରନ କରି ମ୍ୟାଚ ବିଜୟୀ ହୋଇଥିଲା। ବିଜୟୀ ଦଳର ସୁରେଶ ମେହେରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ ବାଞ୍ଜିପାଲି ଏଚ୍‌ସି ଦଳ ସହରା ରାଇଜର ଦଳକୁ ୭ ଉଇକେଟରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ସହରା ରାଇଜର ଦଳ ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୯୫ ରନ କରିଥିଲେ । ଏହାର ଜବାବରେ ବାଞ୍ଜିପାଲି ଏଚ୍‌ସି ଦଳ ୯.୨ ଓଭରରେ ୩ ଉଇକେଟ ହରାଇ ବିଜୟ ପାଇଁ ଆବଶ୍ୟକ ୯୬ ରନ କରି ମ୍ୟାଚ ବିଜୟୀ ହୋଇଥିଲା। ବିଜୟୀ ଦଳର ଚିତ୍ରସେନ ବାଗଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଅମ୍ପାୟାର ଷଡ଼ାନନ ସୁରୁଜାଲ, କ୍ଷିତିଶ ବିଶ୍ୱାଳ ଏବଂ ପ୍ରକାଶ କୁମ୍ଭାର ଖେଳ ପରିଚାଳନା କରିଥିବା ବେଳେ ବୈଷ୍ଣବ ସୁରୁଜାଲ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ପୂର୍ବତନ ସରପଞ୍ଚ ରାଜ କିଶୋର ମେହେର ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ପୂର୍ବରୁ ଏହି ପ୍ରତିଯୋଗିତାର ପଞ୍ଚମ ସଂସ୍କରଣ ଶନିବାର ଉଦ୍‌ଘାଟିତ ହୋଇଛି ।

# ଯିଶୁ ଖ୍ରୀଷ୍ଟଙ୍କ ବିଜୟ ଯାତ୍ରା ସମାରୋହ

ବରଗଡ଼ ଅଫିସ୍,୧୪।୪

ବରଗଡ଼ ସହରରେ ରବିବାର ଯିଶୁ ଖ୍ରୀଷ୍ଟଙ୍କ ବିଜୟ ଯାତ୍ରା ଅର୍ଥାତ୍ ପାମ୍ ସନ୍ ଡେ ସେଲିବ୍ରେଶନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏଥିରେ ବହୁସଂଖ୍ୟକ ଖ୍ରୀଷ୍ଟ ଧର୍ମାବଲମ୍ବୀ ଭଉଣୀଭାଇ ଯୋଗଦାନ କରିଥିଲେ। ଶୋଭାଯାତ୍ରା କଲ୍ୟାଣ ମଣ୍ଡପରୁ ବାହାରି ଥାନା ଛକ ଦେଇ ପୁଣି କଲ୍ୟାଣ ମଣ୍ଡପକୁ ଆସିଥିଲା। ସେମାନେ ଯୀଶୁଙ୍କ ବିଜୟ ଗୀତ ବୋଲିବା ସହିତ ପତାକା, ଖଜୁରୀ ଡାଳ ଧରି ସହର ପରିକ୍ରମା କରିଥିଲେ। ଏଥିରେ ଜିଲାରେ ବିଭିନ୍ନ ଚର୍ଚ୍ଚର ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ଯୋଗ ଦେଇଥିଲେ। ବରଗଡ଼ ଜିଲା ଖ୍ରୀଷ୍ଟିଆନ କମିଟିର ସାଧାରଣ ସମ୍ପାଦକ ଜନ ନିଉଟନ ସିଂଙ୍କ

**ଶୋଭାଯାତ୍ରାରେ ସହର ପରିକ୍ରମା କଲେ ଖ୍ରୀଷ୍ଟ ଧର୍ମାବଲମ୍ବୀ**



ବରଗଡ଼ରେ ଯିଶୁ ଖ୍ରୀଷ୍ଟଙ୍କ ବିଜୟ ଯାତ୍ରା ସହର ପରିକ୍ରମା କରୁଛି ।

ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସଭାପତି ଚନ୍ଦ୍ରଶେଖର ବାଗ ଶୁଭାରମ୍ଭ କରିଥିଲେ। ପାଷ୍ଟର ବେଞ୍ଜାମିନ ନନ୍ଦ, ଚନ୍ଦ୍ରମଣି ତାଣ୍ଡି, ଉପେନ୍ଦ୍ର ନନ୍ଦ, ପୁରନ୍ଦର ନାଏକ, ବିଶ୍ୱାସ କୌଶଲ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।



ଅତୀତ ମନୁଷ୍ୟ ବିଷୟରେ ବହୁ କଥା ଜାଣିଲେ,
ଭବିଷ୍ୟତ ମନୁଷ୍ୟ ଗଢ଼ିବା ଦିଗରେ ସହାୟତା ମିଳେ ।
- ବିନୋଦ କାନୁନ୍‌ଗୋ

## ସଂକ୍ଷେପରେ

### ଜମିଲା ଝାମୁଯାତ୍ରା

ବାଉଁଶୁଣୀ, ୧୪।୪ (ଡି.ଏନ.ଏ): ବୌଦ୍ଧ ବ୍ଲକ ବାଉଁଶୁଣୀ ଓ ଏହାରେ ଆଖପାଖ ଜିମିରିପାଲି, ଜମଟାଙ୍ଗି, ଦହ୍ୟା, ମହିଶ୍ୱରପିଣ୍ଡା, ଜମଘାଟି ଆଦି ଗାଁରେ ଦଣ୍ଡଯାତ୍ରା ପାଳିତ ହୋଇଛି । ମାର୍ଚ୍ଚ ଶେଷ ସପ୍ତାହରୁ ବାଉଁଶୁଣୀ ଅଞ୍ଚଳରେ ଦଣ୍ଡଯାତ୍ରା ଆରମ୍ଭ ହୋଇଥିଲା । ଉତ୍ସବର ଶେଷ ଦିନରେ ଝାମୁଯାତ୍ରା ହୋଇଥିଲା ।

### ତାଡକା ବଧ, ଶିବଧନୁ ଭଗ୍ନ

**ବାଉଁଶୁଣୀ, ୧୪।୪ (ଡି.ଏନ.ଏ):** ବାଉଁଶୁଣୀ ଛକ ଶ୍ରୀ ଶ୍ରୀ ରାମଲୀଳା ନାଟ୍ୟ ସଂସଦ ଆନୁକୂଲ୍ୟରେ ତାଡକା ବଧ ଓ ଶିବଧନୁ ଭଗ୍ନ ନାଟକ ମଞ୍ଚସ୍ଥ ହୋଇଥିଲା । ରାମ ଭୂମିକାରେ ଛବିଳ ଓ ଲକ୍ଷ୍ମଣ ଭୂମିକାରେ ଶମ୍ଭୁ ଅଭିନୟ କରିଥିଲେ। ବିଶ୍ୱାମିତ୍ର- ହଳଧର, ଜନକ- ରଘୁନାଥ, ଦାଶରଥ- ରୋହିତ, ତାଡକା- ବଳରାମ, ସୁବାହୁ-ଅହଲ୍ୟା ଭୂମିକାରେ ଅଭିନୟ କରିଥିଲେ ।

### ଆମ୍ବେଡକର ଜୟନ୍ତୀ ପାଳିତ

ବୌଦ୍ଧ,୧୪।୪(ସ୍ୱ.ପ୍ର): ବୌଦ୍ଧ ଜିଲା ପ୍ରାଶାସନ ପକ୍ଷରୁ ରବିବାର ଜିଲାସ୍ତରୀୟ ଆମ୍ବେଦକରଙ୍କ ୧୨୯ ତମ ଜୟନ୍ତୀ ପାଳିତ ହୋଇଛି । ଏହି ଅବସରରେ ତହସିଲ କାର୍ଯ୍ୟାଳୟ ପରିସରରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ଜିଲାପାଳ ସୀତାଂଶୁ କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରମାକାନ୍ତ ସେଠୀ, ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ଦାସ, ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ, ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକମାନେ ଯୋଗ ଦେଇଥିଲେ ।

### ନିର୍ବାଚନ ପାଇଁ ସେକ୍ଟର ଅଧିକାରୀଙ୍କୁ ତାଲିମ

ବୌଦ୍ଧ,୧୪।୪(ସ୍ୱ.ପ୍ର): ବୌଦ୍ଧ ଜିଲାର ବୌଦ୍ଧ ଓ କନ୍ଧମାଳ ନିର୍ବାଚନ ମଣ୍ଡଳୀ ପାଇଁ ନିୟୋଜିତ ସମସ୍ତ ୫୨ ଜଣ ସେକ୍ଟର ଅଧିକାରୀଙ୍କୁ ନିର୍ବାଚନ ପରିଚାଳନା ଉପରେ ତାଲିମ ପ୍ରଦାନ କରାଯାଇଥିଲା । ନିର୍ବାଚନ କମିଶନଙ୍କ ଦ୍ୱାରା ନିଯୁକ୍ତ ସାଧାରଣ ପର୍ଯ୍ୟବେକ୍ଷକ ଏମ. ଜେ. ଟକ୍କର ଏହି ତାଲିମ ପ୍ରଦାନ କରିଥିଲେ । ସେକ୍ଟର ଅଧିକାରୀମାନେ ସେମାନଙ୍କ ଦାୟିତ୍ୱ ସୁଚାରୁ ରୂପେ ସମ୍ପାଦନ କରିବା ସହିତ ପୋଲିଙ୍ଗ ଅଧିକାରୀଙ୍କୁ ସମସ୍ତ ବ୍ୟବସ୍ଥାଗତ ସର୍ମଥନ ଯୋଗାଇ ଦେବା ପାଇଁ ଠକ୍କର ନିର୍ଦ୍ଦେଶ ଦେଇଥିଲେ । ପୋଲିଙ୍ଗ ଅଧିକାରୀମାନେ କିପରି ନିର୍ବାଚନରେ ବ୍ୟବହୃତ ହେଉଥିବା ସାମଗ୍ରୀ ଧରି ବୁଥ୍‌କୁ ଯିବେ ଏବଂ ନିର୍ବାଚନ ଦାୟିତ୍ୱ ସମ୍ପାଦନ କରି ଆନୁଷଙ୍ଗିକ କାଗଜ ପତ୍ର ପ୍ରସ୍ତୁତ କରି ଜିଲା ନିର୍ବାଚନ ଅଫିସରେ ଦାଖଲ କରିବେ ତାର ସୁନିଶ୍ଚିତ କରିବା ପାଇଁ ସାଧାରଣ ପର୍ଯ୍ୟବେକ୍ଷକ ସୂଚାଇ ଦେଇଥିଲେ । ମତଦାନ ପୂର୍ବରୁ ନିର୍ବାଚନ ବିଧି ଅନୁସାରେ ସମୟ ସୀମା ମଧ୍ୟରେ ମକ୍ ପୋଲ୍ କରାଇବା ଉପରେ ତାଲିମ ସମୟରେ ଗୁରୁତ୍ୱ ଦିଆଯାଇଥିଲା। ତାଲିମ ସମୟରେ ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସୀତାଂଶୁ କୁମାର ରାଉତ, ଅତିରିକ୍ତ ଜିଲାପାଳ ରମାକାନ୍ତ ସେଠୀ, ପିଡି ସୂର୍ଯ୍ୟନାରାୟଣ ଦାସ ଓ ଉପଜିଲାପାଳ ତଥା ରିର୍ଟର୍ଣ୍ଣିଂ ଅଫସର ଏନସି ଜ୍ୟୋତିରଞ୍ଜନ ନାଏକ ଉପସ୍ଥିତ ଥିଲେ ।

■ ନିରବାଚନ କମିଶନରକଁର ଚିଠିର ପରଭାବ ନାଇଁ

# ଭୋଟ ବରଜନ କରବେ ଲଣ୍ଡନପଡ଼ାବାସୀ

**କନ୍ଧମାଳ, ୧୪।୪ (ଡି.ଏନ୍.ଏ)**

ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ନାରାୟଣପ୍ରସାଦ ପଁଚେତ୍‌ର ଲଣ୍ଡନପଡ଼ା ଗାଁର ଲୋକ ଭୋଟ ବରଜନ କରବାର ଲାଗି ନିରବାଚନ କମିଶନରକୁଁ ଲେଖିତ ଜନେଇଛନ୍। ରାସ୍ତାଘାଟ ସୁବିଧାରୁ ବଁଚିତ ଥିବାର କନ୍ଧମାଳ ସୀମାନାର ୫ଶହ ଆଦିବାସୀକଁର ସମସିଆର ତଦଁତ କରି ପଦକ୍ଷେପ ନେବାକେ ନିରବାଚନ କମିଶନର ଥାନୀୟ ପରଶାସନକେ ଚିଠି ଦେଇଥିଲେ। ହେଲେ ଭୋଟକେ ଆର ଦିନ୍ କେତେଟା ଥିଲାବେଲେ ଥାନୀୟ ପରଶାସନ ଗାଁବାସୀକୁ ଭେଟି ସମସିଆ ବାବ୍‌ଦେ ବୁଝାସୁଝା କରବାରେ ବିଫଲ ହେଇଛେ।

ସୂଚନା ଅନ୍‌ସାରେ କନ୍ଧମାଳ ବ୍ଲକ ନାରାୟଣପ୍ରସାଦ ପଁଚେତ୍‌ର ଲଣ୍ଡନପଡ଼ା କନ୍ଧମାଳ ସୀମାନାର ଘଁଚ୍ ଜଂଗଲ ଭିତରେ ଥିବାର ଗୁଟେ ଆଦିବାସୀ ବହୁଲ ଗାଁ। ପଁଚେତ୍ ସଦରରୁ ଲଣ୍ଡନପଡ଼ା ଗାଁକେ ଜଂଗଲ ଭିତରେ ୭ କି.ମି. ବାଟ ପଡୁଛେ। ସେଟା ବି ଚାଲତି ବାଟ। ଗାଁରେ କାହାର ଦିହିପା ଖରାପ ହେଲେ ଇ ଚାଲତି ରାସ୍ତାରେ ଡାକ୍ତରଖାନା ନେବାକେ ଗାଁବାସୀ ବହୁତ୍ ହଇରାନ ହରକତ୍ ହେଉଛନ୍। ଇ ରାଜସ୍ୱ ଗାଁ ଲଣ୍ଡନପଡ଼ାକେ ଲାଗି ରହିଛେ ସୋହଡ଼ା, ଆମ୍ବପଡ଼ା, ପାଲେଙ୍କ, ବାହାଲି, ଗଜମରା, କୁମ୍ଭିଖେତା ଆର ଲୁଣ୍ଡୁରୁ। ଇ ସବୁ ଛୋଟ ଛୋଟ ବସ୍ତିରେ ପାଖାପାଖି ୫ଶହ ଆଦିବାସୀ ବାସ୍ କରୁଛନ୍। ରାସ୍ତାଘାଟ ଅଭାବୁ ଚାଲତି ରାସ୍ତାରେ ଜଂଗଲ ଭିତରେ ଗାଁର ଛୁଆମାନେ ବିପଦ ମୁଡ଼େଇ ପାଠ୍‌ପଢ଼ି ଯାଉଛନ୍। ଇ ଆଦିବାସୀମାନେ ଜଂଗଲି ଦରବ୍ ବିକାଭଂଗା କରି ନିଜର ପେଟ ପାଲୁଛନ୍। ରାସ୍ତାଘାଟ ଅଭାବୁ ଲଣ୍ଡନପଡ଼ାବାସୀ ବର୍ଷା ୪ମାସକ ବଡ଼ାଭାରି ଅସ୍ୱିଧାର ସାମନା କରୁଛନ୍। ଇ ସମିଆରେ ଗାଁରୁ ବାହାରକେ କି ବାହାରୁ ଗାଁକେ କିଛି ଆସି ନାଇଁପାରେ। ଇ ସବୁ ସମସିଆକେ ନେଇ ଗାଁବାସୀ ବାରବାର ଜିଲା ଆର ବ୍ଲକ ପରଶାସନକେ ଗୁହାରି କରି ନିରାଶ ହେଇଛନ୍। ସବୁ ସମସିଆର ମୂଲ ରାସ୍ତା ଖଁଡ଼େର ଲାଗି ଗାଁବାସୀ ହତାଶ୍ ହେଲା ଉତାରୁ ଗଲା ଅକ୍ଟୋବର ମାସେ ଭୋଟ ବରଜନ କରବାକେ ନିରବାଚନ କମିଶନର ସଂଗେ ଜିଲା ପରଶାସନକେ ଜନେଇଥିଲେ। ନିରବାଚନ କମିଶନରକଁର ଚିଠି ନଂ.୩୯୧୨ ତା.୧୯.୧୧.୨୦୧୮ରେ ବୌଦ୍ଧ ଜିଲାପାଲକୁଁ ଘଟନାର ତଦଁତ କରି ଦରକାର ହିସାବେ ପଦକ୍ଷେପ ନେବାକେ ଜନେଇଥିଲେ। ଇ ବାବ୍‌ଦେ କମିଶନର ଗଁବାସୀକୁ ବି ଜନେଇଛନ୍। ହେଲେ କମିଶନରକଁର ଚିଠି ଦେବାର ଆଏଜ୍‌କେ ୪ ମାସ୍ ବିତିଯାଇଥିଲେ ବି ପରଶାସନିକ ଅଧିକାରୀ ଲଣ୍ଡନପଡ଼ା ଗାଁରେ ପୁହୁଁଚି ନାଇଁପାରି। ଯେନ୍‌ଥିରଲାଗି ଶେଷେ ଗାଁବାସୀ ଭୋଟ ବରଜନ କରବାକେ ଥିଏ କରିଛନ୍। ଇ ଗାଁର ଲାଲସା ମଲ୍ଲିକ କହିଛନ୍ ଯେ, ଫିବଛର ଭୋଟ ବେଲେ କେତେ ନେତା, ଅଫିସର ଆଉଛନ, ସଡ଼କ ହେବା ବଲି କହୁଛନ, ହେଲେ କେଭେ ସେ ସଡ଼କ ନାଇଁ ହେବାର। ଭୋଟ ଦେଇ ଆମର କାଣାଟା ଲାଭ ହେଉଛେ। ସେଥିରଲାଗି ଆମେ ଭୋଟ ବରଜନ କରମୁ ବଲି ନିଷ୍ପତି ନେଇଛୁଁ। ସେନ୍ତା ଗାଁର ବିକ୍ରମ ମଲ୍ଲିକ କହିଛନ୍ ଆଏଜ ସରକାରୀ ଲୋକ ଆଏବେ ଭାଲ, କାଏଲ ଆଏବେ ଭାଲ ବଲି ହୁରି ଦେଖୁଛୁଁ, ବାଟ ଦେଖି ଦେଖି ଆମର ଆଁଖିର ପାଏନ ମଲାନ ହେଲେ କେହେନ୍‌ସି ସରକାରୀ ବାବୁର ଦେଖାନାଇଁ ବଲି କହିଥିଲେ।



ଲଣ୍ଡନପଡ଼ା ଗାଁବାସୀ।

ସରକାରୀ ପୋରଛାହନ୍ ଅଭାବ୍

# ଦୁରଦିନରେ ଦପଲାର ବାଉଁଶ କାରିଗର

**ଗୁଡ଼ଭେଲିପଦର, ୧୪।୪ (ଡି.ଏନ.ଏ)**

ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ଦପଲା ପଁଚେତ୍ ଦପଲା ଗାଁରେ ବେତ୍ରା ସମାଜର ୩୦ରୁ ଅଧିକା ପରିବାର ରହୁଛନ୍। ଇ ବେତ୍ରା ସମାଜର କୁଲବୃରତି ବାଉଁଶ କାରିଗରି। କେନ୍ କାଲୁ ଇ ସମାଜର ଲୋକ୍ ବାଉଁଶରେ ଭିନେ ଭିନେ କିସମର ଘରକରା ସାମାନ ତିଆରି, ବିକାଭଂଗା କରି ନିଜର କୁଟୁମ ପୁଷିଆସୁଛନ୍। କନ୍ଧମାଳ ବ୍ଲକ ଗୁଟେ ଚାଷୀ ବହୁଲ ଅଂଚଲ, ଇଠାନେ ବଡ଼ଭାଗି ଲୋକ୍ ଚାଷ୍‌ବାସ ଉପରେ ନିରଭର କରି ଚଲୁଛନ୍। ଆଗରୁ ଚାଷୀ ଚାଷ୍‌କାୟ୍ ତୁଲାବାର ଲାଗି ବାଉଁଶ ତିଆରି ଭିନେ ଭିନେ ସମାନ ବେଭାର କରୁଥିଲେ। ଯେନ୍‌ତା ଖେତ୍‌କେ ଖତ୍ ନେବାର ଲାଗି ଲୁଦର, ଧାନ୍‌ବୁନା ଭୁଗା, ଡଲା, କୁଲା ଲେଖେଁ ବାଉଁଶ ତିଆରି ସାଜୋସାମାନ। ବେତ୍ରା ସମାଜର ଲୋକ୍ ବି ଇ ସମିଆରେ ବାଉଁଶ ସାମାନ ବିକି ଭଲ ଦୁଇପଏସା ରୁଜ୍‌ଗାର କରୁଥିଲେ। ହେଲେ ସମିଆ ବଦଲିବାର ସଂଗେ ଇ ସବୁ ସାମାନର ବେଭାର ବି କମି ବସଲାନ। ଏହେଦେ ଚାଷୀ ଟ୍ରାକ୍ଟରରେ ଚାଷ୍‌ବାସ କରୁଛେ ଯେନ୍‌ଥିରଲାଗି ବାଉଁଶ ଲୁଦର ଆର ଉନିଆ ସାମାନ ଦରକାର ନାଇଁ ପଡ଼ବାର। ଏହେଦେ ବିହାବରୁକେ ଛାଡିଦେଲେ ଆର ଆଘର ଲେଖେଁ ଲୋକ୍ ବାଉଁଶ ସାମାନ ବେଭାର ନାଇଁ କରବାର। କାରନ୍ ଏହେଦେ ଇ ବାଉଁଶ କାରିଗରିକେ ପ୍ଲାଷ୍ଟିକ୍ ସାମାନ ଖାଇ ଗଲାନ। ଯେନ୍‌ଥିରଲାଗି ବାଉଁଶ କାରିଗରକଁର ବେଉସା ବୁଡ଼ବାର ଉପରେ ରହିଛେ। ଆରକେତେ ଜାଗାରେ ବେତ୍ରା ସମାଜର ଲୋକ୍ କୁଲ୍‌ବୃରତି ଛାଡ଼ି ଉନିଆ କାମ୍‌ବୁତା ବି କରିବସଲେନ। ଏହେଦେ କାଁ ଭାଁ ଗାଁଗଁଲିରେ ବେତ୍ରା ସମାଜର ଲୋକ୍ ଇ ବାଉଁଶ କାରିଗରିରେ ଜୀବନ୍ ଜୀବ୍‌କା ଚଲଉଛନ୍। ହେଲେ ସେମାନେ ବି ଏହେଦେ ନାନା ସମସିଆର ସଂଗେ ଯୁଝୁଛନ୍। ଏହେଦେ ବାଉଁଶ ଆନବାର ଲାଗି ହେଲେ ୪୦ କି.ମି. ଜଂଗଲ ଭିତିରକେ ଯିବାକେ ପଡୁଛେ। ସେଥିରେ ବାଉଁଶ ଆନ୍‌ଲାବେଲେ ଫରେଷ୍ଟର କି ବିଭାଗୀୟ କରମଚାରୀକର ହାବ୍‌ଡ଼େ ପଡ଼ଲେ ୧ହଜାରୁ ୧୫ଶହ ଟଁକା ତକ୍ ଲାଁଚ୍ ଦେବାକେ ପଡୁଛେ ବଲି କେତେ କାରିଗର କହିଛନ୍। ରାଏଜ୍ ସରକାର କୁଟୀର ଶିଳ୍ପ ଲାଗି କୋଟି କୋଟି ଟଁକା ଖରଚ୍ କରୁଛନ୍। ଇ ଦପଲା ଅଂଚଲର ବାଉଁଶ କାରିଗରମାନକୁ ସରକାର ଟ୍ରେନିଂ ଦେଇ କିଛି ପୋରଛାହନ୍ ଦେଲେ ବାଉଁଶ କାରିଗରିକେ ବଁଚେଇ ହେତା। ହେଲେ ଏହେଦେ ଇ ବେଉସାରେ କୁଟୁମ୍ ପୁଷବାର ଭିଡ଼ାନ ହେଲାନ ବଲି ମନ୍‌ଦୁଖ କରି ବାଉଁଶ କାରିଗର ଖେତ୍ରୁରାମ ନାଏକ କହିଥିଲେ।



ଝନେ କାରିଗର ବାଉଁଶ୍ ସାମାନ ତିଆରିବାରେ ବାଇ ଅଛନ୍।

■ ବୌଦ୍ଧରେ ବିଷୁବ ମିଳନରେ ବକ୍ତାଙ୍କ ମତ

# ସାହିତ୍ୟ ଏକ ମୁହୂର୍ତ୍ତର ଚେତନା

**ବୌଦ୍ଧ,୧୪।୪(ସ୍ୱ.ପ୍ର)**

ବୌଦ୍ଧ ଜିଲା କଲଚରାଲ ଏକାଡ଼େମୀ ପକ୍ଷରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ରବିବାର ବିଷୁବ ମିଳନ ପାଳିତ ହୋଇଯାଇଛି । ବରିଷ୍ଠ ଲେଖକ ଧ୍ରୁବ ଚରଣ ଘିବେଲାଙ୍କ ସଭାପତିତ୍ୱରେ ସଭା ହୋଇଥିଲା । ସାହିତ୍ୟିକମାନେ ଅଳ୍ପ ଲେଖାରେ ସନ୍ତୁଷ୍ଟ ନ ହୋଇ ସାହିତ୍ୟ ସାଧନାରେ ବ୍ରତୀ ହେବା ପାଇଁ ଘିବେଲା ମତ ରଖିଥିଲେ। ମୁଖ୍ୟ ଆଲୋଚକ କବି କିଶୋର ମିଶ୍ର ସାହିତ୍ୟ ଏକ ମୁହୂର୍ତ୍ତର ଚେତନା ଏବଂ ଏହା କାଳଜୟୀ ବୋଲି କହିଥିଲେ । ବରିଷ୍ଠ ସାହିତ୍ୟିକ ମନୋରଞ୍ଜନ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏକାଡ଼େମୀ ଦ୍ୱାରା ଅନେକ ସାହିତ୍ୟିକ ସୃଷ୍ଟି ହୋଇଥିବା କହିଥିଲେ। ସମ୍ପାଦକ ସୁଶାନ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ । ଅନୁଷ୍ଠାନର ବରିଷ୍ଠ ସଦସ୍ୟ ସତ୍ୟନାରାୟଣ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ । ବିଷୁବ ଓ ସାହିତ୍ୟ ସମ୍ପର୍କିତ ଆଲୋଚନାରେ ସନ୍ତୋଷ କର୍ଣ୍ଣ, ଟଙ୍କଧର ସାହୁ, ଆଶିଷ ବେହେରା, ନୀରୋଦ ମେହେର, ଦେବେନ୍ଦ୍ର ଦେହୁରୀ, ଜ୍ଞାନଚାନ୍ଦ ଶତପଥି, ରାଧାମୋହନ ମାହାଣା, ଅଭିନବ ପଟ୍ଟନାୟକ, ପଦ୍ମନାଭ ସୁବୁଦ୍ଧି, ସୁନୀଲ ପରିଡ଼ା, ତପନ ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ସେହିପରି ସ୍ଥାନୀୟ ଏକ ହୋଟେଲ ସମ୍ମିଳନୀ କକ୍ଷରେ ନୀଳଚକ୍ର ସାହିତ୍ୟ ସଂସଦ ପକ୍ଷରୁ ବିଷୁବ ମିଳନ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ବୌଦ୍ଧ ଚକ୍ରର ତୃତୀୟ ସଂଖ୍ୟାର ଲୋକାର୍ପଣ କରାଯାଇଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସରକାରୀ ପଲିଟେକ୍‌ନିକର ଅଧ୍ୟକ୍ଷ ସୁଶାନ୍ତ କୁମାର ପାତ୍ର, ସମ୍ମାନିତ ଅତିଥି ଭାବେ ରବିନ୍ଦ୍ର ନାଥ ରାଉତ, ମୁଖ୍ୟବକ୍ତା ଭାବେ ମହିଳା ମହାବିଦ୍ୟାଳୟର ଅଧ ରବିନ୍ଦ୍ର ନାଥ ଗୁରୁ ଯୋଗ ଦେଇଥିଲେ । ଉପଦେଷ୍ଟା ଚିତ୍ତରଞ୍ଜନ ଦାସଙ୍କ ଅଧକ୍ଷତାରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ଉପସଭାପତି ଶାନ୍ତନୁ ପାଣିଗ୍ରାହୀଙ୍କ ଅଧକ୍ଷତାରେ ବିଷୁବ ମିଳନ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା ।



ବିଷୁବ ମିଳନ ଅବସରରେ ପତ୍ରିକା ଉନ୍ମୋଚନ କରାଯାଉଛି ।

### ମନମୁଣ୍ଡାରେ ବିଷୁବ ସଂକ୍ରାନ୍ତି, ସୁନ୍ଦରାକାଣ୍ଡ ପାରାୟଣ

**ମନମୁଣ୍ଡା, ୧୪।୪ (ଡି.ଏନ.ଏ)**

ମନମୁଣ୍ଡାରେ ବିଷୁବ ସଂକ୍ରାନ୍ତି ପାଳନ ସହ ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଦଧିବାମନ ମନ୍ଦିରରେ ପୂଜକ ଗୋପୀନାଥ ହୋତା, ସୁବର୍ଣ୍ଣମେରୁ ମନ୍ଦିରରେ ପୂଜକ ବିଶ୍ୱନାଥ ଥନାପତି ପୂଜାର୍ଚ୍ଚନା କରି ପ୍ରଭୁଙ୍କଠାରେ ପଣାଲାଗି କରିଥିଲେ । ସ୍ଥାନୀୟ ଦୁର୍ଗାଦେବୀ ମନ୍ଦିରରେ ଏହା ଧୁମଧାମରେ ପାଳିତ ହୋଇଛି । ବିଷୁବ ସଂକ୍ରାନ୍ତି ପୂଜାର୍ଚ୍ଚନା ସହ ଦେବୀଙ୍କଠାରେ ମହାଆଳତୀ ହୋଇଥିଲା। ଏହି ଅବସରରେ ମନ୍ଦିର ପ୍ରାଙ୍ଗଣରେ ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ୟାସ ଭାବେ ଦିବ୍ୟାଙ୍ଗ ସୁଶ୍ରୀ ସସ୍ମିତା ଭୋଇ ପୁରାଣ ପଠନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମକରଧ୍ୱଜ ମେହେର, ନରେନ୍ଦ୍ର ମେହେର, ରାଜେନ୍ଦ୍ର ମେହେର, ତ୍ରିନାଥ ପ୍ରଧାନ, ରାଜା ଅଗ୍ରୱାଲ, ରାମଚନ୍ଦ୍ର ଅଗ୍ରୱାଲ, ଶୋଭାଗିନୀ ଷଡଙ୍ଗୀ, ଆଶିଷ ସାହୁ, ପ୍ରମୁଖ ଆୟୋଜନ କରିଥିଲେ ।

### ପଲସାଗୋରାରେ ଖାରବେଳଙ୍କ ମାରାଥନ ପ୍ରଚାର

**ପଲସାଗୋରା,୧୪।୪(ଡି.ଏନ.ଏ.)**

କନ୍ଧମାଳ ସଂସଦୀୟ କ୍ଷେତ୍ର ପାଇଁ ଭାଜପା ପ୍ରାର୍ଥୀ ମହାମେଘବାହନ ଐର ଖାରବେଳ ସ୍ୱାଇଁ କନ୍ଧମାଳ ବସଷ୍ଟାଣ୍ଡ ଛକରେ ଏକ ପଥପ୍ରାନ୍ତ ସଭା କରିଥିଲେ। ବିକାଶ ହିଁ ଭାଜପାର ମୁଖ୍ୟ ପ୍ରସଙ୍ଗ । ବିକାଶ ଏକ ଚିରନ୍ତନ ପ୍ରକ୍ରିୟା । ଏଣୁ କନ୍ଧମାଳ ବିଧାନସଭା କ୍ଷେତ୍ର ସହ ସାମଗ୍ରିକ ଭାବେ କନ୍ଧମାଳ ସଂସଦୀୟ କ୍ଷେତ୍ରର ବିକାଶ ଦିଗରେ ସେ ତାଙ୍କର ପ୍ରଚେଷ୍ଟା ଜାରି ରଖିବେ ବୋଲି କହିଥିଲେ । ପରେ ଖାରବେଳ କନ୍ଧମାଳ ବିଧାନସଭା କ୍ଷେତ୍ରର ସାହାଜପାଲ, ଅଇଁଲାପାଲି, ବାଉଁଶୁଣୀ, ଦହ୍ୟା, ମନମଣ୍ଡା, ଖଟଖଟିଆ ହୋଇ ପଲସାଗୋରା ମକର ପଡିଆରେ ପହଞ୍ଚିଥିଲେ। ନିର୍ବାଚନୀ ପ୍ରଚାର ସମୟରେ ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା ସହ ପଦଯାତ୍ରା କରି ସେ ଭୋଟ୍ ଭିକ୍ଷା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ୨ନଂ ଜୋନ ମଣ୍ଡଳ ସଭାପତି ଅନୀଲ ପ୍ରଧାନ, ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସଦସ୍ୟ ଦୀପକ କୁମାର ବାରିକ, ଶେଷଦେବ ବଗର୍ତ୍ତି, ସୁଶୀଲ ପାଣିଗ୍ରାହୀ, ଠାକୁର ଚରଣ ନାୟକ, ଗୋପାଳ ପୁରୋହିତ ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ ।

# ରାମନବମୀରେ ରାମାୟଣ ମଞ୍ଚସ୍ଥ

**ଭେଡ଼େନ, ୧୪।୪ (ଡି.ଏନ.ଏ)**

ଭେଡ଼େନ ବ୍ଲକର ବିଭିନ୍ନ ଗ୍ରାମରେ ଶନିବାର ରାମନବମୀ ପାଳିତ ହୋଇଛି। ଅରେଇଗୁଡ଼ି ଭାଗବତ ସେବା ସଂସ୍ଥାନ ତରଫରୁ ଆନନ୍ଦ ସାହୁ ଓ ସୁରୁଚୀ ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ନିତ୍ୟାନନ୍ଦ ବିଶି ପ୍ରବଚନ ଓ ଯୋଗେଶ୍ୱର ପାଣିଗ୍ରାହୀ ରାମାୟଣ ପାଠ କରିଥିଲେ। ଅଏଁଲାପାଲି ଶ୍ରୀରାମ ମନ୍ଦିରରେ ରାମ ଲକ୍ଷ୍ମଣ ବିଗ୍ରହକୁ ରଥରେ ଆରୋହଣ କରି ପୂଜା କରାଯାଇଥିଲା। ପପଙ୍ଗା ପାହାଡ଼ ଶ୍ରୀରାମ ମନ୍ଦିରରେ ସ୍ୱତନ୍ତ୍ର ପୂଜା ହେବା ସହ କୁବେଡ଼େଗା, ଜାମଟିକ୍ରା ରାମଲୀଳା ମହୋତ୍ସବ ସମେତ ଦୁଇମୁହାନୀ ବାସନ୍ତିକ ଦୁର୍ଗା ମନ୍ଦିରରେ ମଧ ସ୍ୱତନ୍ତ୍ର ଆୟୋଜନ କରାଯାଇଥିଲା।

**ସୋହେଲା,(ଡି.ଏନ.ଏ):** ସୋହେଲାଠାରେ ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଶ୍ରୀରାମ ନବମୀ ଉପଲକ୍ଷେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ପ୍ରଭୁ ଶ୍ରୀରାମଙ୍କ ମୂର୍ତ୍ତିକୁ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା । ଦୁର୍ଗାପୂଜା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଦେବତା, ପ୍ରମୋଦ ଦେବତା, ସମ୍ପାଦକ ରାମ ନିବାସ ଅଗ୍ରୱାଲ, ସହ ସମ୍ପାଦକ ବାବୁଲୁ ଅଗ୍ରୱାଲ, କିଶୋର ଗଡତିଆ, ସୁଜ୍ଞାନ୍ତ ପାଣିଗ୍ରାହୀ, ଚନ୍ଦ୍ର କୁମାର ଅଗ୍ରୱାଲ, ଗୋପାଳ ନାୟକ, ଯଶୋବନ୍ତ ଭୋଇ, ବୁଲୁ ପରୁଆ, ଅଶ୍ୱିନୀ କୁମାର ପାତ୍ର ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

**ଗାଇସିଲେଟ, (ଡି.ଏନ.ଏ):** ରାମନବମୀ ଉପଲକ୍ଷେ ଗାଇସିଲେଟ ବ୍ଲକ ଅନ୍ତଗତ କଠଉମାଳ ଗ୍ରାମରେ ଜୟ ଶ୍ରୀରାମ ଆଞ୍ଚଳିକ ନାଟ୍ୟ କଳା ପରିଷଦ ତରଫରୁ ରାମଲୀଳା ନାଟକ ମଞ୍ଚସ୍ଥ ହୋଇଥିଲା । ଏହାକୁ ଗଙ୍ଗାଧର ସାହୁ ନିର୍ଦ୍ଦେଶନା ଦେଇଥିଲେ । ଶ୍ରୀରାମ ଭୂମିକାରେ ଅଲିଭାଜ୍ୟୋତି ତରିଆ, ଲକ୍ଷ୍ମଣ କବିତା କମଲିଆ, ସୀତା ନିହାରିକା ସାହୁ ଓ ଭରତ ଭୂମିକାରେ ଜୋସ୍ନା ତରିଆ ଅଭିନୟ କରିଥିଲେ ।



କୁବେଡ଼େଗା ରାମଲୀଳାରେ ରାମଲକ୍ଷ୍ମଣ ଗ୍ରାମ ପରିକ୍ରମା କରୁଛନ୍ତି ।

# ବୌଦ୍ଧରେ ନିର୍ବାଚନ ପ୍ରସ୍ତୁତି ଚୂଡ଼ାନ୍ତ

## ୫୭ ଅତି ସମ୍ବେଦନଶୀଳ ଓ ୧୧୫ ସମ୍ବେଦନଶୀଳ ବୁଥ୍ ଚିହ୍ନଟ

**ବୌଦ୍ଧ,୧୪।୪(ସ୍ୱ.ପ୍ର)**

■ ୨୭୧୨ ଜଣ କର୍ମଚାରୀ ନିୟୋଜିତ

■ ଦିବ୍ୟାଙ୍ଗ ମତଦାତାଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା

ବୌଦ୍ଧ ଜିଲାରେ ଦିତୀୟ ପର୍ଯ୍ୟାୟରେ ସାଧାରଣ ନିର୍ବାଚନ ହେବାକୁ ଥିବା ବେଳେ ନିର୍ବାଚନ ପୂର୍ବରୁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜିଲାପାଳ ତଥା ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀ ଶୀତାଂଶୁ କୁମାର ରାଉତ ଶନିବାର ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଚଳିତ ନିର୍ବାଚନ ପାଇଁ ଭୋଟର ତାଲିକା ପ୍ରସ୍ତୁତି ଚୂଡ଼ାନ୍ତ ହୋଇସାରିଥିବା ବେଳେ କନ୍ଧମାଳ ନିର୍ବାଚନ ମଣ୍ଡଳୀରେ ୧,୬,୫୪୭ ଓ ବୌଦ୍ଧ ନିର୍ବାଚନ ମଣ୍ଡଳୀରେ ୧,୫,୬୮୮ ଜଣ ମତଦାତାଙ୍କ ନାମ ତାଲିକାଭୁକ୍ତ ହୋଇଛି । ବୌଦ୍ଧ ପାଇଁ ୧୯୪ ଓ କନ୍ଧମାଳ ପାଇଁ ୨୧୭ ଏହିପରି ମୋଟ ୪୧୧ଟି ବୁଥରେ ମତଦାନ କରାଯିବ। ଜିଲାରେ ୫୭ଟି ବୁଥକୁ ଅତି ସମ୍ବେଦନଶୀଳ ଭାବରେ ଚିହ୍ନଟ କରାଯାଇଥିବାବେଳେ ସେଥିମଧ୍ୟରୁ ବୌଦ୍ଧରେ ୩୧ଟି ଓ କନ୍ଧମାଳରେ ୨୬ଟି ବୁଥ୍ ରହିଛି। ଜିଲାରେ ୧୧୫ଟି ବୁଥକୁ ସମ୍ବେଦନଶୀଳ ଚିହ୍ନଟ କରାଯାଇଥିବାବେଳେ ସେଥିମଧ୍ୟରୁ ବୌଦ୍ଧରେ ୫୨ଟି ଓ କନ୍ଧମାଳରେ ୬୩ଟି ରହିଛି । ବୌଦ୍ଧ ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟରେ ଦୁଇଟି ମଡେଲ ବୁଥ ନିର୍ମାଣ କରାଯାଇଛି। ଏହି ବୁଥରେ ମହିଳାମାନେ ନିର୍ବାଚନ ପରିଚାଳନା କାର୍ଯ୍ୟରେ ନିୟୋଜିତ ହେବେ । ନିର୍ବାଚନ ପରିଚାଳନା ପାଇଁ ସମୁଦାୟ ୨୭୧୨ ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯିବ । ନିର୍ବାଚନ କାର୍ଯ୍ୟ ତଦାରଖ ପାଇଁ ୫୧ଜଣ ସେକ୍ଟର ଅଫିସରଙ୍କୁ ନିଯୁକ୍ତି ଦିଆଯାଇଛି । କର୍ମଚାରୀମାନେ ବୁଥ୍‌କୁ ଯିବା ପାଇଁ ବସ ଓ ଅନ୍ୟ ଛୋଟ ଗାଡି ବ୍ୟବସ୍ଥା କରାଯାଇଛି। ୮୦ ଗୋଟି ବୁଥରେ ସିସିଟିଭି ବ୍ୟବସ୍ଥା ହୋଇଛି । ଜିଲାରେ ୨୭୮୮ ଜଣ ଦିବ୍ୟାଙ୍ଗ ମତଦାତାଙ୍କୁ ଚିହ୍ନଟ କରାଯାଇଥିବାବେଳେ ସେମାନଙ୍କ ପାଇଁ ବୁଥ ଗୁଡିକରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ବୁଥ ଗୁଡିକରେ ହୁଇଲ ଚେୟାର ବ୍ୟବସ୍ଥା କରାଯିବା ସହିତ ୪୫୦ଟି ଯାନ ନିୟୋଜିତ କରାଯିବ । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ବୁଥରେ ପାନୀୟଜଳ ଓ ଟେଣ୍ଟ ବ୍ୟବସ୍ଥା ହୋଇଛି । ଏଥର ନିର୍ବାଚନରେ ପ୍ରତ୍ୟେକ ବୁଥକୁ ରାସ୍ତା ସଂଯୋଗୀକରଣ କାର୍ଯ୍ୟକୁ ଗୁରୁତ୍ୱ ଦିଆଯାଇଛି । ନିର୍ବାଚନ ପୂର୍ବରୁ ଇଭିଏମ ଓ ଭିଭିପାଟ ଗୁଡିକୁ ଶେଷଥର ପାଇଁ କମିଶନିଂ କରାଯାଇଛି। ନିର୍ବାଚନରେ ନିୟୋଜିତ କର୍ମଚାରୀଙ୍କ ମଧ୍ୟରୁ ୧୮୪୭ ଜଣ ପୋଷ୍ଟାଲ ବାଲଟ ସାହାଯ୍ୟରେ ମତାଧିକାର ସାବ୍ୟସ୍ତ କରିସାରିଛନ୍ତି। ବୌଦ୍ଧ ପଞ୍ଚାୟତ କଲେଜରୁ ନିର୍ବାଚନ ପରିଚାଳନା ପାଇଁ କର୍ମଚାରୀମାନଙ୍କୁ ଇଭିଏମ ଓ ଭିଭିପାଟ ସହ ପଠାଯିବ ଓ ମତଦାନ ସଂଗ୍ରହ ପରେ ପୁଣିଥରେ ସେଠାରେ ସଂଗ୍ରହ କରି ଇଭିଏମ ଗୁଡିକୁ ରଖାଯିବ । ୧୬ ତାରିଖ ସକାଳୁ କର୍ମଚାରୀମାନଙ୍କୁ ବୁଥକୁ ପଠାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଉଭୟ ନିର୍ବାଚନ ମଣ୍ଡଳୀରେ ସାଧାରଣ ପର୍ଯ୍ୟବେକ୍ଷକ ଓ ପ୍ରାର୍ଥୀଙ୍କ ଖର୍ଚ୍ଚ ଉପରେ ପର୍ଯ୍ୟବେକ୍ଷକମାନେ ସତର୍କ ଦୃଷ୍ଟି ରଖିଛନ୍ତି। ଆବଶ୍ୟକ ସ୍ଥଳେ ସମସ୍ତ ପ୍ରକାର ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଥିବା ଜିଲାପାଳ ରାଉତ ସୂଚନା ଦେଇଥିଲେ । ଏହି ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ରମାକାନ୍ତ ସେଠୀ, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ଦାଶ, ଉପଜିଲାପାଳ ତଥା ନିର୍ବାଚନ ରିର୍ଟର୍ଣ୍ଣିଂ ଅଫିସର ଏନସି ଜ୍ୟୋତିରଞ୍ଜନ ନାଏକ ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ନିର୍ବାଚନ ପରିଚାଳନା ଉପରେ ସୂଚନା ଦିଆଯାଉଛି ।



"ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।
- ସାମୁଏଲ୍ ଜନ୍‌ସନ

## ସଂକ୍ଷେପରେ

### ପଣା ସଂକ୍ରାନ୍ତି ଉତ୍ସବ

ନୂଆପଡ଼ା ଅଫିସ,୧୪।୪- ସ୍ଥାନୀୟ ସଂସ୍କୃତି ଭବନରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ତରଫରୁ ପଣା ସଂକ୍ରାନ୍ତି ଏବଂ ମହାବିଷୁବ ସଂକ୍ରାନ୍ତି ରବିବାର ପାଳିତ ହୋଇଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିବାଜୀ ଭାଇ ସଭାପତିତ୍ୱ କରିଥିବାବେଳେ ଗୋପବନ୍ଧୁ ହାଇସ୍କୁଲ ପ୍ରଧାନଶିକ୍ଷକ ଦୀନବନ୍ଧୁ ଦାସ, ପ୍ରମୋଦ କୁମାର ପାଢ଼ୀ, ପ୍ରଣବ କୁମାର ଶତପଥୀ, ସହଦେବ ଭୋଇ, ସଞ୍ଜୀବ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ପଣା ସଂକ୍ରାନ୍ତି, ମହାବିଷୁବ ସଂକ୍ରାନ୍ତି ସହ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସମ୍ପର୍କ ଉପରେ ଆଲୋକପାତ କରିଥିଲେ । ଜିଲା ପ୍ରଚାରକ ମୋହନ ଭାଇ ଧନ୍ୟବାଦ ଦେଇଥିଲେ ।

### ବିଭିନ୍ନ ମନ୍ଦିରରେ ରାମନବମୀ

ଭବାନୀପାଟଣା,୧୪।୪(ଡି.ଏନ.ଏ.) ସହର ରାମସ୍ୱାମୀ ମନ୍ଦିର, ଜଗନ୍ନାଥ ମନ୍ଦିର, ବାଲାଜୀ ମନ୍ଦିର, ମଦନମୋହନ ମନ୍ଦିର, ରଘୁନାଥ ମନ୍ଦିରରେ ଶ୍ରୀରାମ ନବମୀ ପାଳିତ ହୋଇଛି । ଶ୍ରୀରାମ ଜନ୍ମ ଉପଲକ୍ଷେ ବିଭିନ୍ନ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ଭଜନ ସଂକିର୍ତ୍ତନ କାର୍ଯ୍ୟକ୍ରମ ହୋଇଥିଲା । ସେହିପରି କ୍ଷତ୍ରୀୟ ପାଇକ ସମାଜ ପକ୍ଷରୁ ରାମ ଚନ୍ଦ୍ରଙ୍କ ଜନ୍ମୋତ୍ସବ ପାଳିତ ହୋଇଛି । ଭୈରବ ନାଏକଙ୍କ ବାସଭବନରେ ଭବାନୀପାଟଣା କ୍ଷତ୍ରିୟ ପାଇକ ସମାଜର ଏକ କାର୍ଯ୍ୟକ୍ରମ ହୋଇଥିଲା । କୁଳସୋଦର ସନ୍ତୋଷ କୁମାର ନାଏକ, ଉପମଣ୍ଡଳର ସମ୍ପାଦକ ହେମନ୍ତ କୁମାର ରାଏ, ଭୁବନେ ନାଏକ, ଭବାନୀଶଙ୍କର ପ୍ରଧାନୀ, ରାଜକୁମାର ପ୍ରମୁଖଙ୍କ ସମେତ ସମାଜର ବହୁ ସଦସ୍ୟ ଯୋଗଦେଇଥିଲେ।

## ଭୋଟ ଦେବାରୁ ବଞ୍ଚିତ ହେଲେ ଗାଡ଼ି ଚାଳକ

# ଗଣତାନ୍ତ୍ରିକ ଅଧିକାରକୁ ଛିନ୍ନକଲା ପ୍ରଶାସନ

ନୂଆପଡ଼ା ଅଫିସ,୧୪।୪



କୋମନା ହସ୍ପିଟାଲ କ୍ୟାମ୍ପସରେ ଏକତ୍ର ହୋଇଥିବା ଗାଡି ଚାଳକମାନେ ।

- ଆମର ଚିନ୍ତା କଲାନାହିଁ ପ୍ରଶାସନ
- ଅନ୍ୟ ଜିଲାର ଚାଳକଙ୍କୁ ଆହ୍ୱାନ

ସାଧାରଣ ନିର୍ବାଚନରେ ଶତପ୍ରତିଶତ ନାଗରିକ ଯେପରି ମତଦାନରେ ଅଂଶଗ୍ରହଣ କରିବେ ସେଥି ପାଇଁ ସରକାର ସବୁ ପ୍ରକାର ବ୍ୟବସ୍ଥା କରିଥିବା କୁହାଯାଉଛି । ଇତିମଧ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇଥିବାବେଳେ ଏଥିରେ ପ୍ରଶାସନିକ ଉଦାସିନତା ଯୋଗୁ ହଜାର ହଜାର ସଂଖ୍ୟାରେ ମତଦାତା ଭୋଟଦାନରୁ ବଞ୍ଚିତ ରହିଯାଇଛନ୍ତି । ଏଥି ମଧ୍ୟରେ ନିର୍ବାଚନରେ ସାରଥୀ ଭାବରେ ନିଷ୍ଠାର ସହ କାମ କରିଥିବା ଗାଡି ଚାଳକମାନେ ମତଦାନରୁ ବଞ୍ଚିତ ରହିଛନ୍ତି । ସେମାନେ ତାଙ୍କର ଗଣତାନ୍ତ୍ରିକ ଅଧିକାରକୁ ଜାଣି ଶୁଣି ଛିନ୍ନ କରି ଦିଆଯାଇଛି ବୋଲି ଗାଡିଚାଳକ ସଂଘ ଗୁରୁତର ଅଭିଯୋଗ କରିଛି । ରବିବାର ନୂଆପଡ଼ା ଜିଲା କୋମନା ହସ୍ପିଟାଲ କ୍ୟାମ୍ପସରେ ଗାଡିଚାଳକମାନେ ମେଳି ବାନ୍ଧି ଏଭଳି ମତ ରଖିଛନ୍ତି । ନିର୍ବାଚନ ପରିଚାଳନାରେ ନିୟୋଜିତ କର୍ମଚାରୀମାନଙ୍କଠାରୁ ପୋଷ୍ଟାଲ ବେଲଟ ସାହାଯ୍ୟରେ ଭୋଟ ଗ୍ରହଣ କରିଥିବାବେଳେ ଗାଡି ଚାଳକମାନଙ୍କୁ ସାମିଲ କରାଗଲା ନାହିଁ । ଆଗାମୀ ଦିନରେ ହେବାକୁ ଥିବା ନିର୍ବାଚନରେ ଭାଗ ନେଉଥିବା ଅନ୍ୟ ଜିଲାର ଗାଡି ଚାଳକମାନେ ଏଥିରୁ ଯେପରି ବଞ୍ଚିତ ନ ରହନ୍ତି ସେଥିପାଇଁ ପଦକ୍ଷେପ ନେବାକୁ ଆହ୍ୱାନ ଦେଇଛନ୍ତି ।

ସୂଚନାଯୋଗ୍ୟ ଯେ, ପ୍ରଥମ ପର୍ଯ୍ୟାୟରେ ଗତ ୧୧ ତାରିଖରେ ରାଜ୍ୟର ବ୍ରହ୍ମପୁର, କୋରାପୁଟ ସମେତ କଳାହାଣ୍ଡି ଜିଲାରେ ଭୋଟ ଗ୍ରହଣ ହୋଇଥିଲା। ଏହିକ୍ରମରେ ନୂଆପଡା ଜିଲାରେ ୨ଟି ବିଧାନସଭା ନିର୍ବାଚନମଣ୍ଡଳୀ ନୂଆପଡା (୭୧)ର ୩୦୧ଟି ଏବଂ ଖଡିଆଳ (୭୨)ର ୩୦୨ଟି ନିର୍ବାଚନମଣ୍ଡଳୀ ପାଇଁ ମତଦାନ ହୋଇଥିଲା । ବୁଥଗୁଡିକରେ ପୋଲିଂ ପାର୍ଟିଙ୍କୁ ନେବା ଆଣିବା ସହ ପରିଚାଳନା କରିବାକୁ ଜିଲା ତଥା ଜିଲା ବାହାରୁ ହଜାର ହଜାର ସଂଖ୍ୟାରେ ଗାଡି ନିୟୋଜିତ କରାଯାଇଥିଲା । ଏଥିରେ ସମ୍ବଲପୁର ଜିଲାରୁ ୧୩୦ଟି ଏବଂ ବରଗଡ ଜିଲାରୁ ୧୨୦ଟି ବସ ସହ ନୂଆପଡା ଜିଲାରୁ ଅଟୋଗାଡିଠାରୁ ଆରମ୍ଭ କରି ବୋଲେରୋ, ମିନିଟ୍ରକ, ବସ ହଜାରରୁ ଊର୍ଦ୍ଧ୍ୱ ସଂଖ୍ୟକ ଗାଡି ଲାଗିଥିଲା । ସେହି ଅନୁସାରେ ଜିଲାର ହଜାରରୁ ଊର୍ଦ୍ଧ୍ୱ ସଂଖ୍ୟକ ଗାଡି ଚାଳକମାନେ ନିୟୋଜିତ ହୋଇଥିଲେ । ଏମାନଙ୍କୁ ନିର୍ବାଚନର ଦୁଇଦିନ ଆଗରୁ ଜିଲା କଣ୍ଟ୍ରୋଲ ରୁମରେ ହାଜିର ହେବାକୁ ପଡିଥିଲା । ଏମାନଙ୍କୁ ଏଠାରେ ବିଭିନ୍ନ ପ୍ରକାର ଅସୁବିଧା ହେଉଥିବା ନେଇ ଦାବି କରିବା ସହ ନିର୍ବାଚନରେ ବାଦ ପଡିବାର ସମ୍ଭାବନା ରହିଛି । ଏହା ଉପରେ ପ୍ରଶାସନ ତୁରନ୍ତ ବିଚାର କରିବାକୁ ଚାଳକମାନେ ଦାବି କରିଥିଲେ । ହେଲେ ସେତେବେଳେ ଏହାକୁ ହାଲୁକା ଭାବେ ନିଆଯାଇଥିଲା। ନିର୍ବାଚନ ଶେଷ ହୋଇଗଲା, ହେଲେ ଚାଳକମାନଙ୍କୁ କେବଳ ନିର୍ବାଚନକୁ ଚାହିଁ ରହିବା ସାର ହେଲା । ଏହା ଧୀରେ ଧୀରେ ଚାଳକମାନଙ୍କ ମଧ୍ୟରେ ଆନ୍ଦୋଳନର ଦାନା ବାନ୍ଧୁଛି । ରବିବାର କୋମନା ବ୍ଲକ ଗାଡି ଚାଳକ ସଂଘ ସଭାପତି ବିଶ୍ୱକାନ୍ତ ପଟେଲଙ୍କ ସଭାପତିତ୍ୱରେ ଏକ ବୈଠକ ହୋଇଥିଲା । ଏଥିରେ ପ୍ରଶାସନର ଉଦାସିନତାକୁ ସମସ୍ତେ ନିନ୍ଦା କରିଥିଲେ। ଆମର ଗଣତାନ୍ତ୍ରିକ ଅଧିକାରକୁ ଛିନ୍ନ କରାଯାଇଛି । ଏହାର କଡା ଜବାବ ଦେବାକୁ ପଡିବ । ଏହାକୁ ନେଇ ଆମେ ଆବଶ୍ୟକ ହେଲେ କୋର୍ଟର ଦ୍ୱାରସ୍ଥ ହେବୁ ବୋଲି ନିଷ୍ପତ୍ତି ନେଇଛନ୍ତି । ପୁଣି ବୈଠକରେ ଆଗାମୀ ପର୍ଯ୍ୟାୟଗୁଡିକରେ ହେବାକୁ ଥିବା ନିର୍ବାଚନରେ ଅନ୍ୟ ଜିଲାର ଗାଡିଚାଳକମାନଙ୍କୁ ଏଥିରୁ ବଞ୍ଚିତ କରା ନ ଯାଉ ବୋଲି ନିବେଦନ କରିଛନ୍ତି । ଗାଡିଚାଳକମାନେ ମଧ୍ୟ ଏହା ଉପରେ ଆବାଜ ଉଠାଇବାକୁ ଗଣମାଧ୍ୟମ ଜରିଆରେ ଆହ୍ୱାନ ଦେଇଛନ୍ତି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରିତେକ ପୋଢ, ମହେନ୍ଦ୍ର କୁମାର ଛତ୍ରିଆ, ଦେବାନନ୍ଦ ନାଗ, ଟଙ୍କଧର ନିଆଲ, ମନୋହର ପରାଭୋଏ, ସନ୍ତୋଷ ନିଆଲ ପ୍ରମୁଖ ଉପସ୍ଥିତ ଥିଲେ ।

# ଇଭିଏମ୍ ଟାମ୍ପରିଂ: ଭକ୍ତ ଦାସ

ଭବାନୀପାଟଣା,୧୪।୪ (ଡି.ଏନ.ଏ.)

କଳାହାଣ୍ଡି ଲୋକ ସଭା ଏବଂ ଜିଲାର ୫ଟି ବିଧାନସଭା ଆସନ ପାଇଁ ଗତ ୧୧ ତାରିଖରେ ପ୍ରଥମ ପର୍ଯ୍ୟାୟ ମତଦାନ ଶେଷ ହୋଇଛି । କେତେକ ମତଦାନ କେନ୍ଦ୍ରରେ ଇଭିଏମ୍ ମେଶିନ୍, ଭିଭିପାଟ୍ ମେଶିନ୍ ଓ କଂଟ୍ରୋଲ ୟୁନିଟ୍‌ରେ ତ୍ରୁଟି ଦେଖାଦେବା ପରେ ମେଶିନ୍ ପରିବର୍ତ୍ତନ କରାଯାଇଥିଲା। ଏହି ପରିବର୍ତ୍ତନ ଯୋଗୁ ମତଦାନ କେନ୍ଦ୍ରଗୁଡିକରେ ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା । ମାଓବାଦୀଙ୍କ ଭୋଟ ବର୍ଜନ ଆହ୍ୱାନକୁ ଖାତିର ନ କରି କଳାହାଣ୍ଡିର ମତଦାତାମାନେ ଗଣତନ୍ତ୍ର ଉପରେ ଆସ୍ଥା ରଖି ବହୁ ସଂଖ୍ୟାରେ ନିଜର ମତାଧିକାର ସାବ୍ୟସ୍ତ କରିଥିଲେ। ତେବେ ଇଭିଏମ୍ ମେଶିନ୍ ଓ ଅନ୍ୟାନ୍ୟ ନିର୍ବାଚନ ଉପକରଣ ଷ୍ଟ୍ରଙ୍ଗରୁମ୍‌ରେ ପହଞ୍ଚିବା ତଥା ଏଥିରେ ସିଲ୍ କରିବା ଘଟଣାକୁ ନେଇ ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀମାନେ ଅଭିଯୋଗ ଆଣିଛନ୍ତି। ଏ ନେଇ ଶନିବାର ଜୁନାଗଡ ଭାଜପା ପ୍ରାର୍ଥୀ ମନୋଜ ମେହେର, କଂଗ୍ରେସ ପ୍ରାର୍ଥୀ ଅନୀଲ ସିଂଦେଓ ଏବଂ କଳାହାଣ୍ଡି ଲୋକ ସଭା କଂଗ୍ରେସ ପ୍ରାର୍ଥୀ ଭକ୍ତଚରଣ ଦାସ ଜିଲା ନିର୍ବାଚନ ଅଧିକାରୀଙ୍କ ନିକଟରେ ଏଭଳି ଅବ୍ୟବସ୍ଥାକୁ ନେଇ ଅଭିଯୋଗ କରିଛନ୍ତି । ଭକ୍ତ ଅଭିଯୋଗ କରିଛନ୍ତି ଯେ, ୧୭-ସି ଫର୍ମ ଅନୁସାରେ ନିର୍ବାଚନ ପରେ ତୁରନ୍ତ ଇଭିଏମଗୁଡିକୁ ଷ୍ଟ୍ରଙ୍ଗରୁମରେ ରଖିବା ସହ ଲୋକ ସଭାର ଆଲଗା ଏବଂ ବିଧାନ ସଭା ଆଲଗା କରି ଇଭିଏମଗୁଡିକୁ ରଖିବା ପରେ ଲକ କରାଯିବା କଥା । ଏହାସହ ପ୍ରାର୍ଥୀମାନେ ମଧ ସେହି ଇଭିଏମ ରୁମକୁ ଚାହିଁଲେ ଲକ୍ କରିପାରିବେ । କିନ୍ତ କଳାହାଣ୍ଡିରେ ଏହାର ଉଲ୍ଲଂଘନ ହୋଇଛି । ଫଳରେ ଇଭିଏମ ଟେମ୍ପରିଂ ମଧ କରାଯାଇଥାଇ ପାରେ ବୋଲି ଭକ୍ତ ଅଭିଯୋଗ କରିଛନ୍ତି । ଆସନ୍ତା ମେ ୨୩ ତାରିଖରେ ଭୋଟ ଗଣନା ହେବ। ସେତେ ଦିନ ପର୍ଯ୍ୟନ୍ତ ଷ୍ଟ୍ରଙ୍ଗରୁମ୍‌ରେ ଇଭିଏମ୍ ମେଶିନ୍‌କୁ କଡାସୁରକ୍ଷା ମଧ୍ୟରେ ରଖାଯିବ ବୋଲି ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦ ପ୍ରକାଶ କରିବା ସହ କୌଣସି ପ୍ରକାର ଅନିୟମିତତାକୁ ଅସ୍ୱୀକାର କରିଛନ୍ତି । ଜିଲାର ୧୪୦୫ ମତଦାନ କେନ୍ଦ୍ରରୁ ପୋଲିଂ ଅଧିକାରୀ ଓ କର୍ମଚାରୀମାନେ ୧୧ ତାରିଖ ରାତି ୨ଟା ସୁଦ୍ଧା ସ୍ଥାନୀୟ ବାଦୋପଲାସ୍ଥିତ ଇଞ୍ଜିନିୟରିଂ କଲେଜ ଷ୍ଟ୍ରଙ୍ଗରୁମ୍‌ରେ ସେମାନଙ୍କ ଇଭିଏମ୍ ମେଶିନ୍, ଭିଭିପାଟ୍ ମେଶିନ୍, କଂଟ୍ରୋଲ ୟୁନିଟ୍ ଓ ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ଉପକରଣ ଦାଖଲ କରିଥିଲେ । ଷ୍ଟ୍ରଙ୍ଗରୁମ୍‌ରେ ନିୟୋଜିତ ସମସ୍ତ କର୍ମଚାରୀ ଜିଲାର ସମସ୍ତ ବୁଥ୍‌ର ଇଭିଏମ୍ ମେଶିନ୍, ଭିଭିପାଟ୍ ମେଶିନ୍, କଂଟ୍ରୋଲ ୟୁନିଟ୍ ଓ ସମସ୍ତ ନିର୍ବାଚନ ଉପକରଣ ଠିକ୍ ଭାବରେ ଦାଖଲ କରିଥିଲେ ବୋଲି ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ହର୍ଷଦ ପ୍ରକାଶ କରିଛନ୍ତି । ପ୍ରତ୍ୟେକ୍ଷ ତତ୍ୱାବଧାନରେ ଓ କଡା ସୁରକ୍ଷା ମଧ୍ୟରେ ସମସ୍ତ ଇଭିଏମ୍ ମେଶିନ୍, ଭିଭିପାଟ୍ ମେଶିନ୍, କଂଟ୍ରୋଲ ୟୁନିଟ୍ ଓ ସମସ୍ତ ନିର୍ବାଚନ ଉପକରଣ ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଛି ଏବଂ ଆସନ୍ତ ମେ ୨୩ ତାରିଖରେ ଭୋଟ୍ ଗଣନା କରାଯିବ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନଈ ଶୁଖିଲେ କି କରଇ ନାଆ,
ଥନ ଶୁଖିଲେ କି କରଇ ମା'।**

ନଈ ଶୁଖିଗଲେ ଡଙ୍ଗା ବା ନାହା ଯାଇପାରି ନ ଥାଏ । ନଈରେ ପାଣି ଆସିବା ଯାଏ ଗୋଟିଏ ଜାଗାରେ ପଡ଼ିରହିଥାଏ । ସେହିପରି ଥନରୁ କ୍ଷୀର ଶୁଖିଗଲେ ମାଆ ତା'ର ସନ୍ତାନକୁ କ୍ଷୀର ଦେଇପାରି ନ ଥାଏ। ପରୋକ୍ଷରେ ପ୍ରତିକୂଳ ପରିସ୍ଥିତି ଆଗରେ ମଣିଷ ହାର ମାନିଥାଏ। କଳକୌଶଳ ଖଞ୍ଜିବାର ସବୁବାଟ ବନ୍ଦ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନାହିଁ କୁ ଉପାୟ ନାହିଁ,
ମଲାକୁ ଔଷଧ ନାହିଁ।**

ଯିଏ ସବୁବେଳେ ସବୁ କଥାରେ ନାହିଁ ନାହିଁ କରେ ସେଭଳି ବ୍ୟକ୍ତିକୁ ମନେଇ ତା'ଦ୍ୱାରା କାର୍ଯ୍ୟ କରାଇବା କାଠିକର ପାଠ ହୋଇଯାଇଥାଏ। କାରଣ ବିନା ଇଚ୍ଛାଶକ୍ତିରେ କୌଣସି କାର୍ଯ୍ୟ ସଫଳ ହୋଇପାରି ନ ଥାଏ । ଏପରି ବ୍ୟକ୍ତିଙ୍କ ଉପରେ କରାଯାଉଥିବା ସକଳ ପ୍ରଚେଷ୍ଟା ବ୍ୟର୍ଥ ପ୍ରମାଣିତ ହୋଇଥାଏ। ସେହିପରି ଯେତେ ଚେଷ୍ଟା କଲେ ମଧ ମଲା ଲୋକକୁ ବଞ୍ଚାଇ ପାରିବା ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଆଧୁନିକ ଭାରତର ନିର୍ମାତାଙ୍କୁ ଦେଶ ଭୁଲିଯାଉଛି

ନୂଆପଡା ଅଫିସ/କୋମନା, ୧୪।୪



ଆମ୍ବେଡକରଙ୍କ ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥିଙ୍କ ଗହଣରେ ସମସ୍ତ କର୍ମକର୍ତ୍ତା ।



ଶୋଭାଯାତ୍ରାରେ କର୍ମକର୍ତ୍ତାଗଣ ପରିକ୍ରମା କରୁଛନ୍ତି ।

- ଶୋଭାଯାତ୍ରାରେ ବୁଲିଲେ କର୍ମକର୍ତ୍ତା
- ଆମ୍ବେଡକରଙ୍କ ୧୨୮ତମ ଜୟନ୍ତୀ

ଡ.ଭୀମରାଓ ଆମ୍ବେଡକର ଦେଶ ପାଇଁ ଏକ ବିପ୍ଳବ ଆଣିଥିଲେ । ଦେଶ ସ୍ୱାଧୀନ ହେବା ପରେ ଆମ ଆଧୁନିକ ଭାରତର ନିର୍ମାଣରେ ବାବାସାହେବଙ୍କ ପ୍ରଚେଷ୍ଟା ଭୂମିକା ରହିଛି । ତାଙ୍କୁ ବର୍ତ୍ତମାନ ଦେଶ ଭୁଲିଯାଉଛି । ଯେତିକି ସମ୍ମାନ ଦିଆଯିବା କଥା ତାହା ମିଳୁନାହିଁ ବୋଲି ଆମ୍ବେଡକରଙ୍କ ୧୨୮ତମ ଜୟନ୍ତୀ ଉତ୍ସବରେ ମତପ୍ରକାଶ ପାଇଛି । ନୂଆପଡ଼ା ଜିଲା କୋମନା ବ୍ଲକ ସଦର ମହକୁମାରେ ଆମ୍ବେଡକର କ୍ଲବ ଆନୁକୂଲ୍ୟରେ ବାବା ସାହେବଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ରବିବାର ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ବସଷ୍ଟାଣ୍ଡ ନିକଟରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ସିଡିଏମଓ ଡା. ବଜରଙ୍ଗବଳି ଜଗତ ସଭାପତିତ୍ୱ କରିଥିବାବେଳେ କୋମନା ଅତିରିକ୍ତ ତହସିଲଦାର ସତ୍ୟନାରାୟଣ ତାଣ୍ଡି, ଧର୍ମେନ୍ଦ୍ର ତାଣ୍ଡି ମୁଖ୍ୟବକ୍ତା, ଶିକ୍ଷାବିତ ଈଶ୍ୱର ସୁନାନୀ, କୋମନା ରେଞ୍ଜ ଅଫିସର ଜଗଦିଶ ଚନ୍ଦ୍ର ଦୁରିଆ, ମଦନ କଲାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସାମାଜିକ କର୍ମୀ ଦୁଷ୍ମନ୍ତ କୁମାର ଦୁରିଆ ମଞ୍ଚ ପରିଚାଳନା କରିଥିଲେ। ଅତିଥିମାନେ ଡ.ଆମ୍ବେଡକରଙ୍କ ଜୀବନାଦର୍ଶ ସମ୍ପର୍କରେ ଉପସ୍ଥାପନା କରିଥିଲେ। ବାବା ସାହେବ ଏକ ଗରିବ ପରିବାରରୁ ଆସି ତାଙ୍କର ଅଦମ୍ୟ ଇଚ୍ଛାଶକ୍ତି ଫଳରେ ଶିକ୍ଷାର ଶିଖରକୁ ଚଢିପାରିଥିଲେ । ଏହାକୁ ପାଥେୟ କରି ଆଜିର ଯୁବ ସମାଜ ଶିକ୍ଷା ଦିଗରେ ଅଗ୍ରଗତି କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ । ସେହିଭଳି ଭାରତର ମୂଳ ନିବାସୀ ଅନୁସୂଚିତ ଜାତି ଓ ଜନଜାତି ଏବଂ ପଛୁଆବର୍ଗଙ୍କ ବିକାଶ ଉପରେ ଆମ୍ବେଦର ବିଶେଷ ଗୁରୁତ୍ୱ ଦେଇଥିଲେ। ହେଲେ ଏମାନଙ୍କ ଜନସଂଖ୍ୟା ସାଙ୍ଗକୁ ଦେଶପ୍ରତି ଅବଦାନ ମଧ୍ୟ ବିଶେଷ ରହିଛି। ତେଣୁ କରି ଏମାନଙ୍କ ସାମୁହିକ ବିକାଶ ଦିଗର ସରକାର ଧ୍ୟାନ ଦେବାକୁ ବକ୍ତାମାନେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏଥିରେ ସହରର ଶତାଧିକ ଯୁବତୀଯୁବକ, ମହିଳାପୁରୁଷ ଏବଂ ଅତିଥିମାନେ ମଧ୍ୟ ପରିକ୍ରମା କରିଥିଲେ। ଶେଷରେ ଯୁବତୀଯୁବକମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତୀତ୍ୱ ସକାଶେ ପ୍ରତିଭାମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ କ୍ଲବ ସଭାପତି ଅସିତ କୁମାର ଦୁରିଆ, ବରିଷ୍ଠ କର୍ମକର୍ତ୍ତା ଗୁପ୍ତେଶ୍ୱର କୁମ୍ଭାର, କ୍ଷୀରୋଦ କୁମାର ସୁନାନୀ, ନିର୍ମଳ ସାଗର, ରଞ୍ଜନ ସେନାପତି, ମିକୁତାଣ୍ଡି, ମନୋଜ କୁମ୍ଭାର, ମିଥୁନ ଦୁରିଆ, ରାଜ ଦୁରିଆ, ଅଶୋକ ନାଗ, ସଚିନ ଦୁରିଆ, ହେମସାଗର, ସୁଧୀର କୁମାର ଦୁରିଆ, ଥବିର ତାଣ୍ଡି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ଉଲିକୁପା, ଖଣ୍ଡିଡଙ୍ଗରିଗୁଡ଼ାରେ ଆମ୍ବେଡକର ଜୟନ୍ତୀ

ଲାଞ୍ଜିଗଡ଼,୧୪।୪ (ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଉଲିକୁପାଠାରେ ରବିବାର ବାବାସାହେବ ଡ. ଭୀମରାଓ ଆମ୍ବେଡକରଙ୍କ ୧୨୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ନର୍ଲା ବ୍ଲକ ଜୟଭୀମ ଡମ୍ ବିକାଶ ପରିଷଦ ଦ୍ୱାରା ଆୟୋଜିତ ଜିଲାସ୍ତରୀୟ ସମାରୋହରେ ମୁଖ୍ୟଅତିଥି ଭାବେ ଡମ ବିକାଶ ପରିଷଦ ପୂର୍ବତନ ସଭାପତି କାମରାଜ ନାଏକ, ମୁଖ୍ୟବକ୍ତା ସୁପ୍ରସିଦ୍ଧ ବାଗ୍ମୀ ଲବ କରୁଆଁ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଉଦିତ କୁମାର ଚଲାନ, ଇଂ. ହୃଷୀକେଶ ସେନାପତି, ଦଳିତ ନେତା ପ୍ରଦୀପ ଛତ୍ରିଆ, ଯୁବ ଲେଖକ ଓ ସାମାଜିକ କର୍ମୀ ସୁଶୀଲ କୁମାର ବାଗ, ରଘୁମଣି ସୁନା, ଯୁବସାମାଜିକ କର୍ମୀ ଗୋପାଳଦାସ ମହାନନ୍ଦ, ବନବିହାରୀ ପାଲ, ରାଜକୁମାରୀ ତାଣ୍ଡି, ରମା ଦୁର୍ଗା, ଧର୍ମୁ ତାଣ୍ଡି, ବନମାଳୀ ତାଣ୍ଡି ପ୍ରମୁଖ ଯୋଗଦେଇଥିଲେ। ଡମ୍ ବିକାଶ ପରିଷଦ ସଭାପତି ରଘୁନାଥ ଦୀପଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହକୁ ରବି ଦୁର୍ଗା ଓ ବିଷ୍ଣୁଦାସ ବାଗ ପରିଚାଳନା କରିଥିଲେ। ଏହି ଅବସରରେ ଯୁବ ସଙ୍ଗୀତଜ୍ଞ ନରୋତ୍ତମ କରୁଆଁ ଓ ତରୁଣ କୁମାର ସଙ୍ଗୀତ ପରିବେଷଣ କରିଥିଲେ। ସଭା ପୂର୍ବରୁ ଏକ ବିଶାଳ ଶୋଭାଯାତ୍ରା ଉଲିକୁପା ଗାଁ ପରିକ୍ରମା କରିବା ପରେ ସଭାସ୍ଥଳରେ ପହଞ୍ଚିଥିଲା । ସେଠାରେ ବାବାସାହେବଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପରେ ସଭା ହୋଇଥିଲା । ଏଥିରେ ସମାଜର ବିଭିନ୍ନ ପରିବର୍ତ୍ତନ ସହିତ ତାଳ ଦେଇ ଚାଲିବାକୁ ଅତିଥିମାନେ ଆହ୍ୱାନ ଦେବା ସହ ବାବାସାହେବଙ୍କ ଅମରବାଣୀ ଶିକ୍ଷିତ ହୁଅ, ସଂଘର୍ଷ କର ଓ ସଙ୍ଗଠିତ ହୁଅକୁ କାର୍ଯ୍ୟରେ ପରିଣତ କରିବାକୁ ସମସ୍ତେ ଶପଥ ନେଇଥିଲେ । ସେହିପରି ଲାଞ୍ଜିଗଡ଼ ବ୍ଲକ ଗୋବର୍ଦ୍ଧନପୁର ପଞ୍ଚାୟତ ରାମଚନ୍ଦ୍ରପୁରଠାରେ ବାବାସାହେବଙ୍କ ଜୟନ୍ତୀ ପାଳିତ ହୋଇଛି । ଏଥିରେ ଅତିଥି ଭାବେ କ୍ଷୀରସାଗର ମହାନନ୍ଦ, କେଶବ ଦୁର୍ଗା ପ୍ରମୁଖ ଯୋଗଦେଇଥିଲେ । ଆୟୋଜିତ କାର୍ଯ୍ୟକ୍ରମକୁ ଜଳଧର ସାଗର, ଦିଗାମ୍ବର ଛତ୍ରିଆ, ଗଜାନନ ଦୁର୍ଗା ପ୍ରମୁଖ ପରିଚାଳନା କରିଥିଲେ ।

**ମଣ୍ଡଳ, (ଡି.ଏନ.ଏ.):** କଲମପୁର ବ୍ଲକ ଖଣ୍ଡିଡଙ୍ଗରିଗୁଡାଠାରେ ଡ. ବାବାସାହେବ ଭୀମରାଓ ଆମ୍ବେଡକରଙ୍କ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି । ଉତ୍ସବରେ ବକ୍ତାମାନେ ଅନ୍ୟାୟ ବିରୋଧରେ ସଂଗ୍ରାମ କରିବା ପାଇଁ ଆହ୍ୱାନ ଦେଇଥିଲେ । ମଣିଷର ସର୍ବ ପ୍ରଥମେ ଆବଶ୍ୟକତା ଶିକ୍ଷା, ତେଣୁ ସମସ୍ତ ଜନସାଧାରଣ ଶିକ୍ଷିତ ହେବା ଦରକାର । ସଙ୍ଗଠିତ ହେବା ଦରକାର ଓ ସଚେନ ହୋଇ ଏକତା ହେବା ଦରକାର ବୋଲି କହିଥିଲେ । ବ୍ୟାଙ୍କ ଅଧିକାରୀ ରମେଶ ଛତ୍ରିଆ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟଅତିଥି ନାରାୟଣ ବଗର୍ତ୍ତି, ଅତିଥି କରୁଣାକର ଚିନ୍ଦା, ମୁଖ୍ୟବକ୍ତା ନବ କିଶୋର ମାଝି, ହନୁମନ୍ତ ମାଝି, ପ୍ରଦୀପ ଭୋଇ, ରଜନୀକାନ୍ତ ଛତ୍ରିଆ, ଘନଶ୍ୟାମ ନିଆଁଲ, କିଶୋର ଚନ୍ଦ୍ର ପଟେଲ, ହରିହର ଦୁର୍ଗା, ଭୋଦେବ ବେହେରା, ବଳଦେବ ନାଏକ, ପ୍ରଶାନ୍ତ ମାଝି, ଗଣେଷ ପଟେଲ, ଲିମେଶ୍ୱର ବାଗ, ଗୌରାଙ୍ଗବାଗ, ଗଣେଶରାମ ବାଗ, ଚକ୍ରଧର ନାଏକ, ସେନାବତି ନାଏକ, ପୂର୍ଣ୍ଣଚନ୍ଦ୍ର ଛତ୍ରିଆ ପ୍ରମୁଖ ମଞ୍ଚାସୀନ ଥିଲେ। ସୁଶାନ୍ତ ବିହାରୀ ମଞ୍ଚ ପରିଚାଳନା କରିଥିଲେ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

FINANCE
ACB ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେ ବସି ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Saharaganj Mall, Shahnajaf Rd, Lucknow, Uttar Pradesh 226001
9058692160
7467886694

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Dhanlaxmi Finance
(Registration- BG8855CH8814)
ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ପର୍ସନାଲ, ସବୁ ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। 2% ସୁଧ, 40% ରିହାତି ସହିତ। ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି।
Helpline:
9499135756
Sadheisasan, Anakhia, Jagatsinghpur, Odisha. PIN-754102

FINANCE
ସ୍ୱୀକୃତୀପ୍ରାପ୍ତ ମୁଦ୍ରା ଯୋଜନା ଦ୍ୱାରା ମାର୍କସିଟ, କୃଷି, ଆଧାରକାର୍ଡ, ସମ୍ପତି, ଗୃହ ଓ ବ୍ୟକ୍ତିଗତ, BPL ଋଣ ମାତ୍ର ୪୫୦/- ଟଙ୍କାରେ ଘରେ ବସି ପାଆନ୍ତୁ।
ବାର୍ଷିକ 1% ସୁଧ 50% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
8698663544
8956667461

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

ଲକ୍ଷ୍ମୀ ଫାଇନାନ୍ସ (ରେଜି.)
କମ୍ପାନୀ ସବୁ ସରକାରୀ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗାଡ଼ି ଏବଂ ସମସ୍ତ ଋଣ ମାତ୍ର ୧୮ ଘଣ୍ଟାରେ, ୨% ସୁଧ, ୫୦% ରିହାତି।
(ମହିଳାଙ୍କୁ ବିଶେଷ ରିହାତି)
9511074590
9511074774
H.No. 249, Vill- SISWALA, Teh.- DADRI, Dist.- BHIWANI

ଭାରତର ନଂ.୧
INDUS NETWORK COMPANY
(Govt. Regd.) ଦ୍ୱାରା ନିଜର ଖାଲି ପଡ଼ିଥିବା ଜମିରେ ଡିଜିଟାଲ୍ ନେଟ୍‌ୱର୍କ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ୭୦ ଲକ୍ଷ ଆଡ୍‌ଭାନ୍ସ + ୭୦,୦୦୦ ଭଡ଼ା + ଏଗ୍ରିମେଣ୍ଟ + ୧ ବାଇକ୍ ।
Helpline Numbers
9430834074
8709556494
House No.267, Friends Colony, New Delhi-6


ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।

- ସାମୁଏଲ୍ ଜନ୍‌ସନ



## ସଂକ୍ଷେପରେ

### ବିଭିନ୍ନ ସ୍ଥାନରେ ରାମଲୀଳା ଆରମ୍ଭ

ରିଷିଡା,୧୪।୪ (ଡି.ଏନ.ଏ.)- କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ ଶନିବାର ରାମନବୀମ ଅବସରରେ ରାମଲୀଲା ନାଟକ ଆରମ୍ଭ ହୋଇଛି । ରିଷିଡାସ୍ଥିତ ରାମକୃଷ୍ଣ ସାଂସ୍କୃତିକ ସଂସଦଠାରେ ୧୪ ଦିନ ବ୍ୟାପି ରାମଲୀଳା ଆରମ୍ଭ ହୋଇଛି। ପ୍ରଥମ ରାତିରେ ଶ୍ରୀରାମଙ୍କ ଜନ୍ମ ନାଟକ ପରିବେଷଣ କରାଯାଇଥିଲା। ସେହିପରି ବଡଡୁଙ୍ଗୁରିଗୁଡାଠାରେ ଶ୍ରୀରାମମନ୍ଦିର ପରିସରରେ ରାମଲୀଳା ନାଟକ ଆରମ୍ଭ ହୋଇଛି । ବୌଶ୍ୟ ସଦାଶିବ କୃତ ରାମଲୀଳା ନାଟକ ଗୀତ ମାଧମରେ ପରିବେଷଣ କରାଯାଉଥିବାରୁ ଗ୍ରାମାଞ୍ଚଳରେ ବିଶେଷ ଆଦୃତଲାଭ କରିଛି ।

### ଶିଶୁ ମନ୍ଦିରରେ ରାମନବମୀ ପାଳିତ

ରିଷିଡ଼ା,୧୪।୪ (ଡି.ଏନ.ଏ.)- କଳାହାଣ୍ଡି ଜିଲା ରିଷିଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶନିବାର ରାମନବମୀ ପାଳିତ ହୋଇଯାଇଛି । ସମାଜ ସଂସ୍କାରକ ବାବା ଭଗବାନ ସାହୁ ଯୋଗଦେଇ ଶ୍ରୀରାମଙ୍କ ପିତୃ ଭକ୍ତି ଉପରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ପ୍ରଧାନଆଚାର୍ଯ୍ୟ ଶାନ୍ତନୁ କୁମାର ମିଶ୍ର ଓ ଆଚାର୍ଯ୍ୟ ବାସୁଦେବ ସେଲମା କାର୍ଯ୍ୟକ୍ରମରେ ସହାୟତା କରିଥିଲେ ।

### ମାନସିକ ଚାପରେ ପଡ଼ି ଯୁବକଙ୍କ ଆତ୍ମହତ୍ୟା ଅଭିଯୋଗ

କୋକସରା,୧୪।୪(ଡି.ଏନ.ଏ.) କଳାହାଣ୍ଡି ଜିଲା ଆମପାଣି ଥାନା ବରାଡ଼ଙ୍ଗା ପଞ୍ଚାୟତ ସିଉନି ଗ୍ରାମର ଜଣେ ଯୁବକ ରବିବାର ଅପରାହ୍ନ ୩ଟାରେ ନିଜ ଚାଷ ଜମିରେ ଥିବା ଏକ ପଳାସ ଗଛରେ ବେକରେ ଶାଢ଼ି ଦେଇ ଆତ୍ମହତ୍ୟା କରିଛନ୍ତି । ମୃତକ ହେଲେ ପ୍ରଦୀପ କୁମାର ବେହେରା (୪୫) । ସେ ମାନସିକ ଚାପ ଯୋଗୁ ଆତ୍ମହତ୍ୟା କରିଥିବା ପରିବାରବର୍ଗ ଅଭିଯୋଗ କରିଛନ୍ତି । ସୂଚନା ଅନୁସାରେ ସିଉନି ଗ୍ରାମର ପ୍ରଦୀପ ଗତ ୯ ତାରିଖରେ ଏକ ବାଇକ୍‌ରେ ହାତରନ୍ଧା ମଦ ଆମପାଣିଠାରୁ ସିଉନିକୁ ଆଣୁଥିଲେ। ବରାଡ଼ଙ୍ଗା ପଞ୍ଚାୟତ ଅଫିସ ପାଖରେ ଜୟପାଟଣା ଅବକାରୀ ବିଭାଗ ପାଟ୍ରୋଲିଂ କରିବା ସମୟରେ ଚଢ଼ାଉ କରି ତାଙ୍କଠାରୁ ୨୦ ଲିଟର ଦେଶି ମଦ ଜବତ କରିଥିଲେ। ସେଠାରୁ ପ୍ରଦୀପ ଫେରାର ହୋଇଯାଇଥିଲେ। ବାଇକ୍ ଓ ମଦ ଜବତ କରିଥିବା ନେଇ ଅବକାରୀ ଅଧିକାରୀ ସୁଭେନ୍ଦୁ ମୁଣ୍ଡା ସୂଚନା ଦେଇଥିଲେ। ଏହି ଘଟଣା ପରେ ପ୍ରଦୀପ ମାନସିକ ଚାପରେ ରହିଥିବା ବେଳେ ରବିବାର ଆମପାଣି ଥାନାକୁ ଯାଇ ଫେରିବା ପରେ ନିଜ ଗ୍ରାମରେ ଥିବା ଚାଷ ଜମିରେ ସେ ବେକରେ ଶାଢ଼ି ଦେଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି । ଖବର ପାଇ ଆମପାଣି ଥାନା ଏଏସଆଇ ରମେଶ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ତଦନ୍ତ ଜାରି ରଖିଛନ୍ତି । ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧/୧୯) ରୁଜୁ ହୋଇଛି । ଘଟଣାର ତଦନ୍ତ ଜାରି ରଖିଥିବା ଆମପାଣି ଥାନା ଅଧିକାରୀ ସତ୍ୟନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି ।

ନିର୍ଦ୍ଧାରଣ ହେଉନି ମହୁଲ ଫୁଲ ମୂଲ୍ୟ

# ଗୋଟାଳି ଅଭାବୀ ବିକ୍ରିର ଶିକାର

ଭବାନୀପାଟଣା/କେଗାଁ,୧୪।୪ (ସ୍ୱ.ପ୍ର./ଡି.ଏନ.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ବଣପାହାଡ ଅଞ୍ଚଳରେ ଅଧିକ ସଂଖ୍ୟାରେ ହରିଜନ, ଆଦିବାସୀ ଶ୍ରେଣୀର ଲୋକେବାସ କରନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶ ଲୋକେ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରି ଜୀବିକା ନିର୍ବାହ କରନ୍ତି। ଏହି ଋତୁରେ ଜଙ୍ଗଲଜାତ ଦ୍ରବ୍ୟ ମଧ୍ୟରେ ମହୁଲ ଫୁଲ ଅନ୍ୟତମ । ଏହି ଫୁଲ ଗୋଟାଇ ଜଙ୍ଗଲ ଅଞ୍ଚଳରେ ବାସ କରୁଥିବା ଲୋକେ ଜୀବିକା ନିର୍ବାହ କରୁଥିବା ବେଳେ ସେମାନଙ୍କ ସରଳତାର ସୁଯୋଗ ନେଇ ବେପାରୀମାନେ ଲାଭବାନ ହେଉଥିବା ବେଳେ ଆଦିବାସୀମାନେ ଶୋଷଣର ଶିକାର ହେଉଛନ୍ତି ।

ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ବ୍ଲକର କେଗାଁ, ମହାଲିଙ୍ଗ, ସିନାପାଲି, ଚହକା, ବଡଚେରଗାଁ, ଚପ୍ରିଆ, ଧାମନପୁର, ଦଶପୁର, ଫରଙ୍ଗ, ଖଲିଆକାନି, ନକଟିକାନି, ଗଣ୍ଡାମେର ଗ୍ରାମପଞ୍ଚାୟତ ଅନେକ ଆଦିବାସୀ ଓ ହରିଜନ ଶ୍ରେଣୀର ଲୋକେ ତାଙ୍କର



ଜଣେ ମହିଳା ମହୁଲ ଫୁଲ ଗୋଟାଉଛନ୍ତି ।

ଗୁଜୁରାଣ ମେଣ୍ଟାଇ ଥାନ୍ତି। କିନ୍ତୁ ମହୁଲଫୁଲ ସଂଗ୍ରହକାରୀମାନେ ଉଚିତ ମୂଲ୍ୟ ନ ପାଇବାରୁ ସେମାନେ ତାଙ୍କ ପରିବାର ପ୍ରତିପୋଷଣ କରିବାରେ ଅସମର୍ଥ ହେଉଛନ୍ତି । ବେପାରୀମାନେ ନିରିହ ଆଦିବାସୀ ଓ ହରିଜନଙ୍କୁ ମହୁଲଫୁଲର ଉଚିତ ମୂଲ୍ୟ ଦେବା ପରିବର୍ତ୍ତେ କିଲୋ ପ୍ରତି ୪/୫ ଟଙ୍କାରେ କିଣି ନେଉଥିବା ବେଳେ କେହି କେହି ଲୁଣ ଦେଇ ମଧ ମହୁଲଫୁଲ କିଣୁଥିବା ଦେଖିବାକୁ ମିଳୁଛି । ସ୍ଥାନୀୟ ବେପାରି ଓ ଜିଲା ସୀମାନ୍ତ ଛତିଶଗଡ ରାଜ୍ୟର ବେପାରିମାନେ ମିଶି କମ ମୂଲ୍ୟରେ ମହୁଲ କିଣୁଥିବା ବେଳେ ସରକାର ମଧ ପ୍ରଚୁର ରାଜସ୍ୱ ହରାଉଛନ୍ତି । ମହୁଲ ଫୁଲ ଉଚିତ ମୂଲ୍ୟ ଆଜି ପର୍ଯ୍ୟନ୍ତ ପ୍ରଶାସନ କିମ୍ୱା ସରକାର ନିର୍ଦ୍ଧାରଣ କରି ନ ଥିବାରୁ ବ୍ୟବସାୟୀମାନେ ନିଜ ମନଇଚ୍ଛା ଦରରେ ମହୁଲ କିଣି ମାଲେମାଲ ହେଉଥିବା ବେଳେ ଆଦିବାସୀ ଲୋକେ ଅଭାବି ବିକ୍ରିର ସମ୍ମୁଖୀନ ହେଉଛନ୍ତି । ମହୁଲ ଫୁଲରୁ ମଦ, ଚିନି ଓ ଔଷଧ ଭଳି ଦ୍ରବ୍ୟ ପ୍ରସ୍ତୁତ ହେଉଥିବା ବେଳେ ଏହାର ଦର ନିର୍ଦ୍ଧାରଣ କରାଯାଇ ନାହିଁ । ଫଳରେ ଦିନରାତି ପରିଶ୍ରମ କରୁଥିବା ମହୁଲ ଫୁଲ ଗୋଟାଳିମାନେ ସେମାନଙ୍କ ଉଚିତ ପ୍ରାରିଶ୍ରମିକ ପାଇବାରୁ ବଞ୍ଚିତ ହେଉଛନ୍ତି । ମହୁଲଫୁଲ ଗୋଟାଳିମାନେ ଶୋଷଣର ଶିକାର ହେଉଥିବା ବେଳେ ବେପାରିମାନେ ମାଲାମାଲ ହୋଇ ଚାଲୁଛନ୍ତି । ପଡୋଶୀ ଛତିଶଗଡରେ ମହୁଲ ମୂଲ୍ୟ କେଜି ପ୍ରତି ୫୦ ଟଙ୍କା ସେଠାକାର ସରକାର ନିର୍ଦ୍ଧାରଣ କରିଥିବା ବେଳେ ଓଡିଶାରେ ଏହାର ମୂଲ୍ୟ ଆଜି ପର୍ଯ୍ୟନ୍ତ ନିର୍ଦ୍ଧାରଣ ହୋଇ ନ ପାରିବା ଘଟଣା ପରିତାପତ ବିଷୟ । ଗୋଟାଳିମାନେ ଉଚିତ ପରିଶ୍ରମିକ ପାଇବାକୁ ହେଲେ ଏଥିପ୍ରତି ପ୍ରଶାସନ ଓ ସରକାର ଧ୍ୟାନ ଦେଇ ମହୁଲ ଫୁଲ ଉଚିତ ମୂଲ୍ୟ ନିର୍ଦ୍ଧାରନ କରିବା ସହିତ ମଣ୍ଡିର ବ୍ୟବସ୍ଥା କଲେ ଏଥିରୁ ସରକାର ମଧ ପ୍ରଚୁର ରାଜସ୍ୱ ପାଇପାରନ୍ତେ ବୋଲି ବୁଦ୍ଧିଜୀବୀ ମହଲରୁ ପ୍ରକାଶ ପାଇଛି ।

ନର୍ଲା ନବୋଦୟ ସ୍କୁଲରେ ଛାତ୍ରୀଙ୍କ ଗର୍ଭପାତ ଘଟଣା

# ମ୍ୟାଟ୍ରନ, ନର୍ସ ବହିଷ୍କୃତ

ଭବାନୀପାଟଣା,୧୪।୪(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲାସ୍ଥିତ ନବୋଦୟ ସ୍କୁଲର ଜଣେ ଛାତ୍ରୀଙ୍କ ଗର୍ଭପାତ ଘଟଣାରେ ଦୁଇ ଜଣ ନିରୀହା ବଳି ପଡିଥିବା ଜଣାପଡିଛି। କେନ୍ଦ୍ର ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଥିବା ଜବାହର ନବୋଦୟ ବିଦ୍ୟାଳୟରେ ଚେୟାର ପର୍ସନ ଜିଲାପାଳଙ୍କ ହସ୍ତକ୍ଷେପ ଓ ନିର୍ଦ୍ଦେଶକ୍ରମେ ଜିଲାସ୍ତରୀୟ ଏକ ତଦନ୍ତକାରୀ ଦଳ ନବୋଦୟ ସ୍କୁଲକୁ ଆସି ତଦନ୍ତ ଆରମ୍ଭ କରିଥିଲେ। ଜିଲା ତଦନ୍ତକାରୀ ଟିମର ରିପୋର୍ଟ ଅନୁଯାୟୀ ଅସ୍ଥାୟୀ ବାର୍ଷିକ ଚୁକ୍ତି ଭିତ୍ତିକ ମ୍ୟାଟ୍ରନ ଭାବେ ଦୀର୍ଘ ୮ ବର୍ଷ ଧରି କାମ କରି ଆସୁଥିବା ବିଧବା ମହିଳା ରଞ୍ଜିତା ପଣ୍ଡା ଓ ଅସ୍ଥାୟୀ ନର୍ସ ଭାବେ ବାର୍ଷିକ ଚୁକ୍ତିଭିତ୍ତିକ ଚାକିରି କରୁଥିବା ଦୀପାନ୍ତି ଦୀପଙ୍କୁ ଏହି ଘଟଣାରେ ଚାକିରିରୁ ବହିଷ୍କାର କରାଯାଇଛି। ଏହି ଦୁଇ ମହିଳାଙ୍କ ଉକ୍ତ ଘଟଣା ସହିତ କୌଣସି ସମ୍ପର୍କ ରହି ନ ଥିବା ବେଳେ ତଦନ୍ତକାରୀ ଦଳ କେଉଁ ଆଧାରରେ ଏ ମାନଙ୍କୁ ଦୋଷୀ ସାବ୍ୟସ୍ତ କରି ବହିଷ୍କାର କଲେ ତାହାକୁ ନେଇ ଉକ୍ତ ଅଞ୍ଚଳରେ ପ୍ରଶ୍ନବାଚୀ ହୋଇଛି। ବିହାରରୁ ଆସି ନର୍ଲାସ୍ଥିତ ନବୋଦୟ ସ୍କୁଲରେ ଅଷ୍ଟମ ଶ୍ରେଣୀରେ ଅଧୟନ କରୁଥିବା ଛାତ୍ରୀ ଗତ ଜାନୁୟାରୀ ପ୍ରଥମ ସପ୍ତାହରେ ବଳାତ୍କାର ଶିକାର ହୋଇଥିବା ଘଟଣାର ପର୍ଦ୍ଦାଫାଶ ହେବା ପରେ ନବୋଦୟ ସ୍କୁଲର ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ସମ୍ପୃକ୍ତ ଛାତ୍ରୀ ବଳାତ୍କାର ଶିକାର ହୋଇ ଅନ୍ତଃସତ୍ତ୍ୱା ହୋଇଥିବା ଜାଣିପାରି ସ୍କୁଲ କର୍ତ୍ତୃପକ୍ଷ ଗତ ଜାନୁୟାରୀ ୧୪ରେ ନର୍ଲା ଡାକ୍ତରଖାନାକୁ ଆଣିଥିଲେ। ରକ୍ତସ୍ରାବ ବନ୍ଦ ନ ହେବାରୁ ଭବାନୀପାଟଣା ପରେ ଛାତ୍ରୀ ଜଣଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ବୁର୍ଲା ଡାକ୍ତରଖାନାରେ ଠିକ ନ ହେବାରୁ ପରେ ସମ୍ପୃକ୍ତା ପୀଡିତାଙ୍କୁ କଟକ ରେଫେର କରାଯାଇଥିଲା। ହେଲେ ପୋଲିସ ପୀଡିତାଙ୍କୁ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର ନ କରି ତାଙ୍କ ଘର ବିହାରକୁ ପଠାଇ ଦେଇଥିଲେ। ବିହାରରୁ ମାଇଗ୍ରେସନରେ ପାଠ ପଢିବା ପାଇଁ ନର୍ଲା ଆସିଥିବା ଏହି ଛାତ୍ରୀଙ୍କ ୩ ମାସର ଗର୍ଭ ନଷ୍ଟ ପାଇଁ ଉଦ୍ୟମ କରାଯାଇଥିଲା ବୋଲି ସେତେବେଳେ ଚର୍ଚ୍ଚା ହୋଇଥିଲା। ହେଲେ ସମସ୍ୟା ସଙ୍ଗୀନ ହେବାରୁ ବାଧ ହୋଇ ନର୍ଲା ନବୋଦୟ କର୍ତ୍ତୃପକ୍ଷ ଡାକ୍ତରଖାନାକୁ ଆଣିଥିଲେ। ଏହି ଘଟଣା ନେଇ ନର୍ଲା ଥାନାରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ତରଫରୁ ଏକ ଏତଲା ମଧ ଦାଏର କରାଯାଇଥିଲା।

କର୍ଲାକୋଟରେ ମା' ତାରିଣୀଙ୍କ ଝାମୁଯାତ୍ରା

# ଭକ୍ତଙ୍କ ସହ ନିଆଁରେ ଚାଲିଲେ କାଳସି

ଜୁନାଗଡ,୧୪।୪ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଅନ୍ତର୍ଗତ ବଣିଜରା ପଞ୍ଚାୟତ କର୍ଲାକୋର୍ଟ ମା' ତାରିଣୀ ପୀଠରେ ରବିବାର ଝାମୁଯାତ୍ରା ଶାନ୍ତି ଶୃଙ୍ଖଳା ସହ ପାଳିତ ହୋଇଯାଇଛି। ଶନିବାର ଏଠାରେ କଳସ ଯାତ୍ରା ହୋଇଥିଲା। ଏଥିରେ ଗ୍ରାମର ଶତାଧିକ ମହିଳା, ପୁରୁଷ ଏକତ୍ରିତ ହୋଇ ନିକଟସ୍ଥ କୁସୁମ ଜୋରଠାରୁ ଜଳ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ଏହି ଅବସରରେ ଝାମୁଯାତ୍ରାରେ ନିଆଁରେ ମା' ତାରିଣୀ ଦେବୀ ବେଶରେ କାଳସି ଓ ଭକ୍ତମାନଙ୍କ ଚାଲିବା ଏଠାରେ ମୁଖ୍ୟ ଆକର୍ଷଣ ରହିଥିଲା। ମନ୍ଦିର ପରିସରରେ ଖାଲ କରାଯାଇ ସେଥିରେ ନିଆଁ ଅଙ୍ଗାର ଭର୍ତ୍ତି କରାଯାଇଥିଲା। ପୂଜାର୍ଚ୍ଚନା ପରେ ପ୍ରଥମେ ମା' ତରିଣୀ ଦେବୀ ବେଶରେ କାଳସି ନିଆଁ ଉପରେ ଚାଲିଥିଲେ। ପରେ ମାନସିକଧାରୀମାନେ ଭକ୍ତମାନେ ନିଆଁ ଉପରେ ଚାଲିଥିଲେ। ମନ୍ଦିର ପରିସରରେ ବିଭିନ୍ନ ଦେବଦେବୀ କାଳସି ବେଶରେ ଭକ୍ତଙ୍କ ହାରିଗୁହାରୀ ଶୁଣିଥିଲେ। ପ୍ରତିବର୍ଷ ଏଠାରେ ଆଶା ଓ ବିଶ୍ୱାସରେ ମା' ତାରିଣୀଙ୍କ ଝାମୁଯାତ୍ରା ଚାଲିଛି। ଝାମୁଯାତ୍ରା ଦେଖିବା ପାଇଁ ଅଞ୍ଚଳର ହଜାର ହଜାର ଲୋକଙ୍କ ଜନସମାଗମ ହୋଇଥିଲା। ଝାମୁଯାତ୍ରାର ପୂଜକ ଭାବେ ବିପିନ ବିହାରୀ ଶବର, ମା' ତାରିଣୀ ଶକ୍ତି ବେଶରେ କୁବେର ଚଲାନ, ଦୁର୍ଗା ଶକ୍ତି



ଜଣେ କାଳସି ନିଆଁରେ ଚାଲୁଛନ୍ତି।

ବେଶରେ ବୈଦେହୀ ଭୋଇ ଓ ହନୁମାନ ଶକ୍ତି ବେଶରେ ଦୁର୍ଯ୍ୟୋଧନ ମାଝି ପୂଜା ପାଇଥିଲେ। ଝାମୁଯାତ୍ରାରେ ପୂଜା କମିଟି ସଭାପତି ଗୋପିନାଥ ଶବର, ଉପସଭାପତି କୃଷ୍ଣଚନ୍ଦ୍ର ମାଝି, ସମ୍ପାଦକ କୁବେର ଚଳାନ, ବିଶ୍ୱନାଥ ମାଝି, ପୁରୁଷୋତ୍ତମ ମାଝି, ସିନ୍ଦୁରିକା ମାଝି, କୈଳାସ ଭୋଇ, ପର୍ଶୁରାମ ଭୋଇ, ପ୍ରଶନ୍ନ ଶବର, ନେତ୍ରାନନ୍ଦ ଶବର, ପବିତ୍ର ହଂସ, ମେଟା ମାଝି ଓ ବିନ୍ଦାସ କ୍ଲବର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଝାମୁଯାତ୍ରା ଅବସରରେ ଶନିବାର ଓ ରବିବାର ରାତିରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ସ୍ଥାନୀୟ ଚିଲଗୁଡା ଫାଣ୍ଡି ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

■ ରାଜକୋଟରେ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟଣା

# ଜାତୀୟ ମାନବାଧିକାର କମିଶନରେ ମାମଲା

ଲାଞ୍ଜିଗଡ଼,୧୪।୪ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଗୋବର୍ଦ୍ଧନପୁର ପଞ୍ଚାୟତ ଭାଲୁଚଞ୍ଚରା ଗାଁର ଦାଦନ ଶ୍ରମିକ ବାବୁଲାଲ ମାଝିଙ୍କ ମୃତ୍ୟୁ ରାଜକୋଟସ୍ଥିତ ସୋପାନହିଲଠାରେ ଘଟିଥିଲା । ଏହି ମାମଲା ଏବେ ଜାତୀୟ ମାନବାଧିକାର କମିଶନ ନିକଟରେ ଯାଇ ପହଞ୍ଚିଛି । ଗଣମାଧ୍ୟମରେ ଖବର ପ୍ରକାଶନ ପରେ ଜିଲାର ଜଣେ ମାନବାଧିକାର କର୍ମୀ ଦିଲୀପ କୁମାର ଦାସ ଜାତୀୟ ମାନବାଧିକାର କମିଶନର ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହାସହିତ ବିପଜ୍ଜନକ କାର୍ଯ୍ୟରେ ବିନା ସୁରକ୍ଷା ବ୍ୟବସ୍ଥାରେ କାମ କରୁଥିବାରୁ ଏଥିରେ ତୁରନ୍ତ ହସ୍ତକ୍ଷେପ କରିବାକୁ ସେ ନିବେଦନ କରିଛନ୍ତି । ଜାତୀୟ ମାନବାଧିକାର କମିଶନ ଏ ସମ୍ପର୍କିତ ମାମଲା ଗ୍ରହଣ କରିବା ସହିତ ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଥିବା ଜଣାପଡିଛି । ଅପରପକ୍ଷରେ ବାବୁଲାଲଙ୍କ ମୃତଦେହ ଅଣାଇବାକୁ ଜିଲା ଶ୍ରମ ବିଭାଗ ତରଫରୁ ଉଦ୍ୟମ ଚାଲିଥିବା ସତ୍ତ୍ୱେ ବିଲ୍‌ଡର ସ୍ଥାନୀୟ କିଛି ଦଲାଲଙ୍କୁ ଧରି ବାବୁଲାଲଙ୍କ ଶବ ବ୍ୟବଚ୍ଛେଦ ପରେ ପୋଡିଦେଇଥିବା ଖବର ସାମ୍ନାକୁ ଆସିଛି। ଏହାକୁ ନେଇ ପରିବାରରେ ଶୋକର ଛାୟା ଖେଳିଯାଇଥିବାବେଳେ ଏଥିରେ ସେଠାକାର ପୋଲିସ ପ୍ରଶାସନର ଭୂମିକା ପ୍ରତି ମଧ ପ୍ରଶ୍ନ ଉଠିଛି । ଏହାର ଏକ ଉଚିତ୍ ତଦନ୍ତ ସହିତ ସମ୍ପୃକ୍ତ ବିଲଡର, ଦଲାଲଙ୍କ ବିରୋଧରେ ମଧ କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ମହଲରେ ଦାବି ହେଉଛି ।

# ଟିରକୁ ମାଝିଙ୍କ ପରିବାର ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ

ଭବାନୀପାଟଣା,୧୪।୪ (ଡି.ଏନ.ଏ.)

ଗରିବଙ୍କ ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି । କିନ୍ତୁ ଅନେକ ସ୍ଥାନରେ ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦିଆଯାଉଥିବା ଅଭିଯୋଗ ଆସୁଥିବା ବେଳେ ଯୋଗ୍ୟ ହିତାଧିକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି । ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଖାଦ୍ୟ ସୁରକ୍ଷା ଯୋଜନା କରିଥିଲେ ମଧ୍ୟ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଭଳି ଅଗମ୍ୟ ଅଞ୍ଚଳର କର୍ଲାପାଟ ପଞ୍ଚାୟତ ଅଧୀନ ସଲପାଙ୍ଗ ଗାଁର ଏକ ଗରିବ ପରିବାର ଟିରକୁ ମାଝି ଏଥିରୁ ବଞ୍ଚିତ ହୋଇଛନ୍ତି । ସେ ଗରିବ ଶ୍ରେଣୀର ହୋଇଥିବା ବେଳେ ଖାଦ୍ୟ ସୁରକ୍ଷା ଯୋଜନା କିମ୍ବା ଆବାସ ଗୃହ ତାଙ୍କ ପାଇଁ ସ୍ୱପ୍ନ ହୋଇ ରହିଛିଯାଇଛି। ବାରମ୍ବାର ଯୋଜନାରେ ସାମିଲ ପାଇଁ ଦାବି କରିଥିଲେ ମଧ୍ୟ କୌଣସି ସୁଫଳ ନ ପାଇବାରୁ ଶେଷରେ ଗଣମାଧ୍ୟମର ଦ୍ୱାରସ୍ଥ ହୋଇଛନ୍ତି । ସୂଚନା ଅନୁଯାୟୀ, ରାଜ୍ୟରେ କେହି ଯେମିତି ଖାଦ୍ୟ ଅଭାବାରୁ ଅନାହାର ଜନିତ ମୃତ୍ୟୁର ଶିକାର ନ ହୁଅନ୍ତି, ଏଥିପାଇଁ କେନ୍ଦ୍ର ସରକାର ଖାଦ୍ୟ



ଟିରକୁ ମାଝିଙ୍କ ପରିବାରବର୍ଗ ।

ସୁରକ୍ଷା ଯୋଜନାକୁ ଆଇନରେ ପରିଣତ କରିଛନ୍ତି । ଏହାର ତଦାରଖ ପାଇଁ ରହିଛନ୍ତି ଖାଦ୍ୟ ସୁରକ୍ଷା କମିଶନ । ଏହି ଯୋଜନାରେ ସାମିଲ ହେବା ପାଇଁ ହେଲେ ରହିଛି କିଛି ନିୟମାବଳୀ । ଗରିବ ପରିବାର ଯାହାର କୌଣସି କୋଠା ଘର ଓ ଦୁଇ ଚକିଆ ଯାନ ନ ଥିବ । ସେହିଭଳି ଜମି ପରିମାଣ ୫ ଏକରରୁ କମ୍ ରହିଥିବା ଆବଶ୍ୟକ। ଏଭଳି କିଛି କଟକଣା ପରେ ଅନେକ ହିତାଧିକାରୀ ଗତ ୨୦୧୭ ପଞ୍ଚାୟତ ନିର୍ବାଚନ ପୂର୍ବରୁ ପୋଲିସ ଦ୍ୱାରା ଗିରଫ ହେବା ଭୟରେ ନିଜ ଖାଦ୍ୟ ସୁରକ୍ଷା ଯୋଜନାରେ ମିଳିଥିବା କାର୍ଡ ଫେରସ୍ତ କରିଥିଲେ। ପରବର୍ତ୍ତୀ ସମୟରେ ରାଜ୍ୟ ସରକାର ନିଜସ୍ୱ ଏକ ଖାଦ୍ୟ ସୁରକ୍ଷା ଯୋଜନା ଆରମ୍ଭ କଲେ । ଏହି ଯୋଜନା ମୁତାବକ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ଗରିବ ପରିବାର ଏହି ଯୋଜନାରେ ସାମିଲ ହେବେ । କିନ୍ତୁ ଟିରକୁ ମାଝି ଏଥିରୁ ବଞ୍ଚିତ ଅଛନ୍ତି । ଭଙ୍ଗା ଚାଳ କୁଡିଆରେ ଦିନ ଅତିବାହିତ କରି ଆସୁଛନ୍ତି ଏହି ଦିନ ମଜୁରିଆ ଟିରକୁଙ୍କ ପରିବାର । ଘରେ ସ୍ତ୍ରୀଙ୍କ ସହିତ ଚାରି ନାବାଳକ ପୁଅ ଝିଅଙ୍କୁ ନେଇ ପରିବାର ପୋଷଣ କରି ଆସୁଛନ୍ତି । ଅନେକ ସମୟରେ ଖାଦ୍ୟ ସୁରକ୍ଷା ଯୋଜନରୁ କାର୍ଡ ଖଣ୍ଡେ ପାଇବା ପାଇଁ ଅନେକଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ସେ ସଫଳ ହୋଇନାହାନ୍ତି । ସେ ଜଣେ ଗରିବ ଦିନ ମଜୁରିଆ। ଯାହା ପାରିଶ୍ରମିକ ମିଳେ ସେଥିରେ ପରିବାର ପ୍ରତିପୋଷଣ କରନ୍ତି । ଯେତେବେଳେ କୌଣସି କାମ ଧନ୍ଦା ମିଳେ ନାହିଁ ଜଙ୍ଗଲଯାତ କନ୍ଦା ଅଥବା ଆମ୍ବ ଟାକୁଆ ଜାଉ ଖାଇନ୍ତି ବୋଲି ପ୍ରକାଶ କରିଛନ୍ତି । ଅନେକ ସଚଳ ଗୋଷ୍ଠୀ ସରକାରଙ୍କ ସମସ୍ତ ଯୋଜନାକୁ ହାତେଇବାରେ ସଫଳ ହେଉଥିବା ବେଳେ ଏହି ଗରୀବ ହିତାଧିକାରୀ ସରକାରୀ ଯୋଜନାରୁ ବଞ୍ଚିତ ହେବା ଅତ୍ୟନ୍ତ ଦୁଃଖର ବିଷୟ । ତୁରନ୍ତ ଏହି ପରିବାରକୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରିବା ସହ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ସେ ଅନୁରୋଧ କରିଛନ୍ତି । ଏ ନେଇ ଥୁ.ରାମପୁର ବିଡିଓଙ୍କ ସହିତ ଯୋଗାଯୋଗ କରିବାରୁ ସେ ନିର୍ବାଚନ କାର୍ଯ୍ୟରେ ବ୍ୟସ୍ତଥିବା ଯୋଗୁ ଯୋଗାଯୋଗ ସମ୍ଭବପର ହୋଇ ନ ଥିଲା।

ପ୍ରାର୍ଥୀ, ପ୍ରତିନିଧିଙ୍କ ସମ୍ମୁଖରେ ସମସ୍ତ ଇଭିଏମ୍ ସିଲ୍

# ଷ୍ଟ୍ରଙ୍ଗରୁମ୍‌ରେ କଡ଼ାସୁରକ୍ଷା ବ୍ୟବସ୍ଥା

ଭବାନୀପାଟଣା,୧୪।୪(ଡି.ଏନ.ଏ.)

ଭବାନୀପାଟଣା ଇଞ୍ଜିନିୟରିଂ କଲେଜର ଷ୍ଟ୍ରଙ୍ଗରୁମ୍‌ରେ ଶୁକ୍ରବାର ସନ୍ଧ୍ୟାରେ ସମସ୍ତ ଇଭିଏମ୍ ମେଶିନ୍‌କୁ ପ୍ରାର୍ଥୀ ଏବଂ ସେମାନଙ୍କ ପ୍ରତିନିଧିଙ୍କ ସମ୍ମୁଖରେ ସିଲ୍ କରାଯାଇଛି। ଏଥିସହିତ କଳାହାଣ୍ଡି ଲୋକସଭା ଆସନ ନିମନ୍ତେ ୭ ପ୍ରାର୍ଥୀ ଓ ୫ଟି ବିଧାନସଭା ଆସନର ୪୧ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଏବେ ଇଭିଏମ୍ ମେଶିନ୍‌ରେ ସିଲ ହୋଇରହିଛି । ଆସନ୍ତା ମେ ୨୩ ତାରିଖରେ ଭୋଟ ଗଣନା ହେବ । ସେତେଦିନ ପର୍ଯ୍ୟନ୍ତ ଷ୍ଟ୍ରଙ୍ଗରୁମ୍‌ରେ ଇଭିଏମ୍ ମେଶିନ୍‌କୁ ରଖାଯିବ। ଏଥିପାଇଁ ଷ୍ଟ୍ରଙ୍ଗରୁମ୍‌ରେ କଡ଼ାସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । କଳାହାଣ୍ଡି ଜିଲାର ୫ଟି ବିଧାନସଭା କ୍ଷେତ୍ରନିମନ୍ତ ଶାନ୍ତିଶୃଙ୍ଖଳାର ସହିତ ମତଦାନ ଶେଷ ହୋଇଛି । ସ୍ଥାନୀୟ ମୌଳିକ ସମସ୍ୟାର ସମାଧାନ ହୋଇ ନ ଥିବା ପ୍ରତିବାଦ କରି ଜିଲାର ୫ଟି ମତଦାନ କେନ୍ଦ୍ରରେ ଗ୍ରାମବାସୀ ଭୋଟ ବର୍ଜନ





ଷ୍ଟ୍ରଙ୍ଗରୁମ୍‌ରେ ପ୍ରଶାସନ ପକ୍ଷରୁ କଡ଼ାସୁରକ୍ଷା ବ୍ୟବସ୍ଥା ପାଇଁ ଯବାନ ମୁତୟନ କରାଯାଇଛି ।

କରିଥିବା ବେଳେ କେତେକ ମତଦାନ କେନ୍ଦ୍ରରେ ଇଭିଏମ୍ ମେଶନ୍, କଣ୍ଟ୍ରୋଲ ୟୁନିଟ୍ ଓ ଭିଭିପାଟ୍ ମେଶିନରେ ତ୍ରୁଟି ଯୋଗୁ ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା । ସେହିପରି ମତଦାନ ଚାଲିଥିବା ସମୟରେ କେତେକ ମତଦାନ କେନ୍ଦ୍ରରେ ଇଭିଏମ୍ ମେଶିନ୍ ଓ ଭିଭିପାଟ୍ ମେଶିନ୍ ତ୍ରୁଟି ଦେଖାଦେବାରୁ ମତଦାନ କିଛି ଘଣ୍ଟା ପାଇଁ ବନ୍ଦ ରହିଥିଲା । ମେଶିନ୍ ବଦଳା ଯିବା ପରେ ପୁଣିଥରେ ମତଦାନ ଆରମ୍ଭ ହୋଇଥିଲା । ମେଶିନ୍ ତ୍ରୁଟି ଯୋଗୁ ବିଳମ୍ବ କାରଣରୁ ଜିଲାର କେତେକ ମତଦାନ କେନ୍ଦ୍ରରେ ରାତି ୧୦ଟା ପର୍ଯ୍ୟନ୍ତ ମତଦାନ ଚାଲିଥିଲା । ତେବେ ମୋଟାମୋଟି ଭାବରେ କଳାହାଣ୍ଡି ଜିଲାରେ ୨୦୧୪ ନିର୍ବାଚନ ତୁଳନାରେ ଚଳିତନିର୍ବାଚନରେ ପ୍ରାୟ ୪ ଶତକଡା ମତଦାନ ହାର ବୃଦ୍ଧି ହୋଇଛି । ଚଳିତ ନିର୍ବାଚନରେ କଳାହାଣ୍ଡି ଜିଲାରେ ସମୁଦାୟ ୧୧ ଲକ୍ଷ ୪୩ ହଜାର ୯୨୧ ମତଦାତା ମଧ୍ୟରୁ ୮ ଲକ୍ଷ ୮୨ ହଜାର ୮୫୦ ଜଣ ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଛନ୍ତି। ଜିଲାର ମାଓବାଦୀ ପ୍ରଭାବିତ ଲାଞ୍ଜିଗଡ, ଥୁ.ରାମପୁର ବ୍ଲକ ଓ ମ.ରାମପୁର ବ୍ଲକରେ ଭୋଟ ବର୍ଜନ ନିମନ୍ତେ ବିଭିନ୍ନ ସ୍ଥାନରେ ପୋଷ୍ଟର ଲଗାଇ ମାଓବାଦୀମାନେ ଭୋଟ ବର୍ଜନ କରିବାକୁ ଆହ୍ୱାନ ଦେଇଥିଲେ। ତେବେ ଗଣତନ୍ତ୍ର ପ୍ରତି ଦୃଢଆସ୍ଥା ପ୍ରକଟ କରି ମାଓବାଦୀ ଧମକକୁ ଖାତିର ନ କରି ବହୁ ସଂଖ୍ୟାରେ ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଥିଲେ ।





ଆମ୍ବେଡକର ଜୟନ୍ତୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ ।

# ବ୍ଲକସ୍ତରୀୟ ଆମ୍ବେଡକର ଜୟନ୍ତୀ

କର୍ଲାମୁଣ୍ଡା,୧୪।୪(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ପଞ୍ଚାୟତ କର୍ଲାମୁଣ୍ଡା (ବସ୍ତି)ଠାରେ ବ୍ଲକସ୍ତରୀୟ ବାବାସାହେବ ଡକ୍ଟର ଭୀମରାଓ ଆମ୍ବେଡକରଙ୍କ ୧୨୮ତମ ଜନ୍ମ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ସକାଳ ସାଢ଼େ ୮ଟାରେ ଆମ୍ବେଡକର ଜ୍ୟୋତିକୁ ଓଡିଆମୁଣ୍ଡା, ଝାରମୁଣ୍ଡା ଓ କର୍ଲାମୁଣ୍ଡା ପରିକ୍ରମା କରିବା ପରେ ଜ୍ୟୋତି ସଭା ମଣ୍ଡପକୁ ପହଞ୍ଚିଥିଲା।

ଏହା ପରେ ଜନ୍ମ ଜୟନ୍ତୀ କମିଟି ସଭାପତି ବରୁଣ ସୁନାଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବହୁଜନ ସମାଜ ପାର୍ଟି କଳାହାଣ୍ଡି ଲୋକ ସଭା ପ୍ରାର୍ଥୀ ପ୍ରେମାନନ୍ଦ ବାଗ, ମୁଖ୍ୟବକ୍ତା ଭାବେ କଣ୍ଟାବାଞ୍ଜି କଲେଜ ରାଜନୀତି ବିଜ୍ଞାନ ଅଧାପକ ଜିତେନ୍ଦ୍ରିୟ ସୁନା, ସମ୍ମାନିତ ଅତିଥି ଭାବେ ଆଦିବାସୀ ନେତା ପ୍ରକାଶ ମାଝି, ସୁରେନ୍ଦ୍ର ଭୋଇ, ଓବିସି ସେଲରୁ ବିଭୁତିଭୂଷଣ ମହାକୁଡ, ଜୟନ୍ତୀ ପାଳନ କମିଟି କାର୍ଯ୍ୟକାରୀ ସଭାପତି ଦଇତରାମ ସୁନା, ତେରେସିଙ୍ଗା ପଞ୍ଚାୟତ କମିଟି ସଭାପତି ବିଶ୍ୱାମିତ୍ର ନାଗ, ସ.ମାଲପଡାରୁ କୃପାସିନ୍ଧୁ ଛତ୍ରିଆ, କର୍ଲାମୁଣ୍ଡା ପଞ୍ଚାୟତ ସଭାପତି ତଥା ସରପଞ୍ଚ କୃଷ୍ଣ ଚନ୍ଦ୍ର ବାଗ, ସାମାଜିକ କର୍ମୀ ବରୁଣ ଛତ୍ରିଆ, ବ୍ଲକ କମିଟି ସଭ୍ୟ ତଥା ଶିକ୍ଷକ ସୁଶାନ୍ତ କୁମାର ଦୀପ, ପିଏଚଡି ଅଧୟନରତ ଛାତ୍ରୀ ଶାଶ୍ୱତୀ ସୁନା ପ୍ରମୁଖ ଯୋଗଦେଇ ବାବା ସାହେବଙ୍କ ବିଭିନ୍ନ ଉରେ ମତବ୍ୟକ୍ତ କରିଥିଲେ । ସଭା କାର୍ଯ୍ୟକୁ ମଧୁସୂଦନ ବାଗ ସଂଯୋଜନା କରିଥିବା ବେଳେ ଟିକ ବାଗ, ନନ୍ଦି ବାଗ, ବୁଦ୍ଧେଶ୍ୱର ନାଗ, ଟୁକୁମଣି ସୁନା, ଟୁନୁ ନନ୍ଦ, ବାଲମିକି ଛତ୍ରିଆ, ସଚ୍ଚିଦାନନ୍ଦ କୁମାର, ଅର୍ଜୁନ ବାଗ, ବିଜୟ ସୁନା, ଗୁର ସୁନା ଆୟୋଜନରେ ସହଯୋଗ କରିଥିଲେ। ବ୍ଲକ କମିଟି ସମ୍ପାଦକ ତ୍ରିଭୁବନ ନାଗ ଧନ୍ୟବାଦ ଅର୍ପଣ କରିଥିଲେ ।

## ସଂକ୍ଷେପରେ

### ଆଞ୍ଚଳିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଦେଷଣ୍ଟ ବିଜୟୀ

**ଟିକ୍ରାପଡା, ୧୪।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଜୁରାବନ୍ଧ ପଞ୍ଚାୟତ ଅଧିନ ଖର୍ସେଲବାଠାରେ ଆଦର୍ଶ ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ୧୪ତମ ଆଞ୍ଚଳିକ କ୍ରିକେଟ ଟୁର୍ଣ୍ଣାମେଣ୍ଟର ରବିବାର ଥିଲା ଚତୁର୍ଥ ଦିବସ। ଅନୁଷ୍ଠିତ ମ୍ୟାଚରେ ଟସ୍ ଜିଣି ଟିକ୍ରାପଡା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୬୦ରନ କରିଥିଲେ। ଜବାବରେ ଦେଷଣ୍ଟ ଦଳ ୧୦ ଓଭରରେ ୭ ଉଇକେଟ ହରାଇ୬୧ ରନ କରି ବିଜୟୀ ହୋଇଥିଲେ। ଚିତରଞ୍ଜନ ଛତ୍ରିଆ, ଦେବରାଜ ଛତ୍ରିଆ, ରିଙ୍କୁ ଛତ୍ରିଆ ଖେଳ ପରିଚାଳନା କରିଥିଲେ। ସାମାଜିକ କର୍ମି ନରେନ୍ଦ୍ର ଧରୁଆ, ଅନ୍ତର୍ଯ୍ୟାମୀ ରାଜପଲିଆ, ଆଇନଜୀବୀ ସୁଧିର ଠାକୁର, ବନବିହାରୀ ମିର୍ଦ୍ଧା ଅତିଥି ଭାବେ ଯୋଗଦେଇଥିଲେ। ସୋମବାର କେନ୍ଦୁଉଡାର ବନାମ ଯୁରାବନ୍ଧ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ସୂତ୍ରରୁ ପ୍ରକାଶ।

### ହରିଶଙ୍କରରେ ମହାବିଷୁବ ସଂକ୍ରାନ୍ତି ପାଳିତ

**ଖପ୍ରାଖୋଲ, ୧୪।୪ (ଡି.ଏନ.ଏ):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କରଠାରେ ରବିବାର ମହାବିଷୁବ ସଂକ୍ରାନ୍ତି ପାଳିତ ହୋଇଯାଇଛି। ଏହି ଅବସରରେ ଠାକୁରଙ୍କଠାରେ ପଣାଭୋଗ ଲାଗି ହୋଇଥିଲା। ଶ୍ରଦ୍ଧାଳୁଙ୍କୁ ପଣା ବଣ୍ଟନ କରାଯାଇଥିଲା। ସେହିପରି ଗାଁଗାଁରେ ଦେବାଳୟ ସହିତ ଘରେଘରେ ମହାବିଷୁବ ସଂକ୍ରାନ୍ତି ପାଳନ ଦେଖିବାକୁ ମିଳିଛି।

### ଟିକ୍ରାପଡାରେ ତାରିଣୀ ମେଳା

**ଟିକ୍ରାପଡା, ୧୪।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡା ଠାରେ ତାରିଣୀ ମେଳା ରବିବାର ସମ୍ପନ୍ନ ହୋଇଯାଇଛି। ତାରିଣୀ ମନ୍ଦିରରେ ପଣା ଭୋଗ ଲାଗି ହୋଇଥିଲା। ଭକ୍ତମାନେ ଜନସାଧାରଣଙ୍କୁ ପଣା ବଣ୍ଟନ କରିଥିଲେ। ରୁକ୍ମିଣୀ ରାଜପଲିଆ, ରୋହିତ ରାଜପଲିଆ କର୍ତ୍ତା ଏବଂ ବଳରାମ ଥନାପତି ପୂଜକ ଦାୟୀତ୍ୱ ତୁଲାଇଥିଲେ।

### ତୁଷୁରା ଗାୟତ୍ରୀ ପୀଠରେ ନବରାତ୍ର ସମ୍ପନ୍ନ

**ଗୁଡଭେଲା,୧୪।୪(ଡି.ଏନ.ଏ):** ତୁଷୁରା ଗାୟତ୍ରୀ ପୀଠରେ ନଅ ଦିନ ଧରି ଚାଲିଥିବା ନବରାତ୍ର ପୂଜା ରବିବାର ପୂର୍ଣ୍ଣାହୁତି ସହ ସମ୍ପନ୍ନ ହୋଇଯାଇଛି। ପ୍ରତ୍ୟେକ ଦିନ ଏକ କୁଣ୍ଡିୟ ଗାୟତ୍ରୀ ଯଜ୍ଞ ସହ ଭକ୍ତମାନେ ମନସ୍କାମନା ପୂର୍ଣ୍ଣ ପାଇଁ ମା'ଙ୍କ ଠାରେ ଅଖଣ୍ଡ ଦୀପ ପ୍ରଜ୍ୱଳନ କରିଥିଲେ। ପୂର୍ଣ୍ଣାହୁତି ଅବସରରେ ଦୁଇ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଉକ୍ତ ଯଜ୍ଞରେ ଉର୍ମିଳା ଦିଦି ଓ ମୀରା କେଡିଆ ବେଦମନ୍ତ୍ରସହିତ ଯଜ୍ଞ ଓ କର୍ମକାଣ୍ଡ ସମ୍ପାଦନା କରିଥିଲେ। ଗଣେଶ୍ୱର ଭୋଇ ସହଯୋଗ କରିଥିଲେ। ଜଗଦିଶ ଅଗ୍ରୱାଲ ଓ ଭିକାରୀ ଚରଣ ସାହୁ କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିଲେ। ନଅଟି ଶିଶୁକନ୍ୟାଙ୍କୁ ପୂଜା କରିବା ସହ ଅନ୍ନପ୍ରସାଦ ସେବନ କରାଇଥିଲେ। ଗିରିଧାରୀଲାଲ କେଡିଆ, ଜଗପରସାଦ କେଡିଆ, ତୁଳସୀରାମ ଜୈନ.ସାଓରିଆ ଜୈନ, ଶେଷଦେବ ପଟ୍ଟନାୟକ ଆଦି ସହଯୋଗ କରିଥିଲେ।

### ଭାରତରତ୍ନ ଡ. ବାବା ସାହେବ ଆମ୍ବେଦକରଙ୍କ ଜୟନ୍ତୀ

**ଖପ୍ରାଖୋଲ, ୧୪।୪ (ଡି.ଏନ.ଏ.) :** ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ ସଂଘ ତରଫରୁ ଭାରତରତ୍ନ ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ସଂଘ ସଭାପତି ରାହାସ ବିହାରୀ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଣୀ ସୁନା, ସମ୍ମାନିତ ଅତିଥି ଭାବେ ଓବିସି ମଞ୍ଚ ରାଜ୍ୟ ମହାସଚିବ ଶଙ୍କର ପାତ୍ର, ଜିଲା ସମ୍ପାଦକ ପରଦେଶୀ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମେ ବାବା ସାହେବ ଓ ମହାତ୍ମା ଜ୍ୟୋତିରାଓ ଫୁଲେଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ତୁତିଚାରଣ କରିଥିଲେ। ବାବା ସାହେବଙ୍କ ବାଣୀ, ସମାଜର ଶୋଷିତ ଜାତି ଓ ବ୍ୟକ୍ତିଙ୍କ ପାଇଁ ତାଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ କ୍ଷୀରଧର ବଗିହା, ବନବିହାରି ମହାନନ୍ଦ, କିଶୋର ଚୌହାନ, ନୀଳମଣୀ ଜାଲ, ଜଳନ୍ଧର ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କପସିପାଲିଠାରେ ଜିନ୍ଦାବାଦ ସଙ୍ଗଠନ ତରଫରୁ ମଧ୍ୟ ସମ୍ବିଧାନ ପ୍ରଣେତା ଡ. ବାବାସାହେବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆଇନଜିବୀ ତ୍ରିଲୋଚନ ଫୁଞ୍ଜି, ଗୋଲାପ ନିଆଲ , ଗୋଲାପି ବିଶି, ଘନଶ୍ୟାମ ବଗିହା, ଗୌରାଙ୍ଗ ଦାସ, ଭୀମସେନ ସାହୁ, ଟିକେଚନ ପୁଟେଲ, ନାରାୟଣ ସାହୁ ସମେତ ଶତାଧିକ ମହିଳା, ପୁରୁଷ ଯୋଗଦେଇଥିଲେ।



ଭାଜପା ପକ୍ଷରୁ ଏସପି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।




ବିଜେଡି ପକ୍ଷରୁ ରବିବାର ଅପରାହ୍ଣରେ ଅପରାଧମୁକ୍ତ ବଲାଙ୍ଗୀର ଗଠନ ନାରାଦେଇ ଶୋଭାଯାତ୍ରା କରାଯାଉଛି।

■ ଚନ୍ଦନଭାଟିରେ ନିର୍ବାଚନୀ ଉତ୍ତେଜନା ଘଟଣା

# କଂଗ୍ରେସ-ବିଜେଡି ମୁହାଁମୁହିଁ, ଗ୍ରାମବାସୀ ଭୟଭୀତ

**ବଲାଙ୍ଗୀର ଅଫିସ,୧୪।୪**

- ■ବିଜେଡି ନେତା, ଗୁଣ୍ଡାଙ୍କ ବିରୋଧରେ ଗର୍ଜିଲେ ଗ୍ରାମବାସୀ
- ■ଅପରାଧମୁକ୍ତ ନାରାଦେଇ ବିଜେଡି କଲା ଶୋଭାଯାତ୍ରା
- ■କଂଗ୍ରେସ, ବିଜେଡିଙ୍କୁ କଡା ସମାଲୋଚନା କଲା ଭାଜପା
- ■ଚନ୍ଦନଭାଟିରେ ଏକ ସେକ୍ସନ ପୋଲିସ ଫୋର୍ସ ମୁତୟନ

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଚନ୍ଦନଭାଟି ଗାଁରେ ଶନିବାର ରାତିରେ ନିବାଚନୀ ପ୍ରଚାରକୁ ନେଇ ଉଭୟ ବିଜେଡି-କଂଗ୍ରେସ ମୁହାଁମୁହିଁ ହୋଇଥିଲେ। ନିର୍ବାଚନ ପ୍ରଚାରକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇବା ପରେ ପୋଲିସ ଘଟଣାକୁ ଶାନ୍ତ କରିଥିବା କୁହାଯାଇଥିଲା। କେତେକ କଂଗ୍ରେସ କର୍ମୀ ଚନ୍ଦନଭାଟିରେ ନିର୍ବାଚନୀ ପ୍ରଚାର କରୁଥିବା ବିଜେଡି କର୍ମୀ ପ୍ରଫୁଲ୍ଲ କୁମାର ମେହେରଙ୍କୁ ମାଡ ମାରିଥିବା ଅଭିଯୋଗ ହୋଇଥିଲା। ଆହତ ମେହେରଙ୍କୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହସ୍ପିଟାଲ ପହଞ୍ଚିବା ପରେ ଆହତ ମେହେର ଗଣମାଧ୍ୟମ ସମ୍ମୁଖରେ କଂଗ୍ରେସ କର୍ମୀମାନେ ବିଧାୟକଙ୍କ ସମ୍ପର୍କୀୟଙ୍କ ଉପସ୍ଥିତିରେ ମାଡ ମରାଯାଇଥିବା କହିଥିଲେ। ଏନେଇ ସଦର ଥାନାରେ ଅଭିଯୋଗ କରିଥିବା କହିଥିଲେ। ଅପରପକ୍ଷେ ଚନ୍ଦନଭାଟିରେ ଗାଁର କେତେକ କଂଗ୍ରେସ ସମର୍ଥକ ଓ ଗ୍ରାମବାସୀ ଶନିବାର ରାତି ପ୍ରାୟ ୧୧ଟାରେ ଏସପି ଅଫିସକୁ ପହଞ୍ଚି କିଛି ବିଜେଡି ନେତା ଓ ଗୁଣ୍ଡା ଚନ୍ଦନଭାଟି ଗାଁରେ ଅରାଜକତା ସୃଷ୍ଟି କରୁଥିବା ଅଭିଯୋଗ କରିଥିଲେ। ବିଧାୟକ ନରସିଂହ ମିଶ୍ର ମଧ୍ୟ ରାତି ପ୍ରାୟ ୧୧ଟାରେ ଏସ୍‌ପି କେ.ଶିବା ସୁବ୍ରମଣିଙ୍କୁ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ରବିବାର ମଧ୍ୟ ଏହି ଘଟଣାକୁ ନେଇ ରାଜନୈତିକ ବାତାବରଣ ଉଷ୍ମ ରହିଥିଲା। ଏହି ଘଟଣାକୁ ବିରୋଧ କରି ବଲାଙ୍ଗୀର ଭାଜପା ବିଧାୟକ ପ୍ରାର୍ଥୀ ଅନନ୍ତ କୁମାର ଦାଶ ନିଜ ସମର୍ଥକଙ୍କ ସହ ଏସ୍‌ପି ଅଫିସ ଘେରାଓ କରିଥିଲେ। ଚନ୍ଦନଭାଟି ହିଂସାକୁ ତୀବ୍ର ସମାଲୋଚନା କରି ଏହାରି ପଛରେ କଂଗ୍ରେସର ମିଶ୍ର ପରିବାର ଓ ବିଜେଡିର ସିଂଦେଓ ପରିବାରଙ୍କ ହାତ ରହିଥିବା ଅଭିଯୋଗ କରିଥିଲେ। ବିଧାୟକ ଓ ଏମ୍‌ପି ଉଭୟେ ଠିକାଦାର ଗୁଣ୍ଡା ରଖି ଏଭଳି ହିଂସାକାଣ୍ଡ କରି ଲୋକଙ୍କୁ ଭୟଭୀତ କରୁଥିବା ଅଭିଯୋଗ କରି ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଦାବି କରିଥିଲେ। କିଛି ଦିନ ତଳେ ଘଟିଥିବା ପୁଇଁତଲା ବିଡିଓ ଅପହରଣ ଘଟଣାର ଅଭିଯୁକ୍ତଙ୍କୁ ମଧ୍ୟ ଶୀଘ୍ର ଗିରଫ କରିବାକୁ ଦାବି କରିଥିଲେ। ଚନ୍ଦନଭାଟି ଉତ୍ତେଜନା ଘଟଣାକୁ ନେଇ ରବିବାର ଚନ୍ଦନଭାଟି ଗାଁ ସ୍କୁଲ ସମ୍ମୁଖରେ ଗ୍ରାମପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ଖରବଦାତା ସମ୍ମିଳନୀ ଡାକିଥିଲେ। ସରପଞ୍ଚ ମୀନା କୁମାରୀ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିଭିନ୍ନ ଗାଁର ଶତାଧିକ ମହିଳା ଓ ପୁରୁଷ ଯୋଗଦେଇ ବିଜେଡି ନେତା ଓ ଗୁଣ୍ଡାଙ୍କ ବିରୋଧରେ ଅସନ୍ତୋଷ ପ୍ରକାଶ କରିଥିଲେ। ଶନିବାର ରାତିରେ ବିଜେଡି ନେତା ଟିମା ମହାନ୍ତି, ପ୍ରଫୁଲ୍ଲ ମେହେର କୁଖ୍ୟାତ ଜମିମାଫିଆ ଟିମନ୍ କୁମ୍ଭାର, ତ୍ରିନାଥ ଭରାସାଗର ଓ ଅନ୍ୟ ଅସାମାଜିକ ଗୁଣ୍ଡାଙ୍କୁ ନେଇ ଚନ୍ଦନଭାଟି ଗ୍ରାମବାସୀଙ୍କୁ ଭୟଭୀତ ଓ ନିର୍ବାଚନ ସମୟରେ ଅଶାନ୍ତ ବାତାବରଣ ସୃଷ୍ଟି କରିଥିଲେ। ନିର୍ବାଚନରେ ହାରିବା ଭୟରେ ଟଙ୍କା ଦେଇ ଭୋଟ୍ କିଣୁଥିବାରୁ ଏହାକୁ ବିରୋଧ କରାଯାଇଥିଲା ବୋଲି କହିଥିଲେ। କେତେକ ଅସାମାଜିକ ଲୋକ ସ୍କୁଲ ସମ୍ମୁଖରେ ଆଡ୍ଡା ଜମାଇ ମହିଳାମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିବା ଅଭିଯୋଗ କରିଥିଲେ। ବିଜେଡି ନେତା ମହାନ୍ତି ଓ ମେହେର କିଛି ଦିନ ହେଲା କୁଖ୍ୟାତ୍ ଜମିମାଫିଆ ଟିମନ୍ କୁମ୍ଭାର ଓ ଅନ୍ୟ ସହରୀ ଗୁଣ୍ଡାଙ୍କୁ ଧରି ଚନ୍ଦନଭାଟି ଗାଁରେ ପ୍ରଚାର ନାଁରେ ଅଶାନ୍ତି ସୃଷ୍ଟି କରୁଥିବା ଅଭିଯୋଗ କରିଥିଲେ। ବିଜେଡିକୁ ଭୋଟ୍ ନ ଦେଲେ ବଲାଙ୍ଗୀର ସହରକୁ ଆସିବାକୁ ଦିଆଯିବନାହିଁ ବୋଲି ଧମକ୍ ଦିଆଯାଇଥିବା ଅଭିଯୋଗ କରି ସୁରକ୍ଷା ପାଇଁ ଏସପିଙ୍କୁ ଲିଖିତ ଜଣାଇଥିବା ଗ୍ରାମବାସୀ କହିଥିଲେ। ଏହି ଘଟଣା ପରେ ରବିବାର ସନ୍ଧ୍ୟାରେ ବିଜେଡି ପକ୍ଷରୁ ପ୍ରାର୍ଥୀ ଅର୍କେଶ ନାରାୟଣ ସିଂଦେଓଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଅପରାଧମୁକ୍ତ ବଲାଙ୍ଗୀର ଗଠନ ନାରା ଦେଇ ଶତାଧିକ ବିଜେଡି ମହିଳା ଓ ପୁରୁଷ କର୍ମୀ ନାରାବାଜି କରିଥିଲେ। କଂଗ୍ରେସର ଗୁଣ୍ଡାଗର୍ଦ୍ଦି ଚଳିବନାହିଁ କହିଥିଲେ। ବିଧାୟକଙ୍କ ପରିବାର ସମ୍ପର୍କରେ କଡା ସମାଲୋଚନା କରିଥିଲେ।

## ଚନ୍ଦ୍ରପୁର ରାମଲୀଳା ଉତ୍ସବ ୨୩ ବର୍ଷରେ

**ଦେଓଗାଁ, ୧୪।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଚନ୍ଦ୍ରପୁର ଗ୍ରାମଠାରେ ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଯାଇଛି। ଚନ୍ଦ୍ରପୁରଠାରେ ଗତ ୨୨ବର୍ଷରୁ ଆରମ୍ଭ କରି ଏହି ରାମଲୀଳାକୁ ବର୍ତ୍ତମାନ ପର୍ଯ୍ୟନ୍ତ ଚାଲୁ ରଖିଛନ୍ତି। ସମସ୍ତେ ଏକତା ଭାବେ ଏକାଠି ୧୪ ଦିନ ଧରି ସକାଳ ୮ଟାରୁ ପ୍ରଭୁ ରାମଚନ୍ଦ୍ରଙ୍କ ପୂଜା କରିବା ପରେ ପଞ୍ଚାମୃତ ସେବନ କରି ଏକାଠି ରହନ୍ତି। ସନ୍ଧ୍ୟା ୪ଟାରେ ଭଗବାନଙ୍କୁ ଭୋଗ ଲଗାଇବା ପରେ ଗୋଟିଏ ସ୍ଥାନରେ ସମସ୍ତେ ଏକାଠି ବସି ପ୍ରସାଦ ସେବନ କରିଥାନ୍ତି। ରାମଲୀଳା ରାତ୍ର ୮ଟାରୁ ଆରମ୍ଭ ହୋଇ ରାତ୍ର ୧୨ଟା ପର୍ଯ୍ୟନ୍ତ ଚାଲିଥାଏ। ଚଳିତବର୍ଷ ରାମ ଜନ୍ମ ପରେ ପ୍ରଭୁ ରାମଚନ୍ଦ୍ର ଗଙ୍ଗା ନଦୀରେ ଆରପାରିକୁ ଯିବା ପାଇଁ ନାବିକ ସାହାଯ୍ୟରେ ମିଥିଳାକୁ ଯାଇଛନ୍ତି। ଏହି ନାବିକର ଦୃଶ୍ୟ ସମସ୍ତଙ୍କୁ ମନମୁଗ୍ଧ କରିଥିଲା। ଏହି ନାଟକକୁ ଦେଓଗାଁ, ଜାରାସିଂହା ତଥା ଆଖପାଖ ଅଞ୍ଚଳରୁ ସହସ୍ରାଧିକ ଲୋକ ଦେଖିଥିଲେ। ଉକ୍ତ ନାଟକରେ ରାମ ଭୂମିକାରେ ଯୁଗାନ୍ତ ଭୋଇ, ସୀତା ରମାକାନ୍ତ ମିଶ୍ର, ଲକ୍ଷ୍ମଣ-ଜଗା କୁଦେଇ,ଦଶରଥ-ପ୍ରଶନ୍ନ କୁମାର ମଲ୍ଲିକ, କୌଶଲ୍ୟା ଶିବ ଭୋଇ, ବିଶ୍ୱାମିତ୍ର ଶେଷଦେବ ନାଗ, ଋଷିଗଣ ଭୋପାଳ ପଧାନ, ଦୁତିଆ କୁଦେଇ, ତାଡକା-ମାନଷ ମଲ୍ଲିକ, ମାରିଚ-କୈଳାସ ଭୋଇ, ସୁବାହୁ-ପଞ୍ଚାନନ ମଲ୍ଲିକ, ଅହଲ୍ୟା-ଠନ ନାଗ, ନାବିକ-ଶରତ ପୁଟେଲ, ରଞ୍ଜନ ସାହୁ ଅଭିନୟ କରିଥିଲେ।



ରାମଲୀଳାର ଏକ ଦୃଶ୍ୟ।

## ବଙ୍ଗୋମୁଣ୍ଡାରେ ହନୁମାନ ଜୟନ୍ତୀ ଓ ପଣାସଂକ୍ରାନ୍ତି

**ବଙ୍ଗୋମୁଣ୍ଡା ୧୪।୪ (ଡି.ଏନ୍.ଏ)**

ବଙ୍ଗୋମୁଣ୍ଡା ଟେକ୍ସି ଷ୍ଟାଣ୍ଡସ୍ଥିତ ହନୁମାନ ମନ୍ଦିରରେ ହନୁମାନ ଜୟନ୍ତୀ ଓ ପଣାସଂକ୍ରାନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଏ ଅବସରରେ ଶନିବାର ଏକ କଳସ ଶୋଭାଯାତ୍ରା ମହିଳା ମାନଙ୍କ ଦ୍ୱାରା କିଆବନ୍ଧରୁ ପୂଜା ମଣ୍ଡପକୁ ଆସିଥିଲା ଏବଂ ପୂଜାର୍ଚ୍ଚନା ଚାଲିଥିଲା। ଏ ଅବସରରେ ପଣା ସରବତ ଭକ୍ତ ମାନଙ୍କୁ ବଣ୍ଟନ କରାଯାଇଥିଲା।

## ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ପ୍ରତାରଣା ବିରୋଧରେ ବୈଠକ

**ବଲାଙ୍ଗୀର ଅଫିସ,୧୪।୪**

ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତଙ୍କ ମିଳିତ ମଞ୍ଚ ବଲାଙ୍ଗୀର ଜିଲା କମିଟି ତରଫରୁ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ସରକାରଙ୍କ ଚିଟଫଣ୍ଡ କ୍ଷତିଗ୍ରସ୍ତଙ୍କୁ ପ୍ରତାରଣା କରାଯାଇଥିବା ଅଭିଯୋଗ ଆଣି ଏହି ବୈଠକରେ ସମାଲୋଚନା କରାଯାଇଥିଲା। ବିଭୂଦତ୍ତ ମିଶ୍ରଙ୍କ ସଭାପତିତ୍ୱରେ ସ୍ଥାନୀୟ ରୁଗୁଡିପଡାଠାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସରକାର ଗତ ଫେବୃୟାରୀ ୧୯ ମହାସତ୍ୟାଗ୍ରହ ଅବସରରେ ଜମାକାରୀ ମିଳିତ ମଞ୍ଚ ସାଙ୍ଗରେ ହୋଇଥିବା ଆଲୋଚନା ଓ ପ୍ରତିଶ୍ରୁତିକୁ ଅଣଦେଖା କରି ଜମାକାରୀଙ୍କୁ ପୁଣି ପ୍ରତାରିତ କରିଥିବାରୁ ଜମାକାରୀଙ୍କ ତରଫରୁ ଅସନ୍ତୋଷ ପ୍ରକାଶ କରାଯାଇଥିଲା। ଏହା ବିରୋଧରେ ଚଳିତ ନିର୍ବାଚନରେ ଉଚିତ୍ ଜବାବ ଦେବାକୁ ବୈଠକରେ ଶପଥ ନିଆଯାଇଥିଲା। ତ୍ରୁଟିଯୁକ୍ତ କେନ୍ଦ୍ରୀୟ ଆଇନ ପରିବର୍ତ୍ତନ ପାଇଁ ମଧ୍ୟ କେନ୍ଦ୍ର ସରକାରଙ୍କୁ ବାରମ୍ବାର ଅନୁରୋଧ ସତ୍ତ୍ୱେ କେନ୍ଦ୍ର ସରକାରଙ୍କ ଉଦାସୀନତାକୁ ନେଇ ସମାଲୋଚନା କରାଯାଇଥିଲା। ସରକାରଙ୍କ ଅର୍ଥମନ୍ତ୍ରୀ ଓ ଅର୍ଥ ସଚିବଙ୍କ ସହିତ ପ୍ରାରମ୍ଭିକ ଆଲୋଚନା ଓ ନିର୍ଭର ପ୍ରତିଶ୍ରୁତି କ୍ଷତିଗ୍ରସ୍ତ ଜମାକାରୀ ତାଙ୍କ ପଇସା ଫେରି ପାଇବାରେ ଆଶା ସୃଷ୍ଟି କରିଥିଲେ ମଧ୍ୟ ପୂର୍ବପରି ତାଙ୍କୁ ପ୍ରତାରଣା କରାଗଲା ବୋଲି ମିଶ୍ର କହିଥିଲେ। ଛତିଶଗଡ ଓ ମଧ୍ୟପ୍ରଦେଶର ସରକାର ପରିବର୍ତ୍ତନରେ ଚିଟଫଣ୍ଡ ଜମାକାରୀ ମୁଖ୍ୟ ଭୂମିକା ନେଇଥିଲେ। ବର୍ତ୍ତମାନ ଆମ ପ୍ରତି ଉଦାସୀନ ରହିଲେ ରାଜ୍ୟ ସରକାର ମଧ୍ୟ ସେହି ଅବସ୍ଥା ଭୋଗିବେ ବୋଲି ମିଶ୍ର ଚେତାବନୀ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଘବ ରଣା, ବୃନ୍ଦାବନ ବାଗ, ଶମ୍ଭୁଭୂଷଣ ତନ୍ତି, ବିଦ୍ୟାଧର ସୁନା, ରୋହିତ ବାଗ, ଶାନ୍ତନୁ ପଟେଲ, ଆନନ୍ଦ ନାଏକ, ଜୟ ମନହିରା, ବ୍ୟାସଦେବ ପଟେଲ, ରୂପେଶ ବାଗ ଓ ଶତାଧିକ ଜମାକାରୀ ଯୋଗଦେଇ ଆନ୍ଦୋଳନକୁ ଆହୁରି ବ୍ୟାପକ ଓ ପ୍ରଭାବୀ କରିବା ଉପରେ ମତବ୍ୟକ୍ତ କରିଥିଲେ।

## ବଙ୍ଗୋମୁଣ୍ଡାରେ ରାମନବମୀ

**ବଙ୍ଗୋମୁଣ୍ଡା, ୧୪।୪ (ଡି.ଏନ୍.ଏ.)**

ବଙ୍ଗୋମୁଣ୍ଡା ଦଧିବାମନ ମନ୍ଦିର ପରିସର ପ୍ରହରୀ ମଣ୍ଡପରେ ରାମନବମୀ ଉତ୍ସବ ଦୁଇଦିନ ଧରି ପାଳିତ ହୋଇଯାଇଛି। ଏ ଅବସରରେ ଶନିବାର ଏକ କଳସ ଯାତ୍ରା ସ୍ଥାନୀୟ କିଆବନ୍ଧରୁ ପ୍ରହରୀ ମଣ୍ଡପକୁ ଏକ ଶୋଭାଯାତ୍ରାରେ ଅଣାଯାଇଥିଲା। ୧୦ ଘଣ୍ଟା ସମୟରେ ନାମ ଆରମ୍ଭ ହୋଇଥିଲା। ରବିବାର ଏହା ପୂର୍ଣ୍ଣାହୁତି ହୋଇଛି। ଏଥିରେ ଅଞ୍ଚଳର ୬ଟି ସଂକୀର୍ତ୍ତନ୍ୟ ଦଳ ଯୋଗ ଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ କରିଥିଲେ। ହୋମ, ଯଜ୍ଞ, ଜପ ପ୍ରଭୃତି କାର୍ଯ୍ୟକ୍ରମ ହୋଇଥିଲା। ପୂଜକ ସନ୍ତୋଷ ଓ କର୍ତ୍ତା ରୂପେ ଫକିର ପୁଟେଲ ସସ୍ତ୍ରୀକ ଦାୟିତ୍ୱ ତୁଲାଇଥିଲେ। ରାମନବମୀ କମିଟିର ଯଶୋବନ୍ତ ବାଗ, ଗୁଡିଆ ଶର୍ମା, କ୍ଷମାନିଧି ପୁଟେଲ, ନରୋତ୍ତମ ଥନାପତି, ଚିନ୍ତାମଣି ପ୍ରଧାନୀ, ବିରେନ୍ଦ୍ର ସରାଫ, ଭିକାରୀ ପୁଟେଲ, ପଦ୍ମନାଭ ବାରିକ, ସୁଶାନ୍ତ ବାରିକ, ସନ୍ତୋଷ ଜୈନ ତଥା ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।



କଂଗ୍ରେସ ପକ୍ଷରୁ ବଲାଙ୍ଗୀରରେ ବାଇକ୍ ରାଲି।

## ବାଇକ୍ ରାଲିରେ ସମରେନ୍ଦ୍ର କଲେ ନିର୍ବାଚନୀ ପ୍ରଚାର

**ବଲାଙ୍ଗୀର ଅଫିସ, ୧୪।୪**

କଂଗ୍ରେସ ପକ୍ଷରୁ ରବିବାର ବଲାଙ୍ଗୀର ସହରରେ ଏକ ବିରାଟମୋଟର ସାଇକେଲ ରାଲି କରାଯାଇ ସହର ପରିକ୍ରମା କରାଯାଇଥିଲା। ବଲାଙ୍ଗୀର ଲୋକସଭା ପ୍ରାର୍ଥୀ ସମରେନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ଶତାଧିକ ଯୁବକ ବାଇକ୍‌ରେ ଶୋଭାଯାତ୍ରା କରିଥିଲେ। ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ରଙ୍କ କାର୍ଯ୍ୟାଳୟରୁ ବାହାରି ଏହି ଶୋଭାଯାତ୍ରା ସମଲେଶ୍ୱରୀ ମନ୍ଦିର, ପାଟଣେଶ୍ୱରୀ ମନ୍ଦିର, ମହାଦେବ ମନ୍ଦିର, ଗାନ୍ଧୀନଗରପଡା, ଟ୍ରାଫିକ୍ ଛକ, କଚେରୀ ଛକ, କଲେଜ ଛକ, ପେଲେସ ଲାଇନ, ଆରଟିଓ ଛକ, ସାଲେପାଲି, ମନୋହରପୁର, ତୁଳସୀନଗର, ଭାଗରଥି ଛକ, ବିକ୍ରମ ଛକ, କଂସାରୀପଡା ରିଂ ରୋଡ, ସୁଦପଡା ବାଏପାସ ଦେଇ ଗାନ୍ଧୀନଗର ପଡା, ମହାଦେବ ମନ୍ଦିର ଛକ, ରାଧାରାଣୀପଡା ଓ କ୍ଲବପଡାରେ ପହଞ୍ଚିଥିଲା। ଏହି ଅବସରରେ ଲୋକସଭା ପ୍ରାର୍ଥୀ ସମରେନ୍ଦ୍ର ଚଳିତ ନିର୍ବାଚନରେ ବଲାଙ୍ଗୀର, ସୋନପୁର ସଂସଦୀୟ କ୍ଷେତ୍ରର ସମସ୍ତ ଛାତ୍ର, ଯୁବକ, କୃଷକ, ଶ୍ରମିକମାନଙ୍କ ପାଖକୁ କଂଗ୍ରେସ ବିକାଶର ବାର୍ତ୍ତା ପଠାଇଛି ବୋଲି କହିଥିଲେ। ଆଗାମୀ ୧୮ ତାରିଖରେ ହେଉଥିବା ନିର୍ବାଚନରେ ଲୋକେ ବିପୁଳ ଭାବରେ କଂଗ୍ରେସ ଦଳକୁ ସମର୍ଥନ କରନ୍ତୁ ବୋଲି ଯୁବନେତା ସମରେନ୍ଦ୍ର ମିଶ୍ର ଅନୁରୋଧ କରିଥିଲେ।







ସମରା ଗ୍ରାମରେ କଂଗ୍ରେସ ପ୍ରାର୍ଥୀଙ୍କ ପକ୍ଷରୁ ଆଲୋଚନା ଚାଲିଛି। ବିଜେଡି ପକ୍ଷରୁ ତୁଷୁରାରେ ପଦଯାତ୍ରା। କନ୍ଧେନବାହାଲି ଗ୍ରାମରେ ଭାଜପାର ପ୍ରଚାର।

# ତିନିଦଳ ପକ୍ଷରୁ ଜୋରଦାର ପ୍ରଚାର: ଭୋଟରଙ୍କୁ ଆକୃଷ୍ଟ କରିବାକୁ ଚେଷ୍ଟା

**ଗୁଡଭେଲା,୧୪।୪(ଡି.ଏନ.ଏ)**

ନିର୍ବାଚନ ଆଉ ଚାରି ଦିନ ବାକି ରହିଥିବାବେଳେ ବଲାଙ୍ଗୀର ଜିଲା ଗୁଡଭେଲା ଓ ତୁଷୁରା ଏନଏସି ଅଞ୍ଚଳରେ ନିର୍ବାଚନୀ ପ୍ରଚାର ମଧ୍ୟ ସେତିକି ଜମିବାରେ ଲାଗିଛି। ଠିକ ସେହିପରି ଭୋଟରମାନେ ମଧ୍ୟ ଭୋଟ ଦେବା ପାଇଁ ଉତ୍ସାହିତ ହେଉଥିବା ଦେଖିବାକୁ ମିଳୁଛି। ଗତ କିଛି ଦିନ ହେଲା ଭାଜପା, ବିଜେଡି ଓ କଂଗ୍ରେସ ପ୍ରାର୍ଥୀମାନେ ବିଭିନ୍ନ ଗ୍ରାମକୁ ଯାଇ ଭୋଟରମାନଙ୍କୁ ବିଭିନ୍ନ ପ୍ରତିଶୃତି ଦେଇ ନିକଟତର ହେବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ରବିବାର କଂଗ୍ରେସ ପ୍ରାର୍ଥୀ ସୁରେନ୍ଦ୍ର ସିଂଭୋଇ ଗୁଡଭେଲା ବ୍ଲକର ଗ୍ରାମକୁ ଯିବା ସହ ତୁଷୁରା ମାରୱାଡି ଯୁବା ମଞ୍ଚ, ଜାଗୃତି ଶାଖା ଓ ମହିଳା ମଣ୍ଡଳଙ୍କ ସହ ବିଭିନ୍ନ ଉନ୍ନୟନ କାର୍ଯ୍ୟ ତଥା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏପରିକି ରାଜ୍ୟ ଓ କେନ୍ଦ୍ର ସରକାର ଦୁହେଁ ମିଶି କରି ଦୁର୍ନୀତି ଚଳାଇଥିବା ବେଳେ ବିଶେଷ କରି ମହିଳାମାନେ ସୁରକ୍ଷିତ ନାହାନ୍ତି ବୋଲି କହିଥିଲେ। ତାଙ୍କ ସରକାର ଥିବା ସମୟରେ ବହୁ ଉନ୍ନୟନ କାର୍ଯ୍ୟ ହୋଇଥିବା କହିବା ସହ ହାତ ଚିହ୍ନରେ ଭୋଟ ଦେବାକୁ ଅନୁରୋଧ କରିଥିଲେ। ସେହିପରି ବିଜେଡିର ବଲାଙ୍ଗୀର ସାଂସଦ କଳିକେଶ ସିଂଦେଓ ତୁଷୁରା ସହରରେ ପଦଯାତ୍ରା କରିବା ସହ ଲୋକଙ୍କୁ ନବୀନ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ବୁଝାଇଥିଲେ। ନବୀନ ସରକାରଙ୍କ ହାତମୁଠାକୁ ଟାଣ କରିବାକୁ ହେଲେ ଆପଣଙ୍କ ବହୁମୂଲ୍ୟ ଭୋଟ ଶଙ୍ଖ ଚିହ୍ନରେ ଦେବାକୁ ଅନୁରୋଧ କରିଥିଲେ। ଅନ୍ୟପକ୍ଷରେ ଗୁଡଭେଲା ବ୍ଲକ ଅନ୍ତର୍ଗତ ଦେଉଳଗୁଡି, ଡୁଙ୍ଗିବାହାଲ, ଡାହିମାଳ, କନ୍ଧେନବାହାଲି, ସମରା ତଥା ବିଭିନ୍ନ ଗ୍ରାମାଞ୍ଚଳରେ ଭାଜପା ବିଧାୟକ ପ୍ରାର୍ଥୀ ଅଶୋକ ଦୋରା ଜୋରଦାର ପ୍ରଚାର ଚଳାଇ ଘରଘର ବୁଲି ଭୋଟ ମାଗୁଛନ୍ତି। ଏପରିକି ଭାଜପା ସରକାରକୁ ଆସିଲେ ଏକ ଟଙ୍କାରେ ଚାଉଳ, ଡାଲି, ଲୁଣ ଦିଆଯିବ ବୋଲି କହିବା ସହ ମୋଦି ସରକାରଙ୍କ ବିଭିନ୍ନ ଉନ୍ନୟନ ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରାଉଛନ୍ତି। ଭାଜପାକୁ ଭୋଟ ଦେଇ ଡବଲ ଇଞ୍ଜିନ ସରକାର ଆଣିଲେ ଓଡିଶାର ବିକାଶ ହୋଇପାରିବ ବୋଲି କହି ନିଜ ସପକ୍ଷରେ ଭୋଟ ଦେବାକୁ ଅନୁରୋଧ କରିଥିଲେ।



ଅନ୍ୟଠାରୁ ନିଜକୁ ଉଚ୍ଚ ବୋଲି ମଣିବା ହେଉଛି ଭଗବାନଙ୍କ ପ୍ରତି ଦ୍ରୋହ ଆଚରଣ।
- ମହାତ୍ମା ଗାନ୍ଧୀ

## ସଂକ୍ଷେପରେ

### ଝାରସୁଗୁଡାରେ ମହାବିଷୁବ ସଂକ୍ରାନ୍ତି ପାଳିତ

ଝାରସୁଗୁଡା ଅଫିସ, ୧୪।୪- ଝାରସୁଗୁଡା ସହରରେ ରବିବାର ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଏବଂ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ସହରାଞ୍ଚଳର ସରବାହାଲ, ବୁରୋମାଲ, ଝଣ୍ଡାଛକ, ଗୌଡପଡା, ପୁରୁଣାବସ୍ତି, ବସଷ୍ଟାଣ୍ଡ, ବିଟିଏମ୍, ମଙ୍ଗଳବଜାର ଏବଂ ବଡମାଲ ହନୁମାନ ମନ୍ଦିରରେ ଜୟନ୍ତୀ ପାଳନ କରାଯାଇଥିଲା। ହନୁମାନ ଚାଳିଶା, ହୋମଯଜ୍ଞ ସାଙ୍ଗକୁ ପଣା ବଣ୍ଟନ କରାଯାଇଥିଲା। ମନ୍ଦିରରେ ହଜାର ହଜାର ଶ୍ରଦ୍ଧାଳୁ ଦର୍ଶନ ପାଇଁ ଭିଡ ଜମାଇଥିବା ଦେଖିବାକୁ ମିଳିଥିଲା। ସରବାହାଲର ଅମୂଲ୍ୟ ମିଶ୍ର, ଅଜୟ ମିଶ୍ର, ନିମାଇଁ ଚରଣ ବେହେରା, ଭଜ ବିହାରୀ ପାଣିଗ୍ରାହୀ, କିଶୋର ପଣ୍ଡା, ଶଶିଭୂଷଣ ପଣ୍ଡା, ସୁମିତ ପଟ୍ଟନାୟକ ପ୍ରମୁଖ ହନୁମାନ ଜୟନ୍ତୀ ଉତ୍ସବ ପରିଚାଳନା କରିଥିଲେ। ସହରର ବିଭିନ୍ନ ସ୍ଥାନରେ ପଣା ବଣ୍ଟନ କରାଯାଇଥିଲା। ସନ୍ଧ୍ୟାରେ ଷ୍ଟେଶନ ଛକ ଠାରେ ରେଲୱେ ସାଂସ୍କୃତିକ ସଂଘ ତରଫରୁ ଦୁର୍ଗାମଣ୍ଡପ ଠାରେ ଓଡ଼ିଆ ନବବର୍ଷ ଉତ୍ସବ ପାଳନ କରାଯାଇଥିଲା।

### ନବଦୁର୍ଗା, ବାଟମଙ୍ଗଳା ମନ୍ଦିରରେ ନବରାତ୍ର ପୂଜା ସମାପିତ

ବେଲପାହାଡ଼,୧୪।୪ (ଡ଼ି.ଏନ୍.ଏ) ବେଲପାହାଡ଼ ସହରାଞ୍ଚଳସ୍ଥିତ ବାଟମଙ୍ଗଳା ମନ୍ଦିର ଓ ନବଦୁର୍ଗା ମନ୍ଦିରରେ ଗତ ୯ଦିନ ଧରି ଚାଲିଥିବା ଚୈତ୍ର ନବରାତ୍ର ପୂଜା ସମାପିତ ହୋଇଯାଇଛି। ଶନିବାର ଅପରାହ୍ଣରେ ବାଟମଙ୍ଗଳା ମନ୍ଦିରରେ ସମ୍ପୁଟ ଚଣ୍ଡୀପାଠ ସରିଲା ପରେ କୁମାରୀ ପୂଜା ଅନୁଷ୍ଠିତ ହୋଇଥିଲା। ଏହା ପରେ ଘଟ ବିସର୍ଜିତ ହୋଇଥିଲା। ନବଦୁର୍ଗା ମନ୍ଦିରରେ ରବିବାର ସକାଳେ ନବକୁମାରୀ ପୂଜା ହେଲା ପରେ ଘଟ ବିସର୍ଜିତ ହୋଇଥିଲା। ବାଟମଙ୍ଗଳା ମନ୍ଦିରରେ ପଣ୍ଡିତ ପ୍ରଦୀପ ମିଶ୍ର ଓ ନବଦୁର୍ଗା ମନ୍ଦିରରେ ପଣ୍ଡିତ ରମେଶ ମହାପାତ୍ର ପୂଜା କାର୍ଯ୍ୟ ପରିଚାଳନା କରିଥିଲେ।

### ଶ୍ରୀରାମନବମୀ ଶୋଭାଯାତ୍ରା

ବେଲପାହାଡ଼,୧୪।୪(ଡ଼ି.ଏନ୍.ଏ)

ବେଲପାହାଡ଼ରେ ଶ୍ରୀରାମନବମୀ ଅବସରରେ ଏକ ଭବ୍ୟ ଶୋଭାଯାତ୍ରା ବାହାରିଥିଲା। ଏଥିରେ ବଜରଙ୍ଗ ଦଳର ଶତାଧିକ ସଦସ୍ୟ ଯୋଗ ଦେଇଥିଲେ। ଶୋଭାଯାତ୍ରା ବେଲପାହାଡ଼ ପଞ୍ଚମୁଖୀ ହନୁମାନ ମନ୍ଦିରରୁ ବାହାରିଥିଲା ଏବଂ ସନ୍ଧ୍ୟା ପର୍ଯ୍ୟନ୍ତ ପୂରା ସହର ପରିକ୍ରମା କରିଥିଲା। ଶିଶୁ ଶ୍ରଦ୍ଧାଳୁମାନେ ଶ୍ରୀରାମ, ସୀତା ଓ ହନୁମାନ ବେଶରେ ସଜ୍ଜିତ ହୋଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

## ବିହାରୀ ଭୋଟ ଉପରେ ନଜର

# ଭାଜପା ପ୍ରଚାରରେ ଭୋଜପୁରୀ ଷ୍ଟାର ମନୋଜ

ଝାରସୁଗୁଡା ଅଫିସ,୧୪।୪

ଅଭିନେତାରୁ ନେତା ହୋଇଥିବା ମନୋଜ ତିୱାରୀ ରବିବାର ଝାରସୁଗୁଡାରେ ଭାଜପା ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ପ୍ରଚାର କରିଛନ୍ତି। ଭୋଜପୁରୀ ସୁପରଷ୍ଟାର ମନୋଜ ତିୱାରୀ ଝାରସୁଗୁଡା ଓ ବ୍ରଜରାଜନଗରରେ ନିର୍ବାଚନ ପ୍ରଚାର କରିବା ପଛରେ ବହୁ କାରଣ ରହିଛି। ସେହି କାରଣ ମଧ୍ୟରୁ ପ୍ରମୁଖ କାରଣ ହେଲା ବିହାରୀ ଭୋଟରଙ୍କୁ ଆକୃଷ୍ଟ କରିବା। କୋଇଲାଖଣି ଭରା ବ୍ରଜରାଜନଗରରେ ବିହାର ରାଜ୍ୟର ହଜାର ହଜାର ସଂଖ୍ୟାରେ ମତଦାତା ରହିଛନ୍ତି। ଏହି ମତଦାତା ଦୀର୍ଘ ବର୍ଷ ହେବ ଏଠାରେ ରହିବା ସହ ଏଠାକାର ମତଦାତା ହୋଇସାରିଛନ୍ତି। ବିହାରୀ ଲୋକମାନେ ମନୋଜ ତିୱାରୀଙ୍କୁ ବହୁ ମାତ୍ରାରେ ପସନ୍ଦ କରନ୍ତି। ମନୋଜଙ୍କ ସଙ୍ଗୀତ ଓ ଅଭିନୟରେ ଲୋକ ପାଗଳ। ବିହାରରେ ମନୋଜ ତିୱାରୀଙ୍କ ବହୁ ଲୋକପ୍ରିୟତା ରହିଛି। ସେମାନଙ୍କୁ ଆକୃଷ୍ଟ କରିବା ଏବଂ ଭାଜପା ପ୍ରାର୍ଥୀଙ୍କ ଭୋଟ ହାର ବଢାଇବା ଲକ୍ଷ୍ୟରେ ମନୋଜଙ୍କୁ ପ୍ରଥମେ ବ୍ରଜରାଜନଗର ଓ ପରେ ଝାରସୁଗୁଡାର ନିର୍ବାଚନୀ ପ୍ରଚାରରେ ବ୍ୟବହାର କରାଯାଇଥିବା ସ୍ଥାନୀୟ ଲୋକ କହୁଛନ୍ତି।

ଚଳିତ ନିର୍ବାଚନରେ ଝାରସୁଗୁଡା ଓ ବ୍ରଜରାଜନଗର ଉଭୟ ନିର୍ବାଚନମଣ୍ଡଳୀରେ ଭାଜପା ଓ ବିଜେଡି ମଧ୍ୟରେ କଡା ମୁକାବିଲା ହେଉଛି। ଏହାକୁ ଦୃଷ୍ଟିରେ ରଖି ଶୁକ୍ରବାର ଓ ଶନିବାର ବିଜେଡି ନେତା ନବ ଦାସ ବଲିଉଡ ତାରକା ସୁନିଲ ସେଟ୍ଟୀ ଓ ମହିମା ଚୌଧୁରୀଙ୍କ ଦ୍ୱାରା ନିର୍ବାଚନୀ ପ୍ରଚାର କରିବା ପରେ ଏହାକୁ ଟକ୍କର ଦେବାକୁ ଭାଜପା ରବିବାର ଭୋଜପୁରୀ ସୁପରଷ୍ଟାର ମନୋଜ ତିୱାରୀଙ୍କୁ ପ୍ରଚାର ମୈଦାନକୁ ଓହ୍ଲାଇଥିଲା। ଅପରାହ୍ଣ ୩.୩୦ରେ ମନୋଜ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଝାରସୁଗୁଡା ବିମାନବନ୍ଦରରେ ପହଞ୍ଚିଥିଲେ। ସେଠାରୁ ମନୋଜ ବ୍ରଜରାଜନଗର ଯାଇ ଭାଜପା ସମର୍ଥିତ ଏମ୍‌ପି ପ୍ରାର୍ଥୀ ସୁରେଶ ପୂଜାରୀ ଏବଂ ବିଧାୟିକା ପ୍ରାର୍ଥୀ ରାଧାରାଣୀ ପଣ୍ଡାଙ୍କ ନିର୍ବାଚନୀ ପ୍ରଚାର ରାଲିରେ ଯୋଗଦେଇଥିଲେ। ଓଡ଼ିଶାରେ ଭାଜପା ସରକାର ଗଠନ କରିବ ଏବଂ କେନ୍ଦ୍ରରେ ପୁନର୍ବାର ମୋଦିଙ୍କ ନେତୃତ୍ୱରେ ସରକାର ଗଠନ ହେବ ବୋଲି ମନୋଜ ନିଜ ବକ୍ତବ୍ୟରେ କହିଥିଲେ। ଭାଜପା ଶୋଭାଯାତ୍ରାରେ ବିପୁଳ ଲୋକଙ୍କ ସମାଗମରୁ ଜଣାପଡୁଛି ଯେ ଓଡ଼ିଶାରେ ଭାଜପା ସପକ୍ଷରେ ଜନମତର ଆଭାସ ମିଳୁଛି। ତେଣୁ ଓଡ଼ିଶାରେ ଭାଜପା ନିଜର ସମ୍ପୂର୍ଣ୍ଣ ଶକ୍ତିର ସହ ନିର୍ବାଚନ ପ୍ରଚାର ଜାରି ରଖିଛି। ଭାଜପା ଟିକଟରୁ ନିର୍ବାଚନ ଲଢୁଥିବା ଅନ୍ୟୁନ ୧୫ ଜଣ ଏମ୍‌ପି ଓଡ଼ିଶାରୁ ନିର୍ବାଚିତ ହେବେ ବୋଲି ମନୋଜ ଦୃଢତାର ସହ କହିଛନ୍ତି। ଏହା ପରେ ସେ ଝାରସୁଗୁଡା ଫେରି ଝଣ୍ଡାଛକ ଠାରେ ଏକ ନିର୍ବାଚନୀ ସଭାରେ ଯୋଗ ଦେଇଥିଲେ। ସେଠାରେ ମନୋଜ ଭାଜପା ସମର୍ଥିତ ବିଧାୟକ ପ୍ରାର୍ଥୀ ଦିନେଶ ଜୈନଙ୍କ ସପକ୍ଷରେ ଭୋଟ ନିବେଦନ କରିଥିଲେ। ଏହି ଦୁଇ ନିର୍ବାଚନମଣ୍ଡଳୀରେ ବିହାରି ଲୋକଙ୍କ ଉପସ୍ଥିତି ଏବଂ ଭୋଜପୁରୀ ଷ୍ଟାର ମନୋଜଙ୍କ ନିର୍ବାଚନ ପ୍ରଚାର ଭାଜପା ପାଇଁ ଲାଭବାନ ହେବ ବୋଲି ଭାଜପା ନେତୃବୃନ୍ଦ କହୁଛନ୍ତି। ସୂଚନାଯୋଗ୍ୟ, ସୋମବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭାଜପାର ପ୍ରଚାର ପାଇଁ ଝାରସୁଗୁଡା ଆସିବାର କାର୍ଯ୍ୟକ୍ରମ ରହିଛି।



ବ୍ରଜରାଜନଗରରେ ଭାଜପା ରାଲିରେ ମନୋଜ ତିୱାରୀ।



### ପୋଲିସର ଫ୍ଲାଗ ମାର୍ଚ୍ଚ

କୋଲାବିରା,୧୪।୪(ଡି.ଏନ.ଏ) ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି କୋଲାବିରା ପୋଲିସ ପକ୍ଷରୁ କୋଲାବିରା ଥାନା ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରାଯାଇଛି। ଏସ୍‌ଡିପିଓ କୈଳାଶ ଆଚାର୍ଯ୍ୟ, କୋଲାବିରା ଥାନା ଅଧିକାରୀ ସୁକୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଝାରସୁଗୁଡା ଜିଲାର ସିମାନ୍ତ ଗ୍ରାମ କୋଲାବିରା ଥାନା ଅଧିନସ୍ଥ ସୋଡାମାଲ ପଞ୍ଚାୟତର ସୋଡାମାଲ ସମାସିଂହା, ପୋଖରାସାହ୍ଲେ, ବଡବାହାଲ, କୋଲାବିରା ଆଦି ଗ୍ରାମଗୁଡିକରେ ପୋଲିସ ପକ୍ଷରୁ ଫ୍ଲାଗ ମାର୍ଚ୍ଚ କରାଯାଇଛି। ଝାରସୁଗୁଡା ଜିଲାରେ ରବିବାର ପ୍ରଥମ ଥର ପାଇଁ କୋଲାବିରା ଥାନା ଅଞ୍ଚଳରେ କେନ୍ଦ୍ରୀୟ ବଳ ଏବଂ ପୋଲିସର ମିଳିତ ଫ୍ଲାଗ ମାର୍ଚ୍ଚ କରାଯାଇଛି। ପ୍ରତିଥର ନିର୍ବାଚନ ସମୟରେ ଅନ୍ୟବାହାର ଅଞ୍ଚଳରୁ ଅସାମାଜିକ ଲୋକଙ୍କ ପ୍ରବେଶ ହେଉଥିବାରୁ ପୋଲିସର ସତର୍କ ଦୃଷ୍ଟି ରହିଥାଏ ଏହି ଅଞ୍ଚଳ ଉପରେ। ଏହି କ୍ରମରେ ତଥା ନିର୍ବାଚନକୁ ଆଖିଆଗରେ ରଖି ପୋଲିସ ପକ୍ଷରୁ ଫ୍ଲାଗ ମାର୍ଚ୍ଚ କରାଯାଇଛି। ଲୋକଙ୍କ ମଧ୍ୟରେ ଆଦର୍ଶ ଆଚରଣ ବିଧି ପାଳନ ନେଇ ସଚେତନତା ସହିତ ଅବାଧ ଏବଂ ନିରପେକ୍ଷ ନିର୍ବାଚନ ପାଇଁ ଲୋକଙ୍କ ଭିତରେ ବିଶ୍ୱାସ ଜନ୍ମାଇବା ଲକ୍ଷରେ ଫ୍ଲାଗମାର୍ଚ୍ଚ କରାଯାଇଥିବା ପ୍ରକାଶ।

## ସ୍ତ୍ରୀଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ସ୍ୱାମୀ ଗିରଫ

ବେଲପାହାଡ଼,୧୪।୪(ଡ଼ି.ଏନ୍.ଏ)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ପୋଲିସ ଏକ ଯୌତୁକ ନିର୍ଯାତନା ମାମଲାରେ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଗିରଫ ଯୁବକଙ୍କ ନାମ କମଳ ପ୍ରଶାଦ (୨୬)। ତାଙ୍କ ଘର ଗୁମାଡ଼େରାରେ। ଗତ ମାର୍ଚ୍ଚ ୧୩ରେ କମଳଙ୍କ ସ୍ତ୍ରୀ ମୁନ୍‌ମୁନ (୨୩) ବେଲପାହାଡ଼ ଥାନାରେ ଏକ ଅଭିଯୋଗ କରିଥିଲେ। ଏଥିରେ କମଳ ତାଙ୍କୁ ଯୌତୁକ ପାଇଁ ବାରମ୍ବାର ନିର୍ଯାତନା ଦେଉଥିବା ଉଲ୍ଲେଖ କରିଥିଲେ। ନିର୍ଯାତନା ଯୋଗୁ ମୁନମୁନ ଗତ କିଛି ମାସ ପୂର୍ବରୁ କମଳଙ୍କ ଘରୁ ପଳାଇ ଆସିଥିଲେ ଏବଂ ଗୁମାଡ଼େରାରେ ରହୁଥିବା ତାଙ୍କ ମାଙ୍କ ସହିତ ରହୁଥିଲେ। ମାତ୍ର ଗତ ଶୁକ୍ରବାର ବିଳମ୍ବିତ ରାତି କମଳ ତାର ଶାଶୁ ଘରକୁ ଯାଇଥିଲା ଏବଂ ସ୍ତ୍ରୀ ମୁନମୁନଙ୍କୁ ଗାଳି ଗୁଲଜ କରିଥିଲା। ମୁନମୁନଙ୍କ ଅଭିଯୋଗକୁ ନେଇ ମାର୍ଚ୍ଚରେ ବେଲପାହାଡ଼ ଥାନାରେ ଏକ ମାମଲା (ନଂ ୩୫/୨୦୧୯) ରୁଜୁ ହୋଇ ତଦନ୍ତ ଚାଲିଥିଲା। ଶନିବାରର ଘଟଣା ପରେ ଅଭିଯୁକ୍ତ କମଳଙ୍କୁ ୩୪୧, ୩୨୩, ୨୯୪, ୫୦୬ ଓ ୩୪ ଆଇପିସିରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ବେଲପାହାଡ଼ ଥାନା ଏସ୍‌ଆଇ ବି.କେ.ବେକ୍ ପ୍ରକାଶ କରିଛନ୍ତି।

## ନେତାଏଁ ପାଶୋରି ଦେଲେଣି ଏଲ.ଏନ୍ କଲେଜ କଥା

ଝାରସୁଗୁଡା ଅଫିସ, ୧୪।୪

ଝାରସୁଗୁଡା ଜିଲାରେ ଉଚ୍ଚଶିକ୍ଷାର ମାନ ନିମ୍ନଗାମୀ ହେବାରେ ଲାଗିଛି। ଉଚ୍ଚଶିକ୍ଷା ପାଇଁ ଶିକ୍ଷାନୁଷ୍ଠାନ ନାହିଁ କି ପୂର୍ଣ୍ଣ ସରକାରୀ କଲେଜ ନାହିଁ। ଯେନତେନ ପ୍ରକାରେ ସ୍ନାତକ ଶିକ୍ଷା ସରିଗଲେ ସ୍ନାତୋକତ୍ତର ପାଇଁ ଜିଲା ବାହାରକୁ ଯିବା ସୁନିଶ୍ଚିତ। ଝାରସୁଗୁଡା ଜିଲାରେ ଶିଳ୍ପ ସମ୍ପ୍ରସାରଣ ହୋଇଛି। ହେଲେ ବୈଷୟିକ ଶିକ୍ଷା କଥା ଉଠିଲେ ଅଭିଭାବକ ଭୁବନେଶ୍ୱର କଥା ଚିନ୍ତା କରୁଛନ୍ତି। ଏପରି ସ୍ଥଳେ ଝାରସୁଗୁଡା ଜିଲାର ସର୍ବପୁରାତନ ଲକ୍ଷ୍ମୀ ନାରାୟଣ (ଏଲ.ଏନ.) କଲେଜ ନିର୍ବାଚିତ ପ୍ରତିନିଧିଙ୍କ ଦ୍ୱାରା ଏକ ପ୍ରକାର ଅବହେଳିତ। କେବଳ ମିଥ୍ୟା ପ୍ରତିଶ୍ରୁତିରେ ସମୟ ଅତିବାହିତ କରିବା ଏବଂ ଥରକୁ ଥର ନିର୍ବାଚିତ ହୋଇ କଲେଜ କଥା ପାଶୋରି ଦେବା ନେତାଙ୍କ ଅଭ୍ୟାସରେ ପରିଣତ ହୋଇଗଲାଣି। ଏଠାରୁ ନିର୍ବାଚିତ ପ୍ରତ୍ୟେକ ନେତା ଦୁଇଥର ତିନିଥର ଲେଖାଏଁ ବିଧାନସଭାକୁ ଗଲେଣି। ହେଲେ ଏଲ୍.ଏନ୍ କଲେଜ ପାଇଁ କେହି ବି ସରକାରୀ ମାନ୍ୟତା ଖଣ୍ଡେ ଯୋଗାଡ କରିପାରୁନାହାନ୍ତି। କେବଳ ଝାରସୁଗୁଡା କାହିଁକି, ଗତ କିଛିଦିନ ପୂର୍ବରୁ ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଉଣେଇଶଖଣ୍ଡ ମୌଜାର ଯୁବଛାତ୍ର କଲେଜ ସ୍ଥାପନ ଦାବିରେ ଜିଲାପାଳ ଅଫିସ ଘେରିଥିଲେ। ନିର୍ବାଚନ ପ୍ରଚାର ବେଳେ ପ୍ରାର୍ଥୀମାନେ ଇନ୍ଦିରାଆବାସ, ବିଜୁ ପକ୍କାଘର, ଟଙ୍କିକିଆ ଚାଉଳ, ଛତା, ଯୋତା, ଟର୍ଚ୍ଚଲାଇଟ୍, ବିଭିନ୍ନ ଭତ୍ତା କରାଇଦେବାର ପ୍ରତିଶ୍ରୁତି ଦେଉଛନ୍ତି। ଅଥଚ କେହିମଧ୍ୟ ଶିକ୍ଷାର ବିକାଶ ପାଇଁ ଜିଲାରେ ବୈଷୟିକ କଲେଜ ସ୍ଥାପନ କରିବା, ଏଲ୍.ଏନ୍ କଲେଜକୁ ସରକାରୀ ମାନ୍ୟତା ଦେବା, ସୀମାନ୍ତ ଅଞ୍ଚଳରେ କଲେଜଟିଏ ସ୍ଥାପନ ପାଇଁ ପ୍ରତିଶ୍ରୁତି ଦେବାର ସାହସ ଜୁଟାଇପାରୁନାହାନ୍ତି। ଯେଉଁଥିପାଇଁ ଜିଲାରେ ଶିକ୍ଷାର ମାନ ଓ ଶିକ୍ଷିତ ହାର ହ୍ରାସ ପାଇବାରେ ଲାଗିଛି।

ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ଲକ୍ଷ୍ମୀ ନାରାୟଣ ମିଶ୍ରଙ୍କ ନାମିତ ହୋଇ ୧୯୬୯ ମସିହାରେ କଲେଜ ପ୍ରତିଷ୍ଠା କରାଯାଇଥିଲା। ପ୍ରତିଷ୍ଠା ଦିନ ଠାରୁ ଏଲ୍.ଏନ୍ କଲେଜ ଝାରସୁଗୁଡା ଇଞ୍ଜିନିୟରିଂ ସ୍କୁଲର ଏକ ହଷ୍ଟେଲରେ ପରିଚାଳିତ ହେଉଥିଲା। ୧୯୮୯ରେ ବର୍ତ୍ତମାନର ଜିଲା କାର୍ଯ୍ୟାଳୟ ଥିବା ସ୍ଥାନରେ କଲେଜର ପ୍ରଥମେ ଜନଜାତି ହଷ୍ଟେଲ ଏବଂ ପରେ କମର୍ସ ବ୍ଲକ୍ ପରିଚାଳିତ ହେଉଥିଲା। ୧୯୯୪ରେ ଝାରସୁଗୁଡାକୁ ଜିଲା ଘୋଷଣା ହୋଇଥିଲା। ଜିଲା କାର୍ଯ୍ୟାଳୟ ପାଇଁ କଲେଜ ପରିଚାଳିତ ସ୍ଥାନକୁ ଉଚିତ ମନେକରାଯାଇଥିଲା। ଶେଷରେ କଲେଜକୁ ବଢେଇମୁଣ୍ଡା ସ୍ଥିତ ଜେଇଏସ୍‌ର ୩ ନମ୍ବର ହଷ୍ଟେଲ ବିଲ୍ଡିଂକୁ ସ୍ଥାନାନ୍ତର କରାଯାଇଥିଲା।



ଏଲ୍.ଏନ୍ କଲେଜ

### ଉଚ୍ଚଶିକ୍ଷାକୁ ଉପେକ୍ଷା

ଆହୁରି ମଧ୍ୟ ଉକ୍ତ ବିଲ୍ଡିଂକୁ ଏଲ୍‌ଏନ୍ କଲେଜକୁ ପ୍ରଦାନ କରିବା ପାଇଁ ସ୍ଥାନାନ୍ତର ବେଳେ ମୌଖିକ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ସମୟ ଗଡିବା ସହ ସରକାରରେ ପରିବର୍ତ୍ତନ ଯୋଗୁ କଲେଜର ବିଲ୍ଡିଂ ସମସ୍ୟା ସମାଧାନ ହୋଇପାରି ନ ଥିଲା। ପ୍ରତିଷ୍ଠା ଦିନଠାରୁ ଭଡାରେ ଚାଲିଥିଲା ଏଲ୍.ଏନ୍ କଲେଜ। ଇତିମଧ୍ୟରେ ଭଡା ବାବଦ ଅର୍ଥ ବୃଦ୍ଧିପାଇ କୋଟିଏ ପାଖାପାଖି ପହଞ୍ଚିଲାଣି। ଏହି ୮୪ ଲକ୍ଷ ଟଙ୍କା ଏଲ୍‌ଏନ୍ କଲେଜ ପକ୍ଷରୁ ପ୍ରଥମେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ନିକଟରେ ଦାଖଲ କରାଯିବା ପରେ ଜେଇଏସ୍‌ର ହଷ୍ଟେଲ ଜମିକୁ ଭିତ୍ତିଭୂମି ସହ ଏଲ୍‌ଏନ୍ କଲେଜକୁ ହସ୍ତାନ୍ତର କରାଯିବ ବୋଲି ଉଚ୍ଚଶିକ୍ଷା ବିଭାଗ, ବୈଷୟିକ ଶିକ୍ଷା ବିଭାଗ ଏବଂ କଲେଜ ଗଭର୍ଣ୍ଣିଂ ବଡି ଅଧ୍ୟକ୍ଷଙ୍କ ମିଳିତ ବୈଠକରେ ନିଷ୍ପତ୍ତି ହୋଇଥିଲା। ୫୦ ବର୍ଷର ଏହି କଲେଜ ଅବଧିରେ ଡଜନେ ପାଖାପାଖି ବିଧାୟକ ଗଲେଣି। କିନ୍ତୁ କାହାରି ଧ୍ୟାନ ନାହିଁ। ଏ ବାବଦରେ ଶିକ୍ଷାବିତ୍ ପ୍ରଫେସର ଟହଲୁ ସାହୁ କହିଲେ, ପ୍ରାର୍ଥୀମାନେ ଅଯଥା ପ୍ରତିଶ୍ରୁତି ଦେଉଛନ୍ତି। ଅଥଚ ନିଜ ଇସ୍ତାହାରରେ ଉଚ୍ଚଶିକ୍ଷାକୁ ସ୍ଥାନିତ କରୁନାହାନ୍ତି। ଜିଲାରେ ବୈଷୟିକ ଶିକ୍ଷାନୁଷ୍ଠାନ, ସରକାରୀ କଲେଜ ସ୍ଥାପନ ଦିଗରେ ପ୍ରାର୍ଥୀମାନେ ଆଗଭର ହେବା ସହ ଇଚ୍ଛାପ୍ରକାଶ କରିବା ଆବଶ୍ୟକ।

## କୋଲାବିରାରେ ହିନ୍ଦୁ ନବବର୍ଷ ପାଳିତ

କୋଲାବିରା, ୧୪।୪(ଡି.ଏନ.ଏ.) ଜୟପୁର ଇଷ୍ଟେଟ ସମ୍ବଲେଶ୍ୱରୀ ସାହିତ୍ୟ ସଂସଦ ଆନୁକୁଲ୍ୟରେ ସ୍ଥାନୀୟ ମିଳନଛକଠାରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ଏଥିରେ ସଂସଦର ସଭାପତି କବି ଶୋଭାଚନ୍ଦ୍ର ନାଏକ ମୁଖ୍ୟଅତିଥି ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସି. ହରିବଂଶ ପଧାନ, ସୁରେନ୍ଦ୍ର ଟଣକାର, ପଣ୍ଡିତ ତ୍ରୈଲୋକ୍ୟନାଥ ମହାପାତ୍ର ସମ୍ମାନିତ ଅତିଥି ତଥା ବୀରେନ୍ଦ୍ର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସଂସ୍କୃତି ଓ ନିଜ ପରମ୍ପରାକୁ ବଜାୟ ରଖିବା, ଜାତି ଓ ମାତୃଭାଷା ପ୍ରତି ବିକାର ଭାବନା ତ୍ୟାଗ କରିବା ନେଇ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ସରୋଜ ଟଣକାର,ଅଶୋକ କୁମାର ବେହେରା, ବୁଲୁ ଟଣକାର, ବିରଞ୍ଚି କୁମାର ପଟେଲ, ଚିତ୍ରସେନ ସମର୍ଥା, ପ୍ରବୀଣ ସାହୁ ପ୍ରମୁଖ ଯୋଗଦେଇଥିଲେ।

## ଏକଲବ୍ୟ ମେଧା ଅନ୍ୱେଷଣ ପରୀକ୍ଷା ଦେଲେ ୧୩ ଛାତ୍ର

ବେଲପାହାଡ଼,୧୪।୪(ଡ଼ି.ଏନ୍.ଏ)

ରବିବାର ବେଲପାହାଡ଼ ସ୍ଥିତ ବି.ଆର୍.ଉଚ୍ଚ ବିଦ୍ୟାଳୟରେ ୨୦୧୯-୨୦୨୦ ଶିକ୍ଷା ବର୍ଷ ପାଇଁ ଏକଲବ୍ୟ ମେଧା ଅନ୍ୱେଷଣ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପରୀକ୍ଷାରେ ଲଖନପୁର ବ୍ଲକ ଅଧୀନ ବନ୍ଧବାହାଲ, କଣ୍ଟେଇକେଲା, ରେମତା, ତିଲିଆ, ଗିର୍ଲୋପାଲି,ଏସ୍. କଟାପାଲି, ଦୁଆନମୁଣ୍ଡା ଓ କପିଲାପୁର ପ୍ରାଥମିକ ବିଦ୍ୟାଳୟରୁ ଆସିଥିବା ୧୩ ଜଣ ଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରଧାନ ଶିକ୍ଷକ ନିରଂଜନ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ କୈଳାସ ଚନ୍ଦ୍ର ପଟ୍ଟନାୟକ ପରୀକ୍ଷା ପରିଚାଳନା କରିଥିଲେ। ସୂଚନାଯୋଗ୍ୟ,ଟିଆର୍‌ଏଲ କ୍ରୋସାକି କମ୍ପାନୀ ପକ୍ଷରୁ ତଫସିଲ ଭୁକ୍ତ ଜାତି ଓ ଅନସୂଚିତ ଜାତିର ଗରିବ ମେଧାବୀ ଛାତ୍ରଙ୍କ ମାଗଣା ଶିକ୍ଷା ବ୍ୟବସ୍ଥା ପାଇଁ ଏକଲବ୍ୟ ଯୋଜନା ଆରମ୍ଭ କରାଯାଇଛି। ଉକ୍ତ ଯୋଜନାରେ ପ୍ରତିବର୍ଷ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀ ଉତ୍ତୀର୍ଣ୍ଣ ଛାତ୍ରମାନଙ୍କୁ ନେଇ ମେଧା ପରୀକ୍ଷା କରାଯାଇଥାଏ ଏବଂ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଉଥିବା ଛାତ୍ରମାନଙ୍କୁ ଷଷ୍ଠ ଶ୍ରେଣୀରୁ ମାଟ୍ରିକ ପର୍ଯ୍ୟନ୍ତ ମାଗଣା ଶିକ୍ଷାଦାନ କରାଯିବା ସହିତ ଛାତ୍ରବାସରେ ରହିବାର ସୁଯୋଗ ଦିଆଯାଇଥାଏ।




ଝାରସୁଗୁଡା ଡିଏଭି ସ୍କୁଲର ଛାତ୍ରୀଛାତ୍ର ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି।

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE
FINANCE
ACB ରଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେ ବସି ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Saharaganj Mall, Shahnajaf Rd, Lucknow, Uttar Pradesh 226001
9058692160
7467886694

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Dhanlaxmi Finance
(Registration- BG8855CH8814)
ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ପର୍ସନାଲ, ସବୁ ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। 2% ସୁଧ, 40% ରିହାତି ସହିତ। ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି।
Helpline: 9499135756
Sadheisasan, Anakhia, Jagatsinghpur, Odisha. PIN-754102

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍‌ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

BUSINESS
BUSINESS

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

FINANCE
ସ୍ୱୀକୃତୀପ୍ରାପ୍ତ ମୁଦ୍ରା ଯୋଜନା ଦ୍ୱାରା ମାର୍କସିଟ, କୃଷି, ଆଧାରକାର୍ଡ, ସମ୍ପତି, ଗୃହ ଓ ବ୍ୟକ୍ତିଗତ, BPL ଋଣ ମାତ୍ର ୪୫୦/- ଟଙ୍କାରେ ଘରେ ବସି ପାଆନ୍ତୁ।
ବାର୍ଷିକ 1% ସୁଧ 50% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
8698663544
8956667461

ଲକ୍ଷ୍ମୀ ଫାଇନାନ୍ସ (ରେଜି.)
କମ୍ପାନୀ ସବୁ ସରକାରୀ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗାଡ଼ି ଏବଂ ସମସ୍ତ ଋଣ ମାତ୍ର ୧୮ ଘଣ୍ଟାରେ, ୨% ସୁଧ, ୫୦% ରିହାତି।
(ମହିଳାଙ୍କୁ ବିଶେଷ ରିହାତି)
9511074590
9511074774
H.No. 249, Vill- SISWALA, Teh.- DADRI, Dist.- BHIWANI

ଭାରତର ନଂ.୧
INDUS NETWORK COMPANY
(Govt. Regd.) ଦ୍ୱାରା ନିଜର ଖାଲି ପଡ଼ିଥିବା ଜମିରେ ଡିଜିଟାଲ୍ ନେଟ୍‌ୱର୍କ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ୭୦ ଲକ୍ଷ ଆଡ୍‌ଭାନ୍ସ + ୭୦,୦୦୦ ଭଡ଼ା + ଏଗ୍ରିମେଣ୍ଟ + ୧ ବାଇକ୍।
Helpline Numbers
9430834074
8709556494
House No.267, Friends Colony, New Delhi-6



“ ଯେଉଁ ଲୋକ କେବେ ରାଗେ ନାହିଁ, ସେ ଅନ୍ୟକୁ
ଆଦେଶ ଦେବାର ଅଧିକାରୀ ହୋଇଥାଏ।
- ସେଣ୍ଟ୍ ଜନ୍ ପଲ୍



■ ଭାଜପାର ବିଜୟ ସଙ୍କଳ୍ପ ସମାବେଶ

# ରାଜ୍ୟ ସରକାର ବିରୋଧରେ ବର୍ଷିଲେ ଧର୍ମେନ୍ଦ୍ର

**ସବ୍‌ଡେଗା/ହେମଗିର/ ବିଶ୍ରା,୧୪।୪(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ସବ୍‌ଡେଗା, ହେମଗିର ଓ ବିଶ୍ରା ବ୍ଲକରେ ରବିବାର ଭାଜପା ପକ୍ଷରୁ ଆୟୋଜିତ ବିଜୟ ସଙ୍କଳ୍ପ ସମାବେଶରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ରାଜ୍ୟ ବିଜେଡି ସରକାର ଉପରେ ବର୍ଷିଛନ୍ତି। ପ୍ରଧାନ ହେଲିକପ୍ଟର ଯୋଗେ ଆସି ଅପରାହ୍ନ ୧ଟାରେ ତଳସରା ନିର୍ବାଚନମଣ୍ଡଳୀର ସବ୍‌ଡେଗାଠାରେ ଆୟୋଜିତ ସଭାରେ ଯୋଗଦେଇଥିଲେ। ଏଠାରେ ତାଙ୍କୁ ଫୁଲମାଳ ଦେଇ ସ୍ୱାଗତ କରାଯାଇଥିଲା। ଏହି ସଭାରେ ସେ ଅଧଘଣ୍ଟା ରହିଥିଲେ। ସଭାରେ ପ୍ରାୟ ୫ହଜାର ଲୋକଙ୍କ ସମାଗମ ହୋଇଥିଲା। ଉପସ୍ଥିତ କର୍ମୀ ଓ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ପ୍ରଧାନ ତଳସରା ବିଧାୟକ ପ୍ରାର୍ଥୀ ଭବାନୀ ଭୋଇ ଓ ଲୋକ ସଭା ପ୍ରାର୍ଥୀ ଜୁଏଲ ଓରାମଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରାଇବାକୁ ନିବେଦନ କରିଥିଲେ। ଏଥର ରାଜ୍ୟରେ ଭାଜପା ନିଶ୍ଚିତ ସରକାର ଗଢ଼ିବ। ତେଣୁ ଦୁର୍ନୀତି ଓ ଭ୍ରଷ୍ଟାଚାରରେ ଲିପ୍ତ ବିଜେଡି ସରକାରକୁ ଓପାଡ଼ି ଫିଙ୍ଗିବାର ଅଛି ବୋଲି ଏହି ଅବସରରେ ପ୍ରଧାନ କହିଥିଲେ। ତଳସରା ନିର୍ବାଚନମଣ୍ଡଳୀ ଦୀର୍ଘଦିନ ହେଲା କଂଗ୍ରେସ ହାତରେ ରହିଛି। କିନ୍ତୁ ଏଠାରେ କୌଣସି ବିକାଶ ହେଉନାହିଁ। ଏଥର କଂଗ୍ରେସ ଗଡ଼କୁ ଭାଙ୍ଗି ଏଠାରେ ପଦ୍ମ ଫୁଟାଇବାକୁ ସେ ଅନରୋଧ କରିଥିଲେ। ପ୍ରଧାନଙ୍କ ସହ ମଞ୍ଚରେ ବିଧାୟକ ପ୍ରାର୍ଥୀ ଭବାନୀଶଙ୍କର ଭୋଇ, ହାସନୁ କାଲୋ, ପ୍ରଶାନ୍ତ ସେଠ, ଚୁମନମଣି ପଟେଲ, ଅଜୟ ପଟେଲ, ଦୁର୍ଗାଚରଣ ପଟେଲ, ବିକାଶ ନାଏକଙ୍କ ସମେତ ଅନେକ କର୍ମକର୍ତ୍ତା ଉପସ୍ଥିତ ଥିଲେ।




ବିଜୟ ସଙ୍କଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ବୋଧନ ଦେଉଛନ୍ତି।

ପ୍ରଧାନ ହେମଗିର ବ୍ଲକର ଡୁଡୁକାଠାରେ ଆୟୋଜିତ ବିଜୟ ସଙ୍କଳ୍ପ ସମାବେଶରେ ଯୋଗଦେଇଥିଲେ। ଏଥିରେ ସେ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିବା ସହ ଏଠି ଡବଲ ଇଞ୍ଜିନ ସରକାର ଆବଶ୍ୟକ ବୋଲି କହିଥିଲେ। ବିଜେଡିର ଦୀର୍ଘ ୧୯ ବର୍ଷ ଶାସନ କାଳରେ ଆଜି ବି ରାଜ୍ୟର ବିକାଶ ହୋଇନାହିଁ। ଏବେ ବି ଲୋକେ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି। ରାଜ୍ୟରେ ନାରୀ ନିର୍ଯାତନା, ଚାଷୀ ଆତ୍ମହତ୍ୟା, ବେକାରି ସମସ୍ୟା ବୃଦ୍ଧି ପାଇଛି। ଶିକ୍ଷା, ସ୍ୱାସ୍ଥ୍ୟସେବା, ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ରାଜ୍ୟରେ ଭାଜପା ସରକାର ହେଲେ ଛାତ୍ରୀଙ୍କୁ ମାଗଣା ଶିକ୍ଷା, ସ୍ୱୟଂ ସହାୟକ ଗୋଷ୍ଠୀ ଋଣ ଛାଡ଼, ପ୍ରତ୍ୟେକ ଘରକୁ ସ୍ୱଚ୍ଛ ପିଇବା ପାଣି, ପରିବାରର ଜଣକୁ ନିଯୁକ୍ତି, ଚାଷୀଙ୍କୁ ପେନସନ, ୨୦୨୨ ସୁଦ୍ଧା ପ୍ରତ୍ୟେକଙ୍କୁ ପକ୍କା ଘର ଓ ବିଜୁଳି ଯୋଗାଇ ଦିଆଯିବ ବୋଲି ଘୋଷଣା କରିଥିଲେ। ଏଥିସହ ଅଙ୍ଗନୱାଡି କର୍ମୀଙ୍କ ମାସିକ ବେତନ ୧୫ ହଜାର, ସହାୟିକାଙ୍କୁ ୯ ହଜାର, ସମସ୍ତ ଡାକ୍ତର ପଦବୀ ପୂରଣ, ସମସ୍ତ ଶିକ୍ଷକଙ୍କୁ ସ୍ଥାୟୀ କରାଯିବ ବୋଲି ମଧ୍ୟ କହିଥିଲେ। ଏହି ସଭାରେ ଦଳୀୟ ବିଧାୟିକା ପ୍ରାର୍ଥିନୀ କୁସୁମ ଟେଟେ ଉପସ୍ଥିତ ରହି ହେମଗିରର ପ୍ରତ୍ୟେକ ବିସ୍ଥାପିତଙ୍କ ସମସ୍ୟା ସମାଧାନ ଓ ନିଶାନିବାରଣ ତାଙ୍କର ପ୍ରାଥମିକତା ହେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଟକିଶୋର ମିଶ୍ର, ପୂର୍ବତନ ବିଧାୟିକା ସୁଷମା ପଟେଲ, ଜିଲା ସମ୍ପାଦକ ପ୍ରେମସାଗର ଓରାମ, କୃଷ୍ଣଚନ୍ଦ୍ର ଡିଲା, ଅଜୟ ପଟେଲ, ନଗର ସଭାପତି ଯଶୋବନ୍ତ ନାଏକ, ଅରୁଣ ପଧାନ, ବିଶିକେଶନ ସା, କଳାକୃଷ୍ଣ ଓରାମ, ମହେଶ ଶତପଥୀଙ୍କ ସମେତ ଶତାଧିକ ଭାଜପା କର୍ମୀ ଓ ୧୦ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଉପସ୍ଥିତ ଥିଲେ।

ବିଶ୍ରା ବ୍ଲକ ଅନ୍ତର୍ଗତ ଡରେଇକେଲାଠାରେ ରବିବାର ଆୟୋଜିତ ନିର୍ବାଚନୀ ସଭାରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଯୋଗଦେଇ ବିଜେଡି ଶାସନ ବ୍ୟବସ୍ଥା ବିରୋଧରେ ବର୍ଷିଥିଲେ। ୧୯ ବର୍ଷ ଶାସନରେ ରହି ବିଜେଡି ସରକାର ଲୋକଙ୍କ ମୌଳିକ ସମସ୍ୟା ଦୂର କରିବାରେ ବିଫଳ ହୋଇଛି। ଭାଜପା ସରକାର ଆସିଲେ ଲୋକଙ୍କ ୧ ଟଙ୍କାରେ ଚାଉଳ, ଡାଲି ଓ ଲୁଣ ଯୋଗାଇ ଦିଆଯିବ ବୋଲି ପ୍ରଧାନ କହିଥିଲେ। କେନ୍ଦ୍ର ସରକାର ଦେଉଥିବା ଅନୁଦାନ ରାଜ୍ୟ ସରକାର ବାଟମାରଣ କରୁଛନ୍ତି। ଫଳରେ ହିତାଧିକାରୀ ଲାଭବାନ ହୋଇପାରୁ ନାହାନ୍ତି। ତେଣୁ ରାଜ୍ୟ ସରକାର ପରିବର୍ତ୍ତନ ହେବା ଦରକାର। ରାଜ୍ୟ ଓ କେନ୍ଦ୍ରରେ ଭାଜପାର ଡବଲ ଇଞ୍ଜିନ ସରକାର ହେଲେ ବିକାଶ ଦ୍ରୁତଗତିରେ ହେବ ବୋଲି ପ୍ରଧାନ କହିଥିଲେ। ଏହି ସଭାରେ ବରିଷ୍ଠ ନେତା କିଶନ ସାହୁ, ଧୀରେନ ସେନାପତି, କୈଳାସ ସାହୁ, ଭିକୁରାମ ଅଗ୍ରୱାଲ, ରାଜେଶ ଗୋଏଲ, ଜୟକରନ ଖାଲଖୋ, ମୁଦ୍ରୁ ଓରାମ, ନିରଞ୍ଜନ ମାହାତ, ବୀରମିତ୍ରପୁର ଭାଜପା ବିଧାନସଭା ପ୍ରାର୍ଥୀ ଶଙ୍କର ଓରାମ, ଜିଲା ପରିଷଦ ସଭ୍ୟ ଅର୍ଜୁନ ଓରାମ, ଦିଲୀପ ସିହ୍ନାଙ୍କ ସମେତ ଶତାଧିକ କର୍ମୀ ତଥା ଜନସାଧାରଣ ଉପସ୍ଥିତ ଥିଲେ।



ଆଖଡ଼ା ଶୋଭାଯାତ୍ରା ସହର ପରିକ୍ରମା କରୁଛି।

## ଆଖଡ଼ା ଶୋଭାଯାତ୍ରାରେ କମ୍ପିଲା ସହର

**ସୁନ୍ଦରଗଡ଼,୧୪।୪(ଡି.ଏନ୍.ଏ.)**

ସ୍ଥାନୀୟ ପଞ୍ଚମୁଖୀ ହନୁମାନ ମନ୍ଦିର କମିଟି ପକ୍ଷରୁ ୪ଦିନ ବ୍ୟାପୀ ପବିତ୍ର ରାମନବମୀ ଉତ୍ସବ ପାଳିତ ହୋଇଛି। କମିଟି ପକ୍ଷରୁ ପ୍ରତିବର୍ଷ ପରି ଚଳିତବର୍ଷ ଆୟୋକିତ ଆଖଡ଼ା ଶୋଭାଯାତ୍ରା ମୁଖ୍ୟ ଆକର୍ଷଣ ପାଲଟିଥିଲା। ରବିବାର ସନ୍ଧ୍ୟାରେ ପଞ୍ଚମୁଖୀ ହନୁମାନ ମନ୍ଦିରଠାରୁ ବର୍ଣ୍ଣାଢ୍ୟ ଆଖଡ଼ା ଶୋଭାଯତ୍ରା ବାହାରି ପାଲ୍ ହୋଟେଲ ଛକ, ପୁରୁଣା ବସ୍‌ଷ୍ଟାଣ୍ଡ, ଡିଆର୍‌ଡିଏ ଛକ, ହସ୍ପିଟାଲ ଛକ, ରଙ୍ଗାଡିପା ଛକ, ସୁନାରିପଡ଼ା, ରିଜେଣ୍ଟ ମାର୍କେଟ, ମେନ୍ ରୋଡ୍, ଜଗନ୍ନାଥ ମନ୍ଦିର ଛକ ଦେଇ ସହର ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ସୁନ୍ଦରଗଡ଼ର ବିଭିନ୍ନ ଆଖଡ଼ା କମିଟି ସହ ଖୋର୍ଦ୍ଧା ଓ ରାଜ୍ୟ ବାହାରର ଆଖଡ଼ା ଦଳ ସେମାନଙ୍କ କଳାକୌଶଳ ପ୍ରଦର୍ଶନ କରିଥିଲେ। ଦିଲ୍ଲୀ, ଉତ୍ତରପ୍ରଦେଶ, ଛତିଶଗଡ଼ରୁ ଆସିଥିବା କଳାକାରଙ୍କ ଦ୍ୱାରା ପାରମ୍ପରିକ ନୃତ୍ୟ ଓ ଭଜନ ପରିବେଷଣ କରାଯାଇଥିଲା। ସେହିପରି ଛତିଶଗଡ଼ ଭିଲାଇରୁ ଆସିଥିବା କଳାକାରଙ୍କ ଦ୍ୱାରା ବାଇକ୍ ଷ୍ଟଣ୍ଟ ଅନ୍ୟତମ ଆକର୍ଷଣ ଥିଲା। କୁନି ପିଲାମାନେ ରାମ ,ଲକ୍ଷ୍ମଣ, ସୀତା ଓ ହନୁମାନ ବେଶରେ ସଜ୍ଜିତ ହୋଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

■ ତଳସରା ବିଧାନସଭା ନିର୍ବାଚନମଣ୍ଡଳୀ

# ପ୍ରବୀଣ ବନାମ ତରୁଣ ଲଢ଼େଇ



ଭବାନୀ ଭୋଇ।



ପ୍ରଫୁଲ୍ଲ ମାଝି।



ଷ୍ଟିଫେନ୍ ସୋରେଙ୍ଗ।

**ଜୟନାରାୟଣ ମେଣ୍ଡୁଲି**
**ସୁନ୍ଦରଗଡ଼,୧୪।୪(ଡି.ଏନ୍.ଏ.)**

ଆସନ୍ତା ୧୮ ତାରିଖ ଦ୍ୱିତୀୟ ପର୍ଯ୍ୟାୟରେ ସୁନ୍ଦରଗଡ଼ ଲୋକ ସଭା ଓ ଏହା ଅଧୀନ ୭ ବିଧାନସଭା କ୍ଷେତ୍ର ପାଇଁ ଭୋଟ ଗ୍ରହଣ ହେବ। ନିର୍ବାଚନ ତାରିଖ ଯେତିକି ପାଖେଇ ଆସୁଛି ପ୍ରାର୍ଥୀଙ୍କ ପ୍ରଚାର ମଧ୍ୟ ବ୍ୟାପକ ହେବାରେ ଲାଗିଛି। ସୁନ୍ଦରଗଡ଼ ଜିଲାର ବାଲିଶଙ୍କରା, ସବ୍‌ଡେଗା, ବଡ଼ଗାଁ ବ୍ଲକ ଓ ଲେଫ୍ରିପଡ଼ା ବ୍ଲକର ୧୦ ପଞ୍ଚାୟତକୁ ନେଇ ଗଠିତ ତଳସରା ବିଧାନସଭା ନିର୍ବାଚନମଣ୍ଡଳୀ। ଏହି ଆସନ ଅନୁସୂଚିତ ଜନଜାତି ବର୍ଗ ପ୍ରାର୍ଥୀଙ୍କ ସକାଶେ ସଂରକ୍ଷିତ। ନିର୍ବାଚନମଣ୍ଡଳୀରେ ରାଜନୈତିକ ଉଷ୍ମତା ଏବେ ବେଶ୍ ବୃଦ୍ଧି ପାଇଛି। ଏହି ଆସନରୁ ୩ଥର ବିଧାୟକ ହୋଇଥିବା ପ୍ରବୀଣ ରାଜନେତା ଡା. ପ୍ରଫୁଲ୍ଲ କୁମାର ମାଝିଙ୍କ ସହ ଦୁଇ ତରୁଣ (ନୂଆମୁହଁ) ପ୍ରାର୍ଥୀ ବିଜେଡିର ଷ୍ଟିଫେନ ସୋରେଙ୍ଗ ଓ ଭାଜପାର ଭବାନୀ ଭୋଇଙ୍କ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଏହି ଆସନରୁ କଂଗ୍ରେସ ଟିକେଟରେ ଲଗାତର ୫ଥର ବିଧାୟକ ହୋଇଥିବା ସ୍ୱର୍ଗତ ଗଜାଧର ମାଝିଙ୍କ ରାଜନୈତିକ ଉତ୍ତରାଧିକାରୀ ଭାବେ ପରବର୍ତ୍ତୀ ସମୟରେ ୩ଥର ବିଧାୟକ ହୋଇ ଚତୁର୍ଥ ଇନିଂସ ପାଇଁ ନିର୍ବାଚନ ରଣାଙ୍ଗନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ପ୍ରଫୁଲ୍ଲ। ତେବେ ଏଥର ତାଙ୍କ ପାଇଁ ଲଢ଼େଇ ସହଜ ହେବନାହିଁ ବୋଲି ଆକଳନ କରାଯାଉଛି। ପ୍ରଫୁଲ୍ଲଙ୍କ ସହ ୨ ଯୁବ ପ୍ରାର୍ଥୀ ବିଜେଡିର ସୋରେଙ୍ଗ ଓ ଭାଜପାର ଭୋଇଙ୍କର କଡ଼ା ଟକ୍କର ହେଉଛି। ଏଥିସହିତ କଂଗ୍ରେସ ଟିକେଟ ଆଶାୟୀ ଥିବା ଜିଲା ପରିଷଦ ସଭ୍ୟା ଗେରୋଟି ଖେସ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଥିବାରୁ ପ୍ରଫୁଲ୍ଲଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ତେବେ ସେ ଲୋକଙ୍କ ସହିତ ରହିଆସିଛନ୍ତି ଓ ଏହି ନିର୍ବାଚନରେ ଲୋକଙ୍କ ସ୍ନେହଶ୍ରଦ୍ଧା ଓ କଂଗ୍ରେସର ପାରମ୍ପରିକ ଭୋଟକୁ ନେଇ ସେ ବିଜୟୀ ହେବେ ବୋଲି ଆଶାବାଦୀ ଥିବା କହିଛନ୍ତି। କଂଗ୍ରେସ ଗଡ଼ ଦଖଲ ପାଇଁ ଉଭୟ ଭାଜପା ଓ ବିଜେଡିର ରଣନୀତି ଯୋଗୁ ପ୍ରଫୁଲ୍ଲ କଡ଼ା ମୁକାବିଲାର ସମ୍ମୁଖୀନ ହେଉଛନ୍ତି। ୨୦୧୪ ନିର୍ବାଚନରେ ପ୍ରଫୁଲ୍ଲ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିନୟ ଟପ୍ପୋଙ୍କଠାରୁ ମାତ୍ର ୧୪୩୫ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ଭାଜପାର ସନ୍ତୋଷ କୁମାର ଅମାତ ୪୧ ହଜାର ୨୭୨ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ହେଲେ ନିର୍ବାଚନ ପରେ ସନ୍ତୋଷ ଭାଜପା ଛାଡ଼ି ବିଜେଡିରେ ଯୋଗଦେଇଥିଲେ। ପରେ ତାଙ୍କୁ ସୁନ୍ଦରଗଡ଼ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପଦରେ ନିଯୁକ୍ତି ମିଳିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଏହି ପଦରୁ ସେ ଇସ୍ତଫା ଦେଇଥିଲେ। ଏହାପରେ ଏହି ନିର୍ବାଚନମଣ୍ଡଳୀରେ ରାଜନୈତିକ ସମୀକରଣ ବଦଳିଥିଲା। ଗତ ପଞ୍ଚାୟତ ନିର୍ବାଚନରେ ଭାଜପା ୭ ଜିଲା ପରିଷଦ ଆସନରୁ ୫ଟି ହାତେଇ ଦଳର ସାଙ୍ଗଠନିକ ସ୍ଥିତିକୁ ସୁଦୃଢ଼ କରିଥିବା ପ୍ରମାଣିତ କରିଛି। ସମିତିସଭ୍ୟ, ସରପଞ୍ଚ ଭାବେ ନିଜ ରାଜନୈତିକ ଜୀବନ ଆରମ୍ଭ କରିଥିବା ଭାଜପା ପ୍ରାର୍ଥୀ ଭବନୀ ଭୋଇ ନିଜ ଜନସମ୍ପର୍କ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଲ୍ୟାଣକାରୀ ଯୋଜନା ଓ ଦଳର ସାଙ୍ଗଠନିକ ସ୍ଥିତିକୁ ନେଇ ଏହି ନିର୍ବାଚନରେ ବିଜୟୀ ହେବେ ବୋଲି ଆଶା ରଖିଛନ୍ତି। ସେହିପରି ବିଜେଡି ଏହି ଆସନରେ ବିନୟ ଟପ୍ପୋଙ୍କ ବଦଳରେ ଯୁବ ପ୍ରାର୍ଥୀ ଷ୍ଟିଫେନ ଉଇଲସନ ସୋରେଙ୍ଗଙ୍କୁ ପ୍ରାର୍ଥୀ କରିଛି। ଏହି ନିର୍ବାଚନମଣ୍ଡଳୀରେ ସମୁଦାୟ ଭୋଟରଙ୍କ ମଧ୍ୟରୁ ୫୦ ପ୍ରତିଶତରୁ ଅଧିକ ଖ୍ରୀଷ୍ଟିଆନ ଭୋଟର ଥିବାବେଳେ କଂଗ୍ରେସ ଏହାକୁ ଭୋଟ ବ୍ୟାଙ୍କ ଭାବେ ରଖି ଆସିଥିଲା। ହେଲେ ଏହି ଖ୍ରୀଷ୍ଟିଆନ ଓ ଆଦିବାସୀ ଭୋଟ ହାତେଇବା ପାଇଁ ଷ୍ଟିଫେନ୍ ଏଥର ସଫଳ ହେବେ ବୋଲି ଆଶାବାଦୀ ଅଛନ୍ତି। ମାତ୍ର ଏହି ଆସନ ପାଇଁ ଗତ ନିର୍ବାଚନରେ ପରାଜିତ ପ୍ରାର୍ଥୀ ବିନୟ ଟପ୍ପୋ, ପୂର୍ବତନ ବିଧାୟକ ରଞ୍ଜିତ ଭିତ୍ରିଆ, ପୂର୍ବତନ ବାଲିଶଙ୍କରା ବ୍ଲକ ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆଙ୍କ ଭଳି ପ୍ରମୁଖ ଦାବିଦାର ଥିବାବେଳେ ବିଜେଡି ଏହି ଆସନରେ ଷ୍ଟିଫେନଙ୍କ ଭଳି ଜଣେ ସମ୍ପୂର୍ଣ୍ଣ ନୂଆମୁହଁକୁ ପ୍ରାର୍ଥୀ ଭାବେ ଠିଆ କରିଥିବାରୁ ନିର୍ବାଚନମଣ୍ଡଳୀର ଅନେକ ସ୍ଥାନରେ ଭୋଟରଙ୍କ ସହିତ ପରିଚିତ ହେବାକୁ ତାଙ୍କୁ ସମୟ ଲାଗୁଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତିଲେଇକାନିଠାରେ ଆୟୋଜିତ ନିର୍ବାଚନୀ ସଭାରେ ତାଙ୍କ ସପକ୍ଷରେ ପ୍ରଚାର କରି ଯିବା ପରେ ଷ୍ଟିଫେନ୍‌ଙ୍କ ସ୍ଥିତିରେ ଉନ୍ନତି ଆସିଥିବା ବିଜେଡି ଦାବି କରୁଥିଲେ ହେଁ କଂଗ୍ରେସ ପ୍ରାର୍ଥୀ ଡା. ମାଝି ତାଙ୍କ ପାରମ୍ପରିକ ଭୋଟ ବଜାୟ ରଖିପାରିଲେ ପୁଣି ଏହି ଆସନରେ ବିଜୟୀ ହେବାର ସମ୍ଭାବନା ରହିଥିବା ରାଜନୈତିକ ବିଶାରଦମାନେ ମତ ରଖିଛନ୍ତି। ଆଦିବାସୀ ଖ୍ରୀଷ୍ଟିଆନ ଓ ଭୂୟାଁ ସମ୍ପ୍ରଦାୟର ଭୋଟକୁ ପୂର୍ବ ଭଳି ତାଙ୍କ ସପକ୍ଷରେ ନେବାକୁ ସକ୍ଷମ ହେବାକୁ ପ୍ରଫୁଲ୍ଲ ଆଶାବାଦୀ ଅଛନ୍ତି। ଏହି ଆସନରେ ଅନ୍ୟମାନଙ୍କ ମଧ୍ୟରେ ସଞ୍ଜିତ ପ୍ରଧାନ (ବିଏସ୍‌ପି), ହଳଧର ନାଏକ (ହିନ୍ଦୁସ୍ଥାନ ନିର୍ମାଣ ଦଳ), ଶାନ୍ତିପ୍ରକାଶ ସୋରେଙ୍ଗ (ସ୍ୱାଧୀନ), ସତୀଶ କୁମାର ମିଞ୍ଜ (ବିଏମ୍‌ପି) ଓ ସଞ୍ଜୀବ କୁମାର ଖାଲକୋ (ଆମ୍ ଆଦ୍‌ମୀ ପାର୍ଟି)ରୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୨୦୧୯ ଏପ୍ରିଲ ୧୦ ଚୂଡ଼ାନ୍ତ ଭୋଟର ତାଲିକା ଅନୁଯାୟୀ, ଏହି ନିର୍ବାଚନମଣ୍ଡଳୀରେ ମୋଟ ୨,୦୬,୩୨୬ ଭୋଟର ଅଛନ୍ତି। ଏଥିମଧ୍ୟରୁ ମହିଳା ଭୋଟର ସଂଖ୍ୟା ୧,୦୪,୪୯୩, ପୁରୁଷ ଭୋଟର ସଂଖ୍ୟା ୧,୦୧,୮୨୦ ଓ ଅନ୍ୟାନ୍ୟ ଭୋଟରଙ୍କ ସଂଖ୍ୟା ୧୩। ଆସନ୍ତା ୧୮ ତାରିଖରେ ଏହି ଭୋଟରମାନେ ୨୭୭ ଭୋଟଗ୍ରହଣ କେନ୍ଦ୍ରରେ ସେମାନଙ୍କ ମତ ସାବ୍ୟସ୍ତ କରିବେ।

**Format C-2**

**Declaration about criminal actecedents of candidates set up by the party**

*(As per the judgement dated 25th September, 2018, of Hon'ble Supreme Court in WP (Civil) No. 536 of 2011 (Public Interest Foundation & Ors. Vs. Union of India & Anr.).*

Name of Political Party : **BAHUJAN SAMAJ PARTY**
Name of Election : **Lok Sabha Election 2019 PHASE-II**
Name of State/UT : **Odisha**

| Sl. No. | Name of Candidate | Name of Constituency | Pending criminal cases | | Details about cases of conviction for criminal offences | |
|---|---|---|---|---|---|---|
| | | | Name of Court, cases No. & status of the case(s) | Sections of the Acts concerned & brief description of offence(s) | Name of Court & date(s) of order(s) | Description of offence(s) & punishment imposed |
| 1 | 2 | 3 | 4 | 5 | 6 | 7 |
| 1 | BAGI LAKRA | Sundargarh | JMFC Rural Raurkela G.R. No. 1517/2012 Charges Framed 10.04.2013 (Pending) | Section 294 506 34 IPC alleged using fealthy language threaten to kill | N.A | N.A |
| | BAGI LAKRA | Sundargarh | JMFC Rural Raurkela G.R. No. 2408/2015 Charges Framed (Pending) | Section 147 148 447 427 294 506 307 149 IPC regarding extortion of house | N.A | N.A |
| | BAGI LAKRA | Sundargarh | JMFC Rural Raurkela G.R. No. 624/2015 Charges Framed (Pending) | Section 147 148 371 294 283 431 506 129 149 IPC & 7CRL LA Act regarding road block | N.A | N.A |
| | BAGI LAKRA | Sundargarh | JMFC Rural Raurkela G.R. No. 1074/2015 (Pending) | Section 147 148 294 506 427 47 307 34 149 IPC & 174 146 151 IPC attack by weapon | N.A | N.A |
| | BAGI LAKRA | Sundargarh | JMFC Rural Raurkela G.R.No. 196/2015 charges framed (Pending) | Section 294 353 506 147 148 149 IPC & 7 CRL LA Act and 174 146 151 Rly. Act Railway Line Blocked | N.A | N.A |
| | BAGI LAKRA | Sundargarh | JMFC Rural Raurkela G.R.No. 2293/2015 charges framed (Pending) | Section 147 148 447 427 294 506 386 307 149 IPC & 25 Arms Act Damage of land boundry and attack by weapon | N.A | N.A |
| | BAGI LAKRA | Sundargarh | JMFC Rural Raurkela G.R. No. 2781/2014 (Pending) | Section 147 148 341 283 431 294 353 336 323 506 149 IPC & 7CRL LA Act allegation for blocked of NH Road at Bedvyas Chowk | N.A | N.A |



ଅନ୍ୟର ଅନିଷ୍ଟ ଚିନ୍ତା କଲେ ନିଜର କ୍ଷତି ହୁଏ,
ସମୟ ସମୟରେ ପ୍ରାଣ ବି ଯାଇପାରେ।
- ବିନୋବା ଭାବେ



**ସଂକ୍ଷେପରେ**

## ଭୋଟରଙ୍କୁ ଆକୃଷ୍ଟ କରିବାକୁ ପ୍ରୟାସ

**ଲେଫ୍ରିପଡ଼ା,୧୪।୪(ଡି.ଏନ୍.ଏ.):** ଏପ୍ରିଲ ୧୮ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ତାରିଖ ପାଖେଇ ଆସୁଥିବାବେଳେ ଭୋଟରଙ୍କୁ ଆକୃଷ୍ଟ କରି ନିର୍ବାଚନ ଜିତିବା ପାଇଁ ପ୍ରାର୍ଥୀ ଓ ନେତାମାନେ ମାରାଥନ ପ୍ରଚାର ଚଳାଇଛନ୍ତି। ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ ଅଞ୍ଚଳରେ ଶାସକ ବିଜେଡି ପକ୍ଷରୁ ରାଜ୍ୟ ଆଦିବାସୀ କଲ୍ୟାଣ ମନ୍ତ୍ରୀ ରମେଶ ମାଝି, ବିଜେଡି ମୁଖପାତ୍ର ସସ୍ମିତ ପାତ୍ର, ସୁନ୍ଦରଗଡ଼ ଜିଲା ଯୁବ ବିଜେଡି ସଭାପତି ଦେବେନ୍ଦ୍ର ମାଝି, ବିନୟ କୁମାର ଟପୋ ପ୍ରମୁଖ ଗିରିଙ୍ଗକେଲା, ଡୁମାବାହାଲ ଏବଂ ରାଜବାହାଲ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଦଳୀୟ ବିଧାୟକ ପ୍ରାର୍ଥୀ ଷ୍ଟିଫେନ୍ ସୋରେଙ୍ଗ ଏବଂ ଲୋକ ସଭା ପ୍ରାର୍ଥୀ ସୁନିତା ବିଶ୍ୱାଳଙ୍କ ପାଇଁ ରବିବାର ପ୍ରଚାର କରିଥିଲେ। ସେହିପରି କଂଗ୍ରେସ ପ୍ରାର୍ଥୀ ତଥା ତଳସରା ବିଧାୟକ ଡା. ପ୍ରଫୁଲ୍ଲ ମାଝି କୁଲାବିରା, ଲେଫ୍ରିପଡ଼ା ପଞ୍ଚାୟତର ବିଭିନ୍ନ ଗ୍ରାମରେ ନିଜ ସପକ୍ଷରେ ପ୍ରଚାର କରିଥିଲେ। ଭାଜପା ବିଧାୟକ ପ୍ରାର୍ଥୀ ଭବାନୀ ଭୋଇ ଏବଂ ଲୋକ ସଭା ପ୍ରାର୍ଥୀ ଜୁଏଲ ଓରାମଙ୍କ ପାଇଁ ଦଳୀୟ କର୍ମକର୍ତ୍ତାମାନେ ଜୋରଦାର ପ୍ରଚାର ଚଳାଇଛନ୍ତି। ତିନି ପ୍ରମୁଖ ରାଜନୈତିକ ଦଳ ପ୍ରାର୍ଥୀଙ୍କ ମଧ୍ୟରେ ଏଥର ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ଆକଳନ କରାଯାଉଛି।

# ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହେଲା ରାମନବମୀ ଆଖଡ଼ା

**ରାଉରକେଲା ଅଫିସ,୧୪।୪**

ଓଡ଼ିଆ ନବବର୍ଷ, ମହାବିଷୁବ ସଂକ୍ରାନ୍ତି ଓ ରାମନବମୀ ଆଖଡ଼ା ଶୋଭାଯାତ୍ରା ନେଇ ରବିବାର ସହରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଘରେ ଘରେ ପଣା ସାଙ୍ଗକୁ ବିଭିନ୍ନ ସଂଗଠନ ପକ୍ଷରୁ ଏହି ଉତ୍ସବ ପାଳନ ନେଇ ଚଳଚଞ୍ଚଳ ହୋଇ ଉଠିଥିଲା ଷ୍ଟିଲ ସିଟି। କେତେକ ସାହି ବସ୍ତିରେ ଝାମୁଯାତ୍ରା ଆୟୋଜନ କରାଯାଇ ପୂଜାପାଠ ସହ ଶ୍ରଦ୍ଧାଳୁଙ୍କୁ ପଣା ବଣ୍ଟନ କରାଯାଇଥିଲା। ମଧ୍ୟାହ୍ନରେ ଷ୍ଟିଲ ସିଟିର ବିଭିନ୍ନ ଆଖଡ଼ା କମିଟି ପକ୍ଷରୁ ରାମନବମୀ ଶୋଭାଯାତ୍ରା ବାହାର କରାଯାଇଥିଲା। ବିର୍ସା ଛକରୁ ଆରମ୍ଭ ହୋଇଥିବା ବିରାଟ ଶୋଭାଯାତ୍ରାରେ ଭବ୍ୟ ତୋରଣ ଓ ସମରକଳା ଦେଖିବାକୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ନାହିଁ ନ ଥିବା ଭିଡ଼ ପରିଲକ୍ଷିତ ହୋଇଥିଲା। ପ୍ରଭୁ ରାମଚନ୍ଦ୍ର ଓ ଭକ୍ତ ହନୁମାନଙ୍କୁ ସୁସଜ୍ଜିତ ରଥରେ ସହର ପରିକ୍ରମା କରାଯାଇଥିଲା। ବିଭିନ୍ନ ପ୍ରକାର ମୃଣ୍ମୟ ପ୍ରତିମା ଦର୍ଶକଙ୍କ ପାଇଁ ଆକର୍ଷଣ ସାଜିଥିଲା। ଏଥିରେ ଶମ୍ଭୁନାଥ, ରାଣା ପ୍ରତାପ, ଜୟ ହନୁମାନ, ଶିବାଜୀ, ନବଯୁବକ ସଂଘ, ଭୂତନାଥ, ତ୍ରିନାଥ, ବଜରଙ୍ଗ ଓ ମହାବୀର ଆଖଡ଼ା ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଓ ରାଉରକେଲା ଏସ୍‌ପି ସାର୍ଥକ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ଆଖଡ଼ା କମିଟି ପକ୍ଷରୁ ସୁଦୃଶ୍ୟ ପ୍ରତିମୂର୍ତ୍ତି ସାଙ୍ଗକୁ ଭାରତୀୟ ସେନାବାହିନୀର ପ୍ରତିରୂପ ଟ୍ୟାଙ୍କ, ଡାଇନୋସର, ରାକ୍ଷସ ମୁହଁରେ ମହାବୀର ହନୁମାନ, ପଞ୍ଚମୁଖୀ ହନୁମାନ ପ୍ରତିମୂର୍ତ୍ତି ଖୁବ ଆକର୍ଷଣୀୟ ହୋଇଥିଲା। ଯୁବକମାନଙ୍କ ଦ୍ୱାରା ବିଭିନ୍ନ ସମରକଳା ପ୍ରଦର୍ଶନ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ନେଇ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ଅପରାହ୍ନ ସୁଦ୍ଧା ଶାନ୍ତିଶୃଙ୍ଖଳାରେ ରାମନବମୀ ଶୋଭାଯାତ୍ର ଶେଷ ହୋଇଥିଲା।




ରାମନବମୀ ଉପଲକ୍ଷେ ଶୋଭାଯାତ୍ରା ପରିକ୍ରମା କରୁଛି।

## ହାତୀବନ୍ଧାରେ ବିଜେଡି ପ୍ରାର୍ଥୀଙ୍କ ପ୍ରଚାର

**ରାଉରକେଲା ଅଫିସ,୧୪।୪**

ରଘୁନାଥପାଲି ବିଜେଡି ପ୍ରାର୍ଥୀ ସୁବ୍ରତ ତରାଇ ରବିବାର ଲାଠିକଟା ବ୍ଲକ ଅନ୍ତର୍ଗତ ହାତୀବନ୍ଧା ପଞ୍ଚାୟତରେ ଘରକୁ ଘର ବୁଲି ଭୋଟ ଭିକ୍ଷା କରିଥିଲେ। ତାଙ୍କ ସହ ଶତାଧିକ ସମର୍ଥକ ପ୍ରଚାରରେ ସାମିଲ ହୋଇ ରାଜ୍ୟ ସରକାରଙ୍କ ଯୋଜନା ଓ ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ସମ୍ପର୍କରେ ଲୋକଙ୍କୁ ଅବଗତ କରି ପୁଣି ଥରେ ଦଳକୁ କ୍ଷମତାସୀନ କରାଇବା ପାଇଁ ନିବେଦନ କରିଥିଲେ। ବିଗତ ୧୦ବର୍ଷରେ ସୁବ୍ରତଙ୍କ ବିଧାୟକତ୍ୱ ସମୟରେ ହାତୀବନ୍ଧା ପଞ୍ଚାୟତରେ ଅନେକ ବିକାଶମୂଳକ କାର୍ଯ୍ୟ କରାଯାଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି ବିକାଶ ନେଇ ଅନେକ ପଦକ୍ଷେପ ନିଆଯାଇଛି। ଯଦି କିଛି ବଳକା କାମ ଥାଏ ତେବେ ଦଳ କ୍ଷମତାକୁ ଆସିଲେ ତ୍ୱରିତ ପଦକ୍ଷେପ ନିଆଯିବ ବୋଲି ସୁବ୍ରତଙ୍କ ସମର୍ଥକ ଲୋକଙ୍କୁ ବୁଝାଇଥିଲେ। ଏହି ଅବସରରେ ସୁବ୍ରତଙ୍କୁ ଅଞ୍ଚଳବାସୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

# ଆମ୍ବେଡକରଙ୍କ ୧୨୮ତମ ଜନ୍ମ ଜୟନ୍ତୀ

**ରାଉରକେଲା ଅଫିସ,୧୪।୪**

ରାଉରକେଲା ଡୋମେଷ୍ଟିକ ଗ୍ୟାସ ଡେଲିଭରି ବୟ ଓ ମେକାନିକ ସଂଘ ପକ୍ଷରୁ ବିଶିଷ୍ଟ ମାନବବାଦୀ ନେତା, ସମ୍ବିଧାନ ପ୍ରଣେତା ତଥା ସ୍ୱାଧୀନ ଭାରତର ପ୍ରଥମ ଆଇନମନ୍ତ୍ରୀ ଭାରତରତ୍ନ ବାବାସାହେବ ଡ. ଭୀମରାଓ ଆମ୍ବେଡକରଙ୍କ ୧୨୮ତମ ଜୟନ୍ତୀ ରବିବାର ପାଳିତ ହୋଇଛି। କାର୍ଯ୍ୟକ୍ରମ ପୂର୍ବରୁ ଏକ ଶୋଭାଯାତ୍ରା ନେତାଜୀ ପାର୍କ ନିକଟରୁ ବାହାରି ଉଦିତନଗର ଆମ୍ବେଡକର ଛକ ପର୍ଯ୍ୟନ୍ତ ଆସିଥିଲା। ସେଠାରେ ବାବାସାହେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ସଂଗଠନ କର୍ମକର୍ତ୍ତା। ସଭାପତି ମହେନ୍ଦ୍ର ବାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ସାଧାରଣ ସମ୍ପାଦକ ରମେଶ ବଳ, ଉପଦେଷ୍ଟା ବ୍ୟାସଦେବ ନାଥ ପ୍ରମୁଖ ଯୋଗଦେଇ କହିଥିଲେ, ଦେଶ ପ୍ରତି ଆମ୍ବଡକରଙ୍କ ତ୍ୟାଗକୁ କେବେ ଭୁଲି ହେବ ନାହିଁ। ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ରକୁ ସଂଗଠିତ କରି ରଖିବା, ସମସ୍ତଙ୍କୁ ସମାନ ନ୍ୟାୟ ପ୍ରଦାନ କରିବା ଥିଲା ବାବାସାହେବଙ୍କ ମୂଳ ଲକ୍ଷ୍ୟ। ସେଥିରେ ସେ ସଫଳ ହୋଇଛନ୍ତି। କୋଟି ଜନତାଙ୍କୁ ହକ୍ ଦେବାରେ ସେ ଥିଲେ ଜଣେ ଅଗ୍ରଣୀ ଚିନ୍ତାନାୟକ। ବିଂଶ ଶତାବ୍ଦୀର ଏହି ମହାନ ନେତାଙ୍କୁ ଦେଶବାସୀ ସଦା ସ୍ମରଣ କରିବେ ବୋଲି ଏଥିରେ କୁହାଯାଇଥିଲା। ସାମାଜିକ ନ୍ୟାୟ, ସଂରକ୍ଷଣ ମାଧ୍ୟମରେ ଦେଶର ଦଳିତ ବର୍ଗଙ୍କୁ ନ୍ୟାୟ ଦେବାରେ ଆମ୍ବେଡକରଙ୍କ ଅଗ୍ରଣୀ ଭୂମିକା ତାଙ୍କୁ ଚିର ଅମର କରିଛି ବୋଲି ଏଥିରେ ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ସାମୁଏଲ ହରିପାଲ, କୃଷ୍ଣ ନାୟକ, ବିପିନ ସୁନା, ଜିତେନ୍ଦ୍ର ହରିପାଲ, ଗୌତମ ନାଗ, ଜିତୁ ବେହେରା, ରାମୁଲା ପାତ୍ର, ଚୈତନ୍ୟ ନାଗ, ବିପିନ ବାରିକ, କାର୍ତ୍ତିକ ବାଗ, ଯୁଗଳ ବେହେରା, ସୁରଥ ନାୟକ ଓ ହରି ତିର୍କୀ ପ୍ରମୁଖ ଯୋଗଦେଇଥିଲେ।




ଗ୍ୟାସ ଡେଲିଭରି ବୟ ଓ ମେକାନିକ ଆସୋସିଏଶନ ପକ୍ଷରୁ ଆମ୍ବେଡକର ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ସଂଘ କର୍ମକର୍ତ୍ତା।

## ଜିଲାସ୍ତରୀୟ ଆମ୍ବେଡକର ଜୟନ୍ତୀ

**ସୁନ୍ଦରଗଡ଼,୧୪।୪(ଡି.ଏନ୍.ଏ.)**

ଭାରତୀୟ ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଆମ୍ବେଡକରଙ୍କ ଜିଲାସ୍ତରୀୟ ଜୟନ୍ତୀ ଉତ୍ସବ ରବିବାର ସ୍ଥାନୀୟ ବିକାଶ ଭବନଠାରେ ଅନୁଷ୍ଠିତ ହୋଇଛି। ଏଥିରେ ଅତିଥି ଭାବେ ଆମ୍ବେଡକର ବିଚାର ମଞ୍ଚ ସମ୍ପାଦକ ଆଡ୍‌ଭୋକେଟ ରବୀନ୍ଦ୍ର ମାଳି, ଜୟଦେବ ତିର୍କୀ, ନରସିଂହ କିଷାନ, ଚିରଞ୍ଜୀବ ନାଏକ, ସୁଶାନ୍ତ ସେଠୀ, ସ୍ତମ୍ଭକାର ପ୍ରମୋଦ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଆମ୍ବେଡକରଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଅତିଥି ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଅତିଥିଙ୍କ ଦ୍ୱାରା ଆମ୍ବେଡକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା।



ସେକ୍ଟର–୩ଠାରେ ଆୟୋଜିତ ଝାମୁ ଯାତ୍ରାରେ ନିଆଁରେ ଚାଲୁଛନ୍ତି ଜଣେ ମାନସିକଧାରୀ।

# ପାଣିରେ ବୁଡ଼ି ଛାତ୍ର ସଂସଦ ସଭାପତିଙ୍କ ମୃତ୍ୟୁ

**ରାଉରକେଲା ଅଫିସ,୧୪।୪**

ତର୍କେରା ଡ୍ୟାମ ନିକଟ ବ୍ରାହ୍ମଣୀ ନଦୀରେ ବୁଡ଼ି ରବିବାର ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦେଓଗାଁ ଅଞ୍ଚଳର ଜିପୁନା ଦାସଙ୍କ ପୁଅ ଚନ୍ଦନ ଦାସ। ସେ ଦେଓଗାଁସ୍ଥିତ ଗାନ୍ଧୀ ମହାବିଦ୍ୟାଳର ଯୁକ୍ତ୩ ଶେଷ ବର୍ଷ ଛାତ୍ର। ଚନ୍ଦନ କଲେଜ ଛାତ୍ର ସଂସଦ ସଭାପତି ରୂପେ ନିର୍ବାଚିତ ହୋଇଥିଲେ। ସେ ଜଣେ ମେଧାବୀ ଓ ପରୋପକାରୀ ଛାତ୍ର ଭାବେ ସମଗ୍ର ଦକ୍ଷିଣ ରାଉରକେଲା ଛାତ୍ର ସମାଜ ମଧ୍ୟରେ ପ୍ରିୟପାତ୍ର ଥିଲେ। ତାଙ୍କ ମୃତ୍ୟୁରେ ସମଗ୍ର ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ତାଙ୍କ ପରିବାରକୁ ସମବେଦନା ଜ୍ଞାପନ କାରାଯାଇଛି। ରଘୁନାଥପାଲି ବିଧାୟକ ପ୍ରାର୍ଥୀ ସୁବ୍ରତ ତରାଇ ଓ ରାଉରକେଲା ବିଧାୟକ ପ୍ରାର୍ଥୀ ସାରଦା ନାୟକ ଚନ୍ଦନଙ୍କ ଅକାଳ ବିୟୋଗରେ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ପରିବାର ସଦସ୍ୟଙ୍କ ଇଚ୍ଛା କ୍ରମେ ଚନ୍ଦନଙ୍କ ଚକ୍ଷୁଦାନ କରାଯାଇଛି।



ଚନ୍ଦନ ଦାସଙ୍କ ଫାଇଲ ଫଟୋ।

ସୂଚନା ଅନୁସାରେ ଚନ୍ଦନ ରବିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ବାପାଙ୍କ ସହ ମିଶି ଗାଧୋଇବାକୁ ନଦୀ ଘାଟକୁ ଯାଇଥିଲେ। ବାପା ଲୁଗା ସଫାରେ ବ୍ୟସ୍ତ ଥିବାବେଳେ ଚନ୍ଦନ କିଛି ଦୂରରେ ଗାଧୋଉଥିଲେ। କୌଣସି କାରଣରୁ ଚନ୍ଦନ ଗଭୀର ଜଳକୁ ଚାଲିଯାଇ ବୁଡ଼ି ଯାଇଥିବା ବେଳେ ଏ ନେଇ ସାମାନ୍ୟ ସୂଚନା ପାଇପାରି ନ ଥିଲେ ବାପା ଜିପୁନା। କିଛି ସମୟ ପରେ ଚନ୍ଦନ ବୁଡ଼ିଯାଉଥିବା କେହି ଜଣେ ଦେଖି ଚିତ୍କାର କରିଥିଲେ। ତୁରନ୍ତ ତାଙ୍କୁ ଉଦ୍ଧାର କରି ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)କୁ ଅଣାଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପ୍ରଚାରିତ ପରେ ଡାକ୍ତରଖାନାରେ ଭିଡ଼ ଜମିଥିଲା। ସହପାଠୀଙ୍କ ସମେତ ଦେଓଗାଁ ଅଞ୍ଚଳର ବହୁ ଲୋକେ ମେଡିକାଲରେ ପହଞ୍ଚିଥିଲେ। ପବିତ୍ର ବିଷୁବ ସଂକ୍ରାନ୍ତିରେ ଏଭଳି ଅଘଟଣ ନେଇ କାହା ମୁହଁରେ ଭାଷା ନ ଥିଲା। ବନ୍ଧୁ ସମ୍ପର୍କୀୟଙ୍କ କାନ୍ଦବୋବାଳିରେ ଡାକ୍ତରଖାନା ଫାଟି ପଡୁଥିଲା। ସୂଚନାନୁସାରେ ସ୍ନାନ ଶୌଚାଦି ପରେ ବାପା ପୁଅ ନିକଟସ୍ଥ ଧବଳେଶ୍ୱର ମନ୍ଦିରକୁ ଆସି ପଣା ସଂକ୍ରାନ୍ତି ଅବସରରେ ପୂଜାପାଠ କରିଥାନ୍ତେ। ନିଜର ଏକମାତ୍ର ପୁଅକୁ ହରାଇ ମା' ବାପାଙ୍କ ଅବସ୍ଥା ଏବେ ପାଗଳ ପ୍ରାୟ। ସାଇପଡ଼ିଶାରେ ମଧ୍ୟ ଶୋକର ଛାୟା ଖେଳିଯାଇଛି। ତର୍କେରା ନଦୀ ଘାଟରେ ଗତ ୧୦ ବର୍ଷ ମଧ୍ୟରେ ଅନେକ ମେଧାବୀ ଛାତ୍ର ବୁଡ଼ି ମୃତ୍ୟୁବରଣ କରିଥିଲେ ହେଁ ପ୍ରଶାସନ ପକ୍ଷରୁ ଆଶାନୁରୂପ ପଦକ୍ଷେପ ନିଆଯାଉ ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ବଡ଼ଗାଁ ରାମଲୀଳା ଯାତ୍ରା ମହୋତ୍ସବ ଉଦ୍‌ଘାଟିତ

**ବଡ଼ଗାଁ,୧୪।୪(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁର ପ୍ରସିଦ୍ଧ ରାମଲୀଳା ଯାତ୍ରା ଶନିବାର ରାତିରେ ଉଦ୍‌ଘାଟିତ ହୋଇଛି। ବରିଷ୍ଠ କଳାକାର ପ୍ରଭାକର ସା (୮୦) ଯାତ୍ରା ସଂସଦ କର୍ମକର୍ତ୍ତା ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ସନ୍ଧ୍ୟାରେ ରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନଙ୍କ ଜନ୍ମୋତ୍ସବ (ଆଦ୍ୟକାଣ୍ଡ) ପାଳିତ ହୋଇଥିଲା। ପ୍ରାରମ୍ଭରେ ନଟ, ନଟୀଙ୍କ କାଥୋପକଥନ ମଞ୍ଚସ୍ଥ ହୋଇଥିଲା। ନଟ, ନଟୀ, ବିଷ୍ଣୁ, କ୍ଷୀତି, ଲକ୍ଷ୍ମୀ, ସରସ୍ୱତୀ, ରାଜା ଦଶରଥ, କୈକେୟୀ, ସୁମିତ୍ରା ଭୂମିକାରେ ଯଥାକ୍ରମେ ଅନୀଶ ପାଣିଗ୍ରାହୀ, ଚନ୍ଦନ ପୃଷେଟ, ଅଭିମନ୍ୟୁ ତ୍ରିପାଠୀ, ରିଙ୍କୁ ନାୟକ, ପ୍ରକାଶ, ଆକାଶ, ଭିକାରୀ ଚରଣ ସା, ପ୍ରକାଶ ସାହୁ, ଆକାଶ ପୃଷ୍ଟି, ଚନ୍ଦନ ପୃଷେଟ ଅଭିନୟ କରିଥିଲେ। ଅର୍ଜୁନ ନାୟକ, ବିଭୂତି ନାୟକ ରାମାୟଣ ଗାନ କରିଥିଲେ। ତାଙ୍କୁ ପାଳିଆ ଭାବେ ଗୌରାଙ୍ଗ ନାଏକ, ଗୌରାଙ୍ଗ ପୃଷେଟ, ଅଚ୍ୟୁତ ସାହୁ, ଭିକାରୀ ଚରଣ ସା ସହଯୋଗ କରିଥିଲେ। ପଙ୍କଜ ମାଝି ବାଦନ ଦାୟିତ୍ୱ ତୁଲାଇଥିଲେ। ଦ୍ୱିତୀୟ ରଜନୀରେ ତାଡ଼କା ବଧ, ଅହଲ୍ୟା ଉଦ୍ଧାର, ତୃତୀୟ ରଜନୀରେ ଧନୁ ଭଙ୍ଗ ଓ ଚତୁର୍ଥ ରଜନୀରେ ସୀତା ବିହାର ମଞ୍ଚସ୍ଥ ହେବ।



ରାମଙ୍କ ଜନ୍ମ ଉତ୍ସବ।




ଡିଭାଇନ ଲାଇଫ ସୋସାଇଟି ସୁନ୍ଦରଗଡ଼ ଶାଖା ପକ୍ଷରୁ ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ଅବସରରେ ପଥଚାରୀଙ୍କୁ ପଣା ବଣ୍ଟନ କରାଯାଉଛି।








ନାୟିକା ପକ୍ଷରୁ ଓଡ଼ିଆ ନବବର୍ଷ ପାଳନ ଅବସରରେ ଉପସ୍ଥିତ ଅତିଥି ଓ ସଂଗଠନ କର୍ମକର୍ତ୍ତା (ବାମ)। ଶକ୍ତି କ୍ଲବ ପକ୍ଷରୁ ଆୟୋଜିତ ବିଷୁବ ସଂକ୍ରାନ୍ତି ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତା (ମଝି)। ଆଖଣ୍ଡଳମଣି ପୂଜା କମିଟି ପକ୍ଷରୁ ବିଷୁବ ସଂକ୍ରାନ୍ତି ଉପଲକ୍ଷେ ପଣା ବଣ୍ଟନ କରାଯାଉଛି।

# ଓଡ଼ିଆ ନବବର୍ଷ, ମହାବିଷୁବ ସଂକ୍ରାନ୍ତି ପାଳିତ

**ରାଉରକେଲା ଅଫିସ,୧୪।୪**

ଷ୍ଟିଲ ସିଟିର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରବିବାର ଓଡ଼ିଆ ନବବର୍ଷ ଓ ମହାବିଷୁବ ସଂକ୍ରାନ୍ତି ପାଳନ କରାଯାଇଛି। ଏହି ଅବସରରେ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ନାୟିକା ପକ୍ଷରୁ ଓଡ଼ିଆ ନବବର୍ଷ ଓ ପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେକ୍ଟର–୧୯ ଆମ୍ୱାଗାନ ଛକରେ ୩ ପ୍ରକାର ପଣା ବଣ୍ଟନ କରାଯାଇଥିଲା। ଏଥିରେ ଅନୁଷ୍ଠାନ ସଭାନେତ୍ରୀ ସୁବ୍ରତା ପତି, ଡଲିରାଣୀ ବ୍ରହ୍ମା, କନକଲତା ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବହୁ ବିଶିଷ୍ଟ ବ୍ୟକ୍ତି ଅତିଥି ରୂପେ ଯୋଗଦେଇ ଅନୁଷ୍ଠାନର ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. କିଶୋରୀ ଦାସ, ରଶ୍ମିବାଳା ରାଉତରାୟ, ନିରୁପମା ମିଶ୍ର, ମଞ୍ଜୁଳା ରଥ, ବିଜୟଲକ୍ଷ୍ମୀ ପଟ୍ଟନାୟକ, ଅରୁନ୍ଧତି ସ୍ୱାଇଁ, ମାଳତୀ ସୂତାର, ପୂର୍ଣ୍ଣିମା ପଣ୍ଡା, କ୍ଷୀରୋଦା ବାରିକ, ସନ୍ଧ୍ୟା ପଟ୍ଟନାୟକ, ବୈଜୟନ୍ତୀ ବେହେରା, କଲ୍ୟାଣୀ ଲେଙ୍କା, ସୁଷମା ସ୍ୱାଇଁ ଓ ଅନୁରାଧା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ନିଖିଳ ଉତ୍କଳ ବାରିକ ସମିତି ଦକ୍ଷିଣ ରାଉରକେଲା ଶାଖା ପକ୍ଷରୁ ରବିବାର ଓଡ଼ିଆ ନବବର୍ଷ ଅବସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ସାଢ଼େ ୧୦ଟାରେ ସେକ୍ଟର–୨୨ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ନଟବର ବାରିକ ଅଧ୍ୟକ୍ଷତା କରିଥିଲେ। ଉପସ୍ଥିତ ସଦସ୍ୟ ପରସ୍ପରକୁ ବିଷୁବ ଅଭିନନ୍ଦନ ଜ୍ଞାପନ କରିବା ସହ ସମସ୍ତଙ୍କ ସୁଖ ସମୃଦ୍ଧି କାମନା କରିଥିଲେ। ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ସଂଗଠନ ପକ୍ଷରୁ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ସନାତନ ବାରିକଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ଦେବେନ୍ଦ୍ର ବାରିକ, ଇଞ୍ଜୁ ବାରିକ, ରମେଶ ବାରିକ, କୈଳାସ ଠାକୁର, ମନବୋଧ ପଶାୟତ, ଶ୍ୟାମସୁନ୍ଦର ବାରିକ, ଉମେଶ ବାରିକ ଓ ପ୍ରମୋଦ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। କମିଟି କୋଷାଧ୍ୟକ୍ଷ ଶ୍ରୀମନ୍ତ ବାରିକ ଧନ୍ୟବାଦ ପ୍ରଦାନ କରିଥିଲେ।

ଓଡ଼ିଆ ନବବର୍ଷ ଓ ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ଶକ୍ତି କ୍ଲବ ପକ୍ଷରୁ ସେକ୍ଟର–୨ ବିଜୁ ପଟ୍ଟନାୟକ ଛକରେ ସ୍ୱାଦିଷ୍ଟ ପଣା ବଣ୍ଟନ କରାଯାଇଥିଲା। କ୍ଲବ ସଭାପତି କୈଳାସ ପ୍ରଧାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ଓଡ଼ିଆ ନବବର୍ଷ ଓ ବିଷୁବ ସଂକ୍ରାନ୍ତିର ଗୌରବମୟ ଐତିହ୍ୟ ଉପରେ ସଂକ୍ଷିପ୍ତ ଆଲୋଚନା କରିଥିଲେ। ଏହି ଅବସରରେ ପଥଚାରୀଙ୍କୁ ପଣା ବଣ୍ଟନ କରାଯାଇଥିଲା। ଏଥିରେ ବିପ୍ର ବିଶ୍ୱାଳ, ଅକ୍ଷୟ ପାତ୍ର, ମିହିର ମହାପାତ୍ର, ଗୋପାଳ ପାତ୍ର, ପ୍ରଦୀପ ନାୟକ, ଉତ୍ତମ ବେହେରା, ଶିଶିର ମୁଦାଲି, ନିରଞ୍ଜନ ସେନାପତି, ସୁମିତ ମହାନ୍ତି, କବିତା ମଲ୍ଲିକ, ପ୍ରେମଲତା ଗଡ଼ନାୟକ, ଶାରଦା ସାହୁ, ବବିତା ସେଠୀ, ରାଜଶ୍ରୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଡିଏଭି ଆଖଣ୍ଡଳମଣି ପୂଜା କମିଟି ଆନୁକୂଲ୍ୟରେ ରବିବାର ବିଷୁବ ସଂକ୍ରାନ୍ତି ପାଳନ କରାଯାଇଛି। ଏହି ଅବସରରେ ପଣା ବଣ୍ଟନ କାର୍ଯ୍ୟକ୍ରମକୁ ସ୍ଥାନୀୟ ବାସିନ୍ଦା ହାତୀ ରାମ ଶୁଭାରମ୍ଭ କରିଥିଲେ। ଦୀର୍ଘ ୧୨ ବର୍ଷ ଧରି ପାଳନ କରାଯାଉଥିବା ବିଷୁବ ସଂକ୍ରାନ୍ତିକୁ ସଫଳ କରାଇବାରେ କମିଟି କର୍ମକର୍ତ୍ତା ସହଯୋଗ କରିଥିଲେ। ଏଥିରେ ବାସୁଦେବ ବରାଳ, ଛୋଟେ ଲାଲ, ଟୁକୁନ ନାଗ, କାଶି କୁମାର, ଭ୍ରମରବର ଦାସ, ବିଭୁ ବାଗ, କାଳୀଚରଣ ସିଂ, ସଂଗ୍ରାମ ସାଗର ପ୍ରମୁଖ ଉପସ୍ଥିତ ଥିଲେ।